


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR JEYPORE SAMBALPUR PANIKOILI

VOLUME- 43 ISSUE-175 SUNDAY 21 DECEMBER 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୧୭୫ ରବିବାର ୨୧ ଡିସେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦ (ସିନ୍ଦୂରା ସହ)




# ଓଡ଼ିଆ ପୁସ୍ତକ ପଢ଼ିବା ନାହିଁ?

## ଏଥର ନୂଆ ବର୍ଷରେ ଉପହାର କ'ଣ ଦେବା?

20 ପେନ୍ ଇନ୍ ବୁକ୍ସ ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence


ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ

ମୋବାଇଲ୍‌ରେ ରିଲ୍ସ ଦେଖା ଚାଲୁ! ପାଟିସୁଆଦ କରିବାରେ ବଟୁଆ ଖାଲି ହେଉ!!
୨୫୦୦ ବର୍ଷର ପୁରୁଣା ଶାସ୍ତ୍ରୀୟ ଭାଷା ପାଇଁ ଟିକେ ସମୟ କାଢ଼ିବା ନା ନାହିଁ?

















ଓଡ଼ିଆ ଜାତିର ଆରାଧ୍ୟ ଶ୍ରୀଜଗନ୍ନାଥ ଏବଂ ଓଡ଼ିଶାର ଇତିହାସ, କିମ୍ବଦନ୍ତୀ ଓ ସାହିତ୍ୟକୁ ନେଇ ୫ଟି ସୁଖପାଠ୍ୟ ପୁସ୍ତକ

ମୂଲ୍ୟ ~~୧,୬୦୫ ଟଙ୍କା~~

ଏକତ୍ର କିଣିଲେ ଡାକଖର୍ଚ୍ଚ ସହ
**୯୯୯ ଟଙ୍କା**

ପ୍ରାୟ ୩୮% ରିହାତି
ସାଙ୍ଗକୁ ଡାକଖର୍ଚ୍ଚ ଛାଡ଼

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ଆମର ସମ୍ପୂର୍ଣ୍ଣ ପୁସ୍ତକ ତାଲିକା ଦେଖିବା ପାଇଁ ବାମ ପାଖେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ଯୋଡ଼ନ୍ତୁ। ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।** ହାଶ୍‌ଟ୍ୟାଗ୍ ବ୍ୟବହାର କରନ୍ତୁ
#ପ୍ରତିଘରପାଠାଗାର #PratiGharaPathagara #ପେନ୍‌ଇନ୍‌ବୁକ୍ସ #peninbooks

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ
ଏମ୍-୬/୫୧, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର - ୭୫୧୦୧୩

facebook.com/peninbooks
instagram.com/peninbooks
twitter.com/peninbooks
youtube.com/@PENINBOOKS
peninbooks.com

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@icici ରେ ୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ପୁସ୍ତକ ସହିତ ରସିଦ ପଠାଯିବ।
- ଯୋଜନା ୩୧ ଡିସେମ୍ବର ୨୦୨୫, ବୁଧବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

78469 81182

Odia Media Private Limited
odiamedia@icici

OMPL/2512/SKL02

*ପୁସ୍ତକ ଶୀଘ୍ର ପଠାଯିବ। ଏକ ମାସ ମଧ୍ୟରେ ପୁସ୍ତକ ନପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ଯାଏଁ ଖୋଲା ରହେ। ଡାକରେ ଯିବାବେଳେ ପୁସ୍ତକ ନଷ୍ଟ ହେଲେ ଅନୁଷ୍ଠାନ ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। **ଓଡ଼ିଆ ମିଡିଆର ନିଷ୍ପତ୍ତି ଚୂଡ଼ାନ୍ତ।

## ବୋମା ମାଡ଼ ଘଟଣାରେ ଯୁବକ ଗିରଫ

ବ୍ରହ୍ମପୁର,୨୦।୧୨(ସମିସ): ଫାଷ୍ଟଗେଟ ନିକଟ ରଘୁପତିନଗର ୩ୟ ଲାଇନ ଛକରେ ଜଣେ ବ୍ୟକ୍ତିଙ୍କ ଉପରକୁ ବୋମା ମାଡ କରିବା ଅଭିଯୋଗରେ ବଡବଜାର ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ରଘୁପତି ନଗର ୩ୟ ଲାଇନର ଓମ୍ ଦାସ(୨୦)। ପୁଲିସ ଘଟଣାସ୍ଥଳରୁ ବୋମା ଟୁକୁଡ଼ା ଜବତ କରିବା ସହ ଗିରଫ ପରେ ଅଭିଯୁକ୍ତ ଓମଙ୍କୁ କୋର୍ଟଚାଲାଣ କରିଛି। ସୂଚନାପ୍ରକାରେ, ଗତ କିଛି ଦିନ ହେବ ଅଭିଯୁକ୍ତ ଓମ୍ ଦାସ ଓ ତାଙ୍କର ୪ରୁ ୫ଜଣ ସହଯୋଗୀ ନିଜ ସାହି ରଘୁପତିନଗର ୩ୟ ଲାଇନ ଛକରେ ଆଡ୍ଡା ଜମାଇବା ସହ ଖଟି କରୁଥିଲେ। ସେଠାରେ ମଦ, ଗଞ୍ଜେଇ ଖାଇବା ସହ ସେହି ଅଞ୍ଚଳର ଲୋକଙ୍କ ଧରାଇ ଧମକାଇ ଏକପ୍ରକାର ଭୟର ବାତାବରଣ ସୃଷ୍ଟି କରିଥିଲେ। ପ୍ରାୟ ସମୟରେ ହୋହାଲ୍ଲା ଓ ପାଟିତୁଣ୍ଡ କରୁଥିବାରୁ ସେହି ଅଞ୍ଚଳର ଲୋକମାନେ ଏହାର ପ୍ରତିବାଦ କରିଥିଲେ। ଏଥିରେ ଓମ୍ ପ୍ରଧାନ ଓ ତାଙ୍କ ସହଯୋଗୀମାନେ ଉତକ୍ଷିପ୍ତ ହୋଇପଡିଥିଲେ। ୨ଦିନ ତଳେ ରଘୁପତିନଗର ୩ୟ ଲାଇନର ଦୁର୍ଗାପ୍ରସାଦ ସାହୁ ରାତି ସାଢ଼େ ୧୦ଟା ବେଳେ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ସାହି ଛକରେ ଓମ ପ୍ରଧାନ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ଦୁର୍ଗାପ୍ରସାଦଙ୍କୁ ଗାଳିଗୁଲଜ କରିବା ସହ ସାହି ଛକରେ ଖଟି କରିବାକୁ ସେମାନଙ୍କୁ କାହିଁକି ମନା କରୁଛ ବୋଲି ପ୍ରଶ୍ନ କରିଥିଲେ। ଏହାପରେ ଅଭିଯୁକ୍ତମାନେ ନିଜ ସହ ଆଣିଥିବା ୩ଟି ବୋମା ବାହାର କରି ଦୁର୍ଗାପ୍ରସାଦଙ୍କ ଉପରକୁ ଫିଙ୍ଗିଥିଲେ। ସେଥିରୁ ଗୋଟିଏ ବୋମା ଦୁର୍ଗାପ୍ରସାଦଙ୍କ ଶରୀରରେ ବାଜିବାରୁ ସେ ଆହତ ହୋଇଥିଲେ। ସେହିପରି ଆଉ ଗୋଟିଏ ବୋମା ଦୁର୍ଗାପ୍ରସାଦଙ୍କ ଗାଡିରେ ବାଜି ଫୁଟିବା ସହ ଆଉ ଗୋଟିଏ ବୋମା ଫୁଟିନଥିଲା। ଫୁଟି ନଥିବା ବୋମାକୁ ଅଭିଯୁକ୍ତମାନେ ନିଜ ସହ ଧରି ଫେରାର ହୋଇଥିଲେ। ସ୍ଥାନୀୟ ଲୋକେ ଦୁର୍ଗାପ୍ରସାଦଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଘଟଣାକୁ ନେଇ ଦୁର୍ଗାପ୍ରସାଦ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ବୋମା ଟୁକୁଡ଼ା ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା(୬୧୯/୨୫) ରୁଜୁ ହୋଇଛି।

● ନାବାଳିକା ଗଣଦୁଷ୍କର୍ମ ମାମଲା

## ୫ ଅଭିଯୁକ୍ତଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୨୦।୧୨(ସମିସ): ବୈଦ୍ୟନାଥପୁର ଥାନା ଅଞ୍ଚଳର ଏକ ବ୍ୟାଚଲର ରୁମରେ ଏକ ନାବାଳିକାକୁ ଗଣଦୁଷ୍କର୍ମ ହୋଇଥିଲା। ଆଜି ପୋକ୍ସୋ ଜଜ୍ ପ୍ରଣତି ପଟ୍ଟନାୟକଙ୍କ କୋର୍ଟରେ ଏହି ମାମଲାର ୫ଅଭିଯୁକ୍ତଙ୍କ ଦ୍ୱିତୀୟଥର ପାଇଁ ବୟାନ ରେକର୍ଡ ହୋଇଛି। ବୟାନ ରେକର୍ଡ ବେଳେ ୬ଜଣ ଅଭିଯୁକ୍ତ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଭୂତସରସିଂ ଗ୍ରାମର ଓମକାର ଜେନା, ଆସିକା ପାଢ଼ୀ କଲୋନୀର ରୁତୁନ କୁମାର ଦାସ, କୋଟିନଡ଼ା ଥାନା ବାବନପୁର ପାଟଣା ସାହିର ରୁଦ୍ର ଜେନା, ବେଗୁନିଆପଡ଼ା ବାଲି ସାହିର ଅଭିଳାଷ ପଲାଇ, ସୋରଡ଼ା ଥାନା ସାମପଲ୍ଲୀର ଆକାଶ ନାୟକ ଓ ଖଲ୍ଲିକୋଟ ଥାନା କେନ୍ଦୁପାଟର ଜୁମନ ଗୌଡ଼ କୋର୍ଟରେ ଉପସ୍ଥିତ ରହିଥିଲେ। ଏଥିମଧ୍ୟରୁ ରୁଦ୍ରଙ୍କୁ ବାଦ ଦେଲେ ଅନ୍ୟ ୫ଜଣ ଅଭିଯୁକ୍ତଙ୍କ ବୟାନ ରେକର୍ଡ ହୋଇଛି। ଉକ୍ତ ୫ଜଣଙ୍କ ଟିଆଇ ପରେଡ୍ ହୋଇଥିବାରୁ ସେମାନଙ୍କ ବୟାନ ରେକର୍ଡ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ମେ ୩ ତାରିଖରେ ଜଣେ ଯୁକ୍ତ ୨ଛାତ୍ରୀଙ୍କୁ ବୈଦ୍ୟନାଥପୁର ଥାନା ଅଞ୍ଚଳର ଏକ ବ୍ୟାଚଲର ରୁମରେ ଗଣଦୁଷ୍କର୍ମ କରାଯାଇଥିଲା। ସଂପୃକ୍ତ ଛାତ୍ରୀଙ୍କ ପୁରୁଷ ବନ୍ଧୁ ରୁତୁନ ଦାସ ତାଙ୍କୁ ରୁମକୁ ଡାକି ନେବା ପରେ ମୃଦୁ ପାନୀୟରେ ନିଶାଦ୍ରବ୍ୟ ପିଆଇ ସମସ୍ତେ ଗଣଦୁଷ୍କର୍ମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ଅଭିଯୋଗକୁ ଭିତ୍ତି କରି ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

● ଟୁନା ଦାସ ହତ୍ୟା ମାମଲା

## ଜାମିନରେ ମୁକୁଳିଲେ ମୁଖ୍ୟ ଅଭିଯୁକ୍ତ

ବ୍ରହ୍ମପୁର,୨୦।୧୨(ସମିସ): ସ୍ଥାନୀୟ ହାଉସିଂ ବୋର୍ଡ ନିକଟରେ ଟୁନା ଦାସ ନାମକ ଜଣେ ଯୁବକଙ୍କୁ ଗତବର୍ଷ ମେ ୨୭ତାରିଖ ରାତିରେ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ମାମଲାରେ ହାଇକୋର୍ଟରୁ ମୁଖ୍ୟ ଅଭିଯୁକ୍ତ ଆର.ମୋହନ ରାଓଙ୍କୁ ଜାମିନ ମିଳିଥିବା ତାଙ୍କ ଓକିଲ ଚକ୍ରପାଣି ନାହାକ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ମାମଲାରେ ରାଜେଶ ପାଣିଗ୍ରାହୀ, ଆର.ରାବି ରାଓ ଓ ସୁରଜ କୁମାର, ପପୁନ କୁମାର ନାୟକ, ବଂଶୀଧର ସାହୁ ଓରଫ ବିକି ହାଇକୋର୍ଟରୁ ଜାମିନ ପାଇଥିଲେ। ସୂଚନାଯୋଗ୍ୟ ଯେ, ଗୋଷାଣୀନୂଆଗାଁ ଥାନା ହାଉସିଂବୋର୍ଡରେ ଏକ ଟାଟୁ ଦୋକାନ ରହିଛି। ଏଠାକୁ ଗତବର୍ଷ ମେ ୨୭ତାରିଖରେ ଟୁନା ଦାସ ଯାଇଥିଲେ। ଦୋକାନ ମାଲିକ ସୁନୀଲ ସେଠୀ ତାଙ୍କର ସାଙ୍ଗ। ଦୁଇଜଣ ଉକ୍ତ ଟାଟୁ ଦୋକାନ ଭିତରେ ବସିଥିବା ବେଳେ ୪ରୁ ୫ ଯୁବକ ଉକ୍ତ ଦୋକାନରେ ଜବରଦସ୍ତ ପଶିଥିଲେ। ଖଣ୍ଡା ଓ ବିଭିନ୍ନ ମାରଣାସ୍ତ୍ରରେ ସେହି ଗୋଷ୍ଠୀ ଟୁନାଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଟୁନା ଖସି ଯିବାକୁ ଉଦ୍ୟମ କରିଥିବା ବେଳେ ଚାରିପଟୁ ଘେରି ତାଙ୍କୁ ଖଣ୍ଡାରେ ବିଭତ୍ସ ଭାବେ ହାଣିଥିଲେ। ସୁନୀଲ ପ୍ରତିବାଦ କରିବାରୁ ତାଙ୍କୁ ବି ଖଣ୍ଡାରେ ଆକ୍ରମଣ କରିବାକୁ ପଛାଇନଥିଲେ। ଟୁନା ଗୁରୁତର ହେବା ଦେଖି ଅପରାଧୀ ଗୋଷ୍ଠୀ ସେଠାରୁ ଫେରାର ହୋଇଯାଇଥିଲେ। ଗୋଷାଣୀନୂଆଗାଁ ପୁଲିସ ସେଠାରେ ପହଞ୍ଚି ଟୁନାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲକୁ ପଠାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଟୁନା ଦାସଙ୍କ ଭାଇ ମୁନା ଦାସଙ୍କ ଅଭିଯୋଗକ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା।

## ପୁଲିସ କବ୍‌ଜାରେ ଶୁଭମ୍, ବନ୍ଧୁକ ଜବତ

ବ୍ରହ୍ମପୁର,୨୦।୧୨(ସମିସ): ଏକ ହତ୍ୟା ଉଦ୍ୟମ ମାମଲାରେ ଟାଉନ ଥାନା ପୁଲିସ ଶୁଭମ ନାମକ ଜଣେ ଯୁବକଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି। ପୁଲିସ ଶୁଭମଠାରୁ ଗୋଟିଏ ବନ୍ଧୁକ ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ କିଛିମାସ ପୂର୍ବେ ଟାଉନ ଅଞ୍ଚଳରେ ଏକ ହତ୍ୟା ଉଦ୍ୟମ ମାମଲାରେ ଶୁଭମଙ୍କ ସମ୍ପୃକ୍ତି ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଆଜି ପୁଲିସ ଶୁଭମ୍‌କୁ କାବୁ କରିଥିବା ଜଣାପଡ଼ିଛି।

# ଅତିଷ୍ଠ କଲାଣି ଟ୍ରାଫିକ୍ ସମସ୍ୟା; ଭିଡ଼ ଅଣାୟତ୍ତ






ବ୍ରହ୍ମପୁର,୨୦।୧୨(ସମିସ): ଦକ୍ଷିଣ ଓଡ଼ିଶାର ବାଣିଜ୍ୟକ ପେଣ୍ଠସ୍ଥଳ ବ୍ରହ୍ମପୁରରେ ଦିନକୁ ଦିନ ଟ୍ରାଫିକ ଯନ୍ତ୍ରଣା ଅସହ୍ୟ ହେବାରେ ଲାଗିଛି। ଏହି ଦୁରବସ୍ଥାକୁ ଏଡ଼ାଇବାକୁ ସରକାରଙ୍କ ପକ୍ଷରୁ ଗେଟବଜାର-ଫାଷ୍ଟଗେଟ୍ ଓଭରବ୍ରିଜ ନିର୍ମାଣ କରାଯାଉଛି। ନିର୍ମାଣ ସମୟରେ ଏହାର ବିକଳ୍ପ ବ୍ୟବସ୍ଥା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ କରାଯାଉ ନଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଏବେ ଏହି ରାସ୍ତା କଡ଼ଦେଇ ଲୋକେ ଯିବା ଆସିବା କରୁଛନ୍ତି। ପ୍ରତିଦିନ ସଂଖ୍ୟାଧିକ ଗାଡ଼ି ଯାତାୟତ କରୁଛି। ଫଳରେ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି। ବହୁ ସମୟରେ ଆମ୍ବୁଲାନ୍ସ ମଧ୍ୟ ଟ୍ରାଫିକରେ ଫସୁଛି। ଲୋକେ ମଧ୍ୟ ଗାଡ଼ିରେ ଯାତାୟତ କଲାବେଳେ ବିରକ୍ତ ପ୍ରକାଶ କରୁଛନ୍ତି।

● ଓଭରବ୍ରିଜ୍ କାମ ଲାଗି ଗେଟ୍‌ବଜାର-ଫାଷ୍ଟଗେଟ୍ ରାସ୍ତା ଜାମ୍
● ବିକଳ୍ପ ବାଟ ଆପଣାଉନି ପ୍ରଶାସନ

ଶନିବାର ଦିନ ତମାତ ଗେଟ ବଜାର ଇଲାକାରେ ଚକା ଜାମ ପରିସ୍ଥିତି ଦେଖିବାକୁ ମିଳିଥିଲା। ବହୁ ଆମ୍ବୁଲାନ୍ସ ଓ ଚାଳକ ଟ୍ରାଫିକରେ ଫସି ଦୀର୍ଘ ସମୟ ଯାଏଁ ଅଟକି ରହିଥିଲେ।

ସୂଚନା ପ୍ରକାରେ ବ୍ରହ୍ମପୁର ସହରକୁ ଅନ୍ୟ ସହର ଓ ଜିଲ୍ଲା ସମେତ ଅଭ୍ୟନ୍ତରିଣ ଅଞ୍ଚଳକୁ ପ୍ରବେଶ କରିବାକୁ ଏହା ପ୍ରମୁଖ ପ୍ରବେଶ ପଥ। ଏହି ରାସ୍ତା ଦେଇ ଗଞ୍ଜାମ ଜିଲ୍ଲାର ଆସିକା, ଭଞ୍ଜନଗର, ଦିଗହପଣ୍ଡି ସମେତ କନ୍ଧମାଳ, ରାୟଗଡ଼ା, କୋରାପୁଟ ଆଦିର ବିଭିନ୍ନ ଇଲାକାରୁ ବସ ଯାତାୟତ କରିଥାଏ। ବସଷ୍ଟାଣ୍ଡରୁ ବାହାରି ଏହି ରାସ୍ତା ଦେଇ ପ୍ରମୁଖ ରାସ୍ତାରେ ପହଞ୍ଚିଥାଏ। ସହରରକୁ ବିଭିନ୍ନ ସାହି ଓ ଅଞ୍ଚଳକୁ ପ୍ରବେଶ କରିବାକୁ ଗେଟବଜାର ପ୍ରମୁଖ ଭୂମିକା ରହିଛି। ଏହି ରାସ୍ତା ଉପରେ ପ୍ରତିଦିନ ଲକ୍ଷାଧିକ ଲୋକ ମଧ୍ୟ ନିର୍ଭର କରନ୍ତି। ବଜାର ଘାଟ କରିବା ଲାଗି ହଜାର ହଜାର ସଂଖ୍ୟାରେ ଲୋକ ଆସିଥାନ୍ତି। ଏଣୁ ଏହି ଇଲାକାରେ ପ୍ରତିଦିନ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। ଲୋକଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଓଭରବ୍ରିଜ ନିର୍ମାଣ କାମ ଆରମ୍ଭ ହେଲା। ତେବେ ଏହାର ବିକଳ୍ପ ରାସ୍ତା ପ୍ରଶାସନ ପକ୍ଷରୁ ଆପଣାଯାଇନି। ଏଥିଯୋଗୁଁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକେ ଟ୍ରାଫିକରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଫସି ରହୁଛନ୍ତି। କେବଳ ଜନସାଧାରଣ ନୁହନ୍ତି ପ୍ରତିଟି ସମୟରେ ଆମ୍ବୁଲାନ୍ସ ଗୁଡ଼ିକ ମଧ୍ୟ ଫସୁଛି। ସହରର ଗେଟବଜାର ସମେତ ସିଟି ହସ୍ପିଟାଲ ଆଦି ସ୍ଥାନର ମଧ୍ୟ ଭାଗରେ ଓଭରବ୍ରିଜ କାମ ଲାଗିଛି। ଫଳରେ ଦୁଇକଡ଼ ଦେଇ ଲୋକେ ଯିବା ଆସିବା କରିବା ସହ ଦୁଇଚକିଆ, ଚାରିଚକିଆ ଆଦି ସମସ୍ତ ଯାନବାହନ ଯାଉଛି। ଏହି କଡ଼ ରାସ୍ତା ମଧ୍ୟ ଖାଲ ଖମାରେ ଭର୍ତ୍ତି ହୋଇ ରହିଛି। ବହୁ ସମୟରେ ଦୁର୍ଘଟଣା ବି ଘଟୁଛି। କେବଳ ଦୁର୍ଘଟଣା ନୁହେଁ, ଟ୍ରାଫିକ ସମସ୍ୟା ବି ବଢୁଛି। ଅପରପକ୍ଷେ ବ୍ରହ୍ମପୁର ବଡ଼ ମେଡ଼ିକାଲ ଓ ସିଟି ହସ୍ପିଟାଲକୁ ଯିବାକୁ ଲୋକେ ଏହି ରାସ୍ତା ଦେଇ ଲୋକେ ଆସନ୍ତି। କିନ୍ତୁ ଓଭରବ୍ରିଜ ଟ୍ରାଫିକ ସମସ୍ୟ ଯୋଗୁଁ ଅନେକଙ୍କ ଜୀବନରେ ଅକାଳରେ ଚାଲି ଯାଉଥିବା ଅଭିଯୋଗ ହୋଇଛି। ତେବେ ଏହି ରାସ୍ତାର ବିକଳ୍ପ ଭାବେ ଅନ୍ୟ ଏକ ରାସ୍ତା ଆପଣାଇବାକୁ ପ୍ରଶାସନ ସ୍ଥିରିକୃତ କରିବାକୁ ସାଧାରଣରେ ଦାବି ହୋଇଛି। ଅପରପକ୍ଷେ ସହରକୁ ପ୍ରବେଶ କରୁଥିବା ବସଗୁଡ଼ିକ ପାଇଁ ଅସ୍ଥାୟୀ ବସଷ୍ଟାଣ୍ଡ କାର୍ଯ୍ୟକାରୀ କରିବା ଲାଗି ପ୍ରଶାସନ ପକ୍ଷରୁ ବେଶ ଉଦ୍ୟମ କରାଯାଇଛି। ଏହା କାର୍ଯ୍ୟକାରୀ ହେବା ଫଳରେ ଅନେକ ଟ୍ରାଫିକ ସମସ୍ୟା ଦୂର ହେବ ବୋଲି କୁହାଯାଉଛି।

## କୋର୍ଟରୁ ଦୋଷମୁକ୍ତ ପରେ ବି ଅପରାଧୀ ତାଲିକାରୁ କଟୁନି ନାଁମ

● ପାସପୋର୍ଟ ଆବେଦନ ଓ ନିଯୁକ୍ତି କ୍ଷେତ୍ରରେ ସମସ୍ୟା
● ଚେତିଲା ଗୃହବିଭାଗ, କାର୍ଯ୍ୟାନୁଷ୍ଠାନ ପାଇଁ ଏସପିଙ୍କୁ ନିର୍ଦ୍ଦେଶ

ବ୍ରହ୍ମପୁର,୨୦।୧୨(ସମିସ): କୋର୍ଟରେ ବିଭିନ୍ନ ମାମଲାର ବିଚାରଣା ପରେ ଅଭିଯୁକ୍ତମାନେ ଦୋଷମୁକ୍ତ ହେବାପରେ ମଧ୍ୟ ପୁଲିସର ଅପରାଧ ରେକର୍ଡରୁ ସେମାନଙ୍କ ନାମ କଟୁନାହିଁ। ଯଦ୍ୱାରା ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ପରବର୍ତ୍ତି ସମୟରେ ବିଭିନ୍ନ କ୍ଷେତ୍ରରେ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଭାରତୀୟ ସମ୍ବିଧାନର ବିଧି ବ୍ୟବସ୍ଥା ଅନୁଯାୟୀ ଏବଂ ସିଆରପିସି ଓ ବିଏନଏସଏସର ଉପଯୁକ୍ତ ଧାରା ଅନୁସାରେ ମାନ୍ୟବର ଅଦାଲତ ମାମଲାଗୁଡିକର ବିଚାରଣା କରି ବ୍ୟକ୍ତିବିଶେଷଙ୍କୁ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ଦୋଷ କରିଥାନ୍ତି। କୋର୍ଟ ଆଖିରେ ଯଦିଓ ସମ୍ପୃକ୍ତ ବ୍ୟକ୍ତିବିଶେଷ ଦୋଷମୁକ୍ତ ହୋଇଯାଏ, ତେବେ ପୁଲିସର ରେକର୍ଡରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଅପରାଧୀ ତାଲିକାରୁ କଟୁ ନଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗକୁ ନେଇ ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ହସ୍ତକ୍ଷେପ ଲୋଡି ପୁଲିସ ମୁଖ୍ୟାଳୟ, ଗୃହବିଭାଗ, ଗୃହବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ରାଜ୍ୟ ମାନବାଧିକାର ଆୟୋଗ ଓ ଜାତୀୟ ମାନବାଧିକାର ଆୟୋଗଙ୍କୁ ଚିଠି ଲେଖିଛନ୍ତି। ଏପରିକି ଖାସ କରି ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଏଭଳି ସମସ୍ୟାର ସମାଧାନ ପାଇଁ ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ଏସପିଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି। ଏହା ନହେଲେ ଅନେକଙ୍କୁ ପାସପୋର୍ଟ ଆବେଦନ ସମୟରେ, ନିଯୁକ୍ତି କ୍ଷେତ୍ରରେ ଏପରିକି କର୍ମଜୀବୀଙ୍କ କ୍ଷେତ୍ରରେ ମଧ୍ୟ ବହୁ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଦୋଷମୁକ୍ତ ସତ୍ତ୍ୱେ ପୁରୁଣା ମାମଲାରେ ନାମ ଥିବା ବ୍ୟକ୍ତିଙ୍କ ନାମ ପୁଲିସର ଅପରାଧିଙ୍କ ତାଲିକାରେ ରହୁଛି। ଯାହା ପରବର୍ତ୍ତି ସମୟରେ ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବା ସହିତ ସେମାନଙ୍କର ମାନବିକ ଅଧିକାରର ମଧ୍ୟ ଉଲଂଘନ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗର ଗୁରୁତ୍ୱ ଦୃଷ୍ଟିରୁ ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତିଙ୍କ ଅଭିଯୋଗରେ ତୁରନ୍ତ ହସ୍ତକ୍ଷେପ କରିଛି ଗୃହବିଭାଗ। ଏବଂ ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ଏସପିଙ୍କୁ ତୁରନ୍ତ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଭାଗ ପକ୍ଷରୁ ଜାରି ଟ୍ୱିଟ୍‌ରୁ ଜଣାପଡ଼ିଛି।

## ହୋମିଓପାଥିକ ଚିକିତ୍ସାଳୟରେ ନିଦାନ ସେବା

ବ୍ରହ୍ମପୁର,୨୦।୧୨(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ହୋମିଓପାଥିକ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଶନିବାର ଅତ୍ୟାଧୁନିକ ନିଦାନ ସେବା ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଓ ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗ ଦେଇ ସେବାକୁ ଶୁଭାରମ୍ଭ କରିଥିଲେ। ଚିକିତ୍ସାଳୟକୁ ଆସୁଥିବା ରୋଗୀମାନେ ବିଭିନ୍ନ ପରୀକ୍ଷା ପାଇଁ ନମୁନା ନେଇ ନିକଟସ୍ଥ ପାଥୋଲଜି ଉପରେ ନିର୍ଭର କରିବା ସହ ଖର୍ଚ୍ଚାନ୍ତ ହେଉଥିବାର ନଜିର ରହିଛି। ରୋଗୀଙ୍କୁ ଉପଯୁକ୍ତ ସେବା ଲକ୍ଷ୍ୟରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ଘରୋଇ ସଂସ୍ଥା ବୁଝାମଣା ଚୁକ୍ତି ପତ୍ର ସ୍ୱାକ୍ଷର ହୋଇଛି। ଯାହାଫଳରେ ଉକ୍ତ ସଂସ୍ଥା ରୋଗୀଙ୍କ ନମୁନା ସଂଗ୍ରହ କରି ପରୀକ୍ଷା ପରେ ରୋଗୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଡା.ଗୀତାଞ୍ଜଳି ପଟ୍ଟନାୟକ କାହିଛନ୍ତି। ଏ ଅବସରରେ ମହାବିଦ୍ୟାଳୟର ବହୁମାସ ଧରି ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଛାତ୍ରସଂସଦ ପକ୍ଷରୁ ସାଂସଦ ଓ ବିଧାୟକଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମସ୍ୟାକୁ ଗୁରୁତ୍ୱ ପ୍ରଦାନ କରି ସମାଧାନ ଦିଗରେ କାର୍ଯ୍ୟ କରିବାକୁ ସାଂସଦ ଡ. ପାଣିଗ୍ରାହୀ ଆଶ୍ୱାସନା ଦେଇଛନ୍ତି।



## ଅଟଳ ବିହାରୀ ବାଜପେୟୀ ସ୍ମାରକୀ କ୍ରିକେଟ ୨୫ରୁ




ବ୍ରହ୍ମପୁର,୨୦।୧୨(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ସ୍ମାରକୀ ୨ୟ ଟି-୨୦ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ରାଜପୁତ କ୍ରିକେଟ କ୍ଲବ ସହିତ ମିଳିତ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ। ଟୁର୍ଣ୍ଣାମେଣ୍ଟରେ ଛତିଶଗଡ ଓ ପଶ୍ଚିମବଙ୍ଗରୁ ଦୁଇଟି ଦଳ ସହିତ ଓଡିଶାର ବିଭିନ୍ନ ଜିଲ୍ଲାରୁ ମୋଟ ୧୨ଟି ପ୍ରମୁଖ ଦଳ ଅଂଶଗ୍ରହଣ କରିବେ। ଚାମ୍ପିଅନ ଦଳକୁ ଟ୍ରଫି ସହିତ ୧ଲକ୍ଷ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ନଗଦ ୫୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ୨୫ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ୩୧ତାରିଖରେ ଉଦ୍‌ଯାପିତ ହେବ। ଅଂଶଗ୍ରହଣ କରିଥିବା ଦଳଗୁଡିକ ମଧ୍ୟରେ ଭୁବନେଶ୍ୱରର ପ୍ରଗତୀ ସ୍ପୋର୍ଟିଂ, ମୁକ୍ତେଶ୍ୱର କ୍ରିକେଟ କ୍ଲବ, ତମାଣ୍ଡୋ କ୍ରିକେଟ କ୍ଲବ, ସୁନ୍ଦରଗଡ କ୍ରିକେଟ କ୍ଲବ, ଜଗଦିଶ ରାଓ କ୍ରିକେଟ କ୍ଲବ ମାଲକାନଗିରି, ଗଞ୍ଜାମ ଏକାଦଶ, ସମ୍ବଲପୁର ଜିଲ୍ଲା କ୍ରିକେଟ ସଂଘ, ଜେସିସି ଭଦ୍ରକ, ରାଇଜିଂ ଷ୍ଟୁଡେଣ୍ଟସ କଟକ ସହିତ ଛତିଶଗଡର ଭିଡିସିଏ ଏବଂ କୋଲକୋତାର ରୁସ୍ତମ କ୍ରିକେଟ ଏକାଡେମୀ ଅନ୍ତର୍ଭୁକ୍ତ। ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ପ୍ରାୟ ୫୦ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଥିବା ବେଳେ ଶୀତୁଆ ରାତିରେ ଫ୍ଲଡଲାଇଟରେ ହେବାକୁ ଥିବା ସମବସ୍ତ ସଂଘର୍ଷପୂର୍ଣ୍ଣ ମ୍ୟାଚକୁ ସହରବାସୀ ବେଶ ଉପଭୋଗ କରିବେ ବୋଲି କହିଛନ୍ତି ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର। ବିଧାୟକଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ନାୟକ, ପାର୍ଥ ପାଢୀ, ରାଜୁ ରେଡ୍ଡୀ, ଶିବପ୍ରସାଦ ଦାଶ ଓ ସ୍ମିତାଲି ସ୍ମୃତିସ୍ନିଗ୍ଧା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ; ଜଣେ ଗିରଫ

ବ୍ରହ୍ମପୁର,୨୦।୧୨(ସମିସ): ଧାନମେରା ସାହିର ଜଣେ ଯୁବକଙ୍କୁ ୧୦ରୁ ଅଧିକ ଯୁବକ ଖଣ୍ଡା ଓ କାତିରେ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏନେଇ ବଡବଜାର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଆଜି ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ସାହିର ଜିତେଶ ଦଳବେହେରା (୨୦)। ସୂଚନାଯୋଗ୍ୟ ଯେ, ଗତ ଅକ୍ଟୋବର ୨୦ତାରିଖରେ ଧାନମେରା ସାହିର ନରତ ନାୟକ ଓ ତାଙ୍କ ପତ୍ନୀ ଅନିତା ନାୟକଙ୍କ ଘର ସମ୍ମୁଖରେ ଥିବାବେଳେ ୮ରୁ ୧୦ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ। ନରତ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ଖଣ୍ଡାରେ ତାଙ୍କ ମୁଣ୍ଡକୁ ଏକ ଚୋଟ ପକାଇଥିଲେ। ନରତ ଆହତ ହୋଇ ତଳେ ପଡିବା ପରେ ଅଭିଯୁକ୍ତମାନେ ତାଙ୍କୁ ପୁଣି ଆକ୍ରମଣ କରିଥିଲେ। ଅନିତା ଏହା ଦେଖି ପାଟି କରିବାକୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ତେବେ ସେଠାରେ ସାହି ବାସିନ୍ଦା ରୁଣ୍ଡ ହୋଇଯିବା ପରେ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ପୁଲିସ ତଦନ୍ତରୁ ଜଣାପଡିଥିଲା।

**EASTERN INVESTMENTS LIMITED**

CIN: L65993OR1927GOI034842
Regd. Office: Plot No:255, Pristine Green, Pokhariput, Bhubaneswar-751020

Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | . | | |
| | **(i) Basic:** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |
| | **(ii) Diluted** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**Place:** Visakhapatnam
**Date:** 19th December' 2025

Sd/-
**(A.K.Bagchi)**
Managing Director-EIL

ମ୍ୟୁନିସିପାଲଟି ଘର ଜବରଦଖଲ ମାମଲା

# ଶୁଣାଣି ଶେଷ; ଏଣିକି କାର୍ଯ୍ୟାନୁଷ୍ଠାନ

■ ଶୁଣାଣିବେଳେ ୪୬ରୁ ମାତ୍ର ୯ ଉପସ୍ଥିତ
■ ୭ଦିନର ମହଲତ ଶେଷ, ଖାଲି କରାଯିବ ୪୬କ୍ୱାର୍ଟର



ବ୍ରହ୍ମପୁର,୨୦।୧୨(ସମିସ): ଖୁବ୍‌ଶୀଘ୍ର ଖାଲି କରାଯିବ ଜବରଦଖଲରେ ଥିବା ମ୍ୟୁସିନିପାଲଟି କଲୋନୀର ୪୬ଟି କ୍ୱାର୍ଟର୍ସ। ବିଳମ୍ବରେ ହେଲେ ମଧ୍ୟ ବିଏମସିର ପଦକ୍ଷେପ ଯୋଗୁଁ ଅକଳରେ ପଡିଛନ୍ତି ବେନିୟମ ଭାବେ ସରକାରୀ କ୍ୱାର୍ଟରକୁ ନିଜ ଅକ୍ତିଆରରେ ରଖିଥିବା ବ୍ୟକ୍ତି। ଚାକିରିରୁ ଅବସର ନେବାର ଦିର୍ଘ ବର୍ଷ ପରେ ମଧ୍ୟ ମ୍ୟୁନିସିପାଲଟି କ୍ୱାର୍ଟରକୁ ଅକ୍ତିଆରେ ରଖିବା ଏପରିକି ଅନ୍ୟକୁ ଭଡ଼ାସୂତ୍ରରେ ଦେବା ଭଳି ଘଟଣା ନଜରକୁ ଆସିବା ପରେ ବିଏମସି ପକ୍ଷରୁ ନିଆଯାଇଛି ଏଭଳି ପଦକ୍ଷେପ। ବ୍ରହ୍ମପୁର ମହାନଗର ନିଗମର ଲାଞ୍ଜିପଲ୍ଲି ରାମନଗର ଅଞ୍ଚଳରେ ଥିବା ୭୨ଟି କ୍ୱାର୍ଟର ମଧ୍ୟରୁ ଅଧିକାଂଶ କ୍ୱାର୍ଟର ଜବରଦଖଲରେ ଥିବା ଜଣାପଡିଛି। ସରକାରୀ କ୍ୱାର୍ଟରକୁ ଜବରଦଖଲ ମୁକ୍ତ କରିବାକୁ ଯାଇ ବିଏମସି ପକ୍ଷରୁ ସ୍ୱତନ୍ତ୍ର ଦୁଇଟି ଟିମ ଜରିଆରେ ସର୍ଭେ କରାଯାଇଛି। ସର୍ଭେ ସମୟରେ ୪୬ଟି କ୍ୱାର୍ଟର ଜବରଦଖଲକାରୀଙ୍କ କବଜାରେ ଥିବା ଜଣାପଡିଥିଲା। ପରେ ସେମାନଙ୍କୁ ବିଏମସି ପକ୍ଷରୁ ନୋଟିସ ଜାରି କରି ତୁରନ୍ତ ଘର ଖାଲି କରିବାକୁ ୭ଦିନର ମହଲତ ଦିଆଯାଇଥିଲା। ଏପରିକି ୭ଦିନର ମହଲତ ପରେ ଆଜି ପୁଣି ଶୁଣାଣି କରି ନିଜନିଜର ନଥିପତ୍ର ଓ ମତ ରଖିବାକୁ ସୁଯୋଗ ମଧ୍ୟ ଦେଇଥିଲା ବିଏମସି। ତେବେ ଶୁଣାଣିରେ ୪୬ଜଣଙ୍କ ମଧ୍ୟରୁ ମାତ୍ର ୯ଜଣ କେବଳ ଉପସ୍ଥିତ ଥିଲେ। ତେବେ କାହା ନିକଟରେ କୌଣସି ନଥିପତ୍ର ନଥିବା ଦେଖିବାକୁ ମିଳିଥିଲା। ପ୍ରକାଶ ଯୋଗ୍ୟ ଯେ' ଲାଞ୍ଜିପଲ୍ଲୀ ସୁବାଷପୁର ମୌଜାର ଖାତା ନମ୍ବର ୧୭୭ ତଥା ବ୍ରହ୍ମପୁର ତହସିଲ ଅନ୍ତର୍ଗତ ପ୍ଲଟ ନଂ ୩୦୬, ୩୫୪ ଓ ୩୫୬ରେ ପ୍ରାୟ ୩.୦୧୪ଡେସିମିଲ ଜମିରେ ୭୬ଟି ସରକାରୀ କ୍ୱାର୍ଟର୍ସକୁ ନେଇ ପ୍ରତିଷ୍ଠା ହୋଇଥିଲା ମ୍ୟୁନିସିପାଲଟି କଲୋନୀ। କଲୋନୀରେ ବ୍ରହ୍ମପୁର ପୌରପାଳିକା ସମେତ ଅନ୍ୟ ବିଭାଗର କର୍ମଚାରୀଙ୍କୁ ରହିବାର ସୁବିଧା ଦିଆଯାଇଥିଲା। କାଳକ୍ରମେ ମରାମତି ଓ ରକ୍ଷଣାବେକ୍ଷଣର ଅଭାବରୁ କ୍ୱାର୍ଟର ଗୁଡିକ ନଷ୍ଟ ହେବାକୁ ଲାଗିଛି। ଇତି ମଧ୍ୟରେ କ୍ୱାର୍ଟର ଆବଣ୍ଟନ ହୋଇଥିବା କର୍ମଚାରୀଙ୍କ ମଧ୍ୟରୁ ଅନେକେ ଅବସର ଗ୍ରହଣ କରିସାରିଥିବା ବେଳେ ଅନେକଙ୍କର ଦେହାନ୍ତ ମଧ୍ୟ ଘଟିସାରିଛି। ତଥାପି ସମ୍ପୃକ୍ତ କର୍ମଚାରୀଙ୍କ ପରିବାର ଲୋକେ ଏବଂ କିଛି ଅନୁପ୍ରବେଶକାରୀ ଉକ୍ତ ସରକାରୀ କ୍ୱାର୍ଟର ଗୁଡିକୁ ନିଜ ଅକ୍ତିଆରରେ ରଖିଥିବା ଜଣାପଡିଛି। ବିଏମସି କର୍ତ୍ତୃପକ୍ଷଙ୍କ ନଜରକୁ ଏହି ବିଷୟ ଆସିବା ପରେ କଲୋନୀକୁ ଜବରଦଖଲ ମୁକ୍ତ କରିବା ପାଇଁ ସର୍ଭେ କରାଯାଇ ଚିହ୍ନଟ ୪୬ଜଣ ଜବରଦଖଲକାରୀଙ୍କୁ ନୋଟିସ ଜାରି କରାଯାଇଥିଲା। ବର୍ତ୍ତମାନ ଚିହ୍ନଟ ସମସ୍ତ ୪୬ଟି କ୍ୱାର୍ଟର୍ସକୁ ଖୁବ୍‌ଶୀଘ୍ର ଖାଲି କରି କଲୋନୀକୁ ପ୍ରଥମେ ଜବରଦଖଲ ମୁକ୍ତ କରାଯିବ। ପରେ ସେଠାରେ ନିଗମ ପକ୍ଷରୁ କର୍ମଚାରୀଙ୍କ ପାଇଁ ବହୁତଳ ବିଶିଷ୍ଟ କୋଠା ନିର୍ମାଣ କରାଯାଇ କ୍ୱାର୍ଟର ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି।

# କାଶିଡିହା ପ୍ରିମିୟର ଲିଗ୍ ସିଜନ-୨ର ଅକ୍ସନ



ଜଳେଶ୍ୱର,୨୦।୧୨(ସମିସ): ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତ ଅଧିନ କାଶିଡିହା ଖେଳ ପଡିଆ ଠାରେ ୩ଦିନ ବ୍ୟାପି ୨୯ ତାରିଖରୁ ହେବାକୁ ଥିବା କେପିଏଲ ପ୍ରିମିୟମ ଲିଗ୍ ସିମିତ ଓଭର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲାଗି ଅକ୍ସନ ଅନୁଷ୍ଠିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ପଡ଼ିଆ ଠାରେ ଆୟୋଜିତ ଅକ୍ସନ ରେ କମିଟିର ସଭାପତି ଅନୁପ କୁମାର ରାଜଙ୍କ ନେତୃତ୍ୱରେ ୪ଟି ଫ୍ରାଞ୍ଚାଇଜର ମାଲିକ ଖେଳାଳି କିଣିଥିଲେ। ଏ ୱାନ ଷ୍ଟ୍ରାଇକର, କୋହିନୁର ୱାରିୟର, ଇଲାଇଟି ସ୍ମାସର, ମହାବୀର ଇଲେଭେନ ଟିମ୍ ଖେଳାଳି ଚୟନ କରିଥିଲେ। ପ୍ରତ୍ୟେକ ଟିମ୍ ୧୩ଜଣ ଖେଳାଳିଙ୍କୁ ବ୍ରିଡ୍ ଜରିଆରେ ଚୟନ କରିଥିଲା ବେଳେ ୬୦ଜଣ ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କ ନାଁ ନିଲାମୀରେ ସାମିଲ ହୋଇଥିଲା। ବିଜେତା ଟିମ୍ ୨୦ ହଜାର ଅର୍ଥ ରାଶି ପାଇବାକୁ ଥିବା ବେଳେ ଉପ ବିଜେତା ଟିମ୍‌କୁ ୧୬ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ ହେବାର ସୂଚନା ରହିଛି। କମିଟି ସମ୍ପାଦକ ହରେକୃଷ୍ଣ ରାଜ, ଅମିତ୍ କୁମାର ସେନାପତି, ବିସ୍ମୟ ରଞ୍ଜନ କର, ଗୋବିନ୍ଦ ଜେନା, ସୌରଭ ନନ୍ଦି, ଆଲୋକ ରାଜ, ଶିବ ଶଙ୍କର ଦାସ, ଅଭିଜିତ ପାତ୍ର, ଅନୁପ ରାଜ, କିଷାନ ଜେନା, ଦୀପକ କୁମାର ଜେନା, ଗୌରବ ଜେନା, ରାଜେନ୍ଦ୍ର ଜେନା, ପବିତ୍ର ବାରିକ୍, ଦିନେଶ ଜେନା, ମହେଶ୍ୱର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ନୀଳଗିରି କ୍ରିକେଟ ଲିଗ୍ ସିଜିନ-୫

# ମହାବୀର ୟୁନାଇଟେଡ ଓ ମୁକ୍ତି -୧୧ ବିଜୟୀ

ନୀଳଗିରି, ୨୦।୧୨ (ସମିସ): କେ.ସି ହାଇସ୍କୁଲ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ସିଜିନ-୫ ନୀଳଗିରି କ୍ରିକେଟ ଲିଗ୍ ର ଚତୁର୍ଥଦିବସର ମ୍ୟାଚକୁ ଯୁବ ସମାଜସେବୀ ତପନ କୁମାର ରାଉତ ଏବଂ ସୀମାସୁରକ୍ଷାବଳର ଅବସରପ୍ରାପ୍ତ ଇନ୍ସପେକ୍ଟର ଯୋଗେଶ୍ୱର ବେହେରା ଉଦଘାଟନ କରିଥିଲେ। ପ୍ରଥମମ୍ୟାଚ ଓମସାଇ ଷ୍ଟାର ପାୱାର ଏବଂ ମହାବୀର ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ଓମ୍ ସାଇ ପ୍ରଥମେ ବ୍ୟାଟିଂକରି ୧୧.୧ ଓଭରରେ ସମସ୍ତ ୱିକେଟ ହରାଇ ୮୩ ରନ ସଂଗ୍ରହ କରିଥିଲା। ଜବାବରେ ମହାବୀର ୟୁନାଇଟେଡ ୨ୱିକେଟ ବିନିମୟରେ ମ୍ୟାଚକୁ ସହଜରେ ଜିତିନେଇଥିଲା। ମହାବୀର ୟୁନାଇଟେଡର ସତ୍ୟନାରାୟଣ ମଲ୍ଲିକ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ମ୍ୟାଚରେ ନୀଳଗିରି



ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଦ୍ୱିତୀୟାର୍ଦ୍ଧ ମ୍ୟାଚ ୫ଏସ ଫାଇଟର ଏବଂ ମୁକ୍ତି-୧୧ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଫାଇଟର୍ ଦଳ ୧୨ଓଭରରେ ୭ୱିକେଟ ହରାଇ ୯୭ରନ୍ ସଂଗ୍ରହ କରିଥିଲା। ଜବାବରେ ମୁକ୍ତି -୧୧ ଦଳ ୯.୩ଓଭରରେ ୩ୱିକେଟ ହରାଇ ନିର୍ଦ୍ଧାରିତ ରନ୍ ସଂଗ୍ରହକରି ବିଜୟଲାଭ କରିଥିଲା ବେଳେ କାହ୍ନୁ ସିଂ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ୨ନଂ ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଭେଲୋରା ଶାଖା ତରଫରୁ ମେଗା ଋଣ ବିତରଣ ଶିବିର

# ୪୦୦ ଗ୍ରାହକଙ୍କୁ ଦିଆଗଲା ୩ କୋଟି ଋଣ

ରାଜଘାଟ, ୨୦।୧୨ (ସମିସ)




ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ଅନ୍ତର୍ଗତ ଓଡିଶା ଗ୍ରାମୀଣ ବ୍ୟାଙ୍କ ଭେଲୋରା ଶାଖା ପକ୍ଷରୁ ତାରିଣୀ କଲ୍ୟାଣମଣ୍ଡପଠାରେ ମେଗା ଋଣ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ସନ୍ୟାସୀ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ଏହି ଶିବିରକୁ ସହ ଶାଖା ପରିଚାଳକ ଅର୍ଦ୍ଧେନ୍ଦୁ ବିକାଶ ଷଡଙ୍ଗୀ ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ରିଜିଓନାଲ ମ୍ୟାନେଜର ଆଶିଷ କୁମାର ନାୟକ ଯୋଗଦେଇ ବ୍ୟାଙ୍କର ସମସ୍ତ ସେବା ଓ ସୁବିଧା ଯେମିତିକି ସଞ୍ଚୟ ଆକାଉଣ୍ଟ, ଫିକ୍ସ ଡିପୋଜିଟ, ଆର୍ ଡି ଆକାଉଣ୍ଟ, ସ୍ୱଳ୍ପ ମୂଲ୍ୟରେ କରେଣ୍ଟ ଆକାଉଣ୍ଟ ସହିତ ମୋବାଇଲ ବ୍ୟାଙ୍କିଙ୍ଗ, କ୍ୟୁଆର କୋର୍ଡ, ହ୍ୱାଟ୍ସଏପ ବ୍ୟାଙ୍କିଙ୍ଗ,ଏଟିଏମ ଆଦି ସୁବିଧା ସହ ବ୍ୟକ୍ତିଗତ, ବ୍ୟବସାୟ, ମୁଦ୍ରା, ଗାଡି, ଘର, ପିଏମ ସୂର୍ଯ୍ୟଘର ଋଣ ସହ ଜୀବନ ବୀମା, ସ୍ୱାସ୍ଥ୍ୟବୀମା ଓ ପେନସନ୍ ଭଳି ସେବା ଓ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାରୀ ଯୋଜନା ବ୍ୟାଙ୍କ ବହନ କରି ଆସୁଥିବା କହିଥିଲେ। ଗ୍ରାହକ ମାନଙ୍କୁ ମାଇକ୍ରୋ ଫାଇନାନ୍ସ ଠାରୁ ଦୂରେଇ ବ୍ୟାଙ୍କ ଉପରେ ଭରସା କରିବାକୁ ନିବେଦନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଭେଲୋରା ସରପଞ୍ଚ ଦୁର୍ଗାରାଣୀ ଜେନା, ସନ୍ତୋଷପୁର ସରପଞ୍ଚ ସଂଗ୍ରାମ କୁମାର ଦାସ ମହାପାତ୍ର, କୁଳିଦା ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, ମିଶନ ଶକ୍ତି ବିପିଏମ୍ ରବୀନ୍ଦ୍ର କୁମାର ଜେନା, ବସ୍ତା ବ୍ଲକ ଫାଇନାନ୍ସ ଅଧିକାରୀ ରମେଶ ଚନ୍ଦ୍ର ବେହେରା, ସ୍ଥାନୀୟ ସମିତି ସଭ୍ୟ ଅନାଦି ଦାସ, ସିନିଅର ମ୍ୟାନେଜର ଦୀପକ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଭେଲୋରା ଶାଖା ଦ୍ୱାରା କରାଯାଉଥିବା କାର୍ଯ୍ୟକ୍ରମକୁ ପ୍ରଶଂସା ସହ ଶାଖା ର ଉନ୍ନତି କାମନା କରିଥିଲେ। ଶାଖା ତରଫରୁ ଆଜି ତିନୋଟି ପଞ୍ଚାୟତର ବିଭିନ୍ନ ବିଭାଗରେ ଆବେଦନ କରିଥିବା ୪୮ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟକ୍ତିଗତ ଆବେଦନ କରିଥିବା ୪୦୦ରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ୩ କୋଟି ରୁ ଅଧିକ ଟଙ୍କା ଋଣ ଆକାରରେ ପ୍ରଦାନ କରାଯାଇଛି। ଏହି ଅବସରରେ କୁଳିଦା ଏମ୍ପିକେ ପୁଷ୍ପଲତା ନାୟକ, ଭେଲୋରା ଏମ୍ପିକେ କାବେରୀ ଦାସ ମହାପାତ୍ର, ସନ୍ତୋଷପୁର ଏମ୍ପିକେ ଚିତ୍ରଲେଖା ଗିରି ଓ ବ୍ୟାଙ୍କ ମିତ୍ର ଲକ୍ଷ୍ମୀପ୍ରିୟା ପରିଡାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କର୍ମଚାରୀ ଜନ୍ମେଜୟ ପରିଡ଼ା, ଅଶ୍ୱିନୀ କୁମାର ଦାସ, ସପନ କୁମାର ବେହେରା, କାହ୍ନୁଚରଣ ଚୌଧୁରୀଙ୍କ ସମେତ ସମସ୍ତ ସିଆରପି ଓ ମହିଳା ଗୋଷ୍ଠୀ ସଦସ୍ୟା ସହଯୋଗ କରିଥିବା ବେଳେ ଶେଷରେ କ୍ୟାସିଆର୍ ମନିନ୍ଦ୍ର ସୁନ୍ଦର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାମୀ ସ୍ୱରୂପାନନ୍ଦ ଗ୍ରନ୍ଥତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲେଶ୍ୱର(ଉତ୍ତର),୨୦।୧୨ (ସମିସ) : ଭୋଗରାଇ ବ୍ଲକ ଗୋପୀନାଥପୁର ସ୍ୱାମୀ ସ୍ୱରୂପାନନ୍ଦ ଗ୍ରନ୍ଥିତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ସିଟଙ୍କ ପୌରହିତ୍ୟରେ ପରିଚାଳିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଙ୍କଜାକ୍ଷ ପଣ୍ଡା, ମୁଖ୍ୟବକ୍ତା ଭାବେ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ଦିଲ୍ଲୀପ କୁମାର ଜେନା, ସମ୍ମାନିତ ଅତିଥି ପରିଚାଳନା କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିଶ୍ୱମ୍ବର ଦାସଅଧିକାରୀ, ଡାକ୍ତର ରାଜୀବ କୁମାର ମାଝୀ, ଶିକ୍ଷାବିତ ମୁରଲୀମୋହନ ମହାନ୍ତି, ହରିହର ଦାସ, ରଘୁନାଥ ମହାନ୍ତି ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଆତ୍ମବିଶ୍ୱାସର ସହିତ ପ୍ରୟାସ ଜାରିରଖି ପାରିଲେ ସର୍ବୋତ୍ତମ ଶିଖରରେ ପହଞ୍ଚିପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ସହକାରୀ ଶିକ୍ଷୟିତ୍ରୀ ସୁସ୍ମିତା ଦିଣ୍ଡା ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ନାରାୟଣ ଘୋଷ ବେଦ ପାଠ, ଶିକ୍ଷକ କ୍ଷିତିଶ ମାଝୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଶେଷରେ ସହକାରୀ ଶିକ୍ଷକ ଜୟକୃଷ୍ଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ନମିତା ପଣ୍ଡିତ, ସଦସ୍ୟ ମଧୁସୂଦନ ଗିରି, ମନରଞ୍ଜନ ପ୍ରଧାନ, ଜନ୍ମେଜୟ ସାହୁ, ଅମୂଲ୍ୟ ବିଶ୍ୱାଳ, ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ସିଲ୍ଡ ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ ଜେନା, ଶିକ୍ଷକ ସହକାରୀ ଶିକ୍ଷକ ରବିନ୍ଦ୍ର ଗିରି, ଅନନ୍ତ ସୋରେନ, ଶିକ୍ଷୟିତ୍ରୀ ମାମନୀ ମାଝୀ, ସୋଚନା ସିଂ, ନାରାୟଣ ଘୋଷ, ଅଣଶିକ୍ଷା କର୍ମଚାରୀ କାହ୍ନୁଚରଣ ଜେନା, ଅରୁଣ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତାଳସାରୀରେ ମକର ମେଳା ପ୍ରସ୍ତୁତି ବୈଠକ

ଚନ୍ଦନେଶ୍ୱର, ୨୦।୧୨(ସମିସ) : ଭୋଗରାଇର ତାଳସାରୀ ବେଳାଭୂମିରେ ଜାନୁଆରୀ ୧୪ରେ ହେବାକୁ ଥିବା ମକର ମେଳା ସହିତ ଗଙ୍ଗାମାତାଙ୍କ ପୂଜାର୍ଚ୍ଚନା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏ ନେଇ ଆୟୋଜିତ ବୈଠକକୁ ତାଳସାରୀ ମତ୍ସ୍ୟଜୀବୀ ସଂଘର ସଭାପତି ସୁରେନ୍ଦ୍ର ନାଥ ଗଙ୍ଗାଇ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଗଙ୍ଗାମାତାଙ୍କ ମୃଣ୍ମୟୀ ମୂର୍ତ୍ତି ସୁଉଚ୍ଚ ତୋରଣ, ରଙ୍ଗୀନ ଆଲୋକ ମାଳା ସହିତ ବିଭିନ୍ନ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଆଲୋଚନା କରାଯାଇଥିଲା। ଏକ ସପ୍ତାହ ଧରି ଏହି ଉତ୍ସବ ଅନୁଷ୍ଠିତ ହେବା ସହିତ ମକର ମେଳା ଦିନ ୫୦ହଜାରରୁ ଅଧିକ ଶ୍ରଦ୍ଧାଳୁ ସମୁଦ୍ରରେ ବୁଡ ପକାଇବା ସହିତ ମା'ଙ୍କ ଦର୍ଶନ କରିବେ। ଏଥିପାଇଁ କମିଟି ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ହାତକୁ ନିଆଯିବା ଲାଗି ଆଲୋଚନା କରାଯାଇଥିଲା। ଏଥିରେ ସମ୍ପାଦକ ପୁଣ୍ଡରୀକାକ୍ଷ ଲାୟା, ପୂର୍ବତନ ସଭାପତି କୈଳାଶ ଗଙ୍ଗାଇ, ଉପ ସଭାପତି ସ୍ମୃତିରେଖା ଲାୟା, ବରିଷ୍ଠ ସଦସ୍ୟ ପରିମଳ ପାତ୍ର, ରମେଶ ଦାସ,କାର୍ତ୍ତିକ ଚନ୍ଦ୍ର ମଣ୍ଡଳ, ଗୋପାଳ ଲାୟା, ଗୋପାଳ ପାତ୍ର, ଲକ୍ଷ୍ମଣ ବେହେରା, ସୁରେଶ ଗଙ୍ଗାଇ, ତନୁ ଚରଣ ଜେନା, ରଘୁନାଥ ମାଝୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୋଷାଧ୍ୟକ୍ଷ ବାଦଲ ଚନ୍ଦ୍ର ଗଙ୍ଗାଇ ଧନ୍ୟବାଦ ଦେଇଥିଲେ।

# ପବ୍ଲିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ବାଲେଶ୍ୱର,୨୦।୧୨(ସମିସ): ପବ୍ଲିକ ଉଚ୍ଚ ବିଦ୍ୟାଳୟର ୩୩ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିଶୁ ସାହିତ୍ୟିକ ତଥା ବିଶିଷ୍ଟ କଥାକାର କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କୋମଳମତି ଛାତ୍ରଛାତ୍ରୀଙ୍କ ମାନସିକ ସ୍ଥିତିକୁ ଦୃଷ୍ଟିରେ ରଖି ଶିକ୍ଷାଦାନ ପ୍ରତି ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ। ବିଦ୍ୟାଳୟର ଆଲୁମନି ସଭାପତି ଡ.ଶ୍ରୀମାନ ଶ୍ରୀଚନ୍ଦନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦାନ ଓ ସଫଳତା ପାଇଁ କେବଳ ଶିକ୍ଷକ ଶିକ୍ଷୟିତ୍ରୀ ନୁହନ୍ତି, ବରଂ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀମଣି ସାହୁ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଶିକ୍ଷୟିତ୍ରୀ ଅଲିଭା ପ୍ରିୟଦର୍ଶିନୀ ଦାସ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷୟିତ୍ରୀ ସବିତା ପରିଡ଼ା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାପରେ ଶିକ୍ଷୟିତ୍ରୀ ଜୟସ୍ମିତା ମହାନ୍ତି, ପରଦେଶୀ ସ୍ୱାଇଁ, ସନ୍ଧ୍ୟା ଦାସ ଓ ସୁଜାତା ସେଠୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ସ୍ୱାମୀ ବିବେକାନନ୍ଦ ଲୋକସଂସଦର ଉଦ୍‌ବୋଧନୀ କାର୍ଯ୍ୟକ୍ରମ



ଭୋଗରାଇ, ୨୦।୧୨(ସମିସ) : ଭୋଗରାଇ ବ୍ଲକ ସେହି ଗ୍ରାମରେ ଥିବା ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଓଡ଼ିଶା ଆନୁକୂଲ୍ୟରେ ବିବେକାନନ୍ଦ ଲୋକସଂସଦ, ବାଲେଶ୍ୱର ଶାଖା ପକ୍ଷରୁ ଉଦ୍‌ବୋଧନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। "ସ୍ୱାମୀ ବିବେକାନନ୍ଦ ଛାତ୍ର ସମାଜ ପାଇଁ ଏକ ଆଲୋକବର୍ତ୍ତିକା' ବିଷୟ ଆଧାରିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଉଦ୍‌ବୋଧନୀ ସମିତିର ଜିଲ୍ଲା ସଭାପତି ଡ. ସତୀଶ ଚନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିବାବେଳେ ନୀଳଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପକ ତଥା ସଂସଦର ରାଜ୍ୟ ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ର ମୁଖ୍ୟାତିଥି ଭାବରେ ଯୋଗଦାନ କରି ସ୍ୱାମୀ ବିବେକାନନ୍ଦଙ୍କର ଉଦ୍ଦୀପକ ଉଦ୍ ବୋଧନ ବିଶ୍ୱବିଖ୍ୟାତ ଓ ଅବିସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ସମୀର କୁମାର ନନ୍ଦ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ସ୍ୱାମୀ ବିବେକାନନ୍ଦଙ୍କ ପ୍ରଜ୍ଞାବିଭବ ସମଗ୍ର ସଂସାର ପାଇଁ ଶାଶ୍ୱତ ସମ୍ପତ୍ତି ବୋଲି ଅଭିହିତ କରିଥିଲେ। ଛାତ୍ର ଦେବାଶିଷ ଚକ୍ରବର୍ତ୍ତୀ ଓ ଗଗନ ବିହାରୀ ପଣ୍ଡା ବୈଦିକ ମଙ୍ଗଳାଚରଣ ପାଠ କରିଥିବାବେଳେ ଅଧ୍ୟାପକ ବିନୋଦବିହାରୀ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ତଥା ଭୋଗରାଇ ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଭୋଗରାଇ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅବିନାଶ ସାହୁ ଅଧ୍ୟାପିକା ସୁନନ୍ଦିତା ବଣିଆ ତଥା ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷା କର୍ମଚାରୀମାନେ ପରିଚାଳନା କରିଥିଲେ।

# କୁପାରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ

ଖଇରା,୨୦।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ସରକାରୀ ଉଚ୍ଚ ବିଦ୍ୟାପୀଠର ବାର୍ଷୀକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପିଲାଙ୍କ ନୃତ୍ୟଗୀତର ତାଳେ ତାଳେ ଶନିବାର ଉଦ୍‌ଯାପିତ ହୋଇ ଯାଇଛି। ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରାଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟ ଅତିଥି, ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଠିର କୁଅଁର ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ପୂର୍ବତନ ଶିକ୍ଷକ ଅକ୍ଷୟ କୁମାର ବାରିକ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଆଶାଲତା ଦାସ, ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ବାଳିକା ବାଳକ ବିଭାଗ କ୍ରୀଡା ପ୍ରତିଯୋଗିତାରେ ତଥା ଜୁନିଅର, ସବଜୁନିଅର ଓ ସିନିଅର ସ୍ତରରେ ଚାମ୍ପିଅନ ହୋଇଥିବା ଦିପକ କୁମାର ନାଏକ, ଇତିଶ୍ରୀ ଦେଉରୀ, ପ୍ରଜ୍ଞା ସାହୁ, ପ୍ରିୟଙ୍କା ଜେନା, ସମର୍ଥ ସନ୍ଦୀପ ସାହୁ ଓ ଶୁଭଦ୍ରା ସାହୁଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ସଞ୍ଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ତରତରୀ ବାଳିକା ବିଦ୍ୟା ନିକେତନର ବାର୍ଷିକ କ୍ରୀଡ଼ା

ନୀଳଗିରି, ୨୦।୧୨ (ସମିସ): ନୀଳଗିରି ବ୍ଲକ ତରତରୀ ବାଳିକା ବିଦ୍ୟା ନିକେତନର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ବିକାଶ ରଞ୍ଜନ ଜେନା ପୌରୋହିତ୍ୟ କରିଥିଲେ। ଶିକ୍ଷକ ଗୌରୀଶଙ୍କର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନୀଳଗିରି ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ତଥା ବାଲେଶ୍ୱର ଡିଆରଡିଏ ଏପିଡି ଡ. ମଧୁସ୍ମିତା ସାମନ୍ତରାୟ ଯୋଗଦେଇ ସାଧନାରେ ନିମଗ୍ନ ରହିବାକୁ ପରାମର୍ଶ ଦେଇଥିଲେ। ପାଠ୍ୟ ପୁସ୍ତକ ଭିତରେ ବିଦ୍ୟାର୍ଥୀମାନେ ସୀମିତ ରହିଲେ ପ୍ରତିଭାର ବିକାଶ ହୋଇପାରେନା ବୋଲି ମୁଖ୍ୟବକ୍ତା ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ବିନ୍ଦୁ ଦାସ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ସାମ୍ବାଦିକ ଅତୁଲ ସ, ସମାଜସେବୀ ତଥା ଆଇଆଇଟି ଇଞ୍ଜିନିୟର ସୁଜିତ ମହାନ୍ତି ଯୋଗଦେଇ ବିଦ୍ୟାର୍ଥୀ ମାନେ ନିଜ କର୍ତ୍ତବ୍ୟ ପଥରେ ସାଧନା କରିବା ଜରୁରୀ ବୋଲି ମତ ଦେଇଥିଲେ।। ଶିକ୍ଷକ ମନୋଜ ସି ଧନ୍ୟବାଦ ଦେଇଥିବାବେଳେ ବିମଳ ଜେନା, ଘନଶ୍ୟାମ ପ୍ରଧାନ, ଇତିଶ୍ରୀ ଦାସ, ମନୋରମା ଦାଶ, କାଦମ୍ବିନୀ ବିଶ୍ୱାଳ, ଅଶୋକ ମିଶ୍ର, ପୁରୁଷୋତ୍ତମ ବେହେରା, ଉମେଶ ଚନ୍ଦ୍ର ବେହେରା, ରାଜକିଶୋର ବେହେରା ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷକ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଔପଦା,୨୦।୧୨(ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକର ମୁଖ୍ୟାଳୟ ଡ଼ିମ୍ବୁରାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢିବା ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଔପଦା ଡିଗ୍ରୀ କଲେଜର ଅଧ୍ୟକ୍ଷ ମୋହନ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିସିବିସ୍ମା ପାତ୍ର, ନୀଳଗିରି ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ଔପଦା



ବିଡ଼ିଓ ଶାଶ୍ୱତୀ ସାତୁଆଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ସୂର୍ଯ୍ୟକାନ୍ତ ବେହେରା, ଶିକ୍ଷୟିତ୍ରୀ ଚିନ୍ମୟୀ ସାହୁ, ଶିକ୍ଷକ ଜୟନାରାୟଣ ପରିଡା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରେମ ନାଥ ମହାଳିକ, ଶଶିକାନ୍ତ ବେହେରା, ସଂଗୀତ ଶିକ୍ଷକ ମନୋଜ ବିଶ୍ୱାଳ, ଶିକ୍ଷୟିତ୍ରୀ ଦେବ ସ୍ମିତା ସହାୟତା ପ୍ରଦାନ କରିଥିଲେ। ମହାନଦୀ, ବଂଶଧାରା, ବ୍ରାହ୍ମଣୀ ଓ ସୁବର୍ଣ୍ଣରେଖା ସମେତ ମୋଟ ୩୩ ଟି ବିଭାଗର ମୋଟ ୯୯ ଜଣଙ୍କୁ ବିଭିନ୍ନ ପ୍ରତିଭା କ୍ଷେତ୍ରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ରେମୁଣା ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

ବାଲେଶ୍ୱର,୨୦।୧୨(ସମିସ): ରେମୁଣା ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ସ୍ଥାନୀୟ ଏକ ମଣ୍ଡପ ପରିସରରେ ନରୋତମ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରଫେସର ଶତ୍ରୁଘନ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସଂଘର ସଭାପତି ବନମାଳୀ ନାୟକ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଉପସଭାପତି ଦାମୋଦର ନାୟକ, ସମ୍ପାଦକ ସୁଦର୍ଶନ ଦାସ, ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳ, ଶ୍ରୁତିଧର ସାହୁ, ବାସନ୍ତି ଦାସ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ପ୍ରଦୀପ କୁମାର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ବ୍ରହ୍ମାନନ୍ଦ ଦାଶ ଜଗନ୍ନାଥ ଜଣାଣ ପାଠ କରିଥିଲେ। ପ୍ରଦୀପ କୁମାର ମିଶ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ ରମେଶଚନ୍ଦ୍ର ମହାରଣା ଦଶବତାର ସ୍ତୋତ୍ର ପରିବେଷଣ କରିଥିଲେ। ଗୌରାଙ୍ଗ ପଡ଼ିଆରୀ ଧନ୍ୟବାଦ ଦେଇଥିଲେ। ପ୍ରଥମ ଅଧିବେଶନରେ ଯୋଗେଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବା ବେଳେ ଚକ୍ରଧର ଦାସ, ପ୍ରଭାକର ସାହୁ, କୃଷ୍ଣମୋହନ ମହରାଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ମୁକ୍ତିଲତା ଆଇଚ, ମିତା ପଟ୍ଟନାୟକ, ସୁନାମଣି ଜେନା, ପ୍ରତିମା ମଲ୍ଲିକ, ରୁକ୍ମଣୀ ନାୟକ, ସରୋଜିନି ମହାରଣା, ରବିନାରାୟଣ ବେହେରା, ପ୍ରକାଶ ମହାରଣା, ମୃତ୍ୟୁଞ୍ଜୟ ପ୍ରଧାନ, ପ୍ରଦୀପ ଉପାଧ୍ୟାୟ, ସତ୍ୟାନନ୍ଦ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଦାସ, ହରିମୋହନ ମାଝୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ବଣ୍ଟନ

ବାଲେଶ୍ୱର,୨୦।୧୨(ସମିସ): ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗଜନ ସଶକ୍ତିକରଣ ବିଭାଗ ଅଧୀନରେ ଚାଲୁଥିବା ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ୍ ଯୋଜନା ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ପଢୁଥିବା ଯୁକ୍ତ ତିନି ପ୍ରଥମ ବର୍ଷ ଓ ତା'ଠାରୁ ଉପର ସ୍ତରରେ ଅଧ୍ୟୟନରତ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଲ୍ୟାପଟପ୍ ପ୍ରଦାନ କରାଯାଇଛି। ଏହି ଯୋଜନା ଅନ୍ତର୍ଗତ ମୋଟ ଆଠ ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ଯୋଗାଇ ଦିଆଯାଇଛି। ଏହି ଲ୍ୟାପଟପ୍‌ଗୁଡ଼ିକୁ ଜିଲ୍ଲାପାଳ, ସଦର ସବ୍-କଲେକ୍ଟର ଓ ନୀଳଗିରି ସବ୍-କଲେକ୍ଟରଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ୍ ଶିକ୍ଷା ସୁବିଧା, ସହାୟକ ପ୍ରଯୁକ୍ତି ଓ ଅନଲାଇନ୍ ଶିକ୍ଷା ସାଧନରେ ସହଜ ପ୍ରବେଶ ଦେଇ ସେମାନଙ୍କର ଶିକ୍ଷାଗତ ଅଗ୍ରଗତି ଓ ସ୍ୱାବଲମ୍ବନକୁ ସୁନିଶ୍ଚିତ କରିବା।

ବାଲେଶ୍ୱର ଉତ୍ସବ

# ୭ମ ସନ୍ଧ୍ୟାରେ ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

ବାଲେଶ୍ୱର,୨୦।୧୨(ସମିସ)



ବାଲେଶ୍ୱର ଉତ୍ସବ ୨୦୨୫ ଅବସରରେ ୱାଓ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ୧୬ ତମ ବାର୍ଷିକ ଉତ୍ସବ ପାଳନ କରୁଅଛି। ଏହି ପରିପ୍ରେକ୍ଷୀରେ ଆଜି ସପ୍ତମ ସନ୍ଧ୍ୟାରେ ସ୍ଥାନୀୟ ପୁରୁଣା ଷ୍ଟାଡିୟମ ପ୍ରାଙ୍ଗଣରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋଲକାତାର ରକ ଷ୍ଟାର ଶର୍ମିଷ୍ଠା ଓ ଓଡିଶାର ଗାୟକ ବିଶ୍ୱଜିତଙ୍କ ସଂଗୀତ ଓ ଫେମସ ମୁନା ଡ୍ୟାନ୍ସ ଗ୍ରୁପର ଚିତ୍ତାକର୍ଷକ ପ୍ରଦର୍ଶନରେ ଦୁଲୁକିଥିଲା ମଞ୍ଚ। ଅନୁଷ୍ଠାନର ସଭାପତି ଆଶିଷ ପାତ୍ର ଓ ଆବାହକ ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାରେ ଆୟୋଜିତ ଆଜିର ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ରୂପେ ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ପାରିଷଦ ଉପେନ୍ଦ୍ରନାଥ ଶତପଥୀ ଯୋଗଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପୂର୍ବତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ, ଯୁବନେତା ଭାଗବତ ସାହୁ, ପାଟ୍ରୋନ ତଥା ପାରିଷଦ ସତ୍ୟ ଶିବ ସୁନ୍ଦର ଦାସ, ସ୍ମରଣିକା ବିଭାଗ ମୁଖ୍ୟ ଭୁବନାନନ୍ଦ ଦାସ, ଆଇନ ପରାମର୍ଶଦାତା ବିଜୟ ପଣ୍ଡା, ସଦସ୍ୟ ଶକ୍ତିପଦ ରାୟ, ଉପଦେଷ୍ଟା ସୁବାସ ଦାସ, ସୁଶାନ୍ତ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ଆଜିର ମଞ୍ଚକୁ ସମ୍ପୂର୍ଣ୍ଣ ପରିଚାଳନା କରିଥିଲେ ଅନୁଷ୍ଠାନର ଅଭ୍ୟର୍ଥନା କମିଟି ମୁଖ୍ୟ ପୂର୍ବତନ ପାରିଷଦ ଚିତ୍ତରଞ୍ଜନ ପଣ୍ଡା। ଅର୍ବାନ ବ୍ୟାଙ୍କର ସଭାପତି ସୂର୍ଯ୍ୟକାନ୍ତ କର ଆଜିର କାର୍ଯ୍ୟକ୍ରମକୁ ବିଶେଷ ଅନୁଧାନ କରିଥିଲେ। ସାଂସ୍କୃତିକ ସମ୍ପାଦକ ଦୀପକ ମିଶ୍ର, ସାଙ୍ଗଠନିକ ସମ୍ପାଦକ କ୍ଷୀରୋଦ ପ୍ରଧାନ, ଆଶିଷ ପଟ୍ଟନାୟକ, ଅଭିଷେକ ବେହେରା ଓ ଅରଣ୍ୟ ପ୍ରଧାନ, ଯୁବ ସଭାପତି ଶୁଭମ ସାଇ ମହାପାତ୍ର, ଶୁଭଦୀପ ଚକ୍ରବର୍ତ୍ତୀ, ସୁମିତ ସାହୁ, ରାଜଶଙ୍କର ନାୟକ, ସଞ୍ଜୟ ଜେନା ପ୍ରମୁଖ ସହଯୋଗ କରିଥିଲେ। କମିଟିର ସାଧାରଣ ସମ୍ପାଦକ ଅରିଜିତ ଘୋଷାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ଚାଲୁଛି ଓ ଅନୁଷ୍ଠାନର ମହିଳା ସଭାନେତ୍ରୀ ଟଂଜିତା ମହାପାତ୍ର ଓ ସିପ୍ରା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ।

## ଚିନ୍ତା ବଢ଼ାଉଛି ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା

# ୨୦୨୫ରେ ଗଲାଣି ୧୨୬ ଜଣଙ୍କ ଜୀବନ

ନୟାଗଡ଼,୨୦।୧୨(ସମିସ)

ନୟାଗଡ଼ ଜିଲ୍ଲାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କଲାଣି। ୨୦୨୨ରେ ୭୬ ଜଣଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାବେଳେ ୨୦୨୫ ମସିହା ଆଜି ସୁଦ୍ଧା ୧୨୬ ଜଣଙ୍କ ମୃତ୍ୟୁ ଘଟିଲାଣି। ମୁଖ୍ୟତଃ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ନିକଟସ୍ଥ ଥାନାଗୁଡ଼ିକରେ ସର୍ବାଧିକ ମୃତ୍ୟୁ ହେଉଥିବା ସୂଚନାରୁ ଜଣାପଡ଼ିଛି।

ଆଞ୍ଚଳିକ ପରିବହନ ବିଭାଗ ତଥ୍ୟ ଅନୁସାରେ, ୨୦୨୨ରେ ୭୬ ଜଣଙ୍କ ମୃତ୍ୟୁ ଘଟିଥିଲା। ୬୯ ଜଣ ଗୁରୁତର ହୋଇଥିବାବେଳେ ୭୨ ଜଣ ସାମାନ୍ୟ ଆହତ ହୋଇଥିଲେ। ଏହି ବର୍ଷ ଦଶପଲ୍ଲା ଥାନା ଅଧୀନରେ ୧୫, ଇଟାମାଟିରେ ୧୨, ନୟାଗଡ଼ରେ ୫, ନୂଆଗାଁରେ ୧୧, ସଦର ଥାନାରେ ୪, ବାଣିଗୋଛା ଥାନା ଅଧୀନରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ୨୦୨୩ରେ ମୃତ୍ୟୁ ସଂଖ୍ୟା ୧୧୪କୁ ବୃଦ୍ଧି ପାଇଥିଲା। ୧୭୬ ଜଣ ଗୁରୁତର ଓ ୧୨୧ ଜଣ ସାମାନ୍ୟ ଆହତ ହୋଇଥିଲେ। ଜାତୀୟ ରାଜପଥ ପାଶ୍ୱର୍ ଥାନା ଭାବେ ବାଣିଗୋଛା ଥାନା ଅଧୀନରେ ୪, ଦଶପଲ୍ଲାରେ ୧୯, ନୂଆଗାଁରେ ୯, ନୟାଗଡ଼ ସଦର ଥାନା ଅଞ୍ଚଳରେ ୩, ନୟାଗଡ଼ ଟାଉନ ଥାନା ୧୦, ଇଟାମାଟି ଅଞ୍ଚଳରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ବର୍ଷ ଶରଣକୁଳ ଥାନା ଅଧୀନରେ ୧୧, ଖଣ୍ଡପଡ଼ା, ଶରଣକୁଳ, ଓଡ଼ଗାଁ ଥାନା ଅଧୀନରେ ୧୧ ଜଣ ଲେଖାଏଁ, ଚାନ୍ଦପୁର ଥାନା ଅଧୀନରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୪ରେ ମୃତ୍ୟୁ ସଂଖ୍ୟା ୧୧୨, ଗୁରୁତର ୧୮୬, ସାମାନ୍ୟ ଆହତ ୬୦ ଜଣ ହୋଇଥିଲେ। ଏହି ବର୍ଷ ବାଣିଗୋଛା ଥାନା ଅଧୀନରେ ୧୦, ଚାନ୍ଦପୁର ଥାନାରେ ୧୧, ଦଶପଲ୍ଲାରେ ୧୪, ଫତେଗଡ଼ ୪, ଗଣିଆ ୬, ଇଟାମାଟି ୭, ଖଣ୍ଡପଡ଼ା ୧୭, ନୟାଗଡ଼ ଟାଉନ ଥାନା ୭, ନୂଆଗାଁ ୧୦, ଓଡ଼ଗାଁ ୮, ରଣପୁର ୧୨, ନୟାଗଡ଼ ସଦର ଥାନା ୪, ଶରଣକୁଳ ଥାନା ଅଞ୍ଚଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୫ରେ ଅଦ୍ୟାବଧି ୧୨୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୮୧ ଜଣ ଗୁରୁତର, ୯୬ ଜଣ ସାମାନ୍ୟ ଆହତ ହୋଇଛନ୍ତି। ବାଣିଗୋଛା ଥାନା ଅଧୀନରେ ୬, ଚାନ୍ଦପୁର ଥାନା ୬, ଦଶପଲ୍ଲା ୧୪, ଫତେଗଡ଼ ୯, ଗଣିଆ ୨, ଇଟାମାଟି ୧୨, ଖଣ୍ଡପଡ଼ା ୮, ନୟାଗଡ଼ ଟାଉନ୍‌ଥାନା ୯, ନୂଆଗାଁ ୧୧, ଓଡ଼ଗାଁ ୨୦, ରଣପୁର ୧୭, ନୟାଗଡ଼ ସଦର ଥାନା ୪, ଶରଣକୁଳ ଥାନା ଅଞ୍ଚଳରେ ୮ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ବେପରୁଆ ଗାଡ଼ି ଚାଳନା ପାଇଁ ଅନେକ ଦୁର୍ଘଟଣା ଘଟୁଥିବାବେଳେ ନିଶା ସେବନ କରି ଗାଡ଼ି ଚାଳନା କରାଯିବା ଅନ୍ୟତମ କାରଣ ବୋଲି ଆଲୋଚନା ହେଉଛି। ଦୁର୍ଘଟଣା ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ରାଜ୍ୟ ସରକାର ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଜାତୀୟ ରାଜପଥ ଉପରେ ଦୁର୍ଘଟଣା ଅଧିକ ଘଟୁଥିବାବେଳେ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ଏପରିକି ଟ୍ରାଫିକ୍ ନିୟମ ଅନୁସାରେ, ରାସ୍ତାରେ ରେଡ଼ିୟମ୍ ଓ ସୂଚନାଫଳକ ଲଗାଯାଉ ନାହିଁ। ଅନ୍ୟପକ୍ଷେ ଦୁର୍ଘଟଣା କାରଣରୁ ୨୦୨୪ରେ ଗୋଟିଏ ବନ୍ୟପ୍ରାଣୀ ମୃତ୍ୟୁ ଘଟିଥିବାବେଳେ ୨୦୨୫ରେ ୫ଟି ବନ୍ୟାପ୍ରାଣୀଙ୍କ ମୃତ୍ୟୁ ଘଟିଥିବାବେଳେ ୯ଟି ଗୁରୁତର ହୋଇଥିବା ସୂଚନା ମିଳିଛି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ରଣପୁର,୨୦।୧୨(ସମିସ): ନୟାଗଡ଼ ଜିଲ୍ଲା ରାଜସୁନାଖଳା ସିନେମା ହଲ୍ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ନାବାଳକର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଆଉ ଜଣେ ଗୁରୁତର ଆହତ ହୋଇଥିବାର ସୂଚନା ମିଳିଛି। ସୂଚନା ଅନୁସାରେ, ପାନନଗର ଗ୍ରାମର ଅଜୟ ମହାନ୍ତିଙ୍କ ପୁଅ ଶୁଭମ୍ ମହାନ୍ତି(୧୬) ଓ ସଂସାରୀ ତାରେଣୀଙ୍କ ପୁଅ ରାଜେନ୍ଦ୍ର ତାରେଣୀୟ(୧୭) ଏକ ବାଇକ୍‌ରେ ଯାଉଥିଲେ। ରାଜସୁନାଖଳା ଫାଣ୍ଡି ଅନ୍ତର୍ଗତ ସିନେମା ହଲ୍ ନିକଟରେ ଭୋର୍ ସମୟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଶୁଭମ୍‌ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ରାଜେନ୍ଦ୍ର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଗୁରୁତର ରାଜେନ୍ଦ୍ରଙ୍କୁ ପ୍ରଥମେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲକି ସ୍ଥାନାନ୍ତର କରାଯାଇଛି। ଖବର ପାଇ ରାଜସୁନାଖଳା ଫାଣ୍ଡି ପୁଲିସ ଶବ ଜବତ କରି ରଣପୁର ଶବ ବ୍ୟବଚ୍ଛେଦ ଗୃହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ଅପହଞ୍ଚ ଆଦିବାସୀ ଗାଁ ମଳାସପଦର

● ରାସ୍ତା, ପାନୀୟଜଳ ମୁଖ୍ୟ ସମସ୍ୟା



ଗଣିଆ,୨୦।୧୨(ସମିସ): ସରକାର ଆଦିବାସୀଙ୍କ ବିକାଶ ପାଇଁ ଅନେକ ଯୋଜନା କରୁଛନ୍ତି, କିନ୍ତୁ ଯୋଜନାର ସଫଳ ରୂପାୟଣ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଅନେକ ଆଦିବାସୀ ଅଞ୍ଚଳ ଏବେବି ଅନ୍ଧାରୀ ମୂଲକରେ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ଆଦିବାସୀମାନେ। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍ ବଡ଼ସିଲିଙ୍ଗା ପଞ୍ଚାୟତର ଏଭଳି ଏକ ଗାଁ ହେଉଛି ମଳାସପଦର। ଏଠାରେ ୧୨ଟି ପରିବାରର ପ୍ରାୟ ୫୦ ଜଣ ଲୋକ ବାସ କରନ୍ତି। ଗାଁକୁ ନିତିଦିନିଆ ରାସ୍ତା ଖଣ୍ଡିଏ ନାହିଁ। ଜଙ୍ଗଲ ଭିତରେ ଆବଡ଼ାଖାବଡ଼ା ରାସ୍ତା ଖଣ୍ଡିଏ ଯାଇଛି, ଯେଉଁଥିରେ ଚାଲିକି ଯିବା ଅସମ୍ଭବ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ରାସ୍ତା କାଦୁଅରେ ଭର୍ତ୍ତି ହୋଇଯିବା ଫଳରେ ଯାତାୟାତରେ ବାଧା ଉପୁଜୁଛି। ପିଇବା ପାଇଁ ଶୁଦ୍ଧ ପାନୀୟଜଳ ଟୋପେ ମିଳୁନାହିଁ। ଖୋଲାଗଡ଼ିଆ ଏମାନଙ୍କ ପାଇଁ ସାହାଭରସା। ଗଡ଼ିଆରୁ ଅପରିଷ୍କାର ପାଣି ବ୍ୟବହାର କରି ଲୋକେ ନାନାଦି ବ୍ୟାଧିରେ ପଡୁଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସହିତ ବ୍ଲକ୍ ସମ୍ମୁଖରେ ଅନେକଥର ଧାରଣା ଦେଇଥିଲେ ମଧ୍ୟ ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ଗ୍ରାମରେ ବିଦ୍ୟାଳୟ ନ ଥିବାରୁ ୨ କିଲୋମିଟର ଦୂର ବଡ଼ସିଲିଙ୍ଗାକୁ ପିଲାମାନେ ପାଠ ପଢ଼ିବାକୁ ଯାଉଛନ୍ତି। ସ୍ୱାସ୍ଥ୍ୟ ସେବା କଥା ନ କହିବା ଭଲ। ତେବେ ଉକ୍ତ ଗ୍ରାମରେ ଥିବା ପ୍ରମୁଖ ସମସ୍ୟା ରାସ୍ତା ଓ ପାନୀୟଜଳ ସଙ୍କଟ ଦୂର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନିଖୋଜ ନାବାଳିକା ଉଦ୍ଧାର

● ବାଳ ସ୍ୱଧାର ଗୃହରେ ଅପହରଣକାରୀ ନାବାଳକ

ଓଡ଼ଗାଁ,୨୦।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଖୋଲା ଫାଣ୍ଡି ଅଞ୍ଚଳର ଜଣେ ନିଖୋଜ ନାବାଳିକାକୁ ଖୋଜିବାକୁ ଯାଇ ଓଡ଼ଗାଁ ଆଦର୍ଶ ଥାନା ଏସ୍‌ଆଇ ଚକ୍ରଧର ସିଂ ନାବାଳିକା ସହିତ ଅପହରଣକାରୀ ନାବାଳକଙ୍କୁ ନୟାଗଡ଼ରୁ ଉଦ୍ଧାର କରିଛନ୍ତି। ମହିଳା ଥାନା ଅଧିକାରୀ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ନାବାଳିକାର ବୟାନ ରେକର୍ଡ କରାଯାଇଥିବା ବେଳେ ଓଡ଼ଗାଁ ପୁଲିସ ପୋକ୍ସୋ ଆକ୍ଟରେ ନାବାଳକକୁ ଗିରଫ କରି ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ କରିଥିଲେ। ଜାମିନ ଖାରଜ ହେବାରୁ କୋର୍ଟ ତାକୁ ଅନୁଗୁଳ ବାଳ ସ୍ୱଧାର ଗୃହକୁ ପଠାଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ମହିଳା ଡାକ୍ତର ନ ଥିବାରୁ ନାବାଳିକାଙ୍କ ଡାକ୍ତରୀ ପରୀକ୍ଷା ହୋଇନାହିଁ। ନାବାଳିକା ଓ ନାବାଳକଙ୍କ ପରିବାର ବେଙ୍ଗାଲୁରୁରେ ରହି କାମଧନ୍ଦା କରୁଥିବାବେଳେ ସେପ୍ଟେମ୍ବର ମାସରୁ ଉଭୟେ ସେଠାରୁ ନିଖୋଜ ଥିଲେ। ଏ ନେଇ ସେପ୍ଟେମ୍ବର ୧୯ ତାରିଖରେ ଓଡ଼ଗାଁ ଥାନାରେ ଅଭିଯୋଗ ହେବା ପରେ ୨୯୦/୨୫ରେ ମାମଲା ରୁଜୁ କରି ଓଡ଼ଗାଁ ପୁଲିସ ଅନୁସନ୍ଧାନ ଜାରି ରଖିଥିଲା।

## ବାଲ୍ୟ ବିବାହ ବନ୍ଦ ପାଇଁ ଜନପ୍ରତିନିଧି ଦାୟିତ୍ୱବାନ୍ ହୁଅନ୍ତୁ




ଓଡ଼ଗାଁ,୨୦।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ସଭାଗୃହରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଓଡ଼ଗାଁ ଆନୁକୂଲ୍ୟରେ ବେଟି ବିଚାଓ, ବେଟି ବଢ଼ାଓ ବ୍ଲକ୍‌ସ୍ତରୀୟ ଏକାଭିମୁଖି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଲହଡ଼ିମାଳା ପ୍ରଧାନଙ୍କ ଆବାହନରେ ଏବଂ ବିଡିଓ ପ୍ରୀତିବାଳା ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ଗାଁ ତହସିଲ୍‌ଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତୀତରେ ପୁଣ୍ୟଭୂମି ଭାରତର ବୀରାଙ୍ଗନାମାନଙ୍କ ବୀରତ୍ୱର ପରାକାଷ୍ଠା ବିଷୟରେ ମନେପକାଇ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଓଡ଼ଗାଁ ବ୍ଲକ୍‌ରେ ବହୁ ସଂଖ୍ୟାରେ ଚାଲିଥିବା ବାଲ୍ୟ ବିବାହକୁ ରୋକିବା ନିମନ୍ତେ ଜନପ୍ରତିନିଧିମାନେ ଦାୟିତ୍ୱବାନ ହେବାକୁ ବିଡିଓ ମନ୍ତବ୍ୟ ରଖିଥିବାବେଳେ ମାଆ ଚାହିଁଲେ କନ୍ୟା ଶିଶୁକୁ ଜନ୍ମ ଦେବା ପାଇଁ କେହି ରୋକିପାରିବେ ନାହିଁ ବୋଲି ଡା. ଦୀପକ ବଳ ସମସ୍ତଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ଝିଅମାନେ ପାଠୋଇ ଏବଂ ଉଚ୍ଚ ଶିକ୍ଷିତ ହେଲେ ସେମାନଙ୍କ ପ୍ରତି ହେଉଥିବା ଅବହେଳାକୁ ଏଡ଼ାଇବା ସମ୍ଭବ ହୋଇପାରିବ ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜକିଶୋର ସାହୁ ଉପସ୍ଥିତ ବିଭିନ୍ନ ଲାଇନ୍ ବିଭାଗ କର୍ମଚାରୀ ଏବଂ ପଞ୍ଚାୟତ ଜନପ୍ରତିନିଧିଙ୍କୁ କହିଥିଲେ। କିଶୋରୀଙ୍କୁ ସଶକ୍ତ କରିବା ପାଇଁ ଉପଯୁକ୍ତ ଶିକ୍ଷା ସହିତ ପୋଷଣଯୁକ୍ତ ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ବ୍ଲକ୍ ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ସୁରଜ କୁମାର ବେହେରା ବକ୍ତବ୍ୟ ରଖିଥିବାବେଳେ ସି ଥ୍ରୀ ଇଣ୍ଡିଆ ନୟାଗଡ଼ ଜିଲ୍ଲା ସଂଯୋଜକ ସୁକେଶ ମିର୍ଦ୍ଧା ଏବଂ ବ୍ଲକ୍ ସଂଯୋଜକ ପ୍ରଭୁ ଶଙ୍କର ବାଘେଲ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ୪ ଶିକ୍ଷକଙ୍କୁ ଅବସର ଓ ବିଦାୟକାଳୀନ ସମ୍ବର୍ଦ୍ଧନା

ରଣପୁର,୨୦।୧୨(ସମିସ): ରଣପୁର ଶିକ୍ଷାବିଭାଗ ଅନ୍ତର୍ଗତ ନରସିଂହପୁର କ୍ଲଷ୍ଟରର ନାଟିମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ ଜଣ ଶିକ୍ଷକଙ୍କ ଅବସର ଓ ବିଦାୟକାଳୀନ ଉପଲକ୍ଷେ ଏକ ଗରିମାମୟ ସମ୍ବର୍ଦ୍ଧନା ସଭା ଶନିବାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ଶିକ୍ଷକ ଓ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକମାନେ ସମାଜର ମେରୁଦଣ୍ଡ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରିଣୀ ଲକ୍ଷ୍ମୀ ଦେଇ ଶିକ୍ଷକଙ୍କ ନିଷ୍ଠା, ତ୍ୟାଗ ଓ ଶିକ୍ଷା ପ୍ରତି ସମର୍ପଣକୁ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ମହାସଚିବ ଜ୍ୟୋତି ରଞ୍ଜନ ଦାଶ, ପ୍ରାକ୍ତନ ସାଧନ କେନ୍ଦ୍ର ସଂଯୋଜକ ଶକ୍ତି ପ୍ରସାଦ ଆଚାର୍ଯ୍ୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୀଳାଦ୍ରି ବିହାରୀ ସୁବୁଦ୍ଧି, ସାଧନ କେନ୍ଦ୍ର ସଂଯୋଜକ ସୁଶୀଲ କୁମାର ରଣା, ଶିକ୍ଷାବିତ୍ ଜଗନ୍ନାଥ ଦାଶ ଓ ବ୍ରଜବନ୍ଧୁ ଜେନା, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ରାଉତରାୟ, ସମାଜସେବୀ ବସନ୍ତ ଦାଶ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକତାରୁ ଅବସର ଗ୍ରହଣ କରିଥିବା ମନୋଜ କୁମାର ବିଶ୍ୱାଳ, ପ୍ରଭାକର ଭୋଇ, ପ୍ରଫୁଲ୍ଲ ପ୍ରଧାନ ଓ ପଦୋନ୍ନତି ପାଇ ଅନ୍ୟତ୍ର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ମନୋରଞ୍ଜନ ମହାରଣାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

## କ୍ଲଷ୍ଟରସ୍ତରୀୟ ସ୍ୱାଗତ ସମ୍ବର୍ଦ୍ଧନା ସଭା




ଶରଣକୁଳ,୨୦।୧୨(ସମିସ): ଶରଣକୁଳ କ୍ଲଷ୍ଟରସ୍ତରୀୟ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ମାସିକ ବୈଠକ ଶନିବାର କରଡ଼ା ହରିହରପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ସିଆର୍‌ସିସି ରାଜ କିଶୋର ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ପୂର୍ବତନ ସିଆର୍‌ସିସି ଗୋଦାବରୀ ବସନ୍ତିଆଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନବ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ରୂପେ ହରିହରପୁର ପଞ୍ଚାୟତ ସରପଞ୍ଚ ବିଳାସିନୀ ଦେଇ ଯୋଗଦେଇଥିବା ବେଳେ ବିଆର୍‌ସିସି ରଘୁନାଥ ମଲ୍ଲିକ ମୁଖ୍ୟବକ୍ତା, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ରାଜ କିଶୋର ସାହୁ, ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ, ବିଦ୍ୟାଳୟ ସଭାପତି ଅନାଦି ଚରଣ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉଭୟ ସିଆର୍‌ସିସି ଶ୍ରୀ ନାୟକ ଓ ଶ୍ରୀ ବସନ୍ତିଆଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ଗୁଣାବଳୀ ଉପରେ ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ମନୋଜ ସାହୁ, ବଳଭଦ୍ର ବରାଡ଼, ସୁକାନ୍ତି ଦେଇ, ଗୀତାରାଣୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସୁମତି ଦେଇ ଧନ୍ୟବାଦ ଦେଇଥିଲେ।

## ଆବଣ୍ଟନ ହେବ ଦୋକାନ ଗୃହ

ଓଡ଼ଗାଁ,୨୦।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ଗଣେଶ ବଜାରରେ ପୁନଃ ନିର୍ମାଣ ହୋଇଥିବା ୧୮ଟି ଦୋକାନ ଗୃହକୁ ବିଜ୍ଞପିତ ଅଞ୍ଚଳ ପରିଷଦ ଓଡ଼ଗାଁ ତରଫରୁ ଆଗାମୀ ୧୫ ବର୍ଷ ନିମନ୍ତେ ଭଡ଼ା ସୂତ୍ରରେ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଭଡ଼ା ନେବାକୁ ଆଗ୍ରହୀ ଆବେଦନକାରୀ ଆସନ୍ତା ଜାନୁଆରୀ ୩ ତାରିଖ ଅପରାହ୍ଣ ୪ଟା ସୁଦ୍ଧା କାର୍ଯ୍ୟାଳୟରେ ନିଜର ଦରଖାସ୍ତ ପ୍ରଦାନ କରିପାରିବେ। ଆବେଦନକାରୀ ଆବେଦନ ପାଇଁ ଉଦ୍ଦିଷ୍ଟ ଫର୍ମ ନିମନ୍ତେ ୫୦୦ ଟଙ୍କା ଏବଂ ରେଡ୍‌କ୍ରସ ପାଇଁ ୨୦୦ ଟଙ୍କା ମୋଟ୍ ୭୦୦ ଟଙ୍କା ଅଣଫେରସ୍ତ ଭାବେ ଦେଇ ବିଜ୍ଞପିତ ଅଞ୍ଚଳ ପରିଷଦରୁ ଫର୍ମ ନେବେ। ଅଧିକ ସୂଚନା ନିମନ୍ତେ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିପାରିବେ ବୋଲି ଜଣାପଡ଼ିଛି।

## ଜରାଜୀର୍ଣ୍ଣ ଅବସ୍ଥାରେ ସରକାରୀ ବାସଗୃହ



ଗଣିଆ,୨୦।୧୨(ସମିସ): ବିଭିନ୍ନ ସ୍ଥାନରେ ସରକାରୀ କର୍ମଚାରୀଙ୍କ ରହିବା ନିମନ୍ତେ ବାସଗୃହଗୁଡ଼ିକ ନିର୍ମାଣ କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ସମୟାନୁକ୍ରମେ ବାସଗୃହଗୁଡ଼ିକ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ। କେଉଁଠି ବାସଗୃହଗୁଡ଼ିକ ଭାଙ୍ଗିଯାଇ ମାଟିରେ ମିଶିଲାଣି ତ ପୁଣି କେଉଁଠି ବାସଗୃହ ମଧ୍ୟରେ ଅନାବନା ଗଛଲତା ଉଠି ତାହା ବିଷଧର ସରୀସୃପଙ୍କ ନିମନ୍ତେ ନିରାପଦ ଆଶ୍ରୟସ୍ଥଳ ପାଲଟିଲାଣି।

ଗଣିଆ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ବାସଗୃହଗୁଡ଼ିକର ପୁନରୁଦ୍ଧାର ଦିଗରେ ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାବେଳେ ବ୍ଲକ୍‌ରେ କାର୍ଯ୍ୟରତ କର୍ମଚାରୀମାନେ ସରକାରୀ ବାସଗୃହ ଅଭାବରୁ ବାଧ୍ୟ ହୋଇ ବାହାରେ ଘରଭଡ଼ା ନେଇ ରହୁଛନ୍ତି। ସେହିପରି ତହସିଲ୍ ପ୍ରଶାସନ, ଶିକ୍ଷା, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ପୂର୍ତ୍ତ, ବନ ବିଭାଗ, ପୁଲିସ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ ସମେତ ଅନ୍ୟ ବିଭାଗଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀଙ୍କ ରହିବା ନିମନ୍ତେ ଦୀର୍ଘ ବର୍ଷ ପୂର୍ବରୁ ଏକାଧିକ ସରକାରୀ ବାସଗୃହ ନିର୍ମାଣ କରାଯାଇଥିଲା। ବିଶେଷକରି ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କ୍ୱାର୍ଟରଗୁଡ଼ିକ ଭାଙ୍ଗିରୁଜି ଯାଇଥିବାବେଳେ ଖୋଦ୍ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଭଙ୍ଗା ଦଦରା ଘରେ ରହୁଛନ୍ତି। ଅନେକ ବାସଗୃହ କର୍ମଚାରୀମାନଙ୍କ ସେବାରେ ଲାଗୁ ନ ଥିବାବେଳେ ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ ବାସଗୃହଗୁଡ଼ିକରୁ କବାଟ, ଝରକା, ଲୁହା ଗ୍ରୀଲ୍, ଚଉକାଠ, ଟିଣ ଓ ଆଜ୍‌ବେଷ୍ଟସ୍ ଆଦି ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଉଥିବା ଅଭିଯୋଗ ହେଉଛି। ତେଣୁ ସରକାରୀ ବାସଗୃହଗୁଡ଼ିକର ପୁନରୁଦ୍ଧାର ଦିଗରେ ସ୍ଥାନୀୟ ପ୍ରଶାସନ ଓ ବିଭିନ୍ନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଲେଙ୍କୁଡ଼ିପଡ଼ାରେ ଚାନ୍ଦୁଆ ପ୍ରଶିକ୍ଷଣ ଶିବିର




ନୟାଗଡ଼,୨୦।୧୨(ସମିସ): ଭାରତ ସରକାରଙ୍କ କ୍ଷୁଦ୍ର, ମଧ୍ୟମ ଓ ଲଘୁ ଉଦ୍ୟୋଗ ମନ୍ତ୍ରାଣାଳୟ ଓ ଏମ୍‌ଏସ୍‌ଏମ୍‌ଇ, ଡିଏଫ୍‌ଓ କଟକ ଆନୁକୂଲ୍ୟରେ ଅତ୍ୟାଧୁନିକ ଚାନ୍ଦୁଆ ତିଆରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଲେଙ୍କୁଡ଼ିପଡ଼ା ଗ୍ରାମରେ ଉଦ୍‌ଘାଟିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ପରିବାର ଅନୁଷ୍ଠାନ ସହଯୋଗରେ ଏହି କାର୍ଯ୍ୟକ୍ରମ ୩୦ ଜଣ ମହିଳାଙ୍କୁ ନେଇ ଏକ ମାସ ଧରି ଅନୁଷ୍ଠିତ ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ସହକାରୀ ନିର୍ଦ୍ଦେଶକ ସୋହେନଲାଲ ଖାଡ଼ଙ୍ଗା ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ସମ୍ପଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାଙ୍କୁ ସାବଲମ୍ବୀ ହେବାକୁ ଏହିଭଳି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ସଦର ବ୍ଲକ୍ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବ୍ଲକ୍ କାର୍ଯ୍ୟକ୍ରମ ଅଧିକାରିଣୀ ସସ୍ମିତା ମଲ୍ଲିକ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ତାଲିମ କାର୍ଯ୍ୟକ୍ରମ ପ୍ରଶିକ୍ଷିକା ରତ୍ନ ମଞ୍ଜରୀ ମହାନ୍ତି ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିବାର ଅନୁଷ୍ଠାନ ସମ୍ପାଦକ ପ୍ରମୋଦ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଲେଙ୍କୁଡ଼ିପଡ଼ା ଏମ୍‌ବିକେ ବିନୋଦିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନୟାଗଡ଼ରେ ମେଡିକାଲ କଲେଜ ସ୍ଥାପନା ଦାବି

# ସହରରେ ବିଶାଳ ମଶାଲ ଶୋଭାଯାତ୍ରା

ନୟାଗଡ଼,୨୦।୧୨(ସମିସ)




ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନା ଦାବି ଜୋର୍‌ଦାର୍ ହୋଇଛି। ଶନିବାର ଜୟ ନୟାଗଡ଼ ଫାଉଣ୍ଡେସନ ଆନୁକୂଲ୍ୟରେ ବିଶାଳ ମଶାଲ ଶୋଭାଯାତ୍ରା କରାଯିବା ସହ ତୁରନ୍ତ ନୟାଗଡ଼ରେ ମେଡିକାଲ କଲେଜ ସ୍ଥାପନ ପାଇଁ ଦାବି କରାଯାଇଛି। ନୟାଗଡ଼ରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ଏକ ବିଶାଳ ମଶାଲ ଶୋଭାଯାତ୍ରା ପୁରୁଣା ସହର ଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ କରି ପୂର୍ତ୍ତ ବିଭାଗ ବଙ୍ଗଳା ଦେଇ ନୟାଗଡ଼ ଟ୍ରାଫିକ୍ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ, ସାମ୍ବାଦିକ ଭବନ, ମା' ଫାଉଣ୍ଡେସନ, ଅନେକ ଅଗ୍ରଣୀ ସଂଗଠନ ସମେତ ଶତାଧିକ ନୟାଗଡ଼ିଆ ଏହି ଶୋଭାଯାତ୍ରାରେ ଯୋଗଦେଇ ସ୍ଲୋଗାନ ଏବଂ ମଶାଲ ସାହାଯ୍ୟରେ ନୟାଗଡ଼ିଆଙ୍କ ଦାବିକୁ ସରକାରଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଏକ ଅଭିନବ ପ୍ରତିବାଦ କରିଛନ୍ତି।

ଜିଲ୍ଲାର ଭୌଗୋଳିକ ଅବସ୍ଥିତି ଓ ଗମନାଗମନ ସୁବିଧା ଅନୁଯାୟୀ, ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଗଲେ ନୟାଗଡ଼ର ୮ଟି ବ୍ଲକ୍‌ର ଜନସାଧାରଣ ସମେତ ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବ୍ଲକ୍, କଟକ, ବୌଦ୍ଧ ଓ ଗଞ୍ଜାମ ଜିଲ୍ଲାର ଲୋକମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ। ନୟାଗଡ଼ର ଉପାନ୍ତ ଅଞ୍ଚଳ କୁଜାମେଣ୍ଢିଠାରୁ ନୟାଗଡ଼ ୮୧ କିମି, ଚାନ୍ଦପୁରଠାରୁ ୫୦ କିମି, କୁତୁରିଠାରୁ ୮୭ କିମି, ଛାମୁଣ୍ଡିଆଠାରୁ ୭୨ କିମି, ରାସଙ୍ଗଠାରୁ ୬୧ କିମି, ରୋହିବାଙ୍କଠାରୁ ୪୦ କିମି ଦୂରତାରେ ଜିଲ୍ଲା ସଦର ମହକୁମା ଅବସ୍ଥିତ। ତେଣୁ ଭୌଗୋଳିକ ଦୃଷ୍ଟିରୁ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ଯଥାର୍ଥ ବୋଲି କୁହାଯାଇଛି। ନୟାଗଡ଼ ଜିଲ୍ଲାର ଜନସାଧାରଣଙ୍କ ତରଫରୁ ଶନିବାର ମଶାଲ ଶୋଭାଯାତ୍ରା ମାଧ୍ୟମରେ ସରକାରଙ୍କ ନିକଟରେ ସଦର ମହକୁମାରେ ନୟାଗଡ଼ ମେଡିକାଲ କଲେଜ ପ୍ରତିଷ୍ଠା ଦାବି କରାଯାଇଥିବା ବେଳେ ଏ ଆନ୍ଦୋଳନ ଆହୁରି ତୀବ୍ରତର ହୋଇ ରାଜଧାନୀର ରାଜରାସ୍ତାରେ ଚାଲିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଜୟ ନୟାଗଡ଼ ଫାଉଣ୍ଡେସନର ପ୍ରତିଷ୍ଠାତା ଶେଖ୍ ଅବ୍‌ଦୁଲ ଆହାଦ, ସମାଜସେବୀ ପ୍ରମୋଦ ପଟ୍ଟନାୟକ, ପ୍ରକୃତି ବନ୍ଧୁ ଶ୍ରୀଧର ପ୍ରଧାନ, ବରିଷ୍ଠ ନେତା ମନୋଜ ସାହୁ, ବରିଷ୍ଠ ସାମ୍ବାଦିକ ବୈଦ୍ୟଭୂଷଣ ମହାପାତ୍ର, ସାମ୍ବାଦିକ ଅନିଲ କୁମାର ପଣ୍ଡା, ଦେବାଶିଷ ମହାପାତ୍ର, ଭୁବନ ହାତୀ, ରଜତ ପଟ୍ଟନାୟକ, ଛାତ୍ର ସଂଗଠକ ଶିବ ରଞ୍ଜନ ସାହୁ, ସଂଗଠନ ସଂଯୋଜକ ଶ୍ରୀତମ କୁମାର ପ୍ରଧାନ, ସଂଯୋଜକ ଅମ୍ଳାନ ଅଂଶୁମାନ ସାହୁ, ଜୀବନ ଜ୍ୟୋତିପ୍ରକାଶ ରାଉତ, ମିଡିଆ ସେଲ ସଂଯୋଜକ ଅରବିନ୍ଦ ପାଢ଼ୀ, ଅବଦୁଲ ଆଜିମ ଖାନ୍, ଇମ୍ରାନ ଖାନ୍ ସମେତ ଅନେକ ଛାତ୍ର ଓ ଯୁବ ସଂଗଠକ ଯୋଗଦେଇଥିଲେ। ଫାଉଣ୍ଡେସନ ତରଫରୁ ଶେଖ୍ ଅବ୍‌ଦୁଲ ଆହାଦ ଜିଲ୍ଲାର ସମସ୍ତ ସାମ୍ବାଦିକ ଓ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ଲଢୁଥିବା ସମସ୍ତ ସଂଗଠନକୁ ଧନ୍ୟବାଦ ଦେବା ସହ ସେମାନେ ନିଜ ସ୍ୱରକୁ ଆହୁରି ଶାଣିତ କରିବା ନିମନ୍ତେ ଅନୁରୋଧ କରାଯାଇଛି।

### ନୂଆଗାଁରୁ ଉଠିଲା ସ୍ୱର

ନୟାଗଡ଼ ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ନିର୍ମାଣ ନ କରି ନୟାଗଡ଼ ଜିଲ୍ଲାର ସୀମାନ୍ତରେ ଥିବା ରଣପୁର ବ୍ଲକ୍‌ର ଚାନ୍ଦପୁରଠାରେ ମେଡିକାଲ କଲେଜ ନିର୍ମାଣ କରିବା ପାଇଁ ବିଧାନସଭାରେ ଦାବି ଉଠିବା ପରେ ଏବେ ଏହାକୁ ଦଳମତ ନିର୍ବିଶେଷରେ ସମୂହ ପ୍ରତିବାଦ ପାଇଁ ସ୍ୱର ଉଠିଛି। ଶନିବାର ନୂଆଗାଁ ବ୍ଲକ୍‌ରେ ଅନୁରୂପ ଭାବେ ନୟାଗଡ଼ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ନୂଆଗାଁ ବିଜୁ ଯୁବ ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆବାହକ ଗୋଦାବରୀ ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ସହରରେ ମେଡିକାଲ୍ କଲେଜ ପ୍ରତିଷ୍ଠା ହେଲେ ସମସ୍ତ ବ୍ଲକ୍‌ର ଜନସାଧାରଣ ବେଶ୍ ଫାଇଦା ପାଇପାରିବେ। ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ଉଠିଛି। ପ୍ରତ୍ୟେକଟି ଦିଗକୁ ଲକ୍ଷ୍ୟ କଲେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟର ସୁବିଧା ମଧ୍ୟ ପାଇପାରିବେ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ନିର୍ମାଣ ହେବାକୁ ଥିବା ମେଡିକାଲ୍ କଲେଜ୍ ପାଇଁ ଜିଲ୍ଲା ସଦର ମହକୁମାଠାରେ ପ୍ରସ୍ତାବ ରହିଥିବାବେଳେ ନୟାଗଡ଼ ଜିଲ୍ଲା ପ୍ରତି ସରକାରଙ୍କ ରହିଥିବା ବୈମାତୃକ ମନୋଭାବକୁ କୌଣସି ପ୍ରକାରେ ଗ୍ରହଣ କରାଯିବ ନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଶେଷରେ ବିଜୁ ଯୁବ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ନୂଆଗାଁ ବଜାର ଅଭିମୁଖେ ଯାଇଥିଲା। ଏହି ବୈଠକରେ ନୂଆଗାଁ ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଦିଲ୍ଲୀପ କୁମାର ଦଳବେହେରା, ନିରଞ୍ଜନ ମିଶ୍ର, ସନ୍ତୋଷ ପ୍ରଧାନଙ୍କ ସମେତ ଅନେକ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

● ୧୪ ବର୍ଷ ପରେ ବୃଦ୍ଧଙ୍କୁ ହତ୍ୟା ମାମଲାର ରାୟ

# ଶଳା ଓ ଭିଣୋଇଙ୍କୁ ଆଜୀବନ କାରାଦଣ୍ଡ

ଖୋର୍ଦ୍ଧା,୨୦।୧୨(ସମିସ): ଟାଙ୍ଗୀ ଥାନା ଅନ୍ତର୍ଗତ ହଳଦିଆପାଟଣା ଗ୍ରାମର ବୃନ୍ଦାବନ ରାଉତ ହତ୍ୟାକାଣ୍ଡ ମାମଲାର ରାୟ ଦୀର୍ଘ ୧୪ ବର୍ଷ ପରେ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ ରଞ୍ଜୁଲତା ଲେଙ୍କା ଆଜି ଦୁଇଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ ଦଣ୍ଡାଦେଶ ରାୟରେ ଉଲ୍ଲେଖ ରହିଛି।

ଅଭିଯୁକ୍ତ ଦ୍ୱୟ ହେଲେ ସମ୍ପର୍କରେ ଶଳା ଓ ଭିଣୋଇ। ସେମାନେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ କୋଚିଲା ଗ୍ରାମର ମଣି ଓରଫ ନାରାୟଣ ଅରିସଲ ଓ ହଳଦିଆପାଟଣା ଗ୍ରାମର ପ୍ରଫୁଲ୍ଲ କୁମାର ରାଉତ। ଏହି ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ପ୍ରଫୁଲ୍ଲର ସାନଭାଇ ମନୋଜ ଏବେ ବି ଫେରାର ରହିଛି। ତେବେ ମୁଖ୍ୟ ଅଭିଯୁକ୍ତ ବାପା ସୁବଳଙ୍କ ପୂର୍ବରୁ ମୃତ୍ୟୁ ଘଟିଛି। ଗତ ୨୦୧୧ ଏପ୍ରିଲ ୧୪ରେ ମୃତକଙ୍କ ବୋହୂ ପ୍ରତିମା ରାଉତ ତାଙ୍କ ଶଶୁରଙ୍କୁ କେହି ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ରେଳ ଧାରଣାରେ ଫୋପାଡି ଚାଲିଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ଏହି ମାମଲାରେ ପୁଲିସ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଏହି ମାମଲା ବିଚାରାଧୀନ ରହିଥିଲା। ଆଜି ଏହି ମାମଲାର ଶୁଣାଣି କରି ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ ୨୭ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ଦ୍ୱୟଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ଓ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରଜନୀକାନ୍ତ ପଟ୍ଟନାୟକ ଏହି ମାମଲା ପରିଚାଳନା କରିଥିଲେ।

# ରାଜପଥ କାମରେ ଚୋରା ମୋରମ ମାଟି ବ୍ୟବହାର



ବାଲୁଗାଁ, ୨୦।୧୨(ସମିସ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଚିଲିକା ତହସିଲ ଅଞ୍ଚଳରେ ବ୍ୟାପକ ପରିମାଣରେ ମୋରମ ମାଟି ଚୋରା ଚାଲାଣ ହେଉଥିବା ବେଳେ ଏହି ଅଞ୍ଚଳ ମାଫିଆଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। କିଛି ଦିନ ନୀରବତା ପରେ ପୁଣି ମୋରମ ମାଟି ମାଫିଆ ମାନେ ସକ୍ରିୟହୋଇ ଉଠିଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟୁଛି। ଅନୁମତି ନ ଥାଇ ୫ ନମ୍ବର ଜାତୀୟ ରାଜପଥର ବାଲୁଗାଁ ଠାରୁ ଇଁଜନପୁର ରାସ୍ତା ଉଭୟ ପାଶ୍ୱର୍ କାର୍ଯ୍ୟରେ ବିପୁଳ ଚୋରା ମୋରମ ମାଟି ବ୍ୟବହାର ହେଉଥିବା ସହ ବାଲୁଗାଁ ବାଣପୁର ତଥା ଚିଲିକା ଅଞ୍ଚଳର ବିଭିନ୍ନ ସରକାରୀ ରାସ୍ତା ଓ ବେସରକାରୀ କାର୍ଯ୍ୟରେ ବେଆଇନ ଭାବେ ବିପୁଳ ପରିମାଣରେ ଚୋରା ମୋରମ ମାଟି ବ୍ୟବହାର ହେଉଥିବା ନେଇ ସ୍ଥାନୀୟଲୋକ ବାରମ୍ବାର ଅଭିଯୋଗ କରିଆସୁଛନ୍ତି।

ଚିଲିକା ତହସିଲ ଅଧିନ ଅଞ୍ଚଳରେ ଥିବା ସୈରାତ ବିଗତ ପ୍ରାୟ ୧୦ବର୍ଷ ତଳେ ବାର୍ଷିକ ନିଲାମ ହେଉଥିବା ବେଳେ କିଛି ବର୍ଷ ହେବ ନିଲାମ ବନ୍ଦ ହୋଇଯିବା ପରେ ତହସିଲଦାରଙ୍କୁ ରାଜ୍ୟ ସରକାର କ୍ଷମତା ଦେଇଥିଲେ। କୌଣସି ବ୍ୟକ୍ତିଙ୍କର ଗୃହ କିମ୍ବା ରାସ୍ତା କାର୍ଯ୍ୟ ପାଇଁ ମୋରମ ମାଟି ଆବଶ୍ୟକ ପଡ଼ିଲେ ତହସିଲଦାରଙ୍କ ନିକଟରେ ଟିକସ ବାନ୍ଧି ଆଦେଶ ଆଣି ମାଟି ଖୋଳି ଆଣିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ କିଛି ବର୍ଷ ଚାଲିବା ପରେ ଏସବୁ ବନ୍ଦ ହୋଇ ଯାଇଛି। ବର୍ତ୍ତମାନ ଜିଲ୍ଲା ଲଘୁ ଖଣିଜ ଦ୍ରବ୍ୟ ଅଧିକାରୀଙ୍କ ଉପରେ ସରକାର ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ୨୦୨୪ ଅପ୍ରେଲ ଠାରୁ ଲଘୁ ଖଣିଜ ଦ୍ରବ୍ୟ ସୈରାତ ନିଲାମଠାରୁ ଆରମ୍ଭ କରି ଜରିମାନା ଆଦାୟ କ୍ଷମତା ଖଣି ବିଭାଗ ହାତକୁ ଚାଲିଯାଇଛି। ଫଳରେ ଚୋରି ରୋକିବା ଉପରେ ପ୍ରଶାସନର ତତ୍ପରତା ଦେଖାଯାଉ ନଥିବା ପ୍ରତୀୟମାନ ହେଉଛି। ମାଫିଆ ମାନେ ସ୍ଥାନୀୟ ନେତାଙ୍କୁ

## ରାଜସ୍ୱ ହାନି ସତ୍ତ୍ୱେ ପ୍ରଶାସନ ନିରବଦ୍ରଷ୍ଟା

ହାତ କରି ଓ ପ୍ରଶାସନିକ ଅଧିକାରୀ ମାନଙ୍କୁ ମାସିକିଆ ବଟି ଦେଇ ଏଭଳି ମୋରମ ମାଟି ଲୁଟପାଟ ଚଳାଇଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଚିଲିକା ତହସିଲ ଅଧିନସ୍ଥ ବଡ଼କୁଳ ରାଜସ୍ୱ ସର୍କଲର ବିଭିନ୍ନ ସ୍ଥାନରୁ ମୋରମ ମାଟି ଲୁଟ କରାଯାଇ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଠାରୁ ଆରମ୍ଭ କରି ରାସ୍ତା ପାଶ୍ୱର୍ ଖାଲଖମା ପରିପୂର୍ଣ୍ଣ କରିବା ସହ ବାଲୁଗାଁ ଏନଏସିର ବିଭିନ୍ନ ରାସ୍ତା କାମ ସମେତ ବହୁ ସରକାରୀ କାର୍ଯ୍ୟ ଓ ବିଭିନ୍ନ ଘରୋଇ କାର୍ଯ୍ୟରେ ବେଆଇନ ଭାବେ ଉକ୍ତ ମାଟି ବିପୁଳ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଚିଲିକା ତହସିଲ ଅଧିନସ୍ଥ ବଡ଼କୁଳ, ସାନ ନଇରୀ, ବାଲୁଗାଁ ଓ ଆଙ୍କୁଲା ରାଜସ୍ୱ ସର୍କଲରେ ମୋରମ୍ ମାଟି ମାଫିଆ ମାତି ଖୁଲମ ଖୁଲା ମୋରମ ଚୋରା ଚାଲାଣ ଚଲାଇଛନ୍ତି।

ଏ ସଂପର୍କରେ ଜିଲ୍ଲା ଲଘୁ ଖଣି ବିଭାଗ ଅଧିକାରୀ ଜଗନ ବେହେରା କହିଛନ୍ତି ଆମେ କାହାରିକୁ ମୋରମ ମାଟି ବ୍ୟବହାର ପାଇଁ ଅନୁମତି ଦେଇ ନାହୁଁ। ଏହାର ତଦନ୍ତ କରି ସଂପୃକ୍ତ ଲୁଟେରାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଚିଲିକା ବିଧାୟକ ତଥା ସରକାରଙ୍କ ଖୋଦ ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଏଭଳି ମୋରମ ମାଟି ଚୋରା ଚାଲାଣ ହୋଇ ସରକାରୀ କାର୍ଯ୍ୟରେ ବ୍ୟବହାର ହେଉଥିବାରୁ ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ ଦାବି ହେଉଛି।

## ଭାଇ ଆକ୍ରମଣରେ ଭଉଣୀ ଗୁରୁତର

ଜଟଣୀ,୨୦।୧୨(ସମିସ): ପରିବାର ମଧ୍ୟରେ ଭଡା ଟଙ୍କା ଭାଗବଣ୍ଟାକୁ ନେଇ ଭାଇ ଆକ୍ରମଣରେ ଭଉଣୀ ଗୁରୁତର ଆହତ ହୋଇ ଆଇନର ଆଶ୍ରୟ ନେଇଛନ୍ତି। ଅଭିଯୁକ୍ତ ଭାଇ ଆଜି ଗିରଫ ହୋଇ କୋର୍ଟ ଚାଲାଣ କରାଯାଇଛି। ଜଟଣୀ ଥାନା ଅନ୍ତର୍ଗତ ଚିନ୍ତାମଣି ନଗର ନାଳିମଠ ନିକଟରେ ପ୍ରିୟଙ୍କା ବେହେରା ସପରିବାର ରୁହନ୍ତି। ଚଳିତ ମାସ ୧୭ ତାରିଖ ରାତିରେ ପ୍ରିୟଙ୍କା ଘରେ ଶୋଇଥିବା ବେଳେ ତାଙ୍କ ଦୁଇ ଭାଇ ଆସି ତାଙ୍କ ସହିତ ଯୁକ୍ତିତର୍କ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ବାପାଙ୍କ ମୁଣ୍ଡ ଓ ଗୋଡ଼ରେ ଶକ୍ତ ଆଘାତ ଲାଗିଥିଲା ବେଳେ ଜେଜେ ମା'ଙ୍କ ହାତରେ ମଧ ଆଘାତ ଲାଗି ଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ଜଟଣୀ ଥାନାରେ ପ୍ରିୟଙ୍କା ଲିଖିତ ଅଭିଯୋଗ କରିଥିଲେ। ଆଜି ଜଟଣୀ ପୁଲିସ ଅଭିଯୁକ୍ତ ପପି ଓରଫ ପ୍ରତାପ ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ

ବେଗୁନିଆ,୨୦।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ପରିଛଳ ଗ୍ରାମ ନିକଟରେ ବେଆଇନ ଭାବେ ଚାଲାଣ ହେଉଥିବା ଏକ ପଥର ବୋଝେଇ ଟ୍ରାକ୍ଟରକୁ ପୁଲିସ ଜବତ କରିବା ସହ ଚାଳକକୁ ଗିରଫ କରି କୋର୍ଟ ଚାଲାଣ ହୋଇଛି। ବେଗୁନିଆ ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଉପନୀରିକ୍ଷକ ପ୍ରଦୀପ୍ତା ରାଉତରାୟ ଶନିବାର ପୂର୍ବାହ୍ନରେ ପୁଲିସ କର୍ମଚାରୀଙ୍କ ସହ ପହଞ୍ଚି ଟ୍ରାକ୍ଟର ଚାଳକ ଅଜୟ ପରିଡାଙ୍କୁ ଧରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

## କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଟାଙ୍ଗୀ,୨୦।୧୨(ସମିସ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କୁହୁଡି ଉଚ ପ୍ରାଥମିକ ବିଦ୍ୟାଳୟର କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସତ୍ୟଭାମା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଂପାଦକ ବିଜୟ କୁମାର ରାଉତ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସମ୍ମାନିତ ଅତିଥି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷିକା ରଞ୍ଜୁବାଳା ଚମ୍ପତିରାୟ ପ୍ରମୁଖ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସମରେଶ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶୈଳବାଳା ମହାରଣା, ସୁଚିତ୍ରା ରାଉତରାୟ, ନିରୁପମା ବେହେରା, ସସ୍ମିତା ଦଳବେହେରା, କଳ୍ପନା ରାଉତରାୟ, ତନୁଜା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ କାହ୍ନୁ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ଟାଙ୍କୋଳ ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନିରାକାରପୁର,୨୦।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍କୋଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୫୧ ବର୍ଷ ପୂର୍ତ୍ତି ଅବସରରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏସ ଏମ୍ ସି ସଭାପତି ଭାଗିରଥି ବେହେରାଙ୍କ ସଭାପତିତ୍ୱରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବନ କୁମାର ପ୍ରଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭିକାରୀ ଚରଣ ରଥ, ମୁଖ୍ୟବକ୍ତା ଭୋବନୀ ସାହୁ, ସମ୍ମାନିତ ଅତିଥି ରୂପେ ପୂର୍ବତନ ପ୍ରଧାନଶିକ୍ଷକ କୁଳମଣି ଜେନା, ସ୍ଥାନୀୟ ସରପଞ୍ଚ ବୀରେଶ ରାଜଗୁରୁ, ପିଏନବି ଡେପୁଟି ଜୋନାଲ ମ୍ୟାନେଜର କ୍ଷେତ୍ରବାସୀ ମିଶ୍ର, ସିଆରସିସି ପ୍ରଶାନ୍ତ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ବିଭୂତି ଭୂଷଣ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ବାଉରୀବନ୍ଧୁ ଦଳାଇ, ଅଲୁମ୍ନି ସଭାପତି ରବିନାରାୟଣ ମିଶ୍ର ତଥା ଏସ୍‌ଏମ୍‌ସିର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଗତ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ପ୍ରତିମା ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

# ଷ୍ଟେସନ ପରାମର୍ଶଦାତା କମିଟି ବୈଠକ



ବାଲୁଗାଁ,୨୦।୧୨(ସମିସ) : ବାଲୁଗାଁ ରେଳ ଷ୍ଟେସନ ପରାମର୍ଶଦାତା କମିଟି ପକ୍ଷରୁ ଶନିବାର ଷ୍ଟେସନ ପରିସରରେ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ରେଳ ଷ୍ଟେସନ ମାଷ୍ଟର ସୁବୋଧ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରେଳ ବିଭାଗର ମୁଖ୍ୟ ସ୍ୱାସ୍ଥ୍ୟ ନିରୀକ୍ଷକ ଅନ୍ତେସ ମିନା, ମୁଖ୍ୟ ବାଣିଜ୍ୟ ନିରୀକ୍ଷକ ବ୍ରହ୍ମପୁର ସର୍କଲ ମୋହନ ଚନ୍ଦ୍ର ବେହେରା, ଆରପିଏଫ ଅଧିକାରୀ ଦାମୋଦରନ ତିଲକ, ବରିଷ୍ଠ ଅନୁଭାଗ ଯନ୍ତ୍ରୀ ଭି. କିଶୋର କୁମାର, କନିଷ୍ଠ ବିଦ୍ୟୁତ ଯନ୍ତ୍ରୀ ଗୁରୁନାଥ ପ୍ରଧାନ, ଦୂରସଂଚାର କର୍ମଚାରୀ ତାପସ ରଞ୍ଜନ ବାରିକ, ମୁଖ୍ୟ ଟିକେଟ ନିରୀକ୍ଷକ ରାଜେଶ କୁମାର, ମୁଖ୍ୟ ବାଣିଜ୍ୟ ସୁପରଭାଇଜର ରମେଶ ଚନ୍ଦ୍ର ବେହେରା, ମୁଖ୍ୟ ସୁପରଭାଇଜରଙ୍କ ସମେତ ରେଳ ଷ୍ଟେସନ ପରାମର୍ଶଦାତା କମିଟି ସଭ୍ୟ ମୁରଲୀଧର ସାମନ୍ତସିଂହାର, ପ୍ରଫୁଲ୍ଲ କୁମାର ମାନସିଂହ, ସୀତାରାମ ଅଗ୍ରୱାଲ ଓ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଖୋର୍ଦ୍ଧା ରୋଡ ରେଳ ଡିଭିଜନ ଅଧୀନସ୍ଥ ବାଲୁଗାଁ ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ହୋଇଥିବା ବେଳେ ଏହି ରେଳ ଷ୍ଟେସନର ଉନ୍ନତିକରଣ ଓ ଏଠାରେ ପାସେଞ୍ଜର ମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ସେ ସମ୍ପର୍କରେ ରେଳ ବିଭାଗ ଅଧିକାରୀମାନଙ୍କୁ ଜଣାଇ ସେସବୁର ଯଥାଶୀଘ୍ର ସମାଧାନ କରିବାକୁ ଅନୁରୋଧ କରି ଥିଲେ କମିଟିର ସଭ୍ୟ। ତେବେ ସବୁ ପ୍ଲାଟଫର୍ମରେ କୋଚ ଇଣ୍ଡିକେଟର ବୋଡର୍ ସ୍ଥାପନ, ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ମାନଙ୍କ ସୁବିଧା ଲାଗି ଏକ୍ସପ୍ରେସ ଟ୍ରେନ ଗୁଡିକ ୨ନଂ ପ୍ଲାଟଫର୍ମ ପରିବର୍ତ୍ତେ ୧ନଂ ପ୍ଲାଟଫର୍ମରେ ରହିବା, ଷ୍ଟେସନ ପରିସରରେ ସିସିଟିଭି ସ୍ଥାପନ, ୪ନଂ ପ୍ଲାଟଫର୍ମରେ ଟିକେଟ କାଉଣ୍ଟର ସ୍ଥାପନ, ସାପ୍ତାହିକ ସ୍ୱାସ୍ଥ୍ୟ ପରୀକ୍ଷାଗାରକୁ ନିୟମିତ କରିବା, ଜିଆରପି ବିଟ ହାଉସକୁ ଫାଣ୍ଡିରେ ପରିଣତ କରିବା, ଆଉ ଗୋଟିଏ ପାଦ ଚଲା ବ୍ରିଜ ନିର୍ମାଣ, ପ୍ଲାଟଫର୍ମରେ ଲିଫ୍ଟ ସ୍ଥାପନ, ପ୍ଲାଟଫର୍ମରେ ପର୍ଯ୍ୟାପ୍ତ ପରିମାଣରେ ଲାଇଟ ଲଗାଇବା, ଗରିବ ରଥ ସମେତ ଏକାଧିକ ଦ୍ରୁତଗାମୀ ଟ୍ରେନ ରହଣି ଆଦି ବାଲୁଗାଁ ଷ୍ଟେସନର ବିଭିନ୍ନ ଆବଶ୍ୟକତା ରହିଥିବାରେ ଉକ୍ତ କାର୍ଯ୍ୟ ସବୁ ଆରମ୍ଭ କରିବା ପାଇଁ କମିଟି ସଦସ୍ୟମାନେ ରେଳ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## କୃଷକନେତା ପୂର୍ଣ୍ଣଚନ୍ଦ୍ର ଦଳାଇଙ୍କ ସ୍ମୃତି ସମାରୋହ

ବୋଲଗଡ଼, ୨୦।୧୨(ସମିସ): ବୋଲଗଡ଼ ବ୍ଲକର କବିତୀର୍ଥ ସାନପଦର ଗ୍ରାମର ବିଶିଷ୍ଟ କୃଷକନେତା ତଥା ସୈନିକ ପୂର୍ଣ୍ଣଚନ୍ଦ୍ର ଦଳାଇଙ୍କ ଦ୍ୱାଦଶ ବାର୍ଷିକ ସ୍ମୃତି ସମାରୋହ ଗ୍ରାମର ବୃନ୍ଦାବତୀ କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପୂର୍ଣ୍ଣଚନ୍ଦ୍ର ସ୍ମୃତି ସଂସଦ ସୌଜନ୍ୟରେ ଆୟୋଜିତ ଏହି ସମାରୋହରେ ସ୍ମୃତି ସଂସଦର ସଭାପତି ରାଜକିଶୋର ବ୍ରହ୍ମା ଅଧ୍ୟକ୍ଷତା କରିଥିଲେ। ସଂସଦର ସମ୍ପାଦକ ତଥା ଉଦଘୋଷକ ଶ୍ରୀକାନ୍ତ କୁମାର ନାୟକ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ନୟାଗଡ ଜିଲ୍ଲାର ପ୍ରାକ୍ତନ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦେବପ୍ରସାଦ ମଜୁମଦାର ପୂର୍ଣ୍ଣଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରମୋଦ ଚନ୍ଦ୍ର ଦାସ ବକ୍ତବ୍ୟ ରଖିଥିଲେ। ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ, ସାନପଦର ସମିତି ସଭ୍ୟ ଦିଲ୍ଲୀପ ମହାପାତ୍ର, ପୂର୍ବତନ ସରପଞ୍ଚ ନାରାୟଣ ବଳିଆରସିଂହ , ଭିକାରୀ ଚରଣ ସାହୁ, ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ଗ୍ରାମ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଅର୍ଜୁନ ପଟ୍ଟନାୟକ, ଅଜୟ ମଙ୍ଗରାଜ, ପୂର୍ବତନ ସରପଞ୍ଚ ବିଜୟ ଗୁମାନସିଂ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ବିଜୟ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ରଙ୍କ ସୁପୁତ୍ର ସୁନିଲ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦର୍ଶ ଥାନାର ଅତିରିକ୍ତ ଥାନାଧିକାରୀଙ୍କ ଯୋଗଦାନ



ଖୋର୍ଦ୍ଧା, ୨୦।୧୨(ସମିସ): ଖୋର୍ଦ୍ଧା ଆଦର୍ଶ ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ ଇନ୍ସପେକ୍ଟର ଭାଗ୍ୟଶ୍ରୀ ବେହେରା ଯୋଗଦେଇଛନ୍ତି। ଶ୍ରୀମତୀ ବେହେରା ପୂର୍ବରୁ ଜଙ୍କିଆ ଥାନାରେ ୪ବର୍ଷ ଏବଂ ଶିଳ୍ପାଂଚଳ ଥାନାରେ ୬ମାସ ହେବ କାର୍ଯ୍ୟ କରିଛନ୍ତି। ୨୦୧୭ ବ୍ୟାଚ ସବ୍ ଇନ୍ସପେକ୍ଟର ଭାବରେ ପୁଲିସ ସେବାରେ ଯୋଗଦାନ କରି ଇନିସ୍ପେକ୍ଟର ଭାବରେ ପଦୋନ୍ନତି ପାଇବା ପରେ ଆଦର୍ଶ ଥାନାରେ ଅତିରିକ୍ତ ଥାନା ଅଧିକାରୀ ଭାବେ ଯୋଗଦାନ କରିଛନ୍ତି।

## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ



ଟାଙ୍ଗୀ,୨୦।୧୨(ସମିସ) ଟାଙ୍ଗୀ ବ୍ଲକ୍ ଅଧିନସ୍ଥ ଉତ୍କଳାଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱରଦେବ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରିୟଙ୍କା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନ ଖୋର୍ଦ୍ଧା ଶିକ୍ଷକ ପ୍ରଶିକ୍ଷିକା ଆୟେଶା ତନୱିର ମୁଖ୍ୟଅତିଥି ରୂପେ ଯୋଗ ଦେଇ ବିଦ୍ୟାଳୟର ଶିକ୍ଷଣ ପରିବେଶ ଦେଖି ଖୁସିବ୍ୟକ୍ତ କରିଥିଲେ। ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ, କବିତା ମହାପାତ୍ର, ଦୀପୁନ ପରିଡ଼ା, ମିନତୀ ନାୟକ, ପ୍ରକାଶ ବେହେରା, ପ୍ରଥମ ଓଡ଼ିଶା ଏଜୁକେସନ ଫାଉଣ୍ଡେସନ ଜିଲ୍ଲା ସଂଯୋଜକ ରାକେଶ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରା, ଜ୍ୟୋସ୍ନାରାଣୀ ସିଂ ସଂଖ୍ୟାଜ୍ଞାନ ଏବଂ ସାକ୍ଷରତା ବିଷୟରେ ଆଦର୍ଶ ଶିକ୍ଷାଦାନ ଦେଇଥିଲେ।

# ଟ୍ରିପଲ 'ଏ'ରେ ବାର୍ଷିକ ଉତ୍ସବ

ଖୋର୍ଦ୍ଧା,୨୦।୧୨(ସମିସ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ'ରେ ବାର୍ଷିକ ଉତ୍ସବ 'ଆହ୍ୱାନ' ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଉତ୍କଳ ସାହିତ୍ୟ



ସମାଜର ପ୍ରତିଷ୍ଠାତା ଡା. ଗୋବିନ୍ଦଚନ୍ଦ୍ର ଚାନ୍ଦ ଓ ସମ୍ମାନୀୟ ଅତିଥି ଯଶସ୍ୱୀ କଣ୍ଠଶିଳ୍ପୀ ତାନସେନ ସିଂ, ଓଲିଉଡ୍ ନାୟିକା ସୂର୍ଯ୍ୟମୟୀ ମହାପାତ୍ର, ବିଦ୍ୟାଳୟର ପ୍ରତିଷ୍ଠାତା ଡାକ୍ତର ନନ୍ଦକିଶୋର ପଟ୍ଟନାୟକ ଓ ପରିଚାଳନା କମିଟିରି ସଭାପତି ସତ୍ୟବାଦୀ ବଳିଆରସିଂହ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧକ୍ଷା ଡ. ଦୀପ୍ତିମୟୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର ପ୍ରତିଭାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ବିଭିନ୍ନ ବିଭାଗରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ଶ୍ରେଣୀର ଅଗ୍ନି, ଐଶରିକା, ପ୍ରଶାନ୍ତ ଓ ଆୟୁଷ ପରିଚାଳନା କରିଥିବାବେଳେ ଆସୋସିଏଟ ଡାଇରେକ୍ଟର ମିତାଲି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବେଗୁନିଆ,୨୦।୧୨(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ଗ୍ରାମ ସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ୬୦ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ବିଜୟ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ନାରାୟଣ ମାନସିଂହଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟବକ୍ତା, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଶିକ୍ଷାବିତ୍ କୈଳାସ ନାଥ ସୁବୁଦ୍ଧି, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ବେହେରା ଓ ପରିଚାଳନା କମିଟି ସଭାପତି ପ୍ରଭାତ ନାୟକ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ୨୦୨୪- ୨୫ ଶିକ୍ଷା ବର୍ଷରେ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ଛାତ୍ର ସୌମ୍ୟ ରଞ୍ଜନ ଦୀକ୍ଷିତ, ସୌମ୍ୟାଶ୍ରୀ ଦାଶ ଓ ପ୍ରଜ୍ଞା ପରମିତା ବେହେରା ଓ ଚଳିତ ବର୍ଷ ବୈତରଣୀ ହାଉସର୍



ଶ୍ରେଷ୍ଠ ଛାତ୍ର ଭାବେ ସତ୍ୟବ୍ରତ ପାଣିଗ୍ରାହୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ମାନସ ସେଠୀ ଅତିଥି ପରିଚୟ ପ୍ରଦାନର୍ୟାଶିକ୍ଷକ ଆଖଣ୍ଡଳମଣି ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବେଗୁନିଆ,୨୦।୧୨(ସମିସ): ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଭୁବନେଶ୍ୱରସ୍ଥିତ ଗାୟତ୍ରୀ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରତାପ ରଥ ମୁଖ୍ୟଅତିଥି, ସାଧନ କେନ୍ଦ୍ର କର୍ମୀ ସରୋଜ ବେହେରା ମୁଖ୍ୟବକ୍ତା, ଅବସରପ୍ରାପ୍ତ କ୍ରୀଡାଶିକ୍ଷକ ପ୍ରଭାତ ମହାରଣା, ବିଦ୍ୟାଳୟ ପରିଚାଳନା ପରିଷଦର ଅଧକ୍ଷା ପୁଷ୍ପଲତା ଜୟସିଂହ, ପଞ୍ଚସଖା ଶିକ୍ଷାସେତୁ ସଂଗଠନର ଅଧ୍ୟକ୍ଷ ମାୟାଧର ମାର୍ଥା ଓ ଉପାଧ୍ୟକ୍ଷ ଭବାନୀ ଶଙ୍କର ଜୟସିଂହ, ସାଧନକେନ୍ଦ୍ର କର୍ମୀ ସୂର୍ଯ୍ୟନାରାୟଣ ପଣ୍ଡା ଓ ସାମ୍ବାଦିକ ମାନସ ରଞ୍ଜନ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସୌମ୍ୟରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ଶିକ୍ଷକ ପ୍ରଭାତ ନିଶଙ୍କଙ୍କ ତତ୍ତ୍ୱାବଧାନରେ ବିଚାରକ ଭାବେ ଶିକ୍ଷୟିତ୍ରୀ ମୋହିନୀକାନ୍ତ ଦାଶ, ଆଶା ମୁର୍ମୁ, ସୁନିତା ପୃଷ୍ଟି, ବିଜୟଲକ୍ଷ୍ମୀ ସାମନ୍ତରାୟ, ରିଶା ରଶ୍ମି ପାଇକରାୟ, ସସ୍ମିତା ସାହୁ ଓ ଲକ୍ଷ୍ମୀପ୍ରିୟା ତ୍ରିପାଠୀ ଉପସ୍ଥିତ ରହି ଭାବେ କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିବା ବେଳେ କନିଷ୍ଠ ଓ ବରିଷ୍ଠ ବାଳକ ବିଭାଗରେ ଯଥାକ୍ରମେ ଏସକେ ଜୁନେଜ ରହେମାନ ଓ ରାକେଶ ପ୍ରଧାନ ବାଳିକା ବିଭାଗରେ ଶୁଭଶ୍ରୀ ସାହୁ ଓ ସୁପ୍ରିୟା ନାୟକ ବିଜେତା ହୋଇଥିଲେ।

# ଜାନକୀ ପାଢ଼ୀ ମେମୋରିଆଲ ଫୁଟ୍‌ବଲ: ଏଜେ କ୍ଲବ୍ ଚାମ୍ପିଅନ




ବୋଲଗଡ଼,୨୦।୧୨(ସମିସ): ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ବୋଲଗଡ଼ ଫ୍ରେଣ୍ଡ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜାନକୀ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଛି । ଏଥିରେ ଇଟାମାଟିର ଯଦୁମଣି କ୍ଲବକୁ ୩-୧ ଗୋଲ ବ୍ୟବଧାନରେ ହରାଇ ଖୋର୍ଦ୍ଧା ପାଇକ ତିଗିରିଆର ଏଜେ କ୍ଲବ ଚାମ୍ପିଅନ ହୋଇଛି । ରେଫରୀ ଭାବେ ଏମ ଏସ ବେଗ ଖେଳ ପରିଚାଳନା କରିଥିଲେ। ଚିତ୍ତରଞ୍ଜନ ପରିଡା ଓ ବୈକୁଣ୍ଠ ମହାପାତ୍ର ଲାଇନ୍‌ରେ ସହାୟତା କରିଥିବା ବେଳେ ଭଞ୍ଜକିଶୋର ଯତି ଚତୁର୍ଥ ରେଫରି ଥିଲେ । ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ବିଜେତା ଦଳ ଏଜେ କ୍ଲବ ଖେଳାଳିଙ୍କୁ ଚାମ୍ପିଅନ ଟ୍ରଫି ସହିତ ପୁରସ୍କାର ଏବଂ ଉପବିଜେତା ଯଦୁମଣି ଟିମ୍‌କୁ ରନର୍ସ ଅପ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ ପଟ୍ଟନାୟକ, ସମବାୟବିତ୍ ଲଲାଟେନ୍ଦୁ କେଶରୀ ସିଂହ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବାନାମ୍ବର ମାଝୀ, ଗଦାଧର ଚମ୍ପତି, ଦିଲ୍ଲୀପ ଜେନା, ମନୋଜ ପଣ୍ଡା, ଜିତେନ୍ଦ୍ର ମାର୍ଥା, ସୌମେନ୍ଦୁ ପଟନାୟକ, ରାକେଶ ମହାପାତ୍ର, ବିକାଶ ସାହୁ, ସୌମ୍ୟରଞ୍ଜନ ପ୍ରଧାନ, ଲକ୍ଷ୍ମୀଧର ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ।

● ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ

## ନୟାଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ସେମିଫାଇନାଲରେ

ଟାଙ୍ଗୀ,୨୦।୧୨(ସମିସ) : ଟାଙ୍ଗୀ ବ୍ଲକ କୁହୁଡି ଜନତା ଷ୍ଟାଡିୟମ୍‌ରେ ମହାବୀର ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୬୬ତମ ସର୍ବଭାରତୀୟ ମହାବୀର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଚେନ୍ନାଇ ପୁଲିସକୁ ହରାଇ ନୟାଗଡ ସ୍ପୋର୍ଟ୍ସ ହଷ୍ଟେଲ ସେମିରେ ପ୍ରବେଶ କରିଛି। ଅନୁଷ୍ଠାନର ଉପସଭାପତି ରାଜ କିଶୋର ବୈରୀଗଞ୍ଜନ, ସମ୍ପାଦକ ମନୋଜ ମାନସିଂହ ଓ ସହ ସମ୍ପାଦକ ରମେଶ ନାଇଡୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜନତା ହାଇସ୍କୁଲ ପଡିଆରେ ଆୟୋଜିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଅବସରରେ ମୁଖ୍ୟଅତିଥି ଭାବେ ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ହୃଷିକେଶ ପ୍ରଧାନ, କୁହୁଡି ପୂର୍ବତନ ସରପଞ୍ଚ ବିପିନ ଉଦୟସିଂହ ପ୍ରମୁଖ ଯୋଗଦେଇ ଥିଲେ। ଟାଇବ୍ରେକର ସହାୟତାରେ ସ୍ପୋର୍ଟ୍ସ ହଷ୍ଟେଲ ନୟାଗଡ଼ ୪-୧ରେ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ସ୍ପୋର୍ଟ୍ସ ହଷ୍ଟେଲ ନୟାଗଡ଼ ଗୋଲକିପର ରିତେଶ ପାତ୍ର ଓ ଚେନାଇ ପୁଲିସ ତାମିଲନାଡୁର ଗଣେଶ ମୁରଠୁଙ୍କୁ "ବିଭୁତି ମେମୋରିଆଲ ଟ୍ରଫି"ର ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଫରୀ ଭାବେ ଜାତୀୟ ସ୍ତରର ଗୋପାଳ ସାମନ୍ତରାୟ ଖେଳ ପରିଚାଳନା କରିଥିବା ବେଳେ ଲାଇନ୍ସର ସହାୟତା କରିଥିଲେ ସରୋଜ ମହାରଣା ଓ ସକାୱତ ଅଲି ଖାନ ତତସହିତ ଅଫିସିଆଲ ଭାବେ ଫୋର୍ଥ ରେଫରୀ ବିଜୟ ମଙ୍ଗରାଜ ଉପସ୍ଥିତ ଥିଲେ।

**ପାଲଲହଡ଼ା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ଫାଇନାଲରେ କଟକ ଜୁଭେନାଇଲ କ୍ଲବ

ପାଲଲହଡ଼ା, ୨୦।୧୨(ସମିସ)

ପାଲଲହଡ଼ା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପୁଲ-ବିର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଛି। କଟକ ଜୁଭେନାଇଲ କ୍ଲବ ଓ ଢେଙ୍କାନାଳ ଏକାଦଶ ମଧ୍ୟରେ ମ୍ୟାଚ୍ ହେଇଥିଲା। ଜୁଭେନାଇଲ କ୍ଲବ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଢେଙ୍କାନାଳ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ଜବାବରେ ଜୁଭେନାଇଲ କ୍ଲବ ୧୯.୪ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଜୁଭେନାଇଲ କ୍ଲବର ଶାଶ୍ୱତ ମହାନ୍ତି ୪୨ ବଲରେ ୭୪ ରନ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହେଇଛନ୍ତି।



ରଞ୍ଜିତ କୁମାର ସାମଲ ଏବଂ ଅଭିଷେକ ସାହୁ ଖେଳ ପରିଚାଳନା କରିଥିଲେ। ଶିବପ୍ରସାଦ ସାମଲ ଓ ରାକେଶ ସାମଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ମାନସ ରଞ୍ଜନ ଦାଶ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଆଇଡିବିଆଇ ବ୍ୟାଙ୍କ ଖେମଳା ଶାଖା ପରିଚାଳକ ପ୍ରୀତିରଞ୍ଜନ ସେଠୀ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ରବିବାର ଜୁଭେନାଇଲ କଟକ ଓ ଫେମସ କ୍ଲବ କେନ୍ଦୁଝରର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କବ୍ସ କ୍ଲବ ସଭାପତି ସନ୍ତୋଷ କୁମାର ଗଡ଼ନାୟକ କହିଛନ୍ତି।

ଶୁକ୍ରବାର ଟୁର୍ଣ୍ଣାମେଣ୍ଟର ପୁଲ-ବି ଦ୍ୱିତୀୟ ଲିଗ ମ୍ୟାଚ କଟକ ଜୁଭେନାଇଲ କ୍ଲବ ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେଇଛି। ଜୁଭେନାଇଲ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଜୁଭେନାଇଲ କ୍ଲବର ରାମଚନ୍ଦ୍ର ବେହେରା ୫୨ ବଲରେ ୮୭ ରନର ଧୂଆଁଧାର ବ୍ୟାଟିଂ କରିଥିବାରୁ ତାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ କରାଯାଥିଲା। ଅଭିଷେକ ସାହୁ ଓ ରୂପେଶ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଅଭୟ ନାଏକ, ସଞ୍ଜୟ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଭୂପେନ ନାଏକ, ଶୁଭାଶିଷ ଜିତ ଓ ବିଶ୍ୱଜିତ ମହାନ୍ତି ସ୍କୋରର ଦାୟିତ୍ୱ ତୁଲାଇଥିଲେ। କ୍ଲବ ସମ୍ପାଦକ ସୁବ୍ରତ ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ବାଲ୍ୟ ବିବାହ ସମ୍ପର୍କିତ ସଚେତନତା




ଅନୁଗୋଳ, ୨୦।୧୨(ସମିସ): ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ଆଶା ୟୁନିଟ ତରଫରୁ ବାଲ୍ୟବିବାହର କୁପ୍ରଭାବ ଓ ତା'ର ପ୍ରତିକାର ସମ୍ପର୍କିତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ, ସଦସ୍ୟ ପରମାନନ୍ଦ ମିଶ୍ର, ଅନୁଗୋଳ ଡିଏସପି ତଥା ଆଶା ୟୁନିଟ ସଦସ୍ୟ ଯୋଗେଶ୍ୱରୀ ବେହେରା, ଅନୁଗୋଳ ସିଡିପିଓ ତଥା ଆଶା ୟୁନିଟ ସଦସ୍ୟ ରୀତାଞ୍ଜଳି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ପାରାଲିଗାଲ ଭଲ୍ୟୁଣ୍ଟର, ଆଶାକର୍ମୀ, ଅଙ୍ଗାନବାଡ଼ି କର୍ମୀ ଶୋଭାଯାତ୍ରାରେ ଅଂଶଗ୍ରହଣ କରି ଲୋକଙ୍କୁ ବାଲ୍ୟବିବାହର କୁପ୍ରଭାବ ବିଷୟରେ ସଚେତନ କରିଥିଲେ।

## ନାବାଳିକାକୁ ଦୁଷ୍କର୍ମ; ଯୁବକ ଗିରଫ

କଣିହାଁ, ୨୦।୧୨(ସମିସ): ରେଙ୍ଗାଳି ଥାନା ଅଞ୍ଚଳରେ ଜଣେ ୯ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ନାକିଟିଦେଉଳ ଗ୍ରାମର ୨୦ ବର୍ଷୀୟ ଯୁବକ ଗତ ୧୭ ତାରିଖ ଅପରାହ୍ନରେ ଦୁଷ୍କର୍ମ କରିଥିବା ନାବାଳିକାଙ୍କ ପରିବାର ପକ୍ଷରୁ ୧୮ ତାରିଖ ଥାନାରେ ଅଭିଯୋଗ ହୋଇଥିଲା। ପାଲଲହଡ଼ା ଏସଡିପିଓ କୈଳାସ ଚନ୍ଦ୍ର ସେଠୀ ତଦନ୍ତ କରିଥିବା ବେଳେ ଶନିବାର ପୁଲିସ ଅଭିଯୁକ୍ତ ସଞ୍ଜୟ ପଧାନ (୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ପୋକ୍ସୋ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି।

## ଡିଏମ୍‌ଏଫ୍‌ରୁ ତାଳଚେରକୁ ୧୦ କୋଟି

ତାଳଚେର, ୨୦।୧୨(ସମିସ): ତାଳଚେର ସହର ଉନ୍ନତୀକରଣ ପାଇଁ ତାଳଚେର ପୌରପରିଷଦକୁ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ରୁ ୧୦ କୋଟି ଟଙ୍କା ଅନୁଦାନ ମିଳିଛି। ଗତ କିଛି ବର୍ଷଧରି ତାଳଚେର ସହରର ଉନ୍ନତୀକରଣ ପାଇଁ ଡିଏମଏଫରୁ କୌଣସି କାର୍ଯ୍ୟ ହେଉ ନ ଥିବା ତାଳଚେର ନଗରପାଳ ପବିତ୍ର ଭୂତିଆ ଅଭିଯୋଗ କରିଥିଲେ। ଗତ ୨୮ ତାରିଖ ଭୂତିଆ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଥିଲେ। ପରେ ସେ ସହରର ଉନ୍ନତୀକରଣ ନେଇ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟି ଦାବି କରିଥିଲେ। ଏହାପରେ ପୌରାଞ୍ଚଳର ବିକାଶ ପାଇଁ ଡିଏମଏଫରୁ ପ୍ରାୟ ୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସହରର ସଫେଇ କାର୍ଯ୍ୟ ପାଇଁ ୧ କୋଟି ୯୨ଲକ୍ଷ, ମହିଳା ଏବଂ ଶିଶୁଙ୍କ ପାଇଁ ୧ କୋଟି ୨୦ଲକ୍ଷ, ସହରର ରାସ୍ତାଘାଟ ଏବଂ ଅନ୍ୟାନ୍ୟ ବିକାଶ ପାଇଁ ପ୍ରାୟ ୭ କୋଟି ଟଙ୍କା ମଞ୍ଜୁରି କରାଯାଇଛି। ସମସ୍ତ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ତେବେ ତାଳଚେରରୁ ସରକାର ବିପୁଳ ରାଜସ୍ୱ ଯାଉଥିବା ବେଳେ ଅଞ୍ଚଳବାସୀ ଧୂଳିଧୂଆଁରେ ଜର୍ଜରିତ ହୋଇ ଖାଲଖମା ରାସ୍ତାରେ ଦୈନିକ ଯାତାୟାତ କରୁଛନ୍ତି। ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଶିକ୍ଷା, ଆଲୋକୀକରଣ, ପୋଖରୀ ପୁନରୁଦ୍ଧାର, ମିନି ପାର୍କ, ଡ୍ରେନେଜ ବ୍ୟବସ୍ଥା, ରାଣୀ ପାର୍କର ବିକାଶ ଆଦି କାର୍ଯ୍ୟ ହେଉ ନ ଥିବା ବେଳେ ସମୁଦ୍ରକୁ ଶଙ୍ଖେଭଳି ୧୦କୋଟି ଟଙ୍କା ଖର୍ଚ୍ଚ କରାଯିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅପରପକ୍ଷେ ଅନୁଗୋଳ ସହର ବିକାଶ ପାଇଁ ଗତବର୍ଷ ଡିଏମ୍‌ଏଫ୍‌ରୁ ୬୦କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ତାଳଚେରକୁ ଟଙ୍କାଟିଏ ମିଳି ନ ଥିଲା। ଏବେ ତାଳଚେରକୁ ମିଳିଥିବା ମାତ୍ର ୧୦କୋଟି ଟଙ୍କାରେ କି ପ୍ରକାଶ ବିକାଶ ହୋଇପାରିବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ତାଳଚେରକୁ ସିଂହଭାଗ ଦେବା ପରିବର୍ତ୍ତେ ଅନ୍ୟଆଡ଼େ ଏହାକୁ ଖର୍ଚ୍ଚ କରାଯିବା କେତେ ଯୁକ୍ତିଯୁକ୍ତ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏପରିକି, କୁଆଡ଼େ ସିଏସଆର ଅର୍ଥକୁ ଡିଏମଏଫରେ ପରିବର୍ତ୍ତିତ କରି ତାଳଚେରବାସୀଙ୍କ ତ୍ୟାଗରେ ଅନ୍ୟକେହି ଉପକୃତ ହେବା କେତେ ଦୂର ଠିକ୍ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ତେଣୁ ଜିଲ୍ଲାପାଳ କୌଣସି ପକ୍ଷପାତିତା ନ କରି ନିରପକ୍ଷେ ଭାବେ ଯେଉଁ ସ୍ଥାନରେ ଯାହା ଆବଶ୍ୟକତା ରହିଛି ତାହା କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

## ଗୋପବନ୍ଧୁ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



ଖମାର, ୨୦।୧୨(ସମିସ): ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟରେ ଯୁକ୍ତ ୩ ପଦାର୍ଥ ବିଜ୍ଞାନ ବିଭାଗର ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଝସକେତନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଜୟଦେବ ବିଶ୍ୱାଳ, ପ୍ରିୟମ୍ବଦା ସାହୁ, ମଞ୍ଜେଶକର ପ୍ରଧାନ ଉପସ୍ଥିତ ଥିଲେ। ସ୍ୱାଗତସମ୍ବର୍ଦ୍ଧନା ସଭାକୁ ପଦାର୍ଥ ବିଜ୍ଞାନର ଦ୍ୱିତୀୟ ବର୍ଷର ଛାତ୍ରୀ କିରଣବାଳା ପ୍ରଧାନ ପରିଚାଳନା କରୁଥିଲେ। ଶର୍ମିଷ୍ଠା ମହାନ୍ତି, ସୁଚିତ୍ରା ପ୍ରଧାନ, ପ୍ରାଚୀ ପ୍ରଜ୍ଞା ବିଶ୍ୱାଳ, ସୁନୀଲ ସାହୁ, ଚନ୍ଦ୍ର ସାମଲ, ସମୀର ସାହୁ, ଶୁଭମ୍ ରାଉତ, ସୋନାଲି ସାହୁ, ସୁବ୍ରତ ମହାନ୍ତି, ଡନା ମହାକୁଳ, ପ୍ରିୟାଂଶୁ ସାହୁ, ପ୍ରୀତି ସାହୁ, ଅର୍ଚ୍ଚିତା ପ୍ରଧାନ, ମଧୁସ୍ମିତା ବଶତରା, ସତ୍ୟରଞ୍ଜନ ନାୟକ, ଶ୍ରୁତିରଞ୍ଜନ ବେହେରା, ସଚ୍ଚିଦାନନ୍ଦ ଗଡ଼ନାୟକ ସହଯୋଗ କରିଥିଲେ। ଡିଲେଶ୍ୱରି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ଯୁବକ ମୃତ

କଣିହାଁ, ୨୦।୧୨(ସମିସ): ସାପ କାମୁଡ଼ାରେ କଣିହାଁ ବ୍ଲକ ରେଙ୍ଗାଳି ଗ୍ରାମର ବିଷ୍ଣୁ ସାମଲ (୪୪)ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ନ ୩ଟାରେ ବିଷ୍ଣୁ ଘର ପଛପାଖ ପଡ଼ିଆକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ବିଷ୍ଣୁଙ୍କ ପୁଅ ସୌମ୍ୟାଜିତ ସାମଲଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ବିଶ୍ୱମ୍ବର ପ୍ରଧାନ ସୂଚନା ଦେଇଛନ୍ତି।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ

ତାଳଚେର, ୨୦।୧୨(ସମିସ): ତାଳଚେର କଲେଜ୍ ପଡ଼ିଆରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ ହୋଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମେଳାକୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହିତ ରାଜ୍ୟ ସରକାର କୃଷକଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି ବୋଲି କହିଥିଲେ। କୃଷକମାନେ ଏହି ମେଳାକୁ ଆସି ଏଠାରେ ମିଳୁଥିବା ବିଭିନ୍ନ ସୁଯୋଗ ନେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ସାମଲ, ତାଳଚେର ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି, ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ (କୃଷି) ପ୍ରମୋଦ କୁମାର ଦାସ, ତାଳଚେର ବ୍ଲକ କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ସାହୁ, କଣିହାଁ ବ୍ଲକ କୃଷି ଅଧିକାରୀ ଅନ୍ନପୂର୍ଣ୍ଣା ବେହେରା, ସହକାରୀ କୃଷି ଅଧିକାରୀ ଅବିନାଶ ନାହାକ ପ୍ରମୁଖ ଯୋଗଦେଇଥିଲେ। ତାଳଚେର କୃଷି ଜିଲ୍ଲା ଅଧିକାରୀ ଦିଲୀପ କୁମାର ମିଶ୍ର ମଞ୍ଚ ପରିଚାଳନା ଓ ଧନ୍ୟବାଦ ପ୍ରଦାନ କରିଥିଲେ। କଣିହାଁ କୃଷି ଅଧିଦର୍ଶକ ସୁନୀଲ କୁମାର ଶତପଥୀ, କୃଷି କର୍ମଚାରୀ ମାନଗୋବିନ୍ଦ ସାହୁ, ଅଶୋକ କୁମାର ମହାନ୍ତି, ପ୍ରଜ୍ଞାପରମିତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ମେଳା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ।



## ଭେଣ୍ଡର ମୋବିଲାଇଜେସନ ଡ୍ରାଇଭ କାର୍ଯ୍ୟକ୍ରମ

ଅନୁଗୋଳ, ୨୦।୧୨(ସମିସ): ଭେଣ୍ଡର୍ ମୋବିଲାଇଜେସନ୍ ଡ୍ରାଇଭ୍ କାର୍ଯ୍ୟକ୍ରମ ଅନୁଗୋଳ ଜିଲ୍ଲାରେ ସଫଳତାର ସହିତ ଆୟୋଜିତ ହୋଇଛି। ରପ୍ତାନୀ ଏବଂ ବାଣିଜ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା ଦ୍ୱାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ ଆରଏଏମପି କାର୍ଯ୍ୟକ୍ରମ ଦ୍ୱାରା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ବଜାର ପ୍ରବେଶ ଓ ସାମଗ୍ରିକ କାର୍ଯ୍ୟଦକ୍ଷତା ବୃଦ୍ଧି ବିଷୟରେ ଆଲୋଚନା କରିଥିଲେ।

ଜିଲ୍ଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଶିବାଶିଷ କାନୁନଗୋ ସ୍ୱାଗତ ଭାଷଣ ପ୍ରଦାନ କରି ଜିଲ୍ଲା ସ୍ତରରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ ସହାୟତା ଓ କ୍ଷମତା ବୃଦ୍ଧିର ଗୁରୁତ୍ୱ ଉଲ୍ଲେଖ କରିଥିଲେ। କୃଷି ଓ ପ୍ରକ୍ରିୟାକୃତ ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ ଖାଦ୍ୟପଦାର୍ଥ ରପ୍ତାନୀ ଓ କୋଲକାତା ବିକାଶ କର୍ତ୍ତୃପକ୍ଷ କୃଷି ରପ୍ତାନୀରେ କୃଷି ଓ ପ୍ରକ୍ରିୟାକୃତ ଖାଦ୍ୟପଦାର୍ଥର ଭୂମିକା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ରପ୍ତାନୀ ଏବଂ ବାଣିଜ୍ୟ ନିର୍ଦ୍ଦେଶାଳୟର ସହାୟକ ନିର୍ଦ୍ଦେଶକ ଜିତମିତ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗପତି, ରପ୍ତାନୀକାରୀ ଓ ଅନ୍ୟ ହିତାଧୀକାରୀ ଅଂଶଗ୍ରହଣ କରିଥିଲେ।

## ବ୍ଲକସ୍ତରୀୟ ୱାଟରସେଡ୍ ମହୋତ୍ସବ

ପାଲଲହଡ଼ା, ୨୦।୧୨(ସମିସ): ବ୍ଲକସ୍ତରୀୟ ୱାଟରସେଡ ମହୋତ୍ସବ ପାଲଲହଡ଼ା ଉପଖଣ୍ଡ ହାତୀବିନ୍ଧା ଗ୍ରାମରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ସାମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ, ବିଧାୟକ ପ୍ରତିନିଧି ତନ୍ମୟ କୁମାର ସାହୁ, କ୍ଷେମାଳା ସରପଞ୍ଚ ଦେବରାଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏକ ଜଳ ଅମଳ ପ୍ରକଳ୍ପର ଉଦଘାଟନ କରାଯାଇଥିଲା। ବିଭିନ୍ନ ପ୍ରକଳ୍ପର ଭୂମିପୂଜନ, ଚାରାରୋପଣ, ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୋକଙ୍କୁ ଜଳବିଭାଜିକା କାର୍ଯ୍ୟକ୍ରମ ଉପରେ ସଚେତନ କରାଯିବା ସହ ସହଯୋଗ ଓ ସହଭାଗିତାରେ କିପରି ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା ସମ୍ପାଦିତ ହୋଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ସାମାଜିକ ଗଣମାଧ୍ୟମ ପ୍ରତିଯୋଗିତା ଦ୍ୱାରା ୱାଟରସେଡ ପ୍ରକଳ୍ପର ପ୍ରଚାରପ୍ରସାର କରିବା ପାଇଁ ଯୁବପିଢ଼ିକୁ ଅତିଥି ଓ ବିଭାଗୀୟ ଅଧିକାରୀ ଉତ୍ସାହିତ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସୁମିତ୍ ସାହୁ, ସହକାରୀ କୃଷି ଯନ୍ତ୍ରୀ ନମ୍ରତା ଖାଡ଼ିଆ, ମତ୍ସ୍ୟ ଅଧିକାରୀ ଆକାଶ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



**କଣିହାଁ:** କଣିହାଁ ବ୍ଲକ ବିରୁ ପଞ୍ଚାୟତ ବୁଲାଝରଠାରେ ଶୁକ୍ରବାର ୱାଟରସେଡ ମହୋତ୍ସବ ଅନୁଷ୍ଠିତ ହୋଇଛି। ଅନୁଗୋଳ ଜିଲ୍ଲା ଜଳବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ




ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ଏକ ଜଳଅମଳ ପ୍ରକଳ୍ପ ଲୋକାର୍ପଣ, ଚେକଡ୍ୟାମ କାର୍ଯ୍ୟର ଭୂମିପୂଜନ, ଶ୍ରମଦାନ, ଚାରାରୋପଣ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଜଳ ଓ ମୃତ୍ତିକା ସଂରକ୍ଷଣ କରି ବୈଜ୍ଞାନିକ ପଦ୍ଧତିରେ ଚାଷ କରି ସ୍ୱାବଲମ୍ବୀ ହେବାକୁ ବିଧାୟକ ମାର୍ଗଦର୍ଶନ କରିଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦଯାପିତ

କିଶୋରନଗର, ୨୦।୧୨(ସମିସ): ପିଏମଶ୍ରୀ କିଶୋରନଗର ଉଚ୍ଚ ବିଦ୍ୟାଳୟର ୫୪ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନ ସାଧୁପାଳ ଶିବମନ୍ଦିରରୁ ଆସିଥିବା ମଶାଲ ସ୍ଥାପନ କରି ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସେନା କର୍ମଚାରୀ ପ୍ରଶାନ୍ତ କୁମାର ପ୍ରଧାନ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରାଜେନ୍ଦ୍ର ଦେହୁରୀ ଓ ଚିତ୍ତରଞ୍ଜନ ପ୍ରଧାନ ଉପସ୍ଥିତ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା, ସମ୍ମାନିତ ଅତିଥି ରୂପେ ଡ. ଅଲେଖ କୁମାର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର



ପ୍ରଧାନ ଓ ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗଦେଇଥିଲେ। କ୍ରୀଡ଼ା ଜୀବନର ଅଙ୍ଗ। ଶରୀର ଓ ମନ ଉପରେ କ୍ରୀଡ଼ାର ସକାରାତ୍ମକ ପ୍ରଭାବ ପଡ଼ିଥାଏ ବୋଲି ଅତିଥିମାନେ କହିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ବେଦମନ୍ତ୍ର ପାଠ କରିଥିଲେ। ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଭୈରବ ଦେହୁରୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ବିନାୟକ ଦେହୁରୀ ଓ ଶିକ୍ଷୟିତ୍ରୀ ପ୍ରମୋଦିନୀ ପ୍ରଧାନ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୋମାଞ୍ଜଳି ସାହୁ, ମଞ୍ଜୁ କୁଅଁର, ପଙ୍କଜିନୀ ସାହୁ, ପ୍ରିୟଙ୍କା ସାହୁ, ଶୁଭଲକ୍ଷ୍ମୀ ସାହୁ, ଜାଗ୍ରତ ସ୍ୱାଇଁ, ହେମନ୍ତ ପ୍ରଧାନ, ଭରତ ସେଠୀ, ହରପ୍ରିୟା ମାଝୀ, ସନ୍ତୋଷିନୀ ମାଝୀ, ସତ୍ୟକାମ ପ୍ରଧାନ, ତୁଳସୀ ନାଏକ, ସଂଗ୍ରାମ କେଶରୀ ନାଏକ ସହଯୋଗ କରିଥିଲେ। ବାଳକ ବରିଷ୍ଠ ବର୍ଗରେ ମନିଷରାଜ ସ୍ୱାଇଁ, ବାଳିକା ବରିଷ୍ଠରେ ସୁଭଦ୍ରା ମହାନ୍ତି, ବାଳକ କନିଷ୍ଠରେ ତନବୀର ସାହୁ ଓ ବାଳିକା କନିଷ୍ଠରେ ପ୍ରିୟା ରାୟ ଚାମ୍ପିଅନ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଶିକ୍ଷକ ପ୍ରସନ୍ନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**● ଏକ ଦିବାସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

## ନୁଥୁରୀପଶି ଚାମ୍ପିଅନ୍; ମହିଳାରେ ରାଉରକେଲା ବିଜୟୀ

ଖମାର, ୨୦।୧୨(ସମିସ): ପାଲଲହଡ଼ା ବ୍ଲକ ମୁଣ୍ଡୁରୀବେଡ଼ା ବିଶ୍ୱଜନନୀ କ୍ଲବ୍ ପକ୍ଷରୁ ୪ ଦଳକୁ ନେଇ ଏକଦିବସୀୟ ମୁଣ୍ଡୁରୀବେଡ଼ା କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଫାଇନାଲ୍ ମ୍ୟାଚରେ ନୁଥୁରୀପଶି ଏକାଦଶ ରେଙ୍ଗାଲମୁଣ୍ଡା ଏକାଦଶକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଟିକେଶ୍ୱର ବେହେରା, ଲକ୍ଷ୍ମଣ ଖିଲାର, କୁମାର ସାହୁ ଓ ଅଖିଳାନନ୍ଦ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଏହାବ୍ୟତୀତ ରାଉରକେଲା ବାଳିକା ଏକାଦଶ ଓ ଝାରସୁଗୁଡ଼ା ବାଳିକା ଏକାଦଶ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର୍‌ରେ ରାଉରକେଲା ବାଳିକା ଏକାଦଶ ବିଜୟୀ ହୋଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସାମ୍ବାଦିକ ଖଗେଶ୍ୱର ପିଙ୍ଗୁଆ, ଭୀଷ୍ମ କୁମାର ଗଡ଼ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜଗଦୀଶେଶ୍ୱର ସାହୁ, ଡିଲେଶ୍ୱର ବେହେରାଙ୍କ ସମେତ ବିଶ୍ୱଜନନୀ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।



## ଶ୍ରେଣୀକକ୍ଷ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ଅନୁଗୋଳ, ୨୦।୧୨(ସମିସ)

ସ୍ଥାନୀୟ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦୁଇଦିନିଆ ଅନ୍ତର୍ନିବେଶୀ ଶ୍ରେଣୀକକ୍ଷ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଲୋପମୁଦ୍ରା ପଟ୍ଟନାୟକ, ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ସାହୁ ଅଂଶଗ୍ରହଣକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଜାତୀୟ ଶିକ୍ଷାନୀତି-୨୦୨୦ ଅନ୍ତର୍ଗତ ସାର୍ବଜନୀନ ଶିକ୍ଷଣ ଢାଞ୍ଚାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଇଦେଇ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏହି



କର୍ମଶାଳା ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ପଟ୍ଟନାୟକ ଅଂଶଗ୍ରହଣକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବିଷୟଭିତ୍ତିକ ଶିକ୍ଷଣ ସାମଗ୍ରୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ବ୍ୟବହାର ଯୋଗ୍ୟ ହୋଇଥିବାରୁ ସମସ୍ତଙ୍କୁ ପ୍ରଶଂସା କରିଥିଲେ।

ଏହି ଅବସରରେ ଅନ୍ତର୍ନିବେଶୀ ଶିକ୍ଷାକୁ ସୁଦୃଢ଼ କରିବା, ଅନ୍ତର୍ନିବେଶୀ ଶ୍ରେଣୀକକ୍ଷରେ ସବୁ ବର୍ଗର ଶିକ୍ଷାର୍ଥୀଙ୍କୁ ସମାନ ଶିକ୍ଷଣ ଅନୁଭୂତି ପ୍ରଦାନ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆବଶ୍ୟକ ହେଉଥିବା ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରାଯାଇଥିଲା। କାର୍ଯ୍ୟକ୍ରମ ଅନ୍ତର୍ଗତ ଶ୍ରବଣଗତ, ଦୃଷ୍ଟିଗତ, ଶାରୀରିକ, ବୌଦ୍ଧିକ ଅନଗ୍ରସର, ଭାଷା ସମସ୍ୟା ଥିବା ଶିଶୁମାନଙ୍କ ପାଇଁ ଉପଯୁକ୍ତ ଟିଏଲ୍‌ଏମ୍ ପ୍ରସ୍ତୁତି, ବ୍ୟବହାର ଓ ଅନୁକୂଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୮ ବ୍ଲକରୁ ୪୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗୋଷ୍ଠୀ ସାଧନକର୍ମୀ ତାଲିମ ଗ୍ରହଣ କରିଛନ୍ତି। ରାଜ୍ୟସ୍ତରୀୟ ସାଧନକର୍ମୀ ଅଧ୍ୟାପିକା ଡ. ସ୍ୱର୍ଣ୍ଣଲତା ପଣ୍ଡା, ତାଳଚେର ଲାଙ୍ଗିଜୋଡ଼ା ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଯୁଧିଷ୍ଠିର ସାହୁ, ଅନୁଗୋଳ ବ୍ଲକର ଗୋଷ୍ଠୀ ସାଧନକର୍ମୀ ରଘୁନାଥ ବାରିକ, ଫୁଲପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କଳା ଶିକ୍ଷକ ସରୋଜକାନ୍ତ ସାହୁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସକାଳ THE SAKALA



www.sakalaepaper.com

## ବ୍ଲକ୍‌ସ୍ତରୀୟ 'ବେଟି ବଞ୍ଚାଅ, ବେଟି ପଢ଼ାଅ' କର୍ମଶାଳା



ଗୋପ,୨୦।୧୨(ସମିସ): କନ୍ୟାସନ୍ତାନ ଆମ ସମାଜ ପାଇଁ ଆବଶ୍ୟକତା ଥିବାବେଳେ ସେମାନେ ଆମମାନଙ୍କର ଭବିଷ୍ୟତ ପିଢ଼ି ବୋଲି ଶନିବାର ଗୋପ ବ୍ଲକ୍ ବୈଠକ ଗୃହରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ 'ବେଟି ବଞ୍ଚାଅ, ବେଟି ପଢ଼ାଅ' କର୍ମଶାଳାରେ ସିଡିପିଓ ମିନାକ୍ଷୀ ସାହୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସସ୍ମିତା ନିଶଙ୍କ, ଗୋପ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ରାକେଶ ବେହୁରା ଯୋଗଦେଇ କନ୍ୟା ସନ୍ତାନ ସମାଜରେ ସବୁବେଳେ ଅବହେଳିତ ହେଉଥିବା ସମୟରେ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ପରେ ଅନେକ କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇପାରିଛି ବୋଲି କହିଥିଲେ। ସେହିପରି ଗୋପ ସମନ୍ୱିତ ଶିଶୁ ମହିଳା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ସାଇବର ଠକେଇ ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯିବା ସହ ଅନ୍‌ଲାଇନ୍ ମାଧ୍ୟମରେ କିପରି ସାଧାରଣ ଲୋକମାନେ ଠକେଇର ଶିକାର ହେଉଛନ୍ତି ସେ ଉପରେ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## କୃତୀ ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୨୦।୧୨(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ପଣସପଦା ପଞ୍ଚାୟତ ଭୀମେଶ୍ୱର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଶୁଭଲକ୍ଷ୍ମୀ ସେଠୀ ଶିକ୍ଷାବର୍ଷ ୨୦୨୪-୨୫ ପାଇଁ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି (ପିଏସ୍‌ଏମ୍‌ଟି) ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ଏଥିପାଇଁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ମେଧାବୃତ୍ତି ନିମନ୍ତେ ମନୋନୀତ ହୋଇଥିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିରାମ କେଇ, ସହକାରୀ ଶିକ୍ଷକ ଇକବଲ ମହମ୍ମଦ, ଶିକ୍ଷୟିତ୍ରୀ ଦେବଦର୍ଶିନୀ ପଲାଇ, ମମତାମୟୀ ସିଠଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପିଏମ୍‌ଶ୍ରୀ ନୟାହାଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ନୟାହାଟ,୨୦।୧୨(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ପିଏମ୍‌ଶ୍ରୀ ନୟାହାଟ ଉଚ୍ଚ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ବିଜ୍ଞାନ, ସାହିତ୍ୟ ଉପରେ ଯୋଗ ଦେଇଥିବା ଅତିଥିମାନେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ଆଜିର ଦୁନିଆଁରେ ବିଜ୍ଞାନ କୋଉଠି ପହଞ୍ଚିଲାଣି ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବାସୁଦେବ ସାହୁ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଜଙ୍ଗଲବୋରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଧୂମାଳ ସରପଞ୍ଚ ମୋନାଲିସା ସିଂହ ଓ ଗୋପ ବ୍ଲକ୍ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସମ୍ରାଟ ଭଞ୍ଜ ଭୋଇ ବିଦ୍ୟାଳୟର ସଭାପତି ପ୍ରମୋଦ କୁମାର ମହାନ୍ତି, ଗୋପିକାନ୍ତପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବର୍କତ ଅଲ୍ଲି, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ମହାନ୍ତି ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ଷ୍ଟଲ୍ ଓ ବିଜ୍ଞାନଭିତ୍ତିକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା।

## ନିମାପଡ଼ା ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ନିମାପଡ଼ା,୨୦।୧୨(ସମିସ): ଶନିବାର ସ୍ଥାନୀୟ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପିଏମ୍‌ଶ୍ରୀ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନନ୍ଦିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ପୁରାତନ ଛାତ୍ରସଂସଦ ପଞ୍ଚଶଖା ସେତୁ ସଭାପତି ନାରାୟଣ ମିଶ୍ର, ଏବିଇଓ ସୁଦର୍ଶନ ଭୋଇ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଶ୍ରୀ ସଂଯୁକ୍ତା ମହାନ୍ତି, ପରିଚାଳନା କମିଟି ସଭାପତି ସମିମା ବେଗମ, ଉପସଭାପତି ସରିତା ମହାପାତ୍ର, ପ୍ରାକ୍ତନ ପ୍ରଧାନଶିକ୍ଷକ ହୃଦାନନ୍ଦ ତ୍ରିପାଠୀ, ବରିଷ୍ଠ କାଉନ୍‌ସିଲର ଧନୁର୍ଦ୍ଧର ଦାସ, ଶିକ୍ଷାବିତ୍ ମହେନ୍ଦ୍ର ସିଂ ଭାଟିଆ, ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପିଏମ୍‌ଶ୍ରୀ ବିଦ୍ୟାଳୟର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପାଭିଲିୟନ ଓଡ଼ିଶା ୨୦୩୬ ଆକାଂକ୍ଷୀ ପରିଷଦ ଓ ଦୋକାନ ଯାତ୍ରା, ଅର୍ଥନୈତିକ ସାକ୍ଷରତାକୁ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ବରିଷ୍ଠ କ୍ରୀଡ଼ା ଶିକ୍ଷକ ରଣଜିତ୍ ନାୟକ କ୍ରୀଡ଼ା ମାଧ୍ୟମରେ ଜୀବନ କୌଶଳର ଶିକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶିକ୍ଷକ ଜ୍ୟୋତିରଞ୍ଜନ ରଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

### ସିରିଜ୍ ବିସ୍ଫୋରଣ; ସତ୍ୟବାଦୀ ଅଶାନ୍ତ

# ବୋମାମାଡ଼ ପରେ 'ହାପି ଦିୱାଲୀ' ଅଭିନନ୍ଦନ

ସାକ୍ଷୀଗୋପାଳ,୨୦।୧୨(ସମିସ): ଅଶାନ୍ତ ହୋଇପଡ଼ିଛି ସତ୍ୟବାଦୀ। ଶୁକ୍ରବାର ରାତି ୧୧ଟାରୁ ଶନିବାର ରାତି ୮ଟା ପର୍ଯ୍ୟନ୍ତ ସତ୍ୟବାଦୀ ଅଞ୍ଚଳରେ ସିରିଜ୍ ବୋମାମାଡ଼ ହୋଇଛି। ସନ୍ଧ୍ୟା ୭ଟାରେ ସାକ୍ଷୀଗୋପାଳ ଅଳଗୁମ ରାସ୍ତା ବନପୁର ନିକଟରେ ଏକ ବ୍ୟାବସାୟିକ ଅନୁଷ୍ଠାନ ସମ୍ମୁଖରେ ରାସ୍ତା ଉପରେ ଦୁଇଟି ବୋମାମାଡ଼ ହୋଇଥିଲା। ଦୁର୍ବୃତ୍ତମାନେ ଲଗାମଛଡ଼ା ହୋଇଯାଇଥିବା ବେଳେ ଖେଳଣା ଭଳି ହାତରେ ବୋମା ଧରି ବୁଲୁଛନ୍ତି। ଯେଉଁଠି ପାରୁଛନ୍ତି ସେଇଠି ଫୋପାଡ଼ି ଧନ-ଜୀବନ ହାନୀ କରିବାରେ ପଛାଉନାହାନ୍ତି।



ଶୁକ୍ରବାର ରାତି ୧୧ଟା ୪୫ରେ ସେନାପତି ସାହିର ରାମଚନ୍ଦ୍ର ସେନାପତିଙ୍କ ଘର ସାମ୍ନାରେ ଦୁଇ ଜଣ ଯୁବକ ତାଙ୍କ ପୁଅ ନାଗାର୍ଜ୍ଜୁନ ସେନାପତିଙ୍କ ଡାକ ନାମ ନାଗା ନାଗା ବୋଲି ଡାକିଥିଲେ। ରାମଚନ୍ଦ୍ରଙ୍କ ପତ୍ନୀ ବାସନ୍ତୀ କବାଟ ଖୋଲିଥିଲେ। ଯୁବକଦ୍ୱୟ ନାଗା ଅଛି କି ନାହିଁ ବୋଲି ପଚାରିଥିଲେ। ସେ ଘରେ ନାହିଁ ବୋଲି ବାସନ୍ତୀ କହିଥିଲେ। ଯୁବକଦ୍ୱୟ ରାସ୍ତା ଉପରେ ରଖିଥିବା ବାଇକ୍ ନିକଟକୁ ଆସି ତାଙ୍କ ଘର ଛାତ ଉପରକୁ ଏକ ବୋମାମାଡ଼ କରି 'ହାପି ଦିୱାଲୀ' ବୋଲି କହିଥିଲେ। ପରେ ବାଇକ୍‌ରେ ଶ୍ରୀରାମଚନ୍ଦ୍ରପୁର ରାସ୍ତାରେ ଫେରାର୍ ହୋଇଯାଇଥିଲେ। ଏନେଇ ଶୁକ୍ରବାର ରାତିରେ ରାମଚନ୍ଦ୍ର ସତ୍ୟବାଦୀ ଥାନାରେ ଏକ ଅଭିଯୋଗ କରିଥିଲେ। ସେହିପରି ଶନିବାର ଅପରାହ୍ଣ ପ୍ରାୟ ୩ଟାରେ ସାକ୍ଷୀଗୋପାଳ ବଡ଼ ବଜାରରେ ଏକ ବାଇକ୍‌ରେ ଦୁଇ ଜଣ ଯୁବକ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡଠାରୁ ସାକ୍ଷୀଗୋପାଳ ମନ୍ଦିର ଆଡ଼କୁ ଆସୁଥିଲେ। ବାଇକ୍ ପଛରେ ବସିଥିବା ଯୁବକ ଜଣକ ଦୁଇ ହାତରେ ଦୁଇଟି ବୋମା ଧରିଥିଲେ। ଖବର ପାଇ ସତ୍ୟବାଦୀ ପୁଲିସ ସାକ୍ଷୀଗୋପାଳ ବଡ଼ ବଜାର ମଧ୍ୟରେ ବୋମା ଧରିଥିବା ଯୁବକଙ୍କୁ କାବୁ କରିଥିଲେ। ସେହିପରି ସନ୍ଧ୍ୟା ସାଢ଼େ ୭ଟା ସମୟରେ ସାକ୍ଷୀଗୋପାଳ ଅଣ୍ଡର ପାସ୍ ଓଭରବ୍ରିଜ୍ ଉପରୁ ତଳକୁ ଦୁଇଟି ବୋମାମାଡ଼ ହୋଇଥିଲା। ଏହି ବୋମା ଦୁଇଟି ରବି ସାମନ୍ତରାୟଙ୍କ କ୍ୟାବିନ୍ ଉପରେ ପଡ଼ିଥିଲା। ଶ୍ରୀ ସାମନ୍ତରାୟଙ୍କ କ୍ୟାବିନ୍ ଟିଣ କଣା ହୋଇଯାଇଛି। ପୁରୀ ଏସ୍‌ପି ପ୍ରତୀକ ସିଂ ଶନିବାର ସକାଳେ ବୋମାମାଡ଼ ହୋଇଥିବା ରାମଚନ୍ଦ୍ରଙ୍କ ଘର ଓ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସନ୍ଧ୍ୟାରେ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ଓଭରବ୍ରିଜ୍ ନିକଟରେ ହୋଇଥିବା ବୋମାମାଡ଼ ସ୍ଥଳକୁ ଏସ୍‌ପି ଶ୍ରୀ ସିଂ ପୁଣିଥରେ ପରିଦର୍ଶନ କରିଛନ୍ତି। ଅତିରିକ୍ତ ଏସ୍‌ପି ସଚୀନ ପଟେଲ, ଏସ୍‌ଡିପିଓ ଦେବାଶିଷ ମିଶ୍ର ମଧ୍ୟ ତାଙ୍କ ସହ ଘଟଣାସ୍ଥଳ ପରିଦର୍ଶନ ଓ ଯାଞ୍ଚ କରିଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରାଙ୍କୁ ପଚାରିବାରୁ ଏହି ଘଟଣାରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଅଟକ ରଖାଯାଇଛି। ଘଟଣାର ତଦନ୍ତ ଚାଲିଛି। ତଦନ୍ତରେ ବ୍ୟାଘାତ ହେବା ଆଶଙ୍କାରେ କୌଣସି ତଥ୍ୟ ଓ ସୂଚନା ପ୍ରଦାନ କରି ନ ଥିଲେ। ଏହି ବୋମାମାଡ଼ ଘଟଣାରେ ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଶ୍ରୀ ବେହେରା ପ୍ରକାଶ କରିଥିଲେ।

### ଛୁରାମାଡ଼ରେ ଯୁବକ ଗୁରୁତର

ସାକ୍ଷୀଗୋପାଳ,୨୦।୧୨(ସମିସ): ଶନିବାର ସତ୍ୟବାଦୀ ନିମନ୍ତେ ଏକ ଅଶୁଭ ଦିନ। ଦିନରେ ବୋମାମାଡ଼ ଘଟଣା ପରେ ରାତି ସାଢ଼େ ୧୦ଟାରେ ଏକ ଛୁରାମାଡ଼ ଘଟଣା ଘଟିଛି। ଶନିବାର ରାତି ସାଢ଼େ ୧୦ଟାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସାକ୍ଷୀଗୋପାଳ ସମ୍ମୁଖରେ ସାନକାଞ୍ଜିଆ ଗ୍ରାମର ଶମ୍ଭୁ ସାହୁ (୨୦)ଙ୍କୁ କେତେଜଣ ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିବା ସହିତ ଛୁରାମାଡ଼ କରିଥିଲେ। ତାଙ୍କ ଶରୀରରେ ଏକାଧିକ ସ୍ଥାନରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାରେ ସତ୍ୟବାଦୀ ପୁଲିସ ଦୁଇ ଜଣଙ୍କୁ ଧରି ନେଇଛନ୍ତି।

## ଅଲାରନାଥଙ୍କୁ ବକୁଳ ଲାଗି

ବ୍ରହ୍ମଗିରି,୨୦।୧୨(ସମିସ): ପୌଷ ମାସ ଅମାବାସ୍ୟା ତିଥିରେ ଅଲାରନାଥଙ୍କୁ ବକୁଳ ଲାଗି କରାଯାଇଛି। ଶୁକ୍ରବାର ଭୋର୍ ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳଆଳତି, ମଇଲମ, ଅବକାଶ ଓ ଚନ୍ଦନ ତୁଳସୀ ଲାଗି ସକାଳ ୫ଟା ସୁଦ୍ଧା ସମାପ୍ତ କରାଯାଇଥିଲା। ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କୁ ଶଙ୍ଖୁଡ଼ି ଭୋଗ କରାଯିବା ପରେ ପହୁଡ଼ କରାଯାଇଥିଲା। ତା' ପରେ ଏକ ସ୍ୱତନ୍ତ୍ର ଧୂପ କରାଯାଇ ଗଇଁଠା ଓ କ୍ଷୀର ଲାଗି କରାଯାଇଥିଲା। ଏହାପରେ ଅଲାରନାଥଙ୍କୁ ଆମ୍ବ ବକୁଳ ଲାଗି କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀଜୀଉଙ୍କ ବକୁଳ ଲାଗି ବେଶ ଦେଖିବାକୁ ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଶ୍ରୀଜୀଉଙ୍କୁ ସନ୍ଧ୍ୟା ଧୂପ ଓ ଆଳତି କରାଯିବା ସହ ରାତି ୧୦ଟାରେ ପହୁଡ଼ କରାଯାଇଥିଲା।

## ଧାନ ଜମିକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ; ୧୫ ଆହତ, ୧୧ ଗିରଫ

ନୂଆପଲମହାଟ,୨୦।୧୨(ସମିସ): ନୟାହାଟ ନିକଟସ୍ଥ ନିଭରଣ ପଞ୍ଚାୟତର ନିଭରଣ ଗ୍ରାମରେ ମଠ ଜାଗାରୁ ଧାନ କଟାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୧୫ ଜଣ ଆହତ ହୋଇଛନ୍ତି। ଆହତ ବ୍ୟକ୍ତିମାନେ କଟକ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପ୍ରକାଶ ଯେ, ଭାଡ଼ାପାଟଣା ମଠ ଜମିକୁ ବେହେରା ଜାତିର ଦୁଇ ଗୋଷ୍ଠୀ ଚାଷ କରିବା ପାଇଁ ଚାହୁଁଥିଲେ। ଗୋଟିଏ ଗୋଷ୍ଠୀ ଧାନ ଚାଷ କରି ଘରକୁ ନେବା ସମୟରେ ଅନ୍ୟ ଗୋଷ୍ଠୀ ଭାଗ ମାଗି ଆକ୍ରମଣ କରିଥିଲେ। ଉକ୍ତ ଗଣ୍ଡଗୋଳ ଘଟଣାଟି କଟକ ଓ ପୁରୀ ଜିଲ୍ଲା ସୀମାନ୍ତରେ ହୋଇଥିବାରୁ ଦୁଇଟି ଥାନାରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ୧୧ ଜଣ ଗିରଫ ହୋଇଛନ୍ତି। ନିଆଳି ଓ କାକଟପୁର ପୁଲିସ ଘଟଣାର ତଦନ୍ତ କରୁଛନ୍ତି।

### ● କଂଗ୍ରେସର ସାଂଗଠନିକ ବୈଠକ

## ବ୍ଲକ୍ ସଭାପତି ପଦ ପାଇଁ ୪ ଜଣଙ୍କ ନାଁ ସୁପାରିସ୍

ଡେଲାଙ୍ଗ,୨୦।୧୨(ସମିସ):



ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ମା' କେନ୍ଦ୍ରେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ଡେଲାଙ୍ଗ ବ୍ଲକ୍ କଂଗ୍ରେସର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କଂଗ୍ରେସ ସଂଯୋଜକ ନିର୍ମଳ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଜିଲ୍ଲା ସଭାପତି ଇଂ. ରାଜେଶ ମିଶ୍ର, ପିସିସି ସମ୍ପାଦିକା ତଥା ପର୍ଯ୍ୟବେକ୍ଷକ ଶିଳ୍ପାଶ୍ରୀ ହରିଚନ୍ଦନ, ମହିଳା ନେତ୍ରୀ ନିରୂପମା ପାତ୍ର, କଂଗ୍ରେସ ନେତା ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଗୁଣନିଧି ପ୍ରଧାନ, ପ୍ରକାଶ ପ୍ରଧାନ, ମାନସ ଆଚାର୍ଯ୍ୟ, ପ୍ରହ୍ଲାଦ ପ୍ରଧାନ, ଜବାହରଲାଲ୍ ବିଶ୍ୱାଳ, ସନ୍ତୋଷ ପଣ୍ଡା, ଯୁବନେତା ବିଶ୍ୱରଞ୍ଜନ ବଳବନ୍ତରାୟ ପ୍ରମୁଖ ଯୋଗଦେଇ କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଏହି ସମାବେଶରେ ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ସୁଦୃଢ଼ କରିବା ଓ ସଂଗଠନକୁ ସଜାଡ଼ିବା ନେଇ ବିଭିନ୍ନ ମତ ଉପସ୍ଥାପନ କରିଥିଲେ। ତେବେ ଡେଲାଙ୍ଗ ଅଞ୍ଚଳରେ କଂଗ୍ରେସକୁ ମଜଭୁତ କରିବାକୁ ହେଲେ ସର୍ବପ୍ରଥମେ ବ୍ଲକ୍ ସଭାପତି ଚୟନ ହେବା ଆବଶ୍ୟକତା ରହିଛି ବୋଲି ଉପସ୍ଥିତ କର୍ମୀମାନେ ମତପ୍ରକାଶ କରିଥିଲେ। କର୍ମୀମାନଙ୍କ ପ୍ରସ୍ତାବକୁ ଜିଲ୍ଲା ସଭାପତି ଇଂ. ମିଶ୍ର ଗ୍ରହଣ କରିବା ସହିତ ସଭାପତି ଚୟନ ପାଇଁ ମତସଂଗ୍ରହ କରିଥିଲେ। ତେବେ ବ୍ଲକ୍ ସଭାପତି ନିମନ୍ତେ ୪ ଜଣଙ୍କ ନାମ ସୁପାରିସ୍ ହୋଇଥିଲା। ସୁପାରିସ୍ ହୋଇଥିବା ନାମଗୁଡ଼ିକୁ ନେଇ ଜିଲ୍ଲା ସଭାପତି ପିସିସିକୁ ଅବଗତ କରାଇବେ ଓ କଂଗ୍ରେସ ରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ବ୍ଲକ୍ ସଭାପତିଙ୍କ ନାମ ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ସେ ବୈଠକରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ କଂଗ୍ରେସ କର୍ମୀ କ୍ଷେତ୍ରମୋହନ ସାହୁ, ଅନ୍ତର୍ଯ୍ୟାମୀ ଦିକ୍ଷୀତ୍, ମାନସ ସ୍ୱାଇଁ, ଅନନ୍ତ ପ୍ରଧାନ, ପ୍ରତାପ ସେନାପତି, ସୁବାସ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ରହ୍ମଗିରି ବ୍ଲକ୍ 'ଓଷ୍ଟା' ପକ୍ଷରୁ ଶିଶୁ ମହୋତ୍ସବ

ବ୍ରହ୍ମଗିରି,୨୦।୧୨(ସମିସ): ଶନିବାର ବ୍ରହ୍ମଗିରି ବ୍ଲକ୍ 'ଓଷ୍ଟା' ପକ୍ଷରୁ ୪୨ତମ ଶିଶୁ ମହୋତ୍ସବ ଶନିବାର ସ୍ଥାନୀୟ ବିଶ୍ୱଭାରତୀ ବିଦ୍ୟାପୀଠ, ଗୋପୀନାଥ ପାଟଣା, ବରପଦାଠାରେ ଅନୁଷ୍ଠିତ ହୋଇଛି। ଏହି ଶିଶୁ ମହୋତ୍ସବରେ ବ୍ରହ୍ମଗିରି ବ୍ଲକ୍‌ର ସମସ୍ତ ଉଚ୍ଚ ବିଦ୍ୟାଳୟରୁ ପ୍ରାୟ ୨୦୦ ଛାତ୍ରଛାତ୍ରୀ ୧୦ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଭାଗରୁ ୧ମ ଓ ୨ୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ 'ଓଷ୍ଟା' ପକ୍ଷରୁ ଆୟୋଜିତ ପୁରୀ ଜିଲ୍ଲାସ୍ତରୀୟ ମହୋତ୍ସବରେ ଭାଗ ନେବା ପାଇଁ ମନୋନୀତ ହୋଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ 'ଓଷ୍ଟା' ବ୍ରହ୍ମଗିରି ବ୍ଲକ୍ ସଭାପତି ବିଜୟ କୁମାର ମିଶ୍ର ସଭାପତିତ୍ୱ କରିଥିବାବେଳେ 'ଓଷ୍ଟା' ସମ୍ପାଦକ ଜଗନ୍ନାଥ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ୍ ପ୍ରଭାରୀ ବିଭୁନାରାୟଣ ଜେନା, ବ୍ଲକ୍ ଅଧ୍ୟକ୍ଷା ରତ୍ନମାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ସରପଞ୍ଚ ସୁଜାତା ନାୟକ, ସମିତିସଭ୍ୟ ସଞ୍ଜୟ କୁମାର ପ୍ରଧାନ, ସ୍କୁଲ ସଭାପତି ଜଗନ୍ନାଥ ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ନଟବର ମନ୍ତ୍ରୀ, ଦିଲ୍ଲୀପ ବଳିଆରସିଂହ, ବିଜୟ ପଲାଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷାକର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମଙ୍ଗଳା ମନ୍ଦିର ହୁଣ୍ଡିରୁ ୨୯ ଲକ୍ଷ ଟଙ୍କା ସଂଗ୍ରହ

କାକଟପୁର,୨୦।୧୨(ସମିସ): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ଥିବା ୨ଟି ହୁଣ୍ଡିକୁ ଶୁକ୍ରବାର ଓ ଶନିବାର ଖୋଲାଯାଇ ଗଣତି କରାଯିବା ପରେ ସେଥିରୁ ୨୯ ଲକ୍ଷ ୬ ହଜାର ୨୮୦ ଟଙ୍କା ମିଳିଥିବା ଜଣାପଡ଼ିଛି। ଶୁକ୍ରବାର ଗଣତିରେ ୫୦୦ ଟଙ୍କିଆ ନୋଟ୍ ୨୦୧୩ ଖଣ୍ଡ, ୨୦୦ ଟଙ୍କିଆ ନୋଟ୍ ୧୧୦୨ ଖଣ୍ଡ, ୧୦୦ ଟଙ୍କିଆ ନୋଟ୍ ୮୦୭୯ ଖଣ୍ଡ, ୫୦ ଟଙ୍କିଆ ନୋଟ୍ ୭୮୬୮ ଖଣ୍ଡ, ୨୦ ଟଙ୍କିଆ ନୋଟ୍ ୫୮୨୨ ଖଣ୍ଡ, ୧୦ ଟଙ୍କିଆ ନୋଟ୍ ୨୮୫୭ ଖଣ୍ଡ, ୫ ଟଙ୍କିଆ ନୋଟ୍ ୭ ଖଣ୍ଡ ଏହିଭଳି ଭାବେ ମୋଟ୍ ୨୫ ଲକ୍ଷ ୭୩ ହଜାର ୨୪୫ ଟଙ୍କା ଏବଂ ଶନିବାର ଗଣତିରେ ୩ ଲକ୍ଷ ୩୩ ହଜାର ୩୫ ଟଙ୍କା ସଂଗ୍ରହ କରାଯାଇଛି। ଏହି ଗଣତି ସମୟରେ ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ, ଇନ୍ସପେକ୍ଟର ଗୌରୀଶଙ୍କର ସେଠୀ, ସ୍ଥାନୀୟ ୟୁକୋ ବ୍ୟାଙ୍କର କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ମୁଦୁଲି, ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡର ଉପଦେଷ୍ଟା ତୁଷାର ରଞ୍ଜନ ଦୀକ୍ଷିତ, କୋଷାଧ୍ୟକ୍ଷ ପ୍ରଭାତ ସିଂ, ପୂଜାପଣ୍ଡା ସେବକ ରଘୁନାଥ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।



ସଂଗ୍ରହ କରାଯାଇଥିବା ସମସ୍ତ ଟଙ୍କା ସ୍ଥାନୀୟ ୟୁକୋ ବ୍ୟାଙ୍କରେ ମନ୍ଦିର ଟ୍ରଷ୍ଟ ବୋର୍ଡ ଜମା ଖାତାରେ ଜମା କରାଯାଇଥିଲା। ଭକ୍ତଙ୍କ ଏହି ଦାନ ଅର୍ଥ ମଙ୍ଗଳା ମନ୍ଦିରର ଆଭ୍ୟନ୍ତରୀଣ ଉନ୍ନତି ପାଇଁ ବିନିଯୋଗ କରାଯିବ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

## ୨୪ରୁ ରାଜ୍ୟସ୍ତରୀୟ ଲଙ୍କେଶ୍ୱରୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ


ବଲାଙ୍ଗା,୨୦।୧୨(ସମିସ): ବଲାଙ୍ଗା ମିନି ଷ୍ଟାଡିୟମ୍‌ରେ ଆସନ୍ତା ୨୪ ତାରିଖରୁ ରାଜ୍ୟସ୍ତରୀୟ ମା' ଲଙ୍କେଶ୍ୱରୀ ଫୁଟ୍‌ବଲ୍ କପ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୮ଟି ଦଳ ଅଂଶଗ୍ରହଣ କରିବେ। ୩୦ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ସ୍ପୋର୍ଟ୍ସ କ୍ଲବ୍, ନୟାଗଡ଼ ଓ ସିଜିୟୁ ଭୁବନେଶ୍ୱର(ନାଇଜର-୧୧) ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ। ୨୫ରେ ଆୟୋଜକ ଲଙ୍କେଶ୍ୱରୀ ସ୍ପୋର୍ଟସ୍ କ୍ଲବ୍ ବଲାଙ୍ଗା ସହିତ ଜଗା ୟୁନାଇଟେଡ୍ ଭୁବନେଶ୍ୱର, ୨୬ରେ ଫ୍ରେଣ୍ଡସେ ପାରାଡାଇଜ୍, ଜଟଣୀ ଓ ସେଞ୍ଚୁରିଅନ ୟୁନିଭର୍‌ସିଟି ଭୁବନେଶ୍ୱର, ୨୭ରେ ୟୁନାଇଟେଡ୍ କ୍ଲବ୍ ଗଣ୍ଡରପୁର ଓ ଭଞ୍ଜନଗର ଫୁଟବଲ୍ କ୍ଲବ୍, ଘାଟିକିଆ ମଧ୍ୟରେ ଅନୁଷ୍ଠିତ ହେବ। ୨୮ ଓ ୨୯ ତାରିଖରେ ସେମି ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିବା ଅନୁଷ୍ଠାନର ସମ୍ପାଦକ ରଶ୍ମି ରଞ୍ଜନ ସାହୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ଲବ୍‌ର ସଭାପତି କୃପାସିନ୍ଧୁ ଦତ୍ତ, ଶରତ ଚନ୍ଦ୍ର ବିଶ୍ୱାଳ, ତୋଫାନ ପ୍ରଧାନ, ରାଜିବ ପୃଷ୍ଟି ପ୍ରଭୃତି ଅନେକ ସଭ୍ୟ ଉପସ୍ଥିତ ଥିଲେ।



### କୃଷି ବିଭାଗର ଅପାରଗତା; ହୋଇପାରିଲାନି ବିହନ ଯୋଗାଣ

# ଚିନାବାଦାମ ଚାଷରୁ ବଞ୍ଚିତ ପିପିଲି ଚାଷୀ

ପିପିଲି,୨୦।୧୨(ସମିସ): ପିପିଲି ବ୍ଲକ୍‌ରେ ଏଥର ହେବନି ଚିନାବାଦାମ ଚାଷ। କୃଷି ବିଭାଗର ଅପାରଗତାରୁ ଚାଷୀ ଚିନାବାଦାମ ଚାଷରୁ ବଞ୍ଚିତ ହେବେ। ପୁରୀ ଜିଲ୍ଲାର ସମସ୍ତ ବ୍ଲକ୍‌କୁ ଚିନାବାଦାମ ବିହନ ଯାଇଥିଲାବେଳେ ଜିଲ୍ଲାର ଏକମାତ୍ର ବ୍ଲକ୍ ପିପିଲି ଚାଷୀମାନଙ୍କ ପାଇଁ ସରକାର ଚିନାବାଦାମ ବିହନ ଯୋଗାଇ ନାହାନ୍ତି।



ପିପିଲି ବ୍ଲକ୍‌ର ଭାର୍ଗବୀ ନଦୀ ଅବବାହିକାର ଚନ୍ଦ୍ରାଦେଇପୁର, ରୂପଦେଇପୁର, ରଥପୁରୁସ୍ତମପୁର, ସରସ୍ୱତୀପୁର, ଗୋବିନ୍ଦପୁର, ଜଗନ୍ନାଥପୁର ଏବଂ ଦୟାନଦୀର ପୋପରଙ୍ଗା, ପମସରା, ଓରକଳ, କଣ୍ଟି, ଭାରତୀପୁର ଗ୍ରାମ ପଞ୍ଚାୟତର ଚାଷୀମାନେ ଚିନାବାଦାମ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରି ସେମାନଙ୍କ ଜମି ପ୍ରସ୍ତୁତ କରିଥିଲେ। କିନ୍ତୁ ଚିନାବାଦାମ ବିହନ ପିପିଲି ବ୍ଲକ୍‌କୁ ନ ଆସିବାରୁ ସେମାନେ ହତୋତ୍ସାହିତ ହୋଇପଡ଼ିଛନ୍ତି। ତେବେ ଆର୍ଥିକ ସ୍ୱଚ୍ଛଳ ଚାଷୀମାନେ ବଜାରରୁ ଚଢ଼ାଦରରେ ଚିନାବାଦାମ ବିହନ କିଣି ଚାଷ କରୁଥିବାବେଳେ ଆର୍ଥିକ ଅନୁନ୍ନତ ଚାଷୀର ଚାଷୀମାନେ ଚିନାବାଦାମ ଚାଷରୁ ମୁହଁ ଫେରାଇ ନେଉଛନ୍ତି। ଶୁକ୍ରବାର ଜିଲ୍ଲା ପରିଷଦର ଷ୍ଟାଣ୍ଡିଂ କମିଟି ବୈଠକ ପୁରୀ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବସିଥିଲା। ଏହି ବୈଠକରେ କୃଷି ବିଭାଗ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟିର ପିପିଲି ସଭ୍ୟ ଧରଣୀଧର ସାହୁ ପିପିଲିକୁ ଚିନା ବାଦାମ ମଞ୍ଜି ନ ଆସିବାର ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ଏଥିରେ ପୁରୀ ଜିଲ୍ଲା କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ ପିପିଲି ବ୍ଲକ୍ କୃଷି ବିଭାଗ ପକ୍ଷରୁ ଚିନାବାଦାମ ଚାଷ କିମ୍ବା ବିହନ ଯୋଗାଣ ନିମନ୍ତେ କୁଆଡ଼େ ମନା କରାଯାଇଥିବାର ଶ୍ରୀ ସାହୁଙ୍କୁ ଦର୍ଶାଇଥିଲେ। ତେବେ ଏ ସମ୍ପର୍କରେ ପିପିଲି ବ୍ଲକ୍ ସହକାରୀ କୃଷି ଅଧିକାରିଣୀ ସସ୍ମିତା ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିହନ ଯୋଗାଣ ନ କରିବା ପାଇଁ ମୁଁ ଲିଖିତ ଆକାରରେ କାହାକୁ କିଛି ଜଣାଇନାହିଁ। ବିଗତ ବର୍ଷ ଚିନାବାଦାମ ଚାଷୀଙ୍କର କୃଷକ ଆଇଡି ପଞ୍ଜୀକରଣରେ ବ୍ୟତିକ୍ରମ ସହିତ ଏକକାଳୀନ ୪୦୦ ଏକର ପ୍ୟାଚ୍ ନ ମିଳିବାରୁ ଡେମୋଷ୍ଟ୍ରେସନରେ ଆଉ ହୋଇପାରିବ ନାହିଁ। ପ୍ରତିବର୍ଷ ବିନାମୂଲ୍ୟରେ ଚାଷୀ ଚିନାବାଦାମ ବିହନ ପାଉଥିବାବେଳେ ଚଳିତ ବର୍ଷ ଏଥିରୁ ବଞ୍ଚିତ ହେଲେ।

## କଣାସ ବଜାରରୁ ଦୋକାନ ଗୃହ ଉଚ୍ଛେଦ

 କଣାସ,୨୦।୧୨(ସମିସ): କଣାସ ବଜାର ବାଲିଘାଇ ଛକଠାରୁ ଗୋଲାବଜାର ପର୍ଯ୍ୟନ୍ତ ସରକାରୀ ଜାଗାକୁ ମଡ଼ାଇ ଦୋକାନ କରିଥିବା ଗୃହ ଭାଙ୍ଗିବା ପାଇଁ କଣାସ ତହସିଲ୍‌ଦାର ହିମାଂଶୁ ଶେଖର ଗିରି ଦୁଇମାସ ତଳେ ନୋଟିସ୍ ଦେବା ସହିତ ବାରମ୍ବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ଦୋକାନ ଗୃହ ଭାଙ୍ଗିଦେବା ପାଇଁ ନିବେଦନ କରିଥିଲେ। ଗତ ମାସ ୧୪ ତାରିଖ ଦିନ କଣାସ ବାଲିଘାଇ ଛକଠାରେ କଣାସ କୁଞ୍ଜେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ସରକାରୀ ଜାଗାକୁ ବଢ଼ିଥିବା ଦୋକାନ ଗୃହଗୁଡ଼ିକ ଭାଙ୍ଗିଦେଇଥିଲେ। ଶନିବାର ପୁନଶ୍ଚ କୁଞ୍ଜେଶ୍ୱରୀ ମନ୍ଦିରଠାରୁ ବସ୍‌ଷ୍ଟାଣ୍ଡ, ଗୋଲାବଜାର ପର୍ଯ୍ୟନ୍ତ ସରକାରୀ ଜମିରେ ଥିବା ଦୋକାନ ଗୃହଗୁଡ଼ିକ ଜେସିବି ଲଗାଇ ଭାଙ୍ଗି ଦେଇଛନ୍ତି। ଭାଙ୍ଗିବା ସମୟରେ ତହସିଲ୍‌ଦାର ହିମାଂଶୁ ଶେଖର ଗିରି, ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ, କଣାସ ଆଇଆଇସି ପ୍ରଶନ୍ନ କୁମାର ନାୟକ, ଦମକଳ ବାହିନୀର କର୍ମଚାରୀ ଓ ପୁଲିସ୍ ଫୋର୍ସ ଉପସ୍ଥିତ ରହି ଭଙ୍ଗା କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। କେତେକ ଦୋକାନୀ ଭଙ୍ଗା କାର୍ଯ୍ୟରେ ପ୍ରୀୟାପ୍ରିତି ହୋଇଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଥିଲେ।



## ୪ ଗୁଣ୍ଠ କ୍ଷେତର ଧାନ ପୋଡ଼ି ପାଉଁଶ



**ନିଶ୍ଚିନ୍ତକୋଇଲି, ୨୦।୧୨(ସମିସ):** ନିଶ୍ଚିନ୍ତକୋଇଲି ଥାନା ଅଧୀନସ୍ଥ ସରପଡ଼ା ପଞ୍ଚାୟତ ବଡ଼ଥାକନ ଗ୍ରାମର ନିରଞ୍ଜନ ମହାନ୍ତିଙ୍କ ପାଚିଲା ଧାନ କ୍ଷେତରେ ଅଗ୍ନିକାଣ୍ଡ ଘଟି ହାରାହାରି ୪ଗୁଣ୍ଠ ଧାନ କ୍ଷେତ ସମ୍ପୂର୍ଣ୍ଣ ଜଳିଯାଇଛି। ଖଣ୍ଡସାହି ଗହୀର ବିଲରେ ଥିବା ଏକ ୨୨ଗୁଣ୍ଠ ଚକଜମିର ଗୋଟିଏ ପାର୍ଶ୍ୱରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏହି କ୍ଷେତକୁ ଲାଗି ଅନ୍ୟ ଜଣେ ପଡ଼ୋଶୀଙ୍କ କ୍ଷେତ ରହିଥିବାରୁ ସେ ଧାନକଟା ମେସିନ ଦ୍ୱାରା ତାଙ୍କର ଧାନ କାଟିଥିଲେ। ପରେ କ୍ଷେତରେ କୁଟାକୁ ନଷ୍ଟ କରିବା ପାଇଁ ନିଆଁ ଲଗାଇଥିବାରୁ ଏହି ନିଆଁ ପାଖ ଧାନ କ୍ଷେତକୁ ବ୍ୟାପିଯାଇଥିଲା। ଫଳରେ କଟାଯାଇ ନଥିବା କ୍ଷେତରେ ନିଆଁ ଲାଗିଯିବାରୁ ହାରାହାରି ୫ବସ୍ତାରୁ ଊର୍ଦ୍ଧ୍ୱ ପୋଡି ନଷ୍ଟ ହୋଇଛି। ନିଶ୍ଚିନ୍ତକୋଇଲି ଦଳମକଳ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ପୂର୍ବରୁ ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିଦେଇଥିବାରୁ ଅନ୍ୟ ଧାନ କ୍ଷେତଗୁଡ଼ିକ ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଥିଲା। ଉକ୍ତ ଘଟଣା ଜଣାପଡ଼ିବା ପରେ କ୍ଷତିଗ୍ରସ୍ତ ଚାଷୀ କିଭଳି କ୍ଷତିପୂରଣ ପାଇବ ସେନେଇ ଚିନ୍ତାରେ ପଡ଼ିଛି। ଉକ୍ତ ଘଟଣାକୁ କ୍ଷତିଗ୍ରସ୍ତ ଚାଷୀ ଓ ଅଗ୍ନିକାଣ୍ଡ ଘଟାଇଥିବା ଚାଷୀଙ୍କ ମଧ୍ୟରେ ଆପୋଷ ସମାଧାନ କରାଯିବା ପାଇଁ ଉଦ୍ୟମ ଚାଲିଥିବା ଜଣାଯାଇଛି।

## ଝିଅ ହତ୍ୟାକାରୀ ବାପାକୁ ୧୦ ବର୍ଷ ଜେଲ୍

**ଆଠଗଡ଼, ୨୦।୧୨(ସମିସ):** ଗତ ୨୦୧୮ ରେ ବଡମ୍ବା ଥାନା ଅନ୍ତର୍ଗତ ରଗଡ଼ିପଡ଼ା ଗ୍ରାମରେ ଜଣେ ବାପା ତା'ର ନାବାଳିକା ଝିଅକୁ ହତ୍ୟା କରିବା ଅଭିଯୋଗରେ ୧୦ ବର୍ଷ ଜେଲ୍ ଦଣ୍ଡ ୧୦ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି। ୨୦୧୮ ଜୁଲାଇରେ ସମୀର ନାଏକ ୫ ବର୍ଷର ନାବାଳିକା ଝିଅ କାବେରୀକୁ ଘର ଭିତରେ ପୁରାଇ ବାଉଁଶ ଠେଙ୍ଗାରେ ଅମାନୁଷିକ ଭାବରେ ମାଡ଼ ମାରି ରକ୍ତାକ୍ତ କରି ଦେଇଥିଲା। ଫଳରେ ତାକୁ ଚିକିତ୍ସା ପାଇଁ ନେବା ବାଟରେ ତା'ର ମୃତ୍ୟୁ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀ ପଡ଼ୋଶୀ କୈଳାସ ନାଏକଙ୍କ ଏତଲାକୁ ଭିତ୍ତିକରି ବଡମ୍ବା ଥାନା ପୁଲିସ ଏତଲା ପଞ୍ଜିକୃତ କରି ତଦନ୍ତ ଆରମ୍ଭ କରିବା ସହ ନିର୍ଦ୍ଧାରିତ ସମୟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ମାମଲାର ବିଚାର କରି ଆଠଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରାଜକୁମାର ଦାସ ଅଭିଯୁକ୍ତ ପିତା ସମୀରକୁ ୧୦ ବର୍ଷ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ତିନି ମାସ କାରାଦଣ୍ଡାଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଶରତ ଦାଶ ଏବଂ ଦେବାଶିଷ ସିଟ୍ ମାମଲା ପରିଚାଳନା କରୁଥିଲେ।

## ବନ କର୍ମଚାରୀଙ୍କୁ ଆକ୍ରମଣ: ଅଭିଯୁକ୍ତକୁ ୩ ବର୍ଷ ଜେଲ୍

**ଆଠଗଡ଼, ୨୦।୧୨(ସମିସ):** ଗତ ୨୦୨୨ ମସିହାରେ ନରସିଂହପୁର ବନାଞ୍ଚଳରେ ଜଣେ କାର୍ଯ୍ୟରତ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତକୁ ୩ ବର୍ଷ ୮ ମାସ ଜେଲ ଦଣ୍ଡାଦେଶ ହୋଇଥିବା ଜଣାପଡ଼ିଛି। ୨୦୨୨ ଅକ୍ଟୋବର ୨୦ ତାରିଖରେ ନରସିଂହପୁର ବନାଞ୍ଚଳ କର୍ମଚାରୀମାନେ କାର୍ଯ୍ୟରତ ଥିବା ବେଳେ ନରସିଂହପୁରର ଅଭିଯୁକ୍ତ ରିଜା ଜୁଲମ ମହମ୍ମଦ ସେମାନଙ୍କୁ ମାଡ଼ ମାରିବା ସହ ଅସମ୍ମାନ କରି କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ନରସିଂହପୁର ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ମାମଲାର ବିଚାର କରି ଆଠଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରାଜକୁମାର ଦାସ ଉପରୋକ୍ତ ଦଣ୍ଡ ଶୁଣାଇଛନ୍ତି।

## ହୃଦ୍‌ଘାତରେ ଡାଟା ଏଣ୍ଟ୍ରି ଅପରେଟରଙ୍କ ମୃତ୍ୟୁ

**ଆଠଗଡ଼, ୨୦।୧୨(ସମିସ):** ଶନିବାର ସକାଳେ ଜେନାପଦା ଗ୍ରାମ ପଞ୍ଚାୟତର ଡାଟା ଏଣ୍ଟ୍ରି ଅପରେଟର ରତିକାନ୍ତ ରଥ (୩୭)ଙ୍କ ହୃଦଘାତରେ ପରଲୋକ ହୋଇଥିବା ଜଣାପଡ଼ିଛି। ବଡ଼ମ୍ବା ଅଞ୍ଚଳର ଶ୍ରୀ ରଥ ଗତକାଲି ରାତିରେ ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବଡମ୍ବା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କ ମୃତ୍ୟୁ ହୋଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**ଟିଗିରିଆ, ୨୦।୧୨((ସମିସ):** କଟକ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥ ଟିଗିରିଆ ଥାନା ଅଧୀନ ବିନ୍ଧାଣିମା ବାଇପାସ ମଙ୍ଗଳା ମନ୍ଦିର ନିକଟରେ ଶନିବାର ସକାଳେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଉଛନ୍ତି ବାଙ୍କୀ ଥାନା ଅନ୍ତର୍ଗତ ବାଉଁଶପୁଟ ଗ୍ରାମର ଛବି ଦଲେଇ (୪୫)। ଛବି ନିଜ ଅଞ୍ଚଳରୁ ପରିବା ନେଇ ନିଜ ଗାଡ଼ିରେ ନେଇ ଅନ୍ୟତ୍ର ବ୍ୟବସାୟ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ସବୁଦିନ ପରି ଆଜି ସକାଳେ ନିଜ ଗାଡ଼ିରେ ପରିବା ନେଇ ବ୍ୟବସାୟ ପାଇଁ ଯାଉଥିବା ବେଳେ ଭୋର ପ୍ରାୟ ୪ଟାରେ ବିନ୍ଧାଣିମା ବାଇପାସ ମଙ୍ଗଳା ମନ୍ଦିର ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଧକ୍କାରେ ଛବି ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ି ରହିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ଟିଗିରିଆ ଅଗ୍ନିଶମ ବିଭାଗ ପହଞ୍ଚି ଗୁରୁତର ଭାବେ ଆହତ ଛବିଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ଷ ବର୍ଷ ଧରି ଟିଗିରିଆ ଅଞ୍ଚଳର ବେଆଇନ ଖଣି ଓ କ୍ରସରରୁ ଦୈନିକ ଶହଶହ ହାଇୱା ଗାଡ଼ିରେ ଦିବାରାତ୍ର ବେଆଇନ ଚିପ୍ସ ବୁହାଚାଲିଛି। ଏହି ରାସ୍ତା ଦେଇ ଯାତାୟାତ କରୁଥିବା ହାଇୱା ଗାଡି ମଧ୍ୟରୁ କୌଣସି ଗାଡି ଛବିଙ୍କୁ ଧକ୍କା ଦେଇଥିବାର ଅନୁମାନ କରାଯାଇଛି। ମୃତକ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

# ବିବାହ କରାଇବାକୁ ଡାକିନେଇ ଯୁବକଙ୍କୁ ହତ୍ୟା



**ସାଲେପୁର, ୨୦।୧୨(ସମିସ)**

ଜଣେ ଯୁବକଙ୍କୁ ବିବାହ କରାଇଦେବାକୁ ଡାକିନେଇ ଘରେ ପିଟିପିଟି ବେକରେ ଗାମୁଛା ବାନ୍ଧି ଗୁହାଳ ଘରେ ଟାଙ୍ଗି ଦେଇଥିବା ନେଇ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ମିର୍ଜାପୁର ପଞ୍ଚାୟତ ଦେଉଳି ଗ୍ରାମର ମନୋଜ ଦାସଙ୍କ ପୁଅ ଅଶୋକ ଦାସ (୨୦)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ବିଞ୍ଝାରପୁର ଥାନା ମଇଁଦା ଗ୍ରାମର କଇନ ଦାସଙ୍କ ପରିବାର ଲୋକେ ତାଙ୍କୁ ଘରକୁ ଡାକିଥିଲେ। ସେଠାରେ ରାତିସାରା ଏକ କୋଠରୀ ମଧ୍ୟରେ ପିଟି ପିଟି ଗୁରୁତର ଆହତ କଲାପରେ ଏକ ଗାମୁଛାରେ ଅଶୋକର ବେକକୁ ବାନ୍ଧି ଗୁହାଳରେ ଟାଙ୍ଗି ଦେଇଥିବା ନେଇ ପରିବାର ଲୋକେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ କଇନ ଦାସଙ୍କ ଝିଅ ସାଲେପୁର ଥାନା ଦେଉଳି ଗ୍ରାମର ଜଣେ ଯୁବକଙ୍କୁ ବିବାହ କରିଥିଲେ। କିଛି ଦିନ ପରେ ଅଶୋକ ସହ କଇନଙ୍କ ଝିଅ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ଶାଶୂଘର ଏସବୁ ଜାଣିବାପରେ ବୋହୂକୁ ତା'ର ବାପ ଘର ବିଞ୍ଝାରପୁରକୁ ପଠାଇ ଦେଇଥିଲେ। ହଠାତ୍ ଗୁରୁବାର ଅଶୋକ ଦାସ ଭୁବନେଶ୍ୱରରେ କାମ କରୁଥିବାବେଳେ ତାଙ୍କୁ ଫୋନ୍ ଯୋଗେ ବିଞ୍ଝାରପୁର ମଇଁଦା ଗ୍ରାମକୁ କଇନ ଦାସ ତାଙ୍କ ଝିଅ ସହ ବିବାହ କରାଇଦେବା ପାଇଁ ଡାକିଥିଲେ। ଅଶୋକ ବିଞ୍ଝାରପୁରସ୍ଥିତ କଇନଙ୍କ ଘରେ ପହଞ୍ଚିବା ପରେ କଇନ ଓ ତାଙ୍କ ପରିବାର ସଦସ୍ୟମାନେ ଏକ କୋଠରୀରେ ପୁରାଇ ଅଶୋକଙ୍କ ବାପାମା'ଙ୍କୁ ଡକାଇଥିଲେ।

**ଅଭିଯୋଗ ଆଣିଲେ ପରିବାର ଲୋକେ**

ଅଶୋକଙ୍କ ପରିବାର ସଦସ୍ୟ ସେଠାରେ ପହଞ୍ଚିବାପରେ କଇନ ତାଙ୍କୁ ୫ ଲକ୍ଷ ଟଙ୍କା ଦାବି କରିଥିଲେ। ପଇସା ଯୋଗାଡ଼ କରିବା ପାଇଁ ଅଶୋକର ମା', ଭାଇ ଓ ମାମୁ ଘରକୁ ଫେରିଆସିଥିବାବେଳେ ଅଶୋକଙ୍କ ବାପାଙ୍କୁ ଅଟକ ରଖିଥିଲେ। ପରେ ବାପାଙ୍କୁ ଚା ପିଆଇବା ବାହାନାରେ ବଜାରକୁ ଡାକି ନେଇଥିବା ବେଳେ ଅନ୍ୟ ସଦସ୍ୟମାନେ ଗୁରୁତର ଆହତ ହୋଇଥିବା ଅଶୋକଙ୍କୁ ଏକ ଗାମୁଛାରେ ବାନ୍ଧି ଗୁହାଳରେ ଟାଙ୍ଗି ଦେଇଥିଲେ। ଅଶୋକର ବାପା ସେଠାକୁ ଫେରି ପୁଅକୁ ଝୁଲନ୍ତା ଅବସ୍ଥାରେ ଦେଖି ମେଡିକାଲକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛି।

## ଜଗନ୍ନାଥ ସେବା ସମବାୟ ସମିତିରେ ଓମ୍‌ଫେଡ୍ ଷ୍ଟଲ୍ ଉଦ୍‌ଘାଟିତ



**ଫୁଲନଖରା, ୨୦।୧୨(ସମିସ):** କୁରାଙ୍ଗପ୍ରଧାନ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣଝରିଲୋସ୍ଥିତ ଶ୍ରୀଜଗନ୍ନାଥ କୃଷକ ସେବା ସମବାୟ ସମିତି ପରିସରରେ ଓମ୍‌ଫେଡ୍ ଓ ନାଫେଡ୍ ପକ୍ଷରୁ ଦୁଇଟି ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ନିଆଳି ବିଧାୟକ ଛବି ମଲ୍ଲିକ ମୁଖ୍ୟଅତିଥି, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ସମବାୟ ସମିତିର ସଭାପତି ଗୋଲେଖଚନ୍ଦ୍ର ପାତ୍ର, ସମ୍ପାଦକ ପ୍ରଣୟ କୁମାର ଦାଶ, ଜିଲ୍ଲା ଦୁଗ୍ଧ ଉତ୍ପାଦକ ସଂଘ ସାଧାରଣ ପରିଚାଳକ ଡଃ ଦିଗମ୍ବର ନାୟକ, କଟକ ମଣ୍ଡଳ ସମବାୟ ସହକାରୀ ନିବନ୍ଧକ ଶରତଚନ୍ଦ୍ର ମଲିକ, ବିପଣନ ଅଧିକାରୀ ଡଃ ଆଲୋକ ଅଗ୍ନିବେଶ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଜୈବିକ ଖତ ଓ ପାନୀୟଜଳ ପ୍ରକଳ୍ପଗୁଡ଼ିକ ମଧ୍ୟ ଅତିଥିଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ଅଡ଼ା ଗ୍ରାମର ମହିଳା ଚାଷୀ ସୁବିସିନୀ ଦାସଙ୍କୁ କୁକୁଡ଼ା ଚାଷ ପାଇଁ ୨୦ ଲକ୍ଷ ଟଙ୍କାର ଆର୍ଥିକ ଋଣ ମଞ୍ଜୁର ହୋଇଛି। କଟକ ସଦର ସବ୍‌ଡିଭିଜନ୍‌ରେ ଏହା ଏକ ଆଦର୍ଶ ସମବାୟ ସମିତି ଭାବରେ ପରିଗଣିତ ହେବା ସହ ଆଗାମୀ ଦିନରେ ଅନ୍ୟାନ୍ୟ କୃଷିଭିତ୍ତିକ ସୁବିଧାମାନ ଉପଲବ୍ଧ ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ସମିତିର ପଞ୍ଜିକୃତ ଚାଷୀ, ନିର୍ଦ୍ଦେଶକ ଓ ଜନପ୍ରତିନିଧିଙ୍କ ସହ ଓମ୍‌ଫେଡ, ନାଫେଡ୍, ପାକ୍ସ ଓ ଖାଉଟି ଯୋଗାଣ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

## ସର୍ବନିମ୍ନ ମଜୁରୀ ଦାବିରେ ଜନସ୍ୱାସ୍ଥ୍ୟ କର୍ମଚାରୀଙ୍କ ବିକ୍ଷୋଭ



**ଚୌଦ୍ୱାର, ୨୦।୧୨(ସମିସ):** ଚୌଦ୍ୱାର ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ସର୍ବନିମ୍ନ ମଜୁରୀ ଦାବିରେ ବିଭାଗର ଚଷାପଡ଼ାସ୍ଥିତ ଜଳ ଉତ୍ତୋଳନ କେନ୍ଦ୍ର ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଠିକା କର୍ମଚାରୀ ବିଗତ ୮ବର୍ଷ ଧରି କାର୍ଯ୍ୟ କରିଆସୁଥିବାବେଳେ ସେମାନଙ୍କୁ ସର୍ବନିମ୍ନ ମଜୁରୀରୁ କମ ବେତନ ପ୍ରଦାନ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ସେମାନଙ୍କୁ ଇଏସ୍‌ଆଇ ଓ ପିଏଫ ଯୋଜନାରେ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏ ସମ୍ପର୍କରେ ସେମାନେ ବିଭାଗୀୟ ଏସଡିଓ ଏବଂ ଜେଇଙ୍କୁ ଦାବି ପୂରଣ ପାଇଁ ଅନୁରୋଧ କରିବାରୁ ସେମାନଙ୍କୁ କାର୍ଯ୍ୟରୁ ଛଟେଇ କରାଯିବ ବୋଲି ଧମକ ଦିଆଯାଇଥିଲା। ଶେଷରେ ବାଧ୍ୟହୋଇ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା ସୂଚନା ଦେଇଥିଲେ। ଏନେଇ ସ୍ଥାନୀୟ ବିଭାଗୀୟ ଏସ୍‌ଡ଼ିଓ ଏବଂ ଜେଇଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସୋମାନେ ଫୋନ୍ ଉଠାଇ ନଥିଲେ। ପରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଦାବି ପୂରଣ ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଆଠଗଡ଼ ବିଦ୍ୟୁତ୍ ଉପଭୋକ୍ତା ସଂଘର ଦାବିପତ୍ର

**ଆଠଗଡ଼, ୨୦।୧୨(ସମିସ):** ରାଜ୍ୟରେ ବିଦ୍ୟୁତ ଉପଭୋକ୍ତାମାନଙ୍କ ଉପରେ ଅତିରିକ୍ତ ବିଦ୍ୟୁତ ସିକ୍ୟୁରିଟି ଲାଗୁ କରିବା ପାଇଁ ଟିପିସିଓଡିଏଲ ବାର୍ତ୍ତା ମାଧ୍ୟମରେ ଜଣାଇଥିବା ବେଳେ ଏହାକୁ ବିରୋଧ କରିବା ଆରମ୍ଭ କରିଛନ୍ତି ଉପଭୋକ୍ତା। ଆଠଗଡ଼ ଅଞ୍ଚଳରେ ଉପଭୋକ୍ତାଙ୍କ ନିକଟକୁ ଟି ପି ସି ଓ ଡ଼ି ଏ ଲ ମେସେଜ ଦେବାପରେ ଉପଭୋକ୍ତା ସଂଘ ଏହାକୁ ବିରୋଧ କରିଛି। ଶନିବାର ଆଠଗଡ଼ ବିଦ୍ୟୁତ ଉପଭୋକ୍ତା ସଂଘ ତରଫରୁ ଟିପିସିଓଡ଼ିଏଲ ଅଧୀକ୍ଷଣ ଯନ୍ତ୍ରୀ (ଏସଇ)ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଆଇନୀଜୀବୀ ମୃତ୍ୟୁଞ୍ଜୟ ମହାପାତ୍ର, ସମ୍ପାଦକ ଆଇନଜୀବୀ ଶ୍ୟାମାନନ୍ଦ ମହାରଣା, ଆବାହକ ଲଲାଟେନ୍ଦୁ ସେନାପତି, ସୁରେଶଚନ୍ଦ୍ର ପରିଡ଼ା, ଶିବପ୍ରସାଦ ପଣ୍ଡା, ଶରତଚନ୍ଦ୍ର ସାମନ୍ତ, ଗିରିଶ କୁମାର ମିଶ୍ର, ନବକିଶୋର ରାଉତ, ଧରଣୀଧର ମହାପାତ୍ର, ବୀରକିଶୋର ମହାପାତ୍ର, ପ୍ରଭାତ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୧୫ ମଧ୍ୟରେ ଯଦି ଟିପିସିଓଡ଼ିଏଲ ଅତିରିକ୍ତ ବିଦ୍ୟୁତ ସିକୁରିଟିକୁ ଉଚ୍ଛେଦ ନକରେ ତେବେ ବିଦ୍ୟୁତ ଉପଭୋକ୍ତା ସଂଘ ଟିପିସିଓଡ଼ିଏଲ ଅଫିସ ଆଗରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛି।



**ସିଦ୍ଧଗିରି ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ**

## ଗରିବ ବିଦ୍ୟାର୍ଥୀଙ୍କୁ ମାଗଣା ଶିକ୍ଷା ଘୋଷଣା




**ଟାଙ୍ଗୀ, ୨୦।୧୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ସିଦ୍ଧଗିରି ନୋଡାଲ୍ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି। ପୁରସ୍କାର ବିତରଣ ମଞ୍ଚରେ ମୁଖ୍ୟ ଅତିଥିଭାବେ ଟାଙ୍ଗିସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ ବେହେରା ଆଗାମୀ ଦିନରେ ଏଠାରୁ ସଫଳତାର ସହ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଆର୍ଥିକ ଦୁର୍ବଳ ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ମୁକ୍ତ ଓ ଅବାଧ ଶିକ୍ଷା ପ୍ରଦାନରେ ସହାୟକ ହେବେ ବୋଲି ଘୋଷଣା କରିଥିଲେ। ମୁଖ୍ୟବକ୍ତା ସରପଞ୍ଚ ସୁଜାତା ହାତୀ, ସମ୍ମାନିତ ଅତିଥି ତଥା ପୁରାତନ ଛାତ୍ର, ସମାଜସେବୀ ପ୍ରଫୁଲ୍ଲ ସ୍ୱାଇଁ, କ୍ଷେତ୍ରବାସୀ ତ୍ରିପାଠୀ ଯୋଗ ଦେଇଥିଲେ। ସଭାରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଧୁସୂଦନ ପାଲ୍। ଏହି ଅବସରରେ କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରାଯାଇଥିଲା।

## ସାଧୁବଟ ଗୁରୁକୁଳରେ ସ୍ୱାସ୍ଥ୍ୟସେବା ଶିବିର




**କିଶନନଗର, ୨୦।୧୨(ସମିସ):** କଟକ ସଦର ନିର୍ବାଚନମଣ୍ଡଳୀର ଶିର୍ଲୋ ବ୍ରାହ୍ମଣଖଣ୍ଡ ଅଧୀନସ୍ଥ ସାଧୁବଟ ଆବାସିକ ବିଦ୍ୟାମନ୍ଦିର ଗୁରୁକୁଳରେ ଶନିବାର ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପଦ୍ମିନୀ କେୟାର ହସ୍ପିଟାଲ ଡ୍ରିମ୍ସ ଟାଙ୍ଗୀ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ଭେଷଜ ଓ ଅସ୍ଥିଶଲ୍ୟ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପଦ୍ମିନୀ କେୟାର ହସ୍ପିଟାଲର ମାର୍କେଟିଙ୍ଗ ମ୍ୟାନେଜର ଏ. ନମିତାଭ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିର ପରିଚାଳନାରେ ସମାଜସେବୀ ଅରୁଣ ସାହୁ, ପ୍ରମୋଦ ମହାପାତ୍ର, ଶାରଦା ପ୍ରସାଦ ଆଚାର୍ଯ୍ୟ, ଦେବାଶିଷ ରାୟ, ପ୍ରଭାକର ବାରିକ, ପ୍ରକାଶ ଆଚାର୍ଯ୍ୟ, ରାଜେଶ ପ୍ରଧାନ, ମମତା ପଟ୍ଟନାୟକ, ଲିପ୍ସା ମଣ୍ଡଳ, ସବିତା ସାହୁ, ସୁଲୋଚନା ବେହେରା ପ୍ରମୁଖ ଗୁରୁଜୀ ଓ ଗୁରୁମା ଏବଂ ଯୁବ ସାମ୍ବାଦିକ ଜଗନ୍ନାଥ ଆଚାର୍ଯ୍ୟ ଓ ପ୍ରଦ୍ୟୁମ୍ନ ଜେନା ସହଯୋଗ କରିଥିଲେ। ଡାକ୍ତର ଆନନ୍ଦ ଚରଣ ଦାସ, ଫାର୍ମାସିଷ୍ଟ ସୌମ୍ୟରଞ୍ଜନ ଲେଙ୍କା, ଶେଖ ଫାରଉଦିନ, ବର୍ଷା ରାଉତ, ସାବରମତି ବେହେରା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ଆଇନଜୀବୀଙ୍କ ପରଲୋକ

**ଆଠଗଡ଼, ୨୦।୧୨(ସମିସ):** ଆଠଗଡ଼ ଅଞ୍ଚଳର ବରିଷ୍ଠ ଆଇନଜୀବୀ ଅଦ୍ୱୈତ ଚରଣ ପଣ୍ଡା(୭୮)ଙ୍କ ଶନିବାର ପରଲୋକ ହୋଇଯାଇଛି। ଦୀର୍ଘ ବର୍ଷ ଆଠଗଡ଼ ଅଦାଲତରେ ଶ୍ରୀ ପଣ୍ଡା ଆଇନସେବା ଯୋଗାଇ ଦେବା ସହ ଆଠଗଡ଼ ଓକିଲ ସଂଘର ବିଭିନ୍ନ ପଦପଦବୀରେ ରହିଥିଲେ। ଅପରାହ୍ନ ସମୟରେ ତାଙ୍କ ମରଶରୀରକୁ ଗାନ୍ଧୀମାର୍ଗସ୍ଥିତ ବାସଭବନକୁ ଅଣାଯାଇ ସେଠାରୁ ଆଠଗଡ଼ ଅଦାଲତକୁ ନିଆଯାଇଥିଲା। ଆଠଗଡ଼ ଓକିଲ ସଂଘ ସଭାପତି ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ବନବିହାରୀ ସାହୁ, ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ଶରତ କୁମାର ଦାଶ, ପ୍ରଶାନ୍ତ କୁମାର ମିଶ୍ର, ଆଇନଜୀବୀ ଭବାନୀ ଶଙ୍କର ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ବୀରକିଶୋରପୁର ଶ୍ମଶାନଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ଆଇନଜୀବୀ ଅଚ୍ୟୁତ ପଣ୍ଡା ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଆଠଗଡ଼ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ପ୍ରିମିୟର ଲିଗ୍ କ୍ରିକେଟ: ଚାରିଘରିଆ ଚାମ୍ପିଅନ



**ଚୌଦ୍ୱାର, ୨୦।୧୨(ସମିସ)**

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ନୂଆସାହିରେ ୩ଦିନ ଧରି ଅନୁଷ୍ଠିତ ନୂଆସାହି ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଜିଲ୍ଲାର ମୋଟ ୧୬ଟି ଟିମ ଏଥିରେ ଅଂଶଗ୍ରହଣ କରିଥିଲେ। ଚୌଦ୍ୱାର ବିଲତେରୁଆଁର ଏମବିବିସି ଟିମ ଓ ଚାରିଘରିଆ ଟିମ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଏମବିସିସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୪୭ରନ କରିଥିବା ବେଳେ ଚାରିଘରିଆ ୪୮ ରନ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ କୁମାର ସାହୁ, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ବିଷ୍ଣୁଚରଣ ପରିଡ଼ା, ସୁବାସ ବାରିକ, ଅଜୟ ଶର୍ମା ପ୍ରମୁଖ ଅତିଥି ବିଜୟୀ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ରଜତ ପଣ୍ଡା, ଦୁଃଶାସନ ସାହୁ, ଜ୍ଞାନେନ୍ଦ୍ର ବଳ ଖେଳ ପରିଚାଳନା କରିଥିଲେ। ଡାନିଏଲ ପାତ୍ରୀ, ସୁଜିତ୍ କୁମାର ବେହେରା, ସୁଧାନନ୍ଦ ପଣ୍ଡା, ଅମୂଲ୍ୟ ବେହେରା, ଦ୍ୱିତୀରଞ୍ଜନ ବେହେରା, ଦୀପ୍ତିରଞ୍ଜନ ସାମଲ ପରିଚାଳନା କରିଥିଲେ।

**ବଚନ ସ୍ମାରକୀ ଫୁଟ୍‌ବଲ**

## ପେନାଲ୍‌ଟି କର୍ଣ୍ଣର ବିବାଦକୁ ନେଇ ଖେଳ ଅଧାରୁ ବନ୍ଦ

**ନିଶ୍ଚିନ୍ତକୋଇଲି, ୨୦।୧୨(ସମିସ):** କଟକ ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ମାହାଙ୍ଗା ଆଥଲେଟିକ ଆସୋସିଏସନ ସହଯୋଗରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟ ଖେଳ ପଡ଼ିଆରେ ହେଉଥିବା ବଚନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ଖେଳ ଅଧାରୁ ବନ୍ଦ ହୋଇଛି। ମ୍ୟାଚ୍‌ର ମୁଖ୍ୟ ରେଫରୀ ପ୍ରଦୀପ ମହାନ୍ତିଙ୍କ ଏକ ପେନାଲ୍‌ଟି କର୍ଣ୍ଣର ନିଷ୍ପତ୍ତିକୁ ଚୌଦ୍ୱାର ଫୁଟବଲ ଦଳ ନ ମାନିବାରୁ ଖେଳ ଅଧାରୁ ବନ୍ଦ ରହିଥିଲା। ଶନିବାର ଅପରାହ୍ନରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ୱାଇଏଏଫ୍‌ସି ଚୌଦ୍ୱାର କ୍ଲବ ଏବଂ ଉଦୟ କ୍ଲବ କଟକ ମଧ୍ୟରେ ଆରମ୍ଭ ହୋଇଥିଲା। ପ୍ରଥମାର୍ଦ୍ଧରେ ୧୦ ମିନିଟ୍ ମଧ୍ୟରେ ଚୌଦ୍ୱାର ଦଳ ଏକ ଗୋଲ ଦେଇଥିଲା। ଏହାପରେ ଏକ ପେନାଲ୍‌ଟି କର୍ଣ୍ଣର ଉଦୟ କ୍ଲବର ହୋଇଥିଲା ବେଳେ ଚୌଦ୍ୱାର ଦଳ ପକ୍ଷରୁ ଏହି ନିଷ୍ପତ୍ତିକୁ ନେଇ ଆପତ୍ତି ଉଠାଯାଇଥିଲା। ସମୟ ଅତିକ୍ରାନ୍ତ ହେବା ପରେ ରେଫରୀଙ୍କ ପକ୍ଷରୁ ଖେଳ ବନ୍ଦ କରାଯାଇଥିଲା। ଏହି ଦୁଇ ଦଳ ମଧ୍ୟରୁ କେଉଁ ଦଳକୁ ବିଜୟୀ ଘୋଷଣା କରାଯିବ ସେନେଇ ଖେଳ ପଡ଼ିଆରେ କିଛି ନିଷତ୍ତି ହୋଇନାହିଁ। ଘଟଣା ସଂକ୍ରାନ୍ତରେ ଜିଲ୍ଲା କ୍ରୀଡ଼ା ସଂସଦକୁ ଅବଗତ କରାଯିବା ପରେ ଏହି ମ୍ୟାଚ୍‌ରେ କିଏ ବଜୟୀ ହେ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।



# ପୁଲିସ ପଞ୍ଝାରେ ଲଟେରୀ ଗ୍ୟାଙ୍ଗ; ମୁଖିଆ ସମେତ ୪ ଗିରଫ

ରାଉରକେଲା, ୨୦।୧୨(ସମିସ)



ସହରରେ ବେଆଇନ ଲଟେରୀ ରାକେଟ ଚାଲିଥିବା ବେଳେ ଦୀର୍ଘ ୧୭ ବର୍ଷ ପରେ ରାଉରକେଲା ପୁଲିସ ଜିଲ୍ଲା ଅଧୀନରେ ଥିବା ପ୍ଲାଣ୍ଟ ସାଇଟ୍ ଥାନା ପୁଲିସ ପଞ୍ଝାରେ ଧରା ପଡ଼ିଛି। ରାକେଟର ମୁଖିଆ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ପ୍ଲାଣ୍ଟସାଇଟ୍ ମୁଖ୍ୟ ରାସ୍ତାର ସଞ୍ଜୟ ସାହୁ (୫୧), ସେକ୍ଟର-୧୬ର ରାଜେଶ କୁଣ୍ଡୁ (୫୦), ସେକ୍ଟର-୨ର ଟୁକୁନା ମଲ୍ଲିକ (୪୮) ଓ ଜଗଦା ଜେଏଫ/୨୧୦ ଘରର ଉତ୍ତମ ଘୋଷ (୬୬)। ସେମାନଙ୍କ ଠାରୁ ୨୫ ଲକ୍ଷ ୩୭ ହଜାର ୨୬୦ ଟଙ୍କା, ୮ଟି ମୋବାଇଲ, ୫ଟି ଖାତା, ଗୋଟିଏ କମ୍ପ୍ୟୁଟର ସେଟ୍, ପ୍ରିଣ୍ଟର ଓ ବିପୁଳ ପରିମାଣରେ ଲଟେରୀ ଟିକେଟ ଜବତ କରାଯାଇଛି। ଏନେଇ ଶନିବାର ଜିଲ୍ଲା ପୁଲିସ ମୁଖ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ନୀତେଶ ୱାଧୱାନୀ ସୂଚନା ଦେଇଛନ୍ତି। ବେଆଇନ ଲଟେରୀ ରାକେଟ ଚାଲିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିବା ପରେ ଏକ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଅଭିଯୁକ୍ତ ସଞ୍ଜୟ ରାକେଟର ମୁଖିଆ ହୋଇଥିବା ବେଳେ ରାଜ୍ୟ ବାହାରୁ ଲଟେରୀ ଆଣୁଥିଲା। ପରେ ସହଯୋଗୀ ମାନଙ୍କ ଜରିଆରେ ଟଙ୍କା ଲୋଭ ଦେଖାଇ ଲୋକଙ୍କୁ ବିକ୍ରି କରୁଥିଲା। ୨୦୦୮ ମସିହାରୁ ଗ୍ୟାଙ୍ଗ ସକ୍ରିୟ ଥିବା ବେଳେ ପ୍ରତ୍ୟେକ ସଦସ୍ୟ ଦୈନିକ ୨୭ରୁ ୨୮ ହଜାର ଟଙ୍କା ରୋଜଗାର କରୁଥିବା ତଦନ୍ତରୁ ଜଣାପଡ଼ିଛି। ତେବେ ଗ୍ୟାଙ୍ଗର ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ସାମ୍ବାଦିକ ସମ୍ମିଳନୀରେ

**୨୫ ଲକ୍ଷ ଟଙ୍କା, ମୋବାଇଲ ସମେତ ଅନ୍ୟ ସାମଗ୍ରୀ ଜବତ**

ଅତିରିକ୍ତ ଏସପି ରାଜକିଶୋର ମିଶ୍ର, ଜୋନ ୧ ଡିଏସପି ଯୋଗେଶ ପଣ୍ଡା, ପାନପୋଷ ଏସଡିପିଓ ରଶ୍ମିରଞ୍ଜନ ମହାପାତ୍ର, ପ୍ଲାଣ୍ଟସାଇଟ୍ ଥାନା ଇନ୍ସପେକ୍ଟର ବିବସ୍ତ ପ୍ରଧାନ ଓ ରଘୁନାଥପାଲି ଥାନା ଇନ୍ସପେକ୍ଟର ରାଜେନ୍ଦ୍ର ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବଣାଇ, ୨୦।୧୨(ସମିସ):** ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଇନ୍ଦ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବଣାଇ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବଣାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ସହକାରୀ ବିଡିଓ ସାରିଆ ଲାକ୍ରା, ଶିଶୁ ବିକାଶ ବିଭାଗ ଅଧିକାରୀ ବୀଣାପାଣି ନାୟକ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅନୁପମା ନାଗ ଭିନ୍ନକ୍ଷମ ମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହିତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ଶିବିରର ଉଦ୍ଦେଶ୍ୟ ବୋଲି କହିଥିଲେ। ଶିବିରରେ ବଣାଇ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୦୫ ଜଣ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜୀକୃତ ହୋଇଥିଲେ। ସେମାନଙ୍କୁ ବିଶେଷଜ୍ଞ ମାନଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଶ୍ରବଣ ସମସ୍ୟାରେ ୩୫ ଜଣ, ଅସ୍ଥି ଶଲ୍ୟ ୮୬ ଜଣ, ମାନସିକ ବିକାର ଗ୍ରସ୍ତ ୩୮ ଜଣ, ଦୃଷ୍ଟି ବାଧିତ ୧୫ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରିବା ସହ ୧୪୭ ଜଣଙ୍କୁ ମନୋନୀତ କରି ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଶିବିରରେ ରାଉରକେଲା ସରକାରୀ ଡାକ୍ତରଖାନାର ନାକ, ଗଳା ବିଶେଷଜ୍ଞ ଡ.ରଜତ ଦାସ, ଡ.ଦୁର୍ଗେଶ ଶା, ଡ.ସମୀର ପାତ୍ର, ଶୁଭଶ୍ରୀ ହେମ୍ବ୍ରମ୍ ପ୍ରମୁଖ ଡାକ୍ତର ଭିନ୍ନକ୍ଷମ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବଣାଇ ବ୍ଲକର ବିଏଫଓ ସୁରେନ୍ଦ୍ର ଭୋଇ, ସହକାରୀ ପ୍ରୋଗ୍ରାମ ଅଫିସର ରୂପ ମଞ୍ଜରୀ ସାହୁ, ବିଆରପି ଅଶୋକ ମାଝୀ, ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ପଞ୍ଚାୟତ ସମିତି ସଦସ୍ୟ/ସଦସ୍ୟା ଓ ସ୍ଥାନୀୟ ସରପଞ୍ଚ ମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ‘ପ୍ରଯୁକ୍ତିବିଦ୍ୟାର ଉଦୀୟମାନ ଧାରା’ ଉପରେ ବିପିୟୁଟି ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ



**ରାଉରକେଲା, ୨୦।୧୨(ସମିସ):** ଓଡ଼ିଶାର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପକ୍ଷରୁ ‘ପ୍ରଯୁକ୍ତିବିଦ୍ୟାର ଉଦୀୟମାନ ଧାରା’ ଉପରେ ତିନି ଦିନିଆ ବିପିୟୁଟି ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀ ପାଇଁ ୩୦୦ରୁ ଅଧିକ ଗବେଷଣା ପ୍ରବନ୍ଧ ପ୍ରାପ୍ତ ହୋଇଥିବା ବେଳେ ସେଥିମଧ୍ୟରୁ ୮୬ଟି ପ୍ରବନ୍ଧକୁ ଚୟନ କରାଯାଇଛି। ଏହି ପ୍ରବନ୍ଧଗୁଡ଼ିକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯଥା: ବୁଦ୍ଧିମାନ ସୂଚନା ଏବଂ କମ୍ପ୍ୟୁଟିଂ ସିଷ୍ଟମ; ବୁଦ୍ଧିମାନ ସାମଗ୍ରୀ, ସମିଶ୍ରଣ ଏବଂ ସଂରଚନା; ସମାଜ, ସୂଚନା ବିଜ୍ଞାନ ଏବଂ ନିରନ୍ତରତା; ଏବଂ ଭୌତିକ, ପରିବେଶଗତ ଏବଂ କମ୍ପ୍ୟୁଟର ବିଜ୍ଞାନ ଆଦି ବିଷୟ ଉପରେ ଆଧାରିତ ଥିଲା। ୧୪ଟି ଦେଶର ଗବେଷକ ଓ ବିଦ୍ୱାନମାନେ ଅଂଶଗ୍ରହଣ କରିଥିଲେ। ଛେଣ୍ଡ କ୍ୟାମ୍ପସ ସ୍ଥିତ ନେତାଜୀ ସୁଭାଷ ପ୍ରେକ୍ଷାଳୟରେ ଅନୁଷ୍ଠିତ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଆଇଆଇଏସଟି, ବେଙ୍ଗାଲୁରୁର ପୂର୍ବତନ ପ୍ରଫେସର ଏଲଏମ ପଟ୍ଟନାୟକ ଯୋଗ ଦେଇଥିଲେ। କୁଳପତି ତଥା ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଅମିୟ ରଥ ଏବଂ ବିପିୟୁଟି କୁଳସଚିବ ନିଶି ପୁନମ ମିଞ୍ଜ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଫେସର ଶ୍ରୀନିବାସ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ବିଭୁଦତ୍ତ ସାହୁ ଗବେଷକମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ସମ୍ପର୍କରେ ଆଲୋଚନା କରିଥିଲେ। କୁଳପତି ପ୍ର. ରଥ ବାସ୍ତବ ଜୀବନର ସମସ୍ୟା ସମାଧାନ ପାଇଁ ବହୁମୁଖୀ ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର ‘ବିପିୟୁଟି ହ୍ୟାକାଥନ’ ଓ ‘ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନ’ ଭଳି ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ପ୍ର. ପଟ୍ଟନାୟକ ଇଣ୍ଟରଡିସିପ୍ଲିନାରୀ ଗବେଷଣା, ସ୍ଥାୟିତ୍ୱ ଏବଂ ସ୍ୱଦେଶୀ ଜ୍ଞାନକୌଶଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସମସ୍ତ ଗବେଷଣା ପ୍ରବନ୍ଧର ସଂକ୍ଷିପ୍ତ ସାରାଂଶକୁ ନେଇ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶେଷରେ କୁଳସଚିବ ଶ୍ରୀ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ର. ଶିବ ମିଶ୍ର, ଡ.ବିକ୍ରମାଦିତ୍ୟ ଦାଶ, ଡ. ଡି.ଚନ୍ଦ୍ରଶେଖର ରାଓ, ଡ.ଶୁଭେନ୍ଦୁ ରଥଙ୍କ ସମେତ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ଅଧିକାରୀ, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ତିନି ଦିନିଆ ସମ୍ମିଳନୀରେ ପ୍ରଫେସର ଏଲଏମ ପଟ୍ଟନାୟକ, ମ୍ୟାକଗିଲ୍ ବିଶ୍ୱବିଦ୍ୟାଳୟ, କାନାଡାର ପ୍ର.ଅଗସ୍ତ୍ୱା ସମିତୋ, ଏନୱାଇୟୁଏସଟି, ତାଇୱାନର ପ୍ର. ଜିଏ ରବି କିରଣ, କିଙ୍ଗ ଫାୟାଦ ବିଶ୍ୱବିଦ୍ୟାଳୟ, ସାଉଦି ଆରବର ପ୍ର. ମୁଫ୍‌ତିମହମୁଦ, ଜାପାନ ପାଣିପାଗ ନିଗମର ମୁଖ୍ୟ ବୈଜ୍ଞାନିକ ଡ.ଶ୍ରୀଧର ନାୟକ, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ର. ଶିବ ଉଦ୍‌ଗାତା ଏବଂ ୟୁନିଭରସିଟି ୱେଷ୍ଟ, ସ୍ୱିଡେନର ଆରସି ଫୋରନାକ୍ସ, ୟୁକେ; ଭିଜିଟିଂ ପ୍ରଫେସର ଡ.ଅମିତ ମିଶ୍ରଙ୍କ ଭଳି ବିଶିଷ୍ଟ ବୈଜ୍ଞାନିକମାନେ ନିଜର ଅଭିଭାଷଣ ରଖିବେ। ଏହା ବିପିୟୁଟିକୁ ଏକ ବିଶ୍ୱସ୍ତରୀୟ ଗବେଷଣା କେନ୍ଦ୍ର ଭାବେ ଗଢ଼ିତୋଳିବା ସହ ଏକାଡେମିକ୍ ଏବଂ ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିବାରେ ସହାୟକ ହେବ।

# ଇଣ୍ଡକ୍‌ସନ୍ ଫର୍ନେସ୍ ଆଦିରେ ନିରାପଦ କାର୍ଯ୍ୟ ପରିଚାଳନା ଆଲୋଚନାଚକ୍ର

**ରାଉରକେଲା, ୨୦।୧୨(ସମିସ):** କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ, ରାଉରକେଲା ଡିଭିଜନ୍ ଆନୁକୂଲ୍ୟରେ ରାଉରକେଲା ସ୍ଥିତ ସେଣ୍ଟ୍ରାଲ ପାୱାର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ‘ଇଣ୍ଡକ୍‌ସନ୍ ଫର୍ନେସ୍ ଆଦିରେ ନିରାପଦ କାର୍ଯ୍ୟ ପରିଚାଳନା’ ସଂକ୍ରାନ୍ତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅତୀତରେ ସୁନ୍ଦରଗଡ଼ ଜିଲ୍ଲାରେ ବିଭିନ୍ନ କ୍ଷୁଦ୍ର ତଥା ମଧ୍ୟମ ଧରଣର ଇସ୍ପାତ କାରଖାନାରେ ଶ୍ରମିକ ଦୁର୍ଘଟଣା ବଢ଼ିବାକୁ ଆଖିରେ ରଖି ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନା ଖଣି ସମ୍ପ୍ରସାରଣ ବିଭାଗୀୟ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ବିପିନ୍ ଗିରି ମେଲଟିଂ ବାଥର ପୃଷ୍ଠତଳେ ପାଣି ରହିଲେ ‘ୱାଟର ଭେପର ଏକ୍ସପ୍ଲୋଜନ’ ହେଇଥାଏ ଏବଂ ବାଥର ପୃଷ୍ଠତଳେ ୧ ଘନ ସେମିର ଜଳ ଜମା ହେଲେ ଏହା ପ୍ରସାରିତ ହୋଇ ତାହାର ଆୟତନର ୧୭୦୦ ଗୁଣ ରୂପାନ୍ତରିତ ହୋଇଯାଏ ବୋଲି କହିଥିଲେ। ଆଲୋଚନାଚକ୍ରରେ ରାଉରକେଲା କାରଖାନା ଓ ବଏଲର ବିଭାଗୀୟ ଉପନିର୍ଦ୍ଦେଶକ ବିଭୁ ପ୍ରସାଦ ଇଣ୍ଡକ୍‌ସନ୍ ଫର୍ନେସ୍‌ର ବିସ୍ଫୋରଣ ବିଷୟରେ ଅନେକ କିଛି ବୁଝାଇ କହିବା ସହ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ଇଣ୍ଡକ୍‌ସନ୍ ଫର୍ନେସ୍‌ର ଅହମଦାବାଦ ସ୍ଥିତ ଅଗ୍ରଣୀ ନିର୍ମାତା ଓରିଟେକ୍ ଯୋଗ ଦେଇ କାରଖାନାରେ ଇଣ୍ଡକ୍‌ସନ୍ ଫର୍ନେସ୍‌ର ନିରାପଦ ପରିଚାଳନା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶ୍ରୀ ମହାବୀର ଫେରୋ ଆଲଏଜ ତରଫରୁ ସାଧାରଣ ପ୍ରବନ୍ଧକ ପ୍ରଫୁଲ୍ଲ ପ୍ରଧାନ, ଇଣ୍ଡକ୍‌ସନ୍ ଫର୍ନେସ୍‌ରେ ବୈଦ୍ୟୁତିକ ନିରାପତ୍ତା ବାବଦରେ ନିବନ୍ଧ ରଖିଥିଲେ। ଡ.ସୁରେନ୍ଦ୍ର ଫର୍ନେସ୍ ଦୁର୍ଘଟଣାରେ ଆହତ ଶ୍ରମିକଙ୍କ ଆଶୁ ଚିକିତ୍ସା, ପିଏସ୍ ଠାକରେ, ଅଗ୍ନିକାଣ୍ଡ ଏବଂ ବିସ୍ଫୋରଣ ବାବଦରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରାଉରକେଲା କାରଖାନା ଓ ବଏଲର ବିଭାଗୀୟ ସହକାରୀ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ରାଉତ ନିରାପଦ କାର୍ଯ୍ୟକରିବା ପଦ୍ଧତି ବାବଦରେ କର୍ମଚାରୀମାନଙ୍କୁ ସୂଚିତ କରାଯିବା ଏବଂ ସେମାନେ ନିୟମକୁ ପାଳନ କରିବା ନିମିତ୍ତ ଉତ୍ତରଦାୟୀ ରହିବେ ବୋଲି କହିଥିଲେ। ସହକାରୀ ନିର୍ଦ୍ଦେଶକ ସ୍ୱରାଜ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ନ୍ୟାସନାଲ ସେଫଟି କାଉନସିଲର ସେକ୍ରେଟାରୀ ମଧୁସୂଦନ ମୋହିନୀ, ମୁଖ୍ୟ ସାଧାରଣ ପ୍ରବନ୍ଧକ ହୀରାଲାଲ ମହାପାତ୍ର, ଅବକାଶ ବେହେରା, ସୁରକ୍ଷା ଅଧିକାରୀ ସ୍ମୃତିରଞ୍ଜନ ବେଉରା ଉପସ୍ଥିତ ଥିଲେ। ପ୍ରଜ୍ଞା ନାଥ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ସମ୍ପୃକ୍ତ କଳକାରଖାନାରୁ ଶତାଧିକ ଲାଇନ୍ ମ୍ୟାନେଜର, ସୁପରଭାଇଜର, ମେଲଟର, ବାଡି ମ୍ୟାନ୍ ଏବଂ ସାଧାରଣ ଶ୍ରମିକ ଯୋଗ ଦେଇଥିଲେ।

# ଟେବୁଲ୍ ଟେନିସ୍ ଚାମ୍ପିଅନସିପ୍; ଆର୍‌ଏସ୍‌ପି ଚାମ୍ପିଅନ



**ରାଉରକେଲା, ୨୦।୧୨(ସମିସ):** ଇସ୍ପାତ୍ ଇଣ୍ଡୋର ଷ୍ଟାଡିୟମରେ ଶନିବାର ସେଲ୍‌ଫ ଟେବୁଲ୍ ଟେନିସ୍ ଚାମ୍ପିଅନସିପ୍ ୨୦୨୫ର ପୁରୁଷ ବର୍ଗରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚରେ ଆର୍‌ଏସ୍‌ପି ଦଳ ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ (ଡିଏସପି)କୁ ୩-୧ରେ ପରାସ୍ତ କରି ଟାଇଟଲ୍ ହାସଲ କରିଛି। ଆରଏସପି ମହିଳା ଦଳ ଚାମ୍ପିଅନସିପ୍‌ରେ ଫାଇନାଲ ମ୍ୟାଚରେ ଡିଏସପି ମହିଳା ଦଳ ଠାରୁ ପରାସ୍ତ ହୋଇ ରନର୍ସଅପ୍ ଟାଇଟଲ ହାସଲ କରିଛି। ଉଦ୍‌ଯାପାନୀ ସମାରୋହରେ ଆରଏସପିର ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଏବଂ ରନର୍ସଅପ୍ ଦଳକୁ ସମ୍ବର୍ଦ୍ଧିତ କରିଥିଲେ। ସହର ସେବା ଏବଂ ସିଏସ୍‌ଆର୍ ବିଭାଗର ସିଜିଏମ ଟିଜି କାନେକରଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆରଏସପି ପୁରୁଷ ବର୍ଗ ଦଳରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ଅତିରିକ୍ତ ସିଏମଓ ଡ.ଏସକେ ତିୱାରୀ, ଏଫଆଣ୍ଡଏ ବିଭାଗର ସେକ୍ସନ ଅଫିସର ରାଜେଶ ଚୌରାସିଆ ଏବଂ ଏମଏମଷ୍ଟୋର୍ସ ବିଭାଗର ଜୁନିଅର ଇଞ୍ଜିନିୟର ଆଲବର୍ଟ କିଣ୍ଡୋ ସାମିଲ ଥିଲେ। ଉଲ୍ଲେଖଯୋଗ୍ୟ ପୁରୁଷ ବର୍ଗରୁ ସେମିଫାଇନାଲ୍ ମ୍ୟାଚରେ ପହଞ୍ଚିଥିବା ଦଳଗୁଡ଼ିକ ମଧ୍ୟରେ ସେଲ୍‌ଫ କର୍ପୋରେଟ୍ ଅଫିସ୍, ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ, ଆରଏସପି ଏବଂ ଡିଏସପି ଅନ୍ତର୍ଭୁକ୍ତ ଥିଲେ। ଚାମ୍ପିଅନସିପ୍‌କୁ ଆରଏସପିର କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀରଘୁ ନନ୍ଦନ ପାଢ଼ି ସଂଯୋଜନା କରିଥିଲେ।

# ରାଜା ଧରଣୀଧର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଣାଇଁ, ୨୦।୧୨(ସମିସ): ବଣାଇଁ ସହରରେ ଆଦର୍ଶ ସରକାରୀ ଉଚ୍ଚ ବିଦ୍ୟାଳୟ ରୂପେ ସୁନାମ ଅର୍ଜନ କରିଥିବା ରାଜା ଧରଣୀଧର ବିଦ୍ୟାଳୟର ୮୦ ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ କବିତା ମଞ୍ଜରୀ ମାହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଁ ସହକାରୀ ତହସିଲଦାର ଜ୍ଞାନରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ବଣାଇଁ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁଲାଲ ମାହାନ୍ତ, ଅବସରପ୍ରାପ୍ତ ଶିକ୍ଷାଧିକାରୀ ଶୁଭେନ୍ଦୁ ନାଥ ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆହ୍ଲାଦ ବଡ଼େଇ, ବଣାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ପୁଷ୍ପାଞ୍ଜଳୀ ସାହୁ ଯୋଗ ଦେଇଥିଲେ। ଏତଦ୍‌ବ୍ୟତୀତ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ପ୍ରଦୀପ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତି ମଞ୍ଜରୀ ମାହାନ୍ତି ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାର୍ଷିକ କ୍ରୀଡା ଉତ୍ସବରେ କୃତୀ କ୍ରୀଡ଼ାବିତ ମାନଙ୍କୁ ମୁଖ୍ୟ ଅତିଥି ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଅମୀୟ ଲୋଚନ ପଣ୍ଡା, ବିକ୍ରମ କେଶରୀ ବାରିକ, ଦେବାଶିଷ ଗିରି, ଗିରିଶ ଚନ୍ଦ୍ର ସାହୁ, ପ୍ରଶାନ୍ତ ନାୟକ, ରମେଶ ନାୟକ, ଶୁଭସ୍ମିତା ମିଶ୍ର, ଜ୍ୟୋତିର୍ମୟୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଗ୍ୟାସ୍ ଲିକରୁ ଅଗ୍ନିକାଣ୍ଡ

**ରାଉରକେଲା, ୨୦।୧୨(ସମିସ):** ସେକ୍ଟର-୧୫ ଅଞ୍ଚଳରେ ଗ୍ୟାସ ଲିକରୁ ଅଗ୍ନିକାଣ୍ଡ ହୋଇଛି। ଏଥିରେ ଘରର ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଥିବା ବେଳେ କାହାରି କିଛିକ୍ଷତି ହୋଇ ନଥିବା ସୂଚନା ମିଳିଛି। ଉକ୍ତ ଅଞ୍ଚଳର ଏଚ/୨୪୩ ଘରେ ଶନିବାର ଅପରାହ୍ଣରେ ଏହି ଅଘଟଣ ଘଟିଥିଲା। ଗ୍ୟାସ ଯୋଗେ ରୋଷେଇ କରୁଥିବା ବେଳେ ହଠାତ୍ ଗ୍ୟାସ୍ ଲିକ୍ ହୋଇଥିଲା। ଦେଖୁ ଦେଖୁ ଘରେ ଧୂଆଁ ହୋଇ ନିଆଁ ଲାଗି ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଭାଗ୍ୟବସତଃ ନିଆଁ ଅନ୍ୟତ୍ର ବ୍ୟାପିବା ପୂର୍ବରୁ ନିଆଁକୁ ଆୟତ୍ତ କରାଯାଇ ଥିବା ଜଣାପଡ଼ିଛି।

# କର୍କଟ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା, ୨୦।୧୨(ସମିସ):** ଦିବ୍ୟ ଜୀବନ ସଂଘ, ଇସ୍ପାତ ନଗରୀ ଶାଖା ଓ ଜ୍ଞାନପ୍ରଭା ମିଶନ ମିଳିତ ଆନୁକୂଲ୍ୟରେ ସେକ୍ଟର -୭ ସ୍ଥିତ ଶିବାନନ୍ଦ ଆଶ୍ରମ ଠାରେ କର୍କଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଥ ଧୋବିୟ ନାଥ, ସନ୍ୟାସିନୀ ଦୂର୍ଗାଶ୍ୱେରି ନନ୍ଦ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଆଇନଜୀବୀ ଗିରିଜା ଶଙ୍କର ଦ୍ୱିବେଦୀ, ଯୋଗାଚାର୍ଯ୍ୟ ସୁଧା ଦ୍ୱିବେଦୀ ଓ ଆଇଜିଏଚ ମୁଖ୍ୟ ଚିକିତ୍ସାଧିକାରୀ ଡ.ଜୟନ୍ତ ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡ.ପୂର୍ଣ୍ଣିମା ଦତ୍ତ, ଡ.ଲୋପାମୁଦ୍ରା ଜେନା କର୍କଟରୋଗ ସମ୍ପର୍କରେ ସଚେତନତା କରିଥିଲେ। ଡ.ସୀମା ଲାଲ, ପୁଷ୍ପାରାଣୀ ମିଶ୍ର ସ୍ୱାସ୍ଥ୍ୟ ଓ ଏଡସ ନିୟନ୍ତ୍ରଣ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାରମ୍ଭରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ବାଣୀ ଉପରେ ଆଲୋକପାତ କରାଯାଇଥିଲା। ରାମକୃଷ୍ଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସତ୍ୟଶ୍ରୀ ଆଚାର୍ଯ୍ୟ, ବୀଣାପାଣି ଜେନା, ନିଳୀମା ଷଡଙ୍ଗୀ, ଶକୁନ୍ତଳା ସ୍ୱାଇଁ, ରଶ୍ମିତା ପାଣିଗ୍ରାହୀ, ଅନୁପମା ମହାନ୍ତି, ସୁଜାତା ରଥ ପ୍ରମୁଖ ସହଯୋଗ କରିଥିଲେ।

# ଆର୍‌ଏସ୍‌ପିର ସିଣ୍ଟରିଂ ପ୍ଲାଣ୍ଟ କର୍ମଚାରୀଙ୍କୁ ସେଲ୍ ସାବାସ ପୁରସ୍କାର



**ରାଉରକେଲା, ୨୦।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଣ୍ଟରିଂ ପ୍ଲାଣ୍ଟ-୩ (ଏସପି-୩) ବିଭାଗରେ ସ୍ୱତନ୍ତ୍ର ପୁରସ୍କାର ସମାରୋହ ଆୟୋଜନ ହୋଇଯାଇଛି। ଏଥିରେ ସେଲ୍‌ଫ ସାବାସ ଯୋଜନା ଅଧୀନରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କର ଅନୁକରଣୀୟ ତଥା ଅଭିନବ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଣ୍ଟର ବିଭାଗର ସିଜିଏମ ଶେଖର ନାରାୟଣ ଅଧ୍ୟକ୍ଷତା କରି କର୍ମଚାରୀ ଏବଂ ଅଧିକାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସିଣ୍ଟରିଂ ପ୍ଲାଣ୍ଟ-୨ ବିଭାଗର ଜିଏମ ଇନଚାର୍ଜ ସନ୍ତୋଷ ପାଢ଼ୀ, ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗର ଜିଏମ ଇନଚାର୍ଜ କଲ୍ୟାଣ ସମାଜଦାର, ସିଣ୍ଟରିଂ ପ୍ଲାଣ୍ଟ-୧ ବିଭାଗର ଜିଏମ ଇନଚାର୍ଜ ଶୁଭ୍ରାଂଶୁ ଚକ୍ରବର୍ତ୍ତୀଙ୍କ ସମେତ ସିଣ୍ଟରିଂ ପ୍ଲାଣ୍ଟ-୧, ସିଣ୍ଟରିଂ ପ୍ଲାଣ୍ଟ-୨ ଏବଂ ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗର ସେକ୍ସନ ମୁଖ୍ୟ ଏବଂ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପୁରସ୍କାର ବିଜେତାଙ୍କ ମଧ୍ୟରେ ସିଣ୍ଟରିଂ ପ୍ଲାଣ୍ଟ-୧, ସିଣ୍ଟର ପ୍ଲାଣ୍ଟ-୨ ଏବଂ ସିଣ୍ଟର ପ୍ଲାଣ୍ଟ-୩ ପ୍ରତ୍ୟେକ ବିଭାଗରୁ ୨ ଜଣ କର୍ମଚାରୀ ଏବଂ ଅଧିକାରୀ ଅନ୍ତର୍ଭୁକ୍ତ ଥିଲେ। ସିଣ୍ଟରିଂ ପ୍ଲାଣ୍ଟ ପ୍ରତି ପ୍ରଶଂସନୀୟ ଅବଦାନ ପାଇଁ ସିଏମଏମ (ଆରସିଏମ), ଡିଜାଇନ୍, ଏମଏସଏସ ଏବଂ ମେକାନିକାଲ ସପ ବିଭାଗର ୪ ଜଣ କର୍ମଚାରୀ ଏବଂ ଅଧିକାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏସପି-୨ ବିଭାଗର ମ୍ୟାନେଜର ସନ୍ଦୀପ ଅବସ୍ଥି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଡିଏମ୍‌ଏଫ୍ ରାଡାର୍‌ରେ ନାହିଁ ପୁଣ୍ଡିପୋଖରୀ ଗାଁ

କୋଇଡା, ୨୦।୧୨(ସମିସ)



କୋଇଡା ବ୍ଲକ ହେଡ କ୍ୱାର୍ଟରରୁ ମାତ୍ର ୫ କିମି ଦୂରରେ କାଲଟା ପଞ୍ଚାୟତ ସୀମାକୁ ଲାଗି ପୁଣ୍ଡିପୋଖରୀ ଗାଁ ରହିଛି। ଗାଁର ଚତୁଃପାର୍ଶ୍ୱରେ ଖଣି ଓ ପ୍ରକଳ୍ପ ରହିଛି। ୪୦ରୁ ଊର୍ଦ୍ଧ୍ୱ ପରିବାର ଗାଁରେ ବସବାସ କରନ୍ତି। ହେଲେ ଭାଗ୍ୟର ବିଡମ୍ବନା ଯେ ଆଜିବି ବିକାଶ ଗାଁର ବାଟ ଭୁଲିଛି। କୁବେରପୁରୀ କୋଇଡା ଖଣି ଅଞ୍ଚଳ ଡିଏମ୍‌ଏଫ୍ ରାଡାର୍‌ରେ ପୁଣ୍ଡିପୋଖରୀ ଗାଁ ନାହିଁ। ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଆଦିମ ଜନଜାତିଙ୍କ ପରି ବସବାସ କରିଆସୁଛନ୍ତି। ଗାଁ ନିକଟରୁ ଗୋଟିଏ ନାଳ ଯାଇଛି। ଏ ନାଳ ହିଁ ଗାଁବାସୀଙ୍କ ଜୀବନରେଖା। ପାନୀୟ ଜଳ ଠାରୁ ଆରମ୍ଭ କରି ଶୌଚ, ସ୍ନାନ ପାଇଁ ନାଳ ହିଁ ଏକମାତ୍ର ଭରସା। ଗାଁର ଛାତ୍ରଛାତ୍ରୀ ନାଳ ପାରି କରି ବିଦ୍ୟାଳୟ ଯାଇଥାନ୍ତି। ବଢ଼ି ହେଲେ ବିଦ୍ୟାଳୟ ଯିବା ବନ୍ଦ ହୁଏ। ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ଟିଏ ନାହିଁ। ଗାଁର ତଳ ସାହିକୁ ଯିବା ପାଇଁ ରାସ୍ତା ଖଣ୍ଡେ ନାହିଁ ବୋଲି ଗାଁର ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ପଟ୍ଟା ଥିଲେ ସୁଦ୍ଧା ଦୀର୍ଘ ବର୍ଷ ଧରି ଝାଟିମାଟି ଘରେ ଗ୍ରାମବାସୀ ବସବାସ କରୁଛନ୍ତି। ଚତୁଃପାର୍ଶ୍ୱରେ ଖଣି ଓ ଷ୍ଟିଲ୍ ପ୍ରକଳ୍ପ ଗଢ଼ି ଉଠିବା ଫଳରେ ଗାଁ ଦେଇ ଯାଇଥିବା ନାଳ ପାଇଁ ପ୍ରତ୍ୟେକ ରାତି ଏଠି ହାତୀ ଆତଙ୍କ ଦେଖିବାକୁ ମିଳେ। ହାତୀ ଘଉଡାଇବାକୁ ରାତି ରାତି ଅନିଦ୍ରା ହେବାକୁ ହୁଏ।

**ଅଙ୍ଗନବାଡ଼ି କିମ୍ବା ରାସ୍ତା ମଧ୍ୟ ନାହିଁ**

ଏମିତିକି ହାତୀ ଉପଦ୍ରବ ଭୟରେ ଚାଷ କାର୍ଯ୍ୟ ଗାଁ ବାସୀ ଛାଡି ସାରିଲେଣି। ସରକାରଙ୍କ ମାଗଣା ଚାଉଳ ଭରସାରେ ସମସ୍ତ ପରିବାର ଏବେ କାଳାତିପାତ କରୁଛନ୍ତି।



# ସରିଆଁ ହାଇସ୍କୁଲର ରଜତ ଜୟନ୍ତୀ ଉଦ୍‌ଘାଟିତ



ଭବାନୀପାଟଣା, ୨୦ ।୧୨(ସମିସ): ନର୍ଲା ବ୍ଲକ ସରିଆଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ଉଦଘାଟିତ ହୋଇଯାଇଛି । ପୂର୍ବତନ ଛାତ୍ର ସଂସଦ ସଭାପତି ଓମପ୍ରକାଶ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇ ସମାରୋହର ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ମୁଖ୍ୟବକ୍ତା ଭାବେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନି, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ବୈଦ୍ୟରାଜ ପବିତ୍ର ଶବର ମଞ୍ଚାସୀନ ଥିଲେ । ପୁରାତନ ଛାତ୍ର ମିହିର କୁମାର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଧୁରାମ ଭୋଇ ବିବରଣୀ ପଠନ କରିଥିଲେ । ଏହି ଅବସରରେ ସ୍ମରଣିକା 'ନମାମି' ଉନ୍ମୋଚିତ ହୋଇଥିଲା । ପ୍ରତିଷ୍ଠାତା କମିଟିର ସଦସ୍ୟ ଏବଂ ବ୍ୟାଚ୍ ଟପ୍ପରମାନଙ୍କୁ ସମ୍ମାନିତ କରାଯାଇଥିଲା । ପୁରାତନ ଛାତ୍ର ସୁଧୀର କୁମାର ଧଙ୍ଗଡ଼ାମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ସୁଶ୍ରୀ ସୌମ୍ୟା ସୁସ୍ମିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ରଥ ଓ ବିବିଧ ବାଦ୍ୟନାଦ ସହ ସରିଆଁ ଜଗନ୍ନାଥ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ମଞ୍ଚରେ ପହଞ୍ଚିଥିଲା । ଦ୍ୱିତୀୟ ଅଧିବେଶନରେ ଗୁରୁ ପୂଜନ ଓ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଥିଲା । ପୁରାତନ ଛାତ୍ର ସଂସଦ ଉପସଭାପତି ବିଜୟ ଧଙ୍ଗଡ଼ାମାଝୀ, ମନୋଜ ପଟ୍ଟନାୟକ ଓ ରଘୁନାଥ ଦୀପ, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଉପଦେଷ୍ଟା ବିନାୟକ ମହନ୍ତ, ଜେମନ୍ତ ପୋଢ, ଅଜିତ ସାହୁ, ପାରେଶ୍ୱର ରଣା ଓ ମକରନ୍ଦ ମାଝୀ, ଯୁଗ୍ମ ସମ୍ପାଦକ ରୀନା ଭୋଇ, ଅଚ୍ୟୁତାନନ୍ଦ ଭୋଇ, ସୋମ୍ୟରଞ୍ଜନ ସା, କୋଷାଧ୍ୟକ୍ଷ ନରୋତ୍ତମ କରୁଆଁ, ସଦସ୍ୟ ଚନ୍ଦ୍ର ଶେଖର ସାହୁ, ହିମାଦ୍ରୀ ଭୋଇଙ୍କ ସମେତ ସଂସଦର ସମସ୍ତ ଉପକମିଟିର କାର୍ଯ୍ୟକର୍ତ୍ତା ଓ ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କମଳ ନଦୀ ପଠାରେ ବେଆଇନ ପଥର ବ୍ଲାଷ୍ଟିଂ

# ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଭବାନୀପାଟଣା, ୨୦ ।୧୨(ସମିସ)



ରାତା ରାତି କୋଟି କୋଟି ଟଙ୍କାର କ୍ୱାର୍କ ପଥର ଚୋରି କରି ବାହାର ରାଜ୍ୟକୁ ଚାଲାଣ ହେଉଥିଲେ ମଧ୍ୟ ଖଣି ବିଭାଗ ନିରବ ଦ୍ରଷ୍ଟା ସାଜିଛି । ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ମଧ୍ୟ ଖଣି ମାଫିଆଙ୍କ ଉପରେ ଲଗାମ ଲଗାଇପାରୁନି ଖଣି କି ରାଜସ୍ୱ ବିଭାଗ ଶେଷରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଦୁଲକିବନ୍ଧ ପଞ୍ଚାୟତର କମଳ ନଦୀ ପଠାରେ ଦୀର୍ଘ ଦିନ ହେଲା ବେଆଇନ ଭାବେ କିଛି ଖଣି ମାଫିଆ କ୍ୱାକ ପଥର ଖନନ କରି ଚୋରା ଚାଲାଣ କରୁଥିବା ନେଇ କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ କିଛି ଅସାଧୁ ରାଜ୍ୟବାହାର ଖଣି ମାଫିଆ ଗତ କିଛି ମାସ ହେଲା ରାତିରେ ଡିନାମାଇଟ ଦ୍ୱାରା ପଥର ବ୍ଲାଷ୍ଟିଂ କରି କ୍ୱାର୍କ ପଥର ଚୋରା ଚାଲାଣ କରି ଆସୁଛନ୍ତି । ବ୍ଲାଷ୍ଟିଂ ଯୋଗୁଁ ମାତ୍ରା ଧିକ ଶବ୍ଦ ଯୋଗୁଁ ଘର ଦ୍ୱାର ଫାଟିଯାଉ ଥିବାବେଳେ ମାଟି ବାଲିରେ ଗାଁ ପ୍ରଦୂଷିତ ହେବା ସହ ଆଖ ପାଖର ଜମି ମଧ୍ୟ ନଷ୍ଟ ହେଉଛି । ପଥର ମାଫିଆଙ୍କ ଦବଦବା ଏପରି ରହିଛି ଯେ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ଏହି ଖଣି କିଏ ଉତ୍ତୋଳନ କରୁଛି, ସରକାରୀ ଅନୁମତି ଅଛି କି ନାହିଁ ଗ୍ରାମବାସୀ ଜାଣିନଥିବା ବେଳେ ବିରୋଧ କଲେ ଖଣି ମାଫିଆଙ୍କ ଆକ୍ରୋଶ ର ଶିକାର ହେଉଛନ୍ତି ଗ୍ରାମବାସୀ । ଏ ନେଇ ସ୍ଥାନୀୟ ତହସିଲଦାର, ପୁଲିସ ଓ ଖଣି ବିଭାଗକୁ ଗ୍ରାମବାସୀ ଅବଗତ କରିଥିଲେ ସୁଦ୍ଧା କୌଣସି ସୁଫଳ ନମିଳିବାରୁ ଶେଷରେ କଳାହାଣ୍ଡି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଦୁଲକିବନ୍ଧ ପଞ୍ଚାୟତବାସୀ । ତୁରନ୍ତ ବ୍ଲାଷ୍ଟିଂ ଓ କ୍ୱାକ ପଥର ଚୋରା କାରବାର ବନ୍ଦ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ଜମି ଅଧିଗ୍ରହଣର ମୂଲ୍ୟ ବୃଦ୍ଧି ପାଇଁ ଚାଷୀଙ୍କ ଦାବି

କେସିଙ୍ଗା, ୨୦ ।୧୨(ସମିସ): ବିଶାଖାପାଟଣା ଠାରୁ ରାୟପୁର ପର୍ଯ୍ୟନ୍ତ ଏଚ୍‌ପିସିଏଲ କମ୍ପାନୀ ଗ୍ୟାସ ପାଇପ ଲାଇନ ବିଛା କାମ ଆରମ୍ଭ କରିବା । ତେଣୁ ଯେଉଁ ଚାଷୀମାନଙ୍କର ଜମି କମ୍ପାନୀ ଅଧିଗ୍ରହଣ କରିବ ତାହାର ମୂଲ୍ୟ ଧାର୍ଯ୍ୟ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେଣୁ ଅଧିଗ୍ରହଣ ନେଇ କେସିଙ୍ଗା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଜନଶୁଣାଣି ହୋଇଥିଲା । ତହସିଲଦାର ଲୋକଙ୍କ ୨୭ଟି ଅଭିଯୋଗ



ଶୁଣିଥିଲେ । ଚାଷୀ ଜମି ମୂଲ୍ୟ ବୃଦ୍ଧି ନେଇ ଦାବି କରିଥିଲେ । ତହସିଲଦାରଙ୍କ କହିବା ଅନୁଯାୟୀ ମୂଲ୍ୟ ବୃଦ୍ଧି ଜିଲ୍ଲାପାଳଙ୍କ ଅଧିନସ୍ଥ ଥିବାରୁ ଜିଲ୍ଲାପାଳଙ୍କ ପାଖକୁ ସମସ୍ତ ଅଭିଯୋଗ ଗୁଡିକୁ ପଢ଼ାଇଛନ୍ତି । ତେଣୁ ଜିଲ୍ଲାପାଳ ଶେଷ ନିଷ୍ପତ୍ତି ନେବେ ବୋଲି ତହସିଲଦାର କହିଥିଲେ । ଜମି ଅଧିଗ୍ରହଣ ପରେ କମ୍ପାନୀ କର୍ତ୍ତୃପକ୍ଷ ପାଇପ ଲାଇନ ୫ ଫୁଟ ତଳେ ଯିବ ବୋଲି ଲୋକଙ୍କୁ ବୁଝାଇଥିଲେ । ପାଇପ ଲାଇନ ବିଛେଇବା ପରେ ମଧ୍ୟ ଜମି ଲୋକେ ବ୍ୟବହାର କରି ପାରିବେ କିନ୍ତୁ ନିୟମ ଅନୁସାରେ ବଡ଼ ଗଛ କିମ୍ବା ଘର ନିର୍ମାଣ କରି ପାରିବେ ନାହିଁ ବୋଲି ତହସିଲଦାର କହିଥିଲେ ।

## ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ନୂଆପଡ଼ା, ୨୦ ।୧୨(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କୋନାବିରାସ୍ଥିତ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉମେଶ ମାଝୀ ଏବଂ ସଭ୍ୟାରାଣୀ ଶଗରିଆ ବିଦ୍ୟାଳୟ ଚମ୍ପିଆନ



ହୋଇଥିଲେ । ସଭାରେ ପ୍ରଧାନ ଶିକ୍ଷୟତ୍ରୀ ମାମୀ ଗୀତାଞ୍ଜଳି ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବରେ କୋନାବିରା ସରପଞ୍ଚ ଦଉ ଚରଣ ଜଗତ, ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅରୁଣ କୁମାର ବାଗ, ସଭ୍ୟ ଜ୍ୟୋତି ରଞ୍ଜନ ବାରିକ, ନବୀନ କୈବର୍ତ୍ତ ଯୋଗଦାନ କରିଥିଲେ । ଖେଳ ଶିକ୍ଷକ ଛବି ମୋହନ ଅଗସ୍ତୀ, ଅଜୟ ମଲ୍ଲିକ, ଦୁଷ୍ମନ୍ତ ମେହେର, ଦିବ୍ୟା କୁଳଦୀପ, ସୁଶାନ୍ତ ମହାପାତ୍ର, ସୁଶାନ୍ତ ନାଗ, ଜୟନ୍ତ ନନ୍ଦ, ଚିନ୍ମୟ ଚାନ୍ଦ, ଝଙ୍କଟେଶ୍ୱର ବରିହା, ପ୍ରଶାନ୍ତ ମେହର, ଆନନ୍ଦ ହିଆଲ ଏବଂ ଯୋଗୀ ପନକା, ଅଖିଳ ବନ ଛୋର ଡମ୍ବରୁ ଜାନି ଏବଂ ରିତା ଯୋଷୀ ସାହାଯ୍ୟ କରିଥିଲେ ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ବିଜୟ ମଶାଲ ଶୋଭାଯାତ୍ରା

ଭବାନୀପାଟଣା, ୨୦ ।୧୨(ସମିସ): ଭାରତୀୟ ଜାତୀୟ କଂଗ୍ରେସର ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ନାମରେ ନ୍ୟାସନାଲ ହେରାଲ୍ଡ ମିଥ୍ୟା ମାମଲାରେ ମୋଦୀ ସରକାର ଫସାଇ ଦୀର୍ଘ ଏକ ଦଶନ୍ଧି ଧରି ଅଯଥା ବଦନାମ କରିବା ପ୍ରତିବାଦରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ତରଫରୁ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଜିଲ୍ଲା କଂଗେସ ସଭାପତି ଜଳନ୍ଧର




ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ମଶାଲ ଶୋଭାଯାତ୍ରା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଷ୍ଟାଚ୍ୟୁ ପର୍ଯ୍ୟନ୍ତ ହୋଇଥିଲା । ଶୋଭାଯାତ୍ରା ପରେ ମିଥ୍ୟାବାଦୀ ମୋଦୀ ସରକାରଙ୍କୁ କଟୁ ସମାଲୋଚନା କରାଯାଇଥିଲା । ଶୋଭାଯାତ୍ରାରେ ଉପସଭାପତି ଉଛବ ସାହୁ, ଭାରତଭୂଷଣ ବେମାଲ, ଧନୁର୍ଦ୍ଧର ଗହୀର, ସୁବାଷ ପ୍ରଧାନ, ମହମ୍ମଦ ସାହେବ, ସନ୍ତୋଷ ପ୍ରଧାନ, ସିଦ୍ଧାର୍ଥ ନାୟକ, ଇନ୍ଦ୍ରଜିତ୍ ମହାଖୁଡ, କୁମୁଦ ପଟ୍ଟନାୟକ, ସୁକାନ୍ତି ସରାଫ, ମାଣିକ୍ୟ ସୁନା, ସୁକାନ୍ତ ବିଶି, ମନ୍ଦାକିନି ବାଣୁଆ, ଲିଙ୍ଗରାଜ ନାୟକ, ସନ୍ତୋଷ ମୁଣ୍ଡ, ସୁଦର୍ଶନ ବିଶ୍ୱାଳ, ତାରିଣୀ ନାୟକ, ବାବା ଖାନ, ନିମାଞ୍ଚଳ ନାଏକ ପ୍ରମୁଖ ଉପସ୍ଥିତ ରହି ମୋଦୀ ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ ।

## ଜିଲ୍ଲାପାଳଙ୍କ ଉଠାଜଳସେଚନ ବିଭାଗ କାର୍ଯ୍ୟର ସମୀକ୍ଷା

ନୂଆପଡ଼ା, ୨୦ ।୧୨(ସମିସ): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଉଠାଜଳସେଚନ ବିଭାଗ କାର୍ଯ୍ୟାବଳୀର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉଠାଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରସନ୍ନ କୁମାର ସେଠୀ ବିଭାଗର କାର୍ଯ୍ୟ ଖସଡ଼ା ଓ ସଫଳତାର ବିବରଣୀ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳଙ୍କ ପୂର୍ବ ମାସିକ ସମୀକ୍ଷା ବୈଠକରେ ୧୦୦୦ ଟି ନୂତନ ଭାବରେ ଖନନ ହୋଇଥିବା ସୌରଚଳିତ ଗଭୀର ନଳକୂପରେ ସୋଲାର ପ୍ୟାନେଲ ସ୍ଥାପନ ପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ୧୦୦୦ ଟି ମଧ୍ୟରୁ ୫୫୦ଟି ସୌର ପ୍ୟାନେଲ ସ୍ଥାପନ କାର୍ଯ୍ୟ ସମ୍ପର୍ଣ୍ଣ ହୋଇ ସାରିଛି । ଅବଶିଷ୍ଟ ସୌରଚାଳିତ



ଗଭୀର ନଳକୂପ ଗୁଡିକରେ ସୌର ପ୍ୟାନେଲ କାର୍ଯ୍ୟ ଅତି ଶୀଘ୍ର ସମାପ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପୂର୍ବରୁ ଅଚଳ ହୋଇ ପଡ଼ିଥିବା ୩୦ ଟି ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପକୁ ଓଡ଼ିଶା ଉଠା ଜଳସେଚନ ବିଭାଗ ଦ୍ୱାରା ସଫଳତାର ସହିତ ପୁନରୁଦ୍ଧାର କରାଯାଇଛି । ଉକ୍ତ ପ୍ରକଳ୍ପ ଦ୍ୱାରା ୬୦୦ ହେକ୍ଟର ଚାଷ ଜମିକୁ ଜଳ ସେଚନ ସୁବିଧା ଯୋଗାଇ ଦିଆ ଯାଇ ପାରିଛି । ଶେଷରେ କେତେ ଗୋଟି ସଫଳ ଉଠା ଜଳସେଚନ ପ୍ରକଳ୍ପର ପ୍ରଦର୍ଶନ କରାଯାଇଥିଲା । ବୈଠକରେ ବିଦ୍ୟୁତ୍ ବିଭାଗର ନିର୍ବାହୀଯନ୍ତ୍ରୀ ସୁକ୍ଷାତ ଦେବ ପରିଡ଼ା, ଉଠାଜଳସେଚନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ମାନସ ରଞ୍ଜନ ବୁଡ଼ା, ଇ.ସାକ୍ଷୀ ଜୈନ ପ୍ରମୁଖ ଉପସ୍ଥିତ ଥିଲେ ।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଭବାନୀପଟଣା, ୨୦ ।୧୨(ସମିସ): ଭବାନୀପଟଣା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି । ପିଏମ୍‌ଶ୍ରୀ ଯୋଜନା ଅନ୍ତର୍ଗତ ବିଦ୍ୟାଳୟର ସମଗ୍ର ଶିକ୍ଷାମୂଳକ କାର୍ଯ୍ୟକଳାପ ଓ ଛାତ୍ରଛାତ୍ରୀଙ୍କ ପ୍ରତିଭା ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ମା'ମଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଏବଂ ସରକାରୀ ଇଞ୍ଜିନିୟରିଂ କଲେଜ, ଭବାନୀପଟଣାର ଅଧ୍ୟକ୍ଷ ବିଶେଷ ଅତିଥି ଭାବେ ଡ. ଏସଏସ ଦାସ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଦୀପ ପ୍ରଜ୍ୱଳନ ଓ ପ୍ରାର୍ଥନା ସହ ଆରମ୍ଭ ହୋଇ, ପରେ ସ୍ୱାଗତ ଗୀତ ଓ ନୃତ୍ୟ ପ୍ରସ୍ତୁତି ହୋଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ଭୀମସେନ ପଣ୍ଡା ସ୍ୱାଗତ ଭାଷଣରେ ବିଦ୍ୟାଳୟର ଶିକ୍ଷାଗତ ପ୍ରଗତି ଓ ସହପାଠ୍ୟକ୍ରମ କାର୍ଯ୍ୟକଳାପର ସଫଳତା ଉଲ୍ଲେଖ କରିଥିଲେ । ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଅତିଥିମାନେ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ସ୍ତୁତି କରି ସେମାନଙ୍କୁ ନିୟମିତ ପରିଶ୍ରମ ଓ ଶିଷ୍ଟାଚାର ସହ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ । ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ଧନ୍ୟବାଦ ଜ୍ଞାପନ ଓ ଜାତୀୟ ସଙ୍ଗୀତ ସହିତ ଉତ୍ସବର ସମାପନ ହୋଇଥିଲା ।

## ଆଜି ବିଦ୍ୟୁତ୍ ସରବରାହ ବନ୍ଦ

ଗୋଲାମୁଣ୍ଡା, ୨୦ ।୧୨(ସମିସ): ଆସନ୍ତାକାଲି ରବିବାର ସକାଳ ୮ ଘଣ୍ଟାରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବା ନେଇ ଉପଭୋକ୍ତା ଅବଗତି ଲାଗି ଗୋଲାମୁଣ୍ଡା ବିଦ୍ୟୁତ ବିଭାଗ ସୂଚନା ଜାରୀ କରିଛି । ୧୩୨ କେଭି ଲାଇନ ମରାମତି ପାଇଁ ବୃନ୍ଦାବାହାଲ ଏବଂ ଗୋଲାମୁଣ୍ଡା ଅଞ୍ଚଳରେ ବାର୍ଷିକ ବିଦ୍ୟୁତ୍ ମରାମତି ପାଇଁ ବନ୍ଦ ରହିବା ନେଇ ଗୋଲାମୁଣ୍ଡା ବିଦ୍ୟୁତ ବିଭାଗ ସୂଚନା ଦେଇଛି ।

## ଏମ୍‌ଏମ୍‌ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




ଥୁଆମୂଳରାମପୁର, ୨୦ ।୧୨(ସମିସ): ସ୍ଥାନୀୟ ମା'ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି । ଗତ ୧୮ ତାରିଖ ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହୋଇଥିଲା । ଏଥିରେ ଉଭୟ ବାଳକ ଓ ବାଳିକା ବିଭାଗରେ ୧୮ ଟି ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବିଶେଷ କରି ଦୌଡ଼, ମାରାଥନ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଡିସ୍କସ, ଜେଭଲିନ, ସଟପୁଟ, କବାଡି, ଭଲିବଲ, ମ୍ୟୁଜିକ ଚେୟାର, ପ୍ରଭୃତି ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ । ଶେଷ ଦିନରେ କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ଜୟକୃଷ୍ଣ ମେହେର, ଓ କ୍ଷେତ୍ର ଅଧିକାରୀ ଶମ୍ଭୁନାଥ ସ୍ୱାଇଁ, ପୂର୍ବତନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଭ୍ୟ ତଥା ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ଏମ୍‌ଏମ୍‌ଡିସି ଅଧ୍ୟକ୍ଷ ସମୀର ରଞ୍ଜନ ସାହୁ, ଅଧ୍ୟାପକ ବିରଞ୍ଚି ସାହୁ ପ୍ରମୁଖ ଯୋଗଦେଇ କ୍ରୀଡାର ଉଲ୍ଲେଖନୀୟ ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ । ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ସଭାପତିତ୍ୱ କରିଥିଲେ । ଅଧ୍ୟାପକ ସରୋଜ କୁମାର ପଟ୍ଟଯୋଶୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କ୍ରୀଡା ଶିକ୍ଷକ ବନବିହାରୀ ପରିଡ଼ା କ୍ରୀଡା ପରିଚାଳନା କରିଥିଲେ । ସଭାକୁ ଅଧ୍ୟାପକ ବତ୍ସ ବାହାନ ବୁଦ୍ଧିଆ ସଂଯୋଜନା କରିଥିଲେ । ଅଧ୍ୟାପକ ଉଦ୍ଧବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କ୍ରୀଡା ଉତ୍ସବରେ ବାଳକ ବିଭାଗରେ କୈଳାଶ ଚନ୍ଦ୍ର ମାଝୀ ଓ ବାଳିକା ବିଭାଗରେ ରଞ୍ଜିତା ବାଗ ଚାମ୍ପିଅନ ହୋଇଥିଲେ ।

## ଫୁଣ୍ଡାରେ ସାପ୍ତାହିକ ବଜାର ଉଦ୍‌ଘାଟିତ

ଗୋଲାମୁଣ୍ଡା, ୨୦ ।୧୨(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଫୁଣ୍ଡାଗ୍ରାମରେ ସାପ୍ତାହିକ ବଜାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଧନଞ୍ଜୟ ସାହୁ, ସମିତି ସଭ୍ୟ ଉପେନ୍ଦ୍ର



ନାଗ, ଖଲିଆପାଲି ସରପଞ୍ଚ ଜୀମୂତ ବାହନ ହରିପାଲ, ପିଇଓ ନବୀନ ମାଝି, ସମାଜସେବୀ ଲଳିତ ପଧାନ, ନରେନ୍ଦ୍ର ପ୍ରଧାନ, ଫକୀର ଭୋଇ, ପ୍ରମୋଦ ପ୍ରଧାନ, ରଞ୍ଜନ ପ୍ରଧାନ ପ୍ରମୁଖଙ୍କ ଯୋଗଦାନରେ ବଜାର ଉଦଘାଟିତ ହୋଇଯାଇଛି ।

ପ୍ରଥମେ ଗ୍ରାମ୍ୟ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ଏହି ବଜାର ପ୍ରତ୍ୟେକ ଶନିବାର ଦିନ ବସିବା ପାଇଁ ଧାର୍ଯ୍ୟ ରଖାଯାଇଥିବା ବେଳେ ଅଞ୍ଚଳର ଲୋକେ ବେଶ ଉତ୍ସାହିତ ହୋଇଥିବା ଦେଖିବାକୁ ମିଳିଛି ।

EASTERN INVESTMENTS LIMITED
CIN: L65993OR1927GOI034842
Regd. Office: Plot No:255, Pristine Green, Pokhariput, Bhubaneswar-751020
Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025
(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | . | | |
| | (i) Basic: | (0.56) | 1.72 | (2.00) | 19.74 | 14.56 | (121.71) |
| | (ii) Diluted | (0.56) | 1.72 | (2.00) | 19.74 | 14.56 | (121.71) |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 19th December' 2025
Sd/-
(A.K.Bagchi)
Managing Director-EIL

## ବନ୍ଧୁକ ମୁନରେ ଲୁଟ୍ ଘଟଣା

# ତଦନ୍ତ ପାଇଁ ଅତିରିକ୍ତ ଏସ୍‌ପିଙ୍କୁ ଦାବିପତ୍ର

ଭବାନୀପାଟଣା, ୨୦ ।୧୨(ସମିସ)



କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରରେ ଗତ ୧୫ ଡିସେମ୍ବର ସନ୍ଧ୍ୟାରେ ଅନ୍ତର୍ଲା ଗ୍ରାମର କାହ୍ନୁ ବରିହା ଓ ପୋରାଗାଁର ଦେବେନ୍ଦ୍ର ସାହୁ ଆପାଚି ଗାଡିରେ ଆସି ବନ୍ଧୁକ ଦେଖାଇବା ସହ ମାଡମାରି ଟଙ୍କା ଆଦାୟ କରିଥିଲେ । ଏନେଇ ଜୁନାଗଡ଼ ଥାନାରେ ଅଭିଯୋଗ ହେବା ପରେ ଜୁନାଗଡ଼ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏହି ଦୁଇ ଅଭିଯୁକ୍ତଙ୍କୁ ବେଆଇନ ବନ୍ଧୁକ ଓ ଗୁଳି ଯୋଗାଇଥିବା ଅଭିଯୋଗରେ ଗୋଲାମୁଣ୍ଡା ବ୍ଲକର ବସନ୍ତ ଚଲାନକୁ ମଧ୍ୟ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ଘଟଣାକୁ ନେଇ ଜିଲ୍ଲା ବିଜୁ ଜନତା ଦଳ ତରଫରୁ ପ୍ରତିନିଧି ଦଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କୁ ସାକ୍ଷାତ କରି ଅଧିକ ତଦନ୍ତ କରିବା ସହ ବେଆଇନ ବନ୍ଧୁକ କାରବାରରେ ଜଡ଼ିତ ଥିବା ରେକେଟକୁ ପର୍ଦ୍ଦାଫାଶ କରାଯିବା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି । ଏହା ସହିତ ଶାସକ ବିଜେପିର ବରିଷ୍ଠ ରାଜନେତାଙ୍କ ସହ ଚୋରା ବନ୍ଧୁକ ଯୋଗାଇଥିବା ଗୋଲାମୁଣ୍ଡା ବ୍ଲକର ବସନ୍ତ ଚଲାନର କ'ଣ ସମ୍ପର୍କ ରହିଛି ତାହା ମଧ୍ୟ ତଦନ୍ତ ହେବା ଆବଶ୍ୟକ । ସେହିଭଳି ବିଜେପି ରାଜନେତାଙ୍କ ପୃଷ୍ଠପୋଷକତାରେ ଏହି ସବୁ ଇଂଲଣ୍ଡ ମେଡ୍ ବନ୍ଧୁକ ବେଆଇନ ଭାବରେ କାରବାର ହେଉଛି ଓ ଆସାମୀମାନେ ଖୋଲାଖୋଲି ଅପରାଧ ଘଟାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି । ଶିଘ୍ର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି । ଅତିରିକ୍ତ ଏସପିଙ୍କୁ ଦାବିପତ୍ର ପ୍ରଦାନ ସମୟରେ ମହିଳା ସଭାନେତ୍ରୀ ଲଳିତା ନାଏକ, ପୂର୍ବତନ ପୋରାଧ୍ୟକ୍ଷ ସଂଯୁକ୍ତା ବେହେରା, ରାଜ୍ୟଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ବିଜେଡି ନେତା ବଦ୍ରିନାରାୟଣ ପଟ୍ଟନାୟକ, ସାମନ୍ତ ଖମାରୀ, ପ୍ରଶାନ୍ତ ନାଏକ, ଯୁବନେତା ପିତବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ବସନ୍ତ ଚଲାନଙ୍କ ଦ୍ୱାରା ବନ୍ଧୁକ ଚାଲାଣ ଅଭିଯୋଗ

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ

# ନୂତନ ଶିକ୍ଷାନୀତିକୁ ଗୁରୁତ୍ୱ

**ଦୋବଲ, ୨୦।୧୨(ସମିସ):** ଧାମନଗର ବ୍ଲକ ଖଡ଼ିପଦା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ ସ୍ଥାନୀୟ ପାହାଡ଼ପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସିଆର୍‌ସିସି ଦେବବ୍ରତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କବିତାଞ୍ଜଳି ବେହେରାଙ୍କ ସଭାପତିତ୍ୱରେ ପୂର୍ବତନ ସିଆର୍‌ସିସି ଭରତ ତରାଇ, ବରିଷ୍ଠ ଶିକ୍ଷକ ଗଗନ କୁମାର ତରାଇ, କେଶବ କୁମାର ସାହୁ, ଶିକ୍ଷୟିତ୍ରୀ ମିନତି ସ୍ୱାଇଁ ପ୍ରମୁଖ ଯୋଗଦେଇ ସରକାରଙ୍କ ନୂତନ ଶିକ୍ଷାନୀତି, ମୌଳିକ ସାକ୍ଷରତା ସଂଖ୍ୟା ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା । ତେବେ ଆଞ୍ଚଳିକସ୍ତରୀୟ ୬ଷ୍ଠ ମାସିକ ବୈଠକରେ ୧୪ଟି ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ । ଶିକ୍ଷକ ମହାପ୍ରସାଦ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ରାଜେଶ୍ୱରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ବାରିକପୁର:** ଭଣ୍ଡାରିପୋଖରୀ ବ୍ଲକ ସାରୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସିଆର୍‌ସିସି ଜ୍ୟୋତ୍ସ୍ନା କୁମାରୀ ବାରିକଙ୍କ ସଂଯୋଜନାରେ ସାଧନ କେନ୍ଦ୍ରସ୍ତରୀୟ ବୈଠକ ଅନୁଷ୍ଠିତ ହୋଯାଇଛି । ଏଥିରେ ଜିଲ୍ଲା ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ଡ. ପ୍ରଦୀପ କୁମାର ନାୟକ ଓ କିରଣ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜଗବନ୍ଧୁ ସେଠୀ ସ୍ୱାଗତ ଅଭିଭାଷଣ ଏବଂ ପ୍ରାକ୍ତନ ଶିକ୍ଷା ସଂଯୋଜକ କୈଳାସ ଚନ୍ଦ୍ର ସାମଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶିକ୍ଷୟିତ୍ରୀ ମାନସୀ ଜେନା ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଅଭିନୟ ପାଠ୍ୟ ଯୋଜନା ଉପସ୍ଥାପନ କରିଥିବାବେଳେ ଅଭିଲିପ୍‌ସା ପତି ସଂଖ୍ୟା ଜ୍ଞାନ ସମ୍ବନ୍ଧୀୟ ପାଠ୍ୟ ଯୋଜନା ଉପସ୍ଥାପନ କରିଥିଲେ । ଏଥିରେ ଶିକ୍ଷକ ତପନ କୁମାର ରାଉତ, ବିମ୍ବାଧର ଶଙ୍ଖୁଆ, ରିନା ମାଝୀ, ସୁଷମା ସେନାପତି, ରବୀନ୍ଦ୍ର କୁମାର ଗୁଡ଼ି, ଅନନ୍ତ କୁମାର ନାୟକ, ରବୀନ୍ଦ୍ର ଦାସ ଉପସ୍ଥିତ ଥିଲେ । ସାଧନ କେନ୍ଦ୍ର ଅଧୀନସ୍ଥ ୧୩ଟି ବିଦ୍ୟାଳୟରୁ ଆସିଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଆପେକ୍ସ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ମେଳା

**ଭଦ୍ରକ, ୨୦।୧୨(ସମିସ):** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧୀନ ଧୂଷୁରୀ ଆପେକ୍ସ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଧାମନଗର ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସତ୍ୟସୁନ୍ଦର ପରିଡ଼ା ମୁଖ୍ୟ ଅତିଥି ଓ ମୁରଲୀଧର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଜ୍ୟୋତିରଞ୍ଜନ ମହାପାତ୍ର ବିଚାରକ ଭାବେ ଯୋଗଦେଇଥିଲେ । ବିଇଓ ଶ୍ରୀ ପରିଡ଼ା ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀ ଅଧିକ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରି ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ । ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ପଲାଇ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟକ୍ଷ ସରୋଜ କୁମାର ନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରି ଏଭଳି ପ୍ରକଳ୍ପମାନ ନିର୍ମାଣ କରି ଭବିଷ୍ୟତ ଜୀବନରେ ଉନ୍ନତି କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ବିଜ୍ଞାନ ମେଳାରେ ୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ମୁଖ୍ୟ ଅତିଥି ଓ ବିଚାରପତିଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା । ଶେଷରେ ଶିକ୍ଷୟିତ୍ରୀ ସୋନାଲି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଏକଦିବସୀୟ ବିଜ୍ଞାନ ମେଳାକୁ କୈଳାଶ ଚନ୍ଦ୍ର ମଣ୍ଡଳ, ବିନୋଦ ଗୁପ୍ତା, ସ୍ମୃତିରଞ୍ଜନ ବିଶ୍ୱାଳ, ସ୍ମୃତିରଞ୍ଜନ ବାରିକ, ଶରତ ପରିଡ଼ା, ସୁଚରିତା ରାୟ, ସ୍ମୃତିରୂପା ଭୂୟାଁ, କାଜଲ ପଣ୍ଡା, ଶତାବ୍ଦୀ ପାଢ଼ୀ, ଶର୍ମିଷ୍ଠା ମହାପାତ୍ର, ସୌମ୍ୟା ସୁଜାତା ମିଶ୍ର, ଅନୀତା ସାହୁ, ଅନୀତା ମଲ୍ଲିକ, ରାଜଲକ୍ଷ୍ମୀ ମହାପାତ୍ର, ସ୍ୱର୍ଣ୍ଣଲତା ତ୍ରିପାଠୀ, ତପସ୍ୱିନୀ ପତି, ତପସ୍ୱିନୀ ଲେଙ୍କା, ରାଧାରାଣୀ ରାଉତ, ସରୋଜ ନାୟକ (ଗୁଲୁ) ପ୍ରମୁଖ ପରିଚାଳନା କରିଥିଲେ ।

# ବ୍ଲକ 'ଓଷ୍ଟା' ପକ୍ଷରୁ ଶିଶୁ ଉତ୍ସବ

**ବାରିକପୁର, ୨୦।୧୨(ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକ ପିରିପୁରସ୍ଥିତ ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାଳୟଠାରେ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । 'ଓଷ୍ଟା' ସଭାନେତ୍ରୀ ସୁକାନ୍ତି ଲତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ସଭାପତି ଶଶୀଶେଖରେ କରଶର୍ମା, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅନିଲ କୁମାର ମିଶ୍ର, ସୁବଳ କୁମାର ପତ୍ରୀ, ବିକସି ସାହୁ, ବ୍ରହ୍ମାନନ୍ଦ ରାୟ, ସନ୍ତୋଷ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁଶକ୍ତି ବିକାଶକୁ ନେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ବ୍ଲକ ସମ୍ପାଦକ ମନୋରଞ୍ଜନ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ନେତା ଜିତେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ କେଶବ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନେକ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହା ସହିତ ଶିକ୍ଷାବିତ୍ ପଦ୍ମଲୋଚନ ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଦାଶିବ ପତି ଘନଶ୍ୟାମ ସାହୁ, ଦିଗମ୍ବର ରାଉତ, ରତିକାନ୍ତ ବେହେରା, ମଧୁସୂଦନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

# ରାସ୍ତା ନିର୍ମାଣକୁ ୨ ଦିନ; ଫଡ଼ା ଫଡ଼ା ଉଠୁଛି ପିଚୁ

**ବାସୁଦେବପୁର, ୨୦।୧୨(ସମିସ)**



ରାସ୍ତାରେ ଧୂଳି ସଫା ହୋଇନାହିଁ କି ପଡ଼ିନାହିଁ ପ୍ରାଇମର । ବୁଦା ବୁଦା ଘାସ ଉପରେ ପଡ଼ିଛି ପିଚୁ । ହାତ ମାରିଦେଲେ ଉଠୁଛି ଫଡ଼ା ଫଡ଼ା(ଛେଲା ଛେଲା) ପିଚୁ । ଏମିତି ନିମ୍ନମାନର କାମକୁ ବିରୋଧ କରି ରାସ୍ତା କାମକୁ ବନ୍ଦ କରିଛନ୍ତି ଚିରୋଳ ଗ୍ରାମବାସୀ । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ନ ଆସିଲେ କାମ କରିବାକୁ ଦେବୁନାହିଁ ବୋଲି ଗ୍ରାମବାସୀ ଜିଦ୍ ଧରିଛନ୍ତି ।

ବାସୁଦେବପୁର ବ୍ଲକର ଗୁଆଗଡ଼ିଆ ପଞ୍ଚାୟତର ଚିରୋଳ ଗ୍ରାମର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି । ବିକାଶର ମାଧ୍ୟମ ସାଜିଛି ଯୋଗାଯୋଗ । ଯୋଗାଯୋଗର ବିକାଶ ପାଇଁ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା । ଗାଁରୁ ସହରକୁ ଯୋଡ଼ିବା ପାଇଁ ସବୁ ଦିନିଆ ରାସ୍ତା ନିର୍ମାଣ କରାଯାଉଛି । ବାସୁଦେବପୁର ବ୍ଲକର ଚିରୋଳ ରାସ୍ତାରେ ଚାଲିଛି ଏହି ରାସ୍ତା କାମ । ହାତ ମାରିଦେଲେ ଉଠୁଛି ଫଡ଼ା ଫଡା ପିଚୁ । ରାସ୍ତାର ମଝିରେ ପଡ଼ିନାହିଁ ଅଧାଇଞ୍ଚର ପିଚୁ । ବୁଦା ବୁଦା ଘାସ ଉପରେ ପଡ଼ିଛି ପିଚୁ । ତରବରିଆ ଭାବେ ରାତିଅଧିଆ ଚାଲିଛି ରାସ୍ତା କାମ । ରାସ୍ତାର ପାର୍ଶ୍ୱରେ ନା ପଡ଼ିଛି ପ୍ରାଇମର ନା ହୋଇଛି ସଫେଇ । ଠିକାଦାରଙ୍କ ଉନ୍ନତମାନର କାମରେ ହାତ ମାରିଲେ ଉଠୁଛି ଫଡ଼ା ଫଡ଼ା ପିଚୁ । ଠିକାଦାର ସ୍ପଷ୍ଟ ଦିବାଲୋକରେ ଲୋକମାନଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟୁଛନ୍ତି । ପୁନର୍ବାର ନିର୍ମାଣ ହେଉଥିବା ରାସ୍ତାର ଓସାର ୩ ମିଟର ହେବାକୁ ଥିବାବେଳେ କେତେକ ସ୍ଥାନରେ ୩ ମିଟରରୁ କମ୍ ଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନିମ୍ନମାନର କାମକୁ ବିରୋଧ କରି କାମ ବନ୍ଦ କରିଛନ୍ତି ଗ୍ରାମବାସୀ । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ନ ଆସିଲେ କାମ କରିବାକୁ ଦେବୁନି ବୋଲି ଜିଦ୍ ଧରିଛନ୍ତି ଗ୍ରାମବାସୀ ।

- ବୁଦା ବୁଦା ଘାସ ଉପରେ ପଡ଼ିଛି ପିଚୁ
- ନିମ୍ନମାନର କାମକୁ ବନ୍ଦ କଲେ ଗ୍ରାମବାସୀ

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ



**ବାରିକପୁର, ୨୦।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଉତରବାଡ଼ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ । ପିଲାମାନଙ୍କ ସୁପ୍ତ ପ୍ରତିଭା ଉନ୍ମୋଚନ ପାଇଁ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଗୁରୁତ୍ୱ ବହନ କରେ ବୋଲି ବିଧାୟକ ମତ ଦେଇଥିଲେ । ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଅମୂଲ୍ୟ ଆଚାର୍ଯ୍ୟ, ସମ୍ମାନିତ ଅତିଥି ବିଡିଓ ଦେବଦତ୍ତ ଦାଶ, ଶିକ୍ଷାବିତ୍ ରତ୍ନମଞ୍ଜରୀ ପଣ୍ଡା, ସ୍ତମ୍ଭକାର କାର୍ତ୍ତିକ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ମତ ଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ସେଠୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ଉର୍ବଶୀ ମଲ୍ଲିକ ସ୍ୱାଗତ ଭାଷଣ ଓ ଶିକ୍ଷକ ରଶ୍ମିରଞ୍ଜନ ସାମଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲଭିଥିବା ବିଦ୍ୟାର୍ଥୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାବେଳେ ଶିକ୍ଷକ ନିରଞ୍ଜନ ଓଝା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିଲେ ।

# ଚାଷୀଙ୍କୁ ପ୍ରୋତ୍ସାହନ ନାହିଁ; 'ଆଳୁ ମିଶନ' ଫେଲ୍



**ଦୋଲସାହି, ୨୦।୧୨(ସମିସ):** ସରକାର ଚାଷୀଙ୍କ ପାଇଁ ସହାୟତା ଯୋଗାଇ ଦେଉଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ଆଳୁଚାଷୀଙ୍କ ପାଇଁ କୌଣସି ସରକାରୀ ସହାୟତା ନ ଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ସରକାରଙ୍କ ଚାଷୀଙ୍କ ପ୍ରତି ଦରଦ ନ ଥିବା ଅଭିଯୋଗ ହୋଇଛି । ତିହିଡ଼ି ବ୍ଲକ ହର୍ଟି କଲ୍‌ଚର ବିଭାଗ ଅଧୀନରେ ଆଳୁଚାଷ କରିଥିବା ଚାଷୀଙ୍କୁ କୌଣସି ସରକାରୀ ସହାୟତା ମିଳୁନାହିଁ । ଫଳରେ 'ଆଳୁ ମିଶନ' ଏହି ବ୍ଲକରେ ଫେଲ୍ ବୋଲି ଅଭିଯୋଗ ହୋଇଛି ।

ସୂଚନାନୁଯାୟୀ, ତିହିଡ଼ି ବ୍ଲକର ୩୧ ପଞ୍ଚାୟତ ମଧ୍ୟରୁ ନୟାନନ୍ଦ, ଦୋଲସାହି, ଗୁଆମାଳ, କୁବେରା, ମହରମପୁର, ତଳଗୋପବିନ୍ଧା, ପାଳିଆବିନ୍ଧା ଓ ଭାଟପଡ଼ା ପଞ୍ଚାୟତର ଆଳୁଚାଷୀ ଚାଷ କରୁଥିବା ଜଣାଯାଇଛି । ଚଳିତ ବର୍ଷ ୧୫୦ ଜଣ ଚାଷୀ ଆଳୁଚାଷ କରୁଛନ୍ତି । ଏହି ଚାଷୀଙ୍କଠାରୁ ସରକାର ଆଳୁ ବିହନ କିଲୋ ପ୍ରତି ୨୦ ଟଙ୍କା ନେଉଥିବାବେଳେ ଆଳୁ ସଂଗ୍ରହ ପରେ ଏହି ଚାଷୀଙ୍କୁ କିଲୋ ପ୍ରତି ୧୦ ଟଙ୍କା ଫେରସ୍ତ କରିବେ ବୋଲି କୁହାଯାଇଥିବାବେଳେ ଅନ୍ୟ କୌଣସି ସରକାରୀ ସହାୟତା ମିଳୁ ନ ଥିବା କହିଛନ୍ତି ବହୁ ଆଳୁଚାଷୀ । ସେହିପରି ଏହି ଚାଷୀଙ୍କ ମଧ୍ୟରୁ ମାତ୍ର ୪ଜଣ ଚାଷୀ ଚାଷ କରୁଥିବା ଆଳୁ ମାଟିରେ ପୋତି ତା' ଉପରେ ଧାନ ନଡ଼ା ପକାଇ ଆଳୁଚାଷ କରୁଥିବା ଜଣାଯାଇଛି । ଏହି ଚାଷୀଙ୍କୁ ସରକାର ପ୍ରୋତ୍ସାହନ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ବାରିକପୁର, ୨୦।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୁଲଣା ସାଧନ କେନ୍ଦ୍ର ପକ୍ଷରୁ ଷଷ୍ଠ ଅଂଶୀଦାର ବୈଠକ ସହିତ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଭାଗଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ପ୍ରକାଶ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷା ସଂଯୋଜକ ବିପିନ ବିହାରୀ ଜେନା ଉପସ୍ଥିତ ରହି ଚଳିତ ମାସ ଶିକ୍ଷା ଖସଡ଼ା ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ । ଏହି ଅବସରରେ ଅବସର ଗ୍ରହଣ କରିଥିବା ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅକ୍ଷୟ କୁମାର ଜେନା, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ପହି, ଜ୍ୟୋତ୍ସ୍ନାମୟୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଶିକ୍ଷକ ଡ. ପ୍ରଦୀପ କୁମାର ନାୟକ, ଦେବାଶିଷ ଧଳ, ପ୍ରସନ୍ନ ନାୟକ, ଯଶୋବନ୍ତ ସେଠୀ, ଶଶିକାନ୍ତ ପ୍ରଧାନ, ଆକାଶ ସାମନ୍ତରାୟ, ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିଭଳି ମଉନାବତି ପରିଡ଼ା, ଅଖିଳ ପ୍ରସାଦ ପତି, ପ୍ରସନ୍ନ ରାଉତ, ସାଉରି ମାରାଣ୍ଡି, ରୀନାରାଣୀ ଦଳାଇ, ଶୁଭଶ୍ରୀ ବିଶ୍ୱାଳ, ଛବିରାଣୀ ମାଝୀ, ଅନୁପମା ପଣ୍ଡା, ଉର୍ମିଳା ସାହୁ, ରମାକାନ୍ତ ନାୟକ, ଶାରଦା ପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବିପିଏମ୍‌ଙ୍କ ବଦଳି ଆଦେଶ ରଦ୍ଦ; ସିଏଚ୍‌ସିରେ ଧାରଣା

**ଭଣ୍ଡାରିପୋଖରୀ, ୨୦।୧୨(ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ରମ ପରିଚାଳିକା(ବିପିଏମ୍) ରଶ୍ମିରେଖା ପୃଷ୍ଟିଙ୍କୁ ଗତ ନଭେମ୍ବର ୨୯ ତାରିଖରେ ବଦଳି କରାଯିବା ଘଟଣାରେ ଖୁସି ହୋଇଥିବା କେତେକ କର୍ମଚାରୀ ଓ ଆଶାକର୍ମୀ ଶନିବାର ନିରାଶ ହୋଇ ଧାରଣା ଦେଇଥିବା ଜଣାଯାଇଛି । ହାଇକୋର୍ଟଙ୍କ ଆଦେଶ ଅନୁଯାୟୀ, ଶ୍ରୀମତୀ ପୃଷ୍ଟିଙ୍କ ବଦଳି ଆଦେଶକୁ ରଦ୍ଦ କରି ଭଣ୍ଡାରିପୋଖରୀରେ ଯୋଗଦେବାକୁ ଗତ ଶୁକ୍ରବାର ଆଦେଶ ଜାରି କରିଥିଲେ । ଶନିବାର ଶ୍ରୀମତୀ ପୃଷ୍ଟି ଭଣ୍ଡାରିପୋଖରୀରେ ଯୋଗଦେଇଥିଲେ । ଏହାକୁ ହଜମ କରିପାରି ନ ଥିଲେ ଜନୈକ ପୁରୁଷ ସ୍ୱାସ୍ଥ୍ୟକର୍ମୀ । ଆଶାକର୍ମୀ, ଏଏନ୍‌ଏମ୍‌ମାନଙ୍କୁ ପ୍ରରୋଚିତ କରି ଶନିବାର ଅପରାହ୍ଣରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ମହିଳା ସ୍ୱାସ୍ଥ୍ୟକର୍ମୀ ସୁଶ୍ରୀ ସଙ୍ଗୀତା ଜେନା, ମଧୁସ୍ମିତା ଜେନା ପ୍ରମୁଖ ଡା. କମଳାକାନ୍ତ ସ୍ୱାଇଁଙ୍କୁ ଫେରାଇ ଅଣାଯାଉ ବୋଲି ଦାବି କରି କାର୍ଯ୍ୟାଳୟରେ ତାଲା ପକାଇବା ସହ ଧାରଣା ଦେଇଥିଲେ । ଡା. ସ୍ୱାଇଁଙ୍କୁ ଡେପୁଟେସନ କରାଯିବା ସମୟରୁ ସମ୍ପୃକ୍ତ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଓ ଅନ୍ୟମାନେ ବିପିଏମ୍ ଓ ସିଏଚ୍‌ଓଙ୍କ ବିରୋଧରେ ପ୍ରାୟୋଜିତ ଅଭିଯୋଗ କରିଆସୁଥିଲେ । ଡା. ସ୍ୱାଇଁଙ୍କ ଡେପୁଟେସନ ପାଇଁ ସେମାନେ ବିପିଏମ୍‌ଙ୍କୁ ଦାୟୀ କରିଆସୁଥିଲେ । ଏଥିରେ ବିଫଳ ହେବା ପରେ କ୍ରୋଧ ଜର୍ଜରିତ ହୋଇ ରହିଥିଲେ । ଫଳରେ ଏଭଳି ଧାରଣା ଅନୁଷ୍ଠିତ ହୋଇଥିଲା । ସୂଚନା ପାଇ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଲା ଖୋଲିଥିଲା । ଜିଲ୍ଲାପାଳ ଭାରପ୍ରାପ୍ତ ସିଡିଏମ୍‌ଓଙ୍କୁ ଏଥିପାଇଁ ତାଗିଦ୍ କରିଥିଲେ । ସିଡିଏମ୍‌ଓ ସ୍ୱାସ୍ଥ୍ୟକର୍ମୀ ଅମରଜିତଙ୍କ ସହ ଟେଲିଫୋନ୍ ଯୋଗେ କଥା ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।



# ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ଦୋଲସାହି, ୨୦।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ଦୋଲସାହି ପଞ୍ଚାୟତର ଦୋଲସାହି ହିଡିମଠାରେ ଅବସ୍ଥିତ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ୮୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ୮୧ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ୩୦୦ ଛାତ୍ରଛାତ୍ରୀ ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଦୌଡ଼ ଆଦି ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ବିଜୟୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ସିଲ୍ଡ ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଧୀର ତରାଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚସଖା ବିଦ୍ୟାଳୟର ସଭାପତି ଭରତ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ମିଶ୍ର, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ରାଉଳ ଯୋଗଦେଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେଇଥିଲେ ।

# ସରକାରୀ ସୁବିଧାରୁ ବଞ୍ଚିତ ଭିନ୍ନକ୍ଷମ ରମା



**ଭଦ୍ରକ, ୨୦।୧୨(ସମିସ):** ସମାଜର ମୁଖ୍ୟ ସ୍ରୋତରେ ଗରିବ, ଅସହାୟ ଓ ଭିନ୍ନକ୍ଷମଙ୍କୁ ସାମିଲ୍ କରିବା ପାଇଁ ସରକାର କରିଛନ୍ତି ମାଲମାଲ ଯୋଜନା । ମାତ୍ର ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁନି ଯୋଜନାର ସୁଫଳ । ଫଳରେ ଦୁଃଖକଷ୍ଟରେ ଜୀବନ ଅତିବାହିତ କରୁଛନ୍ତି ପ୍ରକୃତ ହିତାଧିକାରୀ । ଏଭଳି ଏକ ବିଫଳତାର ଚିତ୍ର ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଖଦାଳ ପୋଖରୀ ପଞ୍ଚାୟତ ଖଦାଳ ପୋଖରୀ ଗାଁରେ । ଏହି ଗାଁରେ ରୁହନ୍ତି ଅବିବାହିତ ଭିନ୍ନକ୍ଷମ ରମା ଦାସଙ୍କ ସହିତ ତାଙ୍କର ବୃଦ୍ଧ ବାପା ସନ୍ଥ ଦାସ ଓ ମାଆ ଗୌରୀ ଦାସ । ବୃଦ୍ଧ ଦମ୍ପତିଙ୍କ ଉପରେ ବୋଝ ସାଜିଛି ଭିନ୍ନକ୍ଷମ ଝିଅ ରମା । ରମାଙ୍କ ମସ୍ତିଷ୍କ ବିକୃତି କାରଣରୁ ସରକାରଙ୍କ ତରଫରୁ ମିଳିଛି ଭିନ୍ନକ୍ଷମ ପ୍ରମାଣପତ୍ର । ଯେଉଁଥିରେ ସେ ୮୦ ପ୍ରତିଶତ ଭିନ୍ନକ୍ଷମ ବୋଲି ପ୍ରମାଣିତ ଅଛି । ମାତ୍ର ବିଡ଼ମ୍ବନାର ବିଷୟ କି ଭିନ୍ନକ୍ଷମଙ୍କ ପାଇଁ ଥିବା ସରକାରଙ୍କ ବିଭିନ୍ନ ସୁବିଧାସୁଯୋଗରୁ ବଞ୍ଚିତ ଅଛନ୍ତି ରମା ।

୩୫୦୦ ଟଙ୍କା ଭତ୍ତା ପାଇବାରେ ସେ ଯୋଗ୍ୟା ହୋଇଥିଲେ ମଧ୍ୟ ଏଥିରୁ ରମା ବଞ୍ଚିତ । ଅନ୍ତ୍ୟୋଦୟ ଗୃହ ଯୋଜନାରେ ଭିନ୍ନକ୍ଷମଙ୍କୁ ଘର ଯୋଗାଇଦେବା, ରାସନ କାର୍ଡର ବ୍ୟବସ୍ଥା ଥିବାବେଳେ ସେଥିରୁ ବି ବଞ୍ଚିତ ଅଛନ୍ତି ରମା । କେବଳ ପୂର୍ବ ସରକାରଙ୍କ ସମୟରେ ମିଳୁଥିବା ୧୦୦୦ ଟଙ୍କା ଭତ୍ତା ରମାଙ୍କୁ ବଞ୍ଚାଇ ରଖିଛି । ତା' ସହିତ ବୃଦ୍ଧ ପିତାମାତାଙ୍କୁ ମିଳୁଥିବା ୨ ହଜାର ଭତ୍ତା ଓ ୧୦କିଲୋ ଚାଉଳରେ ମାସସାରା ଚଳୁଛନ୍ତି ଏହି ୩ ଅସହାୟ । ଘର ଖଣ୍ଡେ ନ ଥିବାରୁ ଖରା, ବର୍ଷା, ଶୀତ କାକରରେ ପଲିଥିନ୍ ତଳେ ବିତୁଛି ଜୀବନ । ଗାଁ ନେତାଠାରୁ ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିସାରିଥିଲେ ବି ରମାଙ୍କୁ ମିଳିପାରୁନି ବର୍ଦ୍ଧିତ ଭତ୍ତା କି ଖଣ୍ଡେ ରାସନ କାର୍ଡ । ପ୍ରଧାନମନ୍ତ୍ରୀ ଆବାସ କଥା ତ ଭାବିବା ସ୍ୱପ୍ନ ରମା ପାଇଁ ବୋଲି କହିଛନ୍ତି ତାଙ୍କ ପଡ଼ୋଶୀ ଶାନ୍ତିଲତା ଦାସ ଓ ଚନ୍ଦନ ଦାସ । ଏହି ପରିବାରର ଅବସ୍ଥା ଦେଖିଲେ ମନରେ ପ୍ରଶ୍ନ ଉଠୁଛି ସରକାରଙ୍କ ଯୋଜନା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନି କାହିଁକି? ଏଠାରେ ଦୋଷ କାହାର ପ୍ରଶାସନର ନା ଗାଁ ନେତାଙ୍କର । ଏଭଳି ଏକ ସମ୍ବେଦନଶୀଳ ଘଟଣା ପ୍ରତି ଜିଲ୍ଲା ପ୍ରଶାସନ ସଦୟ ଦୃଷ୍ଟିଦେବାକୁ ଦାବି କରିଛନ୍ତି ଗ୍ରାମବାସୀ ।

**ବହୁ ଦୁଃଖକଷ୍ଟ ସହୁଛନ୍ତି ବୃଦ୍ଧ ଦମ୍ପତି**

# ବ୍ୟବସାୟୀଙ୍କ ଘରେ ଇଓଡବ୍ଲୁ ଚଢ଼ଉ

**ଭଦ୍ରକ, ୨୦।୧୨(ସମିସ):** ଭଦ୍ରକ ଟାଉନ ସାଳନ୍ଦୀ ବାଇପାସ୍‌ସ୍ଥିତ ନୀଳାଦ୍ରି ବିହାରସ୍ଥିତ ଯୁବ ବ୍ୟବସାୟୀଙ୍କ ଭଦ୍ରକ ଜିଲ୍ଲାସ୍ଥିତ ଘରେ ଇଓଡବ୍ଲୁ ପକ୍ଷରୁ ଚଢ଼ଉ କରାଯାଇଛି । ବାଇପାସ୍‌ସ୍ଥିତ ନୀଳାଦ୍ରି ବିହାରର ବାସଭବନ ସହ ଅନ୍ୟ ଦୁଇ ସ୍ଥାନରେ ମଧ୍ୟ ଚଢ଼ଉ ଜାରି ରହିଛି । ୩ ମାସ ପୂର୍ବେ ବାସଭବନରୁ ତାଙ୍କୁ ଉଠାଇ ନେଇଥିଲା ଇଓଡବ୍ଲୁ ଟିମ୍ । ସୂଚନା ଅନୁଯାୟୀ, ଗତ ୩ ମାସ ପୂର୍ବେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଇଓଡବ୍ଲୁର ଏକ ଟିମ୍ ଭଦ୍ରକ ବାସଭବନରୁ ତାଙ୍କୁ ଉଠାଇ ନେଇଥିଲା । ଏବେ ପୁଣି ଥରେ ଇଓଡବ୍ଲୁ ତରଫରୁ ଚଢ଼ଉ କରାଯାଇଛି । ତେବେ ବ୍ୟାପକ ଆର୍ଥିକ ଅନିୟମିତତା ସହ ଅନେକ ବେଆଇନ କାର୍ଯ୍ୟରେ ଜଡ଼ିତ ଥିବା ସୂଚନା ମିଳିଛି । ଘଟଣାକୁ ନେଇ ତଦନ୍ତ ଜାରି ରହିଛି । ଏନେଇ ଅଧିକାରୀଙ୍କ ପକ୍ଷରୁ କୌଣସି ସୂଚନା ମିଳିପାରି ନାହିଁ । ଚଢ଼ଉବେଳେ ୩ ଗାଡ଼ି ସହ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଇଓଡବ୍ଲୁ ନେଇଯାଇଥିବା କୁହାଯାଉଛି ।

# ମିରାକିଲ୍ ପବ୍ଲିକ୍ ସ୍କୁଲ୍‌ରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ବାସୁଦେବପୁର, ୨୦।୧୨(ସମିସ):** ବାସୁଦେବପୁର ମିରାକିଲ ପବ୍ଲିକ୍ ସ୍କୁଲର ୧୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିନାୟକପୁର ପଡ଼ିଆରେ ଆୟୋଜିତ ୨ଦିନିଆ କ୍ରୀଡ଼ା ଉତ୍ସବକୁ ମୁଖ୍ୟ ଅତିଥି ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମିରାକିଲ ପବ୍ଲିକ୍ ସ୍କୁଲର ଚେୟାରମ୍ୟାନ୍ ଦୁଃଶାସନ ରାଉତ, ଅଧ୍ୟକ୍ଷ ପ୍ରୀତିରଞ୍ଜନ ସାହୁ ଓ ସମ୍ପାଦକ ରାହାସ ବିହାରୀ ମହାନ୍ତି ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ୨ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ଦୌଡ଼ା, ବସ୍ତା ଦୌଡ଼, ଲମ୍ବ ଡିଆଁ, ଗଣିତ ଦୌଡ଼ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗର କୁନିକୁନି ଶିଶୁମାନେ ଉତ୍ସାହିତ ହୋଇ ପ୍ରତିଯୋଗିତା କରି ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ମିରାକିଲ୍ ପବ୍ଲିକ୍ ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହିତ ସମ୍ପାଦକ ରାହାସ ବିହାରୀ ମହାନ୍ତି କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ ।


## EASTERN INVESTMENTS LIMITED

CIN: L65993OR1927GOI034842
Regd. Office: Plot No:255, Pristine Green, Pokhariput, Bhubaneswar-751020

Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | . | | |
| | (i) Basic: | (0.56) | 1.72 | (2.00) | 19.74 | 14.56 | (121.71) |
| | (ii) Diluted | (0.56) | 1.72 | (2.00) | 19.74 | 14.56 | (121.71) |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 19th December' 2025

Sd/-
(A.K.Bagchi)
Managing Director-EIL



# ମଧୁକୁଞ୍ଜ ପାର୍କ ନବୀକରଣ ପ୍ରକଳ୍ପ ଉଦ୍‌ଘାଟିତ



କଟକ,୨୦।୧୨(ସମିସ): ମଧୁକୁଞ୍ଜ ପାର୍କ ନବୀକରଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମେୟର ସୁବାସ ସିଂହ ଉଦ୍‌ଘାଟନ କରିଥିଲେ। ଏକ ମଡେଲ ପାର୍କ ଭାବରେ ସହରବାସୀଙ୍କ ଉଦ୍ଦେଶ୍ୟରେ ଏହା ଉତ୍ସର୍ଗ କରାଯାଇଥିଲା। ସିଏମ୍‌ସି କମିସନର କିରଣଦୀପ କୌର ସହୋତା ଉପସ୍ଥିତ ଥିଲେ। ଏହି ମଡେଲ ପାର୍କରେ ଜନସାଧାରଣଙ୍କ ବସିବା ନିମନ୍ତେ ସିଟ୍ ବ୍ୟବସ୍ଥା, ସନ୍ଧ୍ୟା ସମୟରେ ଲାଇଟ୍ ଆରେଞ୍ଜମେଣ୍ଟ୍, ଯୋଗ କେନ୍ଦ୍ର , ବାଥରୁମ୍, ଜିମ୍ ଭଳି ସମସ୍ତ ସୁବିଧା ରଖାଯାଇଛି। ଏଥିରେ ଛୋଟ ପିଲାଙ୍କ ନିମନ୍ତେ ଖେଳ ଉପକରଣର ବ୍ୟବସ୍ଥା କରାଯାଇଛି। ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମୋନାଲିଶା ଦାସ, ଅଧ୍ୟକ୍ଷ ପ୍ରଦୀପ୍ତ ଖୁଣ୍ଟିଆ, ସ୍ଥାନୀୟ କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ଅବସରପ୍ରାପ୍ତ ତହସିଲଦାର ଲକ୍ଷ୍ମୀଧର ନାଥ, ଡଃ ମହମ୍ମଦ ଖାନ, କବିନ୍ଦ୍ର କୁମାର ମିଶ୍ର, ଚନ୍ଦନା ଖିଲାର, ବିଜୟଲକ୍ଷ୍ମୀ ପଣ୍ଡା, ଆଇନଜୀବୀ ହରିହର ନାୟକ, ଚଳଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁ, ପ୍ରମୋଦ ମହାପାତ୍ର, ପୂର୍ବତନ କର୍ପୋରେଟର ରମଜାନ ଖାନ, ୱାର୍ଡ ସଭାପତି ଚିତ୍ତରଞ୍ଜନ ସାମନ୍ତରାୟ, ସୁବାସ ରାଉତ, ଦିଲ୍ଲୀପ ସ୍ୱାଇଁ, ଅଯୋଧ୍ୟା ନାଥ ସାହୁ, ଶରତ ସାହୁ, ରମାକାନ୍ତ ବେହେର, ପ୍ରମୋଦ ମହାନ୍ତି, ରୀତା ସାହୁ, ଚନ୍ଦ୍ରାବତୀ ସାହୁ, ରିଚା ଦତ୍ତ, ପୁଷ୍ପ ସାହୁ, ରଶ୍ମି ଦାସ, ନବକୃଷ୍ଣ ମିଶ୍ର ଓ ସୁବାଶିଷ ସାହୁ ଯୋଗ ଦେଇଥିଲେ।

# ନୂଆ ବର୍ଷରୁ ପୁଲିସର ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍

**କଟକ ୟୁପିଡି ପାଇଁ ମାଷ୍ଟରପ୍ଲାନ୍ ଶେଷ**

**ସ୍ୱୟଂଚାଳିତ ସତର୍କତା ସହ କରାଯିବ ସମ୍ବେଦନଶୀଳ ଅପରାଧିକସ୍ଥଳୀ ଚିହ୍ନଟ**

**ଅନ୍‌ଲାଇନ୍ ମ୍ୟାପ୍ ସହ ଟ୍ରାକିଂ ବ୍ୟବସ୍ଥା ଭିତରେ ରହିବେ ବିଟ୍ ଅଧିକାରୀ**

କଟକ,୨୦।୧୨(ସମିସ): ନୂଆ ବର୍ଷରେ ଲାଗୁ ହେବାକୁ ଯାଉଛି ନୂଆ ଯୋଜନା। ୨୦୨୬ ଜାନୁଆରୀ ପହିଲାରୁ ଏହା କାର୍ଯ୍ୟକାରୀ ହେବ। ପରିବର୍ଦ୍ଧିତ ଜନସଂଖ୍ୟା ଓ ଅପରାଧକୁ ଦୃଷ୍ଟିରେ ରଖି କଟକ ୟୁପିଡିରେ କାର୍ଯ୍ୟକାରୀ ହେବାକୁ ଯାଉଛି 'ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍'। କମିସନରେଟ୍ ପୁଲିସ ଅଧୀନରେ ରହିଥିବା ସମସ୍ତ ଥାନାଞ୍ଚଳରେ ଅପରାଧିକସ୍ଥଳୀ ଚିହ୍ନଟ ହେବା ସହ ଏହି ସ୍ୱତନ୍ତ୍ର ଇ-ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏନେଇ ବିଭାଗୀୟ ନିଷ୍ପତ୍ତି ହୋଇଥିବା ବେଳେ ଖୁବଶୀଘ୍ର କଟକ ୟୁପିଡିକୁ ଅନୁମୋଦନ ମିଳିବ ବୋଲି ଜଣାପଡ଼ିଛି। ସହରର ପ୍ରମୁଖ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯିବା ସହିତ ବିଟ୍-ହାଉସଗୁଡ଼ିକ ନିର୍ମାଣ କରାଯିବ। ଏଥିସହ ପାଟ୍ରୋଲିଂକୁ କଡାକଡି କରାଯିବ। ସହରାଞ୍ଚଳ ପୁଲିସକୁ ଆଧୁନିକୀକରଣ କରିବା, ଜନସାଧାରଣଙ୍କ ସୁରକ୍ଷା ବୃଦ୍ଧି କରିବା ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅପରାଧୀଙ୍କୁ କାବୁ କରିବାକୁ ଏପରି ପଦକ୍ଷେପ ନିଆଯାଉଛି। ଏହି ସିଷ୍ଟମରେ ୧୦୦ରୁ ଅଧିକ ସ୍ୱତନ୍ତ୍ର ପୁଲିସଙ୍କୁ ନିୟୋଜିତ କରାଯିବ। କଟକ ସହରରେ ଥିବା ବିଭିନ୍ନ ଏଟିଏମ୍, ଧାର୍ମିକ ସ୍ଥଳ, ପାର୍କ, ବଜାର, ବରିଷ୍ଠ ନାଗରିକଙ୍କ ଘର ସମେତ ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରାଯାଇ ସେଠାରେ ଏହି ବ୍ୟବସ୍ଥା ଲାଗୁ ହେବ।

କମିସନରେଟ୍ ପୁଲିସ ପକ୍ଷରୁ ୪୦ରୁ ଅଧିକ ବିଟ୍-ହାଉସ କରାଯାଇ ୧୦୦ଜଣ ପୁଲିସଙ୍କୁ ଦାୟିତ୍ୱ ଦିଆଯିବ ବୋଲି ପ୍ରାଥମିକ ପର୍ଯ୍ୟାୟରେ ଆଲୋଚନା କରାଯାଇଛି। କୁଖ୍ୟାତ ଅପରାଧୀଙ୍କ ଗତିବିଧି ଅନୁଧ୍ୟାନ କରିବା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଯୋଗାଯୋଗ କରି ଅପରାଧୀଙ୍କ ସମ୍ପର୍କରେ ସୂଚନା ସଂଗ୍ରହ କରବା ବିଟ୍ ଅଧିକାରୀଙ୍କ ପ୍ରମୁଖ କାର୍ଯ୍ୟ ରହିବ। ପ୍ରତ୍ୟେକ ବିଟ୍ ସ୍ଥାନର ଜିଓ ମ୍ୟାପିଂ କରାଯିବ। ବିଟ୍ ଅଧିକାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର 'ମୋବାଇଲ ଆପ୍' ପ୍ରଦାନ କରାଯିବ। ଏଥିରେ ସହରର ବିଭିନ୍ନ ସ୍ଥାନର ଲୋକେସନ୍ ଟ୍ରାକିଙ୍ଗ କରାଯିବ। ପାଟ୍ରୋଲିଂ ସମୟରେ ଯଦି ସମ୍ପୃକ୍ତ ଅଧିକାରୀ ଅସମ୍ପୂର୍ଣ୍ଣ ରାଉଣ୍ଡ ବା ପାଟ୍ରୋଲିଂ କରନ୍ତି ତେବେ ଏଥିପାଇଁ ସ୍ୱୟଂଚାଳିତ ସତର୍କତା ବ୍ୟବସ୍ଥା କରାଯିବ। ଏହି ବ୍ୟବସ୍ଥାରେ ଦାୟିତ୍ୱରେ ଥିବା ପଦାଧିକାରୀ ଅନଲାଇନ୍‌ରେ ଅବଗତ ହୋଇ ପାରିବେ। ଫଳରେ କର୍ତ୍ତବ୍ୟରେ ଢିଲା କରୁଥିବା ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଗାମୀ ଦିନରେ ପ୍ରତ୍ୟେକ ଥାନା ଅଧିନରେ ଏହି ସିଷ୍ଟମ କାର୍ଯ୍ୟକାରୀ ହେବ। ଏହି ଅତ୍ୟାଧୁନିକ ପାଟ୍ରୋଲିଂ ବ୍ୟବସ୍ଥା କରାଗଲେ ଅପରାଧିମାନେ ଅପରାଧ ଘଟାଇ ସହର ଛାଡି ଫେରାର୍ ହୋଇ ପାରିବେ ନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଉଛି। ଅନ୍ୟପଟେ କଟକ କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ଏବେ ସମୁଦାୟ ୨୪ଟି ପିସିଆର୍ ଭ୍ୟାନ୍‌କୁ ଡ୍ୟୁଟିରେ ନିୟୋଜିତ କରାଯାଇଛି। ସେଗୁଡ଼ିକ ନିୟମିତ ବ୍ୟବଧାନରେ ସଜଡା ଯାଉନଥିବାରୁ ଅନେକ ସମୟରେ ଗାଡି ଖରାପ ହେବା ସହିତ ଥାନା ସମ୍ମୁଖରେ ପଡ଼ି ରହୁଛି। ଏଭଳି ସ୍ଥିତିରେ କର୍ତ୍ତବ୍ୟରତ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ପାରୁନାହାନ୍ତି। ଦିନକୁ ଦିନ କଟକର ପରିସୀମା ପରିବ୍ୟପ୍ତ ହେବା ସହିତ ଜନସଂଖ୍ୟା ମଧ୍ୟ ବୃଦ୍ଧି ଘଟୁଛି।ଏହାକୁ ଦୃଷ୍ଟି ଦେଲେ, ସେହି ତୁଳନାରେ ସହରରେ ପାଟ୍ରୋଲିଂ ପାଇଁ ଥିବା ପିସିଆର୍ ଭ୍ୟାନ୍‌ର ଅଭାବ ପରିଲକ୍ଷିତ ହେଉଛି। ସହରରେ ସର୍ବନିମ୍ନ ୬୦ଟି ପିସିଆର୍ ଭ୍ୟାନ୍ ଆବଶ୍ୟକତା ରହିଥିବା ବେଳେ ମାତ୍ର ୨୪ଟିରେ କାମ ଚଳାଯାଉଛି। ଯେଉଁ କାରଣରୁ ଉଭୟ ଡେ' ଓ ନାଇଟ୍ ପାଟ୍ରୋଲିଂ ଠିକ୍ ଭାବେ ହୋଇ ପାରୁନାହିଁ। ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍ କାର୍ଯ୍ୟକ୍ଷମ କରାଗଲେ, କଣ୍ଟ୍ରୋଲ୍ ରୁମ୍ ଦାୟିତ୍ୱରେ ଜଣେ ଆଇପିଏସ୍ ର୍‌ୟାଙ୍କ୍‌ର ଅଧିକାରୀ ରହିବେ। ତାଙ୍କ ଅଧିନରେ ୩ଜଣ ଇନ୍ସପେକ୍ଟର, ୧୫ଜଣ ଏସ୍‌ଆଇ ଓ ଏଏସଆଇ କାର୍ଯ୍ୟ କରିବେ। କଣ୍ଟ୍ରୋଲ୍ ରୁମ୍ ଏବଂ ପିସିଆର୍ ଭ୍ୟାନ୍ ମଧ୍ୟରେ ଠିକ୍ ଯୋଗସୂତ୍ର ରଖାଯାଇ ପାଟ୍ରୋଲିଂକୁ କଡାକଡି କରାଯିବ। ସହରକୁ ଶୂନ୍ୟ ଅପରାଧପ୍ରବଣ କରିବା ନିମନ୍ତେ ଥାନା ଗୁଡ଼ିକରେ ଏହି ବ୍ୟବସ୍ଥା ଲାଗୁ କରାଯିବାକୁ ସ୍ଥିର କରାଯାଇଛି। ପୁଲିସ କଣ୍ଟ୍ରୋଲ୍ ରୁମ୍ ଏବଂ ପିସିଆର୍ ଭ୍ୟାନ୍ ମଧ୍ୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ତାଳମେଳ ରଖାଯାଇ ସାରା ସହରରେ ପାଟ୍ରୋଲିଂ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

# ରେଭେନ୍ସା କଲିଜିଏଟ୍ ସ୍କୁଲର ବାର୍ଷିକ କ୍ରୀଡ଼ା



କଟକ,୨୦।୧୨(ସମିସ): ରେଭେନ୍ସା କଲିଜିଏଟ ସ୍କୁଲର ୧୭୬ତମ ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ସନସାଇନ ପଡ଼ିଆରେ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ଡେପୁଟି ସେକ୍ରେଟାରୀ ଡଃ ଅନୁସ୍ମିତା ସ୍ୱାଇଁ, ପ୍ରଧାନ ଶିକ୍ଷକ ସୁଶ୍ରୀ ପ୍ରଗତି ପଣ୍ଡା, ବରିଷ୍ଠ ଶିକ୍ଷୟିତ୍ରୀ ସଂଘମିତ୍ରା ପଟ୍ଟନାୟକ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କଟକ ବିଇଓ ମନୀଷା ବିଶ୍ୱାଳ, ସମ୍ମାନିତ ଅତିଥି ଭାବରେ ଭକ୍ତମଧୁ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଧୃତିଦୀପା ପରିଡ଼ା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ମାନସ ରଞ୍ଜନ ବେହେରା ଖେଳ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ପରେଶ ମଲ୍ଲ, ଦିଲୀପ ଜେନା, ମଧୁସ୍ମିତା ମହାନ୍ତି, ଡଃ ପୁଷ୍ପାଞ୍ଜଳି ବେହେରା, କଳ୍ପନା ବ୍ରହ୍ମା, ସନ୍ତୋଷ ସ୍ୱାଇଁ, ପ୍ରଣବ ବେହେରା, ସଂଯୁକ୍ତା ଶତପଥୀ, ବର୍ଷା ଦାଶ, ଜ୍ୟୋତିର୍ମୟୀ ଷଡ଼ଙ୍ଗୀ, ରୁକ୍ମିଣୀ ସାମଲ, ଅନୁରାଧା ଗମାଙ୍ଗ ପ୍ରମୁଖ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶୈଳବାଳା ମହିଳା ମହାବିଦ୍ୟାଳୟରେ ହେବ ମଧୁବାବୁ ସ୍ମାରକୀ ସଂଗ୍ରହାଳୟ

କଟକ,୨୦।୧୨(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତିକୁ ଚିରସ୍ମରଣୀୟ କରିବା ପାଇଁ ରାଜ୍ୟ ସରକାର ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି। କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ଭବ୍ୟ 'ମଧୁବାବୁ ସ୍ମାରକୀ ସଂଗ୍ରହାଳୟ' ନିର୍ମାଣ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଏହି ସଂଗ୍ରହାଳୟର ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବା ନେଇ ସ୍ଥିର ହୋଇଛି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୧୯୫୨ରେ ଓଡ଼ିଶାରେ ନାରୀଶିକ୍ଷାର ପ୍ରସାର ଓ ବିକାଶ ନିମନ୍ତେ ଶୈଳବାଳା ଦାସ ନିଜ ପିତା ମଧୁସୂଦନ ଦାସଙ୍କ ବାସଭବନକୁ ଦାନ କରିଥିଲେ। ବର୍ତ୍ତମାନର ମହାବିଦ୍ୟାଳୟର ଯେଉଁ ସ୍ଥାନରେ ମଧୁବାବୁଙ୍କ ସମୟରେ ସ୍ତିରସ୍ଥା ସମ୍ମିଳନୀ କକ୍ଷ ଏବଂ ଆବାସିକ କାର୍ଯ୍ୟାଳୟ ପରିଚାଳିତ ହେଉଥିଲା, ସେହି ଅଞ୍ଚଳକୁ ହିଁ ସ୍ମାରକୀ ସଂଗ୍ରହାଳୟରେ ପରିଣତ କରାଯିବ। ସମୀକ୍ଷା ବୈଠକରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡା. ବିଜୟ କେତନ ଉପାଧ୍ୟାୟ ଏବଂ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଉପସ୍ଥିତ ଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ୍ ସଚିବ ବିଜୟ ନାୟକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା ମଧ୍ୟ ସାମିଲ ହୋଇଥିଲେ।

# ନୂଆବଜାର ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ




କଟକ,୨୦।୧୨(ସମିସ): ନୂଆବଜାର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର କଟକ ପୂର୍ବତନ ବିଧାୟକ ତଥା ବିଶିଷ୍ଟ ସମାଜସେବୀ ଡ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ପ୍ରଭାତୀ ମଲ୍ଲିକ ଓ ଉପସଭାପତି ସ୍ମୃତିରଞ୍ଜନ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ନୂଆବଜାର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ସମାରୋହରେ ବିଦ୍ୟାଳୟ ଆଲୁମିନି କମିଟିର ସଭାପତି ଉମେଶ ଚନ୍ଦ୍ର ସାହୁ ଓ ପରିଚାଳନା କମିଟିର ସମସ୍ତ ସଭ୍ୟ ଯୋଗଦେଇଥିଲେ।କ୍ରୀଡ଼ା ଶିକ୍ଷୟତ୍ରୀ ଗୀତାଞ୍ଜଳି ଛାଟୋଇ, ନମିତା ତ୍ରିପାଠୀ, ଶିକ୍ଷକ ମନୋଜ କୁମାର ସାହୁ, ଅରୁଣ କୁମାର ପରିଡା ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। କ୍ରୀଡା ଉତ୍ସବକୁ ବିଦ୍ୟାଳୟର କ୍ରୀଡା ଶିକ୍ଷୟତ୍ରୀ ଗୀତାଞ୍ଜଳି ଛାଟୋଇ,ନମିତା ତ୍ରିପାଠୀ, ଶିକ୍ଷକ ମନୋଜ ସାହୁ, ଅରୁଣ କୁମାର ପରିଡା ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। ପ୍ରମିଳା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର

ଚୌଦ୍ୱାର,୨୦।୧୨(ସମିସ): କାର୍ଯ୍ୟରତ ଓ ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କ ଦ୍ୱାରା ପ୍ରତିଷ୍ଠିତ ସେବା ଅନୁଷ୍ଠାନ ଅନନ୍ଦମୟ ସଂଗଠନ ଓ କଟକ ମିଲେନିୟମ ରୋଟାରୀ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଆଗ୍ରାହାଟରେ ଏକ ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଗ୍ରାହାଟ କାଳୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମକୁ ଚୌଦ୍ୱାର ଆଇଆଇସି ଦୀପକ ଖଣ୍ଡାୟତରାୟ ଉଦ୍‌ଘାଟନ କରିଥିଲେ। ସଂଗଠନର ସଭାପତି ଶୈଳେନ୍ଦ୍ର ମୁଖୀ, ଅଜୟ ମହାପାତ୍ର, ମହେଶ୍ୱର ପଣ୍ଡା, ଅଶ୍ୱିନୀ ଗଡ଼ନାୟକ, ଅନ୍ତର୍ଯ୍ୟାମୀ ନାଥ, ରବିନ୍ଦ୍ର ବାରିକ, ସାମାଜିକ କର୍ମୀ ସହଦେବ ବରାଳ ଶିବିର ପରିଚାଳନା କରିଥିଲେ। ଅନୁରୂପ ଭାବେ ପୌରପାଳିକା ୬ନମ୍ବର ୱାଡର୍ ନୁନଟିକିରୀ ଗ୍ରାମରେ ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିରକୁ ବିବେକାନନ୍ଦ ପାଠାଗାର ଆନୁକୂଲ୍ୟରେ ବରିଷ୍ଠ ନାଗରିକ ରାମଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ପାଠାଗାର ପରାମର୍ଶଦାତା ସୁରେଶ ରାଉତରାୟ, ସଭାପତି ସଂଜୟ ନାୟକ, ଅମୀୟ ଭୂଷଣ ବରାଳ, ପଦ୍ମନାଭ ବରାଳ, ପବିତ୍ର ମହାନ୍ତି, ଅଶୋକ ରାଉତରାୟ, ମନୋରଞ୍ଜନ ନାୟକ, ସମୀର ନାୟକ ପରିଚାଳନା କରିଥିଲେ।

# ସମ୍ବାଦପତ୍ର ବିକ୍ରେତା ସଂଘର ଶୋକ




କଟକ,୨୦।୧୨(ସମିସ): ସମ୍ବାଦପତ୍ର ବିକ୍ରେତା ହରି ପାଲଙ୍କ ପରଲୋକ ପରେ ସଂଘ ପକ୍ଷରୁ ବକ୍ସି ବଜାରଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, ପ୍ରଭାସ ପ୍ରଧାନ, କେ ବେଣୁ ରାଓ, ଦୁଃଖୀଶ୍ୟାମ ମହାପାତ୍ର, ନବଘନ ସାହୁ, ଦେବାଶିଷ ଭୋଇ, ଅଜୟ ସାହୁ, ଚିତ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**କମିସନରେଟ୍ ପୁଲିସର ବସ୍ତିକୁ ଚାଲ ଅଭିଯାନ**

# ନୂଆପଡ଼ା ବାଲିସାହିରେ ସ୍ୱାସ୍ଥ୍ୟସେବା ଶିବିର



କଟକ,୨୦।୧୨(ସମିସ): କମିସନରେଟ୍ ପୁଲିସ ପକ୍ଷରୁ ବସ୍ତିକୁ ଚାଲ ଅଭିଯାନ ଆରମ୍ଭ ହୋଇଛି। ପୁଲିସ କମିଶନର, ଅତିରିକ୍ତ ପୁଲିସ କମିସନର ଓ କଟକ ଡିସିପିଙ୍କ ନିର୍ଦ୍ଦେଶକ୍ରମେ କଟକ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ବାଲି ସାହିରୁ ଆରମ୍ଭ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଏକ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ମେଡ଼ିସିନ୍, ଚକ୍ଷୁ, ସ୍ତ୍ରୀ ଓ ପ୍ରସୂତି, ହୃଦ୍‌ରୋଗ, ମଧୁମେହ, ରକ୍ତଚାପ ଭଳି ରୋଗର ବିଭିନ୍ନ ପରୀକ୍ଷା ନିରୀକ୍ଷା ସାଙ୍ଗକୁ ଉପଯୁକ୍ତ ଔଷଧ ବିତରଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୧୦୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କଟକ ୟୁପିଡିର ଆଡିସନାଲ ଡିସିପି ରଞ୍ଜିତ୍ କୁମାର ପୃଷ୍ଟି, ଅମରେନ୍ଦ୍ର ପଣ୍ଡା, ସୁଦର୍ଶନ ଦାସ, କ୍ଷୀରସାଗର ନାୟକ, ଏସିପି ଅନନ୍ୟା ଅଗସ୍ତ୍ୟ, ଏସପି ଅମିତାଭ ମହାପାତ୍ର, ଏସିପି ଅଶୋକ କୁମାର ଗିରି, ଆଇଆଇସି ଚିତ୍ତରଞ୍ଜନ ରାଉତ, ରିଜର୍ଭ ଇନ୍ସପେକ୍ଟର ବିଭୁ ପ୍ରସାଦ ପ୍ରଧାନ, କଟକ ସହରାଞ୍ଚଳ ଜିଲ୍ଲାର ସମସ୍ତ ଏସିପି ଓ ଆଇଆଇସି ପରିଚାଳନା କରିଥିଲେ। ସାଧାରଣ ବସ୍ତିବାସିନ୍ଦାଙ୍କ ସହ ପୁଲିସର ସମ୍ପର୍କକୁ ଏହି କାର୍ଯ୍ୟକ୍ରମ ଆହୁରି ମଜବୁତ କରିବ ବୋଲି ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା କହିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

କିଶନନଗର,୨୦।୧୨(ସମିସ): କଟକ ସଦର ବ୍ଲକ ଅନ୍ତର୍ଗତ ବାରଦା ଗ୍ରାମର ମା' ଅମ୍ବିକେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ଅମ୍ବିକେଶ୍ୱରୀ ଓ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ନାରାୟଣଚନ୍ଦ୍ର ସିହ୍ନାଙ୍କ ପୌରୋହିତ୍ୟ ଓ ସମ୍ପାଦକ କବି ପ୍ରତାପ ବେହେରାଙ୍କ ପରିଚାଳନାରେ ଆୟୋଜିତ ସଭାରେ ବରିଷ୍ଠ ନାଗରିକ ଅବନ୍ତିନାଥ ଦତ୍ତ, ଶ୍ରୀକାନ୍ତ ରାୟ, ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ସୁଧାଂଶୁ ଶେଖର ପାତ୍ର, ଲେଖକ ଓ ସଙ୍ଗୀତଜ୍ଞ ପତିତପାବନ ଜେନା, ପ୍ରବକ୍ତା ପଣ୍ଡିତ ପ୍ରମୋଦ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ବିଷ୍ଣୁଚରଣ ବେହେରା, ସର୍ବେଶ୍ୱର ମିଶ୍ର, ସରାଫତ ଅଲ୍ଲୀ, ଦେବେନ୍ଦ୍ର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଷେତ୍ରବାସୀ ପରିଡା, ରମେଶଚନ୍ଦ୍ର ଦାଶ, ସୁରେନ୍ଦ୍ର ସାହୁ, ସୁରେନ୍ଦ୍ର ବେହେରା, ଗଙ୍ଗାଧର ବେହେରା, ମାଧବ ସାହୁ, ବୈଷ୍ଣବ ପରିଡ଼ା, ଅକ୍ଷୟ ଦାସ, ଫକିର ଦାସ, ପଞ୍ଚାନନ ଭୋଇ, ଅରକ୍ଷିତ ଦଳାଇ, ଦାମୋଦର ସାହୁ, ବିଷ୍ଣୁଚରଣ ଦଳାଇ, ହୃଷୀକେଶ ନାଏକ, ହିମାଂଶୁ ପାତ୍ର, ଦିଲୀପ ଦତ୍ତ, ମାୟାଧର ପଟ୍ଟନାୟତ ଦିବାକର ଓଝା ପରିଚାଳନା କରିଥିଲେ।



## EASTERN INVESTMENTS LIMITED

CIN: L65993OR1927GOI034842
Regd. Office: Plot No:255, Pristine Green, Pokhariput, Bhubaneswar-751020

**Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | . | | |
| | **(i) Basic:** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |
| | **(ii) Diluted** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**Place:** Visakhapatnam
**Date:** 19th December' 2025

Sd/-
**(A.K.Bagchi)**
Managing Director-EIL

## ■ ଓଡ଼ିଶା-ଆନ୍ଧ୍ର ଅବକାରୀ ବିଭାଗର ମିଳିତ ଚଢ଼ଉ

# ପୋଚ ଓ ମଦ ଜବତ; ୨ ମହିଳା ଗିରଫ

କୋରାପୁଟ,ବନ୍ଧୁଗାଁ,୨୦।୧୨(ସମିସ): ଅବକାରୀ କମିଶନର ପି. ଅନ୍ୱେଷ ରେଡ୍ଡୀଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଠାରୁ କୋରାପୁଟ ଜିଲ୍ଲାରେ ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ କାରବାର ରୋକିବାକୁ ସ୍ୱତନ୍ତ୍ର ଧର ପଗଡ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ଆଜି ପ୍ରଥମ ଦିନରେ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦର



ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ସୀମାନ୍ତ ବନ୍ଧୁଗାଁ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ଅବକାରୀ ବିଭାଗ ମିଳିତ ଚଢ଼ଉ କରିଥିଲେ। ମିଳିତ ଟିମ ବନ୍ଧୁଗାଁ ବ୍ଲକର କେ.ଜଗୁଗୁଡ଼ା, କାର୍ଲୀ, କୁମ୍ଭାରୀପୁଟ, ହାତୀଗୁଡ଼ା ଗ୍ରାମରେ ଚଢ଼ଉ କରି ୬୮୦୦ ଲିଟର ପୋଚ ସହ ୨୧୬ ଲିଟର ଦେଶୀ ମଦ ଜବତ କରିଥିଲେ। ଘଟଣାରେ ଅବକାରୀ ବିଭାଗ କୁମ୍ଭାରିପୁଟ ଗ୍ରାମର ପି. ଜୟନ୍ତୀ ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରି ୬୦ ଲିଟର ଦେଶୀ ମଦ ଜବତ କରିଥିବାବେଳେ କେ. ଜଗୁଗୁଡ଼ା ଗ୍ରାମରେ ଚଢ଼ଉ କରି ଆର. ଆଚାମା ନାମ୍ନୀ ଅନ୍ୟ ଜଣେ ମହିଳାଙ୍କୁ ଗିରଫ କରି ତାଙ୍କ ନିକଟରୁ ୬ ଲିଟର ମଦ ଜବତ କରିଥିଲେ। ସେହିପରି ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ କରି ୬୮୦୦ ଲିଟର ପୋଚ ଏବଂ ୧୫୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଥିବା ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍ଏସ୍ ଇନ୍ସପେକ୍ଟର ଚନ୍ଦ୍ର ଶେଖର ପଢ଼ିଆରୀ, ଏଏସ୍ଆଇ ଏଲିଜା ବିଶୋଇ, ଉମେଶ କୁମାର ଦୋରା, ପାର୍ବତୀପୂରମ୍ ଅବକାରୀ ବିଭାଗ ଅତିରିକ୍ତ ଅଧିକ୍ଷକ ଚଢ଼ଉରେ ସାମିଲ ହୋଇଥିଲେ।

# ଦନ୍ତାହାତୀ ଆତଙ୍କ; ରାତିସାରା ଅମଳ ଧାନକୁ ଜଗୁଛନ୍ତି ୫ ଗ୍ରାମର ଚାଷୀ





ଗୁଣୁପୁର,୨୦।୧୨(ସମିସ): ହାତରେ ଟର୍ଚ୍ଚଲାଇଟ୍ ମୁଣ୍ଡରେ ପଗୁଡି ବାନ୍ଧି ରାତତମାମ୍ ଅନିଦ୍ରା ରହି ଚାଷି ଜଗିରହୁଛି ନିଜର ଅମଳ ଧାନ। ଏକ ଦନ୍ତା ହାତୀ ଅମଳଧାନ, ଖଳାରେ ଓ ଜମିରେ ଥିବା ଧାନକୁ ନଷ୍ଟ କରିଦେଉଥିବା ଯୋଗୁଁ ଚାଷୀ ଶୀତରାତିରେ ଅନିଦ୍ରା ରହି ନିଆଁ ଲଗାଇ ଜଗି ବସୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗୁଣୁପୁର ବନଖଣ୍ଡ ଅଧିନସ୍ତ ପାଞ୍ଚଖଣ୍ଡ ଗ୍ରାମ ଖଇରା,ଆମ୍ବାବାଡି,ପୁଲପୁଟି,ଝୁମ୍ପାପୁର,ତରା ମାଲରେ। ଗ୍ରାମଗୁଡିକର ଚାଷୀମାନେ ରାତି ୮ ଟା ହେଲେ ହାତରେ ଟର୍ଚ୍ଚ ଧରି ହାତୀକୁ ଜଗିବା ପାଇଁ ବାହାରି ପଡୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଚାଷୀ ଅମଳ କରିବା ସମୟ ଆସିଛି। ଧାନଗଛ କାଟି ବିଭିନ୍ନ ଜମି, ଖଳାରେ ଧାନ ଅମଳ କରି ପକଇ ରଖିଛି ଚାଷୀ। କିଛି ଦିନ ହେବ ଗୁଣୁପୁର ରେଞ୍ଜ୍ରେ ଥିବା ଏକ ଦନ୍ତା ହାତୀ ଚାଷୀଙ୍କ ନିଦ ହଜାଇ ଦେଇଛି। ଜମିରେ ଥିବା ପାଇପ୍ ଭାଙ୍ଗି ଦେଉଛି ତ କେତେବେଳେ ଜମିରେ ଥିବା କୁଡିଆ ଭାଙ୍ଗି ଦେଉଛି। ଧାନ ଖାଉଛି, ଧାନ ଗଛ ଗୁଡିକୁ ନଷ୍ଟ କରିଦେଉଛି। ବିଦ୍ୟୁତ୍ ଖୁଣ୍ଟ ଦେଖିଲେ ଉତ୍କ୍ଷିପ୍ତ ହେଉଛି। ହାତୀର ଗତିବିଧି ଧରି ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ବନ୍ଦ କରାଯାଉଛି। ଦିନରେ ପାଖ ଜଙ୍ଗଲରେ ହାତୀ ରହିଯାଉଥିବା ବେଳେ ରାତ୍ରୀ ହେଲେ ବାହାରକୁ ଆସି ଗ୍ରାମାଞ୍ଚଳ ମୁହାଁ ହେଉଛି। କେତେବେଳେ ଯେ ଅଘଟଣ ଘଟିବ ତାକୁ ମଧ୍ୟ ଭୟ କରି ଚାଷୀ ଆତଙ୍କିତ ହୋଇ ରହୁଛନ୍ତି। ବନବିଭାଗର କର୍ମଚାରୀ ଜଣେ ଦୁଇଜଣ ନାମକୁ ମାତ୍ର ଆସି ଡ୍ୟୁଟି କରି ଚାଲିଯାଉଥିବା ବେଳେ ଆବଶ୍ୟକୀୟ କର୍ମଚାରୀ ଆସୁନଥିବା ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗୁଣୁପୁର ବନଖଣ୍ଡ ଅଧିକାରୀ ଗଙ୍ଗାଧର ମିଶ୍ର କହିଛନ୍ତି ହାତୀ ସୁରକ୍ଷା ଦିଆଯାଉଛି ତାହା ସହିତ ଗ୍ରାମବାସୀଙ୍କ କଥା ମଧ୍ୟ ଚିନ୍ତା କରାଯାଉଛି। ଯେହେତୁ ହାତୀ ଏକାକି ରହିଛି ଅମଳ ସମୟ ତେଣୁ ଖାଦ୍ୟ ଅନ୍ୱେଷଣରେ ରାତିରେ ବାହାରୁଛି। ଲୋକଙ୍କୁ ତାଙ୍କର ହାତୀ କ୍ଷତି କରୁଥିବା କ୍ଷତିପୂରଣ ମଧ୍ୟ ଦିଆଯାଉଥିବା କହିଛନ୍ତି। ପୂର୍ବରୁ ୬ ଟିକିଆ ହାତୀପଲ ଥିଲେ, ସେମାନେ ଗୁଣୁପୁର ଠାରୁ ଆନ୍ଧ୍ର ମୁହାଁ ହୋଇଯାଇଥିଲେ। ୨୦୨୩ ମସିହାରେ ଆନ୍ଧ୍ରର କାଟରାଗଡାଠାରେ ୪ ଟି ହାତୀର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ସେଥିରୁ ଦୁଇଟି ହାତୀ ଆନ୍ଧ୍ରରୁ ପୁଣି ଗୁଣୁପୁର ରେଞ୍ଜ ଅଞ୍ଚଳକୁ ଜୀବନ ବିକଳରେ ଫେରିଆସିଥିଲେ। ଏଠାରେ ଏହି ଦୁଇ ହାତୀ ମଧ୍ୟରୁ ପୁଲପୁଟି ଅଞ୍ଚଳରେ ୨୦୨୪ ମହିହାରେ ଆଉ ଗୋଟିଏ ହାତୀ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ଏକାକୀ ରହିଯାଇଛି ଗୋଟିଏ ଦନ୍ତା ହାତୀ। ହାତୀ ଏକାକି ଥିବା ବେଳେ ବିଭିନ୍ନ ସମୟରେ ଉପଦ୍ରବ କରୁଛି ବୋଲି ସେ କହିଛନ୍ତି।

## ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା ଘଟଣା; ୨ କୋର୍ଟ ଚାଲାଣ

କାଲିମେଳା,୨୦।୧୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଉଷ୍କାପଲ୍ଲି ଗ୍ରାମର ମୁକା ପଡ଼ିଆମିଙ୍କ ହତ୍ୟା ଘଟଣାରେ ପୁଲିସ ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ଉଷ୍କାପଲ୍ଲି ଗ୍ରାମର ମୁକା ପଡ଼ିଆମି (୫୪)ଙ୍କୁ ଗତ ବୁଧବାର ରାତିରେ ତାଙ୍କ ଗ୍ରାମର ଦୁଇ ଜଣ ବ୍ୟକ୍ତି ଗୁଣି ଗାରେଡ଼ି ସନ୍ଦେହରେ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିବା ପରେ କାଲିମେଳା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଦୁଇ ଜଣ ବ୍ୟକ୍ତିଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏଥିରେ ଅଟକ ରଖିଥିବା ଦୁଇ ଅଭିଯୁକ୍ତ ହିଁ ମୁକାଙ୍କୁ ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା କରିଥିବାବେଳେ ପୋଲିସ ସେମାନଙ୍କୁ ଗିରଫ କରି କାଲିମେଳା ଥାନା କେଶ୍ ନଂ-୨୯୩/୨୫ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି।

## ଆର୍ଏମ୍ସି ବଜାରରେ ଧାନ ମଣ୍ଡି ଉଦ୍ଘାଟିତ

ଦୁର୍ଗୀ,୨୦।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତ ଭାଲେରୀଠାରେ ବ୍ଲକସ୍ତରୀୟ ଖରିଫ ଧାନ ମଣ୍ଡି ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ଆର୍ଏମ୍ସି କାର୍ଯ୍ୟାଳୟ ପରିସରରେ ଉଦ୍ଘାଟିତ ହୋଇଯାଇଛି। ବିଷମକଟକ ଲ୍ୟାମ୍ପସ ସଭାପତି ଶିରି କୁମ୍ବୁରୁକାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଏମଡ଼ି ସାନ୍ତୁନ ସାହୁ ଯୋଗଦେଇ ଧାନମଣ୍ଡିର ଉଦଘାଟନ କରିଥିଲେ। ଗୁଣ ଓ ମାନକୁ ନେଇ ସରକାର ସାଧାରଣ କିସମ ଧାନ କ୍ୱିଣ୍ଟାଲ ପିଛା ମୂଲ୍ୟ ୩୧୦୦ ଟଙ୍କା ଓ ଗ୍ରେଡ଼ ଏ କିସମ ଧାନ କ୍ୱିଣ୍ଟାଲ ପିଛା ୩୧୨୦ ଟଙ୍କା ରହିଥିବା ଏମ୍ଡି ସାନ୍ତୁନ ସାହୁ, ଲ୍ୟାମ୍ପସ ସଭାପତି ଶିରି କୁମ୍ବୁରୁକା ଚାଷୀଙ୍କୁ ବୁଝାଇଥିଲେ। ପ୍ରତ୍ୟେକ ମଙ୍ଗଳବାର ଓ ଶୁକ୍ରବାର ସ୍ଥାନୀୟ ଭାଲେରୀ ବଜାର କମିଟିକୁ ଆସି ଚାଷୀମାନେ ଧାନ ଆଣି ଦେଇପାରିବେ ବୋଲି କହିଥିଲେ। ଭାଲେରି ଧାନ ମଣ୍ଡିରେ ସପ୍ତାହରେ ଦୁଇ ଥର ଦୁର୍ଗୀ, କୁମ୍ଭାରଧାମୁନି, କଣାବାଇ, ବେଥିଆପଡ଼ା, ଡୁମୁରୁନେଲି, ହଜାରିଡାଙ୍ଗ ପଞ୍ଚାୟତର ଚାଷୀମାନେ ଧାନ ବିକ୍ରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଚାଷୀ, ସ୍ଥାନୀୟ ସରପଞ୍ଚ ବିଜୟ କୁମୁରୁକା, ଜଗନ୍ନାଥ ପାଢ଼ୀ, ଟୁନା ସଡଙ୍ଗି, ଭବାନୀ ପାତ୍ର, ପୁର୍ଣ୍ଣ କୈବରତ, ବୁଲା ନମୁଲିପୁରୀ, ଶଙ୍କର ଗୌଡ଼, ସୁନିତ ପାଢ଼ୀ, ମୋହନ ରାଓ ଯୋଗ ଦେଇଥିଲେ।

## ଢେପାଗୁଡାରେ ମେଗା ସ୍ୱାସ୍ଥ୍ୟ ମେଳା

ଗୁଡାରି,୨୦।୧୨(ସମିସ): ଶନିବାର ଦିନ ଗୁଡାରି ବ୍ଲକ ପେଣ୍ଡିଲି ଗ୍ରାମ ପଞ୍ଚାୟତ ଢେପାଗୁଡା ଠାରେ ଟିପିଏସଓ ଡି ଏଲ ଏବଂ ଗୁଡାରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଢେପାଗୁଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ଡା. କରୁଣା କର ସାହୁ ରିବନ ଫିତା କାଟି ଉଦ୍ଘାଟନ କରିଥିଲେ। ରାୟଗଡା ଜିଲ୍ଲାରେ ପ୍ରଥମ କରି ଟିପିଏସଓଡିଏଲ ପକ୍ଷରୁ ଜନ ସଚେତନତା ଏବଂ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବର୍ଷକୁ ଥରେ ରାୟଗଡ଼ା ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ରେ ଥରେ ଏହି ମେଗା ସ୍ୱାସ୍ଥ୍ୟ ମେଳା ହେବ ବୋଲି ଡା. ଅଜୟ ମଲ୍ଲିକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଢେପାଗୁଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ଡ. କରୁଣା କର ସାହୁ, ଟିପିଏସ୍ଓଡିଏଲର ଡ. ଅଜୟ ମଲ୍ଲିକ ଉପସ୍ଥିତ ରହି ରୋଗୀ ପରୀକ୍ଷା କରିଥିଲେ। ଶିବିରରେ ପେଣ୍ଡିଲି ଗ୍ରାମ ପଞ୍ଚାୟତ ଏବଂ ଅଞ୍ଚଳର ଶତାଧିକ ଲୋକଙ୍କ ବିଭିନ୍ନ ପ୍ରକାର ରୋଗ ଯଥା ମ୍ୟାଲେରିଆ, ବିପି, ମୁଧୁମେହ, ହେମୋଗ୍ଲୋବିନ, ସିକଲିନ ଭଳି ଅନେକ ରୋଗକୁ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ଏହି ମେଗା ସ୍ୱାସ୍ଥ୍ୟ ମେଳାରେ ସମୁଦାୟ ୨୧୯ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଇଇ ରଶ୍ମିତା ଗୌଡ଼, ବିପିଏମ ଟୋଟା ତିରୁପତି, ଫାର୍ମାସିଷ୍ଟ ଦେବାଶିଷ ମିଶ୍ର ଏମଆର ରାଜେଶ କୁନ୍ଦୁରୁ, ଏଏନଏମ ଭୁବନେଶ୍ୱରୀ ଗୌଡ଼, ସୁନିତା ଶବର, ମନୋଜ ଦେଓ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଦାମନଯୋଡ଼ି/ସେମିଳିଗୁଡା,୨୦।୧୨(ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡ଼ିର ନାଲକୋ ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ୩୮ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ପ୍ରାଚୀର ମୁଖପତ୍ର ପ୍ରାଚୀଶ୍ରୀ ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସଭାପତି ପୁରୁଷୋତ୍ତମ ମହାନ୍ତ (ମୁଖ୍ୟ ମହାପ୍ରବନ୍ଧକ ଖଣି), ମୁଖ୍ୟବକ୍ତା ଡ. ଦୁଷ୍ମନ୍ତ କୁମାର ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ଡ. ଚିତ୍ତରଂଜନ ମିଶ୍ର, ବିତ୍ତ ସଭ୍ୟ ପ୍ରଶାନ୍ତ କୁମାର ମହାରଣା (ମହାପ୍ରବନ୍ଧକ) ଓ ବିଦ୍ୟାମନ୍ଦିର ପରିଚାଳନା ସମିତିର ପ୍ରଶାସନିକ ସଭ୍ୟ ଚନ୍ଦ୍ର ମୋହନ ମହନ୍ତ, ଫାଇନାନ୍ସ ଚିଏଫ ମ୍ୟାନେଜର ସଞ୍ଜୟ ଗୁପ୍ତ, ସିଇଏସ ଏଫ୍ କମାଣ୍ଡେଣ୍ଟ ସତ୍ୟ ଦେବ, ବିଦ୍ୟାଳୟର ସମସ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏତତ୍ ବ୍ୟତୀତ ନାଲକୋର ବିଭିନ୍ନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ, ମହାପ୍ରବନ୍ଧକ, ଉପ ମହାପ୍ରବନ୍ଧକମାନେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ପ୍ରଫେସର ପଣ୍ଡା ଶିକ୍ଷା ହେଉଛି ଚରିତ୍ର ନିର୍ମାଣର କେନ୍ଦ୍ର। ଶିକ୍ଷକ ହେଉଛନ୍ତି ପଥ ପ୍ରଦର୍ଶକ। ବିଦ୍ୟା ଠାରୁ ପବିତ୍ର ଜିନିଷ ଦୁନିଆରେ କିଛିନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ଦୁଷ୍ମନ୍ତ କୁମାର ମହାନ୍ତି ଶିକ୍ଷା କେବଳ ପୁସ୍ତକୀୟଜ୍ଞାନରେ ସୀମିତ ନୁହେଁ, ବରଂ ଛାତ୍ରଛାତ୍ରୀମାନେ ଶିଷ୍ଟାଚାର, ସଂସ୍କାର, ଦେଶଭକ୍ତି ଓ ନୀତିମୂଳକ ମୂଲ୍ୟବୋଧକୁ ନିଜ ଜୀବନରେ ଅନୁସରଣ କରିବା ଆବଶ୍ୟକ ବୋଲି କହିଥିଲେ। ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ଦେଶଭକ୍ତିମୂଳକ ଗୀତ, ସାମୂହିକ ନୃତ୍ୟ, ଲୋକନୃତ୍ୟ, ନାରୀଶିକ୍ଷା ମୂଳକ ନାଟକ (ରେବତୀ ବଞ୍ଚିଛି) ଓ ସମାଜ ସଚେତନତା ଭିତ୍ତିକ ଉପସ୍ଥାପନା ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ଶିଶୁ, ବାଲ୍, କିଶୋର, ତରୁଣ ବର୍ଗରେ ଓ ବିଭିନ୍ନ ବିଷୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ଡ. ଗୋଧୋଳି ଦୋରା, ଡ. ସ୍ୱାତୀ ଚାଟାର୍ଜୀ, ଅନୁଜା ସରକାର, ବୃନ୍ଦାବନ ଖଣ୍ଡୁଆଳ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରିଶେଷରେ ଭାରପ୍ରାପ୍ତ ଉପାଧ୍ୟକ୍ଷ ପ୍ରଦୀପ କୁମାର ଜଗତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆତ୍ମନିର୍ଭର ଭାରତ ସ୍ୱଦେଶୀ ଅଭିଯାନ ମେଳା

ନବରଙ୍ଗପୁର,୨୦।୧୨(ସମିସ): ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଆତ୍ମନିର୍ଭର ଭାରତ ସ୍ୱଦେଶୀ ଅଭିଯାନ ମେଳା ସମ୍ବଳିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ୱଦେଶୀ ବନାମ ବିଦେଶୀ ବିଷୟ ଅନ୍ତର୍ଭୁକ୍ତ ବକ୍ତୃତା ପ୍ରତିଯୋଗିତା ଏବଂ ପରବର୍ତ୍ତୀ ସମୟରେ ସ୍ୱଦେଶୀ ସଂକଳ୍ପ ପତ୍ରର ଶପଥ ପାଠ କରାଯାଇଥିଲା। ଗତ ୧୮ ତାରିଖରେ ମହିଳା ନିର୍ଯାତନା ନିରୋଧ ଆଇନ ପୋକ୍ସ ଆକ୍ଟ ଆଇନ୍ ସମ୍ବନ୍ଧିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କିଶୋରୀ ପଟ୍ଟନାୟକ, ସ୍ମରଣିକା ପଟ୍ଟନାୟକ ଶିଶୁ ପରାମର୍ଶ ଦାତ୍ରୀ ଉପସ୍ଥିତ ରହି ମହିଳା ନିରୋଧ ଆଇନ୍ ସମ୍ପର୍କିତ ସଚେତନତା




କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଗତ ୧୯ ତାରିଖରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଆଦିବାସୀ କଳା ସମ୍ପର୍କିତ ଫଟୋ ଚିତ୍ରର ପ୍ରଦର୍ଶନୀ, ପାରମ୍ପରିକ ଝୋଟି ଚିତାର ପ୍ରଦର୍ଶନୀ, ପାରମ୍ପରିକ ଖାଦ୍ୟର ପ୍ରସ୍ତୁତି ଓ ପ୍ରଦର୍ଶନୀ କରାଯାଇଥିଲା। ଏଥିରେ କିଭଳି ଆଦିବାସୀ ଅଧୁଷିତ କୋରାପୁଟ ଜିଲ୍ଲାର ଡୁରୁଞ୍ଚାମାଛ, ଶୁଖୁଆର ଔଷଧୀୟ ଗୁଣ ଓ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଉପାଦେୟ ଖାଦ୍ୟର ପ୍ରସ୍ତୁତ କରି ଛାତ୍ରୀମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଇଂରାଜୀ ବିଭଗର ବରିଷ୍ଠ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ତାଇରା ବେଗମ୍, ରଞ୍ଜୁସା କୁମାରୀ ପ୍ରହରାଜ, ଡଃ ଏମ୍ ରୋହିଣୀ ରାଣୀ, ସୁନୀତା ପାତ୍ର, ଲକ୍ଷ୍ମୀକାନ୍ତ ସୌରା ସହଯୋଗ କରିଥିଲେ।

# ହାଟ ମୁନିଗୁଡାରେ ଧାନ ମଣ୍ଡିର ଶୁଭାରମ୍ଭ




ବିଷମକଟକ,୨୦।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ ହାଟ ମୁନିଗୁଡା ଗ୍ରାମ ପଞ୍ଚାୟତର ନିୟନ୍ତ୍ରଣ ବଜାର ପରିସରରେ ଚଳିତ ବର୍ଷର ଖରିଫ ଧାନ କ୍ରୟ କରିବା ନିମନ୍ତେ ସରକାରଙ୍କ ତରଫରୁ ଧାନ ମଣ୍ଡି ଶୁଭାରମ୍ଭ ହୋଇଯାଇଛି। ମଣ୍ଡିର ଉଦ୍ଘାଟନ ଉତ୍ସବରେ ବିଷମକଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ଧାନ ମଣ୍ଡିର ଉଦଘାଟନ କରିଛନ୍ତି। ମଣ୍ଡି ଉଦଘାଟନ ପରେ ସ୍ଥାନୀୟ ଚାଷୀଙ୍କ ସହ ତହସିଲଦାର ଶ୍ରୀ ରେଡ୍ଡି ମଣ୍ଡି ସମ୍ବନ୍ଧରେ ଚାଷୀଙ୍କ ସହ ଆଲୋଚନା କରିବା ସହ ମଣ୍ଡିରେ କୌଣସି ତ୍ରୁଟି ଦେଖାଗଲେ ତୁରନ୍ତ ତାଙ୍କ ସହ ଯୋଗାଯୋଗ କରିବା ନିମନ୍ତେ କହିଥିଲେ। ପ୍ରତ୍ୟେକ ସପ୍ତାହର ଶନିବାର ଦିନ ହାଟ ମୁନିଗୁଡା ମଣ୍ଡିରେ ଧାନ କ୍ରୟ କରିବା ନିମନ୍ତେ ଦିନ ଧାର୍ଯ୍ୟହୋଇଛି। ପ୍ରତ୍ୟେକ ଶନିବାର ଦିନ ପଞ୍ଜିକୃତ ଚାଷିମାନଙ୍କ ଠାରୁ ୪୫୦୦କ୍ୱିଣ୍ଟାଲ ଧାନ କିଣିବା ନିମନ୍ତେ ନିଷ୍ପତ୍ତି ହୋଇଛି। ହେଲେ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ନିକଟରେ ଟୋକେନ ଆସିନଥିବାରୁ ଚାଷୀ ନିଜ ଅମଳ କରିଥିବା ଧାନ ବିକ୍ରି କରି ପାରିନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଚଳିତ ବର୍ଷର ମଣ୍ଡିରେ ଧାନ ବିକ୍ରି ହେବ କି ନାହିଁ ସେ ନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ଆଜିର ଏହି ମଣ୍ଡି ଉଦ୍ଘାଟନ ଉତ୍ସବରେ ଲ୍ୟାମ ସଭାପତି ଶିରି କୁମ୍ବୁରୁକା, ବ୍ଲକ୍ ଯୋଗାଣ ନିରୀକ୍ଷକ ଧିରେନ ସାହୁ, ଲ୍ୟାମ୍ପସ୍ ଶାଖା ପରିଚାଳକ ଶାନ୍ତନୁ କୁମାର ସାହୁ, ହାଟ ମୁନିଗୁଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ସରପଞ୍ଚ ନାରାୟଣ ହୁଇକା ଏବଂ ନିୟନ୍ତ୍ରଣ ବଜାର କମିଟିର କର୍ମଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଚାଷୀ ଉପସ୍ଥିତ ରହିଥିଲେ।

# 'ବିଧାୟକ ହିସାବରେ ସରକାର ଦରମା ଦେଲେ କାମ କରିବୁ ନ ଦେଲେ ବି କରିବୁ': ରାମଚନ୍ଦ୍ର କାଡାମ



ପଟ୍ଟାଙ୍ଗି,୨୦।୧୨(ସମିସ): ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଗସ୍ତ ସମୟରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ବିଧାୟକଙ୍କ ବର୍ଦ୍ଧିତ ଦରମା ପ୍ରତିହାର ଏବଂ ଏମ୍ଜିଏନ୍ଆରଜିଏ ଯୋଜନାର ନାମ ପରିବର୍ତ୍ତନ ନେଇ ସାମ୍ବାଦିକଙ୍କ ନିକଟରେ ନଜର ମତ ରଖିଛନ୍ତି। ସେ କହିଛନ୍ତି, ବିଧାୟକଙ୍କ ବର୍ଦ୍ଧିତ ଦରମା ପ୍ରତିହାର ନେଇ ସରକାରଙ୍କ ସ୍ପଷ୍ଟ ନୀତି ନାହିଁ, ବିଧାନସଭାରେ ବିଧେୟକ ଆଣିଲେ କାହିଁକି ଏବଂ ଗୃହୀତ କଲେ କାହିଁକି। ବର୍ତ୍ତମାନ ଗୃହୀତ ହେଲା ପରେ ରୋଲ ବେକ କରିବାକୁ ଚାହୁଛନ୍ତି। ସରକାର ଦୁଇ ମୁହାଁ ନୀତି ଆପଣାଉ ଅଛନ୍ତି। ମୁଁ ବିଧାୟକ ହିସାବରେ ସରକାର ଦେଲେ କାମ କରିବୁ ନଦେଲେ ମଧ୍ୟ କାମ କରିବୁ ଲୋକଙ୍କ ସମାଜ ସେବାରେ ଆସିଅଛୁ। ତେଣୁ ସରକାର ପ୍ରଥମେ ନୀତି ସ୍ପଷ୍ଟ କରନ୍ତୁ, ବର୍ଦ୍ଧିତ ବହୁତ ଅଛନ୍ତି କି ରୋଲ ବେକ କରିବା ଉପରେ ଅଛନ୍ତି। ରୋଲ ବେକ କଲେ ମଧ୍ୟ ଆମର କୌଣସି ଆପତ୍ତି ନାହିଁ ବୋଲି ସେ କହିଛନ୍ତି। ଏମ୍ଜିଏନ୍ଆରଜିଏ ଯୋଜନାର ନାମ ପରିବର୍ତ୍ତନ ନେଇ ସେ କହିଛନ୍ତି, ପଲ୍ଲୀରେ ଥିବା ଲୋକଙ୍କ ବିକାଶ ନହେଲେ ଦେଶର ବିକାଶ ହେବ ନାହିଁ କି ରାମ ରାଜ୍ୟ ମଧ୍ୟ ହେବ ନାହିଁ। ମହାତ୍ମା ଗାନ୍ଧୀଙ୍କ ନାମରେ ହୋଇଥିବା ଯୋଜନାକୁ ଆଜି ବିଜେପି ଏବଂ ଆର୍ଏସ୍ଏସ୍ ଦେଶର ସ୍ୱରାଜ୍ୟ ସମୟରେ ଏମାନେ ନଥିଲେ ଦେଶ ସ୍ୱାଧୀନତାର ସେମାନଙ୍କ କୌଣସି ଯୋଗଦାନ ମଧ୍ୟ ନାହିଁ। ଏମାନେ ସବୁ ଇଂରେଜମାନଙ୍କ ସପକ୍ଷରେ ରହିଥିଲେ। ଦେଶର ପ୍ରଧାନମନ୍ତ୍ରୀ ଶହେ ଥର ମିଥ୍ୟା କହୁଛନ୍ତି, ଏଭଳି ମିଥ୍ୟା କହୁଥିବା ପ୍ରଧାନମନ୍ତ୍ରୀଙ୍କୁ ଅତୀତ ଦିନରେ ଆମେ କେବେ ଦେଖିନଥିଲୁ। ଯେତିକି କଂଗ୍ରେସ କରିଥିବା ଯୋଜନା ଗୁଡିକର ନାମ ପରିବର୍ତ୍ତନ କରୁଛନ୍ତି, କିନ୍ତୁ ତାଙ୍କର ନିଜ ସ୍କିମ୍ କରିଅଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଟଙ୍କା ଡୋଲାରର ଦର ଅପେକ୍ଷା କମିବାରେ ଲାଗିଛି। ଆଗାମୀ ଦିନରେ ସାରା ଭାରତର କଂଗ୍ରେସ ସଭାପତି ତଥା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ନିଷ୍ପତ୍ତି କ୍ରମେ ୨୨ ରିଖରୁ ଆନ୍ଦୋଳନ ଆରମ୍ଭ କରାଯିବ। ଯେତେ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀଙ୍କ ସମ୍ମାନ ରହିବା ନାହିଁ ଆମେ ଆନ୍ଦୋଳନ ଜାରି ରଖିବୁ ବୋଲି ପ୍ରତିକ୍ରିୟା ଦେଇଛନ୍ତି।

## ଶିଶୁ ମନ୍ଦିରରେ ଜେଜେମା, ଜେଜେବାପା କ୍ରୀଡ଼ା ପ୍ରତିଯୋଗିତା

ଗୁଡାରୀ,୨୦।୧୨(ସମିସ): ଗୁଡ଼ାରୀ ଶିଶୁ ମନ୍ଦିରଠାରେ ଶନିବାର ଛାତ୍ରଛାତ୍ରୀମାନଙ୍କ ଜେଜେମା ଓ ଜେଜେ ବାପାଙ୍କୁ ନେଇ ଏକ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ବିକାଶ ପ୍ରକଳ୍ପ ପରିଦର୍ଶିକ ଅରୁନ୍ଧତି ଗରଡିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ଜେଜେବାପା ୧୫ ଜଣ ଓ ଜେଜେ ମା' ୨୫ ଜଣ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର ସମ୍ପାଦକ ପ୍ରଫୁଲ ଦେଓ, ସଭାପତି କୃଷ୍ଣ ସାହୁ, ଉପସଭାପତି ଗୋପିନାଥ ଗୌଡ, ଯୁଗ୍ମ ସମ୍ପାଦକ ନିଳାମ୍ବର ଶବର ଉପସ୍ଥିତ ଥିବାବେଳେ ସଭ୍ୟା ନିୟତି ଜେନା ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦିଲିପ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଉପସ୍ଥିତ ଥିବା ଜେଜେ ମା', ଜେଜେ ବାପାଙ୍କ ପାଇଁ ଗୋଲ ଗୋଲ ବଲ, ଡଲଫିନ୍ ଲକ୍ଷ ଭେଦ, ଶବ୍ଦ କହିବା ଆଦି କ୍ରିଡ଼ା ଅନୁଷ୍ଠିତ ହୋଇଥିଲା। ଶେଷରେ ଗୁରୁଜୀ ଗୁରୁମାଙ୍କ ଉପସ୍ଥିତିରେ ପୁରସ୍କାର ବିତରଣ କରାଯାଇଥିଲା।


## EASTERN INVESTMENTS LIMITED

CIN: L65993OR1927GOI034842
Regd. Office: Plot No:255, Pristine Green, Pokhariput, Bhubaneswar-751020

**Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | | | |
| | **(i) Basic:** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |
| | **(ii) Diluted** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**Place:** Visakhapatnam
**Date:** 19th December' 2025

Sd/-
**(A.K.Bagchi)**
Managing Director-EIL


# ଧାନମଣ୍ଡି ଆରମ୍ଭରେ ବିଳମ୍ବକୁ ନେଇ ଚାଷୀ ଅସନ୍ତୋଷ

କୋରୁକୋଣ୍ଡା,୨୦।୧୨(ସମିସ): ମାଲକାନଗିରି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ଧାନମଣ୍ଡି ଆରମ୍ଭ ହୋଇ ନଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ବିଶେଷ କରି ଧାନମଣ୍ଡି ନିମନ୍ତେ ଗତ ଡିସେମ୍ବର ୧୭ ତାରିଖ ଦିନ ଜିଲ୍ଲା ପ୍ରଶାସନ ତରଫରୁ ତାରିଖ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବିଗତ ଦିନରେ ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ୍ରେ ଦୁଇ ଗ୍ରାମ ମଧ୍ୟରେ ଗଣ୍ଡଗୋଳକୁ ନେଇ ସମସ୍ୟା ଉପୁଜିବା ଯୋଗୁଁ ଧାନମଣ୍ଡିର ସମୟ ସୀମା ବାତିଲ କରାଯାଇଥିଲା। ବର୍ତ୍ତମାନ ପୁନର୍ବାର କେବେ ତାରିଖ ଧାର୍ଯ୍ୟ ହେବ ସେ ସମ୍ବନ୍ଧରେ କୌଣସି ସୁଚନା ଦିଆଯାଇନାହିଁ। ଅନ୍ୟପକ୍ଷରେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦରବ୍ଲକରେ ବହୁ ଚାଷୀ ଥିବା ବେଳେ ଏହି ଚାଷୀମାନଙ୍କ ଧାନ ଅମଳ ହୋଇ ବର୍ତ୍ତମାନ ଖଳାରେ ଧାନ ପ୍ରସ୍ତୁତ କରି ରଖିଛନ୍ତି। ତେବେ ପ୍ରତିବର୍ଷ ନଭେମ୍ବର ମାସରେ ଧାନମଣ୍ଡି ଆରମ୍ଭ ହେଉଥିବା ବେଳେ ଚଳିତ ବର୍ଷ କିନ୍ତୁ ଧାନମଣ୍ଡି ଆରମ୍ଭ ହେବାରେ ଅହେତୁକ ବିଳମ୍ବ ହେଉଛି। ଯାହାଫଳରେ କ୍ଷତି ସହିବାକୁ ପଡୁଛି ବୋଲି ଚାଷୀମାନେ କହିଛନ୍ତି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଧାନମଣ୍ଡି ଆରମ୍ଭ ହୋଇ ନ ଥିବାରୁ ରବି ଋତୁ ପାଇଁ ପ୍ରସ୍ତୁତ ହୋଇପାରୁ ନଥିବା ଚାଷୀ କହିଛନ୍ତି। ଫଳରେ ଆମ୍ଭର ଚଳିତ ବର୍ଷ ରବି ଋତୁ ଚାଷ ହେବା ପ୍ରାୟତଃ ଅସମ୍ଭବ ଲାଗୁଛି ବୋଲି ଚାଷୀମାନେ କହିଛନ୍ତି। ଅନ୍ୟପକ୍ଷରେ ଧାନ ଚାଷ ନିମନ୍ତେ ବିଭିନ୍ନ ସ୍ଥାନରେ ଋଣ କରିଥିବାରୁ ଉକ୍ତ ଋଣ ପରିଶୋଧ କରିବାରେ ମଧ୍ୟ ଅସୁବିଧା ହେଉଛି ବୋଲି ଚାଷୀ କହିଛନ୍ତି। କେତୋଟି ସ୍ଥାନରେ ଚାଷୀ ମାନେ ଦଲାଲମାନଙ୍କୁ କମ୍ ଦରରେ ଧାନ ବିକ୍ରି କରିଥିବା ମଧ୍ୟ ପରିଲକ୍ଷିତ ହେଉଛି। ଯଦି ଏହି ସମସ୍ୟା ଆଗାମୀ ଦିନରେ ଜାରିରହେ ତେବେ ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ଦେଇଥିବା ଟାର୍ଗେଟ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡିବ ଏଥିରେ ଦ୍ୱିମତ ନାହିଁ। ଅନ୍ୟପକ୍ଷରେ କୋରୁକୋଣ୍ଡାର ବରିଷ୍ଠ ଚାଷୀ ବନମାଳି ପାତ୍ର କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା କୋରୁକୋଣ୍ଡାବ୍ଲକର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଚାଷୀମାନଙ୍କ ଅନଲାଇ ଟୋକନ ଆସିଛି ଏବଂ ଉକ୍ତ ଟୋକନରେ ଆସନ୍ତା ୨୬ ତାରିଖ ଶୁକ୍ରବାର ଦିନ ଧାନ ବିକ୍ରି ତାରିଖ ଧାର୍ଯ୍ୟ ରହିଛି। ତେବେ ଏହି ତାରିଖ ଦିନ ଧାନ ମଣ୍ଡି ହେଉଛି କି ନାହିଁ ତାହା ଆଗାମୀ ଦିନରେ ଜଣାପଡିବ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ବନ୍ଧରେ ଲ୍ୟାମ୍ପସ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାରୁ ଆସନ୍ତା ୨୬ ତାରିଖ ଦିନ କୋରୁକୋଣ୍ଡାଠାରେ ଧାନମଣ୍ଡି ଆରମ୍ଭ ହେବ ଏବଂ କୋରୁକୋଣ୍ଡା ଲ୍ୟାମ୍ପ ଅଧୀନରେ ମୋଟ ୧୨ଟି ସ୍ଥାନରେ ଧାନମଣ୍ଡି ହେବ ବୋଲି ସୂଚନା ଦେଇଛନ୍ତି।

## ଚାନ୍ଦୁଆ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ ବୀମା ଯୋଜନା କାର୍ଯ୍ୟକ୍ରମ

**କୁଳିଅଣା, ୨୦।୧୨(ସମିସ):** କୁଳିଅଣା ବ୍ଲକ ଅଧୀନ ଚାନ୍ଦୁଆ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ ବୀମା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୁଳିଅଣା-ଚାନ୍ଦୁଆଠାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ତରଫରୁ ଶାଖା ପରିଚାଳକ ସୁଦର୍ଶନ ଗାଙ୍ଗରାଇ ଯୋଗଦେଇ ବୀମା ଯୋଜନାରେ ଲୋକମାନେ ସାମିଲ ହେଲେ ଲାଭ ପାଇପାରିବେ ବୋଲି କହିଥିଲେ। ଏଥିରେ ଫିଲଡ୍ ଅଫିସର ପିନାକୀ ମହାନ୍ତ, ରାଜକିଶୋର ସରେନ, ତ୍ରିଲୋଚନ ହୋ, ଚାନ୍ଦୁଆ ଗ୍ରାମମିତ୍ର ରତିକାନ୍ତ ବେହେରା, ସାଲଖୁ ଦୟାଲ ମୁର୍ମୁ, ମିଘାନ ମୁର୍ମୁ, ଅକ୍ଷୟ ଧୀର, ବ୍ୟାଙ୍କମିତ୍ର ଝରଣା ସିଂ ଉପସ୍ଥିତ ଥିଲେ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଜୀବନ ବୀମା ଅଧିକାରୀ ଦୀପକ କୁମାର ବେହେରା ଉପସ୍ଥିତ ଥିଲେ। ଏ ଅବସରରେ ବ୍ୟାଙ୍କ ପକ୍ଷରୁ ମହିଳା ବୀମା ହିତାଧିକାରୀ ବୁଦ୍ଧୁନି ମୁର୍ମୁଙ୍କୁ ୨ ଲକ୍ଷ ଟଙ୍କା ଚେକ୍ ପରିଚାଳକ ପ୍ରଦାନ କରିଥିଲେ। ସମସ୍ତ ପାସବୁକ ଖୋଲିଥିବା ସଞ୍ଚୟ ଖାତାରେ ପ୍ରଧାନମନ୍ତ୍ରୀ ବୀମା ଯୋଜନା ଫାଇଦା ଉଠାଇପାରିବେ ବୋଲି କହିଥିଲେ।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ବଣ୍ଟନ

**ବାରିପଦା, ୨୦।୧୨(ସମିସ):** ସ୍ଥାନୀୟ ଲକ୍ଷ୍ମୀପୋଷିସ୍ଥ ସ୍ୱତନ୍ତ୍ର ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ୧୯ ୯୨ ଏମପିସି କମର୍ସ ୱେଲଫେୟାର ସୋସାଇଟି ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ସୋସାଇଟିର ସମାଜ ମଙ୍ଗଳ ଅଧିକାରୀ ସଞ୍ଜୀବ ଆଚାର୍ଯ୍ୟଙ୍କ ନେତୃତ୍ୱରେ ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଦାଶଙ୍କ



ପୌରୋହିତ୍ୟରେ ସଭା ଆୟୋଜିତ ହୋଇଥିଲା। ସୋସାଇଟି ପକ୍ଷରୁ ଲୋକ ସମ୍ପର୍କ ଅଧିକାରୀ ସୁଜିତ ଭଞ୍ଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାପତି ଅମୀୟ ଦଳେଇ ଛାତ୍ରଛାତ୍ରୀଙ୍କୁ ମନୋବଳ ଦୃଢ଼ କରି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ସଂଯୋଜକ ଗୌତମ ରାୟ ଭିନ୍ନ ଭିନ୍ନ କ୍ଷୁଦ୍ର ଗଳ୍ପ ମାଧ୍ୟମରେ ପିଲାଙ୍କୁ ଉତ୍ସାହିତ କରିଥିଲେ। ପରେ ସୋସାଇଟି ପକ୍ଷରୁ ପ୍ରତ୍ୟେକ ପିଲାଙ୍କୁ କମ୍ବଳ ଇତ୍ୟାଦି ଶୀତବସ୍ତ୍ର ବଣ୍ଟନ ସହିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ପକ୍ଷରୁ ଦିନେଶ ସାହୁ ଓ ସୋସାଇଟି ପକ୍ଷରୁ ଉପସଭାପତି ଅଶୋକ ଦାସ, କୋଷାଧ୍ୟକ୍ଷ ସୁଦୀପ ଦାସ, କାର୍ତ୍ତିକ ଦାସ, ଦୀପକ ମିଶ୍ର, ଜ୍ୟୋତିଶଙ୍କର ପଲେଇ ଓ ଗିରିଜା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ସମ୍ପାଦକ ଅମ୍ବିକା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ମୋରଡ଼ା, ୨୦।୧୨(ସମିସ):** ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଚେୟାରମ୍ୟାନ ପୀଥନାଥ ସରେନ, ସମ୍ମାନିତ ଅତିଥି ଭାବେ ବିଇଓ ବିଜୟ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ନଳଗଜା ମହାବିଦ୍ୟାଳୟ ଅଧ୍ୟାପକ ଅବନୀକାନ୍ତ ଗିରି, ଚିତ୍ରଡ଼ା କଲେଜ ଅଧ୍ୟାପିକା ଅର୍ଚ୍ଚନା ପ୍ରଧାନ, ସ୍ୱତନ୍ତ୍ର ଅତିଥି ଭାବେ ରାଣୀଭୋଳ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ସାହୁ ଯୋଗ ଦେଇଥିଲେ। ବିଇଓ ବିଜୟ ପାଣିଗ୍ରାହୀ ବିଦ୍ୟାଳୟରେ ନାଇଟ ୱାଚ୍‌ମ୍ୟାନ ଓ ୱାର୍ଡେନ ନିଯୁକ୍ତି, ସ୍କାଉଟ ଗାଇଡ଼ କିପରି ଖୋଲାଯାଇପାରିବ ସେ ସମ୍ପର୍କରେ ପ୍ରକାଶ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ। ବାଳିକାଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସଚିସୁଭାଙ୍ଗି ବେହେରା ଓ ବାଳକଙ୍କ ମଧ୍ୟରେ ଅଙ୍କିତ ବେହେରାକୁ ପୁରସ୍କୃତ କରାଯାଇଥିଲା। ସର୍ବାଧିକ ପୁରସ୍କାର ପାଇଥିବା ନବମ ଶ୍ରେଣୀର ପ୍ରଭୁପଦ ନାୟକ ଚାମ୍ପିଅନ ହୋଇଥିଲେ। ବିଦ୍ୟାଳୟର ସମ୍ମାନଜନକ ପୁରସ୍କାର ଅରୁନ୍ଧତୀ ଅପରାଜିତା ମହାନ୍ତଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ କମ୍ବଳ ବଣ୍ଟନ

**ବଡ଼ସାହି, ୨୦।୧୨(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ବଡ଼ସାହି ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଅନୁଷ୍ଠିତ ବୈଠକରେ ସଭାପତି ରଣଜିତ ଦାସ ସଭାପତିତ୍ୱ କରିଥିଲେ। ବଡ଼ସାହି ତହସିଲଦାର କରୁଣାକର ଧନ୍ଦା ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ସଂଘର ଉପଦେଷ୍ଟା ସନ୍ତୋଷ ବେହେରା, ଉପଦେଷ୍ଟା ତଥା ରାଜ୍ୟ ମହାସଂଘର ଜୋନାଲ ସଂଗଠନ ସମ୍ପାଦକ ରାଜେନ୍ଦ୍ର ଜେନା, କୋଷାଧ୍ୟକ୍ଷ ଯୋଗେଶ୍ୱର ମିଶ୍ର ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ, ଅସହାୟ, ରୋଗୀ ଓ ଗରିବ ଲୋକଙ୍କ ମଧ୍ୟରେ ଈଶ୍ୱର ବିଦ୍ୟମାନ ଥାଆନ୍ତି ବୋଲି କହିବା ସହ ସେମାନଙ୍କୁ ଆପଣେଇ ନେଇ ସହାନୁଭୂତିର ହାତ ବଢ଼ାଇଲେ ଭଗବାନ ସମସ୍ତଙ୍କର ମଙ୍ଗଳ କରନ୍ତି ବୋଲି ମତବ୍ୟକ୍ତ କରିଥିଲେ। ପରେ ବଡସାହି ଡାକ୍ତରଖାନାରେ ସମସ୍ତ ରୋଗୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ରାଜେନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବସନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ମୃତ୍ୟୁକୁ ଡାକୁଛି ବାଲି ମିଶା ପିଇବା ପାଣି

# ପାଇପ୍ ପାଣିରେ ଧଳା ରଙ୍ଗର ଫ୍ଲୋରାଇଡ୍

**ବାରିପଦା, ୧୮।୧୨(ସମିସ)**

ମୟୂରଭଞ୍ଜବାସୀଙ୍କୁ ପ୍ରତିଦିନ ପାନୀୟଜଳରେ ବିଷ ବାଣ୍ଟୁଛନ୍ତି ସରକାର। ୱାଟ୍‌କୋ ଓ ପିଏଚ୍‌ଡି ମାଧ୍ୟମରେ ପାନୀୟଜଳ ଯୋଗାଣ ହେଉଥିଲେ ସ୍ଲୋ ପଏଜନ୍ ଦେଇ ଲୋକଙ୍କୁ ଅକର୍ମଣ୍ୟ କରିବାକୁ ଯୋଜନା ଚାଲିଛି। ଶୁଦ୍ଧ ପାନୀୟଜଳ ଯୋଗାଣରେ କେତେକ ଅଞ୍ଚଳରେ ଫ୍ଲୋରାଇଡ୍ ସ୍ତର ୨୦.୩ ଏମ୍‌ଜି/ଲିଟର ପର୍ଯ୍ୟନ୍ତ ପହଞ୍ଚିଛି। ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଗଠନ ଏବଂ ବିଆଇଏସ୍‌ର ସୁରକ୍ଷିତ ସୀମା ୧.୫ ଏମ୍‌ଜି/ଲିଟରକୁ ବହୁତ ଉପରେ ରହିଛି। ମୟୂରଭଞ୍ଜ ଜିଲ୍ଲାର ପାନୀୟଜଳରେ ଶକ୍ତିଶାଳୀ ଫ୍ଲୋରାଇଡ୍ ଯୋଗୁଁ ଦାନ୍ତରୋଗ, ହାଡ଼ କ୍ଷୟ ସହ ବିଶେଷକରି ପିଲାମାନଙ୍କ ଦାନ୍ତର ରଙ୍ଗ ବଦଳିଯିବା, ଅସମୟରେ ଦାନ୍ତ ଭାଙ୍ଗିବା, ଦାନ୍ତରେ ପୀଡ଼ା ହେବା ଆଦି ରୋଗ ଦେଖିବାକୁ ମିଳୁଛି। ସେହିପରି ଯେତେବେଳେ ଦୀର୍ଘଦିନ ଧରି ଏହାର ସଂସ୍ପର୍ଶରେ ରହିବା ଯୋଗୁଁ ବୟସ୍କ ଲୋକଙ୍କ ମଧ୍ୟରେ ଗଣ୍ଠି ଯନ୍ତ୍ରଣା, ହାଡ଼ରେ ହଠାତ୍ ବିକୃତି, ସ୍ନାୟୁ ସମ୍ବନ୍ଧୀୟ ରୋଗ ଦେଖାଯାଉଛି। ଖାଲି ସେତିକି ନୁହେଁ ବାରିପଦା ସହରରେ ବାଲିଯୁକ୍ତ ପାନୀୟଜଳ ଓ ଅଭ୍ରଯୁକ୍ତ ପାଣି ଦେଇ ସହରବାସୀଙ୍କୁ ଅକର୍ମଣ୍ୟ କରିବାକୁ ପ୍ରୟାସ ଚାଲିଛି। ଜିଲ୍ଲାର ୨୬ଟି ବ୍ଲକରୁ କପ୍ତିପଦା, ଠାକୁରମୁଣ୍ଡା, ରରୁଆଁ ଓ



ବାରିପଦା ସହର ସହ ସଦର ଅଞ୍ଚଳରେ ଏହି ଫ୍ଲୋରାଇଡ୍ ଅଂଶ ଏତେ ଏଧିକ ଯେ, ନୂଆକରି ଘରୋଇ କ୍ଷେତ୍ରରେ ଲାଗିଥିବା ୱାଟର୍ ପ୍ୟୁରିଫାୟର ଦୁଇ ମାସରେ ଖରାପ ହୋଇଯାଉଥିବା ଦେଖିବାକୁ ମିଳିଛି। ତେବେ ପ୍ରଦୂଷଣ ମୁଖ୍ୟତଃ ଫ୍ଲୋରାଇଡ୍, ଆପାଟାଇଟ୍, ମାଇକା ପରି ଫ୍ଲୋରାଇଡ୍‌ଯୁକ୍ତ ଖଣିଜ ପଦାର୍ଥର ପ୍ରାକୃତିକ ବିଘଟନ ଏବଂ ଗଭୀର ବୋର୍‌ୱେଲ ଜଳର ଅତ୍ୟଧିକ ଉତ୍ତୋଳନ ଯୋଗୁଁ ହେଉଥିବା ଅନୁମାନ କରାଯାଉଛି। ଅତ୍ୟଧିକ ଫ୍ଲୋରାଇଡ୍‌ଯୁକ୍ତ ପାନୀୟଜଳ ଗ୍ରହଣ ଯୋଗୁଁ ପ୍ରଭାବିତ ଅଞ୍ଚଳର ଲୋକଙ୍କ ମଧ୍ୟରେ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଛି। ଯେଉଁଥିରେ ଦନ୍ତ ଏବଂ ଅସ୍ଥିର ଫ୍ଲୋରୋସିସ୍‌ର ଅନେକ ରୋଗ ଦେଖାଯାଉଛି।

> ▶▶ ବାରିପଦା ସହରବାସୀଙ୍କ ପାଇଁ ହାଇଅାଲର୍ଟ
> ▶▶ ପ୍ରତିଦିନ ସ୍ଲୋ-ପଏଜନ ଭାବେ ପିଉଛନ୍ତି ଲୋକେ

ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି, ଅଧିକାଂଶ ଗ୍ରାମବାସୀ ଜାଣନ୍ତି ନାହିଁ ଯେ, ସେମାନଙ୍କର ପିଇବା ପାଣି ବିଷାକ୍ତ ବୋଲି। ଆମେ ସରକାରଙ୍କୁ ଡିଫ୍ଲୁଓରିଡେସନ୍ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ଏବଂ ପ୍ରତ୍ୟେକ ଘରକୁ ନିରାପଦ ପିଇବା ପାଣି ଯୋଗାଇବାକୁ ଅନୁରୋଧ କରୁଛୁ। ବାରିପଦାରେ ବାଲିଯୁକ୍ତ ପାନୀୟଜଳ ଫ୍ଲୋରାଇଡ୍ ସଙ୍କଟକୁ ବଢ଼ାଉଛି। ଏଥିପାଇଁ ତ୍ୱରିତ ହସ୍ତକ୍ଷେପ ଏବଂ ଦୀର୍ଘମିଆଦୀ ଯୋଜନାର ଆବଶ୍ୟକତା ରହିଛି। ୱାଟ୍‌କୋର ନିରାପଦ ପିଇବା ପାଣି ସମାଧାନ କାର୍ଯ୍ୟାନ୍ୱିତ କରିବାର ପଦକ୍ଷେପ ନେବା ଉଚିତ୍। ଏହି ବାଲିଯୁକ୍ତ ପାନୀୟଜଳ ଯୋଗାଣ ଅପେକ୍ଷା ଭଲ ଜଳ ଯୋଗାଣ ପାଇଁ ଏକ ବହୁମୁଖୀ ପଦକ୍ଷେପର ଆବଶ୍ୟକତା ରହିଛି। ଭୂଗର୍ଭ ଜଳ ଉତ୍ତୋଳନ ନିୟନ୍ତ୍ରଣ ଫ୍ଲୋରାଇଡ୍ ପ୍ରଦୂଷଣ ଖରାପ ହେବାକୁ ରୋକିବା ଉଚିତ୍। ବୃହତ୍ ପରିମାଣର ଜଳ ଶୁଦ୍ଧିକରଣ ପ୍ଲାଣ୍ଟ ନିରାପଦ ପିଇବା ପାଣି ପ୍ରବେଶ ନିଶ୍ଚିତ କରିବା ଦରକାର। ପ୍ରଭାବିତ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଚିକିତ୍ସା ଆବଶ୍ୟକ ବୋଲି ସେ କହିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କିଶୋର ଚନ୍ଦ୍ର ଆଚାର୍ଯ୍ୟ କହିଛନ୍ତି, ଆମେ ବହୁ ଲୋକଙ୍କର ଅସ୍ଥି କ୍ଷୟ ସହ ଦାନ୍ତରେ ଫ୍ଲୋରୋସିସ୍‌ରେ ପୀଡ଼ିତ ରୋଗୀଙ୍କ ସଂଖ୍ୟା ବଢୁଥିବା ଲକ୍ଷ୍ୟ କରୁଛି। ଅନେକ ବୟସ୍କ ଲୋକଙ୍କ ଚାଲିବାରେ ଅସୁବିଧା ହେଉଛି। ଯୁବକ ବୟସରେ ଭାଙ୍ଗୁଥିବା ହାଡ଼ରେ ଯୋଡ଼ିବା ସମସ୍ୟା ହେଉଥିବା ଦେଖିବାକୁ ପାଉଛୁ ବୋଲି ସେ କହିଛନ୍ତି। ୱାଟ୍‌କୋର ସାଧାରଣ ପରିଚାଳକ ଧ୍ରୁବ ସେଠୀ କହିଛନ୍ତି ଯେ କେଉଁ ଅଞ୍ଚଳରେ ପାନୀୟଜଳରେ ବାଲି ଆସୁଛି ତାହାର ଏକ ରିପୋର୍ଟ ଆମେ ପ୍ରସ୍ତୁତ କରୁଛୁ। ଖୁବ୍‌ଶୀଘ୍ର ଏନେଇ ସୁଚିନ୍ତିତ ବ୍ୟବସ୍ଥା ଗ୍ରହଣ କରିବାକୁ ବୋଲି ସେ କହିଛନ୍ତି।

**୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

## ବାରିପଦା ଓ ଘାଟଶିଳା ଫାଇନାଲକୁ ଉନ୍ନୀତ

**ବାରିପଦା, ୨୦।୧୨(ସମିସ):** ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦୁଇଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ବିସିଏ, ବାରିପଦା ୫ ରନରେ ଡିଆରକେ ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ବିସିଏ ୧୫ ଓଭରରେ ୫ ୱିକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦେବ ବର୍ମା ୫୧ ଓ ଅଭିଷେକ ଶର୍ମା ୩୩ ରନ କରିଥିବାବେଳେ ବିପକ୍ଷ ଦଳର ରାଜୀବ ଶଙ୍କର ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଡିଆରକେ ୧୫ ଓଭରରେ ୫ ୱିକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ରାଜୀବ ଶଙ୍କର ୪୫ ଓ ନିର୍ମାଲ୍ୟ ନନ୍ଦ ୨୭ ରନ କରିଥିବାବେଳେ ବିପକ୍ଷ ଦଳର ଅଭିଷେକ ଶର୍ମା ୨ଟି ଉଇକେଟ ଅକ୍ତିଆର କରିଥିଲେ। ଦେବ ବର୍ମା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।




ଦ୍ୱିତୀୟ ସେମିଫାଇନାଲରେ ସିଏଜି, ଘାଟଶିଳା ୧୦ ୱିକେଟ୍‌ରେ ବିସିଏ, ବାଲେଶ୍ୱରକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ପ୍ରଥମେ ବ୍ୟାଟିଂ କରି ବାଲେଶ୍ୱର ୧୫ ଓଭରରେ ୬ ୱିକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆୟୁଷ୍ମାନ ଦାସ ୨୯ ଓ ଅଭୟ ପାଣ୍ଡେ ୧୬ ରନ କରିଥିବାବେଳେ ବିପକ୍ଷ ଦଳର କିସାନ ହେମ୍ବ୍ରମ ୩ଟି ୱିକେଟ ଅକ୍ତିଆର କରିଥିଲେ। ପ୍ରତ୍ୟୁତ୍ତରରେ ଘାଟଶିଳା ୧୨. ୧ ଓଭରରେ କୌଣସି ୱିକେଟ ନ ହରାଇ ୯୮ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ତୁଷାନ ୫୯ ଓ ଯଶଦୀପ କୁସବାହ ୩୭ ରନ କରିଥିଲେ। ଉତ୍ତମ ମହାକୁଡ଼, ବିଦେଶୀ ପଣ୍ଡା ଓ ଅମନ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରର ଥିଲେ। ଦୀପକ ଦାସ ଧାରା ବିବାରଣୀ ପ୍ରଦାନ କରିଥିଲେ। ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ବ୍ଲକ୍‌ସ୍ତରୀୟ ସ୍କୁଲ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ




**ଠାକୁରମୁଣ୍ଡା, ୨୦।୧୨(ସମିସ):** ଅମର ଜ୍ୟୋତି ଫାଉଣ୍ଡେସନ ଓ ରେକିଟ୍‌ର ମିଳିତ ସହଯୋଗରେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣ ଶିବିରରେ ଠାକୁରମୁଣ୍ଡା ବ୍ଲକର ପାଖାପାଖି ୧୦୦ ଜଣ ଶିକ୍ଷକ ଅଂଶଗ୍ରହଣ କରିବେ ବୋଲି ଟ୍ରଷ୍ଟର କର୍ମଚାରୀଙ୍କ ସୂଚନା ଦେଇଛନ୍ତି। ସେମାନେ ଏଠାରୁ ଶିକ୍ଷା ପାଇ ବିଦ୍ୟାଳୟ ସ୍ତରରେ ସ୍ୱଚ୍ଛତା ଶିକ୍ଷାର ପ୍ରଚାର ପାଇଁ ସ୍ୱାସ୍ଥ୍ୟ ଚାମ୍ପିଅନ ଭୂମିକା ନିର୍ବାହ କରିବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବିଇଓ କୁଞ୍ଜବିହାରୀ ପ୍ରଧାନ ଯୋଗଦେଇ ସ୍ୱଚ୍ଛତା ଓ ପରିମଳ ବିଷୟ ଉପରେ ଗୁରୁତାରୋପ କରିବା ସହ ବିଦ୍ୟାଳୟ ସ୍ୱଚ୍ଛ ହେଲେ ଶିଶୁ ସୁସ୍ଥ ରହିବେ ବୋଲି ପ୍ରତ୍ୟେକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ଓ ଏଥିପ୍ରତି ଯତ୍ନବାନ ହେବା ନିହାତି ଆବଶ୍ୟକ ବୋଲି କହିଥିଲେ। ଅମର ଜ୍ୟୋତି ଫାଉଣ୍ଡେସନର ପୁରୀ ଜିଲ୍ଲା ସଂଯୋଜକ ନିରଞ୍ଜନ ତ୍ରିପାଠୀ, ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଦାସମାତ ସୋରେନ, ଠାକୁରମୁଣ୍ଡା ବ୍ଲକ ଶିକ୍ଷାଦାତ୍ରୀ ନିହାରିକା ବାରିକ୍ ଓ ବାରିପଦା ବ୍ଲକ ଶିକ୍ଷାଦାତ୍ରୀ କଳ୍ପନା ମହାନ୍ତ ଯୋଗ ଦେଇଥିଲେ। ଶିବିରରେ କିଭଳି ଭଲ ଭାବେ ହାତଧୁଆ ପ୍ରଦର୍ଶନ, ଶିଶୁଙ୍କ ସହ ପ୍ରୟୋଗିକ ହାତ ସ୍ୱଚ୍ଛତା ଶିକ୍ଷା, ସମାବେଶୀ ଖେଳ, ଗୋଷ୍ଠୀ ଆଲୋଚନା ଓ ସଂଘଟିତ ସଚେତନତା ପ୍ରସାର, ଆଚରଣ ପରିବର୍ତ୍ତନ ଶିକ୍ଷା ଓ ସ୍ୱଚ୍ଛତା ପାଠ୍ୟ ସାମଗ୍ରୀ ସମ୍ବନ୍ଧୀୟ ପ୍ରୟୋଗିକ ଅଭ୍ୟାସ କରାଯାଇଥିଲା। ଅମର ଜ୍ୟୋତି ଫାଉଣ୍ଡେସନ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।

## ଉଦଳା ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଉଦଳା, ୨୦।୧୨(ସମିସ):** କପ୍ତିପଦା ଉପଖଣ୍ଡର ନାରୀ ଶିକ୍ଷାର ଏନ୍ତୁଡ଼ିଶାଳା ବୋଲାଉଥିବା ପିଏମଶ୍ରୀ ଉଦଳା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଅନୁଜା ମାଧୁରୀ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଉଷା ଶତପଥୀ, ସମ୍ମାନିତ ବକ୍ତା ଭାବେ ଏଡିଓ ଶଶୀଧର ସିଂ, ସମ୍ମାନିତ ଅତିଥି ଭାବେ ଉଦଳା ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ ମିଶ୍ର ଓ ଏସଏମସି ସଭାପତି ରବୀନ୍ଦ୍ର ପରିଡ଼ା ଯୋଗ ଦେଇଥିଲେ। ନାରୀ ଶିକ୍ଷାକ୍ଷେତ୍ରରେ ଉଦଳା ବାଳିକା ଉଚ୍ଚବିଦ୍ୟାଳୟ ଆଦିବାସୀ ଅଧ୍ୟୁଷିତ ଉଦଳା ଅଞ୍ଚଳର ଏନ୍ତୁଡ଼ିଶାଳ ବୋଲି ଅଭିହିତ କରିଥିଲେ। ଶିକ୍ଷା ଓ ସଂସ୍କାର ବଳରେ ସ୍ୱପ୍ନକୁ ସାକାର କରିବା ସମ୍ଭବ ହୋଇପାରିବ ବୋଲି ଅଭିଭାଷଣ ମାଧ୍ୟମରେ ଉତ୍ସାହିତ କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା। ଶାଶ୍ୱତୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିହିରାକୂଳ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଉଦଳା, ୨୦।୧୨(ସମିସ):** ଉଦଳା ବ୍ଲକ ଅନ୍ତର୍ଗତ ଡିହିରାକୂଳ ସରକାରୀ ଉଚ୍ଚବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଞ୍ଜୟ ରାୟବାବୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ୨ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଲଳିତା ବିଶୋଇ, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ବିନ୍ଧାଣି, ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସର୍ବେଶ୍ୱର ବେହେରା, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମନୋରଞ୍ଜନ ବେହେରା, ରାଢ଼ୋ କ୍ଲଷ୍ଟର ସିଆର୍‌ସିସି ଲୋଳିତ ବେହେରା, ମୁଖ୍ୟବକ୍ତା ରୂପେ ବଡ଼ଖମଣ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗବତ ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଚରିତ୍ର ଗଠନ,



ଭବିଷ୍ୟତରେ ସୁନାଗରିକ ହେବା, ବିକଶିତ ରାଜ୍ୟ ଓ ଦେଶ ଗଠନରେ ଭୂମିକା ସମ୍ପର୍କରେ ଉପଦେଶ ଦେଇଥିଲେ। ସନ୍ଧ୍ୟାରେ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶ୍ରୀମତୀ ଉପାଳୀ ମହାପାତ୍ର, ପଦ୍ମିନୀ ଜେନା, ମଧୁସ୍ମିତା ଉପାଧ୍ୟାୟ, ତପନ କୁସୁମଳିଆ, ହିରଣ୍ୟ ସେଣ, ଶ୍ରୀମତୀ ନରୋତ୍ତମା ମହାନ୍ତ, କନିଷ୍ଠ ସହାୟକ ଦେବାଶିଷ୍ ସେଠୀ ଓ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ସଦସ ସହଯୋଗ କରିଥିଲେ।


## EASTERN INVESTMENTS LIMITED

CIN: L65993OR1927GOI034842
Regd. Office: Plot No:255, Pristine Green, Pokhariput, Bhubaneswar-751020

**Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | . | | |
| | **(i) Basic:** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |
| | **(ii) Diluted** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**Place:** Visakhapatnam
**Date:** 19th December' 2025

Sd/-
**(A.K.Bagchi)**
Managing Director-EIL


# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ




**ବାରିପଦା, ୨୦।୧୨(ସମିସ)**

ସ୍ଥାନୀୟ ଛଉ ପଡ଼ିଆରେ ଦୁଇଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶନିବାର ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଲି ମୁର୍ମୁ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ପ୍ରମୁଖ ଯୋଗଦେଇ ମେଳାର ଉପାଦେୟତା ଉପରେ ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ। ଉକ୍ତ ମେଳାରେ ସରକାରଙ୍କ ତରଫରୁ ଯେଉଁ ସବୁ ସୁବିଧା ସୁଯୋଗ ଉପଲବ୍ଧ ହେଉଛି, ତାହାର ସୁଯୋଗ ନେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରମଣି ରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ମୁଖ୍ୟମନ୍ତ୍ର ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା, ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ରାଜ୍ୟରେ ଦୁଗ୍ଧ, ମାଂସ ଓ ଅଣ୍ଡା ଅଧିକ ଉତ୍ପାଦନ ହୋଇପାରିଲେ ଓଡ଼ିଶାର ଚାଷୀଟିଏ ସ୍ୱାବଲମ୍ବୀ ହୋଇ ଆତ୍ମନିର୍ଭରଶୀଳ ଭାରତର ଭାଗୀଦାର ହୋଇପାରିବ ବୋଲି ବୁଝାଇଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭାଗର ବିଭିନ୍ନ ଯୋଜନା ମତ୍ସ୍ୟ ଚାଷ, ବାୟୋଫ୍ଲୋକ, ଗ୍ରାମ୍ୟ ପଞ୍ଚାୟତ ପୁଷ୍କରିଣୀରେ ମାଛ ଚାଷ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ଏ ଅବସରରେ ନିମନ୍ତ୍ରିତ ଅତିଥି ବୃନ୍ଦ ଜିଲ୍ଲାର ସଫଳ ପ୍ରାଣୀ ପାଳକ ଗୋପବନ୍ଧୁନଗରର ଦେବାଶିଷ ନାୟକ ଓ ବେତନଟୀର ସଫଳ କୁକୁଡା ଚାଷୀ ସାଗରିକା ସେନାପତିଙ୍କୁ ପୁରସ୍କୃତ କରାଯାଇଥିଲା।

> ▶▶ ଦୁଗ୍ଧ, ଅଣ୍ଡା, ମାଂସ ଓ ମତ୍ସ୍ୟ ଉତ୍ପାଦନ ପାଇଁ ଯୋଜନାର ସଦୁପଯୋଗ
> ▶▶ ଦୀର୍ଘସ୍ଥାୟୀ ଆୟ ପାଇଁ ବୈଜ୍ଞାନିକ ଜ୍ଞାନକୌଶଳ ସହ ଦକ୍ଷତା ବିନିଯୋଗକୁ ଗୁରୁତ୍ୱ

# ବଢ଼ିପାରେ ମହାପ୍ରସାଦ ଦର

ପୁରୀ,୨୦।୧୨(ସମିସ): ବଢ଼ିପାରେ ମହାପ୍ରସାଦ ଦର। ଏନେଇ ସୁଆର-ମହାସୁଆର ନିଯୋଗ ପକ୍ଷରୁ ଅବଢ଼ା ଦୋକାନୀଙ୍କୁ ନେଇ ପ୍ରାରମ୍ଭିକ ବୈଠକ ବସିଛି। ଦିନକୁ ଦିନ ସଉଦା, ପରିବା, ଜାଳେଣି କାଠର ମୂଲ୍ୟ ବୃଦ୍ଧି ଘଟୁଛି। ଏହାକୁ



ନଜରରେ ରଖି ନିଯୋଗ ମହାପ୍ରସାଦର ଦରବୃଦ୍ଧି ନେଇ ପ୍ରକ୍ରିୟା ଆରମ୍ଭ କରିଛି। ଯଦିଓ ପ୍ରଶାସନିକସ୍ତରରେ ସେମିତି କୌଣସି ଦର ନିର୍ଦ୍ଧାରିତ ହୋଇନାହିଁ, କିନ୍ତୁ ଆନନ୍ଦବଜାରରେ ଉପଲବ୍ଧ ଅବଢ଼ା ଦରବୃଦ୍ଧି ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି।

ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଅଧିକାଂଶ ଶ୍ରଦ୍ଧାଳୁ ମହାପ୍ରସାଦ ପାଇବାକୁ ଇଚ୍ଛା ରଖିଥା'ନ୍ତି। ସମ୍ପ୍ରତି ଜଣେ ଭକ୍ତକୁ ମହାପ୍ରସାଦ ପତ୍ରରେ ବାଢ଼ି ପରଷିଲେ ୧୦୦ଟଙ୍କା ନେଉଛନ୍ତି ସୁଆର ସେବକ। ହେଲେ ସ୍ୱେଶାଳ ମହପ୍ରସାଦ ଚାହିଦାକୁ ଦେଖି କମ୍‌ବେଶି କରାଯାଏ। ଜଣେ ବରିଷ୍ଠ ସେବକ କହିଛନ୍ତି, ସବୁର ଦରଦାମ୍ ବଢ଼ିଲାଣି। ସେହି ଅନୁସାରେ ମହାପ୍ରସାଦରେ ଦର ବୃଦ୍ଧି ହୋଇନାହିଁ। ଏବେ ସାଧାରଣ ମହାପ୍ରସାଦ ପତ୍ର ମୁଣ୍ଡ ପିଛା ୧୦୦ ଟଙ୍କାରେ ବିକ୍ରି ହେଉଥିଲେ ହେଁ ରାତି ହେଲେ ଆହୁରି କମ୍‌ରେ ଦିଆଯାଉଛି। ଅନ୍ୟପକ୍ଷରେ ଜାଳେଣି କାଠ ଦର ବଢ଼ିଲାଣି। ସଉଦା ଓ ପରିବାପତ୍ର ଦରବୃଦ୍ଧି ଘଟି ଚାଲିଛି। ତେଣୁ ଅବଢ଼ା ଦୋକାନୀମାନଙ୍କୁ ନେଇ ପ୍ରାରମ୍ଭ ଆଲୋଚନା ହୋଇଛି। ଆଗାମୀ ଦିନରେ ଏ ସଂକ୍ରାନ୍ତରେ ପୁଣି ଏକ ବୈଠକ ବସିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯିବ ବୋଲି ସମ୍ପୃକ୍ତ ସେବକ କହିଛନ୍ତି।

ସୂଚନାଥାଉ କି, ଏବେ ଶ୍ରୀମନ୍ଦିର ଆନନ୍ଦବଜାରରେ ୮୫ଅବଢ଼ା ଦୋକାନୀ ରହିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ମହାପ୍ରସାଦ ଦର ତାଲିକା ଲାଗିପାରିଲା ନାହିଁ। ସମ୍ଭବତଃ ଏହି ଦର ତାଲିକା ପ୍ରସ୍ତୁତ କରିବା ପାଇଁ ସୁଆର ମହାସୁଆର ନିଯୋଗଙ୍କ ପକ୍ଷରୁ ପ୍ରାରମ୍ଭିକ ପ୍ରକ୍ରିୟା ବୋଲି ଜଣାପଡ଼ିଛି।

# ବଡ଼ଶଙ୍ଖ ଉଠାଦୋକାନରେ ବୁଲିଲା ବୁଲ୍‌ଡୋଜର୍

■ ବଡ଼ଦାଣ୍ଡକୁ ମାଡ଼ି ଆସିଥିବା ଫଳ ଦୋକାନ ଭାଙ୍ଗିଲା ପ୍ରଶାସନ
■ ପୁଲିସ-ବ୍ୟବସାୟୀ ମୁହାଁମୁହିଁ; ରାସ୍ତାରେ ନିଆଁ ଜାଳି ବିରୋଧ

ପୁରୀ, ୨୦।୧୨ (ସମିସ): ପାଖେଇ ଆସିଲା ବଡ଼ଦିନ ଓ ନୂଆବର୍ଷ। ବିଶେଷକରି ପୁରୀରେ ନୂଆବର୍ଷ ପାଳନ ଲାଗି ହଜାର ହଜାର ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ଆକ୍ସନ ମୋଡ୍‌କୁ ଆସିଛି ପୌରସଂସ୍ଥା ଓ ପୁଲିସ। ଗାଡ଼ି ଚଳାଚଳ ଏବଂ ଭକ୍ତ ଓ ପର୍ଯ୍ୟଟକଙ୍କ ଯାତାୟାତରେ ଯେପରି କୌଣସି ସମସ୍ୟା ନ ହେବ, ସେଥିଲାଗି ବଡ଼ଶଙ୍ଖ ପରିବା ମାର୍କେଟରେ ଥିବା ଉଠାଦୋକାନରେ ବୁଲିଛି ବୁଲ୍‌ଡୋଜର। ବିଶେଷକରି ପ୍ରଶାସନ ପକ୍ଷରୁ ଚିହ୍ନଟ ସ୍ଥାନର ଢେର୍ ଆଗକୁ ଅର୍ଥାତ୍ ବଡ଼ଦାଣ୍ଡକୁ ମାଡ଼ି ବ୍ୟବସାୟ କରୁଥିବା ଫଳ ଦୋକାନକୁ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦକୁ ନେଇ ଶନିବାର ବଡ଼ଶଙ୍ଖ ପରିବା ମାର୍କେଟ୍‌ରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ୍ ଓ ବ୍ୟବସାୟୀଙ୍କ ମଧ୍ୟରେ ଏକପ୍ରକାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିନା ନୋଟିସ୍‌ରେ ଦୋକାନ ଭାଙ୍ଗିଦେବା ଅଭିଯୋଗ କରି ବ୍ୟବସାୟୀମାନେ ରାସ୍ତାରେ ନିଆଁ ଜାଳି ହୋ-ହଲ୍ଲା କରିଥିଲେ।

ଏମିତି ବି ପ୍ରତିଦିନ ଉଠା ବ୍ୟବସାୟୀଙ୍କ ପାଇଁ ମେଡିକାଲ ଛକଠାରୁ ଗୁଣ୍ଡିଚା ମନ୍ଦିର



ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇଥାଏ। ବିଶେଷକରି ବଡ଼ଶଙ୍ଖ ପରିବା ମାର୍କେଟ୍‌ରେ ଫଳ ବ୍ୟବସାୟୀ ରାସ୍ତା ଉପରକୁ ମାଡ଼ି ରହିଥିବାରୁ ସନ୍ଧ୍ୟା ସମୟରେ ଗାଡ଼ି ଚଳାଚଳରେ ଏକପ୍ରକାର ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହୋଇଥାଏ। ରାସ୍ତା ଜାମ୍ ଯୋଗୁଁ ସହରବାସୀ ଏବଂ ଭକ୍ତ, ପର୍ଯ୍ୟଟକ ଯାତାୟାତ କରିବାକୁ ନାକେଦମ୍ ହୋଇଥା'ନ୍ତି। ଏହାକୁ ନଜରରେ ରଖି ପୂର୍ବରୁ ପୌରସଂସ୍ଥା ପକ୍ଷରୁ ବ୍ୟବସାୟୀଙ୍କୁ ଧଳାଗାର ଭିତରେ ବସିବା ପାଇଁ କୁହାଯାଇଥିଲା। ହେଲେ ଏହାକୁ ବ୍ୟବସାୟୀମାନେ ଗ୍ରହଣ ନ କରିବାରୁ ଶନିବାର ଉଚ୍ଛେଦ କରାଗଲା ବୋଲି କହିଛନ୍ତି ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା।

# ବୃଦ୍ଧାଙ୍କୁ ପୋଡ଼ି ମାରିଦେଲେ ଲୁଟେରା


ଅମ୍ବାଦଳା/ମୁନିଗୁଡ଼ା, ୨୦।୧୨ (ସମିସ): ଲୁଟିବାକୁ ଆସି ବୃଦ୍ଧାଙ୍କୁ ପୋଡ଼ି ମାରିଦେଲେ। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଥାନା ଅନ୍ତର୍ଗତ କୁମୁଡ଼ାବାଲି ଗାଁରେ ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ମୃତ ବୃଦ୍ଧାଜଣଙ୍କ ହେଲେ, ଅମ୍ଲାଭଟା ପଞ୍ଚାୟତ ଷ୍ଟେସନ୍ କୁମୁଡ଼ାବାଲି ଗ୍ରାମର ଚନ୍ଦନ ତୁଳା ଡଙ୍ଗରି (୭୫)। ଆଜି ସକାଳୁ ତାଙ୍କ ଘରୁ ପୋଡ଼ାଗନ୍ଧ ବାହାରିବା ଓ ତାଙ୍କ କବାଟ ଭଙ୍ଗା ହୋଇଥିବା ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଘରେ ପଶି ଦେଖିବା ବେଳକୁ ତୁଳା ଅଧା ପୋଡ଼ି ଯାଇଥିଲେ। ଆଣ୍ଠୁତଳ ଦୁଇ ଗୋଡ଼କୁ ଛାଡ଼ିଲେ, ଶରୀରର ଅନ୍ୟ ଅଂଶଗୁଡ଼ିକ ପୋଡ଼ି ଯାଇଥିଲା। ଖବର ପାଇ ଆମ୍ବଦଳା ଆଇଆଇସି କଳ୍ପନା ବେହେରା, ମୁନିଗୁଡ଼ା ଆଇଆଇସି ସୌଦାମିନୀ ବେହେରା, ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ରାୟଗଡ଼ା ଜିଲ୍ଲା ଅତିରିକ୍ତ ଦାୟିତ୍ୱରେ ଥିବା କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ଦେବରକୋଣ୍ଡା ନାଗରାଜ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ।

**ଘରୁ ଅର୍ଦ୍ଧଦଗ୍ଧ ଶବ ଜବତ**

ପୁଲିସର ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ ଦୁର୍ବୃତ୍ତମାନେ ପ୍ରଥମେ ବୃଦ୍ଧାଙ୍କ ଗଳାକାଟି ହତ୍ୟା କରିବା ପରେ ତାଙ୍କୁ ପୋଡ଼ି ଦେଇଥିଲେ। ତୁଳା ଘରେ ଏକୁଟିଆ ରହୁଥିଲେ। ତାଙ୍କ କାନ ଓ ନାକରେ ସୁନା ପିନ୍ଧିଥିଲେ। ଏହି ସୁନା ଲୁଟିବା ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି। ପୁଲିସ ବୃଦ୍ଧାଙ୍କ ଗୋଡ଼ ଏବଂ ପାଉଁଶ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ଏବଂ ଅଧିକ ତଦନ୍ତ ପାଇଁ କୋରାପୁଟ ଏଫ୍‌ଏମ୍‌ଟିକୁ ପଠାଇଥିବା ଜଣାପଡ଼ିଛି। ପୁଲିସ ଘଟଣାର ତଦନ୍ତ କରୁଛି, ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ପ୍ରକାଶ କରିଛନ୍ତି।

# ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହାଇଦ୍ରାବାଦ ସ୍ଥିତ 'ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି' ପରିଦର୍ଶନ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି ପରିଦର୍ଶନ କରିବା ମୋ ପାଇଁ ଏକ ସ୍ମରଣୀୟ ତଥା ଆଧ୍ୟାତ୍ମିକ ଅନୁଭୂତି ଥିଲା। ମହାନ ସନ୍ଥ ତଥା ସମାଜ ସଂସ୍କାରକ ଜଗଦଗୁରୁ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଏହି ଭବ୍ୟ ପ୍ରତିମୂର୍ତ୍ତି କେବଳ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରତୀକ ନୁହେଁ; ବରଂ ଏହା ସାମାଜିକ ନ୍ୟାୟ, ସମାନତା ଓ ମାନବିକ ମୂଲ୍ୟବୋଧର ଏକ ଜ୍ୱଳନ୍ତ ନିଦର୍ଶନ।



ଏହା ସାମାଜିକ ନ୍ୟାୟ, ସମାନତା ଓ ମାନବିକ ମୂଲ୍ୟବୋଧର ଜ୍ୱଳନ୍ତ ନିଦର୍ଶନ

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଅବସରରେ ପୂଜ୍ୟ ଶ୍ରୀ ତ୍ରିଦଣ୍ଡୀ ଚିନ୍ନା ଶ୍ରୀମନ୍ନାରାୟଣ ରାମାନୁଜ ଜୀୟର ସ୍ୱାମୀଜୀଙ୍କୁ ସାକ୍ଷାତ କରି ଆଶୀର୍ବାଦ ଗ୍ରହଣ କରିବା ସହ ବିଭିନ୍ନ ଆଧ୍ୟାତ୍ମିକ ବିଷୟରେ ଆଲୋଚନା କରିବାର ସୁଯୋଗ ପାଇଲି। ଏଥିସହିତ ପୂଜ୍ୟ ଶ୍ରୀ ଶ୍ରୀ ତ୍ରିଦଣ୍ଡୀ ଅହୋବିଳ ରାମାନୁଜ ଜୀୟର ସ୍ୱାମୀଜୀଙ୍କ ଦ୍ୱାରା ରଚିତ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଓଡ଼ିଆ ଭଜନକୁ ମଧ୍ୟ ଲୋକାର୍ପିତ କରିବାର ସୌଭାଗ୍ୟ ମିଳିଲା। ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ସମାନତା ଓ ସାମାଜିକ ସଦ୍‌ଭାବନାର ଶିକ୍ଷା ଆମ ରାଜ୍ୟର ପ୍ରଗତି ଏବଂ ଏକ ସମୃଦ୍ଧ ସମାଜ ଗଠନ ଦିଗରେ ଆମକୁ ସଦାସର୍ବଦା ଅନୁପ୍ରାଣିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ପରିଦର୍ଶନରେ ଯାଇଥିଲେ।

# ପୁଲିସ ପଞ୍ଝାରେ ଲଟେରୀ ଗ୍ୟାଙ୍ଗ

ରାଉରକେଲା, ୨୦।୧୨ (ସମିସ): ସହରରେ ବେଆଇନ ଲଟେରୀ ରାକେଟ ଚାଲିଥିବା ବେଳେ ଦୀର୍ଘ ୧୭ବର୍ଷ ପରେ ରାଉରକେଲା ପୁଲିସ ଜିଲ୍ଲା ଅଧୀନରେ ଥିବା ପ୍ଲାଣ୍ଟସାଇଟ୍ ଥାନା ପୁଲିସ ପଞ୍ଝାରେ ରାକେଟ୍ ମୁଖିଆ ସମେତ ୪ଜଣ ପଡ଼ିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ, ପ୍ଲାଣ୍ଟସାଇଟ୍ ମୁଖ୍ୟ ରାସ୍ତାର ସଞ୍ଜୟ ସାହୁ(୫୧), ସେକ୍ଟର-୧୬ର ରାଜେଶ କୁଣ୍ଡୁ (୫୦), ସେକ୍ଟର-୨ର ଟୁକୁନା ମଲ୍ଲିକ (୪୮) ଓ ଜଗଦା ଜେଏଫ/୨୧୦ ଘରର ଉତ୍ତମ ଘୋଷ (୬୬)। ସେମାନଙ୍କଠାରୁ ୨୫ଲକ୍ଷ ୩୭ ହଜାର ୨୬୦ ଟଙ୍କା, ୮ଟି ମୋବାଇଲ, ୫ଟି ଖାତା,



ଗୋଟିଏ କମ୍ପ୍ୟୁଟର୍, ପ୍ରିଣ୍ଟର ଓ ବିପୁଳ ପରିମାଣରେ ଲଟେରୀ ଟିକେଟ ଜବତ କରାଯାଇଛି। ଏନେଇ ଶନିବାର ଜିଲ୍ଲା ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନୀତେଶ ୱାଧୱାନୀ ସୂଚନା ଦେଇଛନ୍ତି।

ବେଆଇନ ଲଟେରୀ ରାକେଟ ଚାଲିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିବା ପରେ ଏକ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଅଭିଯୁକ୍ତ ସଞ୍ଜୟ ରାକେଟର ମୁଖିଆ ହୋଇଥିବା ବେଳେ ରାଜ୍ୟ ବାହାରୁ ଲଟେରୀ ଆଣୁଥିଲା। ପରେ ସହଯୋଗୀ ମାନଙ୍କ ଜରିଆରେ ଟଙ୍କା ଲୋଭ ଦେଖାଇ ଲୋକଙ୍କୁ ବିକ୍ରି କରୁଥିଲା। ୨୦୦୮ ମସିହାରୁ ଗ୍ୟାଙ୍ଗ ସକ୍ରିୟ ଥିଲା। ପ୍ରତ୍ୟେକ ସଦସ୍ୟ ଦୈନିକ ୨୭ରୁ ୨୮ ହଜାର ଟଙ୍କା ରୋଜଗାର କରୁଥିବା ତଦନ୍ତରୁ ଜଣାପଡ଼ିଛି। ତେବେ ଗ୍ୟାଙ୍ଗର ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୁଲିସ କହିଛି।

# ଘନ କୁହୁଡ଼ି ଯୋଗୁଁ କମିଲା ଦୃଶ୍ୟମାନ କ୍ଷମତା

# କୋଲକାତାରେ ଅବତରଣ କଲା ଦିଲ୍ଲୀ-ଭୁବନେଶ୍ୱର ବିମାନ

ଭୁବନେଶ୍ୱର, ୨୦।୧୨(ସମିସ): ଦିଲ୍ଲୀରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନ ଘନ କୁହୁଡ଼ି ଯୋଗୁଁ କୋଲକାତାରେ ଜରୁରୀ ଅବତରଣ କରିଛି। ଶନିବାର ରାତି ପ୍ରାୟ ୯ଟା ୨୫ରେ ବିମାନଟି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଅବତରଣ କରିଥା'ନ୍ତା। କିନ୍ତୁ ଶେଷ ମୁହୂର୍ତ୍ତରେ ଜିରୋ-ଭିଜିବିଲିଟି ଯୋଗୁଁ ବିମାନକୁ ଓହ୍ଲାଇବାକୁ ଅନୁମତି ମିଳିନଥିଲା। ତେଣୁ ବିମାନଟି କୋଲକାତା ଅଭିମୁଖେ ଯାଇ ସେଠାରେ ସୁରକ୍ଷିତ ଅବତରଣ କରିଥିଲା। ଯାତ୍ରୀମାନେ ସେଠାରେ ଦୀର୍ଘ ସମୟଧରି ଅପେକ୍ଷା କରିବା ପରେ ଏୟାର ଇଣ୍ଡିଆ ପକ୍ଷରୁ ସେମାନଙ୍କୁ ଅନ୍ୟ ଏକ ବିମାନରେ ଭୁବନେଶ୍ୱର ପଠାଇବାର ବ୍ୟବସ୍ଥା କରାଯାଇଥିଲା। ଏହି ବିମାନରେ ୪ଜଣ ସାଂସଦ ଦିଲ୍ଲୀରୁ ପ୍ରତ୍ୟାବର୍ତ୍ତନ କରିଥିବା ଜଣାଯାଇଛି।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ପ୍ରତିବାଦ

# ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

ଭୁବନେଶ୍ୱର,୨୦।୧୨(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ୟମ କରିଛି ଯୁବ କଂଗ୍ରେସ। ଆନ୍ଦୋଳନ ସ୍ଥଳରେ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଏବଂ ପୁଲିସ ମଧ୍ୟରେ ଠେଲାପେଲା ହୋଇଥିଲା।

ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ଅନିୟନ୍ତ୍ରିତ ଅପରାଧ ପାଇଁ ଓଡ଼ିଶାବାସୀ ତ୍ରାହି ତ୍ରାହି ଡାକୁଥିବାବେଳେ ମୁଖ୍ୟମନ୍ତ୍ରୀ ନିଦାବିଷ୍ଟ ହୋଇ ବସିଛନ୍ତି। ଧଉଳିଗିରିର ନାବାଳିକା ଦୁଷ୍କର୍ମ ଘଟଣା ଓଡ଼ିଶାରେ ପର୍ଯ୍ୟଟନସ୍ଥଳମାନଙ୍କରେ ମହିଳାଙ୍କ ନିରାପତ୍ତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୋହନ ସରକାର ଆସିବାପରେ ୪୦ ହଜାର ମହିଳା ଅତ୍ୟାଚାର ମାମଲା ରୁଜୁ ହୋଇଥିବା ବେଳେ ୪୦ଟି ମାମଲାରେ ଅପରାଧୀଙ୍କୁ ଦଣ୍ଡ ଦିଆଯାଇ ପାରିନି। ଓଡ଼ିଶାରେ ବିଜେପି ଶାସନରେ ମହିଳାଙ୍କ ଉପରେ ୩୭,୬୧୧ଟି ଆପରାଧିକ ଘଟଣା ଘଟିଥିବାର ମାମାଲା ରୁଜୁ




ହୋଇଛି। ସେହିପରି ୮୨୭୭ଜଣ ମହିଳାଙ୍କୁ ଅପହରଣ କରାଯାଇଥିବାବେଳେ ୨୦,୯୩୩ ଜଣଙ୍କୁ ଦୁଷ୍କର୍ମ କରାଯିବା ସହ ୧୨୭୮ ଜଣଙ୍କୁ ଯୌନ ଉତ୍ପୀଡ଼ନ ଦିଆଯାଇଛି।

ସରକାରୀ ଓ ବେସରକାରୀ ସ୍କୁଲ, କଲେଜ, ୟୁନିଭର୍ସିଟି, ହଷ୍ଟେଲ, ଆଶ୍ରମରେ ମଧ୍ୟ ଛାତ୍ରଛାତ୍ରୀ ସୁରକ୍ଷିତ ନାହାନ୍ତି। ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେଉଛି। ଭୁବନେଶ୍ୱରରେ ୬୭ଟି ୱାର୍ଡରେ ଧଳା ଜହର କାରବାର ହେଉଛି। ୬୦ ହଜାର ମହିଳା ଓ ଶିଶୁ ନିଖୋଜ ହୋଇଥିବା ବେଳେ ସରକାର ସେମାନଙ୍କୁ ଠାବ କରିବାର ଦାୟିତ୍ୱ ନେଉନାହାନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ୟାସିର ନୱାଜଙ୍କ ସମେତ ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, ସୁଦିପ ସାମଲ, ସତ୍ୟଜିତ ପଟ୍ଟନାୟକ, ଅଭିଜିତ ଜେନା, ଜାଭେଦ ଅକତାର, ମହମ୍ମଦ ଗୁଲଫାମ, ଅମରେଶ ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ନବୋଦୟ ବିଦ୍ୟାଳୟରେ ନବମ ଛାତ୍ରଙ୍କୁ ମାର୍‌ପିଟ୍

# ୭ ଛାତ୍ର ସାତ ଦିନ ପାଇଁ ନିଲମ୍ବିତ

କୋରୁକୋଣ୍ଡା,୨୦।୧୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ବାଲିମେଳା ସହରରେ ଥିବା ନବୋଦୟ ବିଦ୍ୟାଳୟ-୨ରେ ଜୁନିୟର୍ ଛାତ୍ରଙ୍କୁ ମାଡ଼ ଘଟଣାରେ ଏକାଦଶ ଶ୍ରେଣୀର ୭ଜଣ ଛାତ୍ରଙ୍କୁ ଏକ ସପ୍ତାହ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ନିଲମ୍ବିତ କରିଛନ୍ତି। ଏହାସହ ହଷ୍ଟେଲ କେୟାର୍-ଟେକର୍ ବିଶ୍ୱଜିତ ସରକାରଙ୍କୁ ବହିଷ୍କୃତ କରାଯାଇଛି।

ସୂଚନାନୁଯାୟୀ, ଛାତ୍ରଛାତ୍ରୀମାନେ ଘରଠାରୁ ଦୂରରେ ହଷ୍ଟେଲରେ ରହୁଛନ୍ତି। ସେଥିପାଇଁ ଅଭିଭାବକମାନେ ପିଲାମାନଙ୍କୁ କିଛି ଶୁଖିଲା ଖାଦ୍ୟ ନିଜ ପାଖରେ ରଖିବା ପାଇଁ ଦେଇଥା'ନ୍ତି। ୪ ଦିନ ତଳେ ନବମ ଶ୍ରେଣୀର ଜଣେ ଛାତ୍ର ଅନ୍ୟ ଜଣେ ଛାତ୍ରଙ୍କ କିଛି ଖାଦ୍ୟ ଖାଇ ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା।

ଏ ସଂପର୍କରେ ଏକାଦଶ ଶ୍ରେଣୀର ଛାତ୍ରଙ୍କ କ୍ୟାପଟେନ୍ ଏବଂ କେୟାରଟେକର୍ ଜାଣିବା ପରେ ନବମ ଶ୍ରେଣୀର କେତେକ ଛାତ୍ରଙ୍କୁ ଏକାଦଶ ଶ୍ରେଣୀର ଛାତ୍ରାବାସକୁ ଡାକି ପଚରାଉଚରା କରିବା ସହ ନିର୍ଦ୍ଧୁମ ମାଡ଼ ମାରିଥିଲେ।

କେୟାର୍-ଟେକର୍ ବିଶ୍ୱଜିତ ସରକାର ମଧ୍ୟ ନବମ ଶ୍ରେଣୀ ଛାତ୍ରମାନଙ୍କୁ ବାରମ୍ବାର ପାଣି ପିଆଇ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା।

## ଉପଭୋକ୍ତା ମହାସଂଘର ବିରୋଧ

# ଗ୍ରୀଡ୍‌କୋର ୨୦୨୬-୨୭ ପ୍ରସ୍ତାବିତ ବିଜୁଳି ଶୁଳ୍କ ବୋଝ ଉପରେ ନଳିତା ବିଡ଼ା

ଭୁବନେଶ୍ୱର,୨୦।୧୨(ସମିସ): ଗ୍ରୀଡ୍‌କୋ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଦରଖାସ୍ତ ଓଡ଼ିଶା ରାଜ୍ୟ ବିଦ୍ୟୁତ ନିୟାମକଙ୍କ ପାଖରେ ଗତ ନଭେମ୍ବର ୨୯ ତାରିଖରେ ଦାଖଲ କରାଯାଇଛି। ଏଥିରେ ୟୁନିଟ ପିଛା ୩ ଟଙ୍କା ୮୮ପଇସା ହିସାବରେ ମୋଟ ୩୯ହଜାର ମିଲିୟନ ୟୁନିଟ ବିଜୁଳି ବିକ୍ରି ବାବଦରେ ଗ୍ରୀଡ୍‌କୋ ୧୫ହଜାର ୧୬୧ କୋଟି ଟଙ୍କା ରାଜସ୍ୱ ଆଦାୟ କରିବ ବୋଲି ପ୍ରସ୍ତାବ ରଖିଛି। ବର୍ତ୍ତମାନ ବିଜୁଳି ୟୁନିଟ ପିଛା ଗ୍ରାହକଙ୍କଠାରୁ ଆବଣ୍ଟନ କମ୍ପାନୀମାନେ ୩ଟଙ୍କା ୩୦ପଇସା ହିସାବରେ ଆଦାୟ କରୁଛନ୍ତି। ଯଦି ଗ୍ରୀଡକୋର ପ୍ରସ୍ତାବିତ ଶୁଳ୍କକୁ ଗ୍ରହଣ କରାଯିବ, ତା'ହେଲେ ୟୁନିଟ ପିଛା ବିଜୁଳି ଶୁଳ୍କ ୫୮ପଇସା ବୃଦ୍ଧି ପାଇବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ ବୋଲି ଓଡ଼ିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ପକ୍ଷରୁ ଆଶଙ୍କା କରାଯାଇଛି। ଏହି ପ୍ରସ୍ତାବିତ ଶୁଳ୍କବୃଦ୍ଧି ଗ୍ରାହକଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହେବ ବୋଲି ମହାସଂଘର ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ ଓ ସମ୍ପାଦକ ରବି ବେହେରା କହିଛନ୍ତି। ରାଜ୍ୟର ଏକ କୋଟି ବିଜୁଳି ଉପଭୋକ୍ତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗ୍ରୀଡ୍‌କୋର ପ୍ରସ୍ତାବିତ ବିଜୁଳି ଶୁଳ୍କ ଗ୍ରହଣୀୟ ନୁହେଁ। ଏହାକୁ ପୁନଃ ବିଚାର କରିବାକୁ ଉପଭୋକ୍ତା ମହାସଂଘ ଦାବି କରୁଛି ବୋଲି ଉଭୟ ଶ୍ରୀ କାନୁନଗୋ ଓ ଶ୍ରୀ ବେହେରା ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି।

# ଓଡ଼ିଶାକୁ ପୁଞ୍ଜିନିବେଶ ନେଇ ସରକାରଙ୍କ ତଥ୍ୟ ଭ୍ରମାତ୍ମକ: ବିଜେଡି

ଭୁବନେଶ୍ୱର, ୨୦।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାଇଦ୍ରାବାଦ ଗସ୍ତରେ ରାଜ୍ୟକୁ ୬୫ହଜାର କୋଟିର ପୁଞ୍ଜିନିବେଶ ଓ ୨୦ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଯାହା କୁହାଯାଇଛି, ତାହା ଭ୍ରମାତ୍ମକ ବୋଲି ବିଜୁ ଜନତା ପକ୍ଷରୁ କୁହାଯାଇଛି। ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ପ୍ରବାସୀ ଭାରତୀୟ ଦିବସକୁ ସମ୍ବୋଧିତ କରି ଓଡ଼ିଶାକୁ ଭାରତର ଶ୍ରେଷ୍ଠ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜିନିବେଶ (ଏଫ୍‌ଡିଆଇ) ହବ୍‌ରେ ପରିଣତ କରିବା ପାଇଁ ସରକାରଙ୍କ ଆଭିମୁଖ୍ୟ ଜଣାଇଥିଲେ। ମାତ୍ର କେନ୍ଦ୍ର ସରକାରଙ୍କ ତଥ୍ୟ ଆଉ କିଛି ବୟାନ କରୁଛି। ଏଫ୍‌ଡିଆଇ ହାସଲ କରିବାରେ ଓଡ଼ିଶା ଦେଶର ଶ୍ରେଷ୍ଠ ୨୦ ମଧ୍ୟରେ ମଧ୍ୟ ସ୍ଥାନ ପାଇ ନଥିବା ଶ୍ରୀ ମହାନ୍ତି କହିଛନ୍ତି।

୨୦୨୪-୨୫ ଆର୍ଥିକ ବର୍ଷରେ ଦେଶକୁ ପ୍ରାୟ ୪ ଲକ୍ଷ ୨୧ ହଜାର ୯୨୯ କୋଟି ଟଙ୍କାର ଏଫ୍‌ଡିଆଇ ଆସିଛି। ତନ୍ମଧ୍ୟରୁ ମାତ୍ର ୩୯.୦୨ କୋଟି ଟଙ୍କା ଓଡ଼ିଶା ପାଇଛି। ଏହା ମାତ୍ର ୦.୦୦୯ ପ୍ରତିଶତ। ଏହି ସମୟରେ ମହାରାଷ୍ଟ୍ର ସର୍ବାଧିକ ୧,୬୪,୮୭୫.୨୦ କୋଟି ଅର୍ଥାତ୍ ୩୯.୧୭ ପ୍ରତିଶତ ଏଫ୍‌ଡିଆଇ ପାଇଛି। ତଳଆଡୁ ୨୦ଟି ସ୍ଥାନରେ ଥିବା ରାଜ୍ୟମାନଙ୍କ ଠାରୁ ମଧ୍ୟ ଏହା ବହୁ ଅଧିକ। ଦେଶକୁ ଆସୁଥିବା ବିଦେଶୀ ନିବେଶ ମୁଖ୍ୟତଃ ୭ଟି ରାଜ୍ୟ ଅର୍ଥାତ୍ ମହାରାଷ୍ଟ୍ର,

■ ୨୦୨୪-୨୫ରେ ରାଜ୍ୟକୁ ମିଳିଛି ମାତ୍ର ୦.୦୦୯% ଏଫ୍‌ଡିଆଇ
■ ଏଫ୍‌ଡିଆଇ ହାତେଇବାରେ ରାଜ୍ୟ ବିଜେପି ସରକାର ବହୁତ ପଛୁଆ

କର୍ଣ୍ଣାଟକ, ଦିଲ୍ଲୀ, ଗୁଜୁରାଟ, ତାମିଲନାଡୁ, ହରିୟାଣା ଓ ତେଲେଙ୍ଗାନାରେ ସୀମିତ ରହିଛି। ମୁଖ୍ୟମନ୍ତ୍ରୀ କହୁଥିବା କଥା ବାସ୍ତବତାଠାରୁ କୋଷେ ଦୂରରେ ଏବଂ ଏହା କେବଳ ପ୍ରଚାର ଉଦ୍ଦେଶ୍ୟରେ କରାଯାଉଛି। ଅପରପକ୍ଷରେ ପୁଞ୍ଜି ଆସିବା ତ ଦୂରର କଥା, ଜେଏସ୍‌ଡବ୍ଲ୍ୟୁ ଆର୍ସେଲର୍ ମିତ୍ତଲ ଷ୍ଟିଲ୍ ପ୍ରକଳ୍ପ, ଏସ୍ ରାମ୍ ଏନ୍ ରାମ୍ ସେମିକଣ୍ଡକ୍ଟର ପ୍ରକଳ୍ପ ଓ ୱାରୀ ସୋଲାର୍ ପ୍ରକଳ୍ପ ଓଡ଼ିଶାରୁ ଚାଲିଗଲେ। ବିଦେଶୀ ପୁଞ୍ଜି ଆଣିବା ପାଇଁ ସରକାରୀ ସ୍ତରରେ ଯେଉଁଭଳି ଭାବେ ଉଦ୍ୟମ, ବିଚାରବିମର୍ଶ, ଯୋଜନା ଓ ଆଲୋଚନା ହେବା କଥା ତାହା ବିଜେପି ସରକାରରେ ହେଉନାହିଁ। ପୂର୍ବରୁ ବିଜେଡି ସରକାର ସମୟରେ ୨୦୨୩-୨୪ରେ ରାଜ୍ୟକୁ ସର୍ବାଧିକ ପୁଞ୍ଜି ଆସିଥିଲା, ଯାହାର ପୁରସ୍କାର ବର୍ତ୍ତମାନର ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଭାରତ ସରକାରଙ୍କ ଠାରୁ ଗ୍ରହଣ କରିଛନ୍ତି। ନବୀନ ସରକାରଙ୍କ ସମୟରେ ଏଫ୍‌ଡିଆଇ ଲାଗି ନିର୍ଦ୍ଦିଷ୍ଟ କ୍ଷେତ୍ର ଚିହ୍ନଟ କରାଯାଉଥିଲା। ସ୍ୱତନ୍ତ୍ର ଭାବେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ବିଦେଶୀ ନିବେଶକମାନେ ଆକୃଷ୍ଟ ହେଉଥିଲେ। କିନ୍ତୁ ବର୍ତ୍ତମାନ ଏଫ୍‌ଡିଆଇ ହାତେଇବାରେ ରାଜ୍ୟ ବିଜେପି ସରକାର ବହୁତ ପଛୁଆ। ପ୍ରଚାର ସର୍ବସ୍ୱ ଘୋଷଣା ଓ ପ୍ରହସନ ନ କରି ବାସ୍ତବରେ ଓଡ଼ିଶାକୁ ପୁଞ୍ଜି ଆଣିବାକୁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି।

■ ମହାନଦୀ ବିବାଦ

# ଟ୍ରିବ୍ୟୁନାଲରେ ଶୁଣାଣି, ସତ୍ୟପାଠ ଓ ତଥ୍ୟର ହେଲା ସମୀକ୍ଷା

ଭୁବନେଶ୍ୱର,୨୦।୧୨(ସମିସ): ଶନିବାର ମହାନଦୀ ଟ୍ରିବ୍ୟୁନାଲରେ ଜଳବିବାଦ ମାମଲାର ୪୭ତମ ଶୁଣାଣି ହୋଇଛି। ବୈଠକରେ ଟ୍ରିବ୍ୟୁନାଲ ଦୁଇ ରାଜ୍ୟ ମଧ୍ୟରେ ଚାଲିଥିବା ଆପୋଷ ଆଲୋଚନା ପ୍ରକ୍ରିୟା ଏବଂ ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଛନ୍ତି। ଏହାସହ ଦୁଇ ରାଜ୍ୟ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠ ସହ ବିଭିନ୍ନ ତଥ୍ୟର ମଧ୍ୟ ସମୀକ୍ଷା କରିଛନ୍ତି। ସୂଚନାଯୋଗ୍ୟ ଯେ ମହାନଦୀ ବିବାଦର ଆପୋଷ ବୁଝାମଣା ପାଇଁ ଓଡ଼ିଶା ସରକାର ଜୋର୍ ଦେଇ ଆସୁଛନ୍ତି। ଏଥିପାଇଁ ଉଭୟ ଛତିଶଗଡ଼ ଏବଂ ଓଡ଼ିଶା ପ୍ରକ୍ରିୟା ଆରମ୍ଭ କରି ସାରିଛନ୍ତି। ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ସ୍ତରରେ ମଧ୍ୟ ଦୁଇଥର ଆନୁଷ୍ଠାନିକ ବୈଠକ ହୋଇସାରିଛି। ଏହାବ୍ୟତୀତ ଗତ ୫ ତାରିଖର ବୈଠକକୁ ମିଶାଇ ଏପର୍ଯ୍ୟନ୍ତ ଉଭୟ ରାଜ୍ୟକୁ ନେଇ ଗଠିତ ଯୁଗ୍ମ ବୈଷୟିକ କମିଟିର ୭ଟି ବୈଠକ ଅନୁଷ୍ଠିତ ହୋଇଛି। ଏହାବ୍ୟତୀତ ରାଜ୍ୟ ସରକାର ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍‌ରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କମିଟିରେ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ବିଧାୟକ ଜୟନାରାୟଣ ମିଶ୍ର ଓ ସୋଫିଆ ଫିର୍ଦ୍ଦୋଶ ପ୍ରମୁଖ ରହିଛନ୍ତି।


## EASTERN INVESTMENTS LIMITED

CIN: L65993OR1927GOI034842
Regd. Office: Plot No:255, Pristine Green, Pokhariput, Bhubaneswar-751020

Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | . | | |
| | (i) Basic: | (0.56) | 1.72 | (2.00) | 19.74 | 14.56 | (121.71) |
| | (ii) Diluted | (0.56) | 1.72 | (2.00) | 19.74 | 14.56 | (121.71) |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 19th December' 2025

Sd/-
(A.K.Bagchi)
Managing Director-EIL

## ମତଦାନ କେନ୍ଦ୍ର ସୁବ୍ୟବସ୍ଥାକରଣ ପାଇଁ ବୈଠକ

# ୨୭୩ ନୂତନ ମତଦାନକେନ୍ଦ୍ର ପାଇଁ ନିଷ୍ପତ୍ତି

ବରଗଡ଼, ୨୦।୧୨(ସମିସ)



ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତା ରେ ଜିଲ୍ଲାର ଗୋଟିଏ ଲୋକସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ତ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟରଙ୍କ ସୁବିଧାକୁ ଦୃଷ୍ଟିରେ ରଖି ମତଦାନ କେନ୍ଦ୍ର ଓ ବୁଥ୍ ଗୁଡ଼ିକର ସୁବ୍ୟବସ୍ଥାକରଣ କରିବା ଲାଗି ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳମାନଙ୍କ ସହ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ରାଜନୈତିକ ପ୍ରତିନିଧିଙ୍କ ସହଯୋଗ ତଥା ମତାମତ ନେଇ ଜିଲ୍ଲା ନିର୍ବାଚନ ଅଧିକାରୀ ମତଦାତାଙ୍କ ଘର ପାଖରେ ବୁଥ୍ ବ୍ୟବସ୍ଥା କରିବା ପାଇଁ ଆୟୋଗଙ୍କୁ ସୁପାରିଶ କରିବା ପରେ ୫ ଟି ବିଧାନସଭା ନିର୍ବାଚନମଣ୍ଡଳୀର ମୋଟ ୨୭୩ଟି ନୂତନ ମତଦାନ କେନ୍ଦ୍ର କରିବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ଅନୁମୋଦିତ ହୋଇଛି। ଯଦ୍ୱାରା୨୦୨୫ ମସିହାରେ ଜିଲ୍ଲାର ୧୩୯୭ଟି ମତଦାନ କେନ୍ଦ୍ର ସଂପ୍ରସାରିତ ହୋଇ୧୬୭୦ଟି ମତଦାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସ୍ଥିର କରାଯାଇଛି। ପଦମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୩୦୩ଟି ପୂର୍ବ ମତଦାନ କେନ୍ଦ୍ର ସହ ୫୪ଟି ନୂତନ ମତଦାନ କେନ୍ଦ୍ର କରାଯାଇ ମୋଟ ୩୫୭ଟି ମତଦାନ କେନ୍ଦ୍ର ସ୍ଥାପନ ପାଇଁ ସ୍ଥିରିକରଣ ହୋଇଥିବା ବେଳେ ବିଜେପୁର ନିର୍ବାଚନ ମଣ୍ଡଳୀର ୨୮୮ ପୁରୁଣା ମତଦାନ କେନ୍ଦ୍ରରେ ନୂତନ ଭାବେ ୬୯ଟି ମତଦାନ କେନ୍ଦ୍ର ବର୍ଦ୍ଧିତ କରାଯାଇ ମୋଟ ୩୫୭ଟି, ବରଗଡ଼ ନିର୍ବାଚନ ମଣ୍ଡଳୀର ୨୩୨ ପୁରୁଣା ମତଦାନ କେନ୍ଦ୍ରର ଥିବାବେଳେ ୪ ନୂତନ ମତଦାନ କେନ୍ଦ୍ରକୁ ନେଇ ମୋଟ ୨୭୪ଟି, ଅତାବିରା ନିର୍ବାଚନ ମଣ୍ଡଳୀର ପୂର୍ବରୁ ୨୬୧ ଥିବା ବେଳେ ୫୯ଟି ନୂତନ ମତଦାନ ବୃଦ୍ଧି ହୋଇ ୩୨୦ ଏବଂ ଭଟଲି ନିର୍ବାଚନ ମଣ୍ଡଳୀର ପୂର୍ବରୁ ୨୯୩ ମତଦାନ କେନ୍ଦ୍ର ଥିବାବେଳେ ୮୯ ବୃଦ୍ଧି କରାଯାଇ ୩୮୨ମତଦାନ କେନ୍ଦ୍ର କରିବା ପାଇଁ ନିର୍ବାଚନ କମିଶନଙ୍କ ଅନୁମୋଦନକ୍ରମେ ସ୍ଥିରୀକୃତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ସମେତ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଡେପୁଟି କଲେକ୍ଟର ସୁମତି ପଣ୍ଡା ଏବଂ ନିତୁଶ୍ରୀ ମେହେର, ଶିକ୍ଷା, କ୍ରିଡ଼ା, ମାଇ ଭାରତ, ଏନଏସଏସ ଓ ସୂଚନା ଏବଂ ଲୋକ ସମ୍ପର୍କ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ, ବିଜେପି ଜିଲ୍ଲା ସଭାପତି ଅନୁପମା ସାହୁ, ବିଜେଡି ଜିଲ୍ଲା ସଭାପତି ଜାପାନ ମହାପାତ୍ର, ବହୁଜନ ସମାଜ ପାର୍ଟିରୁ ଦେବା କୁମାର, ଆମ ଆଦମୀ ପାର୍ଟିର ମ୍ୟୁନିସିପାଲିଟି କର୍ପୋରେଟର ଅସିତ କୁମାର ସାହୁ ଏବଂ ବିଜେପି ଟାଉନ ଜେନେରାଲ ସେକ୍ରେଟାରୀ ବେଦାନ୍ତ ମିଶ୍ର ଉକ୍ତ ବୈଠକରେ ଉପସ୍ଥିତ ରହି ନିଜ ନିଜ ମତାମତ ରଖିବା ସହ ଆଗାମୀ ଦିନରେ ନୂତନ ଭୋଟରଙ୍କ ସଚେତନତା ନିମନ୍ତେ ଚୂନାଭ ପାଠଶାଳା, ଲିଟରେସି କ୍ଲବ୍ ଗଠନ ସହ ଜିଲ୍ଲାର ବିଭିନ୍ନ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ନୂତନ ଭାବେ କରାଯାଇଥିବା ମତଦାନ କେନ୍ଦ୍ର ବିଷୟରେ ସମସ୍ତ ନିର୍ବାଚନ ମଣ୍ଡଳୀର ଲୋକଙ୍କୁ ଅବଗତ କରିବା ପାଇଁ ଜିନର ବୁଥ ଲେବେଲ ଏଜେଣ୍ଟ ଓ ବୁତ୍ସ୍ତରୀୟ ଅଧିକାରୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କ କ୍ଲଷ୍ଟରସ୍ତରୀୟ ବୈଠକ

ପଦ୍ମପୁର, ୨୦।୧୨(ସମିସ): ରାଜବୋଡାସମ୍ବର ବ୍ଲକ ଚାରପାଲି, କନସିଂହା କ୍ଲଷ୍ଟରର ଷଷ୍ଠ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।ବୈଠକରେ ସଭାପତି ବରିହାପାଲି ଉ. ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଗ ରଣା ମୁଖ୍ୟଅତିଥି ନୂଆପାଲି ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ବାଗ, ମୁଖ୍ୟବକ୍ତା କନସିଂହା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷପତି ସ୍ୱାଇଁ ସିଆରସିସି ପରମେଶ୍ୱର ବିଶି ଏବଂ ଉଭୟ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।ବୈଠକରେ ଆସ ସ୍କୁଲ ଯିବା, ଉଲ୍ଲାସ, ସାକ୍ଷରତା ମିତ୍ର, ଶିକ୍ଷଣ ସୋପାନ, ପରୀକ୍ଷା ପେ ଚର୍ଚ୍ଚା ଏବଂ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ଗାଇଡଲାଇନ ବିଷୟରେ ଆଲୋଚନା ହୋଇଥିଲା।ଏଥିରେ ଜୟକୁମାର ସାହୁ ଯୋଗଦାନ କରିଥିଲେ।

ଭଟଲି : ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଜିରାବଗା ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ପ୍ରଧାନ ଶିକ୍ଷକ ବାସୁଦେବ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ମୂଲବାର କ୍ଲଷ୍ଟରସ୍ତରୀୟ ବୈଠକରେ ମୁଖ୍ୟଅତିଥି ଭାବରେ ପ୍ରଧାନ ଶିକ୍ଷକ କୈଳାସ ଭୁଏ ଓ ସମ୍ମାନିତ ଅତିଥି ଭାବରେ ଶିକ୍ଷକ ଶିରିଶ ପୁରୋହିତ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ଶିକ୍ଷାର୍ଥୀଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ପ୍ରଦାନ କରିବା ତଥା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ସିଆରସିସି ଜୟରାଜ ନାଏକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଦର୍ଶନ ରେ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, ବରଗଡ଼ର ଶିକ୍ଷକ ପ୍ରଶିକ୍ଷିକା ରଶ୍ମିତା ସୁନା, ତନୁଶ୍ରୀ ତନୁଜା ନାଗ ଆସି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ।ଶିକ୍ଷୟିତ୍ରୀ ଯମୁନା ଭୁଏ, ଦ୍ରୌପଦୀ ବିଶ୍ୱାଳ, ଅରୁଣା ପଣ୍ଡା, ଶିକ୍ଷକ ଝସକେତନ ସେଠ, ହୃଦାନନ୍ଦ ବେହେରା ରାମଲାଲ ଭୋଇ, ଦଶରଥ ଗଡ଼ତିଆ, କମଳ ଲୋଚନ ପଟେଲ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ଚନ୍ଦ୍ରକାନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

ବିଜେପୁର : ବରଗଡ଼ ଜିଲ୍ଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅର୍ନ୍ତଗତ ୧୨ଟି କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ମାନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାରିଂ ସିଆରସିସି ରାଜେଶ୍ୱର ବେହେରାଙ୍କ ଆବାହକତ୍ୱ ତଥା ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପୁରିଙ୍କ ଅଧ୍ୟକ୍ଷତାରେ ପ୍ରଧାନ ଶିକ୍ଷକ ଗହକିଲାଲ ନାଏକ ଓ ଭାଦ୍ରବ ପାଣ୍ଡେ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଗେହ୍ଲାମଣି ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ।ପରେ ଶୈକ୍ଷିକ ଦିଗ ଉପରେ ଆଲୋଚନା ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ସା ଧନ୍ୟବାଦ ଅର୍ପଣ କରିଥିଲେ।ଟିଟୋରାମ ଲୁହା, ପାର୍ଥବ ଚରଣ ଦାଶ, ଉର୍ମିଳା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବାସୁଦେବ ସାହୁ, ସୀତାରାମ ଦୀପ, ଦୁର୍ବାଦଳ ବଡଗୋଛିଆ, ପ୍ରଭାତ ରଞ୍ଜନ ସାହୁ, ନବୀନ କୁମାର ସାହୁ, ସୁଧାଂଶୁ ଶେଖର ଜାଲ, ହେମନ୍ତ କୁମାର ଆରୁକ, ପ୍ରକାଶ ମହାନନ୍ଦ, ପ୍ରଫୁଲ୍ଲ ଭୋଇ, ତ୍ରିନାଥ ସେଠ, ଡୋଳାମଣି କୁମ୍ଭାର ପ୍ରମୁଖ ସିଆରସିସିଙ୍କ ଆବାହକତ୍ୱରେ ବିଭିନ୍ନ ବିଦ୍ୟାଳୟରେ ଷଷ୍ଠ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ପୀତାମ୍ବର ଗୁରୁଙ୍କ ଜୟନ୍ତୀ

ବିଜେପୁର, ୨୦।୧୨(ସମିସ): ବରଗଡ଼ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଖଗେଶ୍ୱର ସାହିତ୍ୟ କଳା ପରିଷଦ ବିଜେପୁର ପକ୍ଷରୁ ସାହିତ୍ୟିକ ପିତାମ୍ବର ଗୁରୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।ସଭାପତି ମୋହନ ସିଂ କହ୍ନେଇଙ୍କ ଅଧ୍ୟକ୍ଷତାରେ ବାଳକ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଜୟନ୍ତୀ ସଭାରେ ପ୍ରାଧ୍ୟାପକ ଡ.ପ୍ରଦୀପ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ କଳା ସଂସ୍କୃତିର ଅନନ୍ୟ ଉପାସକ ପିତାମ୍ବର ଗୁରୁ ଥିଲେ ଜଣେ କବି, ଗୀତିକାର, ଗାଳ୍ପିକ, ନାଟ୍ୟକାର ତଥା ନିର୍ଦ୍ଦେଶକ। ସମ୍ପାଦକ ରାଜେଶ୍ୱର ବେହେରାଙ୍କ ସଂଯୋଜନାରେ ସହ ସମ୍ପାଦକ ମକରଧ୍ୱଜ ସାହୁ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ।କୋଷାଧ୍ୟକ୍ଷ ଦେବାଶିଷ ମେହେର, ହାସ୍ୟକବି ଯୁଗେଶ୍ୱର ତାଣ୍ଡି, ଯୁବରାଜ ଦୀପ, ନାରୀକବି ସାବିତ୍ରୀ ମେହେର, ଅଧ୍ୟାପିକା ରଶ୍ମି ରେଖା ବାରିକ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ଶେଷରେ ଦିଲେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଘନାମାଲରେ ତମାଖୁ ସଚେତନତା କାର୍ଯ୍ୟକ୍ରମ

ପଦ୍ମପୁର, ୨୦।୧୨(ସମିସ): ଜମଲା ଡିଗ୍ରୀ କଲେଜ ଜମଲାର ଜାତୀୟ ସେବା ଯୋଜନା ତରଫରୁ ଓ ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ସହଯୋଗରେ ଘନାମାଲ ଗ୍ରାମରେ ତମାଖୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ.ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାରେ ଜମଲା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶିବପ୍ରସାଦ ବେହେରା ଓ ସ୍ୱାସ୍ଥ୍ୟ ପରିଦର୍ଶକ ରବୀନ୍ଦ୍ର ମୋହନ ଦାଶ ଓ ଘନାମାଲ ଗ୍ରାମର ପ୍ରକୃତିମିତ୍ର ଅନନ୍ତ ମେହେର ଯୋଗଦେଇ ତମାଖୁ ସଚେତନତା ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଗ୍ରାମର ଆଶା ଦିଦି ଓ ବିଭିନ୍ନ ନାଗରିକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ କୁ ଜାତୀୟ ସେବା ଯୋଜନା ଅଧିକାରୀ ମିସ୍ ସୁରେଖା ଭୁଏ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଫନୀନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରାମରେ ସଚେତନତା ରାଲି କରାଯାଇଥିଲା।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ପାଇକମାଲ, ୨୦।୧୨(ସମିସ): ପାଇକମାଲ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ବିନୟରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା ଓ ପ୍ରୋଗ୍ରାମ ଅଫିସର ସୁମିତାପ ନାୟକ ଯୋଗ ଦେଇଥିଲେ। ଏଥିରେ ପ୍ରଥମ ବର୍ଷର ୯୪ ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ ଦିଆଯାଇଥିଲା। ମାଷ୍ଟର ଟ୍ରେନର ନନ୍ଦିନୀ ରାଉତ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପିକା ବବିତା ମଲ୍ଲିକ ସଂଯୋଜନା କରିଥିଲେ। ଶେଷରେ ବବିତା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ଶିକ୍ଷାଅନୁଷ୍ଠାନରେ ବାର୍ଷିକ କ୍ରୀଡ଼ା

### ● ପିଏମ୍‌ଶ୍ରୀ ବିଡିଏନ ଉଚ୍ଚ ବିଦ୍ୟାଳୟ

ବରପାଲି, ୨୦।୧୨(ସମିସ): ବରପାଲି ବ୍ଲକ କଟାପାଲି ପିଏମ୍‌ଶ୍ରୀ ବିଡିଏନ ଉଚ୍ଚ ବିଦ୍ୟାଳୟ କ୍ରୀଡା ସମାପନ ହୋଇଯାଇଛି। ଉତ୍ସବରେ ୩୫୩ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଆନ୍ତର୍ଜାତୀୟ ମାଷ୍ଟର କ୍ରୀଡ଼ାବିତ ସନ୍ତୋଷ କୁମାର ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ କ୍ରୀଡାର ଆବଶ୍ୟକତା ଓ ସ୍ୱାସ୍ଥ୍ୟରକ୍ଷା ବିଷୟରେ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ପୂର୍ବତନ ଛାତ୍ରୀ ତଥା ଆନ୍ତର୍ଜାତିକ ପାର୍ବତାରୋହୀ ଲିପିକା ସେଟ୍ ମଞ୍ଚାସୀନ ରହିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ ଭୋଇ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ଧୀରେନ୍ଦ୍ର ବିଶ୍ୱାଳ ମଞ୍ଚ ସଞ୍ଚାଳନ କରିଥିଲେ। ବିଦ୍ୟାଳୟ ଖେଳ ଶିକ୍ଷକ ସୁଦାମ ପଧାନ ପ୍ରତିଯୋଗିତାର ସମସ୍ତ ଖେଳ ପରିଚାଳନା କରିଥିଲେ। ଅବ୍ୟୟ ବର୍ଗାଇ ଓ ସୌଭାଗ୍ୟ ରଞ୍ଜନ ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଗଣେଶ ଭୋଇ।କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ଦଶମ ଶ୍ରେଣୀ ଛାତ୍ର ଦୀପକ ଭୋଇ ଓ ନବମ ଶ୍ରେଣୀ ଛାତ୍ରି ମୁସ୍କାନ ବାରିକ ଚାମ୍ପିଅନ ହୋଇଥିଲେ।



### ● ବକଟି ଏମ.ଇ ଓ ହାଇସ୍କୁଲ

ଭେଡେନ : ଭେଡେନ ବ୍ଲକ ବକଟି ସ୍କୁଲ ପଡ଼ିଆରେ ଉଚ୍ଚ ବିଦ୍ୟାଳୟ ଓ ମଇ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଧାଳୟର ପ୍ରଧାନଶିକ୍ଷକ ଯଦୁମଣୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ପରିଚାଳନା କମିଟି ସଭାପତି ଗୌରଚନ୍ଦ୍ର ଦନ୍ତା ଓ ସମ୍ମନିତ ଅତିଥି ଭାବରେ ବ୍ରଜରାଜ ବେହେରା, ନିତ୍ୟାନନ୍ଦ ପଧାନ ପ୍ରମୁଖ ଯୋଗଦାନ



କରିଥିଲେ। ଖେଳ ଶିକ୍ଷକ ଦମ୍ବୋଦର ଚିନ୍ଦ୍ରା ଖେଳର ତତ୍ତ୍ୱାବଧାନ କରିଥିବା ବେଳେ ଶିକ୍ଷକ ସଞ୍ଜୀବ ପଣ୍ଡା, ନରେଶ ଦାଶ, ଉମେଶ ସୁପକାର, ଭାସ୍କର ପଧାନ, ଗଜାନନ ମେସୁଆ ପ୍ରମୁଖ ସହଯୋଗ କେଇଥିଲେ। ବାଳିକା ବିଭାଗରେ ଶୁଭଶ୍ରୀ ଡାଙ୍ଗ ଓ ବାଳକ ବିଭାଗରେ ପ୍ରିୟାଂଶୁ ମାଝୀ ଚାମ୍ପିଅନ ହୋଇଥିଲେ।ମଇ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁଦାମସୁ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ପରିଚାଳନା କମିଟି ସଭାପତି ନାକକାଟୁ ବେହେରା ଅତିଥି ଭାବେ ଯୋଗଦାନ କରିଥିଲେ। ବାଳିକା ବିଭାଗରେ ଅଙ୍କିତା ଭୁଏ ଓ ବାଳକ ବିଭାଗରେ ରୋଶନ ଭୁଏ ଚାମ୍ପିଯାନ ହୋଇଥିଲେ। ଶିକ୍ଷୟିତ୍ରୀ ଶୁଭଶ୍ରୀ ପଧାନ ଜନ୍ମୟୀ ପଧାନ ସହଯୋଗ କରିଥିଲେ।

### ● ଟୁକୁର୍ଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଭଟଲି : ଟୁକୁର୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସିଧା ଦୌଡ଼, ପଛଘୁଞ୍ଚା ଦୌଡ଼, ବସ୍ତା ଦୌଡ଼, ଗଣିତ ଦୌଡ଼, ଲମ୍ବ ଡିଆଁ, ରସି ଡିଆଁ, ସାଇକେଲ ସ୍ଲୋ, ଚାମଚ ବାଟି, ପୁଚି, ଜିଳାପି ଖିଆ, ପାଉଡର ମଖା, ବେଲୁନ୍ ବ୍ଲାଷ୍ଟ, ମ୍ୟୁଜିକ୍ ଚେୟାର୍, ଝୋଟି ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।ପ୍ରଧାନଶିକ୍ଷକ ବିଭୂତି ଭୂଷଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ଏମ୍‌ସି ସଭାପତି କୃଷ୍ଣଚନ୍ଦ୍ର ସାହୁ, ସଭ୍ୟ, ଶିକ୍ଷକ ସୁଶାନ୍ତ କୁମାର ଦାଶ, ଶିକ୍ଷୟିତ୍ରୀ ଅନୁପମା ମହାନନ୍ଦ, ସୁଚିତ୍ରା ମିର୍ଦ୍ଧା, ଜ୍ୟୋତିର୍ମୟୀ ସାହୁ, ଆରତୀ ପଧାନ, ଚିନ୍ମୟୀ ଖମାରୀ ପ୍ରମୁଖ ସହଯୋଗ କରିଥିଲେ।

## ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ପାଇଁ କ୍ଷେତ୍ର ପରିଦର୍ଶନ

ଝାରବନ୍ଧ, ୨୦।୧୨(ସମିସ): କ୍ରୀଡ଼ା କ୍ଷେତ୍ରରେ ଝାରବନ୍ଧ ବ୍ଲକକୁ ବିକଶିତ କରିବା ପାଇଁ ସମସ୍ତେ ଆଶାବାଦୀ ଥିବା ବେଳେ ଏକ ଉତ୍ତମ ବ୍ୟବସ୍ଥାର ଆବଶ୍ୟକ ରହିଛି। ବିଗତ ଦିନରେ ଝାରବନ୍ଧ ବ୍ଲକସ୍ତରୀୟ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ବିଭାଗ ଦ୍ୱାରା ଜମି ଆକଳନ କରାଯାଇଥିଲା। ଶୁକ୍ରବାର ଦିନ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା କ୍ଷେତ୍ର ପରିଦର୍ଶନ କରି ବ୍ଲକସ୍ତରୀୟ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ଆକଳନ ହୋଇଥିବା ଜମି ରାଜସ୍ୱ ବିଭାଗ ଦ୍ୱାରା ଚିହ୍ନଟ କରାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାର୍ଶ୍ୱରେ ଆଠ ଏକର ଜମିରେ ବ୍ଲକ ସ୍ତରୀୟ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ହେବାକୁ ଥିବାର ସୂଚନା ରହିଛି। ଏହି ଅବସରରେ ବିଜେଡିର ବରିଷ୍ଠନେତା ପ୍ରଶାନ୍ତ ମହାନ୍ତି, ଝାରବନ୍ଧ ବ୍ଲକ ବିଜେଡ଼ି ସଭାପତି ଯତୀନ ହାତୀ, ପୂର୍ବତନ ଅଧ୍ୟକ୍ଷ ବିଜୟକେତନ ପ୍ରଧାନ, ବରିଷ୍ଠ ବିଜେଡି ନେତା ନନ୍ଦଲାଲ ମହାପାତ୍ର, ମାନଭଞ୍ଜନ ବେହେରା ପ୍ରମୁଖ ବିଧାୟିକାଙ୍କ ସହିତ ସାମିଲ ଥିଲେ। ଝାରବନ୍ଧ ତହସିଲଦାର ଅଲେଖ ଘୁଟାଙ୍କ ତତ୍ତ୍ୱାବଧାନରେ ଝାରବନ୍ଧ ରାଜସ୍ୱ ନିରୀକ୍ଷକ ଧନଞ୍ଜୟ ଭୁଏ, ସହଯୋଗୀ ବେଦବ୍ୟାସ ସାହୁ ପ୍ରମୁଖ ଜମି ଚିହ୍ନଟ କରିଥିଲେ।



## ବିରେନ୍ଦ୍ର କୁମାର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଗାଇସିଲେଟ, ୨୦।୧୨(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଠଉମାଲ ସ୍ଥିତ ବିରେନ୍ଦ୍ର କୁମାର ଯୁକ୍ତ ୩ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଭୁବନ୍ଦେ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିଜେପୁର ବିଧାୟକ ସନତ ଗଡ଼ତିଆ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ପଞ୍ଚାୟତସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ଜୟକେତନ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବରେ ବିଡ଼ିଓ ଲକ୍ଷ୍ମଣ ମାଝି, ସରପଞ୍ଚ ଶେଷଦେବ ପଧାନ, ସମିତି ସଭ୍ୟ ସୁଶାନ୍ତ ସାହୁ, ଚାଷୀ ନେତା କିଶୋର ଚନ୍ଦ୍ର ଦେବତା ପ୍ରମୁଖ ଉପସ୍ଥିତ ଥିଲେ।ପ୍ରଥମେ ମେଲଛାମୁଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ବିରେନ୍ଦ୍ର କୁମାର ସାହୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା। ଶିକ୍ଷାନୁଷ୍ଠାନ ଆଗକୁ ଯିବାକୁ ହେଲେ ସମସ୍ତଙ୍କର ସହଭାଗିତା ଓ ସହଯୋଗର ଆବଶ୍ୟକ ରହିଛି, ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଭିଭାବକଙ୍କ ମିଳିତ ଉଦ୍ୟମ ଦ୍ୱାରା ମହାବିଦ୍ୟାଳୟର ବିକାଶ ଆଗକୁ ଯାଇଥାଏ। ଛାତ୍ରଛାତ୍ରୀ ସାଧନାରତ ଭାବେ ପାଠ ପଢ଼ିବା ସହିତ ସଂକଳ୍ପ ନେଇ ଶିକ୍ଷାଲାଭ କଲେ ସିଦ୍ଧାନ୍ତରେ ନିଶ୍ଚିତ ପହଞ୍ଚି ପାରିବେ ବୋଲି କହିଥିଲେ। ସରଳ ଜୀବନଚର୍ଯ୍ୟାରେ ଉଚ୍ଚ ଚିନ୍ତାଧାରା ରଖି ଗ୍ରାମାଞ୍ଚଳରେ ଶିକ୍ଷ୍ୟା ଓ କୃଷିର ଉନ୍ନତି କ୍ଷେତ୍ରରେ ଅନେକ କାର୍ଯ୍ୟ କରିଥିବା ସେହି ମହାନ ବ୍ୟକ୍ତି ସ୍ୱର୍ଗତ ବିରେନ୍ଦ୍ର ସାହୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ମୁଁ ଗର୍ବିତ ମନେକରୁଛି ବୋଲି ମୁଖ୍ୟଅତିଥି ବିଧାୟକ ଗଡ଼ତିଆ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।ହେମନ୍ତ କୁମାର ପଣ୍ଡାଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ପ୍ରୟାସରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।ଶେଷରେ ସମ୍ପାଦକ ଦେବେନ୍ଦ୍ର କୁମାର ଯୋଶୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ଜାନୁୟାରୀ ୧୫ରେ ରାଜ୍ୟ ସଙ୍କୀର୍ତ୍ତନ ମହୋତ୍ସବ

ବରଗଡ଼, ୨୦।୧୨(ସମିସ): ବରଗଡ଼ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଜାନୁୟାରୀ ୧୫ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ସଙ୍କୀର୍ତ୍ତନ ମହୋତ୍ସବ ତଥା ସଙ୍କୀର୍ତ୍ତନ ସଂସ୍କୃତି ଜାଗରଣ କାର୍ଯ୍ୟକ୍ରମ ହେବ। ପରିଷଦର ଅଧ୍ୟକ୍ଷ ପ୍ରମୋଦ ଦାଶ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ, ସଙ୍କୀର୍ତ୍ତନ ପରିଷଦର ମୁଖ୍ୟ ଉପଦେଷ୍ଟା ବଜରଙ୍ଗ ଅଗ୍ରୱାଲ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ପ୍ରଦୀପ ପୁରୋହିତ, ବରଗଡ଼ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଅତାବିରା ବିଧାୟକ ନିହାର ମହାନନ୍ଦ, ସଙ୍ଗୀତ ନାଟକ ଏକାଡେମୀ ସଚିବ ଡଃ ହରିଶ୍ଚନ୍ଦ୍ର ହୋତା ପ୍ରମୁଖଙ୍କୁ ପୃଥକ୍ ଭାବେ ଭେଟି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆମନ୍ତ୍ରଣ କରିଥିବା ନେଇ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଝାରବନ୍ଧ ଡିଗ୍ରୀ କଲେଜ

## 'ଗଙ୍ଗାଧର ସାହିତ୍ୟ ଏକ ଅଧ୍ୟୟନ' ପ୍ରସଙ୍ଗରେ ସମ୍ମାନ

ଝାରବନ୍ଧ, ୨୦।୧୨(ସମିସ): ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧି କରିବା ପାଇଁ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ଝାରବନ୍ଧର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। 'ଗଙ୍ଗାଧର ସାହିତ୍ୟ : ଏକ ଅଧ୍ୟୟନ' ବିଷୟ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱ ବିଶିଷ୍ଟ ନାଟ୍ୟକାର ଅଶୋକ କୁମାର ବହିଦାର, ଅଧ୍ୟାପକ ସରୋଜ କୁମାର ନାୟକ, ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଓ ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ ପ୍ରମୁଖ ଆଲୋଚକ ଭାବରେ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ଶ୍ରୀମତୀ ରୀତାଞ୍ଜଳି ଗୁରୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ଡ଼ ରଶ୍ମିରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ତପସ୍ୱିନୀ ଏବଂ ଅଯୋଧ୍ୟା ଦୃଶ୍ୟ କାବ୍ୟରେ ଆତ୍ମ ସମୀକ୍ଷା, ଗଙ୍ଗାଧର ସାହିତ୍ୟ ରେ ସାମାଜିକ ପ୍ରତିବଦ୍ଧତା, ଭାଷା ଓ ସଂସ୍କୃତିର ଜାଗ୍ରତ ପ୍ରହରୀ କବି ଗଙ୍ଗାଧର ପ୍ରସଙ୍ଗ ରେ ଆଲୋଚକ ଗଣ ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ଉଦ୍‌ବୋଧନ ପ୍ରଦାନ କରିଥିଲେ। ଛାତ୍ରୀ ଅନିତା, ନିରୁପମା, ଜ୍ୟୋତ୍ସ୍ନା, ପୂଜା, ଲିଜା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଅନ୍ୟ ଛାତ୍ରଛାତ୍ରୀ ମାନେ ସଭାର ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ। ବିଭାଗୀୟ ଛାତ୍ରଛାତ୍ରୀ ଗଙ୍ଗାଧର ସାହିତ୍ୟ ଉପରେ ବିଶଦ ଆଲୋଚନା କରିଥିଲେ। ଅଧ୍ୟାପିକା ମନୀଷା ଭୋଇ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉକ୍ତ ସଭାରେ ଅଧ୍ୟାପିକା ଯାଜ୍ଞସେନି ନାୟକ, ଅଧ୍ୟାପକ ନବୀନ କୁମାର ମେହେର, ଅଧ୍ୟାପକ ଗଗନ ବିହାରୀ ଡ଼ନସନା, ଅଧ୍ୟାପକ ଡ଼. ଖ୍ୟାତିମୟ ତ୍ରିପାଠୀ, ଅଧ୍ୟାପିକା ରଶ୍ମୀ ମହାଲିଙ୍ଗ, ଅଧ୍ୟାପିକା ମିନପ୍ରଭା ପ୍ରଧାନ, ଅଧ୍ୟାପକ ମୁକେଶ ବାଗ, ଅଧ୍ୟାପକ ଚନ୍ଦ୍ରମଣି ବାଗ, ଅଧ୍ୟାପିକା କୁନି ସାହାଙ୍କ ସମେତ ଅଶୋକ ହାତୀ, ବଲ୍ଲଭ କୁମାର ମିର୍ଦ୍ଧା, ଅଞ୍ଜନ କୁମାର ବରିହା, ଦୁର୍ଯ୍ୟୋଧନ ପାଣ୍ଡେ, ପ୍ରକାଶ ପ୍ରଧାନ, ରୁକ୍ମିଣୀ ସାହୁ, ମଦନ ବାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।




# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

ବରଗଡ଼, ୨୦।୧୨(ସମିସ)




ବରଗଡ଼ ଯଦୁମଣି ପ୍ରଧାନ ପ୍ରେକ୍ଷାଳୟରେ ଚାଲିଥିବା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦଯାପିତ ହୋଇଯାଇଅଛି। ସମାରୋହର ଦ୍ୱିତୀୟ ଦିବସରେ ବରଗଡ଼ ବିଧାୟକ ଓ ଅଧ୍ୟକ୍ଷ ବିଧାନସଭା ସ୍ଥାଇ କମିଟି ଜଳ ସମ୍ପଦ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଅଶ୍ୱିନୀ ଷଡଙ୍ଗୀ ମେଳାକୁ ସ୍ୱତନ୍ତ୍ର ଭାବରେ ଆସିଥିବା ପୁଙ୍ଗନୁରୁ ଗାଈର ଗୋପୂଜନ ସହିତ ଶୁଭାରମ୍ଭ କରିଥିଲେ। ସଭାରେ ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନିଗମାନନ୍ଦ ପାଢ଼ୀ ସ୍ୱାଗତ ଉଦ୍‌ବୋଧନ ଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ସରକାରୀ ଯୋଜନାରୁ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଅଶ୍ୱିନୀ ଷଡଙ୍ଗୀ ଚାଷୀମାନେ ପାରମ୍ପରିକ ଚାଷ ସହ ମତ୍ସ୍ୟ ଓ ପ୍ରାଣୀପାଳନ ବିଶେଷ କରି ଗୋପାଳନ ମାଧ୍ୟମରେ ସ୍ୱାବଲମ୍ବୀ ହେବ ସହ ନିଜର ଆର୍ଥିକ ବିକାଶ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଧାୟକ ଇରାସିସ ଆଚାର୍ଯ୍ୟ ମତ୍ସ୍ୟ ଓ ପ୍ରାଣୀ ପାଳନକୁ ଏକ ମୁଖ୍ୟଜୀବିକ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୋବିନ୍ଦ ନାଗ ଓ ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ, ସମ୍ବଲପୁର୍ ପାରମ୍ପରିକ ଭାବରେ କରାଯାଉଥିବା ଧାନ ଚାଷ ସହ ଜୈବିକ କୃଷି ଓ କୃଷିର ବିବିଧକରଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସମାରୋହରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ବ୍ୟତୀତ କୃଷି, ଉଦ୍ୟାନ କୃଷି, କୃଷି ବିଜ୍ଞାନ କେନ୍ଦ୍ର, ଜଳ ବିଭାଜିକା ପ୍ରକଳ୍ପ, ବ୍ୟାଙ୍କ, ଓମଫେଡ ତଥା ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ୨୫ଟି ଷ୍ଟଲ ମାଧ୍ୟମରେ ବିଭିନ୍ନ ଯୋଜନା ବିଷୟରେ ଚାଷୀଙ୍କୁ ସଚେତନତା କରଯାଇଥିଲା। ସମାବେଶରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ହଲଷ୍ଟିନ ଗାଈ, ଗିର ଗାଈ, ଶଙ୍କର ଜର୍ସି ଗାଈ, ଲିଙ୍ଗ ନିରୂପତି ଶୁକ୍ରାଣୁ ଦ୍ୱାରା ଜନ୍ମିତ ମାଈ ବାଛୁରୀ, ବିଶେଷ ଭାବରେ ଆଦୃତ ପୁଙ୍ଗନୁରୁ ଗାଈ, ବଲାଙ୍ଗୀର ମେଣ୍ଢା, ବିଭିନ୍ନ ପ୍ରଜାତିର ବତକ ଓ କୁକୁଡ଼ା ହ୍ଵା ବିଭିନ୍ନ ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା। ସେହିପରି ମତ୍ସ୍ୟ ବିଭାଗ ତରଫରୁ ବାୟୋଫ୍ଲୋଗ, ରଙ୍ଗୀନ ମାଛ ଏକୁଆରିଅୟମ, ଗୋଲାକୃତି ମାଛ ଯାଆଁଳା ଉତ୍ପାଦନ ଯନ୍ତ୍ର ଓ ବିଭିନ୍ନ ମତ୍ସ୍ୟ ଉପକରଣ ପ୍ରଦର୍ଶିତ ହୋଇଥିଲା।ଜିଲ୍ଲାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପାଇଁ ଛେଳି ପାଳନ କ୍ଷେତ୍ରରେ ବିଦ୍ୟାଧର କାଣ୍ଡ, କୁକୁଡ଼ା ପାଳନ ପାଇଁ ବୈକୁଣ୍ଠ ବିହାରୀ ପଧାନ ଓ ମତ୍ସ୍ୟ ଚାଷ ପାଇଁ ଦୁଲଣା ସାହୁ ଓ ସୁକାନ୍ତି ପଧାନଙ୍କୁ ପୁରସ୍କୃତ କରଯାଇଥିଲା। ଶତ୍ରୁଘ୍ନ ସୁଲଘନୀ ସଂସ୍କୃତିକ ଅନୁଷ୍ଠାନ ଅଇଁଲାପଲୀ ଓ ମା'ସମଲେଶ୍ୱରୀ ଲୋକ ସଂସ୍କୃତିକ ଗବେଷଣା କେନ୍ଦ୍ର, ତୋରା ତରଫରୁ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୁଶ୍ରୀ ସୁଭସ୍ମିତା ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ।

### ୨୮ ତମ 'ପରବ'ର ଦ୍ୱିତୀୟ ସନ୍ଧ୍ୟା

# ଢେମ୍‌ସା, ମାଳିପୁଟ ମେଲୋଡ଼ି, ହାମସୁଫି ବ୍ୟାଣ୍ଡରେ କମ୍ପିଲା ମଞ୍ଚ





କୋରାପୁଟ,୨୦।୧୨(ସମିସ): ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପରବ-୨୦୨୫ର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଳ ଶୀତ ସତ୍ତ୍ୱେ ଭରପୂର ଜନ ସମାଗମ ଦେଖିବାକୁ ମିଳିଛି। ପରବ ପଡ଼ିଆରେ ଜିଲାପାଳ ତଥା ପରବ କମିଟି ଅଧକ୍ଷ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପୁ ଭତ୍ରା, କୋରାପୁଟ ଏସ୍‌ପି ରୋହିତ ବର୍ମା, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ସିଡିଓ ବେଣୁଧର ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ବୃନ୍ଦ ପରବ ପାଳନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୋରାପୁଟ

### ପରବ ଦେଶର ଶ୍ରେଷ୍ଠ ଲୋକ ମହୋତ୍ସବ: ମନ୍ତ୍ରୀ ସୁରେଶ ପୂଜାରୀ

ଜିଲ୍ଲାର ଆଦିବାସୀ ମହୋତ୍ସବ ପରବ ଦେଶର ଶ୍ରେଷ୍ଠ ଜିଲ୍ଲା ମହୋତ୍ସବ ବୋଲି ମୁଖ୍ୟ ଅତିଥି କହିଥିଲେ। କୋରାପୁଟ ଦୃଷ୍ଟି ବାଧିତ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସ୍ୱାଗତ ଭାଷଣ ଦେଇଥିବାବେଳେ ସିଡିଓ ବେଣୁଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କ୍ରୀଡାବିତ ଲକ୍ଷ୍ମଣ ଦିଶାରୀଙ୍କୁ କ୍ରୀଡ଼ା କ୍ଷେତ୍ରରେ ସଫଳତା ପାଇଁ ପରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭା ଶେଷ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାନସ ଅନ୍ତେବାସୀଙ୍କ ନୃତ୍ୟ, ମାଳିପୁଟ ମେଲୋଡ଼ି, ପଟ୍ଟାଙ୍ଗି ଓ ନନ୍ଦପୁରର ଢେମସା, ମାଲକାନଗିରିର ବଣ୍ଡା ନୃତ୍ୟ, ପୁରୀର ଶ୍ରେୟା ପଣ୍ଡାଙ୍କ ମାଳଖମ୍ବ ନୃତ୍ୟ, ଗଞ୍ଜାମର ଶ୍ୟାମ ଘନ ବେହେରାଙ୍କ ପଶୁ ମୁଖା ନୃତ୍ୟ, ମହାରାଷ୍ଟ୍ର ନାଗପୁରର ବିଦ୍ୟା ଭାବେଙ୍କ ଲାୱଣି ନୃତ୍ୟ ଏବଂ ହମସୁଫି ବ୍ୟାଣ୍ଡରେ ପରବ ମଞ୍ଚ କମ୍ପି ଉଠିଥିଲା। ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାରମ୍ପରିକ ନୃତ୍ୟରେ ଝୁମି ଉଠିଥିଲେ। ଏହା ବ୍ୟତୀତ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ ଦଳ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ।

## 'ପରବ'ରେ ଯନ୍ତ୍ରଣା ଦେଉଛି ନେଟୱର୍କ ସମସ୍ୟା

ପୋଡ଼ାଗଡ଼,୨୦।୧୨(ସମିସ): କୋରାପୁଟ ଜିଲ୍ଲାର ଆଦିବାସୀ ମହୋତ୍ସବ ପରବ ଜାତୀୟସ୍ତରର ହୋଇଥିବାବେଳେ ପରବକୁ ଆସୁଥିବା ପର୍ଯ୍ୟଟକଙ୍କୁ ଯନ୍ତ୍ରଣା ଦେଉଛି ନେଟୱର୍କ ସମସ୍ୟା। ଜିଲ୍ଲା ବାହାରୁ ତଥା ରାଜ୍ୟ ବାହାରୁ ଆନେକ ପର୍ଯ୍ୟଟକ କୋରାପୁଟର ସୌନ୍ଦର୍ଯ୍ୟ ଉପଭୋଗ ନିମନ୍ତେ ଆସୁଛନ୍ତି। ଦିନଯାକ କୋରାପୁଟର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ବୁଲି ଉପଭୋଗ କରିବା ପରେ ସନ୍ଧ୍ୟାରେ କୋରାପୁଟ ଜାତୀୟସ୍ତରୀୟ ଲୋକ ମହୋତ୍ସବ ପରବରେ ଆସି ବୁଲା ବୁଲି କରିବା ସହ ଅନେକ ପ୍ରକାର ସାମଗ୍ରୀ କିଣିବାକୁ ଲୋକମାନେ ଭିଡ଼ କରୁଛନ୍ତି। କିନ୍ତୁ କୌଣସି ଗୁଗଲ ପେ କିମ୍ବା ଫୋନ ପେ କାମ କରୁ ନଥିବା ହେତୁ ପର୍ଯ୍ୟଟକ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେହେତୁ ନଗଦ ନିଜ ପାଖରେ ନଥିବାରୁ ଅନେକେ ଅନ ଲାଇନ ମାଧ୍ୟମରେ ଟଙ୍କା ଦେବା କହି ପରବ ଉତ୍ସବରେ ଆସୁଛନ୍ତି। କିନ୍ତୁ ଏଠାରେ ନେଟୱର୍କର ସୁବିଧା ନଥିବାରୁ ବାଧ୍ୟ ହୋଇ କିଣିଥିବା ବା ପସନ୍ଦ କରିଥିବା ଜିନିସ ନ ନେଇ ମାନ ଦୁଃଖରେ ଫେରୁଥିବା ପର୍ଯ୍ୟଟକମାନେ କହିଛନ୍ତି। ଯାହାଫଳରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ପରବରେ ବ୍ୟବସାୟ କମ୍ ହେବା ଆଶଙ୍କା ଦେଖାଦେଇଛି। ଜିଲ୍ଲା ପ୍ରଶାସନର ତଥା ପରବ କମିଟି ଏହି ଦିଗରେ ଧ୍ୟାନ ଦେବା ଉଚିତ୍ ବୋଲି ସ୍ଥାନୀୟ ଲୋକଙ୍କ ସହ ପର୍ଯ୍ୟଟକମାନେ କହିଛନ୍ତି।

## କୋରାପୁଟ ମିଡିଆ ପକ୍ଷରୁ ରାଜସ୍ୱ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



କୋରାପୁଟ,୨୦।୧୨(ସମିସ): ଜାତୀୟସ୍ତର ଆଦିବାସୀ ମହୋତ୍ସବ ପରବ ୨୦୨୫ର ଦ୍ୱାତୀୟ ରଜନୀରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ କୋରାପୁଟ ମିଡ଼ିଆ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରବ ମଞ୍ଚରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ପେନ୍‌ସିଲରେ ଅଙ୍କା ଯାଇଥିବା ଅବିକଳ ଫଟୋକୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ସାମ୍ବାଦିକ ସୌମ୍ୟ ରଞ୍ଜନ ସାହୁଙ୍କ ଦ୍ୱାରା ଅଙ୍କା ଯାଇଥିବା ଫୋଟ ଦେଖି ମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଫୋଟୋ ଫ୍ରେମରେ ସାମ୍ବାଦିକ ସିଏଚ ଭଗବତୀ ଆଚାରୀ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର ପ୍ରମୁଖ ଉପସ୍ଥିତ ଥିଲେ।

## ରାଜସ୍ୱ ମନ୍ତ୍ରୀଙ୍କୁ ଜିଲ୍ଲା ପରିଷଦ ଅଧକ୍ଷାଙ୍କ ଦାବିପତ୍ର



କୋରାପୁଟ,୨୦।୧୨(ସମିସ): ଲୋକ ମହୋତ୍ସବ ପରବର ଦ୍ୱିତୀୟ ଦିନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା ସାକ୍ଷାତ କରି ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସରେ ସୁଶ୍ରୀ ମେଲେକା ଏବଂ କୋରାପୁଟ ପୌର ପରିଷଦ ୩ ନଂ ୱାର୍ଡର କାଉନସିଲର କାଦମ୍ବିନୀ ସେଠୀ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ଉପସ୍ଥିତିରେ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କୋରାପୁଟ ଏକ ଆଦିବାସୀ ବହୁଳ ପଛୁଆ ଜିଲ୍ଲା, କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲ ବର୍ତ୍ତମାନ ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ପ୍ରମୁଖ ଭୂମିକା ବହନ କରୁଛି, ତେଣୁ କୋରାପୁଟ ଜିଲ୍ଲାର ଉପାନ୍ତ ଅଞ୍ଚଳ ସମେତ ରାୟଗଡା, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲା ସହ ୪ ଲେନ ରାସ୍ତା ସଂଯୋଗ କରିବାକୁ ସୁଶ୍ରୀ ମେଲେକା ଦାବି କରିଛନ୍ତି। ସେହିପରି ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ, ଇସିଜି ଟେକ୍ନିସିଆନ, ନର୍ସିଂ ଆଟେନାଣ୍ଟ, ମେଡିକାଲ ଆଟେନାଣ୍ଟ ଭଳି ପାରାମେଡିକାଲ ବିଷୟ ଉପରେ ଶିକ୍ଷାଦାନ ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି। ଏହା ବ୍ୟତୀତ କୋରାପୁଟ ଜିଲ୍ଲାରେ ଇଣ୍ଟିଗ୍ରେଟେଡ ବିଏଡ୍ ଶିକ୍ଷା ବ୍ୟବସ୍ଥା, ସରକାରୀ ଫାର୍ମାସୀ କଲେଜ୍, ସେମିଳିଗୁଡାଠାରେ ପ୍ରସ୍ତାବିତ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନା ପ୍ରମୁଖ ଦାବି କରିଛନ୍ତି।

## ବଡ଼ଦିନ ପାଇଁ ଶୋଭାଯାତ୍ରା




ନନ୍ଦପୁର,୨୦।୧୨(ସମିସ): ଡିସେମ୍ବର ୨୫ ବଡ଼ଦିନ ପାଇଁ ଉତ୍ସବ ମୁଖର ହୋଇ ଉଠିଛି ନନ୍ଦପୁର ସହର। ବଡଦିନ ପାଇଁ ସ୍ଥାନୀୟ ନନ୍ଦପୁର ବ୍ଲକର ଖ୍ରୀଷ୍ଟୀୟ ଭାଇ ଭଉଣୀମାନଙ୍କ ଦ୍ୱାରା ବିରାଟ ଶୋଭାଯାତ୍ରା ବାହାରି ଶନିବାର ସହର ପରିକ୍ରମା କରିଥିଲା। ପରେ ନନ୍ଦପୁର ଆମ୍ବେଦକର ଛକରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ପାଳକ କିଶୋର କଟିମ୍, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ସାମାଜିକ କର୍ମୀ ମୁନା ଦଳପତି, ଗଙ୍ଗାଧର ଖରା, ନନ୍ଦପୁର ପ୍ରେସ କ୍ଲବ୍‌ର ତ୍ରିନାଥ ଖରା, ପାଳକ ଆଶିଷ କୁଲଦୀପ, ସତ୍ୟ ଦାନ ଖୋସଲା, ଅବଶୋଲ ଖେମୁଣ୍ଡୁ, ଶାନ୍ତିଶିଳ ପାତ୍ର, ଶଙ୍କର ବିଡିକା, ଟଙ୍କଧର ଉଲ୍ଲାସ, ଲୟେଶ ଖରା, ଶଶି ଭୂଷଣ ପାତ୍ର, ଉର୍ମିଳା କୁଲଦୀପ, ଅର୍ଜୁନ ସୀସା, ଭୀଷ୍ମ ପାଣି, ଜୈତୀ ଭୂଷଣ ଖରା, ସମ୍ପାଦକ ରମେଶ କୁମାର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ରେଭ ବିମଳ ରାଓ ସ୍ମିଥ୍ ପରିଚାଳନା କରିଥିବାବେଳେ ମୋହନ ରାଓ ସ୍ମିଥ ଧନ୍ୟବାଦ ଅର୍ପଣ କରିଥିଲେ।

### ● ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା

## ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୨୦।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍‌ରେ ଜୈନିକ ନାବାଳିକାଙ୍କୁ ଅପହରଣ ଏବଂ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୪୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଆଜି ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟର ଭାରପ୍ରାପ୍ତ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ପ୍ରଜ୍ଞା ନଳନୀ ମିଶ୍ର ଏହି ମାମଲାର ଶୁଣାଣି କରିବା ସହ ତାଙ୍କ ରାୟରେ ଅଭିଯୁକ୍ତ ରାଜପାଲମ ଗ୍ରାମର ଲକ୍ଷ୍ମଣ ଦାଡିଆ (୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ବେଳେ ଭାରତୀୟ ଦଣ୍ଡବିଧାନ ଆଇନ ଅନୁଯାୟୀ ସମୁଦାୟ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୪୨ ହଜାର ଟଙ୍କା ଜରିମାନା ଟଙ୍କାରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ପ୍ରଦାନ ନ କଲେ ଅଧିକ ୧୪ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ। ମାମଲା ଅନୁଯାୟୀ, ଗତ ୨୦୨୦ ମସିହା ଅଗଷ୍ଟ ୧୬ ତାରିଖରେ ସୁନାବେଡ଼ା ଥାନା ଅଞ୍ଚଳରେ ୧୫ ବର୍ଷିୟା ନାବାଳିକା ନିଜ ବଡବାପାଙ୍କ ଘରକୁ ଚାଲାଚାଲି ଯାଉଥିବା ବେଳେ ସୁନାବେଡ଼ା ହରିଣ ପାର୍କ ନିକଟରେ ଅଭିଯୁକ୍ତ ଲକ୍ଷ୍ମଣ ଏବଂ ଜଣେ ନାବାଳକ ବାଇକ ଯୋଗେ ଆସି ତାଙ୍କ ବଡବାପାଙ୍କ ଘରକୁ ନେଇଯିବେ କହି ନିକଟସ୍ଥ ଏକ ଜଙ୍ଗଲକୁ ନେଇ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ। ନାବାଳକ ବାହାରେ ଜଗି ରହିଥିଲେ। ନାବାଳିକା କୌଣସି ପ୍ରକାରେ ଅଭିଯୁକ୍ତଙ୍କ କବଳରୁ ଖସିଆସି ନିକଟରେ ଏକ ବୁଦା ମୂଳରେ ଲୁଚିଯାଇଥିଲେ। ପରେ ନାବାଳିକା ବହୁ କଷ୍ଟରେ ନିକଟରେ ରହିଥିବା ଏକ ମହିଳାଙ୍କ ଘରକୁ ଯାଇ ଆଶ୍ରୟ ନେଇଥିଲେ। ଫୋନ ମାଧ୍ୟମରେ ନାବାଳିକା ନିଜ ବାପାଙ୍କୁ ଖବର ଦେଇଥିଲେ। ବାପା ଖବର ପାଇବା ପରେ ଥାନାକୁ ଯାଇ ପୁଲିସକୁ ସାଥିରେ ନେଇ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ନାବାଳିକା ଘଟଣା ବିଷୟରେ ପରିବାର ଏବଂ ପୁଲିସ ଆଗରେ ବର୍ଣ୍ଣନା କରିଥିଲେ। ସୁନାବେଡ଼ା ଥାନାରେ ଏନେଇ ନାବାଳିକା ଅପହରଣ ଏବଂ ଦୁଷ୍କର୍ମ ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ । ଏହି ମାମଲାର ତଦନ୍ତ ତତ୍କାଳିନ ଏସ୍‌ଆଇ ଭୀମସେନ ନାୟକ ଏବଂ ମୁକୁନ୍ଦ ମେଲେକା କରିଥିଲେ। କୋର୍ଟରେ ୧୨ଜଣ ସାକ୍ଷ୍ୟ ବୟାନ ରେକର୍ଡ କରାଯାଇଥିଲା। ସେହିପରି ଅଭିଯୁକ୍ତଙ୍କ ଠାରୁ ଜରିମାନା ଟଙ୍କା ସହ ସରକାରଙ୍କ ପକ୍ଷରୁ ଜିଲ୍ଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଡ. ଗାୟତ୍ରୀ ଦେବୀ ପରିଚାଳନା କରିଥିଲେ।

## ଓଲଟିଲା ଗୋରୁ ବୋଝେଇ କଣ୍ଟେନର; ୩୦ରୁ ଊର୍ଦ୍ଧ୍ୱ ଗୋରୁ ମୃତ

କୋଟପାଡ,୨୦।୧୨(ସମିସ): କୋରାପୁଟ ଜିଲା କୋଟପାଡ଼ରେ ଘୁମର ପଞ୍ଚାୟତ ପୂର୍ତ୍ତ ବିବାଗ ଜୟପୁରକୁ ସଂଯୋଗ କରୁଥିବା ରାସ୍ତା ଉପରେ ଏକ ଗୋରୁ ବୋଝେଇ କଣ୍ଟେନର ଓଲଟି ୩୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଛି। ଘୋଟଣା ସ୍ଥଳରୁ ଗାଡ଼ି ଡ୍ରାଇଭର ଫେରାର ହୋଇଯାଇଛି। ଖବରପାଇ କୋଟପାଡ଼ ଅଗ୍ନିଶମ ବିଭାଗ ଗାଡି ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଲାଇଥିବାବେଳେ ଆର୍‌ଏସ୍‌ଏସ୍‌ର କାର୍ଯ୍ୟକର୍ତ୍ତା, ଗୋରକ୍ଷକ ଦଳ, ଘୁମୋର ଗ୍ରାମବାସୀ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିଥିଲେ। ଗୋରୁ ଏହି ଅଞ୍ଚଳରୁ ପ୍ରତ୍ୟେକ ଦିନ ଏଭଳି କଣ୍ଟେନରରେ ଗୋରୁଚାଲାଣ ହେଉଥିବା କୋଟପାଡ଼ ପୁଲିସ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗୋରକ୍ଷକ ସଂଘ ଅଭିଯୋଗ କରିଛନ୍ତି।

### ● ଋଣ ପରିଶୋଧ ପରେ ମଧ ଜୋରଜବରଦସ୍ତ

## ୨ ଟ୍ରକ ନେଇଗଲା ଫାଇନାନ୍ସ ସଂସ୍ଥା, ଥାନାରେ ଅଭିଯୋଗ

ରାୟଗଡ଼ା, ୨୦।୧୨(ସମିସ): ଋଣ ପରିଶୋଧ ପରେ ମଧ ଜୋରଜବରଦସ୍ତ ଟ୍ରକ ନେଇଯିବା ଭଳି ଘଟଣାରେ ଥାନାର ଦ୍ୱାରସ୍ତ ହୋଇଛନ୍ତି ଟ୍ରକ ମାଲିକ। ରାୟଗଡ଼ା ସହରର ଜଣେ ଯୁବକ ବି.ରମେଶ ବିଶାଖାପାଟଣା ସ୍ଥିତ ସାଗର ଫାଇନାନ୍ସ ନାମକ ଏକ ଫାଇନାନ୍ସ କମ୍ପାନିରୁ ଋଣ ଆଣି ୩ଟି ଟ୍ରକ ଆଣିଥିଲେ। ଋଣ କିସ୍ତି ବାବଦରେ ମୂଳ ଓ ସୁଧ ମିଶାଇ ୭୬ଲକ୍ଷ ଟଙ୍କା ସାଗର ଫାଇନାନ୍ସରେ ପୈଠ ମଧ କରିଥିଲେ। ତେବେ ପରବର୍ତି ସମୟରେ ସମ୍ପୃକ୍ତ ଋଣ କମ୍ପାନୀ ରମେଶଙ୍କୁ ଆଉ ଅତିରିକ୍ତ ୫୦ଲକ୍ଷ ଋଣ ପରିଶୋଧ ବାବଦରେ ମାଗିଥିଲା। ହେଲେ କମ୍ପାନୀ ଠକୁଥିବା ନେଇ ରମେଶ ରାୟଗଡ଼ା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାକୁ ବିଚାର କରି ଡିସେମ୍ବର ୧୧ ତାରିଖରେ ମାମଲା ଫଇସଲା ନହେବା ପର୍ଯ୍ୟନ୍ତ ଗାଡ଼ି ଜବତ ନକରିବା ପାଇଁ ସମ୍ପୃକ୍ତ ସାଗର ଫାଇନାନ୍ସ କମ୍ପାନୀକୁ ନିର୍ଦ୍ଦେଶ ଜାରି କରିଥିଲେ। ତେବେ ସାଗର ଫାଇନାନ୍ସ କର୍ମଚାରୀ ଗିଁ ରୋଡ଼ରେ ରହୁଥିବା ରମେଶଙ୍କ ଡ୍ରାଇଭର ଘର ସମ୍ମୁଖରୁ ଦୁଇଟି ଟ୍ରକ ଜୋର ଜବରଦସ୍ତି ନେଇଯାଇଛନ୍ତି। ଡ୍ରାଇଭର ଓ ରମେଶ ସେମାନଙ୍କୁ ଅଟକାଇବାରୁ ସେମାନଙ୍କୁ ଧମକାଇଥିବା ନେଇ ରମେଶ ରାୟଗଡ଼ାଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସରେ ଏତଲା ଦିଆଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଏବଂ ରମେଶ ତାଙ୍କ ୨ଟି ଟ୍ରକ ଫେରି ପାଇନଥିବା କହିଛନ୍ତି। ଏନେଇ ରାୟଗଡ଼ା ଟାଉନ ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କୁ ପଚାରିବାରୁ ସମ୍ପୃକ୍ତ କମ୍ପାନୀକୁ ଥାନାରେ ହାଜର ହେବା ପାଇଁ ସୂଚନା ଦିଆଯାଇଛି, ସେମାନେ ଆସିଲେ ପ୍ରକୃତ ଘଟଣା ଜଣାପଡିବ ବୋଲି କହିଛନ୍ତି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ



କୋରାପୁଟ,୨୦।୧୨(ସମିସ): ସାମ୍ବାଦିକ ସୁନ୍ଦର କୁମାର ପାଣିଙ୍କ ବାପା ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ନରେଶ କୁମାର ପାଣିଙ୍କ ୭୮ ବର୍ଷ ବୟସରେ ପରଲୋକ ହୋଇଛି। ଗଜପତି ଜିଲ୍ଲା ସେରଙ୍ଗ ଗ୍ରାମରେ ଖ୍ରୀଷ୍ଟିଆନ ଧର୍ମ ରୀତିନୀତି ଅନୁଯାୟୀ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ୧୮ ତାରିଖ ରାତିରେ ହଠାତ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ହସପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ପାଣି ଛାତ୍ର ଜୀବନରୁ ସେବା ମନୋବୃତି ଥିବାରୁ ଶିକ୍ଷା ଲାଭ ପରେ ଦେଶ ସେବା କରିବାକୁ ଭାରତୀୟ ସେନା ବାହିନୀରେ ଯୋଗ ଦେଇଥିଲେ। ସେନା ବାହିନୀରେ ଦୀର୍ଘବର୍ଷ ନିୟୋଜିତ ଥିଲେ। ଅବସର ନେବା ପରେ ସେ କୋରାପୁଟ ଜିଲ୍ଲା ସୁନାବେଡ଼ା ଏସବିଆଇରେ ଚାକିରି କରିଥିଲେ।

## କୋଟିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ପଟ୍ଟାଙ୍ଗି,୨୦।୧୨(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ କୋଟିଆର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଯୋଗ ଦେଇଥିଲେ। ସେ ନିଜ ଅଭିଭାଷଣରେ ଉପଯୁକ୍ତ ଶିକ୍ଷା ହିଁ ସମାଜ ପ୍ରତି ଦାୟିତ୍ୱବୋଧର ଚେତନା ଆଣିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ କୋଟିଆ ସରପଞ୍ଚ ଲିୟୁଗେମେଲ, ଡିଡବଲ୍ୟୁଓ ସୁନୀଲ ତାଣ୍ଡି, ଗୋଷ୍ଠି ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ, ପ୍ରିନ୍‌ସିପାଲ ଓଏଭି କୋଟିଆ ପ୍ରତାପ ଖାଲକୋ, ବିଦ୍ୟାଳୟର ଏସଏମ୍‌ସି ସୀଙ୍ଗୁରୁ ଗେମେଲ୍, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଟ୍ଟାଙ୍ଗି ଅନିଲ ସେଠି ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁସ୍ମିତା ଭତରା ବାର୍ଷିକ ବିବରଣୀ ପଠନ କରିଥିଲେ। କାର୍ଯ୍ୟକ୍ରମରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ମୁଖ୍ୟବକ୍ତା ଶ୍ରୀ ନାୟକ ପ୍ରଧାନଶିକ୍ଷକଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତର କାର୍ଯ୍ୟନିର୍ଦ୍ଧାରଣରେ ଧୈର୍ଯ୍ୟ, ସାହସ ଓ ସଂଯମତାର ଆବଶ୍ୟକତା ଉପରେ ଆଲୋକପାତ କରି ଆଗାମୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ସୁଧୀର ଗୁଣ୍ଠା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ରୀନା ରନ୍ଧାରୀ, ରଂଜିତା ବରାଳ, ହେମନ୍ତ ସେନ, ନମିତା ପ୍ରଧାନ, ମୋତି ଦାସ, ସରୋଜ ଜେନା, ମୁକୁନ୍ଦ କିଣ୍ଡାଲ, ଗୌରୀଶଙ୍କର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଅଭିଶପ୍ତ ଗାଁ କାଉକୁଣ୍ଡ

# ନଦୀ ପାର ପାଇଁ ବାଜିରେ ଲାଗୁଛି ଜୀବନ

ବୈପାରୀଗୁଡା,୨୦।୧୨(ସମିସ): ଯାତାୟତ ପାଇଁ ରାସ୍ତା ନାହିଁ। ବିପଦ ସଂକୁଳ ଅବସ୍ଥାରେ ନଦୀ ପାର ହେଉଛନ୍ତି ଲୋକେ। କେବଳ ଯେ ସେତିକି ନୁହେଁ, ଶିକ୍ଷା, ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ ଭଳି ମୌଳିକ ସୁବିଧା ଏହି ଗାଁରେ ଆଜି ପର୍ଯ୍ୟନ୍ତ ପହଞ୍ଚି ନାହିଁ। ଏଠାରେ ସରକାରୀ ଯୋଜନା ସତେ ଯେମିତି ସାତ ସପନ। ସବୁ ସୁବିଧାରୁ ବଞ୍ଚିତ ହୋଇ ଗାଁ ଲୋକେ ଏକ ପ୍ରକାର ଅଭିଶପ୍ତ ଜୀବନ ଯାପନ କରୁଛନ୍ତି । କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଚିପାକୁର ପଂଚାୟତ କାଉକୁଣ୍ଡ ଗାଁରେ ଏଭଳି ଦେଖିବାକୁ ମିଳିଛି । କାଉକୁଣ୍ଡ ଗାଁ ଲୋକଙ୍କ ଦୁଃଖ ଧର୍ମଗାଡ ପାହାଡି ନଦୀ। ଏଠାରେ ବିପଦସଂକୁଳ ଅବସ୍ଥାରେ ପାର ହେଉଛନ୍ତି ଲୋକେ। ଏଠାରେ ନଦୀ ପାର ପାଇଁ ଜୀବନ ବାଜିରେ ଲାଗୁଛି । ଛାତିଏ ପାଣିରେ ପ୍ରବେଶ କରି ନଦୀ ପାର ହେଉଛନ୍ତି ଗ୍ରାମବାସୀ। ମହିଳା ହେଉ କି ପୁରୁଷ ହେଉ କିଏ ତ କାଖରେ କୁନି ଛୁଆକୁ ଧରି ପାର ହେଉଛି, ଆଉ କିଏ ତ ମୁଣ୍ଡରେ ଜିନିଷ ଧରି ପାଣି ସୁଅ କାଟି ଆଗକୁ ବଢୁଛି । ଏ ଚିତ୍ର କେବଳ ଆଜି ଗୋଟିଏ ଦିନର ନୁହଁ, ଏଭଳି ଦୀର୍ଘ ବର୍ଷ ଧରି ଅସୁବିଧା ସମ୍ମୁଖୀନ ହେଉଛନ୍ତି ଗାଁ ଲୋକେ। ବର୍ଷା ଋତୁ ଆସିଲେ ଏମାନଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଏ । ଏଠାରେ ଏମାନେ ଏକ ପ୍ରକାର ଜଳବନ୍ଦୀ ଜୀବନ ବିତାନ୍ତି । କାରଣ ଗାଁ କୁ ଗୋଟିଏ ପଟେ ଜଙ୍ଗଲ ଅନ୍ୟ ପଟେ ନଦୀ ଘାରିରହିଛି । ତଥାପି ବାଧ ହୋଇ ନଦୀ ପାର ହେବାକୁ ପଡେ। ଏହି ଧର୍ମଗାଡ ନଦୀରେ ପାର ସମୟରେ ଗାଁ ୨ ଜଣଙ୍କ ଜୀବନ ଯାଇଛି । ଜରୁରୀ କାଳୀନ ପରିସ୍ଥିତିରେ ଗର୍ଭବତୀ କିମ୍ବା ରୋଗୀଙ୍କୁ ବୁହାହୁଏ। କାଉକୁଣ୍ଡ ଗାଁ କୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ତ ନିର୍ମାଣ ହୋଇ ନଦୀ ପର୍ଯ୍ୟନ୍ତ ଯାଇଛି କିନ୍ତୁ ନଦୀରେ ପୋଲ ନିର୍ମାଣ ହୋଇ ପାରିନି । ଏଥିପାଇଁ ପୋଲ ପାଇଁ ଦାବୀ କରିଛନ୍ତି ଗାଁ ଲୋକେ। ନଦୀରେ ପୋଲ ନଥିବା ଯୋଗୁଁ ଶିକ୍ଷା, ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ଗମନଗମ ସୁବିଧା ଗାଁରେ ପହଞ୍ଚି ନାହିଁ। ଗାଁରେ ଦୀର୍ଘ ବର୍ଷ ଧରି ୩୦ରୁ ଅଧିକ କନ୍ଧ ପରିବାର



ବସବାସ କରିଆସୁଛନ୍ତି। ହେଲେ ଦୁଃଖର କଥା ସେମାନଙ୍କ ପାଖେ ସରକାରୀ ଯୋଜନା ପହଞ୍ଚିପାରିନାହିଁ। ଗାଁ ଲୋକେ ପାନୀୟ ଜଳ ପାଇଁ ନଦୀ ଉପରେ ଭରସା କରନ୍ତି। ରାତି ପାଇଲେ ଗାଁ ମହିଳା ଗରା ବାଲ୍ଟି ଧରି ପାଣି ପାଇଁ ନଦୀକୁ ବାହାରି ପୋଡ଼ନ୍ତି। ଗାଁରେ ନଳକୂଅ ଅଛି କିନ୍ତୁ ସେଥିରୁ ବାହାରୁଛି ଗଳିଆ ପାଣି। ଆଉ ଶିକ୍ଷା କଥା ନ କହିଲେ ଭଲ। ଗାଁ ରେ ଅଙ୍ଗନବାଡି କେନ୍ଦ୍ର ଗୃହ ଆର୍ଥିକ ବର୍ଷ ୨୦୧୫-୧୬ ଅନୁଯାଇ ନିର୍ମାଣ ଆରମ୍ଭ ହୋଇଛି କିନ୍ତୁ ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇ ପାରୁନାହିଁ। ଯୋ ଦ୍ୱାରାକି ବାଧ ହୋଇ ଅଙ୍ଗନବାଡି ଦିଦିଙ୍କ ଘର ପିଣ୍ଡା ରେ ୧୩ ଜଣ ପିଲାଙ୍କୁ ନେଇ କେନ୍ଦ୍ର ଚଲାଉଛନ୍ତି। ସେହିପରି ଗାଁ ରେ ଥିବା ପଢା ପିଲାଙ୍କ ସଂଖ୍ୟା କମ ଯୋଗୁଁ ୨୦୧୯ ମସିହାରେ ବିଦ୍ୟାଳୟ ବନ୍ଦ କଲା ଶିକ୍ଷା ବିଭାଗ କ୍ଷ ନିକଟରେ ୨ କିଲୋମିଟର ଦୂରରେ ଥିବା ବାଗଖଦ୍ରା ସ୍କୁଲ ସହ ଏହି କାଉକୁଣ୍ଡ ବିଦ୍ୟାଳୟକୁ ମିଶା ଯାଇଛି। ଜଙ୍ଗଲ ରାସ୍ତା ଯୋଗୁଁ ଗାଁର ପିଲାଙ୍କୁ ବିଦ୍ୟାଳୟ ପଠାଉନାହାନ୍ତି ଅଭିଭାବକ। ଏବେ ଏହି ଗାଁର ପ୍ରାୟ ୧୭ ପିଲା ଡ୍ରପ୍ ଆଉଟ ହୋଇ ଘରେ ରହି ଶିକ୍ଷାରୁ ବଞ୍ଚିତ ଅଛନ୍ତି ବୋଲି ଗାଁ ଲୋକେ କହିଛନ୍ତ। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ କର୍ମଚାରୀଙ୍କ ଗାଁକୁ କେବେ ଆସନ୍ତି ନାହିଁ । କହିବାକୁ ଗଲେ ଏଠାରେ ସରକାରଙ୍କ ସମସ୍ତ ପ୍ରକାର ମୌଳିକ ସୁବିଧା ଶିକ୍ଷା, ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ, ଗମନଗମନ ଆଦି ସୁବିଧା ଅପହଞ୍ଚ। ଏନେଇ ଆମେ ସରପଞ୍ଚ ରାଜୁ ଖିଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ନଦୀ ଉପରେ ପୋଲ ନିର୍ମାଣ ହେଲେ କାଉକୁଣ୍ଡ ଗାଁର ଉନ୍ନତି ହେବ। ଗାଁରେ ସବୁ ସୁବିଧା ପହଞ୍ଚି ପାରିବ। ବ୍ରିଜ ପାଇଁ ବୈପାରୀଗୁଡା ବିଡ଼ିଓ ଏବଂ କୋରାପୁଟ ଜିଲ୍ଲା ପ୍ରଶାସନ ନିକଟରେ ଉପସ୍ଥାପନା କରାଯାଇଛି। ଅତିଶୀଘ୍ର ବ୍ରିଜ କାମ ଆରମ୍ଭ ହେବ ବୋଲି ପ୍ରତିଶୃତି ମିଳିଛି । କିନ୍ତୁ କାମ ଆରମ୍ଭ ହେଉନି । ଅନ୍ୟପଟେ ଗାଁର କୃପା ଖରା, ଲକ୍ଷ୍ମଣ ଗୋଲରୀ ଖିଲ, ମାଣିକ ଖିଲ, ଦୌମତି ଖରା ପ୍ରମୁଖ ବ୍ରିଜ ନିର୍ମାଣ ପାଇଁ ଦାବି କରିଛନ୍ତି ।

ସକାଳ THE SAKALA



# ରାସ୍ତାକଡ଼ରେ ସାପ୍ତାହିକ ହାଟ ଯୋଗୁଁ ଧନଜୀବନ ହାନି



- ନିତିଦିନ ଗଡୁଛି ମୁଣ୍ଡ
- ପ୍ରଶାସନ-ପୁଲିସ ନିଦାବିଷ୍ଟ

ଆନନ୍ଦପୁର, ୨୦।୧୨ (ସମିସ): ଆନନ୍ଦପୁର-ଭଦ୍ରକ-କରଞ୍ଜିଆ ୫୩ ନମ୍ବର ରାଜ୍ୟ ରାଜପଥ ଏବଂ ୨୦ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ସାପ୍ତାହିକି ହାଟ ଓ ଦୈନିକ ବଜାର ଯୋଗୁଁ ନିତି ପ୍ରତିଦିନ ଦୁର୍ଘଟଣା ହୋଇ ଧନଜୀବନ ହାନି ହେଉଛି। ଏହି ସବୁ ହାଟଗୁଡିକୁ ସରକାରୀ ଭାବେ ପଞ୍ଚାୟତ ଓ ପୌରପାଳିକା ବର୍ଷକୁ ବର୍ଷ ନିଲାମ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏହାକୁ ବାରଣ କରାଯାଉନାହିଁ। ରାସ୍ତା ପାର୍ଶ୍ୱରୁ ଏହି ସାପ୍ତାହିକ ହାଟ ଓ ବଜାର ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସଚେତନ ନାଗରିକମାନେ ଦାବି କରିଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହେଉଛି। ଜଙ୍ଗଲିଆ ଘାଟି ରାସ୍ତା ଇଉଟର୍ନ ଭଳି ବାଙ୍କ ରାସ୍ତା ନୂଆକରି ଆସୁଥିବା ଡ୍ରାଇଭରଙ୍କ ଅଜ୍ଞତା ଏବଂ ନିଶା ଖାଇ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ହେଉଥିବା ବେଳେ ରାସ୍ତା କଡ଼ରେ ହାଟ ଅନ୍ୟ ଏକ କାରଣ ବୋଲି କୋଳିମାଟି ନିକଟରେ ହୋଇଥିବା ସିରିଜ ଦୁର୍ଘଟଣା ଜ୍ୱଳନ୍ତ ଉଦାହରଣ ସାଜିଛି। ରାସ୍ତା କଡ଼ରେ ସାପ୍ତାହିକି ହାଟ ଯୋଗୁଁ ଅତ୍ୟନ୍ତ ବିପଦସଙ୍କୁଳ ପାଲଟିଛି ୨୦ ନମ୍ବର ଜାତୀୟ ରାଜପଥ। ପର୍ଯ୍ୟଟନ ଋତୁରେ ପ୍ରତିବର୍ଷ ତୀର୍ଥଯାତ୍ରୀ ଗୁରୁତର ହୋଇପଡୁଛନ୍ତି। ଧନଜୀବନ ହାନି ହେଉଥିବାରୁ ଉତ୍ତେଜନା ପ୍ରକାଶ ପାଇବା ସହିତ ପୋଡାଜଳା ହୋଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇଯିବା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏଠାରେ ଓଭରବ୍ରିଜ୍ ନିର୍ମାଣ ଦାବିରେ ସ୍ଥାନୀୟ ଲୋକ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

## ମହୋତ୍ସବ ସଭାରେ ଉଠିଲା ଆନନ୍ଦପୁର ଜିଲ୍ଲା ପ୍ରସଙ୍ଗ

# ଡବଲ୍ ଇଞ୍ଜିନ୍ ସରକାର ଥାଇ ହେଉନି କାହିଁକି ?

ଆନନ୍ଦପୁର, ୨୦।୧୨(ସମିସ): ଅବିଭକ୍ତ କେନ୍ଦୁଝର ଜିଲ୍ଲାର ସର୍ବବୃହତ ଆନନ୍ଦପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ପ୍ରସଙ୍ଗ ଉଠାଇଛନ୍ତି କଂଗ୍ରେସ ନେତା ଜୟଦେବ ଜେନା। ବାଣିଜ୍ୟ ମହୋତ୍ସବ ସାଧାରଣ ସଭାରେ ବିଶିଷ୍ଟ ଅତିଥି ଭାବେ ସେ ଏନେଇ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଉପରେ ପ୍ରଶ୍ନ ଉଠାଇଥିଲେ। ବିଜେପି ନେତା ଦୁଇବର୍ଷ ପୂର୍ବରୁ ଜିଲ୍ଲା ଆନ୍ଦୋଳନରେ ସାମିଲ ହୋଇଥିଲା ବେଳେ ଏବେ ଶାସନ ଡୋରି ନିଜ ହାତରେ ଥାଇ ହୋଇପାରୁନି କାହିଁକି? ବୋଲି ପ୍ରଶ୍ନ କରିଥିଲେ। ଆନନ୍ଦପୁର କଲେଜକୁ ସ୍ୱୟଂଶାସିତ ଦାବି ପୂରଣ ହେଉନି। ଆନନ୍ଦପୁରକୁ ରେଳପଥ ସଂଯୋଗ କେନ୍ଦ୍ର ସରକାରଙ୍କ ହାତରେ ଡବଲ ଇଂଜିନ ସରକାର ଥାଇ ମଧ୍ୟ ହୋଇପାରୁ ନଥିବାରୁ ରାଜ୍ୟରେ ବିଜେପି ସରକାର କେତେ ପାରଙ୍ଗମ ସେନେଇ କଟାକ୍ଷ କରିଥିଲେ। ଆନନ୍ଦପୁର ଉପଖଣ୍ଡ କ୍ରମାଗତ ଅବହେଳାର ଶିକାର ହେଉଥିବାରୁ ଜିଲ୍ଲା ମାନ୍ୟତା ଦାବିକୁ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ୧୯୯୩ରେ ଜିଲ୍ଲା ପୁନର୍ଗଠନରେ ଆନନ୍ଦପୁର ବାଦ୍ ପଡ଼ିଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବର୍ତ୍ତମାନ ପ୍ରସ୍ତାବିତ ପୁନର୍ଗଠନ ପ୍ରକ୍ରିୟାରେ ଆନନ୍ଦପୁରବାସୀ ବେଶ୍ ଆଶାବାଦୀ। କେନ୍ଦୁଝରର ସଦର ମହକୁମାଠାରୁ ଆନନ୍ଦପୁର ପ୍ରାୟ ୧୫୦ କିମି ଦୂରତାରେ ଅବସ୍ଥିତ।



ପ୍ରଶାସନିକ କ୍ଷେତ୍ରରେ ସ୍ୱାଭାବିକ ଭାବରେ ସମନ୍ୱୟର ଅଭାବ ପରିଲକ୍ଷିତ ହୁଏ। ଲୋକସଂଖ୍ୟା ଦୃଷ୍ଟିରୁ କେନ୍ଦୁଝର ଜିଲ୍ଲା ରାଜ୍ୟର ସପ୍ତମ ବୃହତ ଏବଂ ଭୌଗୋଳିକ ଆୟତନ ଦୃଷ୍ଟିରୁ ଚତୁର୍ଥ ବୃହତ ଜିଲ୍ଲା। ସମ୍ପ୍ରତି ଆନନ୍ଦପୁର ଉପଖଣ୍ଡ ତିନିଟି ବ୍ଲକ ତଥା ତିନିଟି ତହସିଲ ଓ ପୌର ପରିଷଦ ସମେତ ୭୩ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ହୋଇଛି। ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଆନନ୍ଦପୁରକୁ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବରେ ଘୋଷଣା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଆସୁଛି ଓ ନୂତନ ଜିଲ୍ଲା ପୁନଃଗଠନ ବେଳେ ଆନନ୍ଦପୁରକୁ ଜିଲ୍ଲା ମାନ୍ୟତା ଦେବା ପାଇଁ ଦାବି ହୋଇଥିଲା। ସେହିଭଳି ଆନନ୍ଦପୁରରେ ଅତିରିକ୍ତ ପରିବହନ ବିଭାଗ ଓ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଖୋଲିବାର ଆବଶ୍ୟକତା ରହିଛି। ଆନନ୍ଦପୁରକୁ ନୂତନ ଜିଲ୍ଲା ମାନ୍ୟତା ଦିଆ ନ ଗଲେ ଆଗାମୀ ଦିନରେ ଏହି ଦାବିନେଇ ବ୍ୟାପକ ଜନ ଆନ୍ଦୋଳନ କରାଯିବାକୁ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ।

# ବଡ଼ବିଲ ମହୋତ୍ସବ ପ୍ରସ୍ତୁତି



ବଡ଼ବିଲ,୨୦।୧୨(ସମିସ): ୨୬ତମ ବଡବିଲ ମହୋତ୍ସବ ପାଇଁ ଟାଉନ ହଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆସନ୍ତା ୨୦୨୬-ଜାନୁଆରୀ ୨୯, ୩୦, ୩୧ ଓ ଫେବୃୟାରୀ ୧ ତାରିଖ ୪ ଦିନ ଧରି ଏହି ସାଂସ୍କୃତିକ ମହୋତ୍ସବ ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ପୌରନିର୍ବାହୀ ଅଧିକାରୀ ତଥା କୋର୍ କମିଟି ସମ୍ପାଦକ ରମେଶଚନ୍ଦ୍ର ନାୟକ ଗତବର୍ଷ ଆୟୋଜିତ ମହୋତ୍ସବର ବିସ୍ତୃତ ବିବରଣୀ ପାଠ କରିବା ସହ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ବିଭିନ୍ନ ନାଗରିକଙ୍କ ମତ ଆହ୍ୱାନ କରାଯିବା ପରେ ଆଗାମୀ ମହୋତ୍ସବରେ ଚାରି ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁଷ୍ପ ଓ ପନିପରିବା ପ୍ରଦର୍ଶନୀ, ଆଞ୍ଚଳିକ ନୃତ୍ୟ, ଅନ୍ୟ ରାଜ୍ୟର ନୃତ୍ୟ ଓ ସଙ୍ଗୀତ ପରିବେଷଣ, ସ୍କୁଲ ପିଲା ଓ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆଦିର ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ନଗରପାଳ ଲକ୍ଷ୍ମଣ ମହାନ୍ତ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବେନ୍ଦ୍ରନାଥ ପିଙ୍ଗୁଆ, ସାମାଜିକ କର୍ମୀ ବିଜୟ ମହାନ୍ତି, ମହୋତ୍ସବ ପାଳନ ସମିତି କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଗୁପ୍ତ ପ୍ରସାଦ ଯାଦବ, ସମ୍ପାଦକ ନୀଳମଣି ମହାନ୍ତ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଜଙ୍ଗଲ ଜମିରେ ଘର ନିର୍ମାଣ କାର୍ଯ୍ୟ ବନ୍ଦ

ତୁରୁମୁଙ୍ଗା, ୨୦।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଧୀନ ଚେମେଣା ଆରଆଇ ସର୍କଲ ୪୯ ନମ୍ବର ନମ୍ବର ଜାତୀୟ ରାଜପଥ କଡ଼ ଚେମଣାଠାରେ ଥିବା ଏକ ଜଙ୍ଗଲ ଜମିରେ ଚେମଣା ଗ୍ରାମର ଜଣେ ବ୍ୟକ୍ତି ଘର ତିଆରି କରୁଥିବା ସମୟରେ ବନ ବିଭାଗ ଘର କାମକୁ ବନ୍ଦ କରିଛି। ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାରଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବନରକ୍ଷୀ ଡଲିରାଣୀ ସାହୁ, ଅନିତା ସାହୁ, ଅନନ୍ୟା ପ୍ରିୟଦର୍ଶିନୀ ନାୟକ ଏବଂ ପାରଷ୍ଟାଫ ଘଟଣାସ୍ଥଳରେ ପହଞ୍ଚି କାମକୁ ବନ୍ଦ କରିଛନ୍ତି। ଏଥିସହ ଏସିଏଫ ଡକ୍ଟର ସୁଦୀପ୍ତ ପଣ୍ଡା ତହସିଲଦାରଙ୍କୁ ଏ ବାବଦରେ ଜଣାଇଛନ୍ତି।

# ପତ୍ନୀହନ୍ତାକୁ କାରାଦଣ୍ଡାଦେଶ ଓ ଜରିମାନା

ଚମ୍ପୁଆ, ୨୦।୧୨(ସମିସ): ଏକ ପତ୍ନୀ ହତ୍ୟା ମାମଲାର ବିଚାର କରି ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରଣୟ କୁମାର ଦାସ ଆସାମୀକୁ ୫ ବର୍ଷ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଚମ୍ପୁଆ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଦୀପକ କୁମାର ମହାନ୍ତ ଉକ୍ତ ଗ୍ରାମର ଭାଗୀରଥି ମହାନ୍ତଙ୍କ ଝିଅ ଶାନ୍ତିଲତା ମହାନ୍ତଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ଦୀପକ ମହାନ୍ତଙ୍କ ପରକୀୟା ପ୍ରୀତିକୁ ଶାନ୍ତିଲତା ବିରୋଧ କରିବାରୁ ଦୀପକ ଶାନ୍ତିଲତାର ତଣ୍ଟି ଚିପି ହତ୍ୟା କରିବା ପରେ ଶବକୁ ଏକ ପିକଅପ ଗାଡ଼ିରେ ଚମ୍ପୁଆ ଡାକ୍ତରଖାନା ଆଣିଥିଲେ ହେଁ ସେଠାରେ ଡାକ୍ତର ଶାନ୍ତିଲତାକୁ ମୃତ ଘୋଷଣା କରିଥିଲେ। ଏନେଇ ଚମ୍ପୁଆ ଥାନାରେ ମାମଲା କରାଯାଇଥିଲା। ମାମଲାର ବିଚାର ସହ ୧୫ ଜଣ ସାକ୍ଷୀଙ୍କ ବୟାନ, ଡାକ୍ତର ମାଇନା ରିପୋର୍ଟକୁ ଆଧାର କରି ଆସାମୀ ଦୀପକ ମହାନ୍ତକୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ୬ ମାସ କାରାଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ମଧୁସୂଦନ ପତି ମାମଲା ପରିଚାଳନା କରିଥିଲେ।

## ସପ୍ତମ ବାର୍ଷିକ ଫୁଟବଲ୍ ଆରମ୍ଭ

କେନ୍ଦୁଝର, ୨୦।୧୨(ସମିସ): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଶଗଡ଼ପଟା ପଞ୍ଚାୟତ ତେନ୍ତୁଳିପୋଶି ଗ୍ରାମରେ ମାରାଙ୍ଗବୁରୁ ମାର୍ଶାଲ ଆସେସିଏସନ୍ ମିତଲ ପୁସ୍ କ୍ଲବ ପକ୍ଷରୁ ତିନିଦିନିଆ ସପ୍ତମ ବାର୍ଷିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ଅଞ୍ଚଳର ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ ଶଗଡପଟା ସରପଞ୍ଚ କୁମ୍ଭକର୍ଣ୍ଣ ଦଣ୍ଡପାଟ, ସମ୍ମାନିତ ଅତିଥି ପ୍ରଫୁଲ୍ଲ ପାତ୍ର, ବଳରାମ ନାଏକ, ସୁଧିର ନାଏକ, ସମାଜସେବୀ ପ୍ରତାପଚନ୍ଦ୍ର ରାଉତ, ପୂର୍ବତନ ବିଜେପି ମଣ୍ଡଳ ସଭାପତି ପୁରେନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ୍ ସଭାପତି ବସନ୍ତ ହେମ୍ବ୍ରମ ସମ୍ପାଦକ ବିରାମ ହେମ୍ବ୍ରମ ଅତିଥିମାନଙ୍କୁ ସ୍ୱାଗତ କରି ଖେଳ ପରିଚାଳନା କରିଥିଲେ।

## ୫୫ ଫୁଟ ପଛକୁ, ୫ ଫୁଟ ଉପରକୁ ଉଠିଲା ଛାତଘର

ତୁରୁମୁଙ୍ଗା, ୨୦।୧୨(ସମିସ): ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଏକ ବିରାଟ ଛାତଘର ଭୂଇଁରୁ ୫ ଫୁଟ ଉପରକୁ ଉଠାଯାଉଥିବା ସହ ୫୫ ଫୁଟ ପଛକୁ ମଧ୍ୟ ଅଣାଯାଉଛି। ଜେକ ଓ ଆଧୁନିକ ଜ୍ଞାନକୌଶଳ ସହାୟତାରେ ଘରକୁ ଉପରକୁ ଉଠାଯିବା ସହ ୫୫ ଫୁଟ ତଳ ପଛକୁ ଯାଇପାରୁଛି। ୨୨୦ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ହେବାକୁ ଥିବା ବେଳେ ରାସ୍ତାକଡ଼ରେ ଥିବା ଘରକୁ ନ ଭାଙ୍ଗି ଏଭଳି ଭାବରେ ପଛକୁ ନେଉଛନ୍ତି। କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ୨୨୦ ନମ୍ବର ଜାତୀୟ ରାଜପଥ କଡ଼ର ଧାନବେଣୀଠାରେ ଥିବା ସୁମନ୍ତ ମହାନ୍ତଙ୍କ ଏକ ବିରାଟ ଛାତଘରକୁ ଏଭଳି କରାଯାଇପାରିଛି। ଏଥିପାଇଁ ସେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ସହ ହରିୟାଣାର ଏଚଏସବିଏଲ ନାମକ ହାଉସ ସିଫଟିଂ କମ୍ପାନୀ ଦ୍ୱାରା ଏଭଳି ଘରକୁ ଅନ୍ୟତ୍ର ସ୍ଥାନାନ୍ତର କରୁଛନ୍ତି। ଘରକୁ ସ୍ଥାନାନ୍ତର ପାଇଁ ମୋଟ ୨୦୦ଟି ଜେକ୍ ଲାଗିଥିବା ବେଳେ ଏକ ମାସ ଧରି ୬ ଜଣ ଶ୍ରମିକ କାର୍ଯ୍ୟ କରୁଛନ୍ତି। ୧୨୦୦ ବର୍ଗଫୁଟ ୬ଟି ରୁମକୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ସେ ପଛକୁ ନେଉଛନ୍ତି। ସୁମନ୍ତ ୧୦ ବର୍ଷ ପୂର୍ବରୁ ଏହି ଛାତଘରଟିକୁ ପାଖାପାଖି ୧୬ ଲକ୍ଷ ଟଙ୍କା ଖର୍ଚ୍ଚ କରି ତିଆରି କରିଥିଲେ। ଏବେକାର ବଜାର ଦର ଅନୁସାରେ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ସହ ପୁନର୍ବାର ସେହିଭଳି ଘର




ନିର୍ମାଣ କରିଥିଲେ ଆନୁମାନିକ ମୋଟ ୪୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାନ୍ତା। ମାତ୍ର ଆଧୁନିକ ଜ୍ଞାନକୌଶଳରେ ସେ ବର୍ତ୍ତମାନ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ପୁରା ଘରକୁ ୫୫ ଫୁଟ ପଛକୁ ଏବଂ ୫ ଫୁଟ ଉପରକୁ ଉଠାଉଛନ୍ତି। ସୁମନ୍ତ ବେଙ୍ଗାଲୁରୁରେ ପେଷ୍ଟିଜ କମ୍ପାନୀରେ ସେଫଟି ଅଫିସର ଅଛନ୍ତି। ୟୁଟ୍ୟୁବରୁ ଏଭଳି ଘରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦେଖି କମ୍ପାନୀ ସହ ଯୋଗାଯୋଗ କରି ଘରକୁ ସ୍ଥାନାନ୍ତର କରିପାରୁଥିବା କହିଛନ୍ତି।

## ଜିଲ୍ଲା ଜଳ ବିଭାଜିକା ମହୋତ୍ସବ ପ୍ରସ୍ତୁତି

କେନ୍ଦୁଝର, ୨୦।୧୨(ସମିସ): ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣଙ୍କ ନେତୃତ୍ୱରେ ମିନି କନଫରେନ୍ସ ହଲରେ ଜଳ ବିଭାଜିକା ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା ମାଧ୍ୟମରେ କାର୍ଯକାରୀ ହେଉଥିବା ଜଳ ବିଭାଜିକା ବ୍ଲକ ପାଟଣା, ଘଟଗାଁ, ବାଂଶପାଳ, ତେଲକୋଇରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଜଳ ବିଭାଜିକା ବ୍ଲକସ୍ତରୀୟ ସଚେତନତା ଶିବିର, ପ୍ରାକୃତିକ ସମ୍ପଦର ସୁପରିଚାଳନା ଓ ସୁବିନିଯୋଗ ତଥା ଜଳର ସଂରକ୍ଷଣ ସମ୍ବନ୍ଧୀୟ ଆଲୋଚନାଚକ୍ର କରାଯିବ। ଜାନୁଆରୀରେ ହେବାକୁ ଥିବା ଏହି ମହୋତ୍ସବରେ ଶ୍ରମଦାନ, ବୃକ୍ଷରୋପଣ, ନୂତନ ପ୍ରକଳ୍ପ ଲୋକାର୍ପଣ ସହ ନୂତନ ପ୍ରକଳ୍ପର ଭୂମିପୂଜନ ଭଳି କାର୍ଯକ୍ରମର ବ୍ୟବସ୍ଥା ରହିଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା, ଅଶୋକ ସେନାପତି ସୂଚନା ଦେଇଛନ୍ତି। ସୋସିଆଲ ମିଡ଼ିଆ ପ୍ରତିଯୋଗିତା ବିଷୟରେ ଆଲୋଚନା ହେଇଥିଲା। ବୈଠକରେ ଜିଲ୍ଲା କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ, ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ ଚନ୍ଦ୍ରଶେଖର ରଥ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ ସୁକାନ୍ତ ସାହୁ, ଜିଲ୍ଲା ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ ପ୍ରମୋଦ ରାଉତ, ସହକାରୀ ନିର୍ଦ୍ଦେଶକ ଜଳ ବିଭାଜିକା ପ୍ରଦୀପ ରାଉତ ଯୋଗ ଦେଇଥିଲେ।

## ଢେଙ୍କା ଅଞ୍ଚଳରେ ବୁଲୁଛି ନରହନ୍ତା ଦନ୍ତା

ହାଟଡ଼ିହୀ/ଆନନ୍ଦପୁର, ୨୦।୧୨(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର, ଢେଙ୍କା ନିକଟରେ ଆଜି ସକାଳୁ ସକାଳୁ ଏକ ନରହନ୍ତା ଦନ୍ତା ବୁଲିଥିବା ଦେଖି ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ବନବିଭାଗ ହାତୀଟିକୁ ଜଙ୍ଗଲ ଭିତରକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଥିବା ବେଳେ ଶହ ଶହ ଲୋକ ହାତୀ ପଛରେ ଥିବାରୁ ବନବିଭାଗ ଏବଂ ପୁଲିସ ପକ୍ଷରୁ ଲୋକଙ୍କୁ ହାତୀ ନିକଟକୁ ନଯିବାକୁ ବାରଣ କରାଯାଉଛି। ଦନ୍ତାହାତୀଟି ବିଦ୍ୟାଧରପୁର ନିକଟରୁ ବାହାରି ଢେଙ୍କା, ସଙ୍ଗମ, ପୁରୁଣାପାଣି, ଡ଼ଙ୍ଗାତୁଆ ଆଦି ଜନବସତି ଦେଇ ବଉଳା ପାହାଡ଼ କଡ କଡ଼ ଯାଇଛି। ହାତୀଟି ଗତକାଲି ବାଲେଶ୍ୱର ଜିଲ୍ଲା ଖଇରା ଅଞ୍ଚଳରେ ଜଣେ ବୃଦ୍ଧଙ୍କୁ ମାରିଥିବା ସୂଚନା ମିଳିଛି। ଲୋକେ ହାତୀଟିକୁ ଦେଖିବା ଏବଂ ଗତକାଲିର ଏଭଳି ସୂଚନା ପାଇବା ପରେ ଭୟଭୀତ ହୋଇପଡ଼ିଛନ୍ତି। ହାତୀଟି ହଦଗଡ଼ ଅଭୟାରଣ୍ୟ ଅଞ୍ଚଳରେ ଘୂରି ବୁଲୁଥିବା ବେଳେ ବନବିଭାଗ ହାତୀ ଉପରେ ତୀକ୍ଷ୍ଣ ନଜର ରଖିଛି। ହଦଗଡ଼ ରେଞ୍ଜର ମାର୍ଶାଲ କିସ୍କୁ ଓ ବନ ବିଭାଗ କର୍ମଚାରୀ ହାତୀଟିକୁ ଜଙ୍ଗଲ ଭିତରକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଥିବା ବେଳେ ଶହ ଶହ ଲୋକ ହାତୀ ପଛରେ ଥିବାରୁ ପୁଲିସ ପକ୍ଷରୁ ଲୋକଙ୍କୁ ହାତୀର ନିକଟତର ନହେବାକୁ ବାରଣ କରାଯାଉଛି।



# ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ





କେନ୍ଦୁଝର, ୨୦।୧୨(ସମିସ): କେନ୍ଦୁଝରର ପୁରୁଣା ବଜାରସ୍ଥିତ ଟାଉନ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ୫୮ତମ ସଂସ୍କରଣ ଦୁଇଦିନ ଧରି ଷ୍ଟାଡିୟମ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁର ସଭାପତି ସୁଶ୍ରୀ ସଂଯୁକ୍ତା ମହାନ୍ତି ଏବଂ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣ କୁମାର ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀ ସାହୁ ସଭା ପରିଚାଳନା କରିଥିଲେ। ପରେ ଛାତ୍ରୀମାନେ ନଗର ଭବନ ନିକଟସ୍ଥ ଷ୍ଟାଡିୟମକୁ ଯାଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଦ୍ୟାଳୟ ପ୍ରାଙ୍ଗଣରେ ଉଦଯାପନୀ ସମାରୋହରେ ସଦର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଓଁକାର ଅନ୍ୱେଷ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ତହସିଲଦାର କୀର୍ତ୍ତନ ବିହାରୀ ଓଝା, ସଂଯୁକ୍ତା ମହାନ୍ତି ଏବଂ ପୂର୍ଣ୍ଣଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ଧ୍ୱଜା ଅବତରଣ ପରେ ଛାତ୍ରୀଙ୍କ ଦ୍ୱାରା ଏକ ଅଭିନବ ଯୋଗ ପ୍ରଦର୍ଶନୀ କରାଯାଇଥିଲା। ଶିକ୍ଷକ ପ୍ରକାଶ ରଞ୍ଜନ ମହାନ୍ତ, ଦେବେନ୍ଦ୍ର ସେଠୀ, ଶିକ୍ଷୟିତ୍ରୀ ମମତା ହାଜରା, ଧରିତ୍ରୀ ନାୟକ, ରଜନୀ ବୋଦ୍ରା, ଅର୍ପିତା ମହାନ୍ତି, କର୍ମଚାରୀ ଗଙ୍ଗାଧର ସାହୁ ତଥା ସ୍ଥାନୀୟ ଧରଣୀଧର ବିଶ୍ୱବିଦ୍ୟାଳୟରୁ ପ୍ରାକ୍ଟିସିଙ୍ଗ ଟିଚିଂ ପାଇଁ ଆସିଥିବା ବିଏଡ଼ ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

**ଆନନ୍ଦପୁର:** ଘସିପୁରା ବ୍ଲକ ଶାମୁକାନେଣ୍ଡି ପଞ୍ଚାୟତ ବରବାହାଲି ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚିନ୍ତାମଣି ପାଗଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆରସିସି ଜଗନ୍ନାଥ ଜେନା, ମୁଖ୍ୟବକ୍ତା ଭାବେ ଶିକ୍ଷକ ଓପିଟିଏ କେନ୍ଦୁଝର ଜିଲ୍ଲା ସଭାପତି ଦିଲୀପ ରାଉତ, ସମ୍ମାନିତ ଅତିଥି ଭାବେ ଖାଳିଆମେଣ୍ଟା ସିଆରସିସି ଜଗନ୍ନାଥ ଜେନା, ସରପଞ୍ଚ, ସମିତିସଭ୍ୟ, ପିଇଓ, ଏଡିଇଓ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ କମିଟିର ଅଧ୍ୟକ୍ଷ ରାମ ହାଂସଦା, ସଦସ୍ୟ ରବି ମୁର୍ମୁ, ପ୍ରିତମ ମୁର୍ମୁ, ଜଗତା ସୋରେନ, ଜିତୁ ହାଁସଦା ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦୀପ୍ତିରଞ୍ଜନ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ପ୍ରମୋଦ ବିଶ୍ୱାଳ, ରୀନା ଜେନା, ସୁଶ୍ରୀ ସୋନାଲି ବେହେରା ସଭା ପରିଚାଳନା କରିଥିଲେ।

ସେହିପରି ଘସିପୁରା ବ୍ଲକ ଅନ୍ତର୍ଗତ ଗୋହିରା ପଞ୍ଚାୟତ ତ୍ରିଲୋଚନପୁର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ବିଦ୍ୟାଳୟ ପଡ଼ିଆରେ ପ୍ରଧାନଶିକ୍ଷକ ଧନୁର୍ଜୟ ମହାନ୍ତଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରତିଯୋଗିତା ଚାଲିଥିଲା। ଉଦଯାପନୀ ଉତ୍ସବରେ ଅମରେଶ ପ୍ରସାଦ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ପରିଚାଳନା କମିଟି ସଭାପତି ଯମୁନା ନାଇକ, ଜଗମୋହନ ସାହୁ, ଉଡାନ୍ ହାଁସଦା, ଦୈତାରୀ ମହାକୁଡ଼, ମିର୍ଜା ହାଁସଦା, ପିତାମ୍ବର ମୁର୍ମୁ, ମାନସ ପାତ୍ର, ରାକେଶ ମହାନ୍ତି ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ପାତ୍ର, ଅପର୍ଣ୍ଣା ପାତ୍ରଙ୍କ ସଂଯୋଜନାରେ ଶିକ୍ଷକ ରାଜକିଶୋର ମଳିକ, ଅନୁପମା ରାଉତ, ସବିତା ରାଉତ, ମମତାମୟୀ ରାଉତ, କନକଲତା ବେହେରା, ଗୀତାରାଣୀ ଜେନା, ସତ୍ୟବତୀ ପାତ୍ର ପରିଚାଳନା କରିଥିଲେ। ଶ୍ରୀଧର ଚକ୍ର, ପଦ୍ମଲୋଚନ ରାଉଳ, ରମେଶ ବରାଳ, ପ୍ରଦୀପ ଚକ୍ର, ଜଗବନ୍ଧୁ ବେଜ, ଅନାମ ନାୟକ, ଦୁଲଣି ଟୁଡୁ, ଜାନକୀ ନାୟକ, ଲିଲିମା ନାଇକ, ଜ୍ୟୋତ୍ସ୍ନାରାଣୀ ମହାନ୍ତି, ବନ୍ଦିନି ରାଉତ, ତୃପ୍ତିମୟୀ ବେଜ୍ ସହଯୋଗ କରିଥିଲେ।

ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଏମ୍ଏମ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ସଭାପତି ଅସିତ କୁମାର ପଳେଇ ଏହି କ୍ରୀଡ଼ା ଉତ୍ସବର ଶୁଭାରମ୍ଭ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ଆସନ୍ତା ସରସ୍ୱତୀ ପୂଜା ଦିନ କରାଯିବ।

ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡ଼ାସ୍ଥିତ ବଳରାମ ଧୀର ସରକାରୀ ଉଚ୍ଚବିଦ୍ୟାଳୟର ୩୯ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଛି। ଉଦଘାଟନୀ ଉତ୍ସବରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବବ୍ରତ ପଟ୍ଟନାୟକ ବାର୍ଷିକ କ୍ରୀଡ଼ା ପତାକା ଉତ୍ତୋଳନ କରିବା ପରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳଚନ୍ଦ୍ର ମହାପାତ୍ର ଓ ବରିଷ୍ଠ କ୍ରୀଡ଼ା ଶିକ୍ଷକ ସୁରେଶ ଭୂୟାଁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ଉଦଯାପନୀ ଉତ୍ସବରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କାର୍ତ୍ତିକ ପ୍ରସାଦ ଶତପଥୀ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବବ୍ରତ ପଟ୍ଟନାୟକ, ସମ୍ମାନିତ ଅତିଥି ଅଳତୀ ସିଆରସିସି ସଂଜୀବ ବେହେରା ଯୋଗ ଦେଇଥିଲେ। ନାରାୟଣ ଦାସ, ଦେବପ୍ରସାଦ ସାହୁ, ବିଶ୍ୱଜିତ ଖୁଣ୍ଟିଆ, ବିଶିକେଶନ ଭୁୟାଁ, ଅତିଶ୍ ଜେନା, ଲକ୍ଷ୍ମୀପ୍ରିୟା ସାହୁ, ବାସନ୍ତୀ ରଣା ଓ ଶୁଭ୍ରଜ୍ୟୋତି ଧୀର ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଲକ୍ଷ୍ମୀଧର ରାଉତ ସହଯୋଗ କରିଥିଲେ।

**ତେଲକୋଇ:** ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ମଧୁସୁଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ୟାମଘନ ଡାଙ୍ଗୁଆଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ସରକାରୀ ଉଚ୍ଚବିଦ୍ୟାଳୟ ରାଇସୁଆଁର ପ୍ରଧାନଶିକ୍ଷକ ହୃଦାନନ୍ଦ ସାହୁ ଯୋଗ ଦେଇଥିଲେ। ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର ଖେଳରେ ଅଂଶଗ୍ରହଣ କରିଥିଲେ। ସିନିୟର୍ ବର୍ଗ ବାଳକରେ ରୁଦ୍ରନାରାୟଣ ନାଏକ, ବାଳିକା ବର୍ଗରେ ପ୍ରତିମା ନାଏକ, ଜୁନିୟର ବର୍ଗ ବାଳକରେ ମିଳନ ଦେହୁରୀ, ବାଳିକା ବର୍ଗରେ ପୁଷ୍ପାଞ୍ଜଳି ମୁଣ୍ଡା ଓ ସବଜୁନିୟର ବାଳକରେ ରାଜା ଦେହୁରୀ, ବାଳିକା ବର୍ଗରେ ସଞ୍ଜନା ଦେହୁରୀ ଚାମ୍ପିଅନ ହୋଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ପାପୁନ ମହାନ୍ତ, ଧର୍ମେନ୍ଦ୍ର ଦାସ, ହୃଷୀକେଶ ନାଏକ, ସତ୍ୟକୃଷ୍ଣ ଦାସ, ଭରତଚନ୍ଦ୍ର ଦଳେଇ ପରିଚାଳନା କରିଥିଲେ। ଶୁଭାଶିଷ ଜେନା, ଚନ୍ଦ୍ର ଶେଖର, ଯଦୁମଣି ନାଏକ, କଳ୍ପନା ସୁନା, ବିଜୟ କୁମାର ସେଠୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବନବିଭାଗର ଗଜସାଥୀ ପ୍ରଶିକ୍ଷଣ



ଆନନ୍ଦପୁର, ୨୦।୧୨ (ସମିସ): ଆନନ୍ଦପୁର ବନଖଣ୍ଡଠାରେ ଗଜସାଥୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବନାଧିକାରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଗଜ ପ୍ରଶିକ୍ଷକ ସୁବ୍ରତ କୁମାର ବିଶ୍ୱାଳଙ୍କ ଦ୍ୱାରା ୪ ରେଞ୍ଜର ଏବଂ ଫରେଷ୍ଟର, ଫରେଷ୍ଟ ଗାର୍ଡ, ଗଜସାଥୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବ୍ରାହ୍ମଣୀପାଳ ଓ ଦେଓଗାଁ ରେଞ୍ଜରେ ହାତୀର ଗତିପଥକୁ ଅନୁଧ୍ୟାନ କରିବା ପାଇଁ ୱାଚଟାୱାର ଦ୍ୱାରା ନଜର ରଖିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟୁତ ବିଭାଗ ସହ ହାତୀର ସୁରକ୍ଷା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିବା ବନାଧିକାରୀ ପ୍ରକାଶ କରିଛନ୍ତି। ସହକାରୀ ବନାଧିକାରୀ ଅଶୋକ କୁମାର ବିଶ୍ୱାଳ, ପ୍ରବୀର କୁମାର ମୁର୍ମୁଙ୍କ ସମେତ ଦେଓଗାଁ ରେଞ୍ଜର ସହକାରୀ ବନାଧିକାରୀ ଉମାକାନ୍ତ ଦାସ, ବ୍ରାହ୍ମଣୀପାଳ ରେଞ୍ଜ ଅଫିସର, ବ୍ରହ୍ମାନନ୍ଦ ବେହେରା, ହଦଗଡ଼ ରେଞ୍ଜ ଅଫିସର ମସାଲା କିସ୍କୁ, ଆନନ୍ଦପୁର ରେଞ୍ଜ ଅଫିସର ନବକିଶୋର ନାୟକ ଏବଂ ବନଖଣ୍ଡର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ସମସ୍ତ ଗଜସାଥୀଙ୍କୁ ବନଖଣ୍ଡ ପକ୍ଷରୁ ଡ୍ରେସ, ଜୋତା ଓ ଟୋପି ପ୍ରଦାନ କରାଯାଇଛି।

# ଗୁରୁତର ଚିକିତ୍ସାଧୀନ ରୋଗୀଙ୍କୁ ବ୍ଲକ୍ ଉପାଧ୍ୟକ୍ଷଙ୍କ ଆର୍ଥିକ ସହାୟତା



ହାଟଡ଼ିହୀ,୨୦।୧୨(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଜମ୍ବିରା ଗ୍ରାମର ସ୍ୱର୍ଗତ ମନମୋହନ ଜେନାଙ୍କ ପୁଅ ନବଘନ ଜେନା(୨୪) ଓ ଅଜୟ ପଣ୍ଡାଙ୍କ ପୁଅ ସ୍ନିଗ୍ଧରଞ୍ଜନ ପଣ୍ଡା(୨୦) ଗତ ସୋମବାର ସନ୍ଧ୍ୟା ସମୟରେ ହାଟଡ଼ିହୀ ବ୍ଲକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ କିମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ନବଘନ ଜେନାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାବେଳେ ସ୍ନିଗ୍ଧରଞ୍ଜନ ପଣ୍ଡାଙ୍କ ଅବସ୍ଥା ମଧ୍ୟ ବିପଦପୂର୍ଣ୍ଣ ରହିଛି। ଉଭୟ ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାବେଳେ ଦୁହିଁଙ୍କ ଚିକିତ୍ସା ପାଇଁ ଏବେ ପ୍ରତିଦିନ ଲକ୍ଷାଧିକ ଟଙ୍କାର ଆବଶ୍ୟକ ରହିଛି। ଖବର ପାଇ ଯୁବ ସମାଜସେବୀ, ବ୍ୟବସାୟୀ ତଥା ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ କିମ୍ସ ହସ୍ପିଟାଲରେ ପହଞ୍ଚି ଡ଼ାକ୍ତରଙ୍କଠାରୁ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା କଥା ପଚାରି ବୁଝିଥିଲେ। ରତିକାନ୍ତ ନିଜସ୍ୱ ପାଣ୍ଠିରୁ ଉଭୟଙ୍କ ଚିକିତ୍ସା ପାଇଁ ସେମାନଙ୍କ ପରିବାର ଲୋକଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ସହ ଦୁହିଁଙ୍କ ଆରୋଗ୍ୟ କାମନା କରିଛନ୍ତି। ଉଭୟ ଯୁବକ ଗ୍ରାମବାସୀଙ୍କର ପ୍ରିୟ ହୋଇଥିବାରୁ ଆଜି ସନ୍ଧ୍ୟାରେ ଗ୍ରାମବାସୀଙ୍କ ପକ୍ଷରୁ ଶତାଧିକ ସଂଖ୍ୟାରେ ପୁରୁଷ ଓ ମହିଳା ଗ୍ରାମ ଦେବତୀଙ୍କ ସହ ଗାଁ ଶ୍ରୀଜଗନ୍ନାଥ ଓ ଶୈବ ମନ୍ଦିରରେ ଦୀପ ଜଳାଇ ସେମାନଙ୍କ ଆରୋଗ୍ୟ କାମନା କରିଛନ୍ତି।

## ଖରସ୍ରୋତା ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟା

# ଗ୍ରାମାଞ୍ଚଳରେ ପୁସ୍ତକମେଳା ଆୟୋଜନ ଉତ୍ସାହଜନକ




**ସିଂହପୁର, ୨୦।୧୨(ସମିସ):** ଖରସ୍ରୋତା ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଓ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସଭାପତି ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କୁମରରର ଦାସ ଯୋଗ ଦେଇ ଗ୍ରାମୀଣ ପୁସ୍ତକ ମେଳାର ଆକର୍ଷଣ ଓ ଆୟୋଜନ ଯଦିଓ କଷ୍ଟଦାୟକ ମାତ୍ର ଏହି ଅତ୍ୟନ୍ତ ଆନନ୍ଦ ଦାୟକ ବୋଲି କହିଥିଲେ। ମୁଖ୍ୟଅତିଥି ରୂପେ ଯାଜପୁର ଜିଲ୍ଲା ଲେଖକ ସମ୍ମିଳନୀର ସଭାପତି ଡ.ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ପୁସ୍ତକକୁ ପ୍ରିୟଜନ ପରି ଭଲ ପାଆନ୍ତୁ ଓ ପଢ଼ୀ ଭଳି ସମ୍ମାନ, ଆଦର ଦେବା ନିହାତି ଦରକାର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗୋକର୍ଣ୍ଣିକା ପତ୍ରିକାର ସମ୍ପାଦକ ରମାକାନ୍ତ ଜେନା ଯୋଗଦେଇ ପାଠକ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଦେଶରେ ବଡ଼ ଗାଦେ ବିଞ୍ଝାରପୁର ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ମୁଖ୍ୟ ଉପଦେଷ୍ଟା ସୁଶାନ୍ତ କୁମାର ନାୟକ, ଅଧ୍ୟକ୍ଷ ଅର୍ଘ୍ୟର୍ଣା କମିଟି ଅଜୟ କୁମାର ଓଝା, ବିଶିଷ୍ଟ ଅତିଥି ରୂପେ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଶରତ କୁମାର ସାହୁ, ବେସାହି ସମିତି ସଭ୍ୟ ସନ୍ତୋଷ କୁମାର ବେଉରିଆ ଓ ବରିଷ୍ଠ ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲ ଯୋଗ ଦେଇଥିଲେ। ରମାକାନ୍ତ ନାୟକ କବିତା ପଠନରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଙ୍ଗଠନିକ ସମ୍ପାଦକ ନାରାୟଣ ଚନ୍ଦ୍ର ଦାସ ମନ୍ତ୍ର ପାଠ କରିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କୃଷ୍ଣଚନ୍ଦ୍ର ଆଟୋଇ, ପ୍ରତିଜ୍ଞା ସାହୁ, ସୁଧୀର କୁମାର ଆଚାର୍ଯ୍ୟ, ପ୍ରାଧ୍ୟାପକ ଚତୁର୍ଭୁଜ ସାହୁ, ଆଲୋକ ଦାସ, ନିରଞ୍ଜନ ପାତ୍ର, ପ୍ରମୋଦ ସାମଲ, ଗଜେନ୍ଦ୍ର ଧଳ, ଅକ୍ଷୟ କୁମାର ସାମଲ, ବିଷ୍ଣୁଚରଣ ସାହାଣି, ଭବବିରଞ୍ଚି ନାରାୟଣ ଦାସ, ଉମେଶ ଚନ୍ଦ୍ର ସାମଲ, ସରୋଜ କୁମାର ମଲ୍ଲିକ, ସଚ୍ଚିଦାନନ୍ଦ ଗୁରୁ, ଦେବେନ୍ଦ୍ର ସାମଲ, ଗାୟତ୍ରୀ ଧଳ, ଦେବ ପ୍ରସାଦ ସାମଲ, ଡାକ୍ତର ଭାଗୀରଥି ମଲ୍ଲିକ, ଭାରତ ଭୂଷଣ ମଲ୍ଲିକ, ନମିତା ବାରିକ, ଗୀତାଞ୍ଜଳି ଦାସ, ମେଘନାଦ ମହାଳିକ, ଦିନେଶ ମଲ୍ଲିକ, କଳାକାର ପାତ୍ର, ଅକ୍ଷୟ କୁମାର ସେଠୀ, ଜାହାଙ୍ଗୀର ଖାନ୍, ବ୍ରହ୍ମାନନ୍ଦ ମଲ୍ଲିକ, ଗୁରୁ ଚରଣ ଆଟୋଇ, ତ୍ରିଲୋଚନ ରାଉତ, ଦଶରଥ ସାହୁ, ମହେନ୍ଦ୍ର ବାରିକ, ଶତ୍ରୁଘ୍ନ ସାହୁ, ଅଧ୍ୟାପକ ଶ୍ରୀକାନ୍ତ ନାୟକ, ହରେକୃଷ୍ଣ ଦାସ, ସନ୍ତୋଷ ମିଶ୍ର, ରଶ୍ମିରଞ୍ଜନ ବେହେରା ପ୍ରମୁଖ ସଞ୍ଚାଳନ କରିଥିଲେ।

## ଯାଜପୁର ଜିଲ୍ଲାପାଳଙ୍କୁ ଚିଠି କଲେ ଜଗତସିଂହପୁର ଜିଲ୍ଲାପାଳ

# ‘ଖଣି ଉପନିର୍ଦ୍ଦେଶକଙ୍କ ଦରମା ବନ୍ଦ କର’

**ଯାଜପୁର/ଜଗତସିଂହପୁର, ୨୦।୧୨ (ସମିସ):** ଯାଜପୁର ଖଣି ଉପନିର୍ଦ୍ଦେଶକଙ୍କ ଦରମା ବନ୍ଦ କରିବାକୁ ଯାଜପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ। ଜଗତସିଂହପୁର ଜିଲ୍ଲାରେ ବିଭିନ୍ନ ବାଲିଘାଟରେ ବାଲି ମାଫିଆଙ୍କ ଦ୍ୱାରା ବ୍ୟାପକ ପରିମାଣରେ ବାଲି ଚୋରାଚାଲାଣ ହେଉଥିବା ବେଳେ ଗତ ନଭେମ୍ବର ୨୫ ତାରିଖରେ କିଲିପାଳ ଏବଂ ଡିସେମ୍ବର ୧୧ ତାରିଖରେ ଜୟପୁର ଘାଟରେ ପ୍ରଶାସନ ପକ୍ଷରୁ ଚଢ଼ଉ ହୋଇଥିଲା। ଏହି ଚଢ଼ଉରେ ୭୫ରୁ ଅଧିକ ହାଇୱା ଏବଂ ୫ରୁ ଅଧିକ ବାଲି ଉଠା ମେସିନ ଜବତ ସହିତ ୧୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଅଟକ ରହିଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଯାଜପୁର ଖଣି ସର୍କଲର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ତାଙ୍କ ଅଧୀନସ୍ଥ ଚୋରାଚାଲାଣ ହେଉଥିବା ବାଲିଘାଟ ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଶ୍ରୀ ନାୟକ ଏଥିପ୍ରତି ଗୁରୁତ୍ୱ ଦେଇନଥିଲେ କିମ୍ବା ଜଗତସିଂହପୁର ମଧ୍ୟ ଆସିନଥିଲେ। ଏହାଦ୍ୱାରା ଖଣି ଉପ ନିର୍ଦ୍ଦେଶକ ଶ୍ରୀ ନାୟକ ନିଜ କର୍ତ୍ତବ୍ୟରେ ଅବହେଳା କରିବା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିଲେ। ଫଳରେ ଗତ ୧୬ ତାରିଖରେ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଯାଜପୁର ସର୍କଲ ଖଣି ଉପନିର୍ଦ୍ଦେଶକ ଶ୍ରୀ ନାୟକଙ୍କ ନିଲମ୍ବନ ପାଇଁ ରାଜ୍ୟ ଖଣି ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ସୁପାରିଶ କରିଥିଲେ। ଆଜି ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଖଣି ଉପନିର୍ଦ୍ଦେଶକ ଶ୍ରୀ ନାୟକଙ୍କ ଦରମା ବନ୍ଦ କରିବା ପାଇଁ ଯାଜପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି।

## ଜେଜେ ମା’କୁ ଗାଡ଼ି ମଡ଼ାଇ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ନାତି ଗିରଫ; ଗାଡ଼ି ଜବତ

**ପାଣିକୋଇଲି, ୨୦।୧୨(ସମିସ):** ୨ଦିନ ପରେ ଜେଜେ ମା’କୁ ଗାଡ଼ି ଚଢ଼ାଇ ହତ୍ୟା କରିଥିବା ନାତିକୁ ଗିରଫ କରିବା ସହ ଦୁର୍ଘଟଣା ଘଟାଇଥିବା ପିକ୍ଅପକୁ ଜବତ କରିବାରେ ସକ୍ଷମ ହୋଇଛି ପାଣିକୋଇଲି ପୁଲିସ। ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଖାନ୍ଦରାପୁର (ସିଂଗଡ଼ା) ଗ୍ରାମରେ ଗୁରୁବାର ନାତିର ଗାଡ଼ି ଧକ୍କାରେ ଜେଜେମାର ମୃତ୍ୟୁ (ହତ୍ୟା) ଘଟିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଏନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ୪୦୦/୨୫ ରୁଜୁ କରି ଶୁକ୍ରବାର ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରିଥିଲା।

ପ୍ରକାଶଯେ ସିଂଗଡ଼ା ଗ୍ରାମର ପୋଇନ ସାହୁ ଓ ତାଙ୍କ ସ୍ତ୍ରୀ ଜୁଲି ସାହୁଙ୍କ ଏକମାତ୍ର ପୁତ୍ର ନାରାୟଣ ସାହୁଙ୍କ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା। ନାରାୟଣ ତାଙ୍କ ବାପ ଓ ମା’ଙ୍କୁ ଖାଇବାକୁ ନ ଦେଇ ନାନାଦି ଅତ୍ୟାଚାର କରୁଥିଲେ। ଫଳରେ ସ୍ୱାମୀ ଓ ସ୍ତ୍ରୀ ମିଶି କିଛି ଜମି ତାଙ୍କ ବିବାହିତ ଝିଅ ଅନିତାଙ୍କ ନାମରେ କରିଦେଇଥିଲେ। ପୋଇନର




ମୃତ୍ୟୁ ପରେ ଜୁଲି ଅଧିକ ନିର୍ଯାତନାର ଶିକାର ହୋଇ ଝିଅ ଅନିତା ଘରେ ଯାଇ ରହୁଥିଲେ। ମା’ ଓ ଝିଅ ଗାଁକୁ ଆସିଥିବା ବେଳେ ବୁଧବାର ଅପରାହ୍ନରେ ୧୬ ନମ୍ବର ଜାତୀୟ ରାଜପଥ ସିଂଗଡ଼ା ଗଳିପୋଲ ତଳ ସଂଯୋଗୀକରଣ ରାସ୍ତାରେ ନାରାୟଣଙ୍କ ବଡ଼ ପୁଅ କାର୍ତ୍ତିକ ଏକ ପିକଅପ (ଓଡି ୦୪ଇ୮ ୫୪୭) ନେଇ ଜୁଲିକୁ ଧକ୍କା ଦେଇଥିଲା। ତେବେ ଅନିତା ଡେଇଁ ପଡ଼ି ଅଳ୍ପକେ ବର୍ତ୍ତି ଯାଇଥିଲା। କିନ୍ତୁ ଘଟଣାସ୍ଥଳରେ ବୃଦ୍ଧାର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ପିକଅପଟି ଫେରାର ହୋଇଯାଇଥିଲା। ବାପ ପୁଅ ମିଶି ସମ୍ପତ୍ତି ଲୋଭରେ ମା’କୁ ଷଡ଼ଯନ୍ତ୍ର କରି ମାରିଦେଇଥିବାର ଅଭିଯୋଗ ଅନିତା ଥାନାରେ କରିଥିଲେ। ନରହନ୍ତା ନାତି ଫେରାର ହୋଇଯାଇଥିବା ବେଳେ ନାରାୟଣ ଓ ତାର ସାନପୁଅ ଗଣେଶକୁ ପୁଲିସ ଥାନାକୁ ଆଣି ତଦନ୍ତ ଚଳାଇଥିଲା। ଆଜି ତଦନ୍ତାଧିକାରୀ ସବଇନ୍ସପେକ୍ଟର ସୁମିତ କୁଜୁର ଯାଜପୁରରୋଡ ଅଞ୍ଚଳରୁ ମୁଖ୍ୟ ଅଭିଯୁକ୍ତ କାର୍ତ୍ତିକକୁ ଗିରଫ କରିବା ସହ ପିକ୍ଅପକୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି।

# ଗ୍ରାମମଙ୍ଗଳ ସମିତି ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ପାଣିକୋଇଲି, ୨୦।୧୨(ସମିସ):** ମାଳଆନନ୍ଦପୁର ପଞ୍ଚାୟତ ରୁଡ଼ିଆ ସ୍ଥିତ ଗ୍ରାମ ମଙ୍ଗଳ ସମିତି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅଳକାନନ୍ଦ ଦାଶ କ୍ରୀଡ଼ା ପତାକା ଉତ୍ତୋଳନ କରି ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡ଼ା ଶପଥ ପାଠ କରାଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ପୂର୍ଣ୍ଣିମା କର କ୍ରୀଡ଼ା ପରିଚାଳନା କରିଥିଲେ। ପ୍ରାକ୍ତନ ଶିକ୍ଷକ ଧରଣୀଧର ମିଶ୍ର ଯୋଗଦେଇ ସହଯୋଗ କରିଥିଲେ। ଉଦଯାପନ ଉତ୍ସବରେ ଗ୍ରାମ ମଙ୍ଗଳ ସମିତିର ସଭାପତି ସୁଧାଂଶୁ ଶେଖର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗୋଦାବରୀଶ ମିଶ୍ର, ଆନନ୍ଦ ଚନ୍ଦ୍ର ମହାନ୍ତି, ଜଗନ୍ନାଥ ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅର୍ଚ୍ଚନା କୁଅଁର, ସଂଯୁକ୍ତା ମହାନ୍ତି, ଶିକ୍ଷକ ବାସୁଦେବ ମଲ୍ଲିକ, ପ୍ରଦୀପ ଗିରି, ପ୍ରଜ୍ଞାପାରମିତା ମୁଦୁଲି, ଗାୟତ୍ରୀ ମିଶ୍ର, ସନ୍ଧ୍ୟାରାଣୀ ମିଶ୍ର, ଝରଣା ମିଶ୍ର, ଚିତ୍ତରଞ୍ଜନ ପୃଷ୍ଟି, ସୁବାସ ଜେନା, କନକଲତା ମୁଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ କିରାଣି ନିରଞ୍ଜନ ମିଶ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ବଜ୍ରଗିରି ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ଧର୍ମଶାଳା, ୨୦।୧୨(ସମିସ):** ଧର୍ମଶାଳା ବ୍ଲକ କୋଟପୁରସ୍ଥିତ ବଜ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ରୀଡ଼ା ପ୍ରତିଯୋଗିତାକୁ ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ଚୋଳ ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ୨ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ପ୍ରତିଯୋଗିତାର ଶେଷ ଦିନରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସଞ୍ଜୟ କୁମାର ସାମଲ ଓ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଭାଗ୍ୟରଥ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ୪ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ଖେଳରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ସନ୍ତୋଷ କୁମାର ଦାଶ, ସୁମନ୍ତ କୁମାର ଜେନା, ନିରଞ୍ଜନ ଶାନ୍ତି, ଲକ୍ଷ୍ମୀଧର ନାୟକ, ସୁବାଷ ଚନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର ରଣା, ଅଧ୍ୟାପିକା ଚିନ୍ମୟୀ ବେହେରା, ସସ୍ମିତା ଦାଶ, ଶର୍ମିଷ୍ଠା ସାମଲ, ଅରବିନ୍ଦ ଦାସ, ଅମର ରଞ୍ଜନ ସାମଲ, ଅରୁଣ ରଞ୍ଜନ ସାମଲ, ଦେବାଶିଷ ବିଶ୍ୱାଳ ଓ ଫକୀର ଚରଣ ଦଳେଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଚଳିତ ବର୍ଷ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ବାଳକ ବିଭାଗରେ ଚିରଞ୍ଜିବୀ ରାଉତ ଓ ବାଳିକା ବିଭାଗରେ ଚିନ୍ମୟୀ ସାମଲ ଚମ୍ପିୟାନ ହୋଇଥିଲେ।

# ହୃଦ୍‌ଘାତରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**ସୁକିନ୍ଦା, ୨୦।୧୨(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହାତୀବାରି ସ୍ଥିତ ନାଳିଆଝର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଚିତା ପାତ୍ରଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ଅକାଳ ବିୟୋଗ ଘଟିଛି। ଗତ କିଛିଦିନ ପୂର୍ବରୁ ଶ୍ରୀମତୀ ପାତ୍ର ହୃଦଘାତର ଶୀକାର ହୋଇ ଚିକିତ୍ସିତ ହେଉଥିଲେ। ଗତ ଶୁକ୍ରବାର ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ପରିବାର ଲୋକେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପରିବାର ଲୋକଙ୍କ ଉପସ୍ଥିତିରେ ପୁରୀ ସ୍ଥିତ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ପ୍ରୀତିପୁର, ୨୦।୧୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବିତନା ପଞ୍ଚାୟତର ନଥିପୁର ଠାରେ ଅବସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ସମାହିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ସମାବର୍ତ୍ତନୀ ସମାରୋହ ବିଶିଷ୍ଟ ଶିକ୍ଷାବିତ୍ ରତନଲଲ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହର ମୁଖ୍ୟଅତିଥି ଭାବରେ ବିଞ୍ଝାରପୁର ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ବଳରାମ ପତି ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବରେ ଆଇରନ ଟ୍ରାଙ୍ଗଲ ଲିମିଟେଡର ଡାଇରେକ୍ଟର ବରଦା ପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ରସାୟନ ବିଜ୍ଞାନ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ଡ.ଚତୁର୍ଭୁଜ ସାହୁ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଇଂ. ଅମ୍ବରୀଶ ଆଚାର୍ଯ୍ୟ, ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ମଲ୍ଲିକ ଓ ଚନ୍ଦ୍ରମଣି ସାହୁ ପ୍ରମୁଖ. ମଞ୍ଚାସୀନ ହୋଇଥିଲେ। ସାମ୍ବାଦିକ ରତିଲାଲ ଭୂୟାଁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ୟାମପ୍ରସାଦ ଭୂୟାଁ, ରଶ୍ମିତା ଭୂୟାଁ, ମମତା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ

**ସିଂହପୁର, ୨୦।୧୨(ସମିସ):** ସିଂହପୁର ସ୍ଥିତ ନବଘନ ମହନ୍ତ ମାୟାଧର ସରକାରୀ ଉପ୍ରା ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ସାମଲ ପତାକା ଉତ୍ତୋଳନ କରିଥିଲେ। ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ମଧ୍ୟରେ ମନୋରଞ୍ଜନ ବେଉରିଆ, ପ୍ରଭାତ କୁମାର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ, ରଶ୍ମିତା ନାୟକ, ମଞ୍ଜୁଲତା ଥାଟେଇ, ସୁଚରିତା କରଣ, ନିବେଦିତା ଦାସ ପ୍ରମୁଖ ଉପସ୍ଥିତ ରହି ବାର୍ଷିକ କ୍ରୀଡ଼ା ଉତ୍ସବକୁ ପରିଚାଳନା କରିଥିଲେ। ଏଥିରେ ମୋଟ ୩୦୯ ଜଣ ଛାତ୍ରଛାତ୍ରୀ ଯୋଗ ଦେଇ ବିଭିନ୍ନ ବର୍ଗର ଖେଳରେ ଅଂଶଗ୍ରହଣ କରିଥିଲେ।



# ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଆର୍ଥିକ ସଚେତନତା ଶିବିର

**ଯାଜପୁର, ୨୦।୧୨(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ତରଫରୁ ଦଶରଥପୁର ବ୍ଲକ ବିରଜାପୁର ଗ୍ରାମପଞ୍ଚାୟତ ସଭା ଗୃହରେ ଜିଲ୍ଲା ଆର୍ଥିକ ସେବା ସଞ୍ଚୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟଅତିଥି ରୂପେ ବିରଜାପୁର ସରପଞ୍ଚ ନିରାକାର ସାହୁ, ଅଗ୍ରଣୀ ବ୍ୟାଙ୍କ ପରିଚାଳକ ରାଧାନାଥ ନାୟକ, ଆର୍ଥିକ ସଚେତନତା ସଂଯୋଜକ (ଏଫ୍ଏଲସି) ସୁବାସ ଚନ୍ଦ୍ର ଦାସ, ଇଣ୍ଡିଆ ପୋଷ୍ଟାଲ୍ ପେମେଣ୍ଟ ବ୍ୟାଙ୍କ୍ ପରିଚାଳକ ଚିନ୍ତାମଣି ପାଗଳ, ଅତିରିକ୍ତ ଇଣ୍ଡିଆ ପୋଷ୍ଟାଲ୍ ପେମେଣ୍ଟ ବ୍ୟାଙ୍କ୍ ପରିଚାଳକ ବିଟନ୍ ହାରୀ ଏବଂ ଡାକ ବିଭାଗର ବିଜନେସ କରେସପଣ୍ଡେନ୍ସ ଅମିୟ କୁମାର ଦାସ ଯୋଗ ଦେଇଥିଲେ। ଡାକ ବିଭାଗରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଞ୍ଚୟ ଯୋଜନା ତଥା ଆର୍‌ଡି, ମିଆଦି ଜମା, କିଷାନ ବିକାଶ ପତ୍ର, ମାସିକ ଆୟ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନାର ସଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସଚେତନତା ଶିବିରରେ ବିରଜାପୁର ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱଳ୍ପ ସଞ୍ଚୟର ଅଭିକର୍ତ୍ତା, ଜନସାଧରଣ ଉପସ୍ଥିତ ରହି ସ୍ୱଳ୍ପ ସଞ୍ଚୟର ଉପକାରିତା ଉପରେ ଅବଗତ ହୋଇଥିଲା। ଲୋକମାନଙ୍କୁ ଚିଟ ଫଣ୍ଡ ଅନଲାଇନ ଠକେଇ, ସାଇବର ଠକେଇ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ବିରଜାପୁର ସରପଞ୍ଚ ନିରାକାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ଗିରିଜା ପ୍ରସାଦ ବଳ, ମାୟାଧର ପାଣିଗ୍ରାହୀ, ଦୁଃଖୀରାମ ଶତପଥୀ, ସ୍ୱପ୍ନାମୟୀ ବାରିକ, ପ୍ରଭାତୀ ଶତପଥୀ, ବିଦ୍ୟୁସ୍ମିତା ମାଝୀ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହାୟତା କରିଥିଲେ।

# ଶିଶୁ ମନ୍ଦିରରେ ମେଧାବୀ ସମ୍ମାନ ଉତ୍ସବ



**ପାଣିକୋଇଲି, ୨୦।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଗତ ଶିକ୍ଷାବର୍ଷ ୨୦୨୩-୨୪ ଓ ୨୦୨୪-୨୫ ଶିକ୍ଷାବର୍ଷର ବିଦ୍ୟାଳୟର ମେଧାବୀ (ଏ-ୱାନ) ଶିଶୁ ଭାଇ ଭଉଣୀ ତଥା ଏନ୍ଇଇଟି ପରୀକ୍ଷାରେ ପାସ୍ କରିଥିବା ଓ ଡାକ୍ତରୀ ବିଦ୍ୟା ପଢୁଥିବା ଭାଇ ଭଉଣୀମାନଙ୍କୁ ବୌଦ୍ଧିକ ମଣ୍ଡପଠାରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ବୃନ୍ଦାବନ ସାହୁ, ସମ୍ମାନୀତ ଅତିଥି ଭାବେ ସମ୍ପାଦକ ଦିଲ୍ଲୀପ ଧଳ, ଯୁଗ୍ମ ସମ୍ପାଦକ ରାଜ କିଶୋର ମଲ୍ଲିକ, ଉପସଭାପତି ଶଙ୍କର୍ଷଣ ପରିଡ଼ା, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ, ମୁଖ୍ୟ ବକ୍ତାଭାବେ ସମ୍ପାଦକ (ବିଦ୍ୱତ ପରିଷଦ) ସୁଧାଶଙ୍କର ବିଶ୍ୱାଳଙ୍କ ସମେତ ଯୁଗ୍ମ ସମ୍ପାଦକ ବୀରସିଂହ ଟିୟୁ, ଉପଦେଷ୍ଟା ଲମ୍ବୋଦର ସାହୁ ପ୍ରମୁଖ ଯୋଗଦେଇଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଡାକ୍ତରୀ ଛାତ୍ରୀ ବିଶ୍ୱଶ୍ରୀ ବିଶ୍ୱବନ୍ଦିତା ବରାଳ, ମିହିର କୁମାର ପଣ୍ଡା, ପ୍ରଜ୍ଞାପରମିତା ରାଉତ ଏବଂ ୨୦୨୪-୨୫ ଏ-ୱାନ ଛାତ୍ର ସୌମ୍ୟଜିତ ପଣ୍ଡା, ଦୀପାଂଶୁ ଦାଶ, ସଙ୍ଗୀତାରାଣୀ ବେହେରା, ଶଉସ୍ମିତା ସ୍ୱାଇଁ ଓ ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୱତ ପରିଷଦର ସଞ୍ଚାଳକ ଲମ୍ବୋଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଶ୍ରମ ପକ୍ଷରୁ ନୂତନ ବସ୍ତ୍ର ବିତରଣ

**ସୁକିନ୍ଦା, ୨୦।୧୨(ସମିସ):** ଶନିବାର ଅପରାହ୍ନରେ ବନବାସୀ କଲ୍ୟାଣ ଆଶ୍ରମ, ଯାଜପୁର ମାଧ୍ୟମରେ ଅଶୋକଝର ଠାରେ ଶତାଧିକ ମହିଳାଙ୍କୁ ଶାଢ଼ି ବିତରଣ କରାଯାଇଛି। ଲେମ୍ବୋ ପଞ୍ଚାୟତ ଅଧୀନ ଗିରିଧାରିଡାହି ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନବାସୀ କଲ୍ୟାଣ ଆଶ୍ରମ ଯାଜପୁର ପକ୍ଷରୁ ପ୍ରଶାନ୍ତ କୁମାର ସ୍ୱାଇଁ, ଲବ ବାରତ, ମଟକା ତିରିଆ, ବାଜିନାଥ ମାରାଣ୍ଡି, ଶ୍ରୀନାଥ ରାଉଳ, ସୁରେଶ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।

## ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଚୋରି ଛେଳି ଉଦ୍ଧାର

**ପାଣିକୋଇଲି, ୨୦।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଦୁର୍ଗା ମାର୍କେଟ ନିକଟରେ ଏକ ଟାଟା ଏସି ସିରିଜ ଦୁର୍ଘଟଣା ଘଟାଇ ଡିଭାଇଡର ଉପରେ ଚଢ଼ି ଯାଇଥିଲା। ଚାଳକର ଏତାଦୃଶ କାର୍ଯ୍ୟଦେଖି ସ୍ଥାନୀୟ ଲୋକମାନେ ରୁଣ୍ଡ ହୋଇଥିଲେ। ଚାଳକ ନିକଟରେ ଗାଡି ଭିତରେ ଏକ ଛେଳିଥିବା ଦେଖି ଏହା ଚୋରି ଛେଳି ବୋଲି ସନ୍ଦେହ ଉପୁଜିଥିଲା। ଖବରପାଇ ପୁଲିସ ଘଟଣାସ୍ଥଳେ ପହଞ୍ଚି ଚାଳକ, ଗାଡ଼ି ଓ ଛେଳିକୁ ନେଇ ତଦନ୍ତ ଜାରି ରଖିଛି।

# ୪୨ତମ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ




**ପାଣିକୋଇଲ, ୨୦।୧୨(ସମିସ):** କୋରେଇ ବ୍ଲକ ଆନୁକୂଲ୍ୟରେ ମା’ ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଓଷ୍ଟାର ୪୨ତମ ବାର୍ଷିକ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋରେଇ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଶିଶୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଓଷ୍ଟା ସଭାପତିଙ୍କପୌରୋହିତରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅକ୍ଷୟ କୁମାର ପରିଡ଼ା, ପୂର୍ବତନ ସଭାପତି ରବିନାରାୟଣ ପଣ୍ଡା, ରାଜ୍ୟ ଓଷ୍ଟା ସଭ୍ୟ ରମେଶ ବେହେରା, ଯାଜପୁର ଜିଲ୍ଲା ସମ୍ପାଦିକା ମମତା ମିଶ୍ର, ଶିକ୍ଷକ ଅଭୟ କୁମାର ମହାପାତ୍ର, ରାଜେନ୍ଦ୍ର କୁମାର ଦାସ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅବଦୁଲ ସୟଦ ଖାଁ, ଓଷ୍ଟା ସଭ୍ୟ ତାରିଣୀ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ବ୍ଲକ ଓଷ୍ଟା ସମ୍ପାଦକ ଶିଶୁ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ଓଷ୍ଟାର ସଭାପତି ସୁନନ୍ଦ କୁମାର ରାଉତ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ।

# ଯାଜପୁର ଜିଲ୍ଲା ଓଷ୍ଟାର ଶିଶୁ ଉତ୍ସବ


**ମଙ୍ଗଳପୁର, ୨୦।୧୨(ସମିସ)**

ଯାଜପୁର ଜିଲ୍ଲା ଓଷ୍ଟାର ୪୨ତମ ଶିଶୁ ଉତ୍ସବ ଓ ଆଲୋଚନାଚକ୍ର ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ଦାମୋଦରପୁର ରଘୁନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଉଦ୍‌ଘାଟନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ ସଂଘୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ କଳିଙ୍ଗ ନଗର ଜମି ଓ ବନ୍ଦୋବସ୍ତର ଅତିରିକ୍ତ ଆୟୋଗ ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ରାଜ୍ୟ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ଓଷ୍ଟା ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ସମାଜସେବୀ ସୁରେନ୍ଦ୍ର କୁମାର ମହାଳିକ, ସମାଜସେବୀ ପଦ୍ମାକର ଗୁରୁ, ଭଦ୍ରକ ଜିଲ୍ଲା ଓଷ୍ଟା ସମ୍ପାଦକ ପ୍ରଭାତ କୁମାର ପାଣିଗ୍ରାହୀ, ସମାଜସେବୀ ସନାତନ ତ୍ରିପାଠୀ, ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ଯାଜପୁର ଜିଲ୍ଲା ଓଷ୍ଟା ସମ୍ପାଦକ ପବିତ୍ର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଦଶରଥପୁର ବ୍ଲକ ଓଷ୍ଟା ସଭାପତି ଶ୍ରୀକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ଓଷ୍ଟା ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟା କାଳୀନ ସଭା ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମାଜସେବୀ ବୈକୁଣ୍ଠ ପରିଡ଼ା, ରାଜ୍ୟ ଓଷ୍ଟା ସମ୍ପାଦକ ପ୍ରଣବ କୁମାର ଜେନା, ଓଷ୍ଟା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ରମେଶ ଚନ୍ଦ୍ର ବେହେରା, ରାଜ୍ୟ ଓଷ୍ଟା ସମ୍ପାଦକ ନିର୍ମଳ କୁମାର ଜେନା, ରାଧାକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୧୦ଟି ବ୍ଲକରୁ ୨୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଦଶରଥପୁର ବ୍ଲକ ଓଷ୍ଟା ସଂଘ ସମ୍ପାଦକ ଦିଲ୍ଲୀପ କୁମାର ଦାସଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଓ ରଘୁନାଥ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସହଯୋଗୀ କର୍ମଚାରୀ ସହଯୋଗ କରିଥିଲେ।




# ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ସୁକିନ୍ଦା/ହାତୀବାରି, ୨୦।୧୨(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହାତୀବାରି ସ୍ଥିତ ନୋଡ଼ାଲ ବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଏବଂ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗତ ଦୁଇଦିନ ଧରି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ସେମାନଙ୍କ କଳା ଓ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ବିଭିନ୍ନ ବିଭାଗରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଉଦଯାପନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ପରିଡ଼ା ମୁଖ୍ୟ ଅତିଥି, ପରିଚାଳନା କମିଟି ସଭାପତି ସବିତା ପରିଡ଼ା, କୁଳମଣୀ ଦାସ, ଶରତ ଚନ୍ଦ୍ର ସେଠୀ, ମନୋଜ କୁମାର ନାଥ, ଭ୍ରମରବର ନାୟକ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମମତା ମଞ୍ଜରୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ।





# ତଦନ୍ତ ଦୁର୍ବଳ; ମାମଲା କୋହଳ

ଭୁବନେଶ୍ୱର, ୨୦।୧୨ (ସମିସ): ଅପରାଧୀକୁ ଧରିବା ଠାରୁ ଆରମ୍ଭ କରି ଦୋଷୀ ସାବ୍ୟସ୍ତ କରିବା ପର୍ଯ୍ୟନ୍ତ କମିସନରେଟ ପୁଲିସ ଗୁରୁତ୍ୱ ଦେଉଛି। ଗତବର୍ଷ ୯୨ଟି ମାମଲାରେ ଅଭିଯୁକ୍ତମାନଙ୍କୁ ସଜା ହୋଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୯୭ ଛୁଇଁଲାଣି। ହେଲେ ଏହାରି ଭିତରେ ଏକ ଭିନ୍ନ କଥା ସାମ୍ନାକୁ ଆସିଛି। ପୁଲିସ ହତ୍ୟା ଦଫାରେ ଚାର୍ଜସିଟ୍ କରୁଥିଲେ ମଧ ତାହା ପ୍ରମାଣିତ ହୋଇ ନ ପାରିବାରୁ ଅଭିଯୁକ୍ତମାନେ ଏକପ୍ରକାର ଖସି ଯାଉଛନ୍ତି। ପ୍ରମାଣ ଯୋଗାଡ଼ି ପାରୁ ନ ଥିବାରୁ ହତ୍ୟା ମାମଲାର ଅଭିଯୁକ୍ତମାନେ କଲପେବଲ୍ ହୋମିସାଇଡ୍ ଦଫାରେ ଦୋଷୀ ସାବ୍ୟସ୍ତ ହେଉଛନ୍ତି। ଫଳରେ ହତ୍ୟା

■ ଉଦ୍ଦେଶ୍ୟ ହେଉନି ସ୍ପଷ୍ଟ; ଅଧା କମିଯାଉଛି ସଜା
■ ହତ୍ୟା ବଦଳରେ କଲପେବଲ୍ ହୋମିସାଇଡରେ ଦଣ୍ଡବିଧାନ

ଅଭିଯୁକ୍ତ ହୋଇଥିଲେ ହେଁ, ମାତ୍ର ୧୦ ବର୍ଷ ସଜା ମିଳୁଛି।

ଗତ ୨୦୨୦ ମସିହା ଜୁଲାଇ ୨୬ ତାରିଖ ଦିନ ଆଇଆରସି ଭିଲେଜରେ ରହୁଥିବା ତୁଳସୀ ଦେବୀ ଘରେ ଥିବାବେଳେ ନାରାୟଣ ତାଙ୍କୁ ହାଣି ସୁନା ଚେନ ଛଡ଼ାଇ ନେଇଥିଲା। ଗୁରୁତର ଅବସ୍ଥାରେ ତୁଳସୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ଆରମ୍ଭରୁ ଦଫା ୩୯୪/୪୫୦/୩୪ ଆଇପିସିରେ ମାମଲା ରୁଜୁ କରିଥିବା ପୁଲିସ ତୁଳସୀଙ୍କ ମୃତ୍ୟୁପରେ ୩୦୨ (ହତ୍ୟା) ଦଫା ଯୋଡ଼ିଥିଲା। ଏମିତିକି ୩୦୨/୩୯୪/୪୫୦ ଓ ୩୪ ଦଫାରେ ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ହେଲେ ବିଚାର ସମୟରେ ପ୍ରମାଣ ଅଭାବରୁ ୩୦୨ (ହତ୍ୟା) ଦଫା କଟି ଯାଇଥିଲା। ଅଭିଯୁକ୍ତ ନାରାୟଣକୁ ହତ୍ୟା ପରିବର୍ତ୍ତେ କଲପେବଲ୍ ହୋମିସାଇଡ୍ ଦଫାରେ



ଦଣ୍ଡବିଧାନ ହୋଇଥିଲା। ସେହିପରି ରାଉରକେଲାର ଦୀପକ ଓ ଜଗତସିଂହପୁରର ବାପି ଉଭୟ ଚନ୍ଦକା ଥାନା ତୁଳସୀଦେଇପୁରସ୍ଥିତ ଫାର୍ମ ହାଉସରେ କାମ କରୁଥିଲେ। ୨୦୨୩ ମସିହା ମାର୍ଚ୍ଚ ୧ ତାରିଖ ଦିନ କୌଣସି କାରଣରୁ ଦୀପକ ଓ ବାପି ମଧ୍ୟରେ ଝଗଡ଼ା ହୋଇଥିଲା। ବାପି ରାଗିଯାଇ ଦୀପକଙ୍କ ବେକକୁ ଏକ ଗାମୁଛା ଦ୍ୱାରା ଭିଡ଼ି ହତ୍ୟା କରିଥିଲା। ଏହି ଘଟଣାରେ ଚନ୍ଦକା ଥାନା ପୁଲିସ ବାପିକୁ ଗିରଫ କରିବା ସହ ଦଫା - ୩୦୨ ଆଇପିସିରେ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ହେଲେ ଏହି ଘଟଣାରେ ମଧ ସମାନ କଥା ଘଟିଥିଲା। ପ୍ରମାଣ ଅଭାବରୁ ଅଦାଲତ ହତ୍ୟା ପରିବର୍ତ୍ତେ କଲପେବଲ୍ ହୋମିସାଇଡ୍ ଦଫାରେ ଅଭିଯୁକ୍ତ ବାପିକୁ ଦୋଷୀ ସାବ୍ୟସ୍ତ କରିଥିଲେ।

କୌଣସି ଘଟଣାରେ ଅଭିଯୁକ୍ତକୁ ଗିରଫ କରିବା ଯେତିକି ଆବଶ୍ୟକ, ଅଭିଯୁକ୍ତ ବିରୋଧରେ ପ୍ରମାଣ ଯୋଗାଡ଼ କରି ଦୋଷୀ ସାବ୍ୟସ୍ତ କରିବା ତା' ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ହେଲେ ପୁଲିସ ଆରମ୍ଭରୁ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିବା ସହ ବିଭିନ୍ନ ତଥ୍ୟ ପ୍ରମାଣ ଯୋଗାଡ଼ କରି ହତ୍ୟା ଦଫାରେ ଚାର୍ଜସିଟ୍ ମଧ ଦାଖଲ କରୁଛି। ହେଲେ ବିଚାର ସମୟରେ ପୁଲିସ କୋର୍ଟରେ ପ୍ରମାଣ ଉପସ୍ଥାପନ କରିପାରୁନଥିବାରୁ ହତ୍ୟା ଅଭିଯୁକ୍ତମାନଙ୍କ ଦଣ୍ଡ କୋହଳ ହୋଇଯାଉଛି। ଫଳରେ ହତ୍ୟା କରିଥିଲେ ମଧ ଅଭିଯୁକ୍ତମାନେ କୋହଳ ଦଫାରେ ଦୋଷୀ ସାବ୍ୟସ୍ତ ହେଉଛନ୍ତି। ଇଏ କେବଳ ଗୋଟିଏ କି ଦୁଇଟି ମାମଲା ନୁହେଁ, ଏହିପରି ଅନେକ ଉଦାହରଣ ରହିଛି। ହେଲେ ଏହିସବୁ ଘଟଣାରେ ଗୋଟିଏ ସମାନତା ମଧ ରହିଛି। ହତ୍ୟାକାଣ୍ଡର କାରଣ ବା ହତ୍ୟା କରିବାର ଉଦ୍ଦେଶ୍ୟକୁ ପୁଲିସ ପ୍ରମାଣ କରିପାରୁନାହିଁ। ଅଭିଯୁକ୍ତର ହତ୍ୟା କରିବାର ଉଦ୍ଦେଶ୍ୟ ପ୍ରମାଣିତ ନହେବାରୁ କୋର୍ଟ ତାଙ୍କୁ କଲପେବଲ୍ ହୋମିସାଇଡରେ ଦୋଷୀ ସାବ୍ୟସ୍ତ କରୁଛନ୍ତି। ଚାର୍ଜସିଟ୍ କରିଥିବା ଦଫାକୁ କୋର୍ଟରେ ପ୍ରମାଣ କରିନପାରିବା ପୁଲିସର ପାରିବା ପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## କ'ଣ ଏହି କଲପେବଲ୍ ହୋମିସାଇଡ୍

କଲପେବଲ୍ ହୋମିସାଇଡ୍ ଭଳି ଅପରାଧ ଘଟାଇଲେ ବିଏନ୍ଏସ୍ ଦଫା ୧୦୫ (ଆଇପିସି ୩୦୪) ଲାଗିବାର ପ୍ରାବଧାନ ରହିଛି। 'କ' ଓ 'ଖ' ଉଦାହରଣ ଭାବେ ନେଇପାରିବା। ଯଦିଓ କାହାରିକୁ ହତ୍ୟା କରିବା 'କ' ର ଉଦ୍ଦେଶ୍ୟ ନୁହେଁ। କିନ୍ତୁ 'କ' ର କାର୍ଯ୍ୟ ଦ୍ୱାରା 'ଖ' ର ମୃତ୍ୟୁ ଘଟିଥାଏ। ଯେଉଁଠି କି 'କ' ଜାଣିଥାଏ ଯେ, ସେ କରୁଥିବା କାମ ଅତ୍ୟନ୍ତ ବିପଦଜନକ ଓ ଏହା ନିଶ୍ଚିତ ଭାବରେ 'ଖ' ର ମୃତ୍ୟୁ ଘଟାଇପାରେ କିମ୍ବା ମୃତ୍ୟୁ ହେବାର ସମ୍ଭାବନା ରହିଛି। ସେହି କ୍ଷେତ୍ରରେ ଦଫା ୧୦୫ ବିଏନ୍ଏସ୍ଏସ୍ (ଆଇପିସି ୩୦୪) ଲାଗିଥାଏ।

ତୁଳସୀଦେଇପୁର ଫାର୍ମ ହାଉସରେ ଦୀପକ ମୃତ୍ୟୁ ଘଟଣାକୁ ଯଦି ଉଦାହରଣ ଭାବେ ନିଆଯାଏ। ଯଦିଓ ଦୀପକଙ୍କୁ ହତ୍ୟା କରିବା ବାପିର ଉଦ୍ଦେଶ୍ୟ ନୁହଁ। କିନ୍ତୁ ବାପି ଜାଣିଥିଲା ଯେ ଦୀପକଙ୍କ ବେକକୁ ଗାମୁଛା ଦ୍ୱାରା ଭିଡ଼ିବା ଦ୍ୱାରା ତାଙ୍କର ପ୍ରାଣହାନୀ ହୋଇପାରେ। ଦୀପକଙ୍କୁ ହତ୍ୟା କରିବା ଯଦିଓ ବାପିର ଉଦ୍ଦେଶ୍ୟ ନଥିଲା, କିନ୍ତୁ ତା'ର କାର୍ଯ୍ୟ ଦ୍ୱାରା ଦୀପକ ପ୍ରାଣ ହରାଇଥିଲେ। ସେଥିଲାଗି ବାପି ବିରୋଧରେ ଆଇପିସି ଦଫା - ୩୦୪ (କଲପେଡଲ୍ ହୋମିସାଇଡ୍) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଗଲା।

# ଆଇଜି ପାର୍କରେ ଯୁବତୀଙ୍କୁ ଅସଦାଚରଣ

■ ପ୍ରଥମେ କମେଣ୍ଟ ମାରିଲେ, ପରେ ଅସଦାଚରଣ କଲେ
■ ଭିଡିଓ ଭାଇରାଲ୍ ପରେ ଦୁଇ ଅଟକ



ଭୁବନେଶ୍ୱର, ୨୦।୧୨(ସମିସ): ରାଜଧାନୀର ଆଇଜି ପାର୍କରେ ଯୁବତୀଙ୍କୁ ଅସଦାଚରଣ। ସନ୍ଧ୍ୟା ସମୟରେ ସମ୍ପୃକ୍ତ ଯୁବତୀ ତାଙ୍କ ପୁରୁଷବନ୍ଧୁଙ୍କ ସହ ପାର୍କରେ ବୁଲିଥିଲା ବେଳେ କମେଣ୍ଟ ମରାକୁ କେନ୍ଦ୍ରକରି ପ୍ରଥମେ ପାଟିତୁଣ୍ଡ ଏବଂ ପରେ ସର୍ବସମ୍ମୁଖରେ ଅସଦାଚରଣ କରାଯାଇଛି। ତିନି ଜଣରୁ ଊର୍ଦ୍ଧ୍ୱ ଯୁବକ ମିଳିମିଶି ଏଭଳି କାଣ୍ଡ ଭିଆଇଛନ୍ତି। ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।


ପୁଲିସ ସୂଚାନା ମୁତାବକ, ସନ୍ଧ୍ୟା ସମୟରେ ଯୁବତୀ ଏବଂ ତାଙ୍କ ପୁରୁଷ ବନ୍ଧୁ ପାର୍କ ବୁଲିବାକୁ ଆସିଥିଲେ। ପାର୍କରେ ବୁଲୁଥିଲା ବେଳେ ସେମାନେ କିଛି ଅସାମାଜିକ ଯୁବକଙ୍କ ହାବୁଡରେ ପଡ଼ିଯାଇଥିଲେ। ଏହି ଯୁବକମାନେ ସଂଘବଧ ଭାବେ ବୁଲୁଥିଲେ। ପାର୍କରେ ଥିବା ପ୍ରେମୀଯୁଗଳଙ୍କୁ ହଇରାଣ କରୁଥିଲେ। କମେଣ୍ଟ ମାରୁଥିଲେ। ସନ୍ଧ୍ୟାସମୟରେ ଅସଦାଚରଣର ଶିକାର ହୋଇଥିବା ଯୁବତୀ ଏବଂ ତାଙ୍କ ପୁରୁଷବନ୍ଧୁ ଜଣଙ୍କ ପ୍ରତିବାଦ କରିଥିଲେ। ଏଣୁ ସଙ୍ଘବଧ ଯୁବକମାନେ ଏଥିରେ ରାଗତମ୍‌ତମ୍ ହୋଇ ଯୁବତୀଙ୍କ ସହ ପାଟିତୁଣ୍ଡ କରିବାରେ ଲାଗିଥିଲେ।

ପରେ ଦୁବୃତ୍ତମାନେ ପୁରୁଷ ବନ୍ଧୁଙ୍କୁ ଗାଳିଗୁଲଜ ଏବଂ ପେଲାଠେଲା କରିବା ସହ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ବାରମ୍ବାର ଅସଦାଚରଣ କରିବା ସହ ଧମକ ଦେଇଥିଲେ। ଯୁବତୀଙ୍କୁ ଟଣାଓଟରା ବେଳର ଏକ ଭିଡିଓ ଜୋରସୋରରେ ଭାଇରାଲ ହେବାରେ ଲାଗିଛି। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ପାର୍କ ଭଳି ଏକ ସର୍ବସାଧରଣ ସ୍ଥାନରେ ଏଭଳି ଘଟିବାକୁ ଲୋକେ ସହଜରେ ହଜମ କରି ପାରୁ ନାହାନ୍ତି।

ପାର୍କରେ ସବୁ ସମୟରେ ସିକ୍ୟୁରିଟି ଗାର୍ଡଙ୍କୁ ମୁତୟନ କରାଯାଇ ଥାଏ। ଯୁବତୀଙ୍କୁ ଅସଦାଚରଣ ବେଳେ ଏହି ସିକ୍ୟୁରିଟି ଗାର୍ଡମାନେ କଣ କରୁଥିଲେ। ସିକ୍ୟୁରିଟି ଗାର୍ଡମାନେ କିଭଳି କିଛି ଜାଣି ପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି।

# ଘର ଦେବା ଆଳରେ ଠକେଇ; ବିଲ୍ଡର ଗିରଫ

■ କୋଟି କୋଟି ଟଙ୍କାର ଠକେଇ ଅଭିଯୋଗରେ ଓଡିଟେକ୍‌ର ନିର୍ଦ୍ଦେଶକ
■ ଅନେକ ଥାନା ଏବଂ ଅଦାଲତରେ ରଞ୍ଜନ ନନ୍ଦ ନାଁରେ ଗଡୁଛି ମାମଲା



ଭୁବନେଶ୍ୱର, ୨୦।୧୨ (ସମିସ): ବିଲ୍ଡର୍ସ ସଂସ୍ଥା ଓଡ଼ିଟେକ୍ ପ୍ରପର୍ଟିସ୍ ପ୍ରା.ଲିଃ ନାମକ ସଂସ୍ଥାର ନିର୍ଦ୍ଦେଶକ ରଞ୍ଜନ ନନ୍ଦ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ତାଙ୍କୁ ଭୁବନେଶ୍ୱର ଗଲ୍ କ୍ଲବ୍ ପରିସରରୁ ଏନ୍‌ବିଡବ୍ଲ୍ୟୁ ମାମଲାରେ ଗିରଫ କରିଛି। ସେ କୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରି ଥାନାରେ ହାଜର ହୋଇ ନ ଥିଲେ। ଏଣୁ କୋର୍ଟ ତାଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫଦରୀ ପରୱାନା ଜାରି କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକୁ ଆଧର କରି ଏହି ଗିରଫଦାରୀ କରାଯାଇଛି ବୋଲି ଇନ୍‌ଫୋସିଟି ଥାନା ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ରଞ୍ଜନଙ୍କ ହାଉସିଂ ପ୍ରୋଜେକ୍ଟ ନାମରେ ଏକାଧିକ ଲୋକଙ୍କ ଠାରୁ ଟଙ୍କା ନେଇଥିଲେ। ସେମାନଙ୍କୁ ଘର ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରବର୍ତ୍ତି ସମୟରେ ଆଉ ପ୍ରତିଶ୍ରୁତି ପାଳନ କଲେ ନାହିଁ ବୋଲି ବିଭିନ୍ନ ଥାନା ଏବଂ କୋର୍ଟରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏହି ଭଳି ଭାବେ ସେ ବହୁ କୋଟି ଟଙ୍କା ଜମାକାରୀଙ୍କ ଠାରୁ ନେଇଥିବା ଅଭିଯୋଗ ହୋଇଛି। ଠକେଇ ଏବଂ ସମ୍ପତ୍ତି କେଳେଙ୍କାରୀ ନେଇ ଏକାଧିକ ମାମଲାରେ ସେ ଛନ୍ଦି ହୋଇଥିବା ସୂଚନା ମିଳିଛି।

ତାଙ୍କ ସଂସ୍ଥା ଓଡ଼ିଟେକ୍ ପ୍ରପର୍ଟିସ୍ ପ୍ରା.ଲିଃ କଟକରେ ପଞ୍ଜିକୃତ ହୋଇଛି। ହେଲେ ସେ ଭୁବନେଶ୍ୱରରେ ଅପରେଟ୍ କରୁଛନ୍ତି। ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଇନ୍‌ଫୋସିଟି ସମେତ ଏକାଧିକ ସ୍ଥାନରେ ତାଙ୍କ ଏକାଧିକ ପ୍ରୋଜେକ୍ଟ ଚାଲିଛି। ତେବେ ସେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ତାଙ୍କର ଉପରମହଲରେ ବହୁ କନେକ୍ସନ୍ ରହିଛି।

# ବ୍ରାଉନ୍‌ସୁଗର ଜବତ; ଦମ୍ପତି ଗିରଫ



ଭୁବନେଶ୍ୱର, ୨୦।୧୨ (ସମିସ): ବେଆଇନ ବ୍ରାଉନ୍‌ସୁଗର କାରବାର କରୁଥିବା ଅଭିଯୋଗରେ ଦମ୍ପତିଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ହଳଦୀପଡ଼ିଆ ବସ୍ତିର ସୁଶ୍ରୀ ନାୟକ (୨୫) ଓ ତାଙ୍କ ସ୍ୱାମୀ ସାଗର ବେହେରା (୨୫)। ପୁଲିସ ସୂଚନାନୁସାରେ, ଲୋଟସ୍ ହୋଟେଲ ଲେନ୍ ନିକଟରେ ବ୍ରାଉନସୁଗର ବିକ୍ରି ହେଉଥିବା ଖବରପାଇ ଲକ୍ଷ୍ମୀସାଗର ଚଢ଼ଉ କରିଥିଲା। ସେଠାରୁ ସୁଶ୍ରୀ ଓ ସାଗରକୁ ଅଟକ ରଖିବା ସହ ତଲାସୀ କରିଥିଲା। ଯାଞ୍ଚ ସମୟରେ ସେମାନଙ୍କ ଠାରୁ ୧୦ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଏଥିସହିତ ଏକ ହଜାର ଟଙ୍କା, ସ୍କୁଟି ଓ ଦୁଇଟି ମୋବାଇଲ୍ ଫୋନ୍ ଜବତ କରିଥିଲା। ଏନେଇ ଲକ୍ଷ୍ମୀସାଗର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦମ୍ପତିଙ୍କୁ କୋର୍ଟ ଚାଲାଣ କରିଛି।

# କଣ୍ଡକ୍ଟରଙ୍କୁ ଆକ୍ରମଣ କରି ହେଲ୍‌ପର ଗିରଫ

ଭୁବନେଶ୍ୱର, ୨୦।୧୨ (ସମିସ): ବସ୍ କଣ୍ଡକ୍ଟରଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ହେଲପରକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବରମୁଣ୍ଡା ପ୍ରଧାନ ସାହିରେ ରହୁଥିବା ଗଞ୍ଜାମ ପୋଲସରା ଥାନା ବିରିପୁରର ଦୀପକ ବିଷୋୟୀ ଓରଫ୍ ଦିପୁ (୨୫)। ପୁଲିସ ସୂଚନା ଅନୁସାରେ ଶୁକ୍ରବାର ଅପରାହ୍ଣରେ ସିଂହାସିନୀ ବସ୍ ବରମୁଣ୍ଡା ବସଷ୍ଟାଣ୍ଡରେ ଛିଡ଼ା ହୋଇଥିବା ବେଳେ ପୂର୍ବରୁ ସେହି ବସ୍‌ରେ ହେଲ୍‌ପର ଥିବା ଦୀପୁ ଆସି କଣ୍ଡକ୍ଟରଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲା। ସେହି ସମୟରେ ବାଦଲ ଗୌଡ଼ ଛଡାଇବାକୁ ଆସିବାରୁ ଥିବା ଦୀପୁ ତାଙ୍କୁ ମଧ ଆକ୍ରମଣ କରିଥିଲା। ଏହି ଆକ୍ରମଣ ଫଳରେ ବାଦଲ ଚେତାଶୂନ୍ୟ ହୋଇଯାଇଥିଲେ। ଅନ୍ୟ ଲୋକମାନେ ଆସିଯିବାରୁ ଦୀପୁ ଘଟଣାସ୍ଥଳରୁ ଚାଲିଯାଇଥିଲା। ସ୍ଥାନୀୟ ଲୋକମାନେ ବସ୍ କଣ୍ଡକ୍ଟର ଓ ବାଦଲଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ବାଦଲଙ୍କ ଅଭିଯୋଗକ୍ରମେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରିବା ସହ ଦୀପୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

■ ଜମି ଦେବାକୁ କହି ୧୨ ଲକ୍ଷ ଠକେଇ

# ବିଲ୍ଡର ଗୟା ଜେନାଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ

ଟଙ୍କା ମାଗିବାରୁ ଅଭିଯୋଗକାରୀଙ୍କୁ ଗାଳିଗୁଲଜ



ଭୁବନେଶ୍ୱର, ୨୦।୧୨(ସମିସ): ଜମି ଜାଲିଆତି ମାମଲାର ଠକ ବିଲଡରଙ୍କୁ ଗୟାଧର ଜେନାଙ୍କୁ ୩ ବର୍ଷର ସଜା। ଭୁବନେଶ୍ୱର ଜେଏମଏଫ୍‌ସି (ତୃତୀୟ) ଅଦାଲତର ବିଚାରପତି ମିସ୍ କରୋନିକା ଘୋଷ ଏହି ସଜା ଶୁଣାଇଛନ୍ତି। ଏହାସହ ୧୦,୦୦୦ ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୩ ମାସର ସଶ୍ରମ କାରାଦଣ୍ଡ ଲାଗି ମଧ ଆଦେଶ ଦେଇଛନ୍ତି। ଏହି ମାମଲାରେ ୫ଜଣ ସାକ୍ଷୀ ଓ ୪୯ ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଆସାମୀ ଗୟାଧର ଜେନାଙ୍କୁ ଆଇପିସିର ଧାରା ୪୨୦ ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି।

ପୁଲିସ ସୂଚନା ମୁତବାକ, ସାରଳା ରିଅଲକନ୍ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଆସାମୀ ଗୟାଧର ଜେନା କୋରଡ଼ାକାନ୍ତା ଝାରପଡ଼ାରେ ଏକ ଜମି ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ଅଭିଯୋଗକାରୀ ପ୍ରଦୀପ୍ତ କୁମାର ନାୟକଙ୍କ ଠାରୁ ୧୨, ୫୦, ୦୦୦ ଟଙ୍କା ନେଇଥିଲେ। ଦୀର୍ଘ ସମୟ ଧରି ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ, ଗୟାଧର ଜେନା ଉକ୍ତ ଟଙ୍କା ଫେରସ୍ତ କରି ନଥିଲେ କିମ୍ବା ପ୍ରତିଶ୍ରୁତି ଦିଆଯାଇଥିବା ଜମି ପ୍ରଦାନ କରି ନ ଥିଲେ। ଯେତେବେଳେ ସେ ମାମଲାର ସମାଧାନ ପାଇଁ ଆସାମୀ ଗୟାଧର ଜେନାଙ୍କ ନିକଟକୁ ଯାଇଥିଲେ, ସେତେବେଳେ ସେ ତାଙ୍କୁ ଏବଂ ତାଙ୍କ ସ୍ତ୍ରୀଙ୍କ ସହିତ ଦୁର୍ବ୍ୟବହାର କରିଥିଲେ। ଏନେଇ ଅଭିଯୋଗକାରୀ ସହିଦନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକାରୀ ଶ୍ରୀ ନାୟକଙ୍କ ଅଭିଯୋଗ ଆଧାରରେ ସହିଦନଗର ଥାନା ପୁଲିସ ୪୨୦ ଆଇପିସିରେ ମାମଲା ରୁଜୁ କରିଥିଲା। ଏହାର ପ୍ରାଥମିକ ତଦନ୍ତ ଭାର ଥାନାର ଏଏସ୍‌ଆଇ ସିଦ୍ଧାର୍ଥ ଶଙ୍କର ସାହୁଙ୍କୁ ଦିଆଯାଇଥିଲା। ଗୟାଧର ଜେନାଙ୍କୁ ଗିରଫ କରାଯାଇଥିଲା। ଗତ ମେ ମାସରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା।

ଏହି ମାମଲାକୁ ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବିଜୟ କୁମାର ବାରିକ, ଶୟଦ ମହମ୍ମଦ ଅନୱର ଏବଂ ଅକ୍ଷୟ ପ୍ରସାଦ ବେହେରା ପରିଚାଳନା କରିଥିଲେ। ଏଠାରେ ପ୍ରକାଶ ଥାଉକି ଆସାମୀ ଗୟାଧର ଜେନା ଜଣେ ପରିଚିତ ଜମି ମଫିଆ ଓ କୁଖ୍ୟାତ ଠକ ଭାବେ ପରିଚିତ। ତାଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନା ଯଥା ସହିଦନଗର, ଲକ୍ଷ୍ମୀସାଗର, ଏବଂ ବଡ଼ଗଡ଼ ଥାନାରେ ୩୦ରୁ ଅଧିକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ସମୁଦାୟ ୯୨ଟି ମାମଲାରେ ଦୋଷୀ ମାନଙ୍କୁ ସଜା ଦିଆଯାଇ ସାରିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ତରଫରୁ ଦୋଷୀଙ୍କୁ ସଜା ହୋଇଥିବା ଚଳିତ ବର୍ଷର ଏହା ହେଉଛି ୯୭ ତମ ମାମଲା।

# କମ୍ପାନୀ ଟଙ୍କା ଠକେଇ ଅଭିଯୋଗ; ଯୁବକ ଗିରଫ



ହଂସପାଳ, ୨୦।୧୨(ସମିସ): କମ୍ପାନୀ ଟଙ୍କା ହଡ଼ପ କରି ଆତ୍ମସାତ କରିବା ଅଭିଯୋଗରେ ଅମୂଲ୍ୟ କୁମାର ନାୟକ (୩୪ ବର୍ଷ)ଙ୍କ ଅଭିଯୋଗକୁ ଭିତ୍ତିକରି ପାହାଲ ଥାନା ପୋଲିସ ବାଲିପାଟଣା ଥାନା କୁଳନ୍ତିରା ଶାସନର ଶକ୍ତି ପ୍ରସାଦ ମହାନ୍ତି(୨୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ସୂଚନା ଅନୁସାରେ ପାହାଲସ୍ଥିତ ରେନାଲ୍ଟ ସୁପର ସେଲ୍ସ ଅଟୋମୋବାଇଲ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ସର୍ଭିସ୍ ମ୍ୟାନେଜର ଭାବରେ କାର୍ଯ୍ୟରତ ଥିବା ଅମୁଲ୍ୟ, ସେହି ପ୍ରତିଷ୍ଠାନରେ ସର୍ଭିସ୍ ଆଡଭାଇଜର ଭାବରେ କାମ କରୁଥିବା ଶକ୍ତି ପ୍ରସାଦଙ୍କ ଦ୍ୱାରା କରାଯାଇଥିବା ଗୁରୁତର ଆର୍ଥିକ ଅନିୟମିତତା ଚିହ୍ନଟ କରିଥିଲେ। କମ୍ପାନୀର ଅଡିଟ୍ ରେକର୍ଡ ଯାଞ୍ଚ କରିବା ପରେ ଜଣାପଡ଼ିଥିଲା ଯେ, ଶକ୍ତି ପ୍ରସାଦ ବିଭିନ୍ନ ଗ୍ରାହକଙ୍କଠାରୁ ଯାନବାହନ ସର୍ଭିସିଂ ଓ ବୀମା ଦାବି ସମ୍ପର୍କରେ ନଗଦ ଓ ଡିଜିଟାଲ୍ ପେମେଣ୍ଟ ମାଧ୍ୟମରେ ମୋଟ ୧୧ ଲକ୍ଷ ଟଙ୍କା ଗ୍ରହଣ କରିଥିଲେ। କିନ୍ତୁ ସେହି ରାଶିକୁ କମ୍ପାନୀର ଆକାଉଣ୍ଟରେ ଜମା କରିବା ପରିବର୍ତ୍ତେ, ଶକ୍ତି ପ୍ରସାଦ ତାହାକୁ ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ସ୍ଥାନାନ୍ତର କରି ନିଜ ବ୍ୟବହାର ପାଇଁ ଆତ୍ମସାତ କରିଥିଲେ।

ଯେତେବେଳେ ଅମୁଲ୍ୟ ଉକ୍ତ ଅପବ୍ୟବହାର ସମ୍ପର୍କରେ ପଚରାଉଚରା କରିଥିଲେ, ସେତେବେଳେ ଶିବ ପ୍ରସାଦ ତାଙ୍କୁ ଧମକ ଦେଇଥିଲେ ଏବଂ ଟଙ୍କା ଫେରସ୍ତ କରିବାକୁ ସ୍ପଷ୍ଟ ଭାବେ ଅସ୍ୱୀକାର କରିଥିଲେ। ଏହା ପରେ ଅମୁଲ୍ୟ ପାହାଳ ଥାନାରେ ଏନେଇ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣା ର ତଦନ୍ତ କରି ଶିବ ପ୍ରସାଦ ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ନିଯୁକ୍ତି ପତ୍ର, ବ୍ୟାଙ୍କ ଆକାଉଣ୍ଟ କାରବାର ବିବରଣୀ ସହ ଅନ୍ୟାନ୍ୟ ପ୍ରାସଙ୍ଗିକ ଦସ୍ତାବିଜ ଜବତ କରାଯାଇଥିଲା।

# ବିଜେପି ନେତା ଇତିଶ୍ ପ୍ରଧାନ ଗିରଫ

ଭୁବନେଶ୍ୱର, ୨୦।୧୨ (ସମିସ): ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ ବିଜେପି ନେତା ଇତିଶ୍ ପ୍ରଧାନଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ପରେ କୋର୍ଟ ତାଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି। ପୁଲିସ ସୂଚନାନୁସାରେ, କିଛିଦିନ ପୂର୍ବେ ଇତିଶ୍ ତାଙ୍କ ଫେସବୁକ ଆକାଉଣ୍ଟରେ ଏକ ଭିଡିଓ ଅପଲୋଡ କରିଥିଲେ। ଏଡିଟ୍ ଭିଡିଓକୁ ଭାଇରାଲ କରିଥିଲେ ବୋଲି ଜଣେ ମହିଳା ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଥିଲେ। ଏହି ଭିଡିଓ ଭାଇରାଲ ଦ୍ୱାରା ମାନହାନି ହେଉଥିବା ନେଇ ଅଭିଯୋଗରେ ଦର୍ଶାଇଥିଲେ। ଏନେଇ ଲକ୍ଷ୍ମୀସାଗର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଶନିବାର ଇତିଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତ ଇତିଶଙ୍କୁ ଜାମିନ ପ୍ରଦାନ କରିଛନ୍ତି।

## ଓଡ଼ିଶା କେନେଲ୍ କ୍ଲବ୍ ପକ୍ଷରୁ ଆୟୋଜିତ ଡଗ୍ ଶୋ'ର ଦ୍ୱିତୀୟ ଦିନ

# ଭୁବନେଶ୍ୱର ଦେଖିଲା ତିନିକୋଟି ଟଙ୍କିଆ କୁକୁର

ଭୁବନେଶ୍ୱର, ୨୦।୧୨(ସମିସ): ଓଡ଼ିଶା କେନେଲ୍ କ୍ଲବ୍ (ଓକେସି) ପକ୍ଷରୁ ଓୟୁଏଟି ଭେଟେରିନାରି କଲେଜ ଖେଳପଡ଼ିଆରେ ଆୟୋଜିତ ହେଉଥିବା ଡଗ୍ ଶୋ' ଦ୍ୱିତୀୟ ଦିନରେ ପହଁଚିଛି। ଏହି କାର୍ଯ୍ୟକ୍ରମକୁ ଓୟୁଏଟିର ଡିନ୍ ଡ. ସୁସେନ କୁମାର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଦ୍ୱିତୀୟ ଦିନରେ ଡ. ଏସ.କେ ରାୟ ମେମୋରିଆଲ ଅଲ ବ୍ରିଡ୍ ଶୋ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବିଚାରକ ଭାବରେ ଋଷିଆରୁ ଡ. ଏଲିନା ମାଟଭେବା ଯୋଗ ଦେଇଥିଲେ। ସେହିପରି ଆଉ ଏକ ଓବିଡିଏନ୍ସ ଟ୍ରାଏଲ ପ୍ରତିଯୋଗିତା ହୋଇଥିଲା। ଏଥିରେ ସି.ଆର ପଟ୍ଟନାୟକ ବିଚାରକ ରହିଥିଲେ। ଆୟୋଜିତ ହୋଇଥିବା ଅଲ ବ୍ରିଡ ଶୋରେ ପାଖାପାଖି ୩୦ରୁ ଅଧିକ ବ୍ରିଡ୍ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ଜର୍ମାନ ସେଫର୍ଡ, ବକ୍ସର, ପୋମେରାନ୍, ସିଜୁ, ହସ୍କି ଏବଂ ଡୋବର ମ୍ୟାନ, ଲାବ୍ରାଡର, ପାଗ ଆଦି ରହିଥିଲେ। ସେହିଭଳି ଓବିଡିଏନ୍ସ ଆଣ୍ଡ ଏଲିଜିବିଲିଟି ଶୋ ରେ ମଞ୍ଜୁନାଥ ଏବଂ ଟ୍ରେନର ସୁରଜ ଶର୍ମାଙ୍କ ଆଠ ବର୍ଷୀୟ ଲାବ୍ରାଡର ସ୍ୱିଟି ପୁରସ୍କୃତ ହୋଇଛି।

■ ଭାଗ ନେଲେ ୩୦ ପ୍ରଜାତି ବିଦେଶୀ କୁକୁର
■ ଦିନକୁ ଦୁଇଥର ଡ୍ରାଏଫ୍ରୁଟ୍‌ସ ଖାଉଛି ଚିଲି
■ ଦର୍ଶକଙ୍କୁ ଆକର୍ଷିତ କରୁଛି ହସ୍କି





ପ୍ରତିଯୋଗିତାରେ କୁକୁରମାନଙ୍କର ଶାରୀରିକ ଗଠନ, ଚାଲିଚଳଣ, ବ୍ୟବହାର, ସେମାନଙ୍କ ଉତ୍ସାହ, ବ୍ରିଡ୍ ଷ୍ଟାଣ୍ଡାର୍ଡ ଆଦି ବିଭିନ୍ନ ଦିଗକୁ ଧ୍ୟାନ ଦିଆଯାଇ ସେମାନଙ୍କୁ ଜଜ୍ କରାଯାଇଥିଲା। କୁକୁରଙ୍କ ବେଶପୋଷାକ ଦର୍ଶକଙ୍କୁ ଉତ୍ସାହିତ କରିଥିଲା। କୁକୁରମାନେ ମାଲିକ ଇଙ୍ଗିତରେ କାମ କରୁଥିଲେ।

ଏହି ଡଗ ଶୋରେ ବିଭିନ୍ନ ବ୍ରିଡ ମଧ୍ୟରେ ଆକର୍ଷିତ କରିଥିଲା ଲାସା ଏବଂ ସିଜୁ ବ୍ରିଡର କୁକୁର। ଯାହାର ନାମ ଯଥାକ୍ରମେ ଚିଲି ଏମ ରେଶମ ରହିଥିଲା। ସବୁଠୁ ଆଶ୍ଚର୍ଯ୍ୟ କଥା ହେଲା ରେଶମର ବଜାର ମୂଲ୍ୟ ବର୍ତ୍ତମାନ ସମୟରେ ଅଢେଇ କୋଟିରୁ ତିନ କୋଟି ରହିଛି। ସେହିଭଳି ଚିଲିର ମୂଲ୍ୟ ଦୁଇରୁ ତିନି ଲକ୍ଷ ମଧ୍ୟରେ ରହିଛି। ଏନେଇ କୋଲକାତାରୁ ଆସିଥିବା ସେମାନଙ୍କ ମାଲିକ ବିପାଶା ମଜୁମଦାର କୁହନ୍ତି, ସେ ଚାଇନାରୁ ଏହାକୁ କିଣିଥିଲେ। ସେତେବେଳେ ଏହାର ମୂଲ୍ୟ ଯଥାକ୍ରମେ ୩ ଲକ୍ଷ ଏବଂ ୩୫ ହଜାର ରହିଥିଲା। ବର୍ତ୍ତମାନ ତାଙ୍କୁ ୪ ବର୍ଷ ବୟସ ଏବଂ ସେମାନେ କେବଳ ଡ୍ରାଏଫ୍ରୁଟସ ଦିନକୁ ଦୁଇଥର ଖାଇଥାନ୍ତି। ସେମାନଙ୍କ ମାସିକ ରହିବା, ଖାଇବା ଏବଂ ପରିଚାଳନାରେ ୭୦ ହଜାର ଖର୍ଚ୍ଚ ହେଉଥିବା କହିଛନ୍ତି ବିପାଶା। ଏହି ଶୋ ପାଇଁ ରେଶମର ପରିଚାଳନା କରିବାକୁ ଥାଇଲାଣ୍ଡରୁ ଟ୍ରେନର କାଇଙ୍କୁ ଡକାଯାଇଥିଲା।

ଏହି ଶୋରେ ସାଇବେରିଆନ ହସ୍କି ମଧ ଅଂଶ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ଯାହାର ଦୁଇ ଆଖି ଏବଂ ଶରୀରର ଗଠନ ଶୈଳୀ ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା। ଏହାର ନାମ ବ୍ଲୁ ବୋଲି ତାଙ୍କ ମାଲିକ ଦିଲ୍ଲୀପ କୁମାର ଦାଶ କହିଥିଲେ। ଯେକି ରାଜଧାନୀରେ ରହୁଛନ୍ତି ଏବଂ ସେ ଏହି ବ୍ରିଡ୍‌କୁ ବିଶାଖାପାଟଣାରୁ ଆଣିଥିଲେ। ଏହାର ମୂଲ୍ୟ ଯଥାକ୍ରମେ ୮୦ ହଜାରରୁ ଆରମ୍ଭ ହେଉଛି। ବ୍ଲୁ ପୂର୍ବରୁ ଏହି ଶୋରେ ଭାଗ ନେଇ ପୁରସ୍କୃତ ହୋଇଥିବା ଦିଲ୍ଲୀପ ସୂଚନା ଦେଇଥିଲେ।



### ଗ୍ରେଡେନ୍ ସହ ଫଟୋ ଉଠାଇବାକୁ ଭିଡ଼

ଗ୍ରେଡେନ ବିଡ୍‌ର ଦୁଇଟି କୁକୁର ସହ ଫଟୋ ଉଠାଇବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳୁଥିଲା। ଏହି କୁକୁର ଦେଖିବାକୁ ଯେତିକି ଭିନ୍ନ ସେତିକି ଉଚ୍ଚ ଏବଂ ଏହାର ମୂଲ୍ୟ ତିନି ଲକ୍ଷ ରହିଛି। ଯାହା ରାଜସ୍ଥାନରୁ ଅଣାଯାଇଥିଲା ବୋଲି ତାଙ୍କ ମାଲିକ ସଂଗ୍ରାମ ପଟ୍ଟନାୟକ କହିଥିଲେ। ଏହି ବ୍ରିଡ ବିଭିନ୍ନ ରାଜ୍ୟରେ ଆୟୋଜିତ ହେଉଥିବା ଡଗ୍ ଶୋରେ ଯାଇ ଚାମ୍ପିୟନ ମଧ ହୋଇଛି। ତାର ବୟସ ମାତ୍ର ୧୭ ମାସ, ହେଲେ ଦେଖିଲେ ତାର ବୟସ ଅନୁମାନ କରିବା କଷ୍ଟକର। ସିଏ ଖାଦ୍ୟରେ କେବଳ ଭାତ, ଚିକେନ ଏବଂ ଦହି ଖାଇଥାଏ। ଏହାକୁ ଟ୍ରେନ କରିବାକୁ ମଧ ଟ୍ରେନର ରହିଛନ୍ତି। ଯେ ନିୟମିତ ଟ୍ରେନିଙ୍ଗ ଦିଆଯାଉଛି। ଏହା ବ୍ୟତୀତ ତାଙ୍କ ପାଖରେ ଆହୁରି ୧୧ଟି ଗ୍ରେଡେନ ବ୍ରିଡ୍‌ର କୁକୁର ଅଛି ବୋଲି ସଂଗ୍ରାମ କହିଥିଲେ।

## ଖୋଲା ଆକାଶ ତଳେ ରାଇରଙ୍ଗପୁର ପରିବା ବଜାର

# ହେଉନି ଉନ୍ନତୀକରଣ; ନାହିଁ ପିଣ୍ଡି କି ଗୋଦାମ ଗୃହ



- ବ୍ୟବସାୟୀ ଓ ଗ୍ରାହକଙ୍କ ଅସନ୍ତୋଷ
- ସଫେଇ ଅଭାବରୁ ଅସ୍ୱାସ୍ଥ୍ୟକର ପରିବେଶରେ ବିକ୍ରି ହେଉଛି ପରିବା
- ଭେଣ୍ଡିଂ ଜୋନ ନିର୍ମାଣ ଦାବି

ରାଇରଙ୍ଗପୁର, ୨୦।୧୨(ସମିସ): ପୁରାତନ ସହର ରାଇରଙ୍ଗପୁରର ଉନ୍ନତିକରଣ ନେଇ ଅନେକ ଯୋଜନା ହେଉଥିବାବେଳେ ପରିବା ବଜାର ଅବସ୍ଥାରେ ସୁଧାର ଆସୁନି। ଆଜି ବି ଖୋଲା ଆକାଶ ତଳେ ଚାଲିଛି ରାଇରଙ୍ଗପୁର ନିୟମିତ ପରିବା ବଜାର। ଅବ୍ୟବସ୍ଥା ମଧ୍ୟରେ ଉଭୟ ଗ୍ରାହକ ଓ ଦୋକାନୀ ଅସନ୍ତୁଷ୍ଟ ହୋଇ ବ୍ୟବସାୟୀ କରୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ପରିବା ବଜାର ପରିସରର ଉନ୍ନତିକରଣ କାର୍ଯ୍ୟ ହେଉନି। ରାଇରଙ୍ଗପୁର ପୌରପାଳିକା ଅଞ୍ଚଳ ଦିନକୁ ଦିନ ପରିବ୍ୟାପ୍ତ ହେଉଥିବାବେଳେ ଜନସଂଖ୍ୟା ମଧ୍ୟ ବୃଦ୍ଧି ଘଟୁଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ହୋଇଥିବାରୁ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ହେବା ନେଇ ପ୍ରସ୍ତାବ ରହିଛି। କିନ୍ତୁ ଉକ୍ତ ପରିବା ବଜାର ବର୍ଷ ବର୍ଷ ଧରି ଉନ୍ନତି ଅଭାବରୁ ଖୋଲା ଆକାଶ ତଳେ ଚାଲିଛି। ଫାଙ୍କା ସ୍ଥାନରେ ତାରପୋଲିନ ବାନ୍ଧି ଦୋକାନ କରୁଛନ୍ତି ବ୍ୟବସାୟୀ। ଦୋକାନୀଙ୍କ ନିମନ୍ତେ ନା ପିଣ୍ଡି ବ୍ୟବସ୍ଥା ଅଛି ନା ପରିବା ରଖିବା ପାଇଁ ଗୋଦାମ ଗୃହ ଅଛି। ଖୋଲା ଆକାଶ ତଳେ ଦୋକାନୀ ପରିବା ବିକୁଥିବାବେଳେ ଗ୍ରାହକ କିଣୁଛନ୍ତି।

ବଜାର ପରିସରରେ ପାନୀୟଜଳ, ଶୌଚାଳୟ, ପାର୍କିଂ ଆଦି କୌଣସି ବ୍ୟବସ୍ଥା ନାହିଁ। ଦୋକାନୀଙ୍କଠାରୁ ରାଇରଙ୍ଗପୁର ପୌରପାଳିକା ମହସୁଲ ଆଦାୟ କରୁଥିବାବେଳେ ସାଧାରଣ ମୌଳିକ ସୁବିଧା ଯୋଗାଇବାରେ ବିଫଳ ହୋଇଛନ୍ତି। ବଜାର ପରିସରରେ ଭେଣ୍ଡିଂ ଜୋନ୍ କରି ଉନ୍ନତି କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବଜାର ପରିସର ଠିକ୍ ଭାବେ ସଫା ମଧ୍ୟ ହେଉନାହିଁ। ବଜାର କଡ଼କୁ ପଚା ପରିବା, ଚୋପା, ଅଳିଆ ଆବର୍ଜନା ଜମି ରହି ପୁତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ସଫେଇ ହେଲେ ସୁଦ୍ଧା ଠିକ ଭାବେ ବ୍ଲିଚିଂ ପଡ଼ି ସଫେଇ ହେଉନି। ଯଦ୍ୱାରା ବଜାର ପରିସର ଦୁର୍ଗନ୍ଧରେ ଫାଟି ପଡୁଛି। ଅସ୍ୱାସ୍ଥ୍ୟକର ପରିବେଶରେ ପରିବା ବଜାର ଚାଲିଛି। ଏହାର ସୁଧାର କରିବା ପାଇଁ ସାଂସଦ, ବିଧାୟକ କି ନଗରପାଳ କେହି ବି ମନନିବେଶ କରୁନାହାନ୍ତି। ରାଇରଙ୍ଗପୁର ପରିବା ବଜାରକୁ ନିୟମିତ ଶହ ଶହ ପରିବା ଚାଷୀ ଆସି ବେପାର କରିବାକୁ ଆସିଥା'ନ୍ତି। ଖରା, ବର୍ଷା, ଶୀତ ସବୁଦିନ ସମାନ ଅବସ୍ଥାରେ ଖୋଲା ଆକାଶ ତଳେ ବେପାର କରନ୍ତି। ବର୍ଷାଦିନେ ଅବସ୍ଥା ଆହୁରି ଶୋଚନୀୟ ହୋଇଥାଏ। ମୁଣ୍ଡ ଉପରେ ଛାତ ନ ଥିବାରୁ ବର୍ଷା ପଡ଼ି ପରିବା ନଷ୍ଟ ହେବା ସହ ଦୋକାନ କଡ଼ ଦେଇ ବର୍ଷା ପାଣି ପ୍ରବାହିତ ହୋଇଥାଏ। ବର୍ଷାରେ ବଜାର ପରିସର କାଦୁଅ ପଚ ପଚ ହୋଇଯିବାରୁ ଚଳପ୍ରଚଳ କରିବା ମଧ୍ୟ କଷ୍ଟକର ହୋଇଥାଏ। ଦୋକାନୀ ବହୁ କଷ୍ଟରେ ବ୍ୟବସାୟ କରିଥା'ନ୍ତି। ବଜାରଟି ସଙ୍କୁଚିତ ସ୍ଥାନରେ ଥିବାରୁ ଅନେକ ସମୟରେ ଜାମ ମଧ୍ୟ ହେଉଛି। ବର୍ଷ ବର୍ଷ ଧରି ଏହି ସମସ୍ୟା ଥିବାବେଳେ ସୁଧାର ପାଇଁ ବ୍ୟବସ୍ଥା ହେଉନାହିଁ। ପୂର୍ବରୁ ବଜାର କଡ଼କୁ ଏକ ଭେଣ୍ଡିଂ ଜୋନ ହୋଇଥିବା ନେଇ ସୂଚନା ରହିଛି। କିନ୍ତୁ ତାହା ପରିବା ଦୋକାନକୁ ଦିଆଯାଇନାହିଁ। ତେଣୁ ପୂର୍ବ ସ୍ଥାନରେ ବାଧ୍ୟ ହୋଇ ଦୋକାନୀ ପରିବା ବଜାର କରୁଛନ୍ତି। ପୌରପାଳିକା ମହସୁଲ ଆଦାୟ କରୁଥିବାବେଳେ ମୌଳିକ ସୁବିଧା ଯୋଗାଇ ଦେଉ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ସମାଧାନ ନିମନ୍ତେ ସ୍ଥାନୀୟ ଜନପ୍ରତିନିଧି ମନନିବେଶ କରି ଭେଣ୍ଡିଂ ଜୋନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।



## ସୁନାମୁହିଁ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାରିପଦା, ୨୦।୧୨(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୨ନଂ ୱାର୍ଡସ୍ଥ ସୁନାମୁହିଁ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଜାତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଆରସିସି ତପସ୍ୱିନୀ ଦାଶ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବ୍ରଜମୋହନ ମୁର୍ମୁ, ସିଆରସିସି କନକଲତା ମାଝୀ, ବାରିପଦା ବ୍ଲକ ଶିକ୍ଷକ ସଙ୍ଘ ସଭାପତି ପ୍ରଦୀପ ନାଥ, ସମ୍ପାଦକ ସିଦ୍ଧେଶ୍ୱର ମିଶ୍ରଙ୍କ ସମେତ ବରିଷ୍ଠ ଶିକ୍ଷକ ତଥା ଶିକ୍ଷକ ନେତା ସୋମନାଥ ସିଂହ, ସୁଶୀଲ ପଣ୍ଡା, ଗୌରଗୋପାଳ ଲେଙ୍କା, ସପନ ବେହେରା, ପ୍ରଦୀପ ଦେ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ମିନତୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ସୁବୋଧ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଗୌତମ ଦାସ ମଞ୍ଚ ପରିଚାଳନା କରିଥିଲେ। ଶ୍ରେଷ୍ଠ ଛାତ୍ରୀ ଭାବେ ପ୍ରିୟଙ୍କା ସାହୁ, ଶ୍ରେଷ୍ଠ ଖେଳାଳି ଭାବେ ଶ୍ରାବଣୀ ସିଂ ଓ ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରୀ ଭାବେ ନିଲି ରାଉତ ପୁରସ୍କୃତ ହୋଇଥିଲେ। ତତସହିତ ୧୦୪ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମାମିନା ଘୋଷ ଓ ସୁଜାତା ଦ୍ୱାରୀ, ପରିଚାଳନା କମିଟି ସଭ୍ୟସଭ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଖୁଣ୍ଟା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ

କୁଆମରା, ୨୦।୧୨(ସମିସ): ଗୋପବନ୍ଧୁନଗର ବ୍ଲକ ଖୁଣ୍ଟା ଉଚ୍ଚବିଦ୍ୟାଳୟର ୬୪ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସାବିତ୍ରୀ ପାତ୍ର ଉଦଘାଟନ କରିଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗରେ ୩୩ଟି ବିଭାଗ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷକ ସୁକେନ୍ଦୁ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାକୁ ସହକାରୀ ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା, ପ୍ରଦୀପ ପାଣିଗ୍ରାହୀ, ଦୀପାଞ୍ଜଳି ଉପାଧ୍ୟାୟ, ଅଞ୍ଜଳି ବେହେରା, ଅମୂଲ୍ୟ ବିନ୍ଧାଣୀ, ଉମାଶଙ୍କର ଚକ୍ରବର୍ତ୍ତୀ, ପଦ୍ମିନୀ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ। ବାଳକ କନିଷ୍ଠ ବିଭାଗରେ ନବୀନ ମହାପାତ୍ର, ବାଳିକା ବିଭାଗରେ ସାକର ହେମ୍ବ୍ରମ, ବରିଷ୍ଠ ବାଳକ ବିଭାଗରେ ଶ୍ୟାମସୁନ୍ଦର ମାଝୀ, ବାଳିକା ବିଭାଗରେ ରାନୀ ଦଳେଇ ଚାମ୍ପିଅନ୍ ହୋଇଥିଲେ। ଏମାନଙ୍କ ବ୍ୟତୀତ ୧୦୭ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପୁରସ୍କାର ବିବରଣୀ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଦୀପ ମିଶ୍ର, ମୁଖ୍ୟବକ୍ତା ବିଆରସିସି କୁଳମଣି ନାଏକ, ସମ୍ମାନିତ ଅତିଥି ଜାତୀୟ ସ୍ତର ଫୁଟବଲ ଖେଳାଳି ମାସଙ୍ଗ ମାରାଣ୍ଡି, ସିଆରସିସି ଯତୀନ୍ଦ୍ର ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଦନମୋହନ ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଅମୂଲ୍ୟ ବିନ୍ଧାଣୀ ଓ ସୁକେନ୍ଦୁ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ଶିକ୍ଷା ସମ୍ପର୍କିତ କର୍ମଶାଳା

ଶରତ/କପ୍ତିପଦା, ୨୦।୧୨(ସମିସ): କପ୍ତିପଦା ବ୍ଲକ ମିଶନ ଶକ୍ତି ସଭାଗୃହରେ ସ୍ୱେଚ୍ଛାସେବୀ ସଂଗଠନ ଶିକ୍ଷା ସନ୍ଧାନ ଆନୁକୂଲ୍ୟରେ ଶିକ୍ଷା ସମ୍ପର୍କିତ ସମନ୍ୱୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସନ୍ଧାନର କାର୍ଯ୍ୟକ୍ରମ ସଂଯୋଜକ ଅମର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରକଳ୍ପ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ରାଣୀପୋଖରୀ ପଞ୍ଚାୟତରେ ଜନ୍ମରୁ ୧୮ ବର୍ଷର ଶିଶୁଙ୍କ ସ୍ଥିତି, ଶିକ୍ଷାର ବିକାଶ ଓ ସରକାରୀ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଜଣାଇଥିଲେ। ଏଥି ନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମରେ ରାଣୀପୋଖରୀ ପଞ୍ଚାୟତର ସମିତିସଭ୍ୟା ସୁରୁ ସିଂ, ମହିଳା ସୁପରଭାଇଜର ଶକୁନ୍ତଳା ଦାଶ, ମିଶନ ଶକ୍ତି ବିପିସି ରତିକାନ୍ତ ମିଶ୍ର, ପ୍ଲାନ ଇଣ୍ଡିଆର ଜିଲ୍ଲା ସଂଯୋଜକ ବିପିନ ମହାନନ୍ଦ, ଶିଶୁ ବିକାଶ କର୍ମୀ ଆଶିଷ ମଲ୍ଲିକ, ଅଗ୍ରଣୀର ସଂଯୋଜକ ହେମନ୍ତ ସାହୁ, କ୍ଷେତ୍ର ସଂଯୋଜକ ଲକ୍ଷଣିଆ ସିଂ, ସୁଜାତାମଣି ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷା ଅଧିକାର ଆଇନ, ପାଠପଢ଼ାରେ ଆଧାର ପଞ୍ଜିକରଣ, ଜନ୍ମ ପଞ୍ଜିକରଣ ସମସ୍ୟା, ପ୍ରାରମ୍ଭିକ ଶୈଶବ ଶିକ୍ଷା, ବାଲ୍ୟବିବାହ, ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦୀର୍ଘ ଦିନର ଅନୁପସ୍ଥିତିର କାରଣ ଖୋଜି ତାହାର ସମାଧାନ ନିମନ୍ତେ ଅଧିକାରୀଙ୍କ ଗୋଚରରେ ଆଣିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ପିତାମାତା, ଅଭିଭାବକ, ଲୋକ ପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, ଶିକ୍ଷାବିତ, ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିବା ସରକାରୀ ଓ ବେସରକାରୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା, ଶିଶୁ ବିକାଶ ପ୍ରତିନିଧି ଓ ମିଶନ ଶକ୍ତିର ସଦସ୍ୟା ପ୍ରମୁଖ ଯୋଗଦେଇ ସୁନିଶ୍ଚିତ ମତାମତ ଦେଇଥିଲେ। ସଂଯୋଜକ ଭଗବାନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବଙ୍କ ଠାକୁରମୁଣ୍ଡା ଗସ୍ତ



ମହୁଲଡିହା, ୨୦।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟକୁ ଅଚାନକ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଗସ୍ତରେ ଆସିଛନ୍ତି। ଡାକ୍ତରଖାନାରେ ନିର୍ମାଣାଧୀନ ଉନ୍ନୟନ ପ୍ରକଳ୍ପର ତଦାରଖ କରିବା ସହିତ ଚିକିତ୍ସାଳୟର ସମସ୍ୟା ପଚାରି ବୁଝିଥିଲେ ପ୍ରମୁଖ ସଚିବ ଶୋଭା ଶର୍ମା। ପ୍ରଥମେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ (ପ୍ରିନ୍ସପାଲ ସେକ୍ରେଟାରୀ) ଶୋଭା ଶର୍ମା ଚିକିତ୍ସାଳୟର ଆଉଟ୍‌ଡୋର୍, ଲେବର ରୁମ୍, ଇନଡୋର, ନୂତନ ଭାବେ ନିର୍ମାଣ ହେଉଥିବା ବିଲଡିଂ ବୁଲି ଦେଖିଥିଲେ। ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡା. ଚିତ୍ତରଞ୍ଜନ ନାଏକଙ୍କୁ ଚିକିତ୍ସାଳୟର ସମସ୍ୟା ପଚାରି ବୁଝିଥିଲେ।ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ, ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ସିଡିଏମଓ କେସି ଆଚାର୍ଯ୍ୟ, ଡିପିଏମ ଅନୀଲ କୁମାର ମହାନ୍ତି, ବିଡିଓ ସ୍ୱପ୍ନେଶ୍ୱର ବେହେରା, ସିଡିପିଓ ପ୍ରେମଲତା ସେଠୀ, ଗୋଷ୍ଠୀ ଶିକ୍ଷାଧିକାରୀ କୁଞ୍ଜବିହାରୀ ପ୍ରଧାନ, ବିପିଏମ ସତ୍ୟବ୍ରତ ଦାସ ପ୍ରମୁଖ ଶାସନ ସଚିବଙ୍କ ପରିଦର୍ଶନ କାଳରେ ଉପସ୍ଥିତ ଥିଲେ। ଶେଷରେ ଚିକିତ୍ସାଳୟର ସମସ୍ତ କର୍ମଚାରୀ ଏହି ଗସ୍ତ କାଳରେ ସାମିଲ ହୋଇ ଆଲୋଚନାରେ ଭାଗ ନେଇଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ସାନକେରକୋ ବିଦ୍ୟାଳୟର କୃତିତ୍ୱ

ବଡ଼ସାହି, ୨୦।୧୨(ସମିସ): ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ସାନକେରକୋ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଜିଜ୍ଞାସା ମହାନ୍ତ ସବୁଜ ଶକ୍ତି ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ତାଙ୍କ ପ୍ରକଳ୍ପକୁ ବିଜ୍ଞାନ ଶିକ୍ଷକ ଅନୀଲ କୁମାର ମହାପାତ୍ର ମାର୍ଗଦର୍ଶନ ଦେଇଛନ୍ତି। ଆଧୁନିକ ଯୁଗରେ ପେଟ୍ରୋଲ ଓ ଡିଜେଲର ବ୍ୟବହାରକୁ କିପରି କମ୍ କରି ହେବ, ତାହା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସଦାନନ୍ଦ ମୁର୍ମୁ ଓ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଛାତ୍ରୀ ଜିଜ୍ଞାସାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ୨୨ ଓ ୨୩ ତାରିଖରେ କରଞ୍ଜିଆ ସରକାରୀ ବିଦ୍ୟାଳୟରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଭଲ ପ୍ରଦର୍ଶନ କରିବା ନିମନ୍ତେ ଆଶା ରଖିଛନ୍ତି।

## ଲେଡି ହେମିଲଟନ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ବାରିପଦା, ୨୦।୧୨(ସମିସ):ସ୍ଥାନୀୟ ଲେଡି ହେମିଲଟନ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ମୀନାରାଣୀ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ବିଶିଷ୍ଟ ଅତିଥି ରୂପେ ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନ ସହ ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା କଲେଜ, ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ, ହାଇକୋର୍ଟ ଆଦି ସ୍ଥାପନରେ ମୟୂରଭଞ୍ଜର ଅବଦାନକୁ ସ୍ମରଣ କରିବା ସହିତ ସଦାସର୍ବଦା ମୟୂରଭଞ୍ଜର ଇତିହାସକୁ ମନେ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଛାତ୍ରଛାତ୍ରୀଙ୍କୁ ଏକାଗ୍ରତା ରଖି ନିଜର ଜୀବନ ପଥରେ ଆଗେଇବାକୁ କହିଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ଦୀପ ଚାନ୍ଦ ଯୋଗଦେଇ ଭାରତର ପୂର୍ବତନ ରାଷ୍ଟ୍ରପତି ଡଃ ଏପିଜେ ଅବଦୁଲ କାଲାମଙ୍କ ସଂଘର୍ଷ କାହାଣୀ ବର୍ଣ୍ଣନା କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ନିମନ୍ତ୍ରିତ ଅତିଥି କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଗଣେଶ ଓ ସରସ୍ୱତୀଙ୍କ ମୁଗୁନି ନିର୍ମିତ ମୂର୍ତ୍ତିର ଉନ୍ମୋଚନ ଓ ମାଲ୍ୟାର୍ପଣ ହୋଇଥିଲା। ଶିକ୍ଷକ ପୂର୍ଣଚନ୍ଦ୍ର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଅନୁପମା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସିଲିସ୍ୱପ୍ନା ପଟ୍ଟନାୟକ, ମେରିନା ଦାସ ଓ ଧରିତ୍ରୀ ମହାନ୍ତଙ୍କ ଦ୍ୱାରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା। ଶିକ୍ଷକ ଦୀପକ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ଜୟପ୍ରକାଶ ନାରାୟଣ ବିଦ୍ୟାଳୟର ବାର୍ଷିକ ଉତ୍ସବ



ମହୁଲଡିହା, ୨୦।୧୨(ସମିସ): ଠାକୁରମୁଣ୍ଡା ବ୍ଲକ ମିଟୁଆଣିସ୍ଥ ଜୟପ୍ରକାଶ ନାରାୟଣ ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦର୍ଶନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୁଞ୍ଜବିହାରୀ ପ୍ରଧାନଙ୍କ ସମେତ ଅନ୍ୟ ଅତିଥିମାନେ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଫକୀରପୁର ସିଟି କଲେଜର ଉପାଧ୍ୟକ୍ଷ ନରସିଂହ ମୁର୍ମୁ, ସମ୍ମାନିତ ଅତିଥି ରୂପେ ପଡ଼ିଆବଡୋ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ, କେଶଡିହା କଷ୍ଟରର ସିଆରସିସି ବିଶେଶ୍ୱର ତରାଇ, ଅବସରପ୍ରାପ୍ତ ଶିକ୍ଷକ ରମେଶ ଦାଶ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସୁଦର୍ଶନ ରାଉତ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ରଶ୍ମିରେଖା ଦାଶ ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ମହେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଶ୍ରୀସତ୍ୟସାଇ ବିଦ୍ୟାବିହାରର ବାର୍ଷିକ କ୍ରୀଡ଼ା

ବାରିପଦା, ୨୦।୧୨(ସମିସ): ସ୍ଥାନୀୟ ଶ୍ରୀସତ୍ୟସାଇ ବିଦ୍ୟାବିହାରର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ବାରିପଦା ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା ବାହାରି ଷ୍ଟାଡିୟମରେ ପହଞ୍ଚିବା ପରେ ପରିଚାଳନା ସମିତି ସଭାପତି ସନ୍ଦୀପ ଆଚାର୍ଯ୍ୟ କ୍ରୀଡ଼ାକୁ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ଗିରିଜା ମହାନ୍ତି, ପରିଚାଳକ ଦେବାଶିଷ ମହାପାତ୍ର, ଶ୍ରୀସତ୍ୟସାଇ ସେବା ସଂଗଠନର ମୟୂରଭଞ୍ଜ ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ସାହୁ, ଶ୍ରୀସତ୍ୟସାଇ ସେବା ସମିତି ବାରିପଦାର ଆବାହକ ମାନସ ମହାପାତ୍ର, ସମିତିର ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ। ପରିଚାଳନା ସମିତି ସଭାପତି ଶ୍ରୀ ଆଚାର୍ଯ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମହାନ୍ତି, ଜିଲ୍ଲା ସଭାପତି ଶ୍ରୀ ସାହୁ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟଙ୍କ ଗହଣରେ ବିଦ୍ୟାଳୟ ପତାକା ଉତ୍ତୋଳନ ହୋଇଥିଲା। କ୍ରୀଡ଼ା ଛାତ୍ର ସଂଯୋଜକ ଦେବାଂଶ ମହାରଣା ଓ ଛାତ୍ରୀ ସଂଯୋଜିକା ଆଲିଶା ମହାପାତ୍ର ପ୍ରଥମେ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ଶପଥପାଠ କରାଇବା ପରେ କ୍ରୀଡ଼ା ଉତ୍ସବର ବିଭିନ୍ନ ବିଭାଗର ପ୍ରତିଯୋଗିତା କ୍ରମାନ୍ୱୟରେ ଚାଲିଥିଲା। ଅଧ୍ୟକ୍ଷ ଶ୍ରୀ ମହାନ୍ତି କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଅଧ୍ୟୟନ ସହିତ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ କ୍ରୀଡ଼ା ସମିତିର ଦେବରଞ୍ଜନ ପରିଡ଼ା ଓ ଅଜିତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ସହଯୋଗରେ ସଫଳତାର ସହିତ ସମାହିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶ୍ରୀ ଆଚାର୍ଯ୍ୟଙ୍କ ଦ୍ୱାରା ମଙ୍ଗଳ ଆରତୀ କରାଯାଇ କାର୍ଯ୍ୟକ୍ରମ ଉଦଯାପନ ହୋଇଥିଲା।

## ରାଧାକୃଷ୍ଣ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

କପ୍ତିପଦା, ୨୦।୧୨(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଗୌଡ଼ଗାଁଠାରେ ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରସାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଇଓ ତ୍ରିଲୋଚନ ସାହୁ, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ପ୍ରତାପ ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷା ଅନୁନିରୀକ୍ଷକ ଭାସ୍କର ବାରିକ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅକ୍ଷୟ ବେହେରା, କପ୍ତିପଦା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲକ ବେଜ, ଅତିଥି ଭାବେ ବଳରାମ ସାହୁ, ବିପିନ ପୋଥାଳ, ଗଗନ ବିହାରୀ ପୋଥାଳ, ରଣଜିତ ସାହୁ, ଅଞ୍ଜନା ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଆଶିଷ ଖିଲାର, ନିର୍ମଳ ମହାଳିକ, ପ୍ରୀତମ ସେଠୀ, ବୁଦ୍ଧିରାମ ଗିରି, ଶିକ୍ଷୟିତ୍ରୀ ଶୈଳବାଳା ନାୟକ, ଦମୟନ୍ତୀ ଲେଙ୍କା, ଆରତୀ ସାହୁ, ସୁଶ୍ରୀ ଭାଗ୍ୟଶ୍ରୀ ବେଜ, ଅମ୍ବିକା ଡାକୁଆ, ନମିତା ରାଣୀ ସେଠୀ, ରାଜଶ୍ରୀ ଖିଲାର, ଲିଲି ଜେନା, ଇପ୍ସିତା ସାହୁ, ରଶ୍ମିତା ଖିଲାର ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଦାମୋଦର ଯାତ୍ରା ପ୍ରସ୍ତୁତି ବୈଠକ

କପ୍ତିପଦା, ୨୦।୧୨(ସମିସ):ଆଦିବାସୀ ପରମ୍ପରାରେ ଦାମୋଦର ଯାତ୍ରା ଏକ ପାରମ୍ପରିକ ପର୍ବ ଭାବେ ପାଳିତ ହୋଇଆସୁଛି। ଆଗାମୀ ଦାମୋଦର ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ନେଦାମଠାରେ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ଶୃଙ୍ଖଳା ଭିତ୍ତିରେ ଏହି ଯାତ୍ରା ପାଳନ କରିବାକୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ମାଝି ପର୍ଗଣାମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ଜାନୁଆରୀ ୨୦ ତାରିଖରେ ଏହି ଯାତ୍ରା ଅନୁଷ୍ଠିତ ହେବ। ବର୍ଷସାରା ସାଇତି ରଖିଥିବା ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ କରିବାକୁ ଏହି ଦିନଟି ଧାର୍ଯ୍ୟ ହୋଇଥାଏ। ଏ ବର୍ଷ ସମସ୍ତ ମୁଖିଆ ଏକତ୍ରିତ ହୋଇ ଯିବାକୁ ବୈଠକରେ ସିଦ୍ଧାନ୍ତ ହୋଇଥିଲା। ବୈଠକକୁ ରମେଶ ହାଁସଦା (ମୂଳକୁ ପର୍ଗଣା), ବାଜୁନ ହାଁସଦା (ମୁକାମ ପାର୍ଗନ୍ନା), ଦୁର୍ଗାଚରଣ ମାରଡି (ଉଦଲା ମୂଳକୁ ପାର୍ଗାନ୍ନା) ପରିଚାଳନା କରିଥିଲେ।

## କେରଳା ପବ୍ଲିକ ସ୍କୁଲରେ ସଙ୍ଗୀତଜ୍ଞଙ୍କୁ ସମ୍ବର୍ଦ୍ଧନା

ରାଇରଙ୍ଗପୁର, ୨୦।୧୨(ସମିସ): ସ୍ଥାନୀୟ କେରଳା ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ଅବସରରେ ସଙ୍ଗୀତ ପରିବେଷଣ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଲୋକ ଉତ୍ସବ ଛଟ ପର୍ବର ଏକ ସାଂସ୍କୃତିକ ସଙ୍ଗୀତ ପରିବେଷଣ ରାଇରଙ୍ଗପୁର ସହରରେ ଚର୍ଚ୍ଚିତ ହୋଇଛି। ହିନ୍ଦୀ ଓ ବିହାରି ସମ୍ପ୍ରଦାୟର ଲୋକେ ଉକ୍ତ ଭିଡିଓକୁ ବାରମ୍ବାର ଦେଖୁଛନ୍ତି। ଏହାର ସଙ୍ଗୀତଜ୍ଞଙ୍କୁ ଛଟ ପର୍ବ ସାମାଜିକ ଓ ସାଂସ୍କୃତିକ ଟ୍ରଷ୍ଟ ସଭାପତି ବିଜୟ ରାମ ଓ ବିହାରୀ ଏକତା ସଂଘ ସଭାପତି ଲାଲବାବୁ ସାଓଙ୍କ ନେତୃତ୍ୱରେ ସମ୍ବର୍ଦ୍ଧିତ କରାଯାଇଛି। କେରଳା ପବ୍ଲିକ ସ୍କୁଲ ଅଧ୍ୟକ୍ଷା ଗୀତାଞ୍ଜଳି ତ୍ରିପାଠୀ, ସାଂସ୍କୃତିକ ସଂଯୋଜକ ସନ୍ତୋଷୀ ରାମଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ନୃତ୍ୟ ନିର୍ଦ୍ଦେଶିକା ନିକି ମିସଙ୍କୁ ଅନୁପସ୍ଥିତିରେ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏଥିସହିତ ପ୍ରତିଭା ପରିବେଷକଙ୍କୁ ଚକଲେଟ ଦେଇ ଉତ୍ସାହିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅବଧେଶ ମିଶ୍ର, ରାଜେଶ ପ୍ରଜାପତି, ବିନୋଦ ଦାସ, କିଶୋର ରଜକ, ମୟୁର ଗୁପ୍ତା, ଛୋଟୁ ଯାଦବ, ବୈଦ୍ୟନାଥ ସାଓ ପ୍ରମୁଖ ଉପସ୍ଥିତ ଥିଲେ।

## ରାଇରଙ୍ଗପୁରରେ ଖସୁଛି ପାରଦ

# ସକାଳୁ ବଢୁଛି କୁହୁଡ଼ି, ଜନଜୀବନ ଅସ୍ତବ୍ୟସ୍ତ



ରାଇରଙ୍ଗପୁର, ୨୦।୧୨(ସମିସ): ପାରଦ ନିମ୍ନଗାମୀ ହେବା ସହ ରାଇରଙ୍ଗପୁରରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି। ଯାହାକୁ ନେଇ ଶନିବାର ସକାଳରେ କୁହୁଡ଼ି ମାତ୍ରା ଅନେକ ବୃଦ୍ଧି ପାଇ ସହର ସାରା କୁହୁଡିରେ ଆଚ୍ଛାଦିତ ହୋଇଯାଇଥିଲା। ଘନ କୁହୁଡ଼ି ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ପ୍ରବଳ ଶୀତ ଅନୁଭବ ସହ ଘନ କୁହୁଡି ପରିଲକ୍ଷିତ ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ମଧ୍ୟ ପ୍ରଦାନ କରାଯାଇଛି।

ଗତ ୨/୩ଦିନ ହେବ କୁହୁଡି ବଢୁଥିବାବେଳେ ଶନିବାର ଅଧିକ ମାତ୍ରା ରହିଥିଲା। ରାଇରଙ୍ଗପୁର ସମେତ ଯଶିପୁର, ଠାକୁରମୁଣ୍ଡା, କରଞ୍ଜିଆ, ରରୁଆଁ ଓ ଶୁକୃଳି ଆଦି ଅଞ୍ଚଳରେ ମଧ୍ୟ ତାପମାତ୍ରା ନିମ୍ନଗାମୀ ରହିଛି। ଶୀତ ପ୍ରକୋପରେ ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡ ଥରୁଛି। ଶିମିଳିପାଳ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀକୁ ଛୁଇଁଛି। ରାଇରଙ୍ଗପୁର ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ପାଖାପାଖି ଛୁଇଁଛି। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ଘଣ୍ଟା ଘଣ୍ଟା ଧରି ନିଆଁ ଜାଳି ବସି ରହୁଥିବା ଦେଖିବାକୁ ମିଳିଛି। ଶୀତ ଯୋଗୁଁ ରାସ୍ତାଘାଟ, ବଜାର ଆଦି ଜନଶୂନ୍ୟ ହୋଇପଡ଼ିଛି। ସକାଳୁ ଅନେକ ସମୟ ପର୍ଯ୍ୟନ୍ତ ଘନ କୁହୁଡି ପରିଲକ୍ଷିତ ହୋଇଥିଲା। ବହୁ ସମୟ ଧରି ଘନ କୁହୁଡ଼ି ବଳୟ ରହିବା ଯୋଗୁଁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। କୁହୁଡ଼ି ଯୋଗୁଁ ରାସ୍ତାଘାଟ ଦୃଶ୍ୟମାନ ନ ହେଉଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାତଃ ଭ୍ରମଣରେ ଯାଉଥିବା ଲୋକେ ସବୁଠୁ ଅଧିକ ପ୍ରଭାବିତ ହେଉଥିବାର ପରିଲକ୍ଷିତ ହୋଇଛି। କୁହୁଡି ଯୋଗୁଁ ଦୁର୍ଘଟଣା ହେବାର ସମ୍ଭାବନା ଥିବାରୁ ସତର୍କ ରହିବାକୁ ଜନସାଧାରଣଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି।

## ନୂଆ ଭୁବନ ସ୍କୁଲର ବାର୍ଷିକ ଉତ୍ସବ



ଭୁବନ,୨୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍ଏସି ଅନ୍ତର୍ଗତ ୱାର୍ଡ ନମ୍ବର ୨ ନୂଆ ଭୁବନ ସ୍କୁଲର ବାର୍ଷିକ ଉତ୍ସବ ଉଦଘାଟିତ ହୋଇଛି। ଅଧ୍ୟକ୍ଷା ମାନିନୀ ସାହୁ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ଆୟୁଷୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଇଓ ମିନତୀ ଦେହୁରୀ, ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାସ କୁମାର ଆଚାର୍ଯ୍ୟ, ଏବିଡିଓ ଦୁଷ୍ମନ୍ତ ମିଶ୍ର, ସୁମତି ପଧାନ ଯୋଗଦେଇଥିଲେ। ସଭାପତି ବିପିନ ବିହାରୀ ସେଠୀ ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନଶିକ୍ଷକ ଖଗେଶ୍ୱର ବେହେରା ବିବରଣୀ ପାଠ କରିଥିଲେ। ଅମରେଶ ଦାସ ମଞ୍ଚ ପରିଚାଳନା କରିଥିଲେ। ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିଧାୟକ ଶତ୍ରୁଘ୍ନ ଜେନା, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଆଇଚ, ପ୍ରଧାନଶିକ୍ଷକ ଗଣେଶ୍ୱର ଦାସ ଯୋଗଦେଇଥିଲେ। ଆଲୁମ୍ନି କମିଟି ସଭାପତି ଅମ୍ବୁଜ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିଦ୍ୟୁତ ସ୍ପର୍ଶରେ ହାତୀ ଶାବକ ମୃତ

ଖଜୁରିଆକଟା,୨୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଗଦାଶିଳା ସେକ୍ସନ ମହାଦିଆ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଏକ ହାତୀ ଶାବକର ମୃତ୍ୟୁ ହୋଇଛି। ହାତୀ ପଲ ଧାନ ଫସଲ ଖାଇବା ଉଦ୍ଦେଶ୍ୟରେ ମଠରଗଡ଼ି ଜଙ୍ଗଲରୁ ବାହାରି ବିଲମାଳିଆକୁ ଯିବା ସମୟରେ ମହାଦିଆ ଗ୍ରାମରେ ଫସଲ ରକ୍ଷା ପାଇଁ ଚାଷୀ ଜମି ଚାରିପଟେ ଦେଇଥିବା ସୋଲାର ତାରବାଡ଼ରେ ଏକ ଛୁଆହାତୀ ଲାଗିଯାଇଥିଲା। ଘଟଣାସ୍ଥଳରେ ତା'ର ମୃତ୍ୟୁ ଘଟିଛି। ଏହି ସୋଲାର ତାରବାଡ଼ ସହ ବିଦ୍ୟୁତ ସଂଯୋଗ ହୋଇଥିବା କିମ୍ବା ହାଇ ଭୋଲଟେଜ୍ ଯୋଗୁଁ ହାତୀଛୁଆ ମରିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

### ବନବିଭାଗ ପକ୍ଷରୁ ଖୋଳତାଡ଼

ଅନ୍ୟପଟେ ମା' ହାତୀ ଶାବକକୁ କିଛି ସମୟ ଜଗି ରହିବା ପରେ ନିଜ ଗୋଡ଼ରେ ତାକୁ ଠେଲି ଠେଲି ମହାଦିଆ ଆମ୍ବତୋଟା ଆଡ଼କୁ ନେଇଥିଲା। ସେଠାରେ ତାକୁ ଛାଡ଼ି କୌଣସି ସ୍ଥାନରେ ଛପି ରହିଥିବା ଜଣାପଡ଼ିଥିଲା।



ଘଟଣାସ୍ଥଳରେ ବନ କର୍ମଚାରୀମାନେ ପହଞ୍ଚି ମା' ହାତୀର ଗତିବିଧି ନିରୀକ୍ଷଣ କରିଥିଲେ। ଅପରାହ୍ନରେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ସହ ଅନ୍ୟ ଅଧିକାରୀ ପହଞ୍ଚି ତଦନ୍ତ କରିଥିଲେ। ହାତୀ ଶାବକର ମୃତଦେହ ବ୍ୟବଚ୍ଛେଦ କରି ସେହିଠାରେ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନଖଣ୍ଡ ଅଧିକାରୀ କହିଛନ୍ତି। ହାତୀ ମଣିଷ ଲଢ଼େଇରେ ଅନେକ ଧନଜୀବନ ନଷ୍ଟ ହେଉଥିଲେ ମଧ୍ୟ ବନ ବିଭାଗ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ବାଲ୍ୟବିବାହ ସଚେତନତା କାର୍ଯ୍ୟକ୍ରମ

କଙ୍କଡ଼ାହାଡ଼,୨୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ବାଲିକୁମା ପଞ୍ଚାୟତ କୋଇସ୍ଥିତ ପଲ୍ଲୀବିକାଶ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ପକ୍ଷରୁ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲ୍ୟବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନାକୁ ସମାଜରୁ ବନ୍ଦ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଆଭାର ରାକେଶ ମିଶ୍ର ବାଲ୍ୟ ବିବାହର କୁପରିଣାମ ବିଷୟରେ ସୂଚନା ଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ମନିଷା ସ୍ୱାଇଁ ଓ ପୂର୍ଣ୍ଣିମା ସାହୁ ସହଯୋଗ କରିଥିଲେ।

## ଗଁଦିଆ ବ୍ଲକରେ ସୋମବାର ଜନଶୁଣାଣି

ଢେଙ୍କାନାଳ,୨୦।୧୨(ସମିସ): ଆସନ୍ତା ସୋମବାର ଡିସେମ୍ବର ୨୨ ତାରିଖ ଗନ୍ଦିଆ ବ୍ଲକ କାର୍ଯ୍ୟାଳୟରେ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜିଲ୍ଲାପାଳ, ଏସ୍‌ପି ଓ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିବେ। ଅଞ୍ଚଳବାସୀ ଏଥିରେ ଯୋଗଦେଇ ପଞ୍ଜିକରଣ କରିବା ସହ ଅଭିଯୋଗ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

● କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀଙ୍କ ବୈଠକ

## ଦାବି ପୂରଣ ନ ହେଲେ ବଡ଼ ଆନ୍ଦୋଳନ

ହିନ୍ଦୋଳ,୨୦।୧୨(ସମିସ): ଅନୁଗୋଳ ଡିଭିଜନ ରଞ୍ଜାଗୋଳ ରେଞ୍ଜ ରାସୋଳରେ ବିଡବ୍ଲୁଆଇ ସହାୟତାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆଲୋଚନା ସଭା ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ଯୋଗଦେଇଥିଲେ। ତୋଳାଳି, କର୍ମଚାରୀ ଓ ଶ୍ରମିକଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇଥିଲା। ଦାବି ପୂରଣରେ ସରକାର ଅହେତୁକ ବିଳମ୍ବ କରୁଥିବା ଅଭିଯୋଗ ହୋଇଥିଲା। କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ସର୍ବନିମ୍ନ ମଜୁରି ଅନୁପାତରେ ମାସିକ ମଜୁରି ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ପ୍ରତି ମଜୁରି ବୃଦ୍ଧି ଏବଂ ବନୋସ ପରିମାଣ ବୃଦ୍ଧି କରିବାକୁ ଦାବି ରହିଛି। ସରକାର ଆସନ୍ତା ଜାନୁଆରୀ ଶେଷ ସୁଦ୍ଧା ଦାବି ପୂରଣ ନ କଲେ ସଂଘ ପକ୍ଷରୁ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସଭାପତି ମହାନ୍ତି ଚେତାବନୀ ଦେଇଛନ୍ତି।

## ଲଦାଗଡ଼ରେ ବିଶ୍ୱଶାନ୍ତି ମହାଯଜ୍ଞ

ଖଜୁରିଆକଟା,୨୦।୧୨(ସମିସ): ହିନ୍ଦୋଳ ଉପଖଣ୍ଡ କାରନ୍ଦା ପଞ୍ଚାୟତ କାରନ୍ଦା ଓ ଠୋକର ଗ୍ରାମ ମଧ୍ୟସ୍ଥ ୨୧ ଏକର ବିଶିଷ୍ଟ ଏକ ପ୍ରସ୍ତର ଉପରେ ସିଦ୍ଧେଶ୍ୱର (ଲଦାଗଡ଼) ପୀଠରେ ୪୧ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଯଜ୍ଞରେ ୨୨ ତାରିଖ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ୧୧୩ ମହିଳା ଠୋକର ଗ୍ରାମ ଜଳାଶୟରୁ କଳସରେ ଜଳ ସଂଗ୍ରହ କରି ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞମଣ୍ଡପ ନିକଟରେ ସ୍ଥାପନ କରିଥିଲେ। ପଣ୍ଡିତ ଅଶୋକ ପଣ୍ଡା ଓ କାମଦେବ ପଣ୍ଡାଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ଚାଲିଥିବା ବେଳେ ପ୍ରଦୀପ ସାମଲ ଓ ତାଙ୍କ ସ୍ତ୍ରୀ ସସ୍ମିତା ସାମଲ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ମଠର ମହନ୍ତ ପ୍ରଭୁପାଦ ଦାସ, ସେବକ ସୁରାମ ଦାସଙ୍କ ତତ୍ତ୍ୱାବଧାନରେ ଶାନ୍ତି ଅନୁଷ୍ଠିତ ହେଉଛି। କମିଟି ଉପ ସମ୍ପାଦକ ସରୋଜ ସାମଲ, କୋଷାଧ୍ୟକ୍ଷ ପ୍ରଭାସ ଗଡ଼ନାୟକ, ସ୍ଥାନୀୟ ସରପଞ୍ଚ ଦୁଷ୍ମନ୍ତ ନାଏକଙ୍କ ସମେତ କମିଟି ସଦସ୍ୟ ସହଯୋଗ କରୁଛନ୍ତି।

## ବ୍ୟାଙ୍କରେ ସୁରକ୍ଷିତ ଜମାରାଶି ନେଇ ସଚେତନତା ଶିବିର

ଢେଙ୍କାନାଳ,୨୦।୧୨(ସମିସ): ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍‌ରେ 'ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର' ଶୀର୍ଷକ ସଚେତନତା ଶିବିର ୟୁକୋ ବ୍ୟାଙ୍କ ଅଗ୍ରଣୀ ବ୍ୟାଙ୍କ ଢେଙ୍କାନାଳ ଦ୍ୱାରା ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଏସଏଲବିସି ଇନଚାର୍ଜ ଲିଙ୍ଗରାଜ ନାୟକ, ଏଲଡିଓ, ଆରବିଆଇ ସୌସୁମୀ ସାଓ, ୟୁକୋ ବ୍ୟାଙ୍କ କଟକର ଉପ-ଆଞ୍ଚଳିକ ପରିଚାଳକ ବିଭୂତି ଭୂଷଣ ବେହେରା ଯୋଗଦେଇ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହ ବ୍ୟାଙ୍କଗୁଡ଼ିକରେ ଦାବିହୀନ ଖାତା ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଅବସରରେ ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଶିବିରରେ ୟୁକୋ ବ୍ୟାଙ୍କ କର୍ମଚାରୀ ଭାସ୍କରଜ୍ୟୋତି ମାଳି ଓ ସୁବ୍ରତ ପ୍ରଧାନଙ୍କ ସମେତ ବୀମା କମ୍ପାନୀ ଅଧିକାରୀମାନେ ଉପସ୍ଥିତ ଥିଲେ। ୨୫୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ଦେବାଶିଷ କୁଣ୍ଡୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସପ୍ତାହିକ ହାଟ ଖୋଲିବାକୁ ଜିଲ୍ଲାପାଳଙ୍କୁ ପ୍ରସ୍ତାବ

ହିନ୍ଦୋଳ,୨୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ନିମବାହାଲିଠାରେ ନୂତନ ସାପ୍ତାହିକ ହାଟ ସ୍ଥାପନ କରିବା ପାଇଁ ଆଞ୍ଚଳିକ ଉନ୍ନୟନ ମହାସଂଘ ପକ୍ଷରୁ ଜିଲ୍ଲାପାଳ, ହିନ୍ଦୋଳ ବିଧାୟିକା, ହିନ୍ଦୋଳ ଉପଜିଲ୍ଲାପାଳ, ତହସିଲଦାର, ବିଡିଓ, ନିୟନ୍ତ୍ରିତ ବଜାର କମିଟି ଓ ବାଲିମି ଥାନା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ପ୍ରସ୍ତାବ ଦିଆଯାଇଛି। ଆଞ୍ଚଳିକ ଉନ୍ନୟନ ମହାସଂଘ ସମ୍ପାଦକ ଯଶୋବନ୍ତ ରଣଜିତ ରାୟଙ୍କ ଦ୍ୱାରା ଲିଖିତ ଏହି ପତ୍ର ମୁତାବକ ନିମବାହାଲି ଗ୍ରାମ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଏକ ସାପ୍ତାହିକ ହାଟ ସ୍ଥାପନ କରାଗଲେ ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ଗ୍ରାମବାସୀ ସମେତ କଳକାରଖାନାରେ କାର୍ଯ୍ୟରତ ଶ୍ରମିକ, କର୍ମଚାରୀ ଉପକୃତ ହେବେ। ଏଥିସହ ଅଞ୍ଚଳର ଚାଷୀ ତାଙ୍କ ଉତ୍ପାଦିତ ପନିପରିବା ବିକ୍ରି କରି ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ। ପାରିପାର୍ଶ୍ୱିକ ଅଞ୍ଚଳରେ ବୁଧବାର ଓ ଶନିବାର ହାଟ ହେଉଥିବାରୁ ଏହି ନୂତନ ସାପ୍ତାହିକ ହାଟ ରବିବାର ଦିନକୁ କରିବା ପାଇଁ ପ୍ରସ୍ତାବ ରଖାଯାଇଛି।

## ଭାଲୁ ଆକ୍ରମଣରେ ବାଳକ ଗୁରୁତର



ଭୁବନ,୨୦।୧୨(ସମିସ): ଭାଲୁ ଆକ୍ରମଣରେ ଭୁବନ ବନାଞ୍ଚଳ ମହୁଲପାଳ ବିଟ୍ ଅଧୀନ ଅଁଳାଝରି ଗ୍ରାମର ଅକ୍ଷୟ ବେହେରାଙ୍କ ପୁଅ ରୁଦ୍ର ବେହେରା (୬) ଗୁରୁତର ହୋଇଛନ୍ତି। ରୁଦ୍ର ମା'ଙ୍କ ସହ ଶୌଚ ପାଇଁ ଯାଇଥିବା ବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ନିକଟସ୍ଥ ସୁକିନ୍ଦା ଡାକ୍ତରଖାନା ନେଇଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରତର ଥିବାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ରୁଦ୍ର ପ୍ରଥମ ଶ୍ରେଣୀରେ ପାଠ ପଢ଼ନ୍ତି। ଅଧିକ ଚିକିତ୍ସା ଯୋଗାଇ ଦେବାକୁ ପୂର୍ବତନ ସରପଞ୍ଚ ଅଶୋକ ଦତ୍ତ ଦାବି କରିଛନ୍ତି।

## ସେଣ୍ଟ୍ରାଲ୍ ବ୍ୟାଙ୍କକୁ ୭୫ହଜାର ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

ଢେଙ୍କାନାଳ,୨୦।୧୨(ସମିସ): ଢେଙ୍କାନାଳ ସହର ବନମାଳୀପ୍ରସାଦ ଅଞ୍ଚଳର ସ୍ଥାୟୀ ବାସିନ୍ଦା ଦମୟନ୍ତୀ ମୁଳିଆଙ୍କ ଘରକୁ ଯାଇ ଋଣ ଖିଲାପି ଅଭିଯୋଗ ପୂର୍ବକ ତାଙ୍କୁ ଘରୁ ବାହାରିଯିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ସଶସ୍ତ୍ର ପୁଲିସବଳ ନେଇ ୨୦୨୧ ସେପ୍ଟେମ୍ବର ୬ ତାରିଖ ଅପରାହ୍ନ ୩ଟାରେ ପହଞ୍ଚିଥିଲେ। ପ୍ରତିବାଦ କରିବାରୁ ମୁଳିଆ ଦମ୍ପତି ଅଶାଳୀନ ବ୍ୟବହାରର ଶିକାର ହୋଇଥିଲେ। ପରେ ଋଣ ଖିଲାପି ଆଉଜଣେ ବ୍ୟକ୍ତି ଯାହାର ଗୃହ ଠିକଣା ଅଲଗା ଥିବା ଜଣାପଡ଼ିଥିଲା। ଏ ନେଇ ଦମୟନ୍ତୀ ଢେଙ୍କାନାଳ ଅତିରିକ୍ତ ସିଭିଲ ଜଜ ସିନିୟର ଡିଭିଜନଙ୍କ ନିକଟରେ ୧କୋଟି ଟଙ୍କାର ମାନହାନି ମାମଲା ଦାୟର କରିଥିଲେ। ଏହାର ବିଚାର କରି କୋର୍ଟ ଦମୟନ୍ତୀଙ୍କୁ ୭୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ଏକମାସ ମଧ୍ୟରେ କ୍ଷତିପୂରଣ ଅର୍ଥ ଜମା ନ କଲେ ବାର୍ଷିକ ୬ ପ୍ରତିଶତ ହାରରେ ପ୍ରଦାନ କରିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

## ଜୁଆଙ୍ଗ ଜନଜାତିଙ୍କ ପାଇଁ 'ଚୁନାବ ପାଠଶାଳା' କାର୍ଯ୍ୟକ୍ରମ



କଙ୍କଡ଼ାହାଡ଼,୨୦।୧୨(ସମିସ): କଙ୍କଡ଼ାହାଡ଼ ବ୍ଲକ ମକୁଆକାଟେଣି ପଞ୍ଚାୟତ ହଳଦୀକୁଣ୍ଡି ଗ୍ରାମରେ ବାସ କରୁଥିବା ଜୁଆଙ୍ଗ ଜନଜାତିଙ୍କ ପାଇଁ ଚୁନାବପାଠଶାଳା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରତର ଗଣତାନ୍ତ୍ରିକ ପଦ୍ଧତିରେ ଜୁଆଙ୍ଗ ଜନଜାତିକୁ ନିର୍ବାଚନ ସମ୍ବନ୍ଧରେ ଅବଗତ କରାଇବା, ଭୋଟଦାନ ପ୍ରକ୍ରିୟାରେ ଜୁଆଙ୍ଗ ଜନଜାତିକୁ ସକ୍ରିୟ ଅଂଶଗ୍ରହଣ କରାଇବା, ସ୍ୱତନ୍ତ୍ର ଭୋଟର ସଂଶୋଧନ ତାଲିକାରେ ନୂତନ ଭୋଟରଙ୍କୁ ଅନ୍ତର୍ଭୁକ୍ତ କରାଇବା ପ୍ରକ୍ରିୟା ସମ୍ବନ୍ଧରେ ଅବଗତ ହେବା, ମତଦାନ ହାର ବୃଦ୍ଧି କରାଇବା ଆଦି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ଜୁଆଙ୍ଗ ଜନଜାତିମାନଙ୍କୁ ମତଦାନ ସମ୍ପର୍କରେ ବିସ୍ତୃତ ଭାବେ ଧାରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର, ଜୁଆଙ୍ଗ ଜନଜାତି ଉନ୍ନୟନ ଅଧିକାରୀ ଇପ୍ସିତା ନନ୍ଦ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ମକୁଆକାଟେଣି ସରପଞ୍ଚ ଦୀପାମଞ୍ଜରୀ ସାହୁ, ସମାଜସେବୀ ସନାତନ ସାହୁ, ପିଇଓ ଲିନା ସିଂହ, ବିଏଲ ଅପର୍ଣ୍ଣା ପଧାନ, ହଳଦୀକୁଣ୍ଡି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୀନା ନାୟକ, ଶିକ୍ଷୟିତ୍ରୀ ମିନତୀ ସାହୁ, ସୁଦୀପ୍ତା ସିଂହ ପ୍ରମୁଖ ଯୋଗଦେଇଥିଲେ।

## ସଦର ବ୍ଲକସ୍ତରୀୟ ଶିଶୁ ଉତ୍ସବ

ଢେଙ୍କାନାଳ,୨୦।୧୨(ସମିସ): ଢେଙ୍କାନାଳ ସଦର ବ୍ଲକ୍ ଓଷ୍ଟା ତରଫରୁ ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୪୪ତମ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଛି। ବ୍ଲକ ଓଷ୍ଟା ସଭାପତି ସତ୍ୟବ୍ରତ ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଟିସିଏସର ବରିଷ୍ଠ ଇଞ୍ଜିନିୟର ପ୍ରତାପ କୁମାର ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନେ ପିତାମାତା, ଶିକ୍ଷକଙ୍କ ପ୍ରତି ଭକ୍ତି ରଖିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ବଳ ଯୋଗଦେଇ ସମୟାନୁବର୍ତ୍ତୀ ହେବା ସହ କଠିନ ପରଶ୍ରମ କଲେ ଜୀବନର ଲକ୍ଷ୍ୟରେ ପହଞ୍ଚି ପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ଓଷ୍ଟା ସମ୍ପାଦକ ବିଭୂତି ସାମଲ, ଉପଦେଷ୍ଟା ସରୋଜକାନ୍ତ ଦାଶ, ପ୍ରଶାନ୍ତ କୁମାର ଧଳ, ଜିଲ୍ଲା ଉପସଭାପତି ସଙ୍ଗୀତା ବେହେରା, ବ୍ଲକ୍ ସମ୍ପାଦକ ଲିଙ୍ଗରାଜ ବେହେରା, ବିଚାରକ ଭାବେ ପ୍ରେମାନନ୍ଦ ଜେନା, ସୁରେଶ କୁମାର ପ୍ରଧାନ, ରାହାସ ବାବୁ, କିଶୋର ବେହେରା, ପ୍ରଦୀପ ଦାଶ, ଅଭିନବ ବରାଳ, ସଞ୍ଜୁକ୍ତା ଶରଣ ପ୍ରମୁଖ ଯୋଗଦେଇଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ୨୪ ତାରିଖ ମ୍ୟୁନିସିପାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବେ।

## ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗଁଦିଆ,୨୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନୂଆଗଡ଼ସ୍ଥିତ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ସତ୍ୟାନନ୍ଦ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ଯୋଗାଣ ମନ୍ତ୍ରୀଙ୍କ ପ୍ରତିନିଧି ତଥା ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ବିଶିଷ୍ଟ ଅତିଥି ଭାବେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ଖଟୁଆ, ସମ୍ମାନିତ ଅତିଥି ଭାବେ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଜୟ କୁମାର ସାମନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ, ସ୍ଥାନୀୟ ସରପଞ୍ଚ ସୁଭଦ୍ରା ପୃଷ୍ଟି, ବିଦ୍ୟାଳୟ ଆଲୁମ୍ନି କମିଟି ସଭାପତି ତୁଷାରକାନ୍ତ ବରାଳ, ଭ୍ରମରବର ରାଉତ, ନୂଆଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୁଗଳ କିଶୋର ଦାଶ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଗଣିତ ଶିକ୍ଷକ ଅଭୟ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ରଶ୍ମିବାଳା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ଶିକ୍ଷକ ଡମ୍ବରୁଧର ସାହୁ, ଶିକ୍ଷକ ଅରୁଣ ଧାରୁଆ, ଶିକ୍ଷୟିତ୍ରୀ ଦୀପିକା ପଢ଼ିଆରି, କର୍ମଚାରୀ ଗୋବର୍ଦ୍ଧନ ବେହେରା ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ମନ୍ଦିରରୁ ଦାନବାକ୍ସ ସହ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

କାମାକ୍ଷାନଗର,୨୦।୧୨(ସମିସ): କାମାକ୍ଷାନଗର ସହର ଅନନ୍ତପୁର ସାହିରେ ଥିବା ରାଧାକୃଷ୍ଣ ମନ୍ଦିରରୁ ଦାନବାକ୍ସ ସହ ଠାକୁରଙ୍କ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ଫାଟକ ଭାଙ୍ଗି ଲୁଟପାଟ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ତିନିରୁ ଚାରିଜଣ ମୁଖାପିନ୍ଧା ଦୁର୍ବୃତ୍ତ ଦେହରେ ଚାଦର ଘୋଡ଼ାଇ ହୋଇ ମନ୍ଦିରରେ ପ୍ରବେଶ କରିଥିଲେ। କିଛି ସମୟ ପରେ ଦୁର୍ବୃତ୍ତମାନେ ମନ୍ଦିର ମୁଖ୍ୟ ଫାଟକ ତାଲା ଭାଙ୍ଗି ସାମ୍ନାରେ ଥିବା ଦାନବାକ୍ସ ଲୁଟିନେଇଥିଲେ। ସେହିପରି କୃଷ୍ଣଙ୍କ ରୁପା ବଂଶୀ, ରାଧାଙ୍କ ସୁନା ଖଡୁ ଓ ଅନ୍ୟାନ୍ୟ ଅଳଙ୍କାର ଲୁଟି ନେଇଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସକାଳେ କାମାକ୍ଷାନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ଚୋରି କରୁଥିବା ସମୟର ଦୃଶ୍ୟ ସ୍ଥାନୀୟ କିଛି ଲୋକଙ୍କ ଘରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି।





## EASTERN INVESTMENTS LIMITED

CIN: L65993OR1927GOI034842

Regd. Office: Plot No:255, Pristine Green, Pokharipot, Bhubaneswar-751020

**Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | . | | |
| | **(i) Basic:** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |
| | **(ii) Diluted** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Sd/-
(A.K.Bagchi)
Managing Director-EIL

**Place:** Visakhapatnam
**Date:** 19th December' 2025


ଡିଆଇଇଟିରେ ଦୁଇଦିନିଆ କର୍ମଶାଳା ଉଦଯାପିତ

# ଅନୁଭୂତିମୂଳକ ଶିକ୍ଷଣର ଆବଶ୍ୟକତା ଉପରେ ଆଲୋଚନା

ଢେଙ୍କାନାଳ,୨୦।୧୨(ସମିସ):

ସ୍ଥାନୀୟ ଡିଆଇଇଟିରେ ଅନୁଭୂତିମୂଳକ ଶିକ୍ଷଣ ଏକବିଂଶ ଶତାବ୍ଦୀର ଆବଶ୍ୟକତା ସମ୍ପର୍କିତ ଦୁଇଦିନିଆ କର୍ମଶଳା ଉଦଯାପିତ ହୋଇଛି। ପିଲାଙ୍କୁ ବହି ପାଠ ଆଉ ଭଲ ଲାଗୁନି। ପାଠକୁ ଘୋଷି ମନେ ରଖିବାର ଆଜି ଆବଶ୍ୟକତା ନାହିଁ। ପୋଥି ବାଇଗଣଠାରୁ ଦୂରେଇ ଯାଇ ବାଡ଼ି ବାଇଗଣ ଆଡ଼କୁ ଆମକୁ ଅଗ୍ରସର ହେବାକୁ ପଡ଼ିବ। ଖେଳ, ନାଚ, ପ୍ରକଳ୍ପ, ସମସ୍ୟା ସମାଧାନ ପରି ଉପାୟଗୁଡ଼ିକୁ ଶିକ୍ଷକ ଆପଣେଇଲେ ପିଲାଙ୍କ ଶିକ୍ଷଣ ଫଳପ୍ରଦ ହେବ ବୋଲି ଉଦଯାପନୀ ଉତ୍ସବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଶରତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ ପ୍ରଶିକ୍ଷିକା ସୌମ୍ୟା ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ସଭାରେ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସେମିନାର ବିଭାଗ ଦାୟିତ୍ୱରେ ଥିବା ପ୍ରଶିକ୍ଷିକା କଲ୍ୟାଣୀ ସାହୁ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଶିକ୍ଷିକା ସ୍ୱାଗତିକା ସ୍ୱାଇଁଙ୍କ ସଂଯୋଜନାରେ ୩ଟି ପେପର ଓ ଦ୍ୱିତୀୟ ଅଧିବେଶନରେ ସ୍ନେହଲତା ରାଜଙ୍କ ସଂଯୋଜନାରେ ୩ଟି ପେପର ଉପସ୍ଥାପିତ ହୋଇଥିଲା। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ରଞ୍ଜନ କୁମାର ରାଉତ ପେପରଗୁଡ଼ିକୁ ମୂଲ୍ୟାୟନ କରିଥିଲେ। ପରଜଙ୍ଗ ବ୍ଲକ ଡମୋଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରବୀଣ କୁମାର ରାଉଙ୍କ କଳା ସମନ୍ୱିତ ଶିକ୍ଷଣ ମାଧ୍ୟମରେ ଅନୁଭୂତି ଆଧାରିତ ଶିକ୍ଷଣ ଶୀର୍ଷକ ଗବେଷଣାମୂଳକ ନିବନ୍ଧ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଡ଼ାପଡ଼ା ବ୍ଲକ ସଦାଶିବପୁର ସିଆରସିସି ଦିପୁନା ପାତ୍ରଙ୍କ ବ୍ୟକ୍ତି ଇତିହାସ ଅଧ୍ୟୟନ ଶୀର୍ଷକ ପେପର ଦ୍ୱିତୀୟ ଓ ପରଜଙ୍ଗ ବ୍ଲକ କୁଆଳୋ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ଦାଶଙ୍କ ଖେଳଭିତ୍ତିକ ଶିକ୍ଷଣ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଅଧ୍ୟାପିକା ବିନ୍ଦୁ ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।



## ଚୋରାମଦ ଜବତ; ୪ ଗିରଫ

କେନ୍ଦ୍ରାପଡ଼ା,୨୦ ।୧୨(ସମିସ): କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଡେରାବିଶ ଓ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବେଲାରପୁର ଗ୍ରାମର ବଳରାମ ସାହୁ (୪୨)ଙ୍କଠାରୁ ୨୯ ଲିଟର ଦେଶୀ ମଦ, ଓଲଢ଼ି ଚାଟରାଚକଡା ଗ୍ରାମର ଚିନ୍ମୟ ମହାନ୍ତି (୨୯)ଙ୍କଠାରୁ ୩୩ ଲିଟର ବିଦେଶୀ ମଦ, ଗୁଣ୍ଡୁପୁର ଗ୍ରାମର ନକୁଳ ଜେନା (୩୧)ଙ୍କଠାରୁ ୩୪ ଲିଟର ଦେଶୀମଦ, କଷଣଅଣ୍ଡା ଗ୍ରାମର ରଜତ କୁମାର ଜେନା (୩୯)ଙ୍କଠାରୁ ୨୫ ଲିଟର ଦେଶୀମଦ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଚଢ଼ଉରେ ଅବକାରୀ ବିଭାଗ ଏସ୍ଆଇ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକ, ଏଏସ୍ଆଇ ଜଗନ୍ନାଥ ବେସ୍ରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଳିକ ପ୍ରମୁଖ ସାମିଲ ଥିଲେ।

## ସମବାୟ ସମିତିର ପୂର୍ବତନ ଉପସଭାପତିଙ୍କ ବିୟୋଗ



ଡେରାବିଶ,୨୦ ।୧୨(ସମିସ): ଡେରାବିଶ ବ୍ଲକ କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତିର ପୂର୍ବତନ ଉପସଭାପତି ପୁଷ୍ପାଞ୍ଜଳି ପାତ୍ର (୫୩)ଙ୍କ ଗୁରୁବାର ପରଲୋକ ହୋଇଛି। ପୁଷ୍ପାଞ୍ଜଳି ହେଉଛନ୍ତି ଏହି ସମବାୟ ସମିତିର ବର୍ତ୍ତମାନର ସଭାପତି ନାରାୟଣ ଚନ୍ଦ୍ର ପାତ୍ରଙ୍କ ପତ୍ନୀ। ଦୁଇଦିନ ତଳେ ସେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁବାର ଭୋର ସମୟରେ ତାଙ୍କ ଦେହାନ୍ତ ହୋଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ଦୁର୍ଘଟଣାରେ ଯୁବକ ଗୁରୁତର

ଆଳି,୨୦ ।୧୨(ସମିସ): କଟକ-ଚାନ୍ଦବାଲି ରାସ୍ତାର ଆଳି ଥାନା ଲୋକାପଡ଼ା ଛକ ନିକଟରେ ଦୁର୍ଘଟଣା ଘଟି ଆଳି ଥାନା ମାହାଙ୍ଗା ଅଞ୍ଚଳର କୃଷ୍ଣଚନ୍ଦ୍ର ସିଂ (୩୦) ଗୁରୁତର ଆହତ ହୋଇଛନ୍ତି। କୃଷ୍ଣଚନ୍ଦ୍ର ବାଇକ୍ ଯୋଗେ ରାଜକନିକାରୁ ଆଳି ଆସୁଥିଲେ। ଲୋକାପଡ଼ା ଛକରେ ହଠାତ୍ ତାଙ୍କ ଗାଡ଼ିକୁ ଅନ୍ୟ ଏକ ଗାଡ଼ି ସାଇଡ ମାରିବାରୁ ସେ ଭାରସାମ୍ୟ ହରାଇ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

## ଭବାନୀ ମନ୍ଦିରରୁ ଚୋରି

ପଟ୍ଟାମୁଣ୍ଡାଇ,୨୦ ।୧୨(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବେଲତଳ ଠାକୁରପାଟଣା ମା' ଭବାନୀ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ମନ୍ଦିରରେ ପଶି ମା'ଙ୍କ ୩ଟି ରୁପା ମୁକୁଟ, ୫ଟି ରୁପା ଚିତା ସହ ଏକ କଟୁରି ଓ ଦାନବାକ୍ସ ନେଇଯାଇଛନ୍ତି। ଗ୍ରାମବାସୀ ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

● ମଣ୍ଡଳସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

## ଫକିରାବାଦ ଉର୍ଦ୍ଦୁ ବିଦ୍ୟାଳୟ ଛାତ୍ରୀଙ୍କ ପ୍ରକଳ୍ପ ଜିଲ୍ଲା ସ୍ତରକୁ ମନୋନୀତ

କେନ୍ଦ୍ରାପଡ଼ା,୨୦ ।୧୨(ସମିସ): ଇଚ୍ଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ କେନ୍ଦ୍ରାପଡ଼ା ମଣ୍ଡଳସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୩ୟ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ୨୩୨ ପ୍ରକଳ୍ପ ସ୍ଥାନ ପାଇଥିଲା। ଜିଲ୍ଲା ସ୍ତରକୁ ୭ଟି ପ୍ରକଳ୍ପ ମନୋନୀତ ହୋଇଛି। ଗଣିତ ପ୍ରକଳ୍ପରେ ଫକିରାବାଦ ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ୟ ଶ୍ରେଣୀ ଛାତ୍ରୀ ସନାୟା ଫିରଦୋଷଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ପ୍ରକଳ୍ପର ଗାଇଡ ଶିକ୍ଷକ ଶେଖ ମନସୁଲ ଅଲ୍ଲୀ ଥିଲେ। ବିଇଓ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସନାୟା ଫିରଦୋଷଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

### ପାଣି ଟ୍ୟାଙ୍କର କିଣାରେ ଦୁର୍ନୀତି

# ଅଭିଯୋଗ ପରେ ଦୁଇଟି ଟ୍ୟାଙ୍କରରୁ ଗୋଟିଏ ଆସିଲା

ପଟ୍ଟାମୁଣ୍ଡାଇ,୨୦ ।୧୨(ସମିସ)

ପଟ୍ଟାମୁଣ୍ଡାଇ ବ୍ଲକ ବଳଭଦ୍ରପୁର ପଞ୍ଚାୟତରେ ପାଣି ଟ୍ୟାଙ୍କର କିଣାରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଛି। ପଞ୍ଚାୟତବାସୀଙ୍କୁ ବିଭିନ୍ନ କାର୍ଯ୍ୟରେ ଜଳସେବା ଯୋଗାଇ ଦେବା ପାଇଁ ଗତ ସେପ୍ଟେମ୍ବରରେ ଦୁଇଟି ପାଣି ଟ୍ୟାଙ୍କର କିଣିବା ପାଇଁ ବିଲ୍ ପୈଠ ହୋଇଛି। ଗୋଟିଏ ୩ହଜାର ଲିଟର ଟ୍ୟାଙ୍କର ପାଇଁ ୧ଲକ୍ଷ ୨୯ ହଜାର ୬ ଶହ ଟଙ୍କା ଏବଂ ଆଉ ଗୋଟିଏ ୫୦୦୦ ଲିଟର ଟ୍ୟାଙ୍କର ପାଇଁ ୧ଲକ୍ଷ ୫୦ହଜାର ଟଙ୍କା ପଞ୍ଚାୟତ

### କଲ ରେକର୍ଡ ଭାଇରାଲ ପରେ ଧରାପଡ଼ିଲା ଦୁର୍ନୀତି

କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିରଞ୍ଜନ ସାମଲଙ୍କ ଆକାଉଣ୍ଟରେ ପୈଠ କରାଯାଇଥିବା ଜଣାପଡ଼ିଛି। ତେବେ ସେପ୍ଟେମ୍ବର ମାସରୁ ଟ୍ୟାଙ୍କର କିଣା ବିଲ୍ ପୈଠ ହୋଇସାରିଥିଲେ ବି ପଞ୍ଚାୟତ ବାସିନ୍ଦା କୌଣସି ପାଣି ଟ୍ୟାଙ୍କର ଦେଖିବାକୁ ପାଇ ନ ଥିଲେ। ଦୁଇଦିନ ତଳେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଏକ କଲ୍ ରେକର୍ଡ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା।

ପଞ୍ଚାୟତ ନିର୍ବାହୀ ଅଧିକାରୀ ସାମଲଙ୍କୁ ଜଣେ ବ୍ୟକ୍ତି ପାଣି ଟ୍ୟାଙ୍କର ସମ୍ବନ୍ଧରେ ପଚାରିବାରୁ ଟ୍ୟାଙ୍କର କିଣାହୋଇଛି କିନ୍ତୁ ତାହା ପଞ୍ଚାୟତକୁ ନ ଆସି କୌଣସି ଠିକାଦାରଙ୍କୁ ଭଡ଼ାରେ ଦିଆଯାଇଛି ବୋଲି ସଫେଇ ଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କଲ୍ ରେକର୍ଡ ଭାଇରାଲ ପରେ ପଞ୍ଚାୟତକୁ ଗୋଟିଏ ପାଣି ଟ୍ୟାଙ୍କର ଆସି ପହଞ୍ଚିଛି।

ତେବେ ଏତେଦିନ ଧରି ଏହି ପାଣି ଟ୍ୟାଙ୍କର କେଉଁଠି ଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ପାଣି ଟ୍ୟାଙ୍କର ଆସିଲା, ଆଉ ଗୋଟିଏ କୁଆଡ଼େ ଗଲା ବୋଲି ପଞ୍ଚାୟତବାସୀ ପ୍ରଶ୍ନ କରିଛନ୍ତି। ଏଣୁ ଘଟଣାର ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ କରାଯିବା ସହିତ ଦୁର୍ନୀତିରେ ସମ୍ପୃକ୍ତ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଞ୍ଜୟ ନାୟକ, ଦିବାକର ବେହେରା, ସନ୍ତୋଷ ନାୟକ, ମନୋଜ ଦାଶ, ଦେବାଶିଷ ରାଉଳ, ସାରଦା ପରିଡ଼ା, ଆଶୁତୋଷ ରାଉଳ, ସୁବ୍ରତ ଦାଶ, ବିକାଶ ତରାଇ, ଶିବପ୍ରସାଦ ପରିଡ଼ା, ରଞ୍ଜିତ ମହାନ୍ତି, ଭାଗ୍ୟଧର ପରିଡ଼ା ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଛନ୍ତି।

## ତାଳଗଛ କାଟିଥିବା ଜେସିବି ମେସିନ୍ ଗାଏବ

● ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀଙ୍କ ଦାବି

ଡେରାବିଶ,୨୦ ।୧୨(ସମିସ): ଡେରାବିଶ ତହସିଲ ଚାଟରାଚକଡ଼ା ରାଜସ୍ୱ ସର୍କଲ ଅଧୀନ ଓଲଢ଼ିଠାରୁ ଫକିରାବାଦ ପର୍ଯ୍ୟନ୍ତ ୧୯ନଂ ଡ୍ରେନେଜକଟ୍ ବନ୍ଧରେ ଥିବା ଶତାଧିକ ବଡ଼ ବଡ଼ ତାଳଗଛକୁ ଡ୍ରେନେଜକଟ୍ ସଫେଇ ଆଳରେ ଠିକାଦାର ଗତ ୧୭ ତାରିଖ ଜେସିବି ଲଗାଇ କାଟିଦେଇଥିଲେ। ଏ ନେଇ ଗ୍ରାମବାସୀ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଘଟଣାସ୍ଥଳରେ ତହସିଲଦାର ଓ ବନ କର୍ମଚାରୀ ପହଞ୍ଚି ଦୁଇଟି ଜେସିବି ଜବତ କରିଥିଲେ। ହେଲେ ଘଟଣା ଗୋଟିଏ ଦିନ ପରେ ଜବତ ଜେସିବିକୁ ନା ଥାନାରେ ଦେଖିବାକୁ ମିଳିଛି ନା କାର୍ଯ୍ୟସ୍ଥଳୀରେ। ଠିକାଦାର ଜଣକ ତଞ୍ଚକତାର ସହ ଜେସିବି ଦୁଇଟିର ଚାବି ହାତେଇ ରାତାରାତି କେଉଁଆଡ଼େ ନେଇଯାଇଥିବା ଚର୍ଚ୍ଚା ହେଉଛି। ସରକାର ଜନସାଧାରଣଙ୍କୁ ବଜ୍ରପାତରୁ ସୁରକ୍ଷା ଦେବା ପାଇଁ ବ୍ୟାପକ ତାଳଗଛ ରୋପଣ କରିବା ପାଇଁ ନିର୍ଦ୍ଦେଶ ଦେଉଥିବା ବେଳେ ଏଥିପାଇଁ ବ୍ୟାପକ ଅର୍ଥ ଖର୍ଚ୍ଚ କରୁଛନ୍ତି। ଏଥିସହିତ ତାଳଗଛ କାଟିବା ପାଇଁ ମଧ୍ୟ ପ୍ରତିବନ୍ଧକ ଲଗାଇଛନ୍ତି।

ତେବେ ଠିକାଦାର ଜଣକ ଏହି ବଡ଼ ତାଳଗଛ କାଟିବା ପାଇଁ କେଉଁ ବିଭାଗରୁ ଅନୁମତି ଆଣିଥିଲେ ନା ମନକୁ ମନ କାଟି ସଫା କରିଦେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଉଛି ତହସିଲ ପ୍ରଶାସନ ପକ୍ଷରୁ ଜେସିବି ଜବତ ହୋଇଥିବା ବେଳେ କେମିତି ଠିକାଦାର ନେଇ ପଳାଇଲେ ତାହାର ତଦନ୍ତ କରିବାକୁ ଦାବି ହେଉଛି। ତୁରନ୍ତ ଉକ୍ତ ଜେସିବି ମେସିନ୍ ଜବତ କରିବା ସହ ଠିକାଦାରଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମର ତ୍ରିଲୋଚନ ବେହେରା, ମନୋଜ ଦାସ, ଜ୍ୟୋତ୍ସ୍ନାରାଣୀ ପାତ୍ର, ପ୍ରଦୀପ କୁମାର ମଲିକ, ଜିତେନ୍ଦ୍ର ବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି।

## ପଟ୍ଟାମୁଣ୍ଡାଇ କଲେଜରେ ସାଂସ୍କୃତିକ ପ୍ରତିଯୋଗିତା

ପଟ୍ଟାମୁଣ୍ଡାଇ,୨୦ ।୧୨(ସମିସ): ପଟ୍ଟାମୁଣ୍ଡାଇ କଲେଜ ସାଂସ୍କୃତିକ ପରିଷଦ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ଉଦଘାଟନ କରିଥିଲେ। ପ୍ରାଧ୍ୟାପକ ଅମୀୟ କୁମାର ଦାସ, ପ୍ରାଧ୍ୟାପିକା ଡ. ଅଞ୍ଜଳି ଦାଶ, ସରୋଜିନୀ ମିଶ୍ର, ରଶ୍ମିତା ପାଣିଗ୍ରାହୀ, ଅଧ୍ୟାପକ ଚିନ୍ମୟ ସାମଲ, ଡ. ମାନସ ନାୟକ, ଶ୍ରୀମନ୍ତ ଜେନା, ଜିତେନ୍ଦ୍ର ମଲ୍ଲିକ, ରଞ୍ଜନ ବେହେରା, ଆଲୋକ ସାହୁ ଓ ଅମିତ ସାହୁଙ୍କ ତତ୍ତ୍ୱାବଧାନରେ ବକ୍ତୃତା, ଏକକ ଅଭିନୟ ଚିତ୍ରାଙ୍କନ, ରଙ୍ଗୋଲି, ମେହେନ୍ଦି, ସାଧାରଣଜ୍ଞାନ, ପଦ୍ୟ ଲିଖନ, ଗଳ୍ପ ଲିଖନ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳ ସ୍ୱାଗତଭାଷଣ ଓ ଅଧ୍ୟାପିକା ନିବେଦିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜେନ୍ଦ୍ର ଦାଶ, ରଞ୍ଜନ ପରିଡ଼ା, ଭାସ୍କର ବେହେରା, ବିଚାରକ ଭାବେ ଯୋଗଦେଇ କୃତୀ ପ୍ରତିଭା ଚୟନ କରିଥିଲେ। ଅଧ୍ୟାପିକା ଡ. ଲକ୍ଷ୍ମୀପ୍ରିୟା ପାତ୍ର ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସରୋଜ ନାୟକ, ମନୋଜ ଦାଶ, ରୋହିତ ବଗର୍ତ୍ତି, ଅଧ୍ୟାପିକା ଶୁଭଲକ୍ଷ୍ମୀ ପ୍ରଧାନ, ନମିତା ବେହେରା ଓ ଶୁଭଲକ୍ଷ୍ମୀ ପୋଥାଳ ସହଯୋଗ କରିଥିଲେ।

## ନିର୍ମାଣ ଶ୍ରମିକ ସଂଘର ବୈଠକ



ଡେରାବିଶ,୨୦ ।୧୨(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟସ୍ଥିତ ଦଧିବାମନଜୀଉ ମନ୍ଦିର ପରିସରରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଡେରାବିଶ ବ୍ଲକ ଶାଖାର ବୈଠକ ଅନୁଷ୍ଠିତ ହୋଇଛି। ଶ୍ରମିକ ନେତା ମନୋଜ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ ମହିଳା ନିର୍ମାଣ ଶ୍ରମିକଙ୍କ ପରିଚୟପତ୍ର ପ୍ରଦାନ, ମୃତ୍ୟୁକାଳୀନ ସହାୟତା, ଝିଅ ବିଭାଘରର ଅନୁଦାନ ଏବଂ ବରିଷ୍ଠ ନିର୍ମାଣ ଶ୍ରମିକଙ୍କୁ ପେନସନ୍ ପ୍ରଦାନରେ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଅବହେଳା କରି ସମସ୍ତ ଦରଖାସ୍ତ ୫ବର୍ଷ ହେବ ପକାଇ ରଖିଥିବା ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇବାରୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଗବାନ ବେହେରା, ଚନ୍ଦ୍ରମଣି ପ୍ରଧାନ, ଧୀରେନ ସାହୁ, ଅରୁଣ ଦାସ ଉପସ୍ଥିତ ଥିଲେ। ହରି ମାହାଳି ଧନ୍ୟବାଦ ପ୍ରଦାନ କରିଥିଲେ।

## ବ୍ଲକ୍ସ୍ତରୀୟ ଶିଶୁ ଉତ୍ସବ



ରାଜନଗର,୨୦ ।୧୨(ସମିସ): ରାଜନଗର ବ୍ଲକ ଓଷ୍ଟା ଆନୁକୂଲ୍ୟରେ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଜରିମୂଳସ୍ଥିତ ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ୧୭ ବିଦ୍ୟାଳୟର ୨୫୦ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବ୍ଲକ ସଭାପତି ମାନସ ରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଷ୍ଟା ରାଜ୍ୟ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସୀତାକାନ୍ତ ରାଉଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୁଗ୍ମ ସମ୍ପାଦକ ଟିଟିକାନ୍ତ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଙ୍ଗୁଳି ଚରଣ ମହାନ୍ତି, ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ କୁମାର ବରାଳ, ସିଆରସିସି ନିରାକାର ରାଉତ, ଜିଲ୍ଲା ଉପସଭାପତି ବିଚିତ୍ର କୁମାର ସାହୁ, ବ୍ଲକ ସମ୍ପାଦକ ସମୀରଣ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଅପୂର୍ବ ମିଳନ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜଗନ୍ନାଥ ମାଝୀ ସହଯୋଗ କରିଥିଲେ।

ଅପରାହ୍ନରେ ଆୟୋଜିତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ମୁଖ୍ୟବକ୍ତା ଭାବେ ଓଷ୍ଟା ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସସ୍ମିତା ସ୍ୱାଇଁ, ଜିଲ୍ଲା ସମ୍ପାଦକ ଭଗବାନ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ମମତାରାଣୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଙ୍ଘ ଉପଦେଷ୍ଟା କ୍ଷୀରୋଦ କୁମାର ମଲ୍ଲିକ, ସର୍ବେଶ୍ୱର ମହାନ୍ତି, ମହେଶ୍ୱର ରାଉତ, ବିଜୟ କୁମାର ଜେନା, ଶତ୍ରୁଘ୍ନ ତରାଇ, ସୁଶାନ୍ତ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଶା ଟିମ୍ ହ୍ୟୁମାନିଟିର ବାର୍ଷିକ ଉତ୍ସବ




ରାଜକନିକା,୨୦ ।୧୨(ସମିସ): ଓଡ଼ିଶା ଟିମ ହ୍ୟୁମାନିଟି ପରିବାରର ପଞ୍ଚମ ବାର୍ଷିକ ଉତ୍ସବ ଅଶୋକ ବଜାରସ୍ଥିତ ନୟନା ମଣ୍ଡପରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଅଜିତ କୁମାର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କନିକା ତହସିଲଦାର ଭାନୁମତୀ ମାଝୀ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ସମ୍ମାନିତ ଅତିଥି ଭାବେ ରାଜକନିକା ଥାନାଧିକାରୀ ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଜନହିତକର କାର୍ଯ୍ୟ ଓ ସମାଜ ପ୍ରତି ଥିବା ଅବଦାନକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଦସ୍ୟ ସଞ୍ଜୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ସୌମ୍ୟରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଗଗନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ସୁଶାନ୍ତ କୁମାର ରାଉତ, କୋଷାଧ୍ୟକ୍ଷ ଅନିଲ କୁମାର ବେହେରା, ସରୋଜ କୁମାର ବେହେରା, ମଦନମୋହନ ସେଠୀ, ସୋନାଲି ନାୟକ, ଉପଦେଷ୍ଟା ହରେକୃଷ୍ଣ ବାରିକ ସହଯୋଗ କରିଥିଲେ।

## ଭଗବତୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଡେରାବିଶ,୨୦ ।୧୨(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ବେଲାରପୁରସ୍ଥିତ ଭଗବତୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଡିଓ ନମିତା ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଏବିଇଓ ସଚ୍ଚିଦାନନ୍ଦ ମିଶ୍ର, ସମ୍ମାନିତ ଅତିଥି ଭାବେ ସାମାଜସେବୀ ବେବର୍ତ୍ତା ଅଜୟ ବଲ୍ଲଭ ଦାସ, ଅଭିମନ୍ୟୁ ରାଉତ, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ବରାଳ, ପଟ୍ଟାମୁଣ୍ଡାଇ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଜେନା, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ସଭାପତି ନିରଞ୍ଜନ ଦାଶ ଯୋଗଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ଖଗେଶ୍ୱର ନାୟକ, ସମ୍ମାନିତ ଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥୀ, ଶିକ୍ଷାବିତ ପ୍ରମୋଦ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉଭୟ ସଭାରେ ପ୍ରଧାନଶିକ୍ଷକ କମଳାକାନ୍ତ ସାହୁ ପୌରୋହିତ୍ୟ କରିଥିଲେ। ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଜେନା ଅତିଥି ପରିଚୟ ଏବଂ ମିତାଲି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ






ପଟ୍ଟାମୁଣ୍ଡାଇ,୨୦ ।୧୨(ସମିସ): ପଟ୍ଟାମୁଣ୍ଡାଇ କଲେଜର ତିନିଦିନିଆ ୫୫ତମ ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ପତାକା ଦେଖାଇ ଏହାକୁ ଉଦଘାଟନ କରିଥିଲେ। କଲେଜ କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ଅରବିନ୍ଦ ପାଣ୍ଡା, ଅଧ୍ୟାପକ ଡ. ମାନସ ନାୟକ, ପ୍ରଦ୍ୟୁମ୍ନ ପ୍ରଧାନ, ଅଧ୍ୟାପିକା ରଶ୍ମିତା ପାଣିଗ୍ରାହୀ, ଦେବସ୍ମିତା ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ରଣଜୀ ଟ୍ରଫି ଖେଳାଳି ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତମ ଶିକ୍ଷା ଓ କ୍ରୀଡ଼ା ଛାତ୍ରଛାତ୍ରୀଙ୍କୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଦେଇଥାଏ ବୋଲି କହିଥିଲେ। +୨ ବାଳକ ଚାମ୍ପିଅନ କରନ କୁମାର ଖୁଣ୍ଟିଆ, ବାଳିକା ଚାମ୍ପିଅନ ଶୁଭଶ୍ରୀ ଜେନା, +୩ ବାଳକ ଚାମ୍ପିଅନ ଦୁଷ୍ମନ୍ତ ମଲ୍ଲିକ ଓ ବାଳିକା ଚାମ୍ପିଅନ ମାଣ୍ଟୁଇ ସୋଇଙ୍କ ସମେତ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। କ୍ରୀଡ଼ା ସଂସଦର ଅନ୍ୟତମ ଉପସଭାପତି ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଦେବସ୍ମିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପକ ଡ. ରମେଶ ସାହୁ, କ୍ୟାପଟେନ ମନୋଜ ପରିଡ଼ା, ପ୍ରମୋଦ ସ୍ୱାଇଁ, ସର୍ବେଶ୍ୱର ସାହୁ, ଅଧ୍ୟାପକ ପିଣ୍ଟୁ ପଟେଲ, ପୃଥ୍ୱୀରାଜ ବିଶ୍ୱାଳ, ଅମିତ ସାହୁ ରୋହିତ ବଗର୍ତ୍ତି, ଅଧ୍ୟାପିକା ନିବେଦିତା ପ୍ରଧାନ ଓ ସୀମାଙ୍ଗିନୀ ଦାସ ସହଯୋଗ କରିଥିଲେ।

**ପଞ୍ଚୁପାଣ୍ଡବ:** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ କମଳାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଅଜୟ ବେବର୍ତ୍ତା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଜେନା, ମଞ୍ଜୁଶ୍ରୀ ବରାଳ, ଏବିଇଓ ଖଗେଶ୍ୱର ନାୟକ, ସଚ୍ଚିକାନ୍ତ ମିଶ୍ର, ଦେବଦତ୍ତ ଶତପଥୀ, ସିଆରସିସି ମାମୁନି ସିଂ, ସମାଜସେବୀ ଅଭିମନ୍ୟୁ ରାଉତ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ବାରିକ, ମୋ ସ୍କୁଲ ଅଭିଯାନ ସଭାପତି ନିରଞ୍ଜନ ଦାସ, ବନପ୍ରଭା ବାରିକ, କ୍ରୀଡ଼ା ଶିକ୍ଷୟିତ୍ରୀ ରଶ୍ମିତା ସିଂ ପ୍ରମୁଖ ସହଯୋଗ କରିଥିଲେ।




**ରାଜନଗର:** ରାଜନଗର ବ୍ଲକ ମହିଷାସୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ସାମ୍ବାଦିକ ଦୋଳଗୋବିନ୍ଦ ଜେନା ଯୋଗଦେଇ ଶିକ୍ଷା ସହ ଶାରୀରିକ ଅଭ୍ୟାସ ଜାରି ରଖିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସ୍ନେହଲତା ମିଶ୍ର, ସଞ୍ଜୁକ୍ତା ଦାସ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଲେଖ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଜେନା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଭୂତି ଲେଙ୍କା, କୈଳାସ ଜେନା, ସ୍ୱପ୍ନାରାଣୀ ସାହୁ, ଶୁଭଶ୍ରୀ ଲେଙ୍କା, କବିତା ବାରିକ, ପ୍ରଣତି ସ୍ୱାଇଁ, ଜୋତିର୍ମୟୀ ସାହୁ, ସୁଦୀପ୍ତ ନାୟକ, ସଙ୍ଗୀତା ସାହୁ, ଅଭୟ ପରିଡ଼ା, ଗଣେଶ୍ୱର ଦାସ, ବଟକୃଷ୍ଣ ଜେନା, ସନ୍ନ୍ୟାସୀ ପ୍ରଧାନ ପ୍ରମୁଖ ସହଯୋଗ କରିଥଲେ।

**ଡେରାବିଶ:** ଡେରାବିଶ ବ୍ଲକ ଯଅଁରା ବାରିମୂଳ ପଞ୍ଚାୟତ ଭିତରବମ୍ପୁସ୍ଥିତ ଡେଲଟା ଜୁନିୟର କଲେଜର ୩୪ତମ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର ସ୍ୱାଇଁ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ପ୍ରମୋଦ କୁମାର ପ୍ରତାପ ଯୋଗଦେଇ କ୍ରୀଡ଼ା ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗୀ ମନସ୍କ କରିବା ସହ ଶୃଙ୍ଖଳିତ କରିଥାଏ ବୋଲି କହିଥିଲେ। ଉଭୟ ଉଦ୍‌ଘାଟନ ଓ ଉଦଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. ବିବେକାନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଅଶୋକ ଦାସ ଓ ସୁରେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସୁବ୍ରତ ଦାସ, ବିକାଶ ସ୍ୱାଇଁ, ବିକ୍ରମ ବିଶ୍ୱାଳ, ବିଭୂତି ଦାସ, ଗଦାଧର ବେହେରା, ଡ. ପବିତ୍ର ନନ୍ଦ, ଶିଶିର ଶତପଥୀ, ପ୍ରଦୀପ ଜେନା, ସୁବାସ ତ୍ରିପାଠୀ, ମହେଶ ଶତପଥୀ, ଅମିୟ ଶତପଥୀ, ଅଧ୍ୟାପିକା ମମତା ପ୍ରଧାନ ସହଯୋଗ କରିଥିଲେ।



# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ଝାରସୁଗୁଡ଼ା, ୨୦।୧୨(ସମିସ):** ପୂର୍ବ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଝାରସୁଗୁଡ଼ା ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଶନିବାର ପୂର୍ବାହ୍ନରେ ପୂର୍ବ ମନ୍ତ୍ରୀ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଝାରସୁଗୁଡ଼ା ସହର ପଞ୍ଚପଡ଼ା ବିଦ୍ୟାନଗର ଠାରେ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ୫ ଶହ ୫୨ କୋଟି ଟଙ୍କାର ପ୍ରକଳ୍ପ ପୂର୍ତ୍ତ ବିଭାଗ ପକ୍ଷରୁ ମଞ୍ଜୁରୀ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଆଜି ୩୯ ପ୍ରକଳ୍ପକୁ ନେଇ ୩ ଶହ ୪୩ କୋଟି ଟଙ୍କାର ଶିଳାନ୍ୟାସ କରାଯାଇଛି। ଏସବୁ ମଧ୍ୟରେ ବିଭିନ୍ନ ଛୋଟବଡ ରାସ୍ତା, ବ୍ରିଜ ଏବଂ ଡ୍ରେନ ନିର୍ମାଣ ପ୍ରକଳ୍ପ ରହିଛି। ଝାରସୁଗୁଡ଼ା ଗ୍ରାମୀଣ ଅଞ୍ଚଳର ୬ ଟି ପ୍ରକଳ୍ପ ପାଇଁ ୪୬ କୋଟି, ଝାରସୁଗୁଡ଼ା ପୌରାଞ୍ଚଳର ୩ଟି ପ୍ରକଳ୍ପ ପାଇଁ ୧୯ କୋଟି, କିର୍ମିରା ବ୍ଲକର ୧୦ଟି ପ୍ରକଳ୍ପ ପାଇଁ ୮୬ କୋଟି, ଲଇକେରା ବ୍ଲକର ୧୬ଟି ପ୍ରକଳ୍ପ ପାଇଁ ସର୍ବାଧିକ ୧୫୦ କୋଟି ଟଙ୍କା ଏବଂ କୋଲାବିରା ବ୍ଲକର ୪ଟି ପ୍ରକଳ୍ପ ପାଇଁ ୪୧ କୋଟି ଟଙ୍କାର ଶିଳାନ୍ୟାସ କରାଯାଇଛି। ଏହା ସହିତ ପଞ୍ଚପଡ଼ା ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ମନ୍ତ୍ରୀ ଏବଂ ବିଧାୟକ ଫଳ ଓ କମ୍ବଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବ ମନ୍ତ୍ରୀ ଶ୍ରୀ ହରିଚନ୍ଦନ, ବିଧାୟକ ଶ୍ରୀ ତ୍ରିପାଠୀ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ପିଡବ୍ଲ୍ୟୁଡିର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବାନ ପଟେଲ ପ୍ରମୁଖଙ୍କ ସହିତ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ଜାରି ରହିବ ଅର୍ବାନ ପିଏଚ୍‌ସି

**ଦେବଗଡ଼, ୨୦।୧୨(ସମିସ)**

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରସଙ୍ଗରେ ଡାକ୍ତର ନିଯୁକ୍ତି ନେଇ ଜିଲ୍ଲା ବିଜେପି ସଭାପତି ଓ ଜିଲ୍ଲା ପ୍ରଶାସନର ଦ୍ୱନ୍ଦ୍ୱାତ୍ମକ ପ୍ରେସ ବାର୍ତ୍ତା ନେଇ

## ସୋମବାର ଠାରୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା

'ସକାଳ'ରେ ଆଜି ଖବର ପ୍ରକାଶିତ ହୋଇଛି। ଏହାପରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ଧନୁର୍ଜୟ ମହନ୍ତ ଏକ ସାମ୍ବାଦିକ ସମ୍ମିଳନୀ କରି ଦ୍ୱନ୍ଦ୍ୱ ଦୂର କରିଛନ୍ତି। ଆଜି ସନ୍ଧ୍ୟାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ମହନ୍ତ ଗଣମାଧ୍ୟମ ସମ୍ମୁଖରେ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନୂତନ ଭାବେ ଅସ୍ଥିଶଲ୍ୟ, ଚର୍ମରୋଗ ଓ ଯକ୍ଷ୍ମାରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ମିଳିଥିବା କହିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ଚାଲୁଥିବା ଅର୍ବାନ ପିଏଚସିରେ



ଆସନ୍ତା ସୋମବାର ଠାରୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ନିଷ୍ପତ୍ତି କରାଯାଇଛି। ଫଳରେ ଅର୍ବାନ ପିଏଚସିରେ ନିଯୁକ୍ତ ଜଣେ ଡାକ୍ତରଙ୍କ ସହ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆଉ ୨ ଜଣ ଏମବିବିଏସ ଡାକ୍ତରଙ୍କୁ ସେଠାରେ ନିୟୋଜିତ କରାଯାଇଛି। ସେହିପରି ଆବଶ୍ୟକ ପାରାମେଡିକ୍ସ ଆଉଟସୋର୍ସିଂ ମାଧ୍ୟମରେ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅର୍ବାନ ପିଏଚସିକୁ ଦେବାପାଇଁ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ଅର୍ବାନ ପିଏଚସିରେ ସକାଳ ୮ ରୁ ୧୨ଟା ପର୍ଯ୍ୟନ୍ତ ଏବଂ ସନ୍ଧ୍ୟା ୪ରୁ ୬ ପର୍ଯ୍ୟନ୍ତ ନିରାମୟ କାଉଣ୍ଟର ଖୋଲା ରହିବ। ଅନ୍ୟ ସମୟରେ ଜରୁରୀକାଳୀନ ରୋଗୀଙ୍କୁ ଔଷଧ ଦିଆଯିବ। ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଛାତି ଓ ଯକ୍ଷ୍ମା, ଚର୍ମ ଏବଂ ଅସ୍ଥିଶଲ୍ୟ ବିଭାଗରେ ୩ଜଣ ବିଶେଷଜ୍ଞ ଯୋଗଦାନ କରିଥିବାରୁ ଜିଲ୍ଲାରେ ଏହି ସବୁରୋଗର ଚିକିତ୍ସା ଉପଲବ୍ଧ ହୋଇପାରିବ। ଏଥିସହିତ ପ୍ରତ୍ୟକ ସୋମବାର, ବୁଧବାର ଏବଂ ଶୁକ୍ରବାର ସ୍ତ୍ରୀ ଓ ପ୍ରସୁତି ମା ମାନଙ୍କର ଅଲଟ୍ରାସାଉଣ୍ଡ, ସହ ଉନ୍ନତ ମାନର ବାୟୋ କେମେଷ୍ଟ୍ରି ମେସିନ ମାଧ୍ୟମରେ ସମସ୍ତ ପ୍ରକାର ରକ୍ତ ପରୀକ୍ଷା ମଧ କରାଯାଉଥିବା ପ୍ରକାଶ କରିଥିଲେ। ସେହିପରି ନୂତନ ବସ ଷ୍ଟାଣ୍ଡ ଠାରୁ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ରାସ୍ତାର ଆଲୋକୀକରଣ ସହ ନୂତନ ବସଷ୍ଟାଣ୍ଡ ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ରୋଗୀଙ୍କୁ ନେବାପାଇଁ ବ୍ୟାଟେରୀ ଚାଳିତ ଯାନର ବ୍ୟବସ୍ଥା କରାଯାଇଥିବା ସୂଚନା ପ୍ରଦାନ କରିବା ସହ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲାବାସୀଙ୍କୁ ଏସବୁର ସୁଯୋଗ ନେବାକୁ ଅନୁରୋଧ କରିଥିଲେ।

## ରିଆମାଳ ଉପ୍ରା ବିଦ୍ୟାଳୟ

# ପ୍ରଧାନଶିକ୍ଷୟିତ୍ରୀ ବଦଳି ସହ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବି

**ରିଆମାଳ, ୨୦।୧୨(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାରେ ଘୋର ସମସ୍ୟା ଦେଖାଦେଇଛି। ଆବଶ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ନ ଥିବାରୁ ପାଠପଢ଼ାରେ ବ୍ୟାଘାତ ହେଉଥିବା ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏହାସହ ବିଦ୍ୟାଳୟ ଫାଟକରେ ତାଲା ପକାଇବାକୁ ଚେତାବନୀ ଦିଆଯାଇଛି। ବିଦ୍ୟାଳୟଟି ୧୯୫୯ରେ ସ୍ଥାପିତ ହେବା ପରେ ଅଞ୍ଚଳରେ ଏକ ଆଦର୍ଶ ବିଦ୍ୟାଳୟ ଭାବେ ପରିଚୟ ସୃଷ୍ଟି କରିଛି। ହେଲେ ଗତ ନଭେମ୍ବର ୨୪ ତାରିଖ ବିଦ୍ୟାଳୟର ଇଲେଶ୍ୱରୀ ପ୍ରଧାନ ଓ ଉଷାରାଣୀ ସାହୁଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ତାଙ୍କ ସ୍ଥାନରେ ୨ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳରେ ଜଣେ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତ କରାଯାଇଛି। କିନ୍ତୁ ବିଦ୍ୟାଳୟରେ ଆହୁରି ୨ ଜଣ ବିଏବିଏଡ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆବଶ୍ୟକତା ରହିଛି। ଏହି ବିଦ୍ୟାଳୟ ସହ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଜଡିତ ଅଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପାଠ୍ୟକ୍ରମ ଥିବା ବେଳେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ୭ ଜଣ ଅଛନ୍ତି। ତେଣୁ ଆଉ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ପ୍ରଧାନଶିକ୍ଷୟିତ୍ରୀଙ୍କ ନାମରେ ବହୁ ଦୁର୍ନୀତି ଅଭିଯୋଗ ଯୋଗୁଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଅନ୍ୟତ୍ର ବଦଳି ପାଇଁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଉକ୍ତ ଆଦେଶକୁ ସ୍ଥଗିତ କରାଯିବା ଦ୍ୱାରା ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାଘାତ ନ ହେବାକୁ ଯଥାଶୀଘ୍ର ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ସହ ଆବଶ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ କରିବାକୁ ପଞ୍ଚସଖା ଶିକ୍ଷା ସେତୁ ସଭାପତି ଯୋଗେଶ୍ୱର ବିଶ୍ୱାଳ, ମୋ ସ୍କୁଲ ଅଭିଯାନ ସଭାପତି ରମାକାନ୍ତ ପ୍ରଧାନ, ତ୍ରିନାଥ ବିଶ୍ୱାଳ, ଟଙ୍କଧର ପ୍ରଧାନ, ହରିଶ୍ଚନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ନାୟକ, ଅଚ୍ୟୁତ ସାହୁ, ଟିକେଶ୍ୱର ନନ୍ଦ, ଶ୍ରୀପତି ବିଶି, ପ୍ରତାପ ବିଶ୍ୱାଳ, ଗୋଲବଦନ ଜେନା, ବୃଷଭାନୁ ପ୍ରଧାନ, ପ୍ରଫୁଲ୍ଲ ବିଶ୍ୱାଳ ସମେତ ବହୁ ଅଭିଭାବକ, ଗ୍ରାମବାସୀ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ନୂଆବର୍ଷ ଜାନୁଆରୀ ୨ ତାରିଖ ତାଲା ପକାଇ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଦାବିପତ୍ରର ନକଲ ଗଣଶିକ୍ଷା ମନ୍ତ୍ରୀ, ଓପେପା ନିର୍ଦ୍ଦେଶକ, ଦେବଗଡ଼ ଜିଲ୍ଲାପାଳ, ସମ୍ବଲପୁର ସାଂସଦ ପ୍ରତିନିଧିତ୍ୱ ଓ ବିଜେପି ଜିଲ୍ଲା ସଭାପତିଙ୍କ ନିକଟକୁ ପଠାଯାଇଛି।

# ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ପକ୍ସୋ ଆଇନ୍ କର୍ମଶାଳା

**ଝାରସୁଗୁଡ଼ା, ୨୦।୧୨ (ସମିସ):** ଝାରସୁଗୁଡ଼ା ସହରସ୍ଥ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ପକ୍ସୋ ଆଇନର ଆବଶ୍ୟକତା ଉପରେ କର୍ମଶାଳା ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ କଲେଜର ଯୌନ ନିର୍ଯାତନା ପ୍ରତିରୋଧ ବିଭାଗ, ଜାତୀୟ ସେବା ସଂସ୍ଥା, ରେଡକ୍ରସ, ନାରୀ ସଶକ୍ତିକରଣ ବିଭାଗ ପକ୍ଷରୁ ଅୟୋଜିତ ହୋଇଥିଲା। କର୍ମଶାଳାରେ ଜିଲ୍ଲା ଆଇନ ପ୍ରାଧିକରଣ ସେବା ପକ୍ଷରୁ ଆଲୋକମୟୀ ପ୍ରଧାନ, ଜିଲ୍ଲା ଲୋକ ଅଦାଲତର ସ୍ଥାୟୀ ବିଚାରପତି ଅଶ୍ୱିନୀ ନାଏକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ପୁଲିସ ଡିଏସପି ମମତା ହାସଦା ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାପିକା ସଂଯୋଜନା କରିଥିବା ବେଳେ ପ୍ରାଧାପକ ବ୍ରଜେଶ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

**ଝାରସୁଗୁଡ଼ା, ୨୦।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଭଇଁରଖୋଲ ସ୍ଥିତ ଭଗବାନ ପ୍ରଧାନ ମେମୋରିଏଲ (ବିପିଏମ) ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



ଧୁମଧାମରେ ଅନୁଷ୍ଠିତ ହୋଇଛି। ଶନିବାର ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ମୁଖ୍ୟ ବକ୍ତା ଭାବେ ପଦ୍ମଶ୍ରୀ ହଲଧର ନାଗ, ସମ୍ମାନିତ ଅତିଥି ଭାବେ ଲଖନପୁର ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ସାହୁ ଯୋଗ ଦେଇଥିଲେ। ସେହିପରି ବିଦ୍ୟାଳୟ ପ୍ରତିଷ୍ଠା ପର ଠାରୁ ଶିକ୍ଷାଦାନ ଆରମ୍ଭ କରିଥିବା ଗୁରୁ ଭାବଗ୍ରାହୀ ସାହୁ, ସୁରେନ୍ଦ୍ର ପ୍ରଧାନ, ଶଙ୍କର ପ୍ରଧାନ, ଯତୀନ ପ୍ରଧାନ, ମାୟାଧର ଦାସ, ଦୁର୍ଯ୍ୟୋଧନ ବିଶ୍ୱାଳ ମଞ୍ଚରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ ଶିକ୍ଷା ସହିତ ଜୀବନ ଜିଇଁବାର ବିଦ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠା ସମୟରେ ଶିକ୍ଷାଦାନ କରିଥିବା ଗୁରୁ ଭାବଗ୍ରାହୀ ସାହୁ ଭଗବାନ ପ୍ରଧାନ ମେମୋରିଆଲ ସରକାରୀ ଉଚ୍ଚ ବିଦ୍ୟାଳୟର ଇତିହାସ ଓ ବର୍ତ୍ତମାନ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତି ଡିଗି ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ନୃତ୍ୟଗୀତ ପରିବେଷଣ କରିଥିଲେ। ଆସନ୍ତା ୨୧ ତାରିଖ ସ୍ୱର୍ଗତ ଭଗବାନ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ମରଣିକା ଉନ୍ମୋଚନ, ସଭାକାର୍ଯ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# 'ସମ୍ପଦ ଏବଂ କର୍ମଚାରୀ ସୁରକ୍ଷା: ଇଣ୍ଡକ୍ସନ୍ ଫର୍ଣ୍ଣେସ୍‌ରେ ସୁରକ୍ଷିତ କାର୍ଯ୍ୟ' କର୍ମଶାଳା

**ରାଉରକେଲା, ୨୦।୧୨ (ସମିସ):** ରାଉରକେଲା ଇସ୍ପାତ କାରଖାନାର ସିପିଟିଆଇ ଠାରେ ଓଡ଼ିଶା ସରକାରଙ୍କ ଫେକ୍ଟୋରିଜ ଏବଂ ବଏଲର୍ସ ନିର୍ଦ୍ଦେଶାଳୟ, ରାଉରକେଲା ଡିଭିଜନ ଆନୁକୂଲ୍ୟରେ ସେଲ୍‌ର ଆରଏସପି ଓ ରୁଙ୍ଗଟା କାମଣ୍ଡା ଇସ୍ପାତ କାରଖାନା ସହିତ ମିଳିତ ସହଭାଗିତାରେ 'ସମ୍ପଦ ଏବଂ କର୍ମଚାରୀ ସୁରକ୍ଷା: ଇଣ୍ଡକ୍ସନ୍ ଫର୍ଣ୍ଣେସ୍‌ରେ ସୁରକ୍ଷିତ କାର୍ଯ୍ୟ' ଶୀର୍ଷକ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଅଧିବେଶନରେ ଆରଏସପିର ଖଣି ଉନ୍ନୟନ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିପିନ କୁମାର ଗିରି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ଫେକ୍ଟୋରିଜ ଏବଂ ବଏଲର୍ସ ବିଭାଗର ଉପନିର୍ଦ୍ଦେଶକ ବିଭୁ ପ୍ରସାଦ, ସହକାରୀ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ରାଉତ, ସ୍ୱରାଜ ତ୍ରିପାଠି, ଆର୍‌ଏସ୍‌ପି ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ମଞ୍ଚାସୀନ ଥିଲେ। ଉପସ୍ଥିତ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା ଓ ଜାତୀୟ ସୁରକ୍ଷା ପରିଷଦ ଓଡ଼ିଶା ଅଧ୍ୟାୟ ସମ୍ପାଦକ ଏମ୍ ମୋହିନୀ ସାମିଲ ଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଶିଳ୍ପ ଉଦ୍ୟୋଗରୁ ପ୍ରାୟ ୮୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ନିଜର ଉଦଘାଟନୀ ଅଭିଭାଷଣରେ, ଶ୍ରୀ ଗିରି ଇଣ୍ଡକ୍ସନ ଫର୍ଣ୍ଣେସ ଭଳି ଉଚ୍ଚ ବିପଦଯୁକ୍ତ କାର୍ଯ୍ୟରେ ସୁରକ୍ଷା ବୃଦ୍ଧି କରିବା ପାଇଁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟର ପ୍ରୟାସକୁ ପ୍ରଶଂସା କରିଥିଲେ। ଶ୍ରୀ ବିଭୁ ପ୍ରସାଦ ଓଡ଼ିଶାର ଶିଳ୍ପ ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ସକ୍ରିୟ ପଦକ୍ଷେପ ଏବଂ କର୍ମଚାରୀମାନଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରିବା ସହିତ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଶୁଭେନ୍ଦୁ ଶେଖର ରାଉତ ବିଭିନ୍ନ ଶିଳ୍ପ ସୁରକ୍ଷା ନିୟମାବଳୀ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଶ୍ରୀ ସ୍ୱରାଜ ତ୍ରିପାଠି ଧନ୍ୟବାଦ ଅର୍ପଣ କରିଥିଲେ। ଆର୍‌ଏସ୍‌ପି, ଓରିଟେକ୍ ସଲ୍ୟୁସନ୍ସ, ମହାବୀର ଫେରୋ ଆଲୟ, ରୁଙ୍ଗଟା କାମଣ୍ଡା ଷ୍ଟିଲ୍ ପ୍ଲାଣ୍ଟର ଶିଳ୍ପ ବିଶେଷଜ୍ଞମାନଙ୍କ ଦ୍ୱାରା ବୈଷୟିକ ଅଧିବେଶନ ସମ୍ପନ୍ନ କରାଯାଇଥିଲା। ଯେଉଁଥିରେ ବିପଦ ଚିହ୍ନଟ, ବିପଦ ନିୟନ୍ତ୍ରଣ ପଦକ୍ଷେପ ଏବଂ ଇଣ୍ଡକ୍ସନ ଫର୍ଣ୍ଣେସ ୟୁନିଟରେ ସୁରକ୍ଷିତ କାର୍ଯ୍ୟ ପାଇଁ ସର୍ବୋତ୍ତମ ଅଭ୍ୟାସ ଉପରେ ଧ୍ୟାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ବିଭାଗର ସହକାରୀ ପ୍ରବନ୍ଧକ ସୁଶ୍ରୀ ପ୍ରଜ୍ଞା ନାଥ ସଂଯୋଜନା କରିଥିଲେ।

# ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ

**କୁତ୍ରା, ୨୦।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାକୁତ୍ରା ବ୍ଲକ ଅଧୀନ ଗୋମାରଡିହି ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟାର ୪୨ତମ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁତ୍ରା ବ୍ଲକ ଜିଲ୍ଲାପରିଷଦ 'ଖ' ଗଙ୍ଗାରାମ ମିଞ୍ଜ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି



ଭାବେ ଖାରବେଡା ସରପଞ୍ଚ ଭିକ୍ଟୋରିଆ ଜୋଜୋ, କୁତ୍ରା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ ଓ ବ୍ଲକ ଓଷ୍ଟା ସଭାପତି ଲୋକନାଥ ପ୍ରଧାନ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଆୟୋଜିକା ସମ୍ପାଦିକା ସବିତା ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଓଷ୍ଟାର ଉପସଭାପତି ରବୀନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଷ୍ଟାର ସମ୍ପାଦକ ମହେନ୍ଦ୍ର ସିଂ ଓଷ୍ଟା ବିବରଣୀ ପାଠ ସହ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୫ଟି ବିଦ୍ୟାଳୟରୁ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆୟୋଜିତ ୧୦ଟି ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଆସନ୍ତା ୨୨ ତାରିଖ ହେବାକୁ ଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ ନାଏକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୃଷ୍ଣଚନ୍ଦ୍ର ମହାରଣା, ସହସମ୍ପାଦିକା ସବିତା ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିତ୍ୟାନନ୍ଦ ବେହେରା, ପ୍ରଧାନଶିକ୍ଷକ ବୃଧିଚନ୍ଦ୍ର ବିଲୁଙ୍ଗ ଓ ରାଜ୍ୟପରିଷଦ ଟେକଚାନ୍ଦ ସିଂ ଯୋଗ ଦେଇଥିଲେ। ଓଷ୍ଟାର ଉପସଭାପତି ରବୀନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଲୋକନାଥ ପ୍ରଧାନ ଅଭିଭାଷଣ ପ୍ରଦାନ କରିଥିଲେ। ଓଷ୍ଟାର ସମ୍ପାଦକ ମହେନ୍ଦ୍ର ସିଂ ମଞ୍ଚ ପରିଚାଳନା କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଶିଲ ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସରୋଜ ମହାରଣା, ଆଲମା ଆଇନ୍ଦ, ଜୟନ୍ତୀ ଟେଟେ, ରେଣୁକା କେରକେଟା, ଜାକରିଆସ କେରକେଟା, ଆଶୀର୍ବାଦ ମିଶ୍ର, ଦିଲୀପ ସାହୁ, ରୋହିତ ବରୁଆ, ମନିଷା ପାଣ୍ଡେ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଆୟୋଜିକା ସମ୍ପାଦିକା ସବିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମ୍‌ଶ୍ରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଦ୍ୱିତୀୟ ସନ୍ଧ୍ୟା

## ବିକଶିତ ଭାରତ ଗଠନ ପାଇଁ ଛାତ୍ରଛାତ୍ରୀଙ୍କ ଉନ୍ନତି ଜରୁରୀ

**ଝାରସୁଗୁଡ଼ା, ୨୦।୧୨(ସମିସ):** ବିକଶିତ ଭାରତ ଗଠନ ପାଇଁ ଛାତ୍ରଛାତ୍ରୀଙ୍କ ଉନ୍ନତି ଜରୁରୀ ଓ ଏହା ପାଇଁ ଛାତ୍ରଛାତ୍ରୀଙ୍କ ମାନସିକତାରେ ପରିବର୍ତ୍ତନ ନିହାତି ଅପରିହାର୍ଯ୍ୟ। ଏହା କେବଳ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ କରିପାରିବେ ବୋଲି ଶନିବାର ଅପରାହ୍ଣରେ ପିଏମଶ୍ରୀ ହାଇସ୍କୁଲ, ପୁରୁଣାବସ୍ତିର ସୁବର୍ଣ୍ଣ ଜୟନ୍ତୀ ପାଳନର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ସରକାରଙ୍କ ପୂର୍ବ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୁରୁଣାବସ୍ତି ହାଇସ୍କୁଲର ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବ ମନ୍ତ୍ରୀ ଓ ବିଧାୟକ ତ୍ରିପାଠୀ ସ୍କୁଲର ନୂତନ କୋଠରୀର ଶୁଭ ଉଦ୍‌ଘାଟନ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବ୍ରଜରାଜନଗର କଲେଜର ପୂର୍ବତନ ଅଧ୍ୟାପକ ବିଶ୍ୱଜିତ ଖମାରି, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଅଶୋକ ମହାପାତ୍ର, ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ଦେବଶ୍ରୀ ପିଙ୍ଗ, ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ଶେଷରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏହାସହ କେଦାର ପଟେଲଙ୍କ ଦ୍ୱାରା ସମ୍ବଲପୁରୀ କମେଡି ସୋ, ହିଟ ବୋୟସ ସଂସ୍ଥା ପକ୍ଷରୁ ନୃତ୍ୟ, ଆତ୍ମସୁରକ୍ଷା ଉପରେ ଡେମୋ ଏବଂ ଜାଦୁଗର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଡିଏଭିର ପ୍ରଥମ ପର୍ଯ୍ୟାୟ ବାର୍ଷିକ କ୍ରୀଡ଼ା

**ଝାରସୁଗୁଡ଼ା, ୨୦।୧୨(ସମିସ):** ଝାରସୁଗୁଡ଼ା ଡିଏଭିର ପ୍ରଥମ ପର୍ଯ୍ୟାୟ ବାର୍ଷିକ କ୍ରୀଡା ୧୯ ଓ ୨୦ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ପର୍ଯ୍ୟାୟର କ୍ରୀଡା ଉଦ୍‌ଘାଟନୀ ଦିବସରେ ଭାରତୀୟ ବାୟୁ ସେନାରେ ଫ୍ଲାଇଟ୍ ଲେଫ୍ଟେନାଣ୍ଟଭାବେ କାର୍ଯ୍ୟରତ ଅଧିକାରୀ ତଥା ବିଦ୍ୟାଳୟର ପୂର୍ବତନ ଛାତ୍ର କପିଲ କିଶନ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ତଥା ଉଦ୍ୟାପନୀ ଦିବସରେ ଜିଲ୍ଲା କ୍ରୀଡା ପରିଷଦର ସାଧାରଣ ସମ୍ପାଦକ ବିଜୟ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୧୯ରେ ନର୍ସରୀରୁ ୨ୟ ଶ୍ରେଣୀ ଏବଂ ୨୦ରେ ୩ୟ ଓ ୪ର୍ଥ ଶ୍ରେଣୀର ପ୍ରତିଯୋଗୀ ଭାଗ ନେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପଦକ ସହ ପୁରସ୍କୃତ କରାଯାଇଥିଲା।




# ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ଦେବଗଡ଼, ୨୦।୧୨(ସମିସ)**



ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ବିଜ୍ଞାନ ମେଳା, କୁଇଜ ପ୍ରତିଯୋଗିତା ଓ ଜିଲ୍ଲାସ୍ତରୀୟ ପିଏମ ଶ୍ରୀ ବିଦ୍ୟାଳୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳି ଲାକ୍ରା ଧନ୍ୟବାଦ ଦେଇଥିଲେ। ଏଥିରେ ତିନୋଟି ବ୍ଲକର ଚୟନ ହୋଇଥିବା ୩୯ ଟି ପ୍ରକଳ୍ପ, ସେଣ୍ଟର ଫୋର ଏନଭୋରମେଣ୍ଟାଲ ଷ୍ଟଡିଜ ପକ୍ଷରୁ ୧୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ କୁଇଜ ପ୍ରତିଯୋଗିତାରେ ୧୮ ଜଣ ଓ ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ବିଦ୍ୟାଳୟ ୧୬ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଚାରକ ଭାବେ ଆଦର୍ଶ ମହାବିଦ୍ୟାଳୟ ପ୍ରଧାପକ ଡ଼ ସୁମିତ ଜୈଶ୍ୱାଳ, ଡ଼. ପିକେ ମିଶ୍ର, ରତିକାନ୍ତ ରଥ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ ରାମଚନ୍ଦ୍ର ମହାପାତ୍ର, ଉଦୟ ପ୍ରଧାନ, ଭାନୁ ଶଙ୍କର ନନ୍ଦ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସତ୍ୟନାରାୟଣ ସାହୁ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। ଏହି ଅବସରରେ ଉଭୟ ବର୍ଗରୁ ୧୩ ଟି ପ୍ରକଳ୍ପ, କୁଇଜରେ ଉଭୟ ବର୍ଗରେ ୧୨ ଜଣକୁ ଚୟନ କରାଯାଇଥିଲା। ଅପରାହ୍ନରେ ଆୟୋଜିତ ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉଭୟ କାର୍ଯ୍ୟକ୍ରମକୁ ସୁଗୁଡା ସିଆରସିସି. ପ୍ରାଣବନ୍ଧୁ ଘଡେଇ ସଂଯୋଜନା କରିଥିଲେ। ଗୋହିରା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୁମୁଦବନ୍ଧୁ ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ। ବିଜ୍ଞାନ ଭିତ୍ତିକ ନାଟକ ପ୍ରତିଯୋଗିତାରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତର ପାଇଁ ମନୋନୀତ ହୋଇଥିବା ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଛାତ୍ରଙ୍କ ସହ ନିର୍ଦ୍ଦେଶକ ଗୌର ଚରଣ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଜିଲ୍ଲାସ୍ତରରୁ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୭ ଟି ପ୍ରକଳ୍ପ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ୬ ଟି ପ୍ରକଳ୍ପ ରାଜ୍ୟସ୍ତରରେ ଭାଗ ନେବେ। କାର୍ଯ୍ୟକ୍ରମ ଆୟୋଜନରେ ଯୋଜନା ତଥା ଶୈକ୍ଷିକ ତତ୍ତ୍ୱ, ସଂଯୋଜକ ତପନ କୁମାର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ମହିମା ହେମ୍ବ୍ରମ, ଦମୟନ୍ତୀ ବେହେରା, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବ୍ରହ୍ମା, ରାଜେନ୍ଦ୍ର କୁମାର ସାହୁ, ରଞ୍ଜନ କୁମାର ବ୍ରହ୍ମା, ସହକାରୀ ଶିକ୍ଷକ ସରୋଜ ରଞ୍ଜନ ବ୍ରହ୍ମା, ସଦାନନ୍ଦ ମହନ୍ତ, ହିମାଂଶୁ କୁମାର ଦେହୁରୀ, ମାନସ ରଞ୍ଜନ ମହନ୍ତ, ଡିଲେଶ୍ୱର ପ୍ରଧାନ, ଭବାନୀକାନ୍ତ ପ୍ରଧାନ, ଫକୀର ମୋହନ ପ୍ରଧାନ, ଚୁଡାମଣି ସାହୁ, ବୀରବର ପ୍ରଧାନ, ସୁବ୍ରତ କୁମାର ଦେହୁରୀ, ମହେଶ୍ୱର ପ୍ରଧାନ, ଭେନସ କୁମାର ପ୍ରଧାନ, କାଦମ୍ବିନୀ ମିଶ୍ର, ଡିଲେଶକରୀ ନାଏକ, ସନ୍ଧ୍ୟାରାଣୀ ସାହୁ, ଲୀନା ମିଶ୍ର, ସୌମିତ୍ରୀ ମହାପାତ୍ର, କୁନିତା ସାହୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ତିଳେଇବଣି ଗୋଷ୍ଠୀ କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ, ଝସକେତନ ସାହୁ, ଗୌରହରି ସାହୁ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରର ସଙ୍କୁଳସ୍ତରୀୟ ଖେଳକୁଦ ସମାରୋହ

**ଝାରସୁଗୁଡ଼ା, ୨୦।୧୨(ସମିସ):** ବ୍ରଜରାଜନଗର ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳ ସ୍ତରୀୟ ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ନଗରପାଳ କ୍ରିଷ୍ଣ ଗୋପାଳ ଶିତାନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟିର ସଭାପତି ଗୋବିନ୍ଦ୍ ସିଂହ, ଉପ ସଭାପତି ରାଧେଶ୍ୟାମ ଶର୍ମା, ସମ୍ପାଦକ ସୁଧିର ନାଏକ, ଯୁଗ୍ମ ସମ୍ପାଦକ ବିଜୟ ସାହୁ, କୋଷାଧ୍ୟକ୍ଷ ଭବାନୀ କୁଅଁର, ମାତୃ ଭାରତୀ ପ୍ରମୁଖ ମଶାଲ ପ୍ରଜ୍ୱଳନ କରି ବାର୍ଷିକ କ୍ରୀଡା ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଲଜକୁରା ପକଳ୍ପ ଅଧିକାରୀ ପ୍ରସାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କ୍ରୀଡା କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ମୋମେଣ୍ଟୋ ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। କ୍ରୀଡା ଶିକ୍ଷକ ସୁଧାକର ବେହେରା, ରାକେଶ ପଣ୍ଡା, କ୍ଷିରୋଦ ଜେନା, ଦିନେସ ଯାଦବ ଖେଳକୁଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବୀଣାପାଣି ପଣ୍ଡା, ପୁଷ୍ପା ଜସ୍ୱାଲ୍, କିଆ ଚାଟାର୍ଜୀ, ମଞ୍ଚ ଓ ବୋଦିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ବ୍ରଜରାଜନଗର ସଙ୍କୁଳର ୯ ଟି ବିଦ୍ୟାଳୟର ୨୩୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



ଖରିଫ୍ ୨୦୨୫-୨୬ ଧାନ କିଣାବିକା

# ଟୋକନକୁ ନେଇ ଅନିଶ୍ଚିତତାରେ ଚାଷୀ

ସମ୍ବଲପୁର, ୨୦।୧୨ (ସମିସ)

ସମ୍ବଲପୁର ଜିଲ୍ଲାରେ ଚଳିତ ଖରିଫ୍‌ରେ ଧାନକିଣା ଅବ୍ୟବସ୍ଥା ଜାରିରହିଛି। ଗତ ଅକ୍ଟୋବର ମଧ୍ୟଭାଗରୁ ଚାଷୀ ଅମଳ ଆରମ୍ଭ କରିଥିବାବେଳେ ଏବେ ରାସ୍ତାଘାଟ, ଖଳା ଓ ଖରିରେ ଧାନ ଜମାହୋଇଛି। ଅନେକ ଚାଷୀଙ୍କ ପ୍ରଥମ ଟୋକନ ଆସିନାହିଁ। ଏହି ଚାଷୀ ସଂଖ୍ୟା ପ୍ରାୟ ୧୭୦୦ରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏଥିମଧ୍ୟରେ ବହୁସଂଖ୍ୟକ ଛୋଟ ଓ ନାମମାତ୍ର ଚାଷୀ ରହିଥିବାରୁ ସେମାନେ ତାଙ୍କ ଉତ୍ପାଦ ବିକ୍ରୟକୁ ନେଇ ଅନିଶ୍ଚିତତାରେ ରହିଛନ୍ତି। ଏହାସହ ଚାଷୀମାନଙ୍କ ଦ୍ୱିତୀୟ ଟୋକନ ଆସିଥିବାବେଳେ ତୃତୀୟ ଓ ଚତୁର୍ଥ ଟୋକନ ଆସିନାହିଁ। ପୁଣି ଦ୍ୱିତୀୟ ଟୋକନରେ ପଞ୍ଜିକରଣ ଅନୁଯାୟୀ କମ୍ କ୍ୱିଣ୍ଟାଲ ଧାନ ପରିମାଣ ଉଲ୍ଲେଖ କରାଯାଇଥିବା ଅଭିଯୋଗ ହେଉଛି। ସରକାର କେବେ ଟୋକନ ଦେବେ ତାହା ମଧ୍ୟ ଜଣାଉନାହାନ୍ତି। ଚାଷୀ ତା'ର ଉତ୍ପାଦିତ ଧାନର ବିକ୍ରୟକୁ ନେଇ ଚିନ୍ତାଗ୍ରସ୍ତ ରହୁଛି। ଚାଷୀମାନେ ଧାନ ଅମଳ କରି ବସ୍ତାରେ ପ୍ୟାକ୍ କରି ଅପେକ୍ଷା କରି ରହିଛନ୍ତି। ଏପରିକି ଯାହାର ଟୋକନ ଆସୁଛି ସେମାନେ ଦି'ଦିନ ପୂର୍ବରୁ ଯାଇ ମିଲ୍ ଆଗରେ ଧାଡ଼ିରେ ଗାଡ଼ି ଛିଡ଼ା କରୁଛନ୍ତି। ଏଥିରୁ ଚାଷୀମାନଙ୍କ ଆବେଗ ସହଜରେ ଅନୁମେୟ।

ପୂର୍ବବର୍ଷ ମାନଙ୍କରେ ଜଣେ ଚାଷୀର ପଞ୍ଜିକରଣ ଅନୁଯାୟୀ ଧାନବିକ୍ରୟର ଦୁଇ-ତିନୋଟି ତାରିଖ ଅନ୍‌ଲାଇନରେ ଶୋ' କରୁଥିଲା। ତାହାଦ୍ୱାରା ଚାଷୀ ନିଶ୍ଚିତ ରହୁଥିଲା ଯେ ସେ ବିଭିନ୍ନ ତାରିଖରେ ତାର



ଉତ୍ପାଦକୁ ନେଇ ବିକ୍ରୟ କରିପାରିବ। କିନ୍ତୁ ଏବେ ଫୁଡ୍ ଓଡ଼ିଶା ପୋର୍ଟାଲକୁ ଅଚଳ କରିଦିଆଯାଇଛି। ଚାଷୀମାନେ ଜାଣିପାରୁନାହାନ୍ତି କେବେ ଆସିବ ଟୋକନ ଏବଂ କେତେ ଧାନ ବିକ୍ରୟ କରିପାରିବେ। ଏହାକୁନେଇ ରାତିରାତି ଧରି ଚାଷୀମାନଙ୍କ ଆଖିରୁ ନିଦ ହଜିଯାଉଛି। ପୁଣି ଯୁଯୋମୁରା, ଜମନକିରା ଭଳି ଅଞ୍ଚଳ ମାନଙ୍କରେ ହାତୀପଲ ଘୁରି ବୁଲୁଥିବାରୁ ଧାନକୁ ଜଗିରହିଛି ଚାଷୀ।

ଟୋକନକୁ ନେଇ ଗତ ୧୨ ତାରିଖରେ ରାସ୍ତାରୋକ, ୧୬ରେ ରାସ୍ତାରେ ଧାନବିକ୍ରୟ ଏବଂ ୧୯ରେ ସମ୍ବଲପୁର ବନ୍ଦ ଭଳି ଆନ୍ଦୋଳନାତ୍ମକ ପନ୍ଥା ଆପଣେଇଥିଲେ। ତେବେ, ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରିବର୍ତ୍ତେ ସମବାୟ ମନ୍ତ୍ରୀଙ୍କ ମନ୍ତବ୍ୟ ଚାଷୀକୁ ଦୁଃଖିତ କରିଛି ଏବଂ

**ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ଚାଷୀ ମହଲରେ ଅସନ୍ତୋଷ**

ତୃତୀୟ ଓ ଚତୁର୍ଥ ଟୋକନ ନଆସିବା ଆଶଙ୍କା ଆହୁରି ଦୃଢ଼ୀଭୂତ ହୋଇଛି। ସୂଚନାଯୋଗ୍ୟ ଯେ, ମନ୍ତ୍ରୀ ଏକ ଗଣମାଧ୍ୟମକୁ ସାକ୍ଷାତକାରରେ କହିଛନ୍ତି ଯେ, ରାଜରାସ୍ତାକୁ ଓହ୍ଲାଉଛନ୍ତି, ଲୋକ ତ ଯେତେବେଳେ ଅଶାନ୍ତି ହେଉଛନ୍ତି। ୧୫୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଗୋଟେ ଚାଷୀ ଧାନ ଦେଇପାରିବ ସେ ମଣ୍ଡିରେ, ଗୋଟେ ଚାଷୀ ଆଉ କେତେବେଳେ ଆପଣ ଶାନ୍ତି ହେବେ? ଇନ୍‌ପୁଟ୍ ସବ୍‌ସିଡି ଯଦି ହିସାବ କରିବା ଗୋଟେ ଚାଷୀ ତାର ଧାନର ମୂଲ୍ୟ ୨୩୦୦ ଟଙ୍କା ପାଇଲାପରେ ଆଉ ଲକ୍ଷେ କୋଡିଏ ହଜାର ଟଙ୍କା ଏକ୍ସଟ୍ରା ପାଇଲାଣି। ଆମେ ଓଡ଼ିଶାସାରା ଚାଷୀକୁ ଦେଖିବୁ ନା' ଗୋଟିଏ ଚାଷୀକୁ ଦେଖିବୁ ତାର ୫୦ ଏକର ଜମି ଅଛି ବୋଲି ସେ ଦେବ ଅନ୍‌ଲିମିଟେଡ୍ ଧାନ। ଏଣୁ ଅଶାନ୍ତି ହେଲେ କେମିତି ହେବ, ଯେତିକି ପାଉଛନ୍ତି ସେମାନେ ଶାନ୍ତି ହେବା ଦରକାର ବୋଲି ମନ୍ତ୍ରୀ କହିଛନ୍ତି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଚାଷୀର ଭାବାବେଗକୁ ନବୁଝି ଯଦି ସରକାର ୧୫୦ କ୍ୱିଣ୍ଟାଲରେ ଧାନ କିଣାବିକା ସୀମିତ ରଖିବେ, ତେବେ ଆନ୍ଦୋଳନ ତୀବ୍ରତର ହେବ। ଏହି ଆନ୍ଦୋଳନ କେବଳ ସମ୍ବଲପୁରରେ ସୀମିତ ନରହି ସାରା ପଶ୍ଚିମ ଓଡ଼ିଶାକୁ ବ୍ୟାପିବ ବୋଲି ଶ୍ରୀ ଠାକୁର ଚେତାବନୀ ଦେଇଛନ୍ତି।

ଚଳିତ ଖରିଫ୍‌ର ସମସ୍ୟାକୁ ନେଇ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ପ୍ରବକ୍ତା ସରୋଜ କହିଛନ୍ତି, ଚାଷୀ ଯେତେ ପଞ୍ଜିକରଣ କରିଛି ସେତିକି ଧାନ ବିକ୍ରୟ କରିପାରିବ ତାହା ତାତ୍କାଳିକ ଭାବେ ଅନ୍‌ଲାଇନ୍‌ରେ ଶୋ' କରିବା ଦରକାର। ତାହାସହ ସରକାର ନିଶ୍ଚିତ କରିବା ଦରକାର ଯେ ମଣ୍ଡି କଟ୍‌ନିଛଟ୍‌ନି ମୁକ୍ତ ଓ ଦଲାଲମୁକ୍ତ ହେବ।

# ୨୧ରୁ ସମ୍ବଲପୁରୀ ସମ୍ମେଳନ



ସମ୍ବଲପୁର, ୨୦।୧୨ (ସମିସ) : ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ମହାମିଳନ ସମ୍ବଲପୁରୀ ସମ୍ମେଳନର ୫ମ ସଂସ୍କରଣ ଜେଲ ଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ଡେରାଠାରେ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏନେଇ ମଞ୍ଚ ପକ୍ଷରୁ ଆଜି ପୂର୍ବାହ୍ନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପଦ୍ମଶ୍ରୀ ହଳଧର ନାଗ ଏବଂ ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାବ୍ୟତୀତ ସମ୍ମିଳନୀରେ ଓଡ଼ିଶାର ମନ୍ତ୍ରୀ, ବିଧାୟକ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେବେ।

ଆଲୋଚନାଚକ୍ରରେ 'ସମ୍ବଲପୁରୀ ଅସ୍ମିତା - କାଏଲ୍, ଆଏଜ୍ ଆର କାଏଲ୍' ଏବଂ 'ପଶ୍ଚିମାଞ୍ଚଳର ଐତିହ୍ୟ ଆର୍ ସମ୍ବଲପୁରୀ ସଂସ୍କୃତିର ସୁରକ୍ଷା' ବିଷୟ ଉପରେ ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ଗବେଷକ ଓ ବିଶେଷଜ୍ଞମାନେ ଆଲୋଚନା କରିବେ। ଏହି ଅବସରରେ ଏକ ସମ୍ବଲପୁରୀ କବିତା ପାଠ ଆୟୋଜିତ ହେବ। ପଶ୍ଚିମ ଓଡ଼ିଶାସ୍ତରୀୟ ସମ୍ବଲପୁରୀ ଲୋକ ନୃତ୍ୟ (ସାମୁହିକ) ପ୍ରତିଯୋଗିତା, ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ବଲପୁରୀ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ମହିଳାଙ୍କ ମଧ୍ୟରେ ସମ୍ବଲପୁରୀ ଖାନ୍‌ପାନ୍ ପ୍ରତିଯୋଗିତା ହେବ। ପ୍ରତ୍ୟେକଦିନ ସନ୍ଧ୍ୟାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସାଂସ୍କୃତିକ ଦଳ ପରିବେଷଣ କରିବେ। ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୁଖ୍ୟ ଉପଦେଷ୍ଟା ଡଃ ପ୍ରମୋଦ ରଥ, ଆବାହକ ଭବାନୀ ଶଙ୍କର ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ଭାଷା ସାହିତ୍ୟ ସଂଯୋଜକ ଡଃ ସ୍ୱର୍ଣ୍ଣ ପ୍ରକାଶ ପଣ୍ଡା, ସାଂସ୍କୃତିକ ସଂଯୋଜକ ଦଶରଥ ମେହେର, ରାହୁଲ ଗୁପ୍ତା, ଶଙ୍କର ମେହେର, ସୁଷମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ, ୨ ଘଣ୍ଟା ଏନ୍‌ଏଚ୍ ୫୫ ବନ୍ଦ

ସମ୍ବଲପୁର, ୨୦।୧୨ (ସମିସ): ସମ୍ବଲପୁର ଅନୁଗୁଳ ଜାତୀୟ ରାଜପଥ ୫୫ ଯୁଯୁମୁରା ଥାନା ହାତୀବାରି ଛକରେ ମର୍ମନ୍ତୁଦ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହେବା ପରେ ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିଥିଲେ। ବଡ଼ମାଲ ଗ୍ରାମର ବୈସାଖୁ ପ୍ରଧାନ (୬୨)ଙ୍କ ଟ୍ରକ୍ ଚାପରେ ମୃତ୍ୟୁ ହେବା ନେଇ ଲୋକମାନେ ରାସ୍ତାକୁ



**ଅସ୍ଥାୟୀ ସର୍ଭିସ୍ ରାସ୍ତା ପାଇଁ ପ୍ରତିଶ୍ରୁତି**

ଓହ୍ଲାଇଥିଲେ। ପ୍ରାୟ ଦୁଇ ଘଣ୍ଟା ରାସ୍ତା ଅବରୋଧ ହୋଇଥିଲା। ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଅଶୋକ ପଣ୍ଡା, ରେଢ଼ାଖୋଲ ଏସ୍‌ଡିପି ଓ ପ୍ରଶାନ୍ତ ମେହେର, ତହସିଲଦାର ପ୍ରଭାସ ବୁଡ଼ା ଯକ, ଥାନା ଅଧିକାରୀ ସଞ୍ଜୟ ରାଉତ ରାୟ, ସଦର ଥାନା ଅଧିକାରୀ ଅନିତା ପଟଣିଆ, ଚାରମାଲ ଥାନା ଅଧିକାରୀ ସଞ୍ଜୟ ସାହୁ ଉପସ୍ଥିତ ଥିଲେ। ଲୋକଙ୍କ ଦାବି ଯୁକ୍ତି ଯୁକ୍ତ ଓ ଶୀଘ୍ର ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ମଙ୍ଗଳବାର ରାସ୍ତାର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ସର୍ଭିସ୍ ରାସ୍ତା ନିର୍ମାଣ କରିବା। ଗାଡି ବେଗ କମାଇବା ପାଇଁ ସୂଚନା ଫଳକ ଓ ସ୍ପିଡ ବ୍ରେକର ଲଗାଯିବ, ଏକ ମାସ ଭିତରେ ସ୍ଥାୟୀ ବ୍ରିଜ କାମ ଓ ରାସ୍ତା ନିର୍ମାଣ ପାଇଁ ଡି ପି ଆର ବିଭାଗକୁ ଦିଆଯିବ ବୋଲି କହିଥିଲେ। ସୂଚନା ଯୋଗ୍ୟ ଯେ, ଆଜି ସକାଳେ ବୈସାଖୁ ନିଜ ବାଇକ ନମ୍ବର ଓଡ଼ି ୧୫ କ୍ୟୁ ୬୫୮୨ରେ ବଡ଼ମାଲ ଗ୍ରାମରୁ ହତିବାରି ଛକକୁ ଆସିଥିଲେ। ସେହି ସମୟରେ ସମ୍ବଲପୁର ପଟରୁ କଟକ ଯାଇଥିବା ଟ୍ରକ୍ ନମ୍ବର ସିଜି୦୪ଏନପି-୧୪୭୫ ଧକ୍କା ଦେଇଥିଲା। ଟ୍ରକ୍ ଚକରେ ଚାପି ହୋଇଯାଇଥିଲେ। ଘଟଣା ସ୍ଥଳରେ ଲୋକମାନେ ଉଦ୍ଧାର କରି ପ୍ରଥମେ ହତିବାରି ମେଡିକାଲ ନେଇଥିଲେ। ପରେ ବୁର୍ଲା ମେଡିକାଲ ନେଇଥିଲେ ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଯୁଯୁମୁରା ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା।

ମାରୱାଡ ମହୋତ୍ସବର ତୃତୀୟ ସନ୍ଧ୍ୟା

# ଦର୍ଶକଙ୍କୁ ମତୁଆଲା କଲେ ପବନଦୀପ





ସମ୍ବଲପୁର, ୨୦।୧୨ (ସମିସ): ମାରୱାଡ ମହୋତ୍ସବର ତୃତୀୟ ଶୀତୁଆ ରଜନୀକୁ ଉଷ୍ମତା ପ୍ରଦାନ କରିଥିଲା କଣ୍ଠଶିଳ୍ପୀ ପୱନଦୀପ ରଞ୍ଜନଙ୍କ ସୁମଧୁର ସ୍ୱର ଦର୍ଶକ ଓ ଶ୍ରୋତାଙ୍କୁ ବେଶ ମତୁଆଲା କରିଥିଲା। ଗୀତର ତାଳେ ତାଳେ ଦର୍ଶକମାନେ ନାଚି ଉଠିଥିଲେ। ରାତି ଯେତେ ବଢ଼ିବଢ଼ି ଚାଲୁଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ ସେତେ ରଙ୍ଗାରଙ୍ଗ ହୋଇଥିଲା। ସ୍ଥାନୀୟ ହୀରାକୁଦ ପ୍ରଭୁ ଚନ୍ଦ୍ରା ରିସୋର୍ଟ ତୃତୀୟ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଓ ଆୟୋଜନ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଓ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରି ନାଏକ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମର ଅଧକ୍ଷ ମାଧବ ଡାଲମିଆ, ଅନିଲ ତାୟଲ ଓ ମଣ୍ଟୁରାମ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ। ମହୋତ୍ସବ ସ୍ଥାନୀୟ ହୀରାକୁଦ ପ୍ରଭୁଚନ୍ଦ୍ରା ରିସୋର୍ଟ ଠାରେ ଅନୁଷ୍ଠିତ ହେଉଛି। ଓଡ଼ିଶା, ରାଜସ୍ଥାନ ଓ ହରିୟାଣା ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି।

# ବାମରା ବ୍ଲକ୍ ଅଫିସରେ ସୁଶାସନ ସପ୍ତାହ

# ପ୍ରଚାର ପ୍ରସାର ଅଭାବରୁ କାର୍ଯ୍ୟକ୍ରମ ଫେଲ




କୁଚିଣ୍ଡା, ୨୦।୧୨ (ସମିସ): କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ସାରା ଦେଶରେ ସୁଶାସନ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର ବାମରା ବ୍ଲକ କାର୍ଯ୍ୟଳୟରେ ସଚେତନତା କାର୍ଯ୍ୟକ୍ରମ ଓ ଜନ ଅଭିଯୋଗ ଶୁଣାଣି ଶିରିର ଅନୁଷ୍ଠିତ ହୋଇଥିଲା। ମାତ୍ର ପ୍ରଚାର ପ୍ରସାର ଅଭାବରୁ ଲୋକ ନ ଆସିବାରୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସୂଚନା ଅନୁସାରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସୁଶାସନ, ଲୋକାଭିମୁଖୀ ସରକାରୀ ଯୋଜନା ଓ ଅନଲାଇନ୍ ସେବା ବିଷୟରେ ଲୋକଙ୍କୁ ସଚେତନ କରିବା ଏବଂ ଲୋକଙ୍କ ଅଭିଯୋଗ ଶୁଣି ତୁରନ୍ତ ସମାଧାନ କରିବା ଉଦ୍ଦେଶ୍ୟରେ କେନ୍ଦ୍ରସରକାରଙ୍କ ପକ୍ଷରୁ ସୁଶାସନ ସପ୍ତାହ ପାଳନ କରିବା ପାଇଁ ନିର୍ଦ୍ଦେଶ ରହିଛି। ଏହି ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ଜାରି କରି କାର୍ଯ୍ୟକ୍ରମ ବିଷୟରେ ସମସ୍ତ ଜନ ପ୍ରତିନିଧି, ସାମାଜିକ ସଂଗଠନ ଓ ସାମୂହିକ ଘୋଷଣା ମାଧ୍ୟମରେ ଲୋକଙ୍କୁ ସାମିଲ କରିବା ପାଇଁ ସ୍ୱଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ବାମରା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସାମାଜିକ ସଂଗଠନ କିମ୍ବା ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ଲୋକଙ୍କୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ଫଳରେ ବାମରା ବ୍ଲକ ଅଫିସ ଠାରେ ଶନିବାର ଦିନ ଆୟୋଜିତ ହୋଇଥିବା ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଲୋକ ନ ଆସିବାରୁ ସଚେତନତା କାର୍ଯ୍ୟକ୍ରମ ଫେଲ୍ ମାରିଛି। ଅନ୍ୟପଟେ ଆୟୋଜିତ ହୋଇଥିବା ଅଭିଯୋଗ ଶୁଣାଣିରେ ମାତ୍ର ୨୯ଟି ଅଭିଯୋଗ ପହଞ୍ଚିଥିଲା। ଏନେଇ ବାମରା ବିଡିଓ ପୁଷ୍ପକ ପ୍ରଧାନଙ୍କୁ ପଚାରି ବୁଝିବାକୁ ଗଣମାଧ୍ୟମ କିମ୍ବା ଲୋକଙ୍କୁ ସୂଚନା ଦେବା ମୋର ଦାୟିତ୍ୱ ନାହିଁ ଏଥିପାଇଁ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ କୁହାଯାଇଛି ବୋଲି କହିଥିଲେ। ଗୋବିନ୍ଦପୁର ପଞ୍ଚାୟତ ନିର୍ବାହୀ ପ୍ରତାପ କୁମାର ସାଙ୍କୁ ଉକ୍ତ ବିଷୟରେ ପଚାରିବାରୁ ଶୁକ୍ରବାର ରାତିରେ ତାଙ୍କୁ ସୂଚନା ମିଳିଥିବାରୁ ଏପରି ପରିସ୍ଥିତି ଉପୁଜିଛି ବୋଲି କହିଥିଲେ। ସଚେତନତା ଓ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ କୌଣସି ସାମାଜିକ ସଂଗଠନଙ୍କୁ ସୂଚନା ଦିଆଯାଇନଥିବା ନେଇ ଗୋବିନ୍ଦପୁରର ସଚେତନ ନାଗରିକ ପ୍ରଫୁଲ୍ଲ ନାଏକ ବ୍ଲକ ଅଫିସରେ ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନର ବେପରୁଆ ମନୋଭାବ ଯୋଗୁଁ ଲୋକେ ସରକାରୀ ସଚେତନତା କାର୍ଯ୍ୟକ୍ରମ ଓ ଜନଶୁଣାଣିରେ ଯୋଗ ଦେବାରୁ ବଞ୍ଚିତ ହୋଇଥିବା କହିଛନ୍ତି।

# ଜାନୁଆରୀ ୧୮ ରେ 'ସମ୍ବଲପୁରୀ ଧନୁଯାତ୍ରା'

ସମ୍ବଲପୁର, ୨୦।୧୨ (ସମିସ) : ସମ୍ବଲପୁରୀ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଆନ୍ଦୋଳନରେ ସାମିଲ ହୋଇଥିବା 'ସମ୍ବଲପୁରୀ ଧନୁଯାତ୍ରା'ର ତୃତୀୟ ସଂସ୍କରଣ ଆସନ୍ତାବର୍ଷ ଜାନୁଆରୀ ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ତୃତୀୟ ବର୍ଷରେ ମଞ୍ଚସଜ୍ଜାରେ ଉନ୍ନତି, କଳାକାରଙ୍କ ଅଭିନୟରେ ନିଖୁଣତା ଏବଂ ସମ୍ବଲପୁରୀ ପରିପାଟୀରେ ସ୍ୱତନ୍ତ୍ରତା ଆଣିବାସହ ଭବ୍ୟ ଓ ଆକର୍ଷଣୀୟ କରିବାକୁ ଯୋଜନା ରହିଥିବା ସମ୍ବଲପୁରୀ ଧନୁଯାତ୍ରା କମିଟି ଟ୍ରଷ୍ଟ ସଭାପତି ସଞ୍ଜୟ କୁମାର ବାବୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରଥମ ଦୁଇଟି ଆୟୋଜନ ଭଳି ମଥୁରାନଗରୀ ଓ କଂସ ଦରବାର ଗଙ୍ଗାଧର ମଣ୍ଡପରେ ହେବାକୁ ଥିବାବେଳେ ଚାଉଁରପୁରକୁ ଗୋପପୁର କରାଯିବ। ସମ୍ବଲପୁରୀ ଧନୁଯାତ୍ରାରେ ମୁଖ୍ୟତଃ ସ୍ଥାନୀୟ ଅଞ୍ଚଳବାସୀଙ୍କ ଲୁକ୍କାୟିତ କଳାପ୍ରତିଭା ଏବଂ ଅଭିନୟ ଦକ୍ଷତା ଉପରେ ଗୁରୁତ୍ୱାରୋପ କରାଯାଉଛି।

ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀ ବାବୁଙ୍କ ସମେତ ରଚୟିତା ଓ ନିର୍ଦ୍ଦେଶକ ବବଲୁ ବାଗ, କାର୍ଯ୍ୟକାରୀ ସଭାପତି କମଳଲୋଚନ ପଣ୍ଡା, ସମ୍ପାଦକ ଗୁଣ ରଞ୍ଜନ ସାଲିମା, ଉପସଭାପତି ଶଙ୍କର ବେହେରା, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ, ପ୍ରଶାନ୍ତ ମହାରଣା, କଂସ ଅଭିନେତା ଫଣୀନ୍ଦ୍ର ପଣ୍ଡା, ସହସମ୍ପାଦିକା ଲିଲିମା ନାୟକ, ସାଂସ୍କୃତିକ ସମ୍ପାଦକ କୃଷ୍ଣଚନ୍ଦ୍ର ବାଗ, ଯୋଗେଶ ନନ୍ଦ, ଲଳିତ ମୋହନ ବେବର୍ତ୍ତା, ସ୍ୱାଧୀନ ପଣ୍ଡା, ରାହୁଲ ଗୁପ୍ତା, ଘୁନୁଚରଣ ପାଢ଼ୀ, ଅନମୋଲ ଦାଶ, ଜୟକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଷଣ୍ଢପଥର ପିଏମଶ୍ରୀ ହାଇସ୍କୁଲର ବାର୍ଷିକୋତ୍ସବ

ସମ୍ବଲପୁର, ୨୦।୧୨(ସମିସ): ପ୍ରତିଟି ବିଦ୍ୟାର୍ଥୀ କଠିନ ପରିଶ୍ରମ ସାଙ୍ଗକୁ ଶୃଙ୍ଖଳା, ସଂସ୍କାର ସହିତ ପାଠ ପଢ଼ିଲେ ଜୀବନରେ ସଫଳତା ହାସଲ କରିଥାଏ ବୋଲି ଷଣ୍ଢପଥର ପିଏମ୍ ଶ୍ରୀ ହାଇସ୍କୁଲ୍ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ଆୟୋଜିତ ସଭାରେ ଜଣେ ୧୧ ବର୍ଷର ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଭା ଅର୍ଣ୍ଣବ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ ଯେ କୌଣସି ସ୍ତରରେ ନିପୁଣ ପ୍ରତିଭାର ଅଧିକାରୀ ହୋଇ ସ୍କୁଲ ଓ ଗାଁ ମାଟିର ପରିଚୟ ତିଆରି କରିବାକୁ କହି ଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନଶିକ୍ଷକ ରାଜେନ୍ଦ୍ର



ଜଗତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଫାଶୀମାଲ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧକ୍ଷା ଜ୍ୟୋସ୍ନାରାଣୀ ଦଳବେହେରା, ବଡ଼ରମା ସରପଞ୍ଚ ବିଜୟ କୁମାର ନାଏକ, ସମିତିସଭ୍ୟ ଆଶୋକ ବାଗ, ଯୁଯୁମୁରା ବିଡିଓ ରବୀନ୍ଦ୍ର ସେଠୀ, ଷଣ୍ଢପଥର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଜ୍ୟୋତିର୍ମୟୀ ଜ୍ୟୋସ୍ନା ଦାଶ, ମିସ୍ ଓଡ଼ିଶା ସୁନ୍ଦରୀ ତଥା ସମ୍ବଲପୁରୀ ଅଭିନେତ୍ରୀ ପଲ୍ଲବୀ ସେଠୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ପିଏ ଆଇଟିଡିଏ ହେମସାଗର ଭୋଇ, ଓ ଅନିଭା ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଜୋନ୍ ୧ ସଭ୍ୟା ସୁଜାତା ଖୁଣ୍ଟିଆ, ଐଶ୍ୱର୍ଯ୍ୟ ନାୟକ, ସମିତିସଭ୍ୟ ଅଶୋକ ବାଘ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସସରରେ ହାଇସ୍କୁଲ ଗଠନର ମୁଖ୍ୟବିନ୍ଧାଣି ଜମିଦାତା ମାନଙ୍କ ସହ ଅର୍ଣ୍ଣବ ଓ ପଲ୍ଲବୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଜୁନିଅର୍ ବାଳିକା ବିଭାଗ ଖୋଖୋ ଖେଳରେ ଚାମ୍ପିଅନ୍ ଏବଂ ଦିଲ୍ଲୀ ଯିବାକୁ ଥିବା ଖୋଖୋ ଖେଳାଳିଙ୍କୁ ବଡରମା ପଞ୍ଚାୟତ ପକ୍ଷରୁ ମନ୍ତ୍ରୀ ଶ୍ରୀ ନାଏକ ସମ୍ବର୍ଦ୍ଧିତ କରିଥିଲେ।

# ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିବିର ଉଦ୍‌ଯାପିତ




ସମ୍ବଲପୁର, ୨୦।୧୨ (ସମିସ) : ପିଏମଶ୍ରୀ ମଥୁରା ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ, ଧମାଠାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ତଥା ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବରେ ସୋନପୁର ଜୁନିୟର ରେଡକ୍ରସ ଅଫିସର ତଥା ରାଜ୍ୟସ୍ତରୀୟ ସାଧନକର୍ମୀ ରବିଚନ୍ଦ୍ର ପଶାୟତ, ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଦାୟାଦ ଗୋବିନ୍ଦ ଅଗ୍ରୱାଲ, ଠେମରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକ ଡା. ପ୍ରତାପ ନାୟକ, ଜିଲ୍ଲା ରେଡକ୍ରସ ସଚିବ ରୋଜଲୀନା ତର୍କି, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷିକା ସୁଜାତା ପଟ୍ଟନାୟକ, ଜିଲ୍ଲା ରେଡକ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳିଆ କର୍ମୀ, ଧମା ସରପଞ୍ଚ ଲଳିତା ପ୍ରଧାନ, କାଉନସେଲର ଚୂଡ଼ାମଣି ବାଘ, ଚନ୍ଦ୍ରଶେଖର ମହାପାତ୍ର, ରେଡକ୍ରସ ସଭ୍ୟ ଅମୂଲ୍ୟ ବଡ଼ପଣ୍ଡା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପଣ୍ଡା, ଜିଲ୍ଲା ପରୀକ୍ଷା ପରିଚାଳକ ସନ୍ତୋଷ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ତୃତୀୟ ଦିବସରେ ଜୁନିୟର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଧମା ଗ୍ରାମରେ ଶୋଭାଯାତ୍ରା କରାଗଲା।

ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ ମାନେ କଳା ଏବଂ ସଂସ୍କୃତି କୁ ଲୋକଲୋଚନକୁ ଆଣିବା ନିମନ୍ତେ ପ୍ରଦର୍ଶନୀ ମାଧ୍ୟମରେ ପ୍ରଚେଷ୍ଟା କରିଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିବାବେଳେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଭାଗୀମାନେ ରାଜ୍ୟସ୍ତରୀୟ ରେଡକ୍ରସ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାର ମୋଟ ୧୦୩ଟି ବିଦ୍ୟାଳୟରୁ ୩୭୦ଜଣ ଜୁନିୟର ସ୍ୱେଚ୍ଛାସେବୀ ଏବଂ ୧୦୫ ଜଣ କାଉନସେଲର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଶିକ୍ଷକ ସତ୍ୟନାରାୟଣ ପଣ୍ଡା, ରାଜାରାମ ପଣ୍ଡା, ଦୀପିକା ପ୍ରଧାନ, ଆନନ୍ଦ ତନସନା, ପ୍ରତାପ ଚନ୍ଦ୍ର ସେନାପତି, ରାଜୀବ ମେହେର, ତ୍ରିବିକ୍ରମ ରଣା, ପି.ସୁଧାଂଶୁ, ତ୍ରିବିକ୍ରମ ରଣା, ରମେଶ ବେରିହା, ଯୁଗଳ କିଶୋର ପେରା, ଜଟାଭୂଷଣ ସାହୁ, ସନ୍ତୋଷ ମଣ୍ଡଳ, ତ୍ରିଲୋଚନ ପ୍ରମୁଖଙ୍କ ସହ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠା ଦିବସ

ସମ୍ବଲପୁର, ୨୦।୧୨ (ସମିସ)

ଶୋଷଣ, କଷଣ ଓ ଭେଦଭାବରୁ ମୁକ୍ତି ସଂଗ୍ରାମରେ ତ୍ୟାଗ ଓ ଆତ୍ମବଳିଦାନର ୧୦୦ବର୍ଷ ପୂର୍ତ୍ତିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଶତବାର୍ଷିକୀ ପାଳନ କରାଯାଇଛି। ସମ୍ବଲପୁରଠାରେ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗିର, ସୁବର୍ଣ୍ଣପୁର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାକୁ ନେଇ ସଂଗଠିତ ଶତବାର୍ଷିକୀ ସମାରୋହ ଆୟୋଜନ କରାଯାଇଥିଲା। ସମାରୋହ ପୂର୍ବରୁ ଏକ ରାଲି ସହର ପରିକ୍ରମା କଲାପରେ ସମ୍ବଲପୁର ନାରୀସେବା ସଦନଠାରେ ପାର୍ଟିର ପତାକାର ବର୍ଷିଆନ ନେତା ଅଶୋକ ବିଶି ଉତ୍ତୋଳନ କରିଥିଲେ। ଏହାପରେ ସହିଦ ବେଦୀରେ ମାଲ୍ୟାର୍ପଣ କରି ପ୍ରତିନିଧିମାନେ ସମାରୋହସ୍ଥଳକୁ ଯାଇଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ହୀରାକୁଦ ବିସ୍ଥାପିତ, କଣ୍ଡେଇକେଲାର ଢବାଫଟା ଆନ୍ଦୋଳନ, ରେଶମ ଗୌନ୍ତିଆ ବିରୋଧୀ ଆନ୍ଦୋଳନ, ଅବିଭକ୍ତ ସମ୍ବଲପୁର ଏବଂ ବଲାଙ୍ଗୀର ଜିଲ୍ଲା ଜଳକର ଆନ୍ଦୋଳନ ସମେତ ସମସ୍ତ ଶ୍ରମିକ ଆନ୍ଦୋଳନ ବିଷୟରେ ଆଲୋଚନା ହୋଇଥିଲା।



ବୈପ୍ଳବିକ ପରିବାରର ତୃତୀୟ ପିଢ଼ୀର ବରିଷ୍ଠ ସାମ୍ବାଦିକ ତଥା ଶତବାର୍ଷିକୀ ଅଭ୍ୟର୍ଥନା କମିଟି ଅଧକ୍ଷ ଶିବ ଶଙ୍କର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦାମୋଦର ବେହେରା ଉଦବୋଧନ ଦେଇ ଓଡ଼ିଶାର ସମସ୍ତ ଖଣିଖାଦାନ ଉପରେ ବସବାସ କରୁଥିବା ଆଦିବାସୀଙ୍କୁ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଚ୍ଛେଦ ଅଭିଯାନ ଚଳାଇଛନ୍ତି ବୋଲି କହିଥିଲେ। ଜନଗଣଙ୍କ ଭିଟାମାଟି ସୁରକ୍ଷା ଆନ୍ଦୋଳନକୁ କମ୍ୟୁନିଷ୍ଟ ପାର୍ଟି ଅଗ୍ରାଧିକାର ଦେଇଆସିଛି ଓ ଦେବ ବୋଲି ସେ ଦୋହରାଇଥିଲେ। ଅଖିଳ ଭାରତୀୟ ଯୁବ ସଂଘର ଉପସଭାପତି ରାଜେନ୍ଦ୍ର ନାଏକ କହିଛନ୍ତି ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାର ଖଣିଜ ଘରୋଇକରଣ କରି ବିସ୍ଥାପିତଙ୍କ ଲୋକଙ୍କୁ ପ୍ରତିଶ୍ରୁତି ଭିତ୍ତିରେ ତାଙ୍କ ନ୍ୟାର୍ଯ୍ୟ ପାଉଣା ଓ କର୍ମନିଯୁକ୍ତି ନଦେଇ ନିର୍ଯାତିତ କରାଯାଉଛି। କମ୍ୟୁନିଷ୍ଟ ପାର୍ଟି ଏହା ପ୍ରତିରୋଧ କରିଆସିଛି ଓ କରିବ ବୋଲି ଚେତାବନୀ ଦେଇଛନ୍ତି। ପାର୍ଟିର ବରିଷ୍ଠ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଏଆଇଟିୟୁସିର ରାଜ୍ୟ ସଭାପତି ଅଶୋକ ଦାସ ଜନଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ସହସମ୍ପାଦକ ତଥା ଶତବାର୍ଷିକୀ ଅଭ୍ୟର୍ଥନା କମିଟି ସାଧାରଣ ସମ୍ପାଦକ କ୍ଷୀରୋଦ କୁମାର ସିଂଦେଓ ସମାରୋହର ପୃଷ୍ଠଭୂମି ତଥା ପାର୍ଟିର ଐତିହାସିକ ସଂଘର୍ଷର ସୂଚନା ଦେଇଥିଲେ। ଏହି ସମାରୋହରେ କମ୍ୟୁନିଷ୍ଟ ପାର୍ଟି ଗଠନ ଓ ଏହାର ଜନଆନ୍ଦୋଳନର ନେତୃତ୍ୱ ନେଇଥିବା ପ୍ରଖ୍ୟାତ ନେତାଙ୍କ ପରିବାର ସଦସ୍ୟ ଓ କେତେକ ବରିଷ୍ଠ କମ୍ୟୁନିଷ୍ଟ ନେତାଙ୍କୁ ଶତବାର୍ଷିକୀ ସମାରୋହ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା, ଏଆଇଏସ୍‌ଏଫ୍‌ର ରାଜ୍ୟ ସଭାପତି ସଂଘମିତ୍ରା ଜେନା, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ବିଦ୍ୟାଧର ମହାନ୍ତ, ପ୍ରଦୋଷ ମହାନ୍ତି, ରାଜ୍ୟ ପରିଷଦ ସଦସ୍ୟ ସଦାନନ୍ଦ ସାହୁ, ସନ୍ତୋଷ ଆଚାର୍ଯ୍ୟ, ଜଗଦୀଶ ଦୁର୍ଗା, ସାରଙ୍ଗଧର ମିଶ୍ର, ଜୟଦେବ ଗଡ଼ତିଆ, ପ୍ରଭାକର ଭୋଇ, ଜଲେଞ୍ଜୟ ରଣା, ପାଣ୍ଡବ ଭୋଇ, ବଂଶୀଧର ପଧାନୀ, ରବୀନ୍ଦ୍ର ମହାନ୍ତି, ମିତ୍ରଭାନୁ ପୋଢ଼, ସନ୍ତୋଷ କନୱାର ପ୍ରମୁଖ ନେତୃତ୍ୱ ନେଇଥିଲେ ଓ ଶେଷରେ ସିପିଆଇ ଜିଲ୍ଲା ସମ୍ପାଦିକା ସରୋଜିନୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଖରିଫ ଧାନକିଣାକୁ ନେଇ ଅଡୁଆରେ ପ୍ରଶାସନ

# ମଣ୍ଡି ଖୋଲିବାରେ ବିଳମ୍ବକୁ ନେଇ ବଢୁଛି ଚାଷୀ ଅସନ୍ତୋଷ

ବଲାଙ୍ଗିର,୨୦ ।୧୨(ସମିସ)

ବଲାଙ୍ଗିର ଜିଲ୍ଲାରେ ଚଳିତ ଖରିଫରେ ଧାନକିଣାକୁ ନେଇ ଦେଖାଦେଇଛି ଅବ୍ୟବସ୍ଥା । ଗତ ଡିସେମ୍ବର ୫ରୁ ମଣ୍ଡି ଜିଲ୍ଲାରେ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଠିକ ଭାବେ ଏହା ଆରମ୍ଭ ହୋଇପାରି ନାହିଁ। ଲୋକଦେଖାଣିଆ ପ୍ରଶାସନ ନିଜ ମୁଣ୍ଡରୁ ଚାପ ହଟାଇବା ପାଇଁ କିଛି ମିଲର୍ସ ଙ୍କୁ ଧାନକିଣା ରେ ନିୟୋଜିତ କରିଥିବା ବେଳେ ଚାଷୀ ମାନଙ୍କୁ ଶୋଷଣ କରିବା ପାଇଁ ଏକ ଷଡଯନ୍ତ୍ର କରାଯାଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସୁଦ୍ଧା ବହୁ ସଂଖ୍ୟାରେ ଚାଷୀ ଟୋକନ ପାଇବାରୁ ବଞ୍ଚିତ ହୋଇଥିବାବେଳେ ଆଗକୁ ଧାନକିଣାରେ ଅବ୍ୟବସ୍ଥା ଓ ଅନିୟମିତତା ହେବା ନେଇ ଏକ ଆଶଙ୍କା ପ୍ରକାଶ ପାଇଛି।

ପୂର୍ବରୁ ସମ୍ବଲପୁର ଓ ବରଗଡ଼ରେ ଚାଷୀ ଆନ୍ଦୋଳନ ଦେଖାଦେଇଥିବାବେଳେ ବଲାଙ୍ଗିରରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଗୋଟିଏ ପଟେ ଜିଲ୍ଲା କୃଷକ ସଂଘ ଶନିବାର ଜିଲ୍ଲାପାଳ ଅଫିସ ଆଗରେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିବା ବେଳେ ଅନ୍ୟପଟେ ମିଳିତ କୃଷକ ସଂଘ ଆସନ୍ତା ୨୪ ତାରିଖରେ ବଲାଙ୍ଗିର ସମେତ ନିକଟସ୍ଥ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ଜଣାପଡ଼ିଛି। ବଲାଙ୍ଗିରରେ ଆରମ୍ଭ ହୋଇଥିବା ଏହି ଚାଷୀ ଆନ୍ଦୋଳନ ଏବେ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି।

## ୨୪ରେ ମିଳିତ କୃଷକ ମଞ୍ଚ ପକ୍ଷରୁ ୪ ଜିଲ୍ଲାରେ ଚାଷୀ ଆନ୍ଦୋଳନ

ବଲାଙ୍ଗିର ଜିଲ୍ଲା ଭଳି ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଧାନକିଣାରେ ଅବ୍ୟବସ୍ଥା ଲାଗିରହିଛି। ସରକାର ଚାଷୀମାନଙ୍କ ଧାନକୁ କିଣିବାରେ ବିଫଳ ହୋଇଥିବାବେଳେ ମଣ୍ଡି ସମସ୍ୟାକୁ ନେଇ କିଛିଦିନ ପୂର୍ବରୁ



ପୂର୍ବତନ ସାଂସଦ ବାଲଗୋପାଳ ମିଶ୍ର କୋଶଳୀ କିଶାନ ସଭା ପକ୍ଷରୁ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ସମସ୍ତ ଚାଷୀ ସଂଗଠନ ଏକତ୍ରିତ ହୋଇ ଆନ୍ଦୋଳନ କରିବାକୁ ନିବେଦନ କରିଥିଲେ। ଏହାସହ ସେ ବିଭିନ୍ନ ସମସ୍ୟା ଉତଥାପନ କରି ସମାଧାନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହାର ସମାଧାନ ହୋଇନାହିଁ। ଯାହାକୁ ନେଇ ଆସନ୍ତା ୨୪ ତାରିଖରେ ବଲାଙ୍ଗିର ସମେତ ଆଖପାଖ ୪ ଜିଲ୍ଲାର ଚାଷୀ ସଂଗଠନ ମିଳିତ ଭାବେ ନିଜ ନିଜ ଜିଲ୍ଲାରେ ଧାରଣା ଦେଇ ଆନ୍ଦୋଳନ କରିବେ ବୋଲି ମିଳିତ କୃଷକ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ବଲାଙ୍ଗିର ଜିଲ୍ଲାରେ ବିଭିନ୍ନ ଚାଷୀ ସଂଗଠନ ମିଳିତ କୃଷକ ମଞ୍ଚ ନେତୃତ୍ୱରେ ଏହି ଆନ୍ଦୋଳନ କରିବାକୁ ଥିବାବେଳେ ସୋନପୁର ଜିଲ୍ଲାରେ ବୈକୁଣ୍ଠ ଶତପଥୀ, କଳାହାଣ୍ଡି ଜିଲ୍ଲାରେ ସୁରେଶ ରାଓ, ନୂଆପଡ଼ାରେ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ସ୍ଥାନୀୟ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାରଣା ଦେଇ ଆନ୍ଦୋଳନ କରିବେ ବୋଲି ମିଳିତ କୃଷକ ମଞ୍ଚଅାବାହକ ଆକାଶ ମିଶ୍ର ଓ ଜିଲ୍ଲା କୃଷକ ମହାସଂଘ ଉପସଭାପତି ସୌମେନ୍ଦ୍ର ପରିଛା ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି। ତେବେ ବରଗଡ଼ ଓ ସମ୍ବଲପୁର ଜିଲ୍ଲାର ମଧ୍ୟ ଏହି ଆନ୍ଦୋଳନ ପ୍ରତି ସମର୍ଥନ ରହିଥିବା ବେଳେ ଅନ୍ୟ ଜିଲ୍ଲାରେ ମଧ୍ୟ ଏହି ଆନ୍ଦୋଳନ ପାଇଁ ଚାଷୀ ସଙ୍ଗଠନ ସହ ଆଲୋଚନା ଚାଲିଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

## ଜିଲ୍ଲାପାଳ ଅଫିସ ଆଗରେ ବିକ୍ଷୋଭ

ଶନିବାର ବଲାଙ୍ଗିର ଜିଲ୍ଲା କୃଷକ ସଂଘ ପକ୍ଷରୁ ୭ ଦଫା ଦାବି ନେଇ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଗଠନର ବରିଷ୍ଠ ଉପଦେଷ୍ଟା ବୁଲୁ ଦାନୀଙ୍କ ସଂଯୋଜନା ଓ ସଭାପତି ସାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ୭ ଦଫା ଦାବି ନେଇ ଏହି ଆନ୍ଦୋଳନ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବଲାଙ୍ଗିର ଜିଲ୍ଲାରେ ତୁରନ୍ତ ସମସ୍ତ ମଣ୍ଡି ଖୋଲାଯାଇ ଚାଷୀଙ୍କ ଧାନକ୍ରୟକରିବା, ଧାନକିଣା କେନ୍ଦ୍ରରେ ମିଲ ମାଲିକଙ୍କ ଉପସ୍ଥିତିକୁ ବାରଣ କରି କଟ୍‌ନି ଛଟନି ବନ୍ଦ କରିବା, କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯/- ଟଙ୍କା ଏବଂ ରାଜ୍ୟ ସରକାରଙ୍କ ୮୦୦/- ଟଙ୍କା ବୋନସ ମିଶାଇ କ୍ୱିଣ୍ଟାଲ ପ୍ରତି ୩୧୬୯/- ଟଙ୍କା .ଷୀଙ୍କୁ ପ୍ରଦାନ କରିବା, ମଣ୍ଡି ଗୁଡ଼ିକରେ ସିସିଟିଭି କ୍ୟାମେରାର ସୁବନ୍ଦୋବସ୍ତ କରିବା, ମଣ୍ଡି ଖୋଲିବାରେ ବିଳମ୍ବତା ଯୋଗୁଁ ଧାନର ଆଦ୍ରତା କମି ଧାନର ଓଜନ ହ୍ରାସ ପାଉଥିବାରୁ ଚାଷୀଙ୍କୁ ଏହାର କ୍ଷତିପୂରଣ ରାଜ୍ୟ ସରକାର ପ୍ରଦାନ କରିବା, ଚାଷୀ ଉତ୍ପାଦନ କରୁଥିବା ସମସ୍ତ ଧାନ ସରକାର କିଣିବା, ଅଭାବି ବର୍ଷା ଯୋଗୁଁ ଦେଓଗାଁ ବ୍ଲକର ୧୪ଟି ପଞ୍ଚାୟତରେ ହୋଇଥିବା ମରୁଡି ଜନିତ କ୍ଷତିର ଆକଳନକରି ତାର କ୍ଷତିପୂରଣ ପ୍ରଦାନ କରିବାକୁ ସଂଘ ଦାବି କରିଛି ବୋଲି ଉଲ୍ଲେଖ କରାଯାଇଛି। ଏହି ଦାବିଗୁଡ଼ିକ ୭ ଦିନ ମଧ୍ୟରେ ପୂରଣ ନ କଲେ ସଂଘ ତରଫରୁ ପ୍ରଶାସନର ବିରୁଦ୍ଧରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଂଘ ଚେତବାନୀ ଦେଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଉମାକାନ୍ତ ସାହୁ, ମନମୋହନ ପଟେଲ, ସୋମନାଥ ପଟେଲ, ଅସିତ ମିଶ୍ର, ଅଙ୍କିତ ସାହୁ, ମନୀଷ ମିଶ୍ର, ସନ୍ତକ ବହିଦାର ପ୍ରମୁଖ ବହୁ କୃଷକ ଏବଂ କୃଷକ ନେତା ଉପସ୍ଥିତ ରହିଥିଲେ।

## ରାମ ମନ୍ଦିର ବାର୍ଷିକ ଉତ୍ସବ ଓ ଅଖଣ୍ଡ ରାମାୟଣ ପାରାୟଣ

**ସଇଁତଲା,୨୦ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଲା ଗୋପବନ୍ଧୁ ପଡ଼ାସ୍ଥିତ ଶ୍ରୀରାମମନ୍ଦିର ପରିସରରେ ବାର୍ଷିକ ଉତ୍ସବ ଓ ଅଖଣ୍ଡ ରାମାୟଣ ପାରାୟଣ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦୁଇଦିନ ଧରି ତୁଳସୀ ରାମାୟଣ, ଅଖଣ୍ଡ ପାରାୟଣ ଓ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଣ୍ଡଳୀର ସଭାପତି ତୁଳସୀରାମ ଅଗ୍ରୱାଲ ଓ ସମ୍ପାଦକ ଦୁର୍ଗେଶ ସାହୁ, ନନ୍ଦକୁମାର ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଶ୍ରୀକିଷନ ଅଗ୍ରୱାଲ, ଅର୍ଜୁନ ଅଗ୍ରୱାଲ, ବିନୋଦ ଅଗ୍ରୱାଲ, ରାଜକୁମାର ଅଗ୍ରୱାଲ, ତିଳକ ଚାନ୍ଦ ଅଗ୍ରୱାଲ, କପିଳ ପ୍ରସାଦ ଅଗ୍ରୱାଲ, ରାମୋତାର ମୋରୋଡ଼ିଆ, ମଦନଲାଲ ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ, କୈଳାସ ଅଗ୍ରୱାଲ, ଅସିତ ଜୈନ, ଅମିତ ଅଗ୍ରୱାଲ, ପବନ ଅଗ୍ରୱାଲ, ମୁକେଶ ଅଗ୍ରୱାଲ, ଦିନେଶ ଜୈନ, ଈଶ୍ଣୁ ଅଗ୍ରୱାଲ, ଦେବୀ ପ୍ରସାଦ କେଡ଼ିଆ, ଭୂପେଶ ମୋରୋଡ଼ିଆ, ଗୋପାଳ ଶର୍ମା, ସୀତାରାମ ପଟ୍ଟନାୟକ, ରାଧେ ସାହୁ, ବବଲୁ ପଣ୍ଡା, ପ୍ରତିମା ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଯଜ୍ଞକର୍ତ୍ତା ଭାବେ ହରିଶଙ୍କର ଅଗ୍ରୱାଲ ଓ କାଜଲ ପ୍ରମୁଖ କାର୍ଯ୍ୟଭାର ତୁଲାଇଥିବା ବେଳେ ଲେ ମୁଖ୍ୟ ପୂଜକ ରାଧାକାନ୍ତ ତ୍ରିପାଠୀଙ୍କୁ ମନ୍ଦିର ' ପୂଜକ ଅରୁଣେନ୍ଦ୍ର ମିଶ୍ର ସହ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା

## ଜରାସିଂହା ଶିଶୁ ମନ୍ଦିରରେ ସପ୍ତଶକ୍ତି ସଙ୍ଗମ

**ଦେଓଗାଁ,୨୦ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଜରାସିଂହା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଶନିବାର ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁମା ନେତ୍ରମଣୀ ସିଂ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ମମତା ସିଂ ନିନା, ମୁଖ୍ୟବକ୍ତାଭାବେ ସୌଦାମିନୀ ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ପୁଷ୍ପାଞ୍ଜଳି ମେହେର, ବୃହସ୍ପତି ପୁଟେଲ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ପରିଚାଳନା କମିଟି ସଭାପତି ଅମୂଲ୍ୟ ମେହେର ଯୋଗଦେଇ ଦିଗଦର୍ଶନ ପ୍ରଦାନ କରିଥିଲେ। ଗୁରୁମା ଦ୍ରୌପଦୀ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁମା ପୁଷ୍ପାଞ୍ଜଳୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମରେ ପ୍ରାୟ ୬୦ଜଣ ମହିଳା ଅଂଶଗହଣ କରିଥିଲେ।

## କଣ୍ଟାବାଞ୍ଜି ଲୋକ ମହୋତ୍ସବ ଉଦ୍‌ଘାଟିତ



**କଣ୍ଟାବାଞ୍ଜି,୨୦ ।୧୨(ସମିସ):** ବଲାଙ୍ଗିର ଜିଲ୍ଲାର ୭ମ କଣ୍ଟାବାଞ୍ଜି ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ମା ଦ୍ୱାରସେନି ମନ୍ଦିରରୁ ପୂଜାର୍ଚ୍ଚନା ପରେ ମଶାଲ ଅଣାଯାଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ହାଇସ୍କୁଲ ଖେଳପଡ଼ିଆରେ ପହଞ୍ଚିବା ପରେ ମଶାଲ ସ୍ଥାପନ କରାଯାଇଥିଲା। ୩ ଦିନ ଧରି ବିଧିବଦ୍ଧ ଭାବେ କଣ୍ଟାବାଞ୍ଜି ଲୋକ ମହୋତ୍ସବ ପାଳିତ ହେବ। ଲୋକ ମହୋତ୍ସବର ସଭାପତି ଅଶୋକ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଦିନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ସମ୍ମାନିତ ଅତିଥି ଖୋଲାନ ସରପଞ୍ଚ ନରେଶ ଅଗ୍ରୱାଲ, ସାଧାରଣ ସମ୍ପାଦକ ଚିନ୍ମୟ ଯୋଶୀ, କାର୍ଯ୍ୟକାରୀ ସଭାପତି ବିନୟ ବିଭାର, ଉପ ସଭାପତି ଏସ୍ ଜଗନ୍ନାଥ ରାଓ ଓ ଦୁଃଖୀ ଶ୍ୟାମ ରାଏ, ସାଂସ୍କୃତିକ ସମ୍ପାଦକ ଅମର ବାଗ, କୋଷାଧ୍ୟକ୍ଷ ଅନୀଲ ଅଗ୍ରୱାଲ, ସଚିବ ତପନ ବେହେରା ମଞ୍ଚାସୀନ ଥିଲେ। ଲୋକମହୋତ୍ସବ ମାଧ୍ୟମରେ ଅଞ୍ଚଳର ଲୋକ କଳା, ସଂସ୍କୃତି, ପରମ୍ପରା, ଐତିହ୍ୟକୁ ବଞ୍ଚାଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମନୋଜ ଦାସ ମଞ୍ଚ ପରିଚାଳନା କରିଥିଲେ।

## ରେଳଷ୍ଟେସନରୁ ଗଞ୍ଜେଇ ଜବତ, ଜଣେ ଗିରଫ

ଟିଟିଲାଗଡ଼,୨୦ ।୧୨(ସମିସ): ଟିଟିଲାଗଡ଼ ଜିଆରପି ଷ୍ଟେସନ ପରିସରରୁ ଚୋରା ଚାଲାଣ ହେବାକୁ ଥିବା ୧୧ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି। ଜିଆରପି ଥାନା ଅଧିକାରୀ ବିନୟ ଭୋଇ ତାଙ୍କ ଟିମ ସହ ଷ୍ଟେସନ ପରିସରରେ ପାଟ୍ରୋଲିଂ କରୁଥିବା ସମୟରେ ପ୍ଲାଟଫର୍ମ ନଂ୧ ନିକଟ ପାର୍ସଲ ଅଫିସଠାରେ ଜଣେ ଯୁବକ ଏକ ଟ୍ରଲି ବ୍ୟାଗ ସହ ସନ୍ଦେହଜନକ ଅବସ୍ଥାରେ ଥିବା ଦେଖି ଅଟକ ରଖିଥିଲେ। ସଂପୃକ୍ତ ଯୁବକର ତଲାସି ନିଆଯାଇଥିବା ବେଳେ ସେ ଟ୍ରଲି ବ୍ୟାଗରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଜଣାପଡ଼ିଥିଲା। ଗିରଫ ଅଭିଯୁକ୍ତ ଜଣକ ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ଝୁର୍ଲାକାନୀ ଗାଁର ଚକ୍ରଧର ଛତ୍ରିଆ(୨୯) । ଜବତ ଗଞ୍ଜେଇ ର ପରିମାଣ ୧୧ କେଜି ୫୫୮ ଗ୍ରାମ ଏବଂ ଏହା ଟିଟିଲାଗଡ ଷ୍ଟେସନରୁ ଦୁର୍ଗକୁ ଚାଲାଣ ହେଉଥିବା ପୁଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତ କୁ ପଠାଇ ଦିଆଯାଇଥିବା ଜଣାପଡିଛି। ଜିଆରପି ଥାନାଧିକାରୀ ଶ୍ରୀ ଭୋଇଙ୍କ ସହ ଏଏସ୍‌ଆଇ ଉମାକାନ୍ତ ଯୋଶୀ, ତୋଫାନ ଶତପଥୀ, କେ.ଏସ୍. ପ୍ରକାଶ ପ୍ରମୁଖ ସାମିଲ ଥିଲେ।



## କାର୍ ସିକ୍ରେଟ ଚାମ୍ବରରୁ ଗଞ୍ଜେଇ ଜବତ; ୨ ଗିରଫ

**ବଲାଙ୍ଗିର,୨୦ ।୧୨(ସମିସ):** ବଲାଙ୍ଗିର ଦେଇ ପ୍ରତ୍ୟହ ଦାମୀ ଗାଡିରେ ଛତିଶଗଡ଼ ଚାଲାଣ ହେଉଛି ଗଞ୍ଜେଇ। ଦାମୀ ଗାଡ଼ିରେ କେବଳ ଗଞ୍ଜେଇ ଚାଲାଣ କରିବା ପାଇଁ ଭିତରେ ରହିଛି ବ୍ୟବସ୍ଥା । କିଛି ଏହିଭଳି ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଏକ ଦାମୀ ଗାଡ଼ିକୁ ଗଞ୍ଜେଇ ସହ ଜବତ କରିଛି ବଲାଙ୍ଗିର ଟାଉନ ଥାନା ପୁଲିସ। ଗାଡ଼ିଭିତରେ ଥିବା ସିକ୍ରେଟ ଚାମ୍ବରରେ ଏହି ଗଞ୍ଜେଇ ଚାଲାଣ ହେଉଥିବା ବେଳେ ୨୪ କେଜି ଗଞ୍ଜେଇ ସହ ଦୁଇ ଜଣଙ୍କୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି।



ସୂଚନା ଅନୁସାରେ, ଶନିବାର ସକାଳୁ ଟାଉନ ପୁଲିସର ଏକ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ବଲାଙ୍ଗିର-ଟିଟିଲାଗଡ଼ ରାସ୍ତା ନିର୍ମାଣାଧୀନ ଟ୍ରକ୍ ଟର୍ମିନାଲ ନିକଟରେ ଏକ କ୍ରିଏଟା କାର୍‌କୁ ଅଟକାଇଥିଲା। କାର୍‌ଟି ଅଟକିବା ବଦଳରେ ୟୁଟର୍ଣ୍ଣ ମାରି ଫେରାର ହେଉଥିବା ବେଳେ କିଛି ବେଆଇନ କାରବାର ସନ୍ଦେହରେ ପୁଲିସ ଉକ୍ତ କାର୍‌କୁ ଅଟକାଇ ଦୁଇଯୁବକଙ୍କୁ ପଚରାଉଚୁରା କରିଥିଲା। ଯାଞ୍ଚ କରିବା ପରେ ମଧ୍ୟ କିଛି ପାଇ ନ ଥିଲା ପୁଲିସ । କିନ୍ତୁ କାରର ଡେସ୍କବୋର୍ଡ ଓ ପଛସିଟକୁ ଯାଞ୍ଚଞ୍ଚକରିବା ପରେ ଏହାରି ଭିତରେ ଥିବା ସିକ୍ରେଟ ଚାମ୍ବରରୁ ୨୪ କେଜି ଗଞ୍ଜେଇ ପୁଲିସ ଜବତ କରିଥିଲା। ଅଭିନବ ଉପାୟରେ ଏହି ଯୁବକମାନେ ବୌଦ୍ଧ ଅଞ୍ଚଳରୁ ରାୟପୁରକୁ ଗଞ୍ଜେଇ ଚାଲାଣ କରୁଥିବାବେଳେ ଜବତ ଗଞ୍ଜେଇର ମୂଲ୍ୟ ଆନୁମାନିକ ୧୨ ଲକ୍ଷ ଟଙ୍କା ହେବବୋଲି ସଦର ଏସଡିପିଓ ସରୋଜ ଉପାଧ୍ୟାୟ ସୂଚନା ଦେଇଛନ୍ତି। ଗିରଫ ଦୁଇ ଜଣ ଅଭିଯୁକ୍ତ ହେଲେ ଛତିଶଗଡ଼ର ସୁରଜପୁର ଜିଲ୍ଲା ଚାନ୍ଦିନୀ ବିହାରପୁର ଥାନା ଅନ୍ତର୍ଗତ ପାସାଲ ଗାଁର ମନୀଷ ବଇସ(୧୯) ଓ ଜବହୀର ସିଂ(୨୪) । ତେବେ ଏସପି ଅଭିଳାଷ ଜି. ଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ଉ ସ୍ଥାନୀୟ ଥାନା ଅଧିକାରୀ ଅବନୀ କୁମାର ସାହୁଙ୍କ ନେତୃତ୍ୱରେ ହୋଇଥିବା ଏସଡିପିଓ ଶ୍ରୀ ଉପାଧ୍ୟୟ ସୂଚନା ଦେଇଛନ୍ତି। ଏନେଇ ଟାଉନ ପୁଲିସ ମାମଲା ରୁଜୁ କରି ଛାନଭିନ ଚଲାଇଥିବା ଜଣାପଡ଼ିଛି।

### ତୁଷୁରାରୁ କେବେ ଉଡାଣ ଭରିବ 'ଉଡାନ'

# ଦେଢ଼ ବର୍ଷ ପରେ ବି ବହୁ ଦୂରରେ 'ଉଡାନ'

### ବର୍ଷକ ପୂର୍ବରୁ ୨ବି କାଟାଗୋରୀ ମାନ୍ୟତା ମିଳିଛି

### ୬୫ କୋଟି ଟଙ୍କାର ଶିଳାନ୍ୟାସର ବର୍ଷକ ପରେ ବି କାମ ଆରମ୍ଭ ହୋଇନାହିଁ

ବଲାଙ୍ଗିର,୨୦ ।୧୨(ସମିସ)

ବଲାଙ୍ଗିର ଜିଲ୍ଲାରୁ କେବେ କେନ୍ଦ୍ର ସରକାରଙ୍କ 'ଉଡାନ' ଉଡାଣ ଭରିବ ତାକୁ ନେଇ ଅପେକ୍ଷା। ଉଡେ ଦେଶ୍ କା ଆମ୍ ନାଗରିକ ବା 'ଉଡାନ' ଯୋଜନାରେ କେନ୍ଦ୍ର ସରକାର ଛୋଟ ଛୋଟ ସହରରୁ ରାଜ୍ୟ ରାଜଧାନୀ ତଥା ରାଜ୍ୟ ବାହାରକୁ ବିମାନ ସଂଯୋଗୀକରଣ କରିବା ପାଇଁ ଏହି ଯୋଜନା କାର୍ଯକାରୀ କରିଥିଲେ। ଏହି ଯୋଜନାରେ ରାଜ୍ୟର ଅନେକ ବିମାନ ବନ୍ଦର କାର୍ଯ୍ୟକ୍ଷମ ହୋଇଛି। ଲୋକେ ଏହାର ଫାଇଦା ନେଉଛନ୍ତି; କିନ୍ତୁ ଦୁର୍ଭାଗ୍ୟ ଆଜି ପର୍ଯ୍ୟନ୍ତ ବଲାଙ୍ଗିର ଜିଲ୍ଲାବାସୀ ନିଜ ଜିଲ୍ଲାରୁ ଏହି ସେବା ପାଇନାହାନ୍ତି। ରାଜ୍ୟରେ ବିଜେଡି ସରକାର ଥିବା ସମୟରେ ବଲାଙ୍ଗିର ଜିଲ୍ଲା ତୁଷୁରାଠାରେ ଥିବା ଏୟାରଷ୍ଟ୍ରିପର ଉନ୍ନତି କରିବା ସହ ବିମାନ ସଂଯୋଗୀକରଣ ନେଇ ଦାବି ରଖିଥିଲା। ୨୦୨୪ ନିର୍ବାଚନରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଅନ୍ତତଃ ଡବଲ ଇଞ୍ଜିନ ସରକାର ଏଦିଗରେ ଦୃଷ୍ଟି ଦେବେ ବୋଲି ଲୋକେ ଆଶା କରିଥିଲେ; କିନ୍ତୁ ସରକାର ଗଠନ କରିବାର ଦେଢ ବର୍ଷ ପରେ ବି ବଲାଙ୍ଗିରକୁ ଏହାର ସୁଯୋଗ ମିଳିନି। ଅବଶ୍ୟ ପ୍ରାୟ ବର୍ଷକ ପୂର୍ବରୁ ଏହି ଏୟାରଷ୍ଟ୍ରିପକୁ ୨ବି କାଟାଗୋରୀରେ ସାମିଲ କରାଯାଇଥିଲା। ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୬୫ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା କାମର ଶିଳାନ୍ୟାସ




କରିଥିଲେ; କିନ୍ତୁ ଦୁର୍ଭାଗ୍ୟ ବର୍ଷକ ପରେ ବି କାମ ଆରମ୍ଭ ହୋଇପାରିନାହିଁ। କାମ ତ ଦୂରର କଥା ଏହି କାମ ପାଇଁ ଜମି ହସ୍ତାନ୍ତର ହୋଇପାରିନାହିଁ।


ସାଧାରଣ ନାଗରିକଙ୍କ ପାଇଁ ବିମାନ ସେବା ଯୋଗାଇଦେବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର 'ଉଡାନ' ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଦେଶର ଛୋଟ ଛୋଟ ବିମାନ ବନ୍ଦରକୁ ଉନ୍ନତିକରଣ କରାଯାଇ ବିମାନ ସେବା ଆରମ୍ଭ କରାଯାଇଥିଲା। ଓଡିଶାରେ ମଧ୍ୟ ବିଭିନ୍ନ ଅଞ୍ଚଳବାସୀ ଏହାର ସୁଫଳ ପାଉଛନ୍ତି। ଏହି ଯୋଜନାରୁ ଏବେ ବି ବଲାଙ୍ଗିର ଜିଲ୍ଲା ବହୁ ଦୂରରେ ରହିଛି।



ବଲାଙ୍ଗିର ତୁଷୁରାରେ ଥିବା ଏୟାରଷ୍ଟ୍ରିପର ଉନ୍ନତିକରଣ କରାଯାଇ ଏହି ଯୋଜନାରେ ସାମିଲ କରିବା ପାଇଁ ଅନେକ ଥର ଦାବି ହୋଇଛି। ବିଳମ୍ବରେ ହେଲେ ମଧ୍ୟ କେନ୍ଦ୍ର ସରକାର ତୁଷୁରାକୁ 'ଉଡାନ' ଯୋଜନାରେ ସାମିଲ କରିଛନ୍ତି; କିନ୍ତୁ ବିମାନ ସେବା ଆରମ୍ଭ ହୋଇନାହିଁ। ବର୍ଷକ ତଳେ ତୁଷୁରା ଏୟାରଷ୍ଟ୍ରିପକୁ ୨ବି କେଟେଗୋରୀରେ ସାମିଲ କରାଯାଇଥିଲା। ଏନେଇ ଘୋଷଣା ହେବା ପରେ ତୁଷୁରାକୁ ବିମାନ ସଂଯୋଗ ପାଇଁ ଏକ ବାଟ ଫିଟିଥିବା କୁହାଯାଇଥିଲା। ଏପରିକି ତୁଷୁରା ଏୟାରଷ୍ଟ୍ରିପକୁ 'ଉଡାନ' ଯୋଜନାରେ ଅଣସେବା ଏୟାରଷ୍ଟ୍ରିପ ଭାବେ ତାଲିକା ଭୁକ୍ତ କରାଯାଇଛି। ତେବେ ଆବଶ୍ୟକ ମାପଦଣ୍ଡ ପୂରଣ କରିବା ପରେ ଯଦି କୌଣସି ବିମାନ ସେବା କମ୍ପାନୀ ଏନେଇ ପ୍ରସ୍ତାବ ରଖନ୍ତି ତେବେ ଏହାକୁ ଆରମ୍ଭ କରିବା ଲାଗି ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା; କିନ୍ତୁ ଏନେଇ ଆଜି ପର୍ଯ୍ୟନ୍ତ କୌଣସି କମ୍ପାନୀ ବିଡର କରି ନ ଥିବା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ଏୟାରଷ୍ଟ୍ରିପର ଉନ୍ନତି ପାଇଁ ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ୨ ଥର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ନିର୍ବାଚନ ପୂର୍ବରୁ ଏହାକୁ ତତ୍‌କାଳୀନ ସରକାର ୫ଟି ଉପକ୍ରମରେ ଉନ୍ନତି କରିବା ପାଇଁ ୬୫ କୋଟି ଟଙ୍କାର ଦେଇଥିଲେ; ଯେଉଁଥିରେ ଏୟାରଷ୍ଟ୍ରିପର ଆବଶ୍ୟକ ଉନ୍ନତି କାମ କରାଯିବାକୁ ଘୋଷଣା କରାଯାଇଥିଲା। ରାଜ୍ୟରେ ବିଜେପି ସରକାର ଆସିବା ପରେ୨୦୨୪ ନଭେମ୍ବର ୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ବି କାଟେଗୋରୀ ପାଇଁ ଆବଶ୍ୟକ ଥିବା ଉନ୍ନତିମୂଳକ କାମର ଶିଳାନ୍ୟାସ କରିଥିଲେ। ଏହାର ପ୍ରାୟ ଗୋଟିଏ ବର୍ଷ ବିତି ସାରିଛି। ତଥାପି ଆଜି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନି। କାମ ପାଇଁ ଆବଶ୍ୟକ ଥିବା ଜମି ହସ୍ତାନ୍ତର ହୋଇନାହିଁ। କାମ କେମିତି ଆରମ୍ଭ ହେବ ବୋଲି ପୂର୍ତ୍ତ ବିଭାଗ କହିଛି। ତେବେ ଉଭୟ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ରହିଛି। ରାଜ୍ୟ ବିଜେପି ସରକାରରେ ଉପମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲାର ଦୁଇ ବିଧାୟକ ରହିଛନ୍ତି। ଲୋକସଭା ଆସନ ବି ବିଜେପି ହାତରେ ରହିଛି। ଏହାକୁ ନେଇ ଖୁବଶୀଘ୍ର ଅନ୍ତତଃ ତୁଷୁରାରୁ ଲୋକେ ଭୁବନେଶ୍ୱରକୁ ବିମାନରେ ଯାଇପାରିବେ ବୋଲି ଆଶା କରିଥିଲେ; କିନ୍ତୁ ଦୁର୍ଭାଗ୍ୟ ତାହା ଏଯାଏଁ ପୂରଣ ହୋଇନାହିଁ କି କେବେ ପୂରଣ ହେବ ତାହା ମଧ୍ୟ ଲୋକଙ୍କୁ ଜଣାନାହିଁ। ସରକାରୀ କିମ୍ବା ଅନ୍ୟ କାର୍ଯ୍ୟକ୍ରମରେ ରାଜ୍ୟ କିମ୍ବା ରାଜ୍ୟ ବାହାରର ନେତାମାନେ ବିମାନରେ ଆସିଲେ ତୁଷୁରା ଏୟାରଷ୍ଟ୍ରିପକୁ ବ୍ୟବହାର କରାଯାଉଛି। 'ଉଡାନ' ଯୋଜନାରେ ନିକଟସ୍ଥ ଉତ୍କେଳାରେ ବିମାନ ସେବା ଆରମ୍ଭ ହୋଇପାରିଥିବା ବେଳେ ବଲାଙ୍ଗିର ଭଳି ଏକ ଜିଲ୍ଲାରୁ କେବେ ବିମାନ ସେବା ସମ୍ଭବ ହେବ ତାହା ସବୁଠାରୁ ବଡ ପ୍ରଶ୍ନ।

## ୯ ଦାଦନ ଶ୍ରମିକ ଉଦ୍ଧାର, ୩ ସର୍ଦ୍ଦାର ଗିରଫ

**ଟିଟିଲାଗଡ଼,୨୦ ।୧୨(ସମିସ):** ଟିଟିଲାଗଡ଼ ପୁଲିସ ପକ୍ଷରୁ ବେଆଇନ ଭାବରେ ଚାଲାଣ କରାଯାଉଥିବା ୯ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯିବା ସହ ଘଟଣାରେ ସଂପୃକ୍ତ ୩ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ସହରର ବ୍ଲକପଡ଼ା ଠାରେ ଥିବା ଏକ ହୋଟେଲରେ କିଛି ମହିଳା ଓ ପୁରୁଷ ଦାଦନ ଶ୍ରମିକଙ୍କୁ ଆଣି ରଖାଯାଇଥିବା ଏବଂ ଭୋର୍‌ରୁ ସେମାନଙ୍କୁ ଟିଟିଲାଗଡ ଷ୍ଟେସନ ରୁ ଟ୍ରେନ ଯୋଗେ ବେଆଇନ ଭାବରେ ହାଇଦ୍ରାବାଦକୁ ଚାଲାଣ କରାଯିବାକୁ ଯୋଜନା ଥିବା ପୁଲିସକୁ ସୂଚନା ମିଳିଥିଲା। ସୂଚନା ପାଇ



ଟିଟିଲାଗଡ଼ ପୁଲିସ ସଂପୃକ୍ତ ହୋଟେଲରେ ଚଢ଼ଉ କରି ୯ ମହିଳା ଓ ପୁରୁଷ ଶ୍ରମିକଙ୍କ ସହ ୪ ଜଣ ନାବାଳକଙ୍କୁ ଉଦ୍ଧାର କରିଥିଲା। ଏଥିସହ ଘଟଣାରେ ସଂପୃକ୍ତ ମଧୁ କୁମ୍ଭାର, ପିଙ୍କୁ ଛତ୍ରିଆ ଓ ଏମ.ନରେଶ ନାମକ ୩ ଜଣ ଦାଦନ ସର୍ଦ୍ଦାର ଙ୍କୁ ଗିରଫ କରିଥିଲା। ସହକାରୀ ଶ୍ରମ ଅଧିକାରୀ ରଜନୀକାନ୍ତ ଛତ୍ରିଆ ଟିଟିଲାଗଡ ଥାନା କୁ ଆସି ସମସ୍ତ ଦସ୍ତାବେଜ ଯାଞ୍ଚ କରିବା ପରେ ଉଦ୍ଧାର ଶ୍ରମିକଙ୍କୁ ତାଙ୍କ ଘରକୁ ପଠାଯାଇଥିଲା। ଏହି ଚଢ଼ଉରେ ଏଏସଆଇ କିରଣ କୁମାର ଜାନୀଙ୍କ ସହ ପୁଲିସ ଟିମ୍ ସାମିଲ ଥିଲେ।

## ମୁରିବାହାଲ୍ ଥାନା ଓ ବସ୍‌ଷ୍ଟାଣ୍ଡକୁ ମିଳିଲା ପଟ୍ଟା

**ମୁରିବାହାଲ,୨୦ ।୧୨(ସମିସ):** ମୁରିବାହାଲ ବ୍ଲକ ଘଣ୍ଟବାହାଲ ଖେଳପଡ଼ିଆରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଜଗଦିଶ କର୍ତ୍ତାମୀଙ୍କ ସଭାପତିତ୍ୱରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବସୁନ୍ଧରା ଯୋଜନାରେ ମୋଟ ୧୪୭ ଜଣଙ୍କୁ ପଟ୍ଟା ଓ ମଧୁବାବୁ ଯୋଜନାରେ ୯୮ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା କାର୍ଡ ବଣ୍ଟନ କରିଥିଲେ। ଏଥିରେ ୧୩୭ ଜଣ ଗରିବ, ଭୂମିହୀନ ତଥା ମୁରିବାହାଲ ଥାନା, ବସ୍‌ଷ୍ଟାଣ୍ଡ ଭଳି ୧୦ଟି ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟକୁ ପଟ୍ଟା ବଣ୍ଟନ କରାଯାଇଥିଲା। ସେହିପରି ୫୧ଜଣଙ୍କୁ ଦିବ୍ୟାଙ୍ଗ ଭତ୍ତା ଓ ୪୭ ଜଣ ବିଧବା ମହିଳାଙ୍କୁ ବିଧବା ଭତ୍ତା ବଣ୍ଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ହରିବନ୍ଧୁ ମେହେର, ବିଡିଓ ବାସନ୍ତୀ ସେଠୀ, ଅତିରିକ୍ତ ତହସିଲଦାର ହେମନ୍ତ କୁମ୍ଭାର, ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା ଉପସ୍ଥିତ ଥିଲେ। ମୁରିବାହାଲ ସଦର ପଞ୍ଚାୟତ ଅଫିସ୍ ଗୃହ ପାଇଁ ସ୍ଥାୟୀ ଜାଗା ନ ଥିବା ତଥା ବନବାହାଲ ଓ ଟିକେମନିପାଲିକୁ ରାସ୍ତା ନ ଥିବା ସରପଞ୍ଚ ଶ୍ରୀ ଯୋଶୀ ଅଭିଯୋଗ କରିଥିଲେ। ଆଇନଜୀବୀ ସୁଦାମ ଚରଣ ବଘାର ମଞ୍ଚ ପରିଚାଳନା କରିଥିଲେ। ବିଏସ୍‌ଏସ୍‌ଓ ରିଙ୍କୁ ମେହେର, ତହସିଲ ଅଫିସ୍ ସେକ୍ସନ ଅଫିସର ଲମ୍ବୋଦର ଭୋଇ, ଜେଆର୍‌ଏ ଶଶାଙ୍କ ମଲ୍ଲିକ, ଭୁପେନ୍ଦ୍ର ବେହେରା, ଯୁଗଳକିଶୋର ମାଝୀ, ଅମିନ ଗୋବିନ୍ଦ ମଲ୍ଲିକଙ୍କ ସହ ସମସ୍ତ ୭ଟି ଆରଆଇ ସର୍କଲର ଆର୍‌ଆଇ, ଏଆର୍‌ଆଇ ଓ ସମସ୍ତ ପିଇଓମାନେ ଉପସ୍ଥିତ ଥିଲେ।

# ଗୋଟିଏ ରାତିରେ ୪ ମନ୍ଦିରରୁ ଚୋରି

ଛତ୍ରପୁର,୨୦।୧୨(ସମିସ)



ଛତ୍ରପୁର ଅଞ୍ଚଳର ଗୋଟିଏ ରାତିରେ ୪ଟି ମନ୍ଦିରରୁ ରୁପା ଅଳଙ୍କାର ଚୋରି ହୋଇଛି। ସ୍ଥାନୀୟ ନୂଆ ପୁଲିସ ଲାଇନ୍ ସ୍ଥିତ ଶିରିଡ଼ି ସାଇବାବା ମନ୍ଦିରରୁ ରୁପା ମୁକୁଟ ଓ ରୁପାର ପାଦ ଚୋରି ହୋଇଥିବା ବେଳେ ସେଠାରେ ଥିବା ଗଣେଶ ମନ୍ଦିରରୁ ରୁପା ମୁକୁଟ ଚୋରି ହୋଇଛି। ପୂଜକ ଅଭିଷେକ ପଣ୍ଡା ଶନିବାର ସକାଳୁ ମନ୍ଦିର ଖୋଲି ଦେଖିବା ପରେ ଏଭଳି ଦୁଇ ମନ୍ଦିରରୁ ଚୋରି ହୋଇଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ। ସେହିପରି ଆଉ କିଛି ଦୂରରେ ଥିବା ବିରେଶ୍ୱର ମନ୍ଦିରରୁ ରୁପା ନାଗ ମଧ୍ୟ ଚୋରି ହୋଇଥିଲା। ବିରେଶ୍ୱର ମନ୍ଦିରକୁ ଲାଗିଥିବା ଦୁର୍ଗା ମନ୍ଦିରରୁ ରୁପା ହାର ମଧ୍ୟ ଚୋରି ହୋଇଛି। ସେହି ମନ୍ଦିରର ପୂଜକ ସୋମନାଥ ରାଉଳ ସକାଳୁ ମନ୍ଦିର ଖୋଲି ଦେଖିଲା ବେଳେ ମନ୍ଦିରରୁ ଚୋରି ହୋଇଥିବା ଜାଣି ସେ ମଧ୍ୟ ପୁଲିସକୁ ଘଟଣା ବିଷୟରେ ଜଣାଇଥିଲେ। ପୁଲିସ ୪ଟି ମନ୍ଦିରର ଚୋରି ସମ୍ପର୍କରେ ଜାଣିବା ପରେ ସେଠାରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଛି। ସାଇଣ୍ଟିଫିକ ଟିମ ପହଞ୍ଚି ଯାଞ୍ଚ କରିଥିଲେ। ଗୋଟିଏ ରାତିରେ ୪ଟି ମନ୍ଦିରରୁ ଚୋରି ହୋଇଥିବା ନେଇ ପୁଲିସ ପାଇଁ ଏବେ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସିରିଜ୍ ଚୋରି ଘଟଣା ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମନ୍ଦିରଗୁଡ଼ିକୁ ପରିଦର୍ଶନ କରି ପୂଜକମାନଙ୍କ ସହ ଆଲୋଚନା କରିବା ପରେ ତୁରନ୍ତ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସକୁ ବିଧାୟକ ଶ୍ରୀ ନାୟକ କହିଛନ୍ତି।

# ମତ୍ସ୍ୟଜୀବୀ ସମବାୟ ସମିତି ସମ୍ପାଦକ, ସଦସ୍ୟଙ୍କୁ ତାଲିମ



ବ୍ରହ୍ମପୁର,୨୦।୧୨(ସମିସ): ଗୋପାଳପୁରସ୍ଥିତ ସମବାୟ ପରିଚାଳନା ପ୍ରତିଷ୍ଠାନ ଅନୁକୂଲ୍ୟରେ ମତ୍ସ୍ୟ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରାୟୋଜିତ ମତ୍ସ୍ୟଜୀବୀ ସମିତିମାନଙ୍କର ସମ୍ପାଦକ ଓ ବୋର୍ଡ ସଦସ୍ୟଙ୍କୁ ନେଇ ତିନି ଦିବସୀୟ ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ରଣା, ଉପମତ୍ସ୍ୟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଭରତ ଭୂଷଣ ସାହୁ, ଅବସରପ୍ରାପ୍ତ ଡି.ଆର.ସି ଏସ ରାମ ମୋହନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଫଓ ନିଖିଳ ମହାରଣା, ଅତିରିକ୍ତ ଏଫଓ ସୁଚିସ୍ମିତା ପ୍ରିୟଦର୍ଶିନୀ, ରାମମୋହନ ପାତ୍ର, ଜି. ଯୋହନ ମୋସେସ, ଦେବୀଦତ୍ତ ମହାନ୍ତି, ଏଡିଏଫ (ସାମୁଦ୍ରିକ) ସ୍ୱର୍ଣ୍ଣ ରୋଜାଲିନ ପ୍ରଧାନ, ମତ୍ସ୍ୟ ନିରୀକ୍ଷକ ଉଦୟ ନାଥ ପ୍ରଧାନ, ଡି. କ୍ରିଷ୍ଣାନନ୍ଦ, ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ଅଧାପିକା ପ୍ରମୁଖ ପାଠ୍ୟ ଖସଡ଼ା ଅନୁଯାୟୀ ଶିକ୍ଷଣୀୟ ବିଷୟବସ୍ତୁ ଉପରେ ତାଲିମ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପିକା ମମତା ସାହୁ ସଂଯୋଜନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ।

# ୨୪ରୁ 'ଫେଷ୍ଟିଭାଲ୍ ଅଫ୍ ଜୟ' କାର୍ଯ୍ୟକ୍ରମ



ବ୍ରହ୍ମପୁର,୨୦।୧୨(ସମିସ): ସ୍ଥାନୀୟ ଡାଇମଣ୍ଡ ଟ୍ୟାଙ୍କ ରୋଡ ସ୍ଥିତ ଶ୍ରୀ ସତ୍ୟ ସାଇ ସେବା ସଂସ୍ଥାନ ପକ୍ଷରୁ ଶନିବାର ସଂସ୍ଥାର କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ସଂସ୍ଥାନ ପକ୍ଷରୁ "୧୪ତମ ଫେଷ୍ଟିଭାଲ୍ ଅଫ ଜୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଏଠାରେ କୁହାଯାଇଥିଲା। ଏଥିରେ ରାଜ୍ୟରୁ ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୌତିକ ଓ ଆଧାତ୍ମିକ ଜ୍ଞାନର ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଚଳିତବର୍ଷ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକମାନେ ମଧ୍ୟ ଅଂଶଗ୍ରହଣ କରିବେ ବୋଲି ସେବା ସଂସ୍ଥାନ ପକ୍ଷରୁ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାନର ଗଞ୍ଜାମ ଜିଲ୍ଲା ସଭାପତି ମହେଶ କୁମାର ଜେନା, ପୂର୍ବ ଜିଲ୍ଲା ସଭାପତି ଖିରୋଦ କୁମାର ପାଢ଼ୀ, ଗୋପାଳ ରାଓ, ଓ ସତ୍ୟସାଇ ସ୍କୁଲ ସଭାପତି ବିପ୍ର ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କାଠଘଣା ତେଲ ପ୍ରସ୍ତୁତି ନେଇ ସମୀକ୍ଷା ବୈଠକ



ଛତ୍ରପୁର,୨୦।୧୨(ସମିସ): ଛତ୍ରପୁରସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କାଠ ଘଣା ତେଲ ପ୍ରସ୍ତୁତି କରଣ, ବାଦାମର ବିଭିନ୍ନ ମୂଲ୍ୟଯୁକ୍ତ ପଦାର୍ଥ ସମ୍ବନ୍ଧରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅଧ୍ୟକ୍ଷତା କରି ଜିଲ୍ଲାରେ ଚିନାବାଦାମ ଓ ସୋରିଷ ଉତ୍ପାଦନକୁ ଦୃଷ୍ଟିରେ ରଖି କେମିତି କାଠଘଣା ତେଲ ପ୍ରସ୍ତୁତି କରାଯିବ, ପ୍ୟାକେଜିଂ, ବ୍ରାଣ୍ଡିଂ କରି ବଜାର ଚାହିଦାକୁ ପୂରଣ କରାଯିବ, ସେ ନେଇ ଜିଲ୍ଲାପାଳ ବିଭିନ୍ନ ଦିଗ ଉପରେ କହିଥିଲେ। ଏହି ତେଲ ପ୍ରସ୍ତୁତି କରଣ ଯନ୍ତ୍ରପାତି ଛତ୍ରପୁର ବ୍ଲକ ଅନ୍ତର୍ଗତ ଚମାଖଣ୍ଡିରେ ଥିବା ଗ୍ରାମୀଣ ଶିଳ୍ପ ଉଦ୍ୟାନ (ରୁରାଲ ଇଣ୍ଡଷ୍ଟ୍ରିଆଲ ପାର୍କ)ରେ ସ୍ଥାପନ କରାଯିବ। ଯେଉଁ କମ୍ପାନୀ ଭଲ ସର୍ଭିସିଂ ଏବଂ କ୍ୱାଲିଟି ସାମଗ୍ରୀ ଦେବ ସେହି କମ୍ପାନୀର ଯନ୍ତ୍ରପାତି ଗୁଡିକ ସ୍ଥାପନ କରାଯିବ ବୋଲି ଆଲୋଚନା ହୋଇଛି। ଏହା ଦ୍ୱାରା ସ୍ୱୟଂ ସହାୟିକା ଗୋଷ୍ଠୀର ମା' ଏବଂ ଚାଷୀ ମାନେ ଉପକୃତ ହେବା ସହ ଖାଉଟି ମାନେ ଗୁଣାବତ୍ତା ତେଲ ପାଇପାରିବେ ବୋଲି ଜିଲ୍ଲାପାଳ କହିଥିଲେ। ବୈଠକରେ ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ଓରମାସର ଡେପୁଟି ସିଇଓ ରାଜ ଗୋପାଳ ଦାଶ, ଓଡିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସନ୍ତୋଷ କୁମାର ରଥ, ମିଶନ ଶକ୍ତିର ଜିଲ୍ଲା ସଂଯୋଜକ ଜୟକୃଷ୍ଣ ମହାପାତ୍ରଙ୍କ ସମେତ ଓରମାସର ଅନ୍ୟାନ୍ୟ ଷ୍ଟାଫ ଏବଂ ଡିଆଇସି ଓ କୃଷି ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# କଂଗ୍ରେସର ମଶାଲ ଶୋଭାଯାତ୍ରାକୁ ନେଇ ମାମଲା ରୁଜୁ

ବ୍ରହ୍ମପୁର,୨୦।୧୨(ସମିସ): କଂଗ୍ରେସ ପକ୍ଷରୁ ବ୍ରହ୍ମପୁରରେ ଶୁକ୍ରବାର ଆୟୋଜିତ ହୋଇଥିବା ମଶାଲ ଶୋଭାଯାତ୍ରା ଓ ବିକ୍ଷୋଭକୁ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। କଂଗ୍ରେସ ଗଞ୍ଜାମ ଜିଲ୍ଲା ପୂର୍ବ ସଂଗଠନିକ ସଭାପତି ରଶ୍ମୀରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଗତକାଲି ହୋଇଥିବା ଏହି ବିକ୍ଷୋଭ ଶୋଭାଯାତ୍ରା ଆୟୋଜନ ପାଇଁ ପୁଲିସ କିମ୍ବା ପ୍ରଶାସନ ପକ୍ଷରୁ ଅନୁମତି ନିଆଯାଇନଥିଲା। ଏକ ବେଆଇନ ଶୋଭାଯାତ୍ରା ବୋଲି ପୁଲିସ ପକ୍ଷରୁ ରୁଜୁ ହୋଇଥିବା ମାମଲାରେ ଦର୍ଶାଯାଇଛି। ସୂଚନାପ୍ରକାରେ, ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ଏକପ୍ରକାର ବିଜୟ ହୋଇଥିବା ଦର୍ଶାଇ ଗତକାଲି ସନ୍ଧ୍ୟାରେ ଜିଲା କଂଗ୍ରେସ ପକ୍ଷରୁ ଗାନ୍ଧୀନଗର ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ମଶାଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସେହି ସମୟରେ ୫୦ରୁ ଅଧିକ କଂଗ୍ରେସ କର୍ମୀ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା। ସେହିପରି କଂଗ୍ରେସ କର୍ମୀମାନେ ବାଇକରେ ବସି ଶୋଭାଯାତ୍ରାରେ ଯାଉଥିବା ବେଳେ ହେଲମେଟ ପିନ୍ଧିନଥିଲେ। ଗୋଟିଏ ବାଇକରେ ୩ଜଣ ବସି ଯାତ୍ରା କରୁଥିଲେ। କଂଗ୍ରେସର ଶୋଭାଯାତ୍ରା ଚାଲୁଥିବା ବେଳେ ଟାଉନ ଥାନାର ଏଏସଆଇ ଜି. ସାଇକିରଣ ଓ ତାଙ୍କ ଟିମ୍ ସେହି ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଗାନ୍ଧୀନଗର ଛକରେ ବିକ୍ଷୋଭ ଓ ଶୋଭାଯାତ୍ରା ଚାଲୁଥିବା ଜାଣିବା ପରେ ଏହି ପୁଲିସ ଟିମ୍ ସେଠାରେ ପହଞ୍ଚି ପଚରାଉଚରା କରୁଥିଲେ। ଏହି ସମୟରେ କଂଗ୍ରେସ କର୍ମୀମାନେ ଏକତ୍ରିତ ହୋଇ ଉଚ୍ଚ ଶବ୍ଦରେ ସ୍ପିକର ବଜାଇବା ସହ ରାସ୍ତା ଅବରୋଧ କରି ବିନା କୌଣସି ଅନୁମତିରେ ସର୍ବସାଧାରଣ ରାସ୍ତା ଉପରେ କୁଶପୁତଳିକା ଜାଳି ସେହି ରାସ୍ତାକୁ ନଷ୍ଟ କରିବାକୁ ଉଦ୍ୟମ କରୁଥିବା ପୁଲିସ ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଏହି ଶୋଭାଯାତ୍ରା କିମ୍ବା ନିଆଁ ଜାଳିବା ପାଇଁ କଂଗ୍ରେସ ପକ୍ଷରୁ ପୁଲିସ କିମ୍ବା ପ୍ରଶାସନ ପକ୍ଷରୁ କୌଣସିପ୍ରକାର ଅନୁମତି ନିଆଯାଇନଥିବା ତଦନ୍ତରୁ ଜଣାପଡିଥିଲା। ସେହି ଶୋଭାଯାତ୍ରାରେ ସାମିଲ ହୋଇ ଟ୍ରାଫିକ ନିୟମ ସହ ଅନ୍ୟାନ୍ୟ ସରକାରୀ ନିୟମ ଉଲଘଂନ କରିଥିବା ୭ରୁ ଅଧିକ ବାଇକକୁ ପୁଲିସ ଚିହ୍ନଟ କରିଥିଲା। ଏହି ବେଆଇନ ବିକ୍ଷୋଭ ଓ ଶୋଭାଯାତ୍ରାକୁ ନେଇ ଏଏସଆଇ ସାଇକିରଣ ଲିଖିତ ଅଭିଯୋଗ କରିବା ପରେ ଟାଉନ ଥାନାରେ ଏକ ମାମଲା(୬୦୩/୨୫) ରୁଜୁ ହୋଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଗଞ୍ଜାମ ଜିଲ୍ଲାରେ ଦ୍ୱିତୀୟ ମେଡିକାଲ କଲେଜ କେବେ?

କବିସୂର୍ଯ୍ୟନଗର,୨୦।୧୨(ସମିସ): ରାଜ୍ୟର ବୃହତ୍ତମ ଜିଲ୍ଲା ଭାବେ ଗଞ୍ଜାମ ଜିଲ୍ଲା ରହିଛି। ଜିଲ୍ଲାର ଜନସଂଖ୍ୟା ୪୦ ଲକ୍ଷ ଟପିଲାଣି ହେଲେ ଜନସଂଖ୍ୟାକୁ ଲକ୍ଷ୍ୟ କଲେ ଗଞ୍ଜାମରେ ଦ୍ୱିତୀୟ ମେଡିକାଲ କଲେଜ ନିହାତି ଆବଶ୍ୟକ ରହିଛି ବୋଲି କ୍ରିୟାନୁଷ୍ଠାନ କମିଟି ଦାବି କରିଛି। ଓଡିଶାର ବିଭିନ୍ନ ଅଞ୍ଚଳରେ ମହାପୁରୁଷ ଓ ବରପୁତ୍ରଙ୍କ ନାମରେ ମେଡ଼ିକାଲ କଲେଜ ରହିଥିବା ବେଳେ ସେଥି ମଧ୍ୟରେ ଯାଜପୁରରେ ଯଯାତିକେଶରୀ ଭେଷଜ ମହାବିଦ୍ୟାଳୟ, ମୟୁରଭଞ୍ଜ ଜିଲ୍ଲାରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ ଭେଷଜ ମହାବିଦ୍ୟାଳୟ, କଳାହାଣ୍ଡି ଜିଲ୍ଲାର ସହିଦ ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟ, ବଲାଙ୍ଗୀର ଜିଲ୍ଲାର ଭୀମଭୋଇ ଭେଷଜ ମହାବିଦ୍ୟାଳୟ, ଅନୁଗୁଳ ଜିଲ୍ଲାର ତାଳଚେରରେ ପବିତ୍ର ମୋହନ ଭେଷଜ ମହାବିଦ୍ୟାଳୟ, କୋରାପୁଟ ଜିଲ୍ଲାର ସହୀଦ ଲକ୍ଷଣ ନାୟକ ଭେଷଜ ମହାବିଦ୍ୟାଳୟ, କେଉଁଝର ଜିଲ୍ଲାର ଧରଣୀଧର ଭେଷଜ ମହାବିଦ୍ୟାଳୟ, କଟକ ଜିଲ୍ଲାର ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ, ସମ୍ବଲପୁର ଜିଲ୍ଲାର ବୁର୍ଲାରେ ବୀର ସୁରେନ୍ଦ୍ର ସାଏ ଭେଷଜ ମହାବିଦ୍ୟାଳୟ, ଗଞ୍ଜାମ ଜିଲ୍ଲାରେ ମହାରାଜ କୃଷ୍ଣ ଚନ୍ଦ୍ର ଗଜପତିଙ୍କ ନାମରେ ସ୍ଥାପନ ହୋଇଛି ଭେଷଜ ମହାବିଦ୍ୟାଳୟ। ସେହିପରି ଜନ ବହୁଳ ଗଞ୍ଜାମ ଜିଲ୍ଲାରେ ଜନ ସଂଖ୍ୟା ଅନୁପାତରେ ଆଉ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କବିସୂର୍ଯ୍ୟ ବଳଦେବ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କବିସୂର୍ଯ୍ୟନଗର ଠାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କମିଟି ପକ୍ଷରୁ ବି. ଶଙ୍କର ପାତ୍ର ଓ ମୋହନ ସୁନ୍ଦର ସ୍ୱାଇଁ ଦାବି କରିଛନ୍ତି ଯେ, ୧୯୬୨ ମସିହାରେ ବ୍ରହ୍ମପୁରରେ ମେଡିକାଲ କଲେଜ ସ୍ଥାପନ କରାଯାଇଛି। ଆଜିର ଜନସଂଖ୍ୟା ଅନୁପାତରେ ଡାକ୍ତର ଅଭାବ ସାଙ୍ଗକୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ମିଳୁନଥିବା ଯୋଗୁ ଲୋକେ ନାନା ହଟହଟାର ସମ୍ମୁଖୀନ ହେଉଛନ୍ତି। ଫଳରେ ସ୍ୱାସ୍ଥ୍ୟ ସେବା ପାଇଁ ନିକଟସ୍ଥ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଉପରେ ନିର୍ଭର କରୁଛନ୍ତି। ଏଣୁ ସମସ୍ତ ଭିତ୍ତିଭୂମି ଥିବା କବିସୂର୍ଯ୍ୟନଗର ଅଞ୍ଚଳରେ ଗଞ୍ଜାମ ଜିଲ୍ଲାର ଦ୍ୱିତୀୟ ମେଡିକାଲ କଲେଜ ଭାବେ କବିସୂର୍ଯ୍ୟନଗର ଠାରେ କବିସୂର୍ଯ୍ୟ ବଳଦେବ ନାମରେ ମେଡ଼ିକାଲ କଲେଜ ସ୍ଥାପନ କରାଯିବାକୁ କ୍ରିୟାନୁଷ୍ଠାନ କମିଟି ଦାବି କରିଛି।

# ଖଲ୍ଲିକୋଟ ଅଞ୍ଚଳର ଅପହୃତ ଛାତ୍ର ପୁରୀରୁ ଉଦ୍ଧାର

ଖଲ୍ଲିକୋଟ,୨୦।୧୨(ସମିସ): ଖଲ୍ଲିକୋଟ ସାମନ୍ତ ସାହିର ଉମାକାନ୍ତ ସାମନ୍ତଙ୍କ ପୁଅ ଆୟୁଷ୍ମାନ ସାମନ୍ତ (୧୩) ଶୁକ୍ରବାର ସକାଳେ ଟ୍ୟୁସନ ଯିବା ପାଇଁ ଘରୁ ବାହାରି ଥିଲେ। ହେଲେ ସେଠାରୁ ସେ ଆଉ ଘରକୁ ଫେରି ନଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ଟ୍ୟୁସନ ସାର୍‌ଙ୍କୁ ପୁଅ ବିଷୟରେ ପଚାରି ଥିଲେ। କିନ୍ତୁ ଆୟୁଷ୍ମାନ ଟ୍ୟୁସନ ଆସି ନଥିବା ଟ୍ୟୁସନ ସାର୍ କହିଥିଲେ। ପରେ ପରିବାର ଲୋକେ ଖଲ୍ଲିକୋଟ ସହର ର ବିଭିନ୍ନ ସ୍ଥାନ ଖୋଜାଖୋଜି କରିବା ପରେ ଶେଷରେ ପରିବାର ଲୋକେ ନିରାଶ ହୋଇ ପୁଅକୁ କେହି ଅପହରଣ କରି ନେଇଥିବା ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତ୍ତି କରି ଖଲ୍ଲିକୋଟ ଥାନା କେସନଂ୧୦୫୬/୨୦୨୫ ଅନୁଯାୟୀ ଏକ ମାମଲା ରୁଜୁ କରି ତୁରନ୍ତ ଘଟଣାର ତଦନ୍ତ ଆରମ୍ଭ କରିଥିଲା ପୁଲିସ। ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଗୁଡିକୁ ଅନୁଧ୍ୟାନ କରି ଖେଲ୍ଲିକୋଟ ରେଳ ଷ୍ଟେସନରୁ ଆୟୁଷ୍ମାନଙ୍କ ସାଇକେଲ ଟିକୁ ଉଦ୍ଧାର କରିଥିଲା। ଆୟୁଷ୍ମାନକୁ ଠାବ କରିବା ପାଇଁ ପୁଲିସ ତାର ଫୋଟ ବିଭିନ୍ନ ଥାନାକୁ ପଠେଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଆୟୁଷ୍ମାନ ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ବୁଲୁଥିବା ବେଳେ ପୁଲିସ ତାକୁ ଉଦ୍ଧାର କରି ଖଲ୍ଲିକୋଟ ଥାନାକୁ ଖବର ଦେଇଥିଲେ। ଖଲ୍ଲିକୋଟ ପୁଲିସ ପରିବାର ସହ ଯୋଗାଯୋଗ କରି ପୁରୀରେ ରହୁଥିବା ଆୟୁଷ୍ମାନଙ୍କ ସମ୍ପର୍କୀୟଙ୍କ ସହାୟତାରେ ଖଲ୍ଲିକୋଟ ଅଣାଯାଇଥିବା କହିଛନ୍ତି ଖଲ୍ଲିକୋଟ ଥାନା ଅଧିକାରୀ ରମେଶ ପ୍ରଧାନ।

# ଗଛକୁ ଧକ୍କା ଦେଇ ଜଳିଗଲା କାର୍

ଖଲ୍ଲିକୋଟ,୨୦।୧୨(ସମିସ): ଖଲ୍ଲିକୋଟ ଥାନା ପ୍ରସିଦ୍ଧ ଶକ୍ତିପୀଠ ମା' ନାରାୟଣୀ ରାସ୍ତାରେ ଘଟିଛି ଦୁର୍ଘଟଣା। ରାସ୍ତା କଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇ ଗୋଟିଏ କାର ସମ୍ପୂର୍ଣ୍ଣ ଜଳିଯାଇଛି। କାରଟିର ନମ୍ବର ଟିଏନ୍ ୭୨ ସିଭି ୭୫୫୨ ହୋଇଥିବା ବେଳେ କାର ଭିତରେ କେତେ ଜଣ ବ୍ୟକ୍ତି ଥିଲେ ଓ ସେମାନେ କେଉଁଠାରୁ ଆସିଥିଲେ ସେ ସମ୍ପର୍କରେ କିଛି ଜଣାପଡ଼ିନାହିଁ। ଖବର ପାଇ ଖଲ୍ଲିକୋଟ ପୁଲିସ ଶନିବାର ସକାଳୁ ସେଠାରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ କାରଟି ନାରାୟଣୀ ପଟୁ ଫେରୁଥିବା ବେଳେ ଦୁର୍ଘଟଣାରେ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ କୌଣସି ବ୍ୟକ୍ତିଙ୍କ ଖୋଜ ଖବର ମିଳି ପାରିନାହିଁ।

# ୨୨ରେ ଗଞ୍ଜାମ ଜିଲ୍ଲା ଖୋ-ଖୋ ଦଳ ଚୟନ

ବ୍ରହ୍ମପୁର,୨୦।୧୨(ସମିସ): ଚଳିତମାସ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲାର ତିର୍ତୋଲରେ ରାଜ୍ୟସ୍ତରୀୟ ଉଭୟ ବାଳକ ଓ ବାଳିକା ବର୍ଗର ଉପ କନିଷ୍ଠ ଖୋ-ଖୋ ଚାମ୍ପିୟନସିପ୍ ଅନୁଷ୍ଠିତ ହେବ। ଏଥିପାଇଁ ଗଞ୍ଜାମ ଜିଲ୍ଲା ଦଳ ଚୟନ ପାଇଁ ଆସନ୍ତା ୨୨ତାରିଖରେ ଗିରିସୋଲା ସ୍ଥିତ ମଦନ ମୋହନ ହାଇସ୍କୁଲରେ ଏକ ଚୟନ ଶିବିର ଅନୁଷ୍ଠିତ ହେବ। ଏହି ଚୟନ ପ୍ରକ୍ରିୟାରେ ଯୋଗଦେବା ପାଇଁ ଖେଳାଳିଙ୍କ ବୟସ ସୀମା ୧୪ବର୍ଷରୁ କମ୍ ହୋଇଥିବା ଆବଶ୍ୟକ ରହିଛି। ଆବଶ୍ୟକ ସ୍ଥଳେ କ୍ରୀଡା ଶିକ୍ଷକ ମଧୁସୂଦନ ବେହେରାଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଇଚ୍ଛୁକ ଖେଳାଳିମାନେ ନିଜ କୀଟ, ଆଧାର କାର୍ଡ ଓ ବୟସ ପ୍ରମାଣ ପାତ୍ର ସହ ଚୟନ ଶିବିରରେ ଯୋଗ ଦେବାକୁ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

# ନିଶାମୁକ୍ତ ଓ ବିକଶିତ ଭାରତ କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୦।୧୨(ସମିସ): ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଶନିବାର ନିଶାମୁକ୍ତ ଯୁବ ବିକଶିତ ଭାରତ କାର୍ଯ୍ୟକ୍ରମ ଏକ ଘରୋଇ ସ୍କୁଲ ପରିସରରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସମ୍ପର୍କ ପ୍ରମୁଖଇ ଅଶୋକ କୁମାର ପାଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ସରୋଜ କୁମାର ସାବତ, ଜିଲ୍ଲା ସଂଯୋଜକ ସୁରେଶ କୁମାର ପାଢ଼ୀ, ସଂଯୋଜକ ବରୁଣ ଦାସ, ମଧୁସ୍ମିତା ଠାକୁର, ପି. ମହାପାତ୍ର, ବନମାଳୀ ସେଠୀ ଓ ପ୍ରଦୀପ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ନିଶା ସେବନ ଦ୍ୱାରା କିପରି କ୍ଷତି ଘଟୁଛି ସେଥିନେଇ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ସହ ନିଶାମୁକ୍ତ ସମାଜ ଗଠନ କରିବା ପାଇଁ ଛାତ୍ର ସମାଜ ଏବଂ ଯୁବ ସମାଜ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଶ୍ରୀନିବାସ ଆଚାରୀ, କାର୍ଯ୍ୟକର୍ତ୍ତା ରଶ୍ମି ରଜନ ସାହୁ ଓ ରଜିତା ଦାସ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରପ୍ରୀୟା, ଡା. ସମରେନ୍ଦ୍ର ସାହୁ, କେଦାରନାଥ ପଣ୍ଡା, ରମାକାନ୍ତ ରଥ ଓ ପ୍ରଶାନ୍ତଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତା ଉପସ୍ଥିତ ଥିଲେ।

# ବାର୍‌ହା ଆକ୍ରମଣରେ ମହିଳା ଗୁରୁତର

ଛତ୍ରପୁର,୨୦।୧୨(ସମିସ): ଛତ୍ରପୁର ବ୍ଲକ ପୁରୁଣା ଛତ୍ରପୁର ଗ୍ରାମରେ ଏକ ଅଭାବନୀୟ ଘଣା ଘଟିଛି। ବିଲରେ ଧାନ କାଟୁଥିବା ସମୟରେ ଏକ ବାର୍‌ହା ମହିଳା ଚାଷୀଙ୍କୁ ଆକ୍ରମଣ କରିଛି। ଫଳରେ ମହିଳାଙ୍କ ପେଟରେ ଶକ୍ତ ଆଘାତ ଲାଗିଛି। ମହିଳା ଜଣକ ଟି. ଯଶୋଦା(୪୫) ବୋଲି ଜଣାପଡିଛି। ଶାଶୂଙ୍କ ସହ ମିଶି ସେ ବିଲରେ ଧାନ କାଟୁଥିବା ବେଳେ ହଠାତ୍ ଏକ ବାର୍‌ହା ଆସି ଯଶୋଦାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଗ୍ରାମବାସୀ ଏବଂ ବରିଷ୍ଠ ସମାଜସେବୀ ଭାଗୀରଥି ବେହେରା ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେ ଜଣେ ନିହାତି ଗରିବ ଏବଂ ବିଧବା ହୋଇଥିବାରୁ ତାଙ୍କର ଉତ୍ତମ ଚିକିତ୍ସା ସହିତ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରିବା ନିମନ୍ତେ ଦାବି ହୋଇଛି। ଏହାସହିତ ଦିନକୁ ଦିନ ବାରହାଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଏହାଯୋଗୁଁ ବହୁ ଫସଲ ନଷ୍ଟ ସହିତ ଲୋକ ମାନେ ବିଭିନ୍ନ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ତେଣୁ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଟିକରପଡ଼ା ସ୍କୁଲରେ କ୍ଲଷ୍ଟରସ୍ତରୀୟ ବୈଠକ

ରମ୍ଭା,୨୦।୧୨(ସମିସ): ଆର.ନୂଆଁଗାଁ କ୍ଲଷ୍ଟର ଟିକରପଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ବୈଠକ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦୁଲଣୀ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ପ୍ରଭାକର ନାହାକଙ୍କ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସିଆରସିସି ରବୀନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ଏଫଏଲଏମ ଶ୍ରେଣୀର ଶିଶୁ ବାଟିକା ପ୍ରଥମ, ଡିତୀୟ ଓ ତୃତୀୟ ଶ୍ରେଣୀର ଶିକ୍ଷାଦାନ ବିଷୟରେ ବିଶେଷ ଆଲୋଚନା କରିଥିଲେ। ସୁମିତ୍ରା ବେହେରା ବହୁ ଶ୍ରେଣୀ ଶିକ୍ଷାଦାନ କ୍ରମରେ ଶିଶୁ ବାଟିକା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ମାତୃଭାଷା ଶିକ୍ଷାଦାନ ଦେଇଥିଲେ।

# ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମହା ସମ୍ମିଳନୀ

ବ୍ରହ୍ମପୁର,୨୦।୧୨(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଶାନ୍ତିକୁଣ୍ଡ ତରଫରୁ ରାମଚନ୍ଦ୍ରପୁର ସ୍ଥିତ ପ୍ରଭୁ ଉପହାର ରିଟ୍ରିଟ୍ ସେଣ୍ଟରରେ ତ୍ରିଦିବସୀୟ ବିଶ୍ୱ ଧ୍ୟାନ ଦିବସ ପାଳନ ଅବସରରେ 'ଆଧୁନିକ ଜୀବନରେ ଧ୍ୟାନର ସମାବେଶ' ଶୀର୍ଷକ ଏକ ମହା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଗୋଳାବନ୍ଧ ମହିଳା କଲ୍ୟାଣ ଅନୁଷ୍ଠାନର ଅଧ୍ୟକ୍ଷା ଭଗ୍ନୀ ଅସୀମା ଶ୍ରୀକାନ୍ତ ଯୋଗଦେଇ ସ୍ୱ-ପରିବର୍ତ୍ତନ ମାଧ୍ୟମରେ ବିଶ୍ୱ ପରିବର୍ତ୍ତନ ବିଷୟରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ରୂପେ ବ୍ରହ୍ମାକୁମାରୀସ୍ ସେଣ୍ଟ ପିଟରରସ୍‌ବର୍ଗ, ରୁଷ ସେବା କେନ୍ଦ୍ରର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସନ୍ତୋଷ ଦିଦିଜୀ ଆଲୋଚ୍ୟ ବିଷୟ ସମ୍ପର୍କରେ କହିଥିଲେ। ବ୍ରହ୍ମପୁର ସବ୍ ଜୋନ୍ ସଂଚାଳିକା ତଥା ପ୍ରଭୁ ଉପହାର ରିଟ୍ରିଟ୍ ସେଣ୍ଟରର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଭଗ୍ନୀ ମାଳା ଦିଦି ନିଜ ଆର୍ଶିବଚନରେ ଧ୍ୟାନ ଦ୍ୱାରା ମନକୁ ଅନ୍ତର୍ମୁଖୀ କରାଇବା ଉପରେ ମତବ୍ୟକ୍ତ କରିଥିଲେ। ଜଗନ୍ନାଥପ୍ରସାଦ ସେବା କେନ୍ଦ୍ର ସଂଚାଳିକା ଭଗ୍ନୀ ଅର୍ଚ୍ଚନା ସ୍ୱାଗତ ସଂଭାଷଣ, ସଂସ୍ଥା ପରିଚୟ ପ୍ରଦାନ ପୂର୍ବକ ସଭା କାର୍ଯ୍ୟ ସୁପରିଚାଳନା କରିଥିଲେ। ପ୍ରାତଃ ଅଧିବେଶନରେ ଶାନ୍ତିକୁଣ୍ଡ ପ୍ରାଙ୍ଗଣରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଭଗ୍ନୀ ସନ୍ତୋଷ ବର୍ତ୍ତମାନ ସମଗ୍ର ବିଶ୍ୱରେ ଚିନ୍ତା, ହିଂସା, ଈର୍ଷା, କଳହ, ଦ୍ୱନ୍ଦ ତଥା ଯୁଦ୍ଧର ପରିବେଶ ବିଷୟରେ କହିଥିଲେ।

# ଆସିଷ୍ଟାଣ୍ଟ ନାଜିରଙ୍କ ମାତୃ ବିୟୋଗ

ଛତ୍ରପୁର,୨୦।୧୨(ସମିସ): ଗଞ୍ଜାମ ଜିଲ୍ଲାପାଳ କାର୍ଯ୍ୟାଳୟ ଆସିଷ୍ଟାଣ୍ଟ ନାଜିର ନିରଞ୍ଜନ ଚୌଧୁରୀଙ୍କ ମା' ତଥା ଧର୍ମପରାୟଣ ମହିଳା ବିଷ୍ଣୁପ୍ରିୟା ଚୌଧୁରୀ(୭୫)ଙ୍କ ପରଲୋକ ଘଟିଛି। ଛତ୍ରପୁର ନୀଳକଣ୍ଠ ସାହିର ନିଜ ବାସଭବନରେ ତାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟକରେ ପୁଅ ନିରଞ୍ଜନ, ବୋହୂ ଇନ୍ଦ୍ରା ଏବଂ ଦୁଇ ନାତି, ନାତୁଣୀ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କରି ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ନିରଞ୍ଜନ ମୁଖାଗ୍ନି ଦେଇଥିଲେ।

# ହରିଜନ ସାହି ଯୁବଗୋଷ୍ଠୀଙ୍କ ବୈଠକ

କୋଦଳା,୨୦।୧୨(ସମିସ): ବେଗୁନିଆପଡ଼ା ବ୍ଲକ୍ ଅଙ୍ଗାରଗାଁ ପଞ୍ଚାୟତର ବିଭିନ୍ନ ହରିଜନ ସାହିର ମୁଖିଆ ଓ ଯୁବଗୋଷ୍ଠୀ ମାନେ ନୂଆବର୍ଷ ପୂର୍ବରୁ ଅଙ୍ଗାରଗାଁ ନିକଟସ୍ଥ ଗିଲିଣ୍ଡାସ୍ଥିତ ମା' ବଜ୍ରଷଣ୍ଡେ ଠାକୁରାଣୀଙ୍କ ପୀଠରେ ବୈଠକ ଆୟୋଜନ କରିଥିଲେ। ଆଗମୀ ଦିନରେ ସମସ୍ତେ ଏକାଠି ହୋଇ ରହିବା। ବିଭିନ୍ନ ଅସୁବିଧା ଏବଂ ସୁବିଧା ସମୟରେ ପରସ୍ପର ମିଳିମିଶି ଚଳିବା। ଏହି ବୈଠକର ଆଭିମୁଖ୍ୟ ବୋଲି ସୂଚନା ମିଳିଛି। ଏଥିସହିତ ଆଲୋଚନା ଦ୍ୱାରା ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ବୈଠକରେ ମତବ୍ୟକ୍ତ କରିଥିଲେ ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ସେଠୀ। ଏଥିରେ ମିଥୁନ ଦାସ, ବିଚିତ୍ର ଦାସ, ବିଜୟ ଦାସ, ପ୍ରମୋଦ ସେଠୀ, ସରୋଜ ଦାସ, ମିଟୁ ସେଠୀ, ଦିପୁନା ସେଠୀ, ସଞ୍ଜୟ ଦାସ, ନିଳକଣ୍ଠ ଦାସ, ସୁରଥ ଦାସ, ବାବୁଲା ବେହେରା, ଯୁଗଳ ଦାସ, ଭଗବାନ ନାହକ, ଭାଗିରଥି ଦାସ, ରଞ୍ଜିତ ଶବର ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଜୟ କୁମାର ତ୍ରିପାଠୀଙ୍କୁ ସ୍ଥାପତ୍ୟ ରତ୍ନ ସମ୍ମାନ

ଗଞ୍ଜାମ,୨୦।୧୨(ସମିସ): ସମୃଦ୍ଧି ଓଡିଶା ତରଫରୁ ଭୁବନେଶ୍ୱର ସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିବା ସ୍ୱର୍ଣ୍ଣକ୍ଷେତ୍ର ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ୍, ଭୁବନେଶ୍ୱର ବିଧାୟକ ବାବୁ ସିଂ ଓ ପୂର୍ବତନ ଭୁବନେଶ୍ୱର ସାଂସଦ ଡ଼ ପ୍ରସନ୍ନ ପାଟସାଣୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାରା ଓଡିଶାର କଳା ପ୍ରେମୀ ଓ ମନ୍ଦିର ସ୍ଥପତି ମାନଙ୍କୁ ନିମନ୍ତ୍ରିତ କରାଯାଇଥିଲା। ପୁରାତନ ପ୍ରାସାଦର ସଂରଚନା ଉପରେ ଲୁପ୍ତ ଶାସ୍ତ୍ରର ପୁନରୁଦ୍ଧାର ଦିଗରେ ଅଗ୍ରଣୀ କାର୍ଯ୍ୟ ପାଇଁ ବିସ୍ତୃତ ରୂପେ ଗବେଷଣା କରି ସ୍ଥାପତ୍ୟ କ୍ଷେତ୍ରରେ ନୂଆ ପରିଚୟ ସୃଷ୍ଟି କରିଥିବା ଗଞ୍ଜାମର ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀଙ୍କ ମନ୍ଦିରର ସ୍ଥପତି ପଣ୍ଡିତ ବିଜୟ କୁମାର୍ ତ୍ରିପାଠୀଙ୍କୁ ସ୍ଥାପତ୍ୟ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ଗଞ୍ଜାମ ଜିଲ୍ଲା ଓ ମା' ରାମଚଣ୍ଡୀ ପୀଠ ପାଇଁ ଏକ ଗୌରବର କଥା। ଯାହାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ମନ୍ତ୍ରୀଙ୍କୁ ବିଭିନ୍ନ ଦାବି ଜଣାଇଲା ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି

ବ୍ରହ୍ମପୁର,୨୦।୧୨(ସମିସ)



ବ୍ରହ୍ମପୁର ଗସ୍ତ ବେଳେ ମୁଖ୍ୟମନ୍ତ୍ରୀ ଗ୍ରେଟର ବ୍ରହ୍ମପୁର ନିର୍ମାଣ ପାଇଁ ଘୋଷଣା କରିଥିଲେ। ଏହା ପରେ ବ୍ରହ୍ମପୁର ମହାନଗର ନିଗମରେ ବ୍ରହ୍ମପୁର ସହର ଉପକଣ୍ଠରେ ଥିବା ଗ୍ରାମ ଗୁଡ଼ିକ ମିଶ୍ରଣ ଜୋରଧରିଛି। ଗତକାଲି ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱରରେ ଡାଇରେକ୍ଟର ମୁନିସିପାଲ ଆଡମିନିଷ୍ଟ୍ରେସନ ଅରବିନ୍ଦ ଡାକୁଆଙ୍କ ସାକ୍ଷାତ କରି ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ପରିପ୍ରେକ୍ଷୀରେ କୌଣସି ଅଞ୍ଚଳର ପ୍ରଶାସନିକ ପରିସୀମା ପରିବର୍ତ୍ତନ କରିବା ନିମନ୍ତେ ଧାର୍ଯ୍ୟ କରାଯାଇଥିବା ଡିସେମ୍ବର ୩୧ତାରିଖ ପୂର୍ବରୁ ମିଶ୍ରଣ ନିମନ୍ତେ ଆବଶ୍ୟକୀୟ ପ୍ରକ୍ରିୟାକୁ ସାରି ବିଜ୍ଞପ୍ତି ଜାରି କରିବାକୁ ଅନୁରୋଧ ଜଣାଇଛି। ସେହିପରି କମିଟି କର୍ମକର୍ତ୍ତା ମାନେ ଲୋକସେବା ଭବନରେ ପଞ୍ଚାୟତରାଜ ବିଭାଗ ଆଡିସିନାଲ ସେକ୍ରେଟାରୀ ସୂର୍ଯ୍ୟ ନାରାୟଣ ଦାସଙ୍କୁ ସାକ୍ଷାତ କରି ପଞ୍ଚାୟତ ମିଶ୍ରଣ ନେଇ ଆଲୋଚନା କରିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ତାଙ୍କ ବାସଭବନ କାର୍ଯ୍ୟାଳୟରେ ସାକ୍ଷାତ କରି ମିଶ୍ରଣ ସମ୍ପର୍କରେ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରିପ୍ରେକ୍ଷୀରେ ଡିସେମ୍ବର ୩୧ ପୂର୍ବରୁ ଏ ନେଇ ବିଜ୍ଞପ୍ତି ପ୍ରକାଶର ରହିଥିବା ଆବଶ୍ୟକତା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ପ୍ରତିନିଧି ମଣ୍ଡଳୀରେ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, କୋଷାଧକ୍ଷ ଏମ୍ ଲାବଣ୍ୟ ପାତ୍ର, ଉପଦେଷ୍ଟା ପ୍ରବୀଣ କୁମାର ପଟ୍ଟନାୟକ ଓ କାଳନ୍ଦୀ ଚରଣ ନାୟକ ସାମିଲ ଥିଲେ।

## ଇନୋଭେଟିଭ୍ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




ବାଲେଶ୍ୱର,୨୦।୧୨(ସମିସ): ସୁଦୃଢ ଏବଂ ସୁସ୍ଥ ସମାଜ ଗଠନ ଦିଗରେ ଅଭିଭାବକ ମାନଙ୍କୁ ଆଗ ନିଜ ପିଲାଙ୍କୁ ବଡ଼ ମଣିଷ ପରିବର୍ତ୍ତେ ଭଲ ମଣିଷ କରିବା ଦିଗରେ ଗୁରୁତ୍ୱ ଦେବାକୁ ହେବ ବୋଲି ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିବା ପ୍ରଖ୍ୟାତ କଥା ବାଚକ ତଥା ଶାସ୍ତ୍ରବିତ ବୀରେନ୍ଦ୍ର ପଣ୍ଡା ମତବ୍ୟକ୍ତ କରିଥିଲେ। ଇନୋଭେଟିଭ୍ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦଯାପନୀ ଦିବସରେ ଅମୟ କୁମାର ଦାସଙ୍କ ପୌରୋହିତ୍ୟରେ ବିଦ୍ୟାଳୟର ଚେୟାରମ୍ୟାନ ତରୁଣ କୁମାର ପଣ୍ଡା, ନିର୍ଦ୍ଦେଶିକା ସଚଳାମଣି ପଣ୍ଡା, ଉପଦେଷ୍ଟା ଗଣେଶ କୁମାର ଯେନା, ମୁଖ୍ୟ ଅତିଥି ରୂପେ ଅତିରିକ୍ତ କମିଶନର (ଅପିଲ୍), ଦ୍ରବ୍ୟ ଓ ସେବାକର ଚକଲା, ପୁରୀର କାନନ ବାଳା ନାୟକ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଭୁବନେଶ୍ୱରରୁ ଶିଶୁ ସାହିତ୍ୟିକା ତଥା ଲେଖିକା ଓ ସମାଜସେବୀ ସ୍ନେହଲତା ଦାସ ଲେଙ୍କା ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯିବା ସହ ପିଲାମାନଙ୍କ ଦ୍ୱାରା ସଂଗୀତ ନୃତ୍ୟ ଆୟୋଜିତ ହୋଇଥିଲା। ପୁରୁଷ ବିଭାଗରେ ଜଷ୍ଟିସ ଶୋଭରାଜ ଏବଂ ମହିଳା ବିଭାଗରେ ସୁଶ୍ରୀ ସଂଗୀତା ସୂତାରଙ୍କୁ ଖେଳରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନୀ ପାଇଁ ଚାମ୍ପିଅନ ଭାବେ ପୁରସ୍କୃତ କରାଯାଇଥିବାବେଳେ ବର୍ଷର ଶ୍ରେଷ୍ଠ ବିଦ୍ୟାର୍ଥୀ ହିସାବରେ ସ୍ମୃତି ପ୍ରଭା ଗିରିଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ଦଶ ଜଣ ଅଭିଭାବକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଘାଟନୀ ଦିବସରେ ପ୍ରଧାନ ଶିକ୍ଷକ ଚନ୍ଦନ ପାତ୍ରଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ରେମୁଣା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳରାମ ନାୟକ, ମୁଖ୍ୟବକ୍ତା କବି ପ୍ରଶାନ୍ତ ଦାସ, ସମ୍ମାନିତ ଅତିଥି ଏକ୍ସ ଆର୍ମି ଦୁଲାଲ ପ୍ରସାଦ ପାଲ, ଛଣପୁର କ୍ଲଷ୍ଟରର ସିଆରସିସି ତୁଳସୀ ପ୍ରସାଦ ଦାସ, କରଞ୍ଜିଆ ପଞ୍ଚାୟତର ୱାର୍ଡ ସଦସ୍ୟ ଜିତେନ୍ ଲେଙ୍କା ଏବଂ ଅଜୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ର ସଂଗଠନର କ୍ରୀଡା ମନ୍ତ୍ରୀ ରିତିଶ୍ରୀ ମହାନ୍ତି, ସାଂସ୍କୃତିକ ମନ୍ତ୍ରୀ ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପ ମନ୍ତ୍ରୀ ଶୁଭମ ଦାସ, ରାଜେଶ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁଡ଼ି ଉଡ଼ାଇବା ପାଇଁ ମାଞ୍ଜା ସୂତା ମନା

ବାଲେଶ୍ୱର,୨୦।୧୨(ସମିସ)



- ମାଞ୍ଜା ସୂତା ବ୍ୟବହାର ଏବଂ ବ୍ୟବସାୟୀଙ୍କୁ କଡ଼ା ଚେତାବନୀ
- ଆଗାମୀ ଦିନରେ ହେବ ଚଢ଼ଉ: ପୌରପାଳିକା

ଗୁଡି ଉଡାଇବା ପାଇଁ ମାଞ୍ଜା ସୂତା ମନା। ମାଞ୍ଜା ସୂତା ବ୍ୟବହାର ଏବଂ ବ୍ୟବସାୟୀଙ୍କୁ ଚେତାବନୀ ଦେଇଛି ବାଲେଶ୍ୱର ପୌରପାଳିକା। ଏ ନେଇ ବାଲେଶ୍ୱର ପୌରପାଳିକାର ଏକ ଟିମ୍ ବଜାରରେ ବୁଲି ଜରୁରୀ ସୂଚନା ଘୋଷଣା କରିବା ସହ ଚେତାବନୀ ଦେଇଛି। ଏହାର ଯାଞ୍ଚ ପାଇଁ ଆଗାମୀ ଦିନରେ ହେବ ଚଢ଼ାଉ ବୋଲି ମଧ୍ୟ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ମକର ସଂକ୍ରାନ୍ତି ପୂର୍ବରୁ ବଜାରରେ ଜମିଲାଣି ଗୁଡ଼ି ଏବଂ ସୂତାର ପସରା। ବାଲେଶ୍ୱର ସହରର ବିଭିନ୍ନ ଛକରେ ଖୋଲିଲାଣି ଗୁଡି ଦୋକାନ। ଭଲିକି ଭଲି ଗୁଡି ବିକ୍ରି ଆରମ୍ଭ ହୋଇଗଲାଣି। ଗୁଡି ସହିତ ମାଞ୍ଜା ସୂତା ବି ବିକ୍ରି ହେଉଛି। କଟକଣା ସତ୍ତ୍ୱେ ମାଞ୍ଜା ସୂତାର ବହୁଳ ବ୍ୟବହାର ନେଇ ଚିନ୍ତା ପ୍ରକଟ କରିଛନ୍ତି ସହରବାସୀ। କାରଣ ଆଗକୁ ଆସୁଛି ମକର ସଂକ୍ରାନ୍ତି। ମକର ସଂକ୍ରାନ୍ତିରେ ଗୁଡ଼ି ଉଡାଇବାର ପରମ୍ପରା ରହିଛି। ଯାହା ଏବେ ବି ସହରରେ ସମସ୍ତେ ଗୁଡି ଉଡାଉଛନ୍ତି। ମକର ସଂକ୍ରାନ୍ତି ପୂର୍ବରୁ ବଜାରରେ ମାଞ୍ଜା ସୂତା ଚୋରାରେ ବିକ୍ରି ମଧ୍ୟ ଆରମ୍ଭ ହୋଇଯାଏ। ଯାହାକୁ ନେଇ ବଢ଼ିଛି ଚିନ୍ତା। ଆଉ ଏହି ସୂତା ଅନେକ ଲୋକଙ୍କ ଜୀବନ ନେଇଥାଏ। ଏମିତିକି ପୂର୍ବରୁ ବାଲେଶ୍ୱରରେ ମଧ୍ୟ ଏପରି ଅନେକ ଘଟଣା ଘଟିଛି। ଏହି ଗୁଡିର ମାଞ୍ଜା ସୂତା ପାଇଁ ପିଲାମାନେ ବି ଗୁରୁତର ଆହତ ହୋଇଛନ୍ତି। ବିଶେଷକରି ଗାଡ଼ିରେ ଯାଉଥିବା ଲୋକଙ୍କ ପାଇଁ ଏହି ମାଞ୍ଜା ସୂତା କାଳ ସାଜିଛି। ପ୍ରତିବର୍ଷ ମାଞ୍ଜାସୂତାଜନିତ ଅଘଟଣ ଘଟୁଥିଲେ ମଧ୍ୟ ଲୋକେ ସଚେତନ ହେଉନାହାନ୍ତି। ଫଳରେ ନିରୀହ ଲୋକଙ୍କ ଜୀବନ ସଙ୍କଟରେ ପଡୁଛି। ବାଲେଶ୍ୱର ଜନସାଧାରଣଙ୍କୁ ସଚେତନ ସହ ଗୁଡ଼ି ବ୍ୟବସାୟୀ ଓ ବ୍ୟବହାରକାରୀଙ୍କୁ ପୌରପାଳିକା ପକ୍ଷରୁ ସତର୍କ କରାଯାଇଛି। ପୌରପାଳିକାର ଏକ ଗାଡ଼ି ବାଲେଶ୍ୱର ସହରରେ ବୁଲି ଘୋଷଣା କରିଛି। ଗୁଡ଼ି ଉଡାଇବା ସମୟରେ ସତର୍କତା ଅବଲମ୍ବନ କରିବା ସହ ବିପଦଜନକ ମାଞ୍ଜା ସୂତା ବ୍ୟବହାର ନ କରି ସାଧାରଣ ସୂତାରେ ଗୁଡ଼ି ଉଡାଇବାକୁ ପୌରପାଳିକା ପରାମର୍ଶ ଦେଇଛି। ମାଞ୍ଜା ଓ ପ୍ଲାଷ୍ଟିକ ସୂତା ଉପରେ କଟକଣା ଥିବାରୁ କୌଣସି ଦୋକାନୀ ଏହା ବିକ୍ରି ପାଇଁ ରଖିଥିବାର ପ୍ରଶାସନ ନଜରକୁ ଆସେ ତାହେଲେ ପ୍ରଶାସନ ତରଫରୁ ଏହାକୁ ଜବତ କରାଯିବ। ଏଥିସହ ଜରିମାନା ଆଦାୟ ସହ ଆବଶ୍ୟକ ସ୍ଥଳେ ଦୋକାନକୁ ମଧ୍ୟ ସିଲ୍ କରାଯାଇପାରେ ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି।

## ଯୁବ ମହୋତ୍ସବ 'ସ୍ୟାଣ୍ଡଫେଷ୍ଟ' ଉଦ୍‌ଘାଟିତ




ବାଲେଶ୍ୱର,୨୦।୧୨(ସମିସ): ସହରର ପ୍ରମୁଖ ଯୁବ ମହୋତ୍ସବ ସ୍ୟାଣ୍ଡ ଫେଷ୍ଟର ୨୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆଜି ଗାନ୍ଧୀସ୍ମୃତି ଭବନରେ ଉଦଘାଟନୀ ଦିବସ ପାଳନ ହୋଇଯାଇଛି। ଏହି ଦିବସରେ ପ୍ରାତଃ ସମୟରେ ପ୍ରାରମ୍ଭିକ ସ୍ତରରେ ପଞ୍ଜିକୃତ କରିଥିବା ପ୍ରତିଭାଗୀମାନେ ଉପସ୍ଥିତ ହୋଇଥିଲେ। କାର୍ଯ୍ୟକାରୀ ସଭାପତି ଶ୍ୟାମସୁନ୍ଦର ମହାନ୍ତି ସମେତ ଅନ୍ୟ ସଦସ୍ୟଙ୍କ ଦ୍ୱାରା ନାନାଦିପ୍ରକାରର ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ସନ୍ଧ୍ୟା ସମୟରେ କାର୍ଯ୍ୟକାରୀ ସଭାପତି ଶ୍ରୀ ମହାନ୍ତିଙ୍କ ପୌରୋହିତ୍ୟରେ ଉଦଘାଟନୀ ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାରେ ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ବାଲେଶ୍ୱର ମ୍ୟୁନିସିପାଲିଟିର ପାଞ୍ଚ ନମ୍ବର କାଉନସିଲର ମିତା ପଟନାୟକ ଉପସ୍ଥିତ ଥିଲେ। ଏତଦ୍ ବ୍ୟତୀତ ଅନୁଷ୍ଠାନର ପୃଷ୍ଠପୋଷାକ ରିଦ୍ଧୀକ ଜୀ, ପାର୍ଥ ସାରଥୀ ଦାସ, ଝାଡ଼େଶ୍ୱର ଯେନା, ଗୌରହରୀ ମଲ୍ଲିକ, ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ସାଙ୍ଗଠନିକ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ, ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଉପ ସଭାପତି ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ମୋଟ ୨୭୦ ଜଣ ପ୍ରତିଭାଗୀ ନାନାଦି ପ୍ରକାରର ପ୍ରତିଯୋଗିତାରେ ଭାଗ ନେଇଥଲେ। ଆସନ୍ତାକାଲି ଏହାର ଉଦଯାପନୀ ସନ୍ଧ୍ୟା ଆୟୋଜିତ ହେବା ଅବସରରେ ସନ୍ଧ୍ୟାରେ ସଂଗୀତ ପ୍ରତିଯୋଗିତା ହେବା ସହ କଣ୍ଠ ଶିଳ୍ପୀ ମୃଣ୍ମୟ ଏମ୍ ଏସଙ୍କ ଦ୍ୱାରା ମ୍ୟୁଜିକାଲ ନାଇଟ ହେବ ବୋଲି ପୃଷ୍ଠପୋଷକ ରିଦ୍ଧୀକ ଜୀ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସହ ସମ୍ପାଦକ ରଶ୍ମି ରଂଜନ ପ୍ରଧାନ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ୨୩ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ

**● ମହିଳାଙ୍କ ସମେତ ୩ ଗିରଫ**

ବାଲେଶ୍ୱର, ୨୦।୧୨(ସମିସ): ବାଲେଶ୍ୱରର ଅରଡବଜାର ଅଞ୍ଚଳ ବ୍ରାଉନସୁଗର କାରବାରର ହବ୍ ପାଲଟିଥିବା ବେଳେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ଉ ସତ୍ତ୍ୱେ ଏହା କମିବା ପରିବର୍ତ୍ତେ ବଢ଼ିଚାଲିଛି। ସହଦେବଖୁଂଟା ପୁଲିସ ଆଜି ଭୋର ସମୟରେ ଅରଡବଜାର ମସଜିଦ ଗଳିରେ ଚଢ଼ଉ କରି ୨୩ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଏହି ଘଟଣାରେ ସାମିଲ ଥିବା ତିନିଜଣଙ୍କୁ ଗିରଫ କରିଛି। ଏହାଛଡା ସେମାନଙ୍କ ଠାରୁ ୭ହଜାର ୫ଶହ ଟଙ୍କା ଜବତ କରିଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ମସଜିଦ ଅଞ୍ଚଳର ରଜନୀ ବେହେରା (୫୦), କଟକ ମଙ୍ଗଳାବାଗ ଅଞ୍ଚଳର ଲକ୍ଷ୍ମୀଧର ଲେଙ୍କା (୨୬) ଏବଂ ଢେଙ୍କାନାଳ ଜିଲ୍ଲା ଟାଉନ ଥାନା ଅନ୍ତର୍ଗତ ଦୁର୍ଗାବଜାର ଅଞ୍ଚଳର ବିକ୍ରମ ବିଶ୍ୱାଳ(୪୦)। ସହଦେବଖୁଂଟା ପୁଲିସ ଗତକାଲି ରାତିରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଆଜି ଭୋରରେ ଅରଡବଜାର ମସଜିଦ ଗଳି ଠାରେ ବ୍ୟାପକ ଭାବେ ବ୍ରାଉନସୁଗାର କାରବାର ହେଉଥିବା ନେଇ ଖବର ପାଇଥିଲା। ଦୁଇ ଜଣ ଲୋକ ରାସ୍ତା ଉପରେ ଏକ ମୋଟର ସାଇକେଲ ରଖି ମସଜିଦ ଗଳିକୁ ଯାଇଥିଲେ। ସେଠାରେ ବ୍ରାଉନସୁଗାର କାରବାର ହେଉଥିବା ଖବର ପାଇ ତୁରନ୍ତ ପୁଲିସ ଚଢ଼ଉ କରିଥିଲା। ପୁଲିସ ଉକ୍ତ ଦୁଇ ଜଣ ବ୍ୟକ୍ତିଙ୍କ ସହ ମୂଳଚାଲ କରୁଥିବା ମହିଳାଙ୍କୁ ଧରିଥିଲା। ସେମାନଙ୍କଠାରୁ ମୋଟ ୨୩ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଯାହାର ମୂଲ୍ୟ ୨ ଲକ୍ଷ ୩୦ହଜାର ହେବ ବୋଲି ଜଣାଯାଇଛି। ଏହାଛଡା ୭ହଜାର୫ଶହ ଟଙ୍କା ମଧ୍ୟ ପୁଲିସ ଜବତ କରିଛି ବୋଲି ସହଦେବଖୁଣ୍ଟା ଥାନା ଅଧିକାରୀ ବିରଞ୍ଚି ସାହୁ କହିଛନ୍ତି। ଏହାଛଡା ମହିଳା ବେପାରୀ ରଜନୀ ନାମରେ ପୂର୍ବରୁ ସହଦେବଖୁଂଟା ଥାନାରେ ଗୋଟିଏ ମାମଲା ରହିଥିବା ବେଳେ ଲକ୍ଷ୍ମୀଧର ନାମରେ କଟକ ମଙ୍ଗଳାବାଗ ଥାନାରେ ପୂର୍ବରୁ ତିନୋଟି ମାମଲା ରହିଛି। ଏହାଛଡା ବିକ୍ରମ ନାମରେ ଭୁବନେଶ୍ୱର, ଢେଙ୍କାନାଳ, କେନ୍ଦୁଝର, ପୁରୀଘାଟ ଆଦି ବିଭିନ୍ନ ଥାନାରେ ୯ଟି ମାମଲା ରହିଛି ବୋଲି ପୁଲିସ ସୂଚନା ଦେଇଛି।



## ବିଷ୍ଣୁପ୍ରିୟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାଲେଶ୍ୱର,୨୦।୧୨(ସମିସ): ପରିଖି ବଡ଼ଡିହସ୍ଥିତ ବିଷ୍ଣୁପ୍ରିୟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭୁଜନ କୁମାର ମଙ୍ଗଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗ ଦେଇ ପାଠପଢି ଶିକ୍ଷିତ ହେବା ସହ ଜଣେ ଜଣେ ଭଲ ମଣିଷ ହେବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପରିଖି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ରାଉତ, ସଦର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଜଗେଶ୍ୱର ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭେନ୍ଦୁ ତ୍ରିପାଠୀ, ସିଆରସିସି ଶଶାଙ୍କ ଶେଖର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବିମଳ ପ୍ରଧାନ, ୱାର୍ଡସଭ୍ୟ ବାବୁଲା ଟୁଡୁ ପ୍ରମୁଖ ମଞ୍ଚାସିନ ହୋଇ ଛାତ୍ରଛାତ୍ରୀଙ୍କ ଉତ୍ତମ ଚରିତ୍ର ଗଠନ ପାଇଁ ସମସ୍ତେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଅନୁସାରେ ବିଦ୍ୟାଳୟରେ ଶିକ୍ଷକ ଅଭାବ, ବିଦ୍ୟାଳୟର ଖେଳ ପଡିଆ ନ ଥିବା ଆଦି ବିଭିନ୍ନ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ ସରପଞ୍ଚ ଶ୍ରୀ ରାଉତ ନିବେଦନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭୁଜନ କୁମାର ମଙ୍ଗଳ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ବିରଭଦ୍ର ଭୂୟାଁ ବାର୍ଷିକ ବିବରଣୀ ପାଠ ଏବଂ ଶିକ୍ଷକ ଅସିତ କୁମାର ଧଳ ମଞ୍ଚ ଆହ୍ୱାନ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଲୟର୍ସ କ୍ଲବ ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର, ୨୦।୧୨(ସମିସ): ଲୟର୍ସ କ୍ଲବ ଏବଂ ଆଇନସେବା ପ୍ରାଧିକରଣ ପକ୍ଷରୁ ଆଜି ଅଦାଲତ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲ୍ଲା ଦୌରାଜଜ ସତ୍ୟନାରାୟଣ ମିଶ୍ରଙ୍କ ସମେତ ଅନ୍ୟଜଜମାନେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ଲବର ସଭାପତି ହରେକୃଷ୍ଣ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ସମ୍ପାଦକ ସାଇରୁଲ ହକ, କାର୍ଯ୍ୟକାରୀ ସଭାପତି ରଘୁନାଥ ପ୍ରଧାନ, ସୁଲଳିତ କର, ସୌରୀଶଙ୍କର ପରିଡା, ଅନୁରାଧା ବାରିକ, କିରଣ କୁମାର ମହାରଣା, ଅଜିତ ଭଦ୍ର, ଶାନ୍ତନୁ କୁମାର ରାଉତ, ବାଦଲ ବେହେରା, ଦୂର୍ଗା ଦାସ, ବନ୍ଦନା ବିଶ୍ୱାଳ, ଯଶୋଦା ନନ୍ଦନ ଆଶଙ୍କ ସମତେ ବହୁ ଓକିଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଶୈଳେନ୍ଦ୍ର ସିଂ ଏବଂ ସାମାଜିକ କର୍ମୀ ମମତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମୋଟ ୧୧୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ




ବାଲେଶ୍ୱର,୨୦।୧୨ (ସମିସ): ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟର ୬୭ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ଭୂୟାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାକୁ ଉଦଘାଟନ କରିଥିଲେ ସଦର ବିଧାୟକ ମାନସ କୁମାର ଦତ୍ତ। ସାମ୍ବାଦିକ ଚିତ୍ତରଂଜନ ଚିରଞ୍ଜିତ୍ ମୁଖ୍ୟ ଅତିଥି, ଆଇନଜୀବୀ ସତ୍ୟଜିତ୍ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ସଦର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଯଜେଞ୍ଜଶ୍ୱର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାକେଶ କୁମାର ଖୁଣ୍ଟିଆ, ପୁରାତନ ଛାତ୍ର ସଂସଦ ସଭାପତି ସୁବ୍ରତ କର ଉପସ୍ଥିତ ଥିଲେ। ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ଚିତ୍ତାକର୍ଷକ ପ୍ରତିଯୋଗିତା ଓ କ୍ରୀଡ଼ାରେ କୃତୀ ପ୍ରତିଯୋଗୀ, ବିଦ୍ୟାଳୟର ଚମ୍ପିୟାନ, ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଟପ୍ପର ଓ ବିଭିନ୍ନ ଶ୍ରେଣୀରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଗତ ଶିକ୍ଷାବର୍ଷରେ ହାଇସ୍କୁଲ ଟପ୍ପର ଭୂମିକା ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାରମ୍ଭରେ ସାହିତ୍ୟ ପ୍ରାଚୀର ପତ୍ରିକା 'କାକଳି' ଓ ବିଜ୍ଞାନ ପ୍ରାଚୀର ପତ୍ରିକା 'ସ୍ୱପ୍ନସିନ୍ଧୁ'କୁ ଉନ୍ମୋଚନ କରିଥିଲେ ମଞ୍ଚାସୀନ ଅତିଥିବୃନ୍ଦ। ଶିକ୍ଷୟିତ୍ରୀ ମଧୁସ୍ମିତା ବାରିକ୍ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁମତି ରାଉତ ହାଇସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ପାତ୍ର ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ସୁସ୍ମିତା ପଣ୍ଡା।

**EASTERN INVESTMENTS LIMITED**

CIN: L65993OR1927GOI034842
Regd. Office: Plot No:255, Pristine Green, Pokhariput, Bhubaneswar-751020

**Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | . | | |
| | **(i) Basic:** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |
| | **(ii) Diluted** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**Place:** Visakhapatnam
**Date:** 19th December' 2025

Sd/-
**(A.K.Bagchi)**
Managing Director-EIL

# ଆରମ୍ଭ ହେଲା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ

ବାଲେଶ୍ୱର,୨୦।୧୨(ସମିସ)




ହସ୍ତତନ୍ତ ବସ୍ତ୍ର ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଅଧୀନସ୍ଥ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମର 'ଉତ୍କଳିକା' ପକ୍ଷରୁ ସହରରେ ଏକ ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ ଆୟୋଜିତ କରାଯାଇଛି। ସହରସ୍ଥିତ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ସୁରଭି ପ୍ଲାଜା ପ୍ରାଙ୍ଗଣରେ ଏହି ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି। ଏହା ଆସନ୍ତା ଜାନୁଆରୀ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ଓଡ଼ିଶା ସରକାର ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟଙ୍କ ସହାୟତାରେ ଆୟୋଜିତ ଏହି ପ୍ରଦର୍ଶନୀକୁ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉଦ୍‌ଘାଟନ କରିଥିଲେ। ସମ୍ପ୍ରତି ସ୍ୱଦେଶୀ ସାମଗ୍ରୀ ପ୍ରତି ସାଧାରଣରେ ଆଗ୍ରହ ବୃଦ୍ଧି ପାଉଥିବା ବେଳେ ଓଡ଼ିଶାର ଦକ୍ଷ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଓ ହସ୍ତଶିଳ୍ପ ଶିଳ୍ପ ବାଲେଶ୍ୱର ବାସୀଙ୍କ ଚାହିଦା ପୂରଣରେ ସହାୟକ ହେବ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଥିଲେ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ 'ଉତ୍କଳିକା'ର ପରିଚାଳନା ନିର୍ଦ୍ଦେଶିକା ମମତା ନାୟକ, ପୂର୍ବତନ ପରିଚାଳିକା କଲ୍ୟାଣୀ ପଟ୍ଟନାୟକ, 'ଉତ୍କଳିକା'ର ଉପସଭାପତି ପ୍ରଶାନ୍ତ ମହାପାତ୍ର, ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ, ବାଲେଶ୍ୱରର ଧନ ଟୁଡୁ ତଥା ଜିଲା ଶିଳ୍ପୀ ମହାସଂଘ ସଭାପତି ଉଦୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀ ଏକମାସ ବ୍ୟାପୀ ଅର୍ଥାତ ଆସନ୍ତା ଜାନୁଆରୀ ୧୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସୂଚନା ଦିଆ ଯାଇଛି। ଏଥିରେ ପଥର ଖୋଦେଇ, କାଠ ଖୋଦେଇ, ପିପିଲି ଚାନ୍ଦୁଆ, ପଟ୍ଟଚିତ୍ର, ଟେରାକୋଟା, ଢୋକରା କାଷ୍ଟିଂ, ରୂପା ତାରକସି ସମେତ ବେତ, ବାଉଁଶ ଓ କାଇଁଚ ହସ୍ତଶିଳ୍ପ, ତନ୍ତବୁଣା ବସ୍ତ୍ର ସମେତ ବିଭିନ୍ନ ସାମଗ୍ରୀ ଉପଲବ୍ଧ ହେଉଛି। ଏହି ପ୍ରଦର୍ଶନୀରେ ରାଜ୍ୟର ୧୦ ଜଣ ଦକ୍ଷ କାରିଗରଙ୍କୁ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀ ବିକ୍ରି ପାଇଁ ସୁଯୋଗ ଦିଆଯାଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ପ୍ରଦର୍ଶନୀକୁ ନେଇ ବିଶେଷ ଉତ୍ସାହ ଦେଖାଦେଇଛି। ପ୍ରତିଦିନ ବହୁ ସଂଖ୍ୟାରେ ଦର୍ଶକ ଆସି ଶିଳ୍ପ ସାମଗ୍ରୀ କ୍ରୟ କରୁଥିବା ସହ ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ପରମ୍ପରାକୁ ନିକଟରୁ ଅନୁଭବ କରୁଛନ୍ତି।